୧୫

ବ୍ୟବସାୟର ବିତ୍ତାୟନ (Financing of Business)

ତୁମେ ଜଣେ ଡ଼ାକ୍ତର ତାଙ୍କ କ୍ଲିନିକ୍ ଚଳାଇବାରେ ବ୍ୟସ୍ତ ଥିବା, ଜଣେ ଦୋକାନୀ ତେଜରାତି ସାମଗ୍ରୀ ବିକ୍ରୀ କରିବା, କିମ୍ଵା ଜଣେ ଦର୍ଜୀ କପଡ଼ା ସିଲେଇରେ ବ୍ୟସ୍ତ ଥିବା ନିଶ୍ଚୟ ଦେଖିଥିବ । ସେମାନେ ସମସ୍ତେ ନିଜ ନିଜର ଧନ୍ଦା ବା ବ୍ୟବସାୟକୁ ନିଜର ଜୀବିକା ଉପାର୍ଜନ ନିମନ୍ତେ କରୁ ଅଛନ୍ତି । ସେମାନେ ସମସ୍ତେ ନିଜର ଧନ୍ଦା ବା ବ୍ୟବସାୟରେ ସଫଳ ହେବା ପାଇଁ ଆବଶ୍ୟକୀୟ ସାମଗ୍ରୀ (ମାଲ୍), ସାଧନୀ (ଯନ୍ତ୍ର) ଓ ଉପକରଣ କ୍ରୟ କରିବା ନିମନ୍ତେ କିଛି ପରିମାଣର ପାଣ୍ଠି (ମୁଦ୍ରା) ଆବଶ୍ୟକ କରିଥାନ୍ତି । ଡ଼ାକ୍ତରଙ୍କୁ ତାଙ୍କ କ୍ଲିନିକ୍ ଚଳାଇବା ପାଇଁ ଡ଼ାକ୍ତରୀ ଉପକରଣ ଓ ଆସବାବପତ୍ର କ୍ରୟ କରିବାକୁ ପଡ଼ିଥାଏ, ଦୋକାନୀଙ୍କୁ ତେଜରାତି ସାମଗ୍ରୀ କ୍ରୟ କରିବାକୁ ପଡ଼ିଥାଏ, ଦର୍ଜୀଙ୍କୁ ତାଙ୍କୁ କାମ ପାଇଁ ସିଲେଇ ମେସିନ୍, ସୂତା ଏବଂ ଅନ୍ୟାନ୍ୟ ସିଲେଇ ସାମଗ୍ରୀ କିଣିବାକୁ ପଡ଼ିଥାଏ । ଅତଃ, କୌଣସି ପ୍ରକାର ବ୍ୟବସାୟ କିମ୍ଵା ଧନ୍ଦାର ପ୍ରତ୍ୟେକ ସୋପାନରେ ମୁଦ୍ରା ଆବଶ୍ୟକ ହୋଇଥାଏ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ବ୍ୟବସାୟୀମାନେ କେଉଁଠାରୁ ଆବଶ୍ୟକୀୟ ପରିମାଣର ମୁଦ୍ରା ସଂଗ୍ରହ କରିଥାନ୍ତି ? ସେମାନେ କ'ଣ ସେମାନଙ୍କ ନିଜର ଟଙ୍କାରେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବା ଓ ଚଳାଇବାରେ ସକ୍ଷମ ହୋଇଥାନ୍ତି ? ସ୍ପଷ୍ଟତଃ ଏହା କଠିନ ଅଟେ ଏବଂ ବଡ଼ ବ୍ୟବସାୟ କ୍ଷେତ୍ରରେ ଏହା ସମ୍ଭବ ନୁହେଁ । ତେଣୁ ଆମକୁ ଜାଣିବାକୁ ହେବ ଯେ ଆବଶ୍ୟକୀୟ ପରିମାଣର ପାଣ୍ଠି (ଯାହାକୁ ପୁଞ୍ଜି ମଧ୍ୟ କୁହାଯାଏ) ଯୋଗାଡ଼ କରିବାରେ ସେମାନଙ୍କ ନିକଟରେ କ'ଣ ସବୁ ବିବିଧ ବିକଳ୍ପ ଉପଲବ୍ଧ ଅଛି । ଏହି ପାଠରେ ଆମେ ଏହିସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାକୁ ପ୍ରୟାସ କରିବା ।

ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ବ୍ୟାବସାୟିକ ବିତ୍ତର ଅର୍ଥ ଉଲ୍ଲେଖ କରିପାରିବ;
- ବ୍ୟାବସାୟିକ ବିତ୍ତର ଆବଶ୍ୟକତା ଓ ଗୁରୁତ୍ୱ ବୁଝାଇ ପାରିବ;
- ବିଭିନ୍ନ ପ୍ରକାର ବ୍ୟାବସାୟିକ ବିତ୍ତର ଚିହ୍ନଟ କରିପାରିବ;
- ସ୍ୱଳ୍ପ-ମିଆଦୀ ବିତ୍ତ ଉଠାଣ (ସଂଗ୍ରହ)ର ବିଭିନ୍ନ ପଦ୍ଧତିକୁ ବୁଝାଇ ପାରିବ;
- ବ୍ୟାଙ୍କ ଋଣ କ୍ରେଡ଼ିଟ୍ ହାସଲ କରିବା ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାରର ପ୍ରତିଭୂତିର ପରାମର୍ଶ ଦେଇ ପାରିବ; ଏବଂ
- ଦୀର୍ଘ ମିଆଦୀ ବିତ୍ତ ଉଠାଣର ବିଭିନ୍ନ ପଦ୍ଧତିର ବର୍ଣ୍ଣନା କରିପାରିବ ।

୧୫.୧ ବ୍ୟାବସାୟିକ ବିତ୍ତ

ଆମେ ସମସ୍ତେ ଜାଣୁ ଯେ ବ୍ୟବସାୟ ଆରମ୍ଭ କରିବା ଓ ଚଳାଇବା ପାଇଁ ପ୍ରତ୍ୟେକ ବ୍ୟବସାୟ କିଛି ପରିମାଣର ମୁଦ୍ରା (ଟଙ୍କା) ଆବଶ୍ୟକ କରିଥାଏ । ବ୍ୟବସାୟ ଛୋଟ ହେଉ ବା ବଡ଼, ଉତ୍ପାଦନ ଭିତ୍ତିକ ହେଉ କିମ୍ବା ବ୍ୟାପାରିକ କିମ୍ବା ପରିବହନ, ପ୍ରତ୍ୟେକ କାର୍ଯ୍ୟ ପାଇଁ ମୁଦ୍ରା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ । କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ମୁଦ୍ରାକୁ ବିତ୍ତ କୁହାଯାଏ । ତେଣୁ ବ୍ୟବସାୟର ଉଦ୍ଦେଶ୍ୟ ଗୁଡ଼ିକୁ ପୂରଣ କରିବା ପାଇଁ ଆବଶ୍ୟକ ହେଉଥିବା ମୁଦ୍ରା ଏବଂ ଏହା ସଂଗ୍ରହ କରିବାର ଉପାୟ ସମୂହକୁ ‘ବ୍ୟାବସାୟିକ ବିତ୍ତ’ କୁହାଯାଏ । ଅତଃ, ଏହା ପାଣ୍ଠି ଆହରଣ ଏବଂ ଉପଯୋଗ ସହିତ ସଂଶ୍ଳିଷ୍ଟ ଯଦ୍ଦ୍ୱାରା ବ୍ୟବସାୟ ସଂସ୍ଥା ଗୁଡ଼ିକ ଦକ୍ଷ ଓ ଫଳପ୍ରଦ ଭାବେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିବାରେ ସକ୍ଷମ ହୋଇପାରିବେ ।

ତୁମେ ଜାଣ ଯେ କୌଣସି ବ୍ୟାବସାୟିକ ଏକକ (ସଂସ୍ଥା) ପର୍ଯ୍ୟାପ୍ତ ପରିମାଣର ବିତ୍ତ ବିନା ଏକ ପାଦ ଆଗକୁ ମଧ୍ୟ ଘୁଞ୍ଚି ପାରିବ ନାହିଁ । କିନ୍ତୁ ବିତ୍ତର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ପୂର୍ବରୁ ଚାଲ ଆମେ ବିଶଦ ଭାବେ ଶିଖିବା ଯେ ଏକ ବ୍ୟବସାୟ କାହିଁକି ପାଣ୍ଠି ଆବଶ୍ୟକ କରିଥାଏ ?

ପ୍ରତ୍ୟେକ ବ୍ୟବସାୟ ମୁଖ୍ୟତଃ ନିମ୍ନଲିଖିତ ଉଦ୍ଦେଶ୍ୟ ଗୁଡ଼ିକ ପାଇଁ ପାଣ୍ଠି ଆବଶ୍ୟକ କରିଥାଏ:

୧. ସ୍ଥାୟୀ ପରିସମ୍ପତ୍ତିର କ୍ରୟ ପାଇଁ : ପ୍ରତ୍ୟେକ ପ୍ରକାର ବ୍ୟବସାୟ କିଛି ସ୍ଥାୟୀ ପରିସମ୍ପତ୍ତି ଆବଶ୍ୟକ କରିଥାଏ ଯେପରିକି ଜମି ଓ କୋଠା, ଆସବାବ ପତ୍ର, ଯନ୍ତ୍ରପାତି ଇତ୍ୟାଦି । ଏହି ସବୁ ପରିସମ୍ପତ୍ତିର କ୍ରୟ ପାଇଁ ବିପୁଳ ପରିମାଣର ମୁଦ୍ରା ଆବଶ୍ୟକ ହୋଇଥାଏ ।

୨. ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ : କୌଣସି ବ୍ୟବସାୟର ସ୍ଥାପନ ପରେ ଦୈନନ୍ଦିନ କାର୍ଯ୍ୟ ନିର୍ବାହ ନିମନ୍ତେ ପାଣ୍ଠିର ଆବଶ୍ୟକ ହୋଇଥାଏ; ଉଦାହରଣ ସ୍ୱରୂପ କଞ୍ଚାମାଲ୍ କ୍ରୟ, ଘରଭଡ଼ା ଓ କର, ଟେଲିଫୋନ୍ ଓ ବିଦ୍ୟୁତ୍ ବିଲ୍, ମଜୁରି ଓ ଦରମା ଆଦିର ପୈଠ ।

୩. ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ପାଣ୍ଠି : ବ୍ୟାବସାୟିକ ଅଭିବୃଦ୍ଧିରେ ବ୍ୟବସାୟର ବିଦ୍ୟମାନ ଉତ୍ପାଦ ଧାରାର ବିସ୍ତାର ଏବଂ ନୂତନ ଉତ୍ପାଦ ଧାରାର ଯୋଗ କରିବା ଅନ୍ତର୍ଭୁକ୍ତ ଥାଏ । ଏହି ଅଭିବୃଦ୍ଧିର ବିତ୍ତାୟନ ପାଇଁ ଅଧିକ ପାଣ୍ଠିର ଆବଶ୍ୟକ ହୋଇଥାଏ ।

୪. ଉତ୍ପାଦନ ଓ ବିକ୍ରୟ ମଧ୍ୟବର୍ତ୍ତୀ ସମୟାନ୍ତରର ପରିପୂର୍ତ୍ତି : ଉତ୍ପାଦନରେ ଖର୍ଚ୍ଚ ହେଉଥିବା ରାଶିର ଅସୁଲି କେବଳ ବିକ୍ରୟ ହେବା ପରେ ହିଁ ହୋଇଥାଏ । ସାଧାରଣତଃ, ଉତ୍ପାଦନ ଓ ବିକ୍ରୟ ମଧ୍ୟରେ ତଥା ବିକ୍ରୟ ଓ ନଗଦ ଅର୍ଥର ଅସୁଲି ମଧ୍ୟରେ ସମୟ ବ୍ୟବଧାନ ରହିଥାଏ । କିନ୍ତୁ ଏହି ସମୟାନ୍ତରରେ ଅର୍ଥ ବ୍ୟୟ ନିରବଚ୍ଛିନ୍ନ ଭାବେ ଲାଗି ରହିଥାଏ, ଯେଉଁଥି ପାଇଁ ପାଣ୍ଠିର ଆବଶ୍ୟକ ହୋଇଥାଏ ।

୫. ଆକସ୍ମିକ ବ୍ୟୟର ଭରଣା ପାଇଁ : ବ୍ୟବସାୟର ଉତ୍ଥାନ ଓ ପତନ ତଥା କେତେକ ଅଦୃଷ୍ଟ ସମସ୍ୟାର ସାମ୍ନା କରିବା ପାଇଁ ସର୍ବଦା ପାଣ୍ଠିର ଆବଶ୍ୟକ ହୋଇଥାଏ । ମନେକର, ଜଣେ ଉତ୍ପାଦନକାରୀ ଏକ ନିର୍ଦ୍ଦିଷ୍ଟ ଅବଧି ପରେ କଞ୍ଚାମାଲ୍‌ର ଅଭାବ ହେବା କଥା ପୂର୍ବାନୁମାନ କରି ପାରୁଛନ୍ତି, ତେବେ ସେ ସେହି କଞ୍ଚାମାଲ୍‌କୁ ଅଧିକ ପରିମାଣରେ ମହଜୁଦ କରି ରଖିବାକୁ ଚାହିଁବେ । କିନ୍ତୁ ଏହା କରିବାକୁ ସେ ସକ୍ଷମ ହେବେ ଯଦି ତାଙ୍କ ପାଖରେ ପର୍ଯ୍ୟାପ୍ତ ମୁଦ୍ରା ଉପଲବ୍ଧ ଅଛି ।

୬. ବ୍ୟାବସାୟିକ ସୁଯୋଗ ହାତେଇବା ପାଇଁ : ବ୍ୟାବସାୟିକ ସୁଯୋଗଗୁଡ଼ିକୁ ହାତେଇବା ପାଇଁ ମଧ୍ୟ ପାଣ୍ଠିର ଆବଶ୍ୟକ ହୁଏ। ମନେକର ଗୋଟିଏ କମ୍ପାନୀ ଟେଣ୍ଡର ଦାଖଲ କରିବାକୁ ଚାହୁଁଅଛି ଯେଉଁଥିପାଇଁ ଦରଖାସ୍ତ ସହିତ କିଛି ଟଙ୍କା ଜମା ଦେବା ଆବଶ୍ୟକ ଅଛି। ଏ କ୍ଷେତ୍ରରେ ପାଣ୍ଠିର ଉପଲବ୍ଧତା ନ ଥିଲେ ଟେଣ୍ଡର୍ ଦାଖଲ କରିବା କମ୍ପାନୀ ପକ୍ଷରେ ସମ୍ଭବ ହେବ ନାହିଁ। ଅନ୍ୟ ଏକ ଉଦାହରଣ ନିଆଯାଉ। ଯେତେବେଳେ ଜଣେ ମହଜୁଦକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ସାମଗ୍ରୀର ବହୁଳ ପରିମାଣର କ୍ରୟ ଉପରେ ସ୍ୱତନ୍ତ୍ର ରିହାତି ଅର୍ପଣ (ପ୍ରସ୍ତାବ) କରୁଛନ୍ତି, ସେତେବେଳେ ଜଣେ ଉତ୍ପାଦନକାରୀ ଉକ୍ତ ପ୍ରସ୍ତାବର ଲାଭ ଉଠାଇ ପାରିବେ କେବଳ ଯଦି ତାଙ୍କ ପାଖରେ ଏହା କ୍ରୟ କରିବା ନିମନ୍ତେ ପର୍ଯ୍ୟାପ୍ତ ପାଣ୍ଠି ଅଛି।

୧୫.୨ ବ୍ୟାବସାୟିକ ବିତ୍ତର ଗୁରୁତ୍ୱ

ବିତ୍ତ (ଅର୍ଥ) ହେଉଛି ପ୍ରତ୍ୟେକ ବ୍ୟବସାୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ଏହାକୁ ବ୍ୟବସାୟର ଜୀବନ-ରେଖା ଭାବେ ବିବେଚନା କରାଯାଏ। ବିତ୍ତର ଅଭାବ ଅନେକ ସମସ୍ୟା ଉତ୍ପନ୍ନ କରିପାରେ ଏବଂ ଏହି କାରଣ ଯୋଗୁ ବ୍ୟବସାୟ ବନ୍ଦ ମଧ୍ୟ ହୋଇ ଯାଇପାରେ। ଆଜିକାଲି ବିତ୍ତର ମହତ୍ତ୍ୱ (ଗୁରୁତ୍ୱ) ସାଧାରଣ ଆବଶ୍ୟକତାକୁ ମିଶାଇ ନିମ୍ନଲିଖିତ କାରଣ ଗୁଡ଼ିକ ଯୋଗୁଁ ବହୁତ ମାତ୍ରାରେ ବଢ଼ି ଯାଇଛି

(କ) ବୃହଦାକାର କ୍ରିୟାକଳାପର ଆବଶ୍ୟକତା : ଆଜିକାଲି ବ୍ୟାବସାୟିକ କାର୍ଯ୍ୟକଳାପ ସାଧାରଣତଃ ବୃହଦାକାରରେ ସମ୍ପାଦନ କରାଯାଉଛି। ବର୍ତ୍ତମାନ କୌଣସି ଏକ ଦେଶର ଉତ୍ପାଦ (ଦ୍ରବ୍ୟ) ଅନ୍ୟ ଦେଶ ମାନଙ୍କରେ ଅବାଧରେ ଓ ସହଜରେ ଉପଲବ୍ଧ ହୋଇପାରୁଛି। ସମଗ୍ର ପୃଥିବୀ ଗୋଟିଏ ବଡ଼ ବଜାରରେ ପରିଣତ ହୋଇଛି। ତେଣୁ ବ୍ୟାବସାୟିକ ଜଗତରେ ତିଷ୍ଠି ରହିବା ପାଇଁ ଜଣେ ବ୍ୟବସାୟୀଙ୍କୁ ତାଙ୍କ କାର୍ଯ୍ୟକଳାପର ପରିସର ବିସ୍ତାର କରିବାକୁ ହେବ ଏବଂ ବୃହଦାକାରରେ କାର୍ଯ୍ୟ କରିବାକୁ ହେବ। ବ୍ୟବସାୟର ଏହି ବିସ୍ତାର ସର୍ବଦା ଅଧିକ ପାଣ୍ଠି ଆବଶ୍ୟକ କରିଥାଏ।

(ଖ) ଆଧୁନିକ କାରିଗରି ବିଦ୍ୟାର ପ୍ରୟୋଗ : ଆଜିକାଲି ସମୟରେ ପ୍ରତ୍ୟେକ ବ୍ୟବସାୟ ପାଇଁ ଏହା ନିହାତି ଆବଶ୍ୟକ ହୋଇପଡ଼ିଛି କି ଏହା ଉତ୍ପାଦନ ଓ ବଣ୍ଟନ ପ୍ରକ୍ରିୟାରେ ସର୍ବାଧୁନିକ କାରିଗରି ବିଦ୍ୟାର ପ୍ରୟୋଗ କରୁ। ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବା ପାଇଁ ବର୍ତ୍ତମାନ ଉତ୍ପାଦନ ପ୍ରକ୍ରିୟାରେ ଆଧୁନିକ ଯନ୍ତ୍ରପାତି, ଉପକରଣ ଓ ସାଧନୀର ପ୍ରୟୋଗ ଜରୁରୀ ହୋଇପଡ଼ିଛି। ତେଣୁ ବିଶ୍ୱ ବଜାରର ଆହ୍ୱାନକୁ ସଫଳତାର ସହ ମୁକାବିଲା କରିବା ପାଇଁ ବିତ୍ତର ଆବଶ୍ୟକତା ବହୁତ ବଢ଼ି ଯାଇଛି।

(ଗ) ବିକ୍ରୟର ଉନ୍ନତି ବିଧାନ ପରିବର୍ଦ୍ଧନ (ବୃଦ୍ଧି) : ପ୍ରତିଦ୍ୱନ୍ଦିତାର ଏହି ଯୁଗରେ ବିକ୍ରୟର ଉନ୍ନତି ବିଧାନ ପାଇଁ ଆବଶ୍ୟକ କାର୍ଯ୍ୟକଳାପରେ ପ୍ରଚୁର ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏଥିରେ ବିଜ୍ଞାପନ, ବ୍ୟକ୍ତିଗତ ବିକ୍ରୟ, ବିକ୍ରୟ ପରିବର୍ଦ୍ଧନ ଯୋଜନା ସମୂହର ପ୍ରୟୋଗ, ବିକ୍ରୟ ପରବର୍ତ୍ତୀ ସେବା ପ୍ରଦାନ ଏବଂ ଘରେ ମାଗଣାରେ ଜିନିଷର ବିତରଣ ଇତ୍ୟାଦି ଅନ୍ତର୍ଭୁକ୍ତ ଯେଉଁଥିପାଇଁ ବଡ଼ ପରିମାଣର ପାଣ୍ଠିର ଆବଶ୍ୟକ ଅଟେ।

୧୫.୩ ବ୍ୟାବସାୟିକ ବିତ୍ତର ପ୍ରକାର

ତୁମେ ଜାଣିଛ ଯେ ମୁଦ୍ରା ପ୍ରତ୍ୟେକ ବ୍ୟାବସାୟିକ କାର୍ଯ୍ୟକଳାପରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାବଶ୍ୟକ ଅଂଶ ଅଟେ। ବର୍ତ୍ତମାନ ଚାଲ ଆମେ ବ୍ୟାବସାୟିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ଆବଶ୍ୟକତାର ପ୍ରକୃତି ଓ ପ୍ରକାର ଜାଣିବା।

ସାଧାରଣତଃ ବ୍ୟବସାୟ ବ୍ୟବସାୟ ମଧ୍ୟରେ ଆବଶ୍ୟକୀୟ ପାଣ୍ଠିର ପ୍ରକାର ଓ ପରିମାଣ ଅଲଗା ଅଲଗା ହୋଇଥାଏ । ଉଦାହରଣ ସ୍ୱରୂପ, ଯଦି ବ୍ୟବସାୟର ଆକାର ବଡ଼, ତେବେ ଆବଶ୍ୟକୀୟ ପାଣ୍ଠିର ପରିମାଣ ମଧ୍ୟ ଅଧିକ ହେବ । ସେହିପରି ବ୍ୟାପାରିକ ବ୍ୟବସାୟ ତୁଳନାରେ ଉତ୍ପାଦନକାରୀ ବ୍ୟବସାୟରେ ଆର୍ଥିକ ଆବଶ୍ୟକତା ଅଧିକ । ଏକ ବ୍ୟବସାୟ ସ୍ଥାୟୀ ପରିସମ୍ପତ୍ତି ଯଥା ଜମି ଓ କୋଠା, ଯନ୍ତ୍ରପାତି ଇତ୍ୟାଦିରେ ବିନିଯୋଗ କରିବା ପାଇଁ ଦୀର୍ଘ ମିଆଦ (ଅବଧି) ପାଣ୍ଠିର ଆବଶ୍ୟକ କରିଥାଏ । ବେଳେବେଳେ ବ୍ୟବସାୟ ସ୍ୱଳ୍ପ ମିଆଦ ବିନିଯୋଗ ପାଇଁ ମଧ୍ୟ ପାଣ୍ଠି ଆବଶ୍ୟକ କରିଥାଏ । ତେଣୁ ଯେଉଁ ଅବଧି ପାଇଁ ପାଣ୍ଠିର ଆବଶ୍ୟକ ସେହି ଅବଧିର ଆଧାରରେ ବ୍ୟାବସାୟିକ ବିତ୍ତକୁ ତିନୋଟି ବର୍ଗରେ ଶ୍ରେଣୀଭୁକ୍ତ କରାଯାଇ ପାରେ :

(କ) ସ୍ୱଳ୍ପ-ମିଆଦୀ ବିତ୍ତ ;

(ଖ) ମଧ୍ୟବର୍ତ୍ତୀ-କାଳୀନ ବିତ୍ତ; ଏବଂ

(ଗ) ଦୀର୍ଘ-ମିଆଦୀ ବିତ୍ତ ।

ଆସ, ବର୍ତ୍ତମାନ ଆମେ ଏ ପ୍ରତ୍ୟେକ ବିଷୟରେ ବିସ୍ତୃତ ଭାବେ ଶିଖିବା ।

ସ୍ୱଳ୍ପ-ମିଆଦୀ ବିତ୍ତ

ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ଆବଶ୍ୟକ ହେଉଥିବା ପାଣ୍ଠିକୁ ସ୍ୱଳ୍ପ-ମିଆଦୀ ବିତ୍ତ କୁହାଯାଏ । ଏହା କଞ୍ଚାମାଲ୍ କିଣିବା ପାଇଁ, ମଜୁରି, ଘରଭଡ଼ା, ବୀମା, ବିଜୁଳି ଓ ପାଣି ବିଲ୍ ଇତ୍ୟାଦି ପଇଠ କରିବା ପାଇଁ ଆବଶ୍ୟକ ହୋଇଥାଏ । ସ୍ୱଳ୍ପ-ମିଆଦୀ ବିତ୍ତ ଏକ ବର୍ଷ ବା ତା'ଠାରୁ କମ୍ ଅବଧି ପାଇଁ ଆବଶ୍ୟକ ହୋଇଥାଏ । ଏହି ସ୍ୱଳ୍ପ ଅବଧି ପାଇଁ ବିତ୍ତୀୟ ଆବଶ୍ୟକତାକୁ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ବା ଘୂର୍ଣ୍ଣାୟମାନ ପୁଞ୍ଜିର ଆବଶ୍ୟକତା ମଧ୍ୟ କୁହାଯାଏ । ଏଠାରେ ଏହା ଉଲ୍ଲେଖ କରାଯାଇ ପାରେ ଯେ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାର ଏକ ଭାଗ ଦୀର୍ଘ-ମିଆଦ ପ୍ରକୃତିର ଅଟେ, କାରଣ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ପରିମାଣର ପାଣ୍ଠି ସର୍ବଦା ମାଲ୍ ମହଜୁଦ କରି ରଖିବାର ଆବଶ୍ୟକତା ମେଣ୍ଟାଇବା ପାଇଁ ଏବଂ ନିତ୍ୟ ନୈମିତ୍ତିକ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ରଖିବା ଆବଶ୍ୟକ ହୋଇଥାଏ ।

ମଧ୍ୟବର୍ତ୍ତୀ-କାଳୀନ ବିତ୍ତ

ମଧ୍ୟବର୍ତ୍ତୀ-କାଳୀନ ବିତ୍ତ ସେହିସବୁ ଉଦ୍ଦେଶ୍ୟରେ ଉପଯୋଗ କରାଯାଏ ଯେଉଁଠାରେ ବିନିଯୋଗର ଅବଧି ଏକ ବର୍ଷରୁ ଊର୍ଦ୍ଧ୍ୱ କିନ୍ତୁ ପାଞ୍ଚ ବର୍ଷରୁ କମ୍ ହୋଇଥାଏ । ଆଧୁନିକୀକରଣ ଏବଂ ନବୀକରଣ, ସ୍ୱତନ୍ତ୍ର (ଉତ୍ପାଦ) ଉନ୍ନତିବିଧାନ କାର୍ଯ୍ୟକ୍ରମ ଇତ୍ୟାଦିର ବିତ୍ତାୟନ ପାଇଁ ଆବଶ୍ୟକୀୟ ରାଶି ଏହି ଶ୍ରେଣୀଭୁକ୍ତ ଅଟେ ।

ଦୀର୍ଘ-ମିଆଦୀ ବିତ୍ତ

ଏକ ବ୍ୟବସାୟ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱକାଳ ପାଇଁ ଯେଉଁ ଧନରାଶି (ପାଣ୍ଠି) ଆବଶ୍ୟକ କରିଥାଏ, ତାହାକୁ ଦୀର୍ଘ-ମିଆଦୀ ବିତ୍ତ କୁହାଯାଏ । ସାଧାରଣତଃ ଏହି ପ୍ରକାର ବିତ୍ତ ସ୍ଥାୟୀ ପରିସମ୍ପତ୍ତି ଯଥା ଜମି ଓ କୋଠା, ଯନ୍ତ୍ର ଓ କଳ, ଆସବାବପତ୍ର ଇତ୍ୟାଦିର କ୍ରୟ ପାଇଁ ଆବଶ୍ୟକ ହୋଇଥାଏ । ଦୀର୍ଘ-ମିଆଦୀ ବିତ୍ତକୁ ସ୍ଥାୟୀ ପୁଞ୍ଜି ମଧ୍ୟ କୁହାଯାଏ, କାରଣ ବାସ୍ତବରେ ଏହି ଆବଶ୍ୟକତା ସ୍ଥାୟୀ ପ୍ରକୃତିର ଅଟେ ।

ବିତ୍ତର ପ୍ରକାର	ପରିଶୋଧ ଅବଧି	ଉଦ୍ଦେଶ୍ୟ
ସ୍ୱଳ୍ପ ମିଆଦୀ	ଏକ ବର୍ଷରୁ କମ୍	କଞ୍ଚାମାଲ୍ କ୍ରୟ, ମଜୁରି, ଘରଭଡ଼ା, ବୀମା ଆଦିର ପଇଠ
ମଧ୍ୟବର୍ତ୍ତୀ-କାଳୀନ	ଏକ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ	ଆଧୁନିକୀକରଣ, ନବୀକରଣ, ଭାରୀ ବିଜ୍ଞାପନ ଇତ୍ୟାଦିରେ ଖର୍ଚ୍ଚ
ଦୀର୍ଘ-ମିଆଦୀ	ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ	ଜମି ଓ କୋଠା, ଯନ୍ତ୍ର ଓ କଳ ଇତ୍ୟାଦିର କ୍ରୟ

ପ୍ରତ୍ୟେକ ସଂଗଠନ ବିଭିନ୍ନ ପ୍ରକାରର ବିତ୍ତ ଆବଶ୍ୟକ କରିଥାଏ, ଯଥା: ଦୀର୍ଘ-ମିଆଦୀ, ମଧ୍ୟବର୍ତ୍ତୀ-କାଳୀନ ଏବଂ ସ୍ୱଳ୍ପ-ମିଆଦୀ। କିନ୍ତୁ ବିଭିନ୍ନ ବ୍ୟବସାୟରେ ବ୍ୟବହୃତ ହେଉଥିବା ଏହିସବୁ ପ୍ରକାର ବିତ୍ତର ଆନୁପାତିକ ପରିମାଣ ଅଲଗା ଅଲଗା ହୋଇଥାଏ। ଉଦାହରଣ ସ୍ୱରୂପ, ଏକ ଇସ୍ପାତ ଶିଳ୍ପ ଜମି ଓ କୋଠା ଏବଂ ଯନ୍ତ୍ରପାତିରେ ବିନିଯୋଗ କରିବା ପାଇଁ ଚମଡ଼ା ଦ୍ରବ୍ୟ କିମ୍ବା ପ୍ଲାଷ୍ଟିକ୍ ବାଲ୍‌ଟି ନିର୍ମାଣ ଶିଳ୍ପ ତୁଳନାରେ ଅଧିକ ଦୀର୍ଘ-ମିଆଦୀ ବିତ୍ତର ଆବଶ୍ୟକ କରିଥାଏ। ସେହିପରି ହୋଜରୀ ଜିନିଷ (ମୋଜା, ଗେଞ୍ଜି ଆଦି) ଉତ୍ପାଦନ ପାଇଁ ଦୀର୍ଘ-ମିଆଦୀ ବିତ୍ତ ଅପେକ୍ଷା ସ୍ୱଳ୍ପ-ମିଆଦୀ ବିତ୍ତର ଆବଶ୍ୟକତା ଅଧିକ ହୋଇଥାଏ।

ସ୍ଥାୟୀ ଏବଂ କାର୍ଯ୍ୟକାରୀ ପୁଞ୍ଜିର ଅବଧାରଣା

ତୁମେ ଏହା ଜାଣିଛ ଯେ ଏକ ବ୍ୟବସାୟର ପୁଞ୍ଜି ବିଭିନ୍ନ ପ୍ରକାର ପରିସମ୍ପତ୍ତି ଯଥା ଜମି ଓ କୋଠା, ଆସବାବ ପତ୍ର, ମେସିନ୍, କଞ୍ଚାମାଲ, ଉତ୍ପାଦିତ ଦ୍ରବ୍ୟର ସମ୍ଭାର ଇତ୍ୟାଦିରେ ବିନିଯୋଗ କରାଯାଇଥାଏ। ଏଗୁଡ଼ିକ ମଧ୍ୟରୁ କେତେକ ପରିସମ୍ପତ୍ତି ଦୀର୍ଘ ସମୟାବଧି (କାଳ) ଧରି ବ୍ୟବହୃତ ହୁଏ ଏବଂ ତେଣୁ ସେଗୁଡ଼ିକ ସାଧାରଣତଃ ସ୍ଥାୟୀ ପ୍ରକୃତିର ଅଟେ। ସ୍ଥାୟୀ ପୁଞ୍ଜି ଏକ ବ୍ୟବସାୟରେ ଥିବା ସେହିସବୁ ପରିସମ୍ପତ୍ତିର ମୋଟ ମୂଲ୍ୟକୁ ସୂଚାଇଥାଏ ଯେଉଁଗୁଡ଼ିକ ସ୍ଥାୟୀ ପ୍ରକୃତିର ଏବଂ ବ୍ୟବସାୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହୃତ ହୁଏ। ଏହି ପରିସମ୍ପତ୍ତି ଗୁଡ଼ିକରେ ଜମି, କୋଠା, ଯନ୍ତ୍ରପାତି, ଆସବାବ ପତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ। ଏହିସବୁ ପରିସମ୍ପତ୍ତିରେ ବିନିଯୁକ୍ତ ପୁଞ୍ଜି ସେହି ଦୃଷ୍ଟିରୁ ସ୍ଥାୟୀ ଅଟେ ଯେହେତୁ ଏଗୁଡ଼ିକ ବ୍ୟବସାୟରେ ଚିରସ୍ଥାୟୀ ବ୍ୟବହାର ପାଇଁ ଆବଶ୍ୟକ ହୋଇଥାଏ ଏବଂ ବିକ୍ରୟ ପାଇଁ ଉଦ୍ଦିଷ୍ଟ ନ ଥାଏ।

କାର୍ଯ୍ୟକାରୀ ପୁଞ୍ଜିରେ ସେହିସବୁ ପରିସମ୍ପତ୍ତି ଅନ୍ତର୍ଭୁକ୍ତ ଥାଏ ଯେଉଁଗୁଡ଼ିକ ହୁଏତ ନଗଦ ଅର୍ଥ ଆକାରରେ ଥାଏ କିମ୍ବା ଯେଉଁଗୁଡ଼ିକୁ ସହଜରେ ନଗଦ ଅର୍ଥରେ ପରିବର୍ତ୍ତନ କରାଯାଇପାରେ। ଅର୍ଥ (ରୋକଡ଼) ବଳକା, ବ୍ୟାଙ୍କ୍ ବଳକା, ଖାତକ, ପ୍ରାପ୍ୟ ହୁଣ୍ଡି, ସମ୍ଭାର ଇତ୍ୟାଦି ଏହାର ଉଦାହରଣ। ଏହି ପରିସମ୍ପତ୍ତିଗୁଡ଼ିକୁ ଚଳନ୍ତି ପରିସମ୍ପତ୍ତି ମଧ୍ୟ କୁହାଯାଏ। କାର୍ଯ୍ୟକାରୀ ପୁଞ୍ଜି ବ୍ୟବସାୟର ଦୈନନ୍ଦିନ କ୍ରିୟାକଳାପରେ ଖର୍ଚ୍ଚ ପାଇଁ ଆବଶ୍ୟକ ହୋଇଥାଏ। ତେବେ କାର୍ଯ୍ୟକାରୀ ପୁଞ୍ଜିର ଏକ ଭାଗର ଆବଶ୍ୟକତା ସବୁ ସମୟରେ ସମ୍ଭାରର ଏକ ସର୍ବନିମ୍ନ ସ୍ତର ରଖିବା ପାଇଁ ଏବଂ ମଜୁରି ଓ ଦରମା ଆଦି ପଇଠ କରିବା ନିମନ୍ତେ ନଗଦ ଅର୍ଥ ରଖିବା ପାଇଁ ରହିଥାଏ। କାର୍ଯ୍ୟକାରୀ ପୁଞ୍ଜିର ଏହି ଭାଗକୁ 'ସ୍ଥାୟୀ' କାର୍ଯ୍ୟକାରୀ ପୁଞ୍ଜି କୁହାଯାଏ।

ଟିପ୍ପଣୀ

ପାଠଗତ ପ୍ରଶ୍ନ ୧୫(କ)

୧. ବ୍ୟବସାୟର ବିଭିନ୍ନ ଆବଶ୍ୟକତା ଗୁଡ଼ିକର ତାଲିକା ପ୍ରସ୍ତୁତ କର ଯେଉଁଥିପାଇଁ ପାଣ୍ଠି ଆବଶ୍ୟକ ହୋଇଥାଏ।

(କ) ______________ (ଘ) ______________

(ଖ) ______________ (ଙ) ______________

(ଗ) ______________ (ଚ) ______________

୨. ସେହି ସବୁ ସ୍ୱତନ୍ତ୍ର ଖର୍ଚ୍ଚଗୁଡ଼ିକର ଉଦାହରଣ ଦିଅ ଯେଉଁଥିପାଇଁ ନିମ୍ନଲିଖିତ ମିଆଦ /ସମୟାବଧି ପାଇଁ ପାଣ୍ଠିର ଆବଶ୍ୟକତା ହେବ।

(କ) ସ୍ୱଳ୍ପ -ମିଆଦୀ — (i) ______________ (ii) ______________

(ଖ) ମଧ୍ୟବର୍ତ୍ତୀ-କାଳୀନ — (i) ______________ (ii) ______________

(ଗ) ଦୀର୍ଘ-ମିଆଦୀ — (i) ______________ (ii) ______________

୧୫.୪ ବିତ୍ତର ଉତ୍ସ

ବିତ୍ତର ଆବଶ୍ୟକତା, ଗୁରୁତ୍ୱ ଓ ପ୍ରକାର ଭେଦ ଜାଣିସାରିବା ପରେ ବର୍ତ୍ତମାନ ଆମ୍ଭେ ନିଶ୍ଚିତ ଜାଣିବା ଉଚିତ ଯେ ବ୍ୟବସାୟୀମାନେ ସ୍ୱଳ୍ପ-ମିଆଦୀ, ମଧ୍ୟବର୍ତ୍ତୀ କାଳୀନ ଓ ଦୀର୍ଘ-ମିଆଦୀ ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି କେଉଁଠାରୁ ପାଇଥାନ୍ତି। କିଏ ସେମାନଙ୍କୁ ଆବଶ୍ୟକୀୟ ରାଶି ଯୋଗାଇଥାନ୍ତି। ଆସ, ବର୍ତ୍ତମାନ ବିଭିନ୍ନ ଉତ୍ସ ବିଷୟରେ ଜାଣିବା ଯେଉଁଠାରୁ ବ୍ୟବସାୟୀମାନେ ସାଧାରଣତଃ ବ୍ୟାବସାୟିକ ଉଦ୍ଦେଶ୍ୟରେ ମୁଦ୍ରାର ଯୋଗାଡ଼ କରିଥାନ୍ତି।

ବ୍ୟାପକ ଭାବେ କହିଲେ, ଉତ୍ସର ଦୁଇଟି ମୁଖ୍ୟ ବର୍ଗ ଅଛି ଯେଉଁଠାରୁ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପାଇଁ ଆବଶ୍ୟକୀୟ ପାଣ୍ଠି ପାଇଥାନ୍ତି। ଏଗୁଡ଼ିକ ହେଲା : (୧) ଆଭ୍ୟନ୍ତରୀଣ ଉତ୍ସ; ଏବଂ (୨) ବାହ୍ୟ ଉତ୍ସ। ତୁମେ ଜାଣ ଯେ ଏକ ବ୍ୟବସାୟ ଆରମ୍ଭ କରିବା ପାଇଁ ଜଣେ ବ୍ୟବସାୟୀ ହୁଏତ ତାଙ୍କର ନିଜ ଟଙ୍କା ବିନିଯୋଗ କରନ୍ତି କିମ୍ବା ବାହାରୁ କରଜ କରନ୍ତି କିମ୍ବା ଉଭୟ ଉତ୍ସର ବ୍ୟବହାର କରନ୍ତି। ଯେତେବେଳେ ବ୍ୟବସାୟୀ ତାଙ୍କ ନିଜ ଟଙ୍କା ବିନିଯୋଗ କରନ୍ତି (ଯାହାକୁ ମାଲିକଙ୍କ ପୁଞ୍ଜି କୁହାଯାଏ) ଏବଂ ଉପାର୍ଜିତ ଲାଭର ଏକ ଅଂଶ ବ୍ୟବସାୟରେ ରଖନ୍ତି, ତେବେ ଏସବୁକୁ ନେଇ ବିତ୍ତର ଆଭ୍ୟନ୍ତରୀଣ ଉତ୍ସ ଗଠିତ ହୋଇଥାଏ। ଏହା ପ୍ରତ୍ୟେକ ବ୍ୟବସାୟ ସଂଗଠନର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ ଏବଂ ଏହା ମିତବ୍ୟୟୀ (କମ୍ ଖର୍ଚ୍ଚ ବହୁଳ) ଅଟେ। କିନ୍ତୁ ଏହି ଉତ୍ସର ନିଜସ୍ୱ ସୀମାବଦ୍ଧତା ଅଛି। ତେଣୁ ବ୍ୟବସାୟ ସଂସ୍ଥା ଗୁଡ଼ିକ ବିତ୍ତର ବାହ୍ୟ ଉତ୍ସର ଆଶ୍ରୟ ନେଇଥାନ୍ତି। ବିଭିନ୍ନ ବାହ୍ୟ ଉତ୍ସ ଯେଉଁଠାରୁ ବ୍ୟବସାୟୀମାନେ ବିତ୍ତ ପ୍ରାପ୍ତ କରିଥାନ୍ତି ତା' ମଧ୍ୟରେ ବନ୍ଧୁ ଓ ସମ୍ପର୍କୀୟ, ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ଅନୁଷ୍ଠାନ, ସାହୁକାର, ପୁଞ୍ଜି ବଜାର, ନିର୍ମାଣକାରୀ ଓ ଉତ୍ପାଦକ, ଗ୍ରାହକ, ବୈଦେଶିକ ଆର୍ଥିକ ଅନୁଷ୍ଠାନ ଏବଂ ପ୍ରତିନିଧି ଇତ୍ୟାଦି ଅନ୍ତର୍ଭୁକ୍ତ।

ଏହା ଲକ୍ଷ୍ୟ କରାଯାଇଛି ଯେ ପାଣ୍ଠି ସଂଗ୍ରହର ପରିସର ବ୍ୟବସାୟ ସଂଗଠନର ପ୍ରକୃତି ଓ ଆକାର ଉପରେ ମଧ୍ୟ ନିର୍ଭର କରେ। ଉଦାହରଣ ସ୍ୱରୂପ, ଏକ ଏକକ ସ୍ୱତ୍ୱାଧିକାରୀ ବ୍ୟବସାୟ ସଂଗଠନ ପାଇଁ ବହୁତ ସୀମିତ ଉତ୍ସ ଅଛି ଯେଉଁଠାରୁ ଏହା ବ୍ୟବସାୟ ପାଇଁ ପାଣ୍ଠି ଯୋଗାଡ଼ କରି ପାରିବ। ଏଗୁଡ଼ିକ ହେଲା :

(କ) ନିଜ ସଞ୍ଚୟ

(ଖ) ବନ୍ଧୁ ଓ ସମ୍ପର୍କୀୟ

(ଗ) ସାହୁକାର

(ଘ) ବାଣିଜ୍ୟିକ ବ୍ୟାଙ୍କ

(ଙ) ଆର୍ଥିକ କମ୍ପାନୀ

(ଚ) ନିର୍ମାଣକାରୀ ଓ ଯୋଗାଣକାରୀ

(ଛ) ସଞ୍ଚିତ ଲାଭ (ଉପାର୍ଜିତ ଲାଭ)

ଭାଗଦାରୀ ସଂସ୍ଥା କ୍ଷେତ୍ରରେ ମଧ୍ୟ ବିତ୍ତାୟନର ସେହି ସମାନ ଉତ୍ସ ଉପଲବ୍ଧ ଥାଏ। ଉଭୟ ଏକକ ସ୍ୱତ୍ୱାଧିକାରୀ ଓ ଭାଗଦାରୀ ବ୍ୟବସାୟ ସଂଗଠନରେ ସାଧାରଣତଃ ମାଲିକମାନେ ସେମାନଙ୍କର ନିଜ ସଞ୍ଚୟର ବିନିଯୋଗ କରି ତଥା ବ୍ୟବସାୟ ଦ୍ୱାରା ଉତ୍ପନ୍ନ ଲାଭର କିଛି ଭାଗ ରଖି ଦୀର୍ଘ-ମିଆଦୀ ପୁଞ୍ଜି ପ୍ରଦାନ କରିଥା'ନ୍ତି ଏବଂ ଉପରୋକ୍ତ ଅବଶିଷ୍ଟ ଉତ୍ସଗୁଡ଼ିକ ଅନେକାଂଶରେ ସେମାନଙ୍କର ସ୍ୱଳ୍ପ-ମିଆଦୀ ଆର୍ଥିକ ଆବଶ୍ୟକତା ପାଇଁ ବ୍ୟବହାର କରିଥାନ୍ତି। ତେବେ କମ୍ପାନୀମାନଙ୍କ କ୍ଷେତ୍ରରେ ସାଧାରଣତଃ ନିମ୍ନଲିଖିତ ଗୁଡ଼ିକ ବିତ୍ତର ଉତ୍ସ ଅଟେ।

(କ) ପୁଞ୍ଜି ବଜାର

(ଖ) ଆର୍ଥିକ ଅନୁଷ୍ଠାନ

(ଗ) ସର୍ବସାଧାରଣ ଜମା

(ଘ) ବାଣିଜ୍ୟିକ ବ୍ୟାଙ୍କ

(ଙ) ପଟ୍ଟାଦାରୀ (Leasing) କମ୍ପାନୀ

(ଚ) ବିନିଯୋଗ ନ୍ୟାସ (ଟ୍ରଷ୍ଟ୍)

(ଛ) ସଞ୍ଚିତ ଲାଭ

ଆମେ ପରବର୍ତ୍ତୀ ଅଧ୍ୟାୟରେ ଏହି ସବୁ ଉତ୍ସ ସମ୍ବନ୍ଧରେ ବିଶଦ ଭାବେ ଶିଖିବା।

୧୫.୫ ସ୍ୱଳ୍ପ-ମିଆଦୀ ବିତ୍ତ ସଂଗ୍ରହ (ଉଠାଣ) କରିବାର ପଦ୍ଧତି ସମୂହ

ସ୍ୱଳ୍ପ-ମିଆଦୀ ବିତ୍ତ ସଂଗ୍ରହ ପାଇଁ ଅନେକ ଗୁଡ଼ିଏ ପଦ୍ଧତି ଅଛି। ସେଗୁଡ଼ିକ ହେଲା :

୧. ବ୍ୟାପାରିକ ଋଣ (ଉଧାର)

୨. ବ୍ୟାଙ୍କ୍ ଋଣ

- ଋଣ ଏବଂ ଅଗ୍ରୀମ
- ନଗଦୀ ଋଣ

ଟିପ୍ପଣୀ

- ବ୍ୟାଙ୍କ ଅଧିଉଠାଣ
- ହୁଣ୍ଡିକୁ ରିହାତିରେ ଭଙ୍ଗାଇବା (ହୁଣ୍ଡିର ରିହାତିକରଣ)

୩. ପେଶାଦାର ଦଲାଲ ମାଧ୍ୟମରେ ଋଣ ଆଦାୟ (Factoring)

୪. ଗ୍ରାହକମାନଙ୍କ ଠାରୁ ଅଗ୍ରୀମ

୫. କିସ୍ତିରେ ଋଣ ପରିଶୋଧ ସୁବିଧା (Instalment credit)

୬. ଅଣ-ସଂଗଠିତ କ୍ଷେତ୍ରଗୁଡ଼ିକରୁ ଋଣ

ଆସ, ଏଗୁଡ଼ିକ ବିଷୟରେ ବିଶଦ ଭାବେ ଜାଣିବା :

୧. ବ୍ୟାପାରିକ ଋଣ

ଯୋଗାଣକାରୀଙ୍କ ଦ୍ୱାରା କଞ୍ଚାମାଲ, ଉତ୍ପାଦିତ ଦ୍ରବ୍ୟ, ଅନ୍ୟତମ ଉପାଦାନ ଇତ୍ୟାଦି ଉତ୍ପାଦନକାରୀ ଓ ବ୍ୟାପାରୀଙ୍କୁ ବାକିରେ (ଉଧାରରେ) ଯୋଗାଇ ଦେବାକୁ ବ୍ୟାପାରିକ ଋଣ କୁହାଯାଏ । ସାଧାରଣତଃ ବ୍ୟାବସାୟିକ ଉଦ୍ୟୋଗଗୁଡ଼ିକ **30** ଦିନରୁ **90** ଦିନ ପର୍ଯ୍ୟନ୍ତ ଉଧାରରେ ମାଲ୍ କିଣିଥାନ୍ତି । ଏହାର ଅର୍ଥ ହେଲା ଯେ ମାଲ ବିତରଣ ଦିଆଯାଏ, କିନ୍ତୁ ଏ ବାବଦ ପୈଠ ଋଣ ଅବଧି ଅତିକ୍ରାନ୍ତ ନ ହେବା ପର୍ଯ୍ୟନ୍ତ ଏହା କରାଯାଏ ନାହିଁ । ଏହି ପ୍ରକାର ଋଣ ଦ୍ୱାରା ନଗଦ ଅର୍ଥ (ରୋକଡ଼) ଆକାରରେ ପାଣ୍ଠି ଉପଲବ୍ଧ ହୁଏ ନାହିଁ, କିନ୍ତୁ ଏହା ତତ୍କାଳ ପୈଠ ବିନା କ୍ରୟ କରିବାର ସୁବିଧା ପ୍ରଦାନ କରିଥାଏ ଯାହାର ଅର୍ଥ ହେଲା ଯୋଗାଣକାରୀଙ୍କ ଦ୍ୱାରା କ୍ରୟ ନିମନ୍ତେ ପାଣ୍ଠି ଯୋଗାଣ କରିବା । ଏହା ସ୍ୱଳ୍ପ-ମିଆଦୀ ବିତ୍ତର ଏକ ଅତି ଜନପ୍ରିୟ ଉତ୍ସ ଅଟେ ।

୨. ବ୍ୟାଙ୍କ୍ ଋଣ (Bank Credit)

ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ସାଧାରଣତଃ ବ୍ୟବସାୟ ସଂସ୍ଥା ଗୁଡ଼ିକୁ ସ୍ୱଳ୍ପ-ମିଆଦୀ ବିତ୍ତ ପ୍ରଦାନ କରିଥାନ୍ତି ଯାହାକୁ ବ୍ୟାଙ୍କ୍ ଋଣ କୁହାଯାଏ । ଯେତେବେଳେ ବ୍ୟାଙ୍କ ଋଣ ମଞ୍ଜୁର ହୁଏ, ଋଣ ଗ୍ରହୀତା ଯେଉଁ ସମୟରେ ଆବଶ୍ୟକ ସେତେବେଳେ ଋଣ ରାଶି ଉଠାଇ ପାରିବାର ଅଧିକାର ପ୍ରାପ୍ତ କରିଥାନ୍ତି । ବ୍ୟାଙ୍କ ଋଣ ନିମ୍ନଲିଖିତ ଯେକୌଣସି ଉପାୟରେ ମଞ୍ଜୁର କରାଯାଇପାରେ :

(କ) **ଋଣ ଓ ଅଗ୍ରୀମ :** ଯେତେବେଳେ କୌଣସି ବ୍ୟାଙ୍କ୍ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରେ ଯାହା ଏକ ଉଲ୍ଲିଖିତ (ନିର୍ଦ୍ଦିଷ୍ଟ) ଅବଧି ପରେ ପରିଶୋଧନୀୟ ହୋଇଥାଏ, ତାହକୁ ବ୍ୟାଙ୍କ୍ ଋଣ କୁହାଯାଏ । ଏହି ଅଗ୍ରୀମ ଏକ ଅଲଗା ଋଣ ହିସାବରେ ଯୋଗ / ଦାତା (credit) କରା ଯାଇଥାଏ ଏବଂ ଋଣ ଗ୍ରହୀତାଙ୍କୁ ସମୁଦାୟ ଋଣ ରାଶି ଉପରେ ସୁଧ ଦେବାକୁ ପଡ଼ିଥାଏ, ସେ ପ୍ରକୃତରେ ଯେତେ ଟଙ୍କାର ଋଣ ରାଶି ଉଠାଇ ଥା'ନ୍ତୁ ନା କାହିଁକି । ସାଧାରଣତଃ ଏହି ଋଣ ସଂସ୍ଥାର ପରିସମ୍ପତ୍ତିର ଅମାନତ (ବନ୍ଧକ) ଆଧାରରେ ମଞ୍ଜୁର କରା ଯାଇଥାଏ ।

(ଖ) **ନଗଦୀ ଋଣ (Cash Credit) :** ଏହା ଏକ ବ୍ୟବସ୍ଥା ଯଦ୍ଦ୍ୱାରା ବ୍ୟାଙ୍କ୍ ଗୁଡ଼ିକ ଋଣ ଗ୍ରହୀତାଙ୍କୁ ଏକ ଉଲ୍ଲିଖିତ ସୀମା ପର୍ଯ୍ୟନ୍ତ ଟଙ୍କା ଉଠାଣ ନିମନ୍ତେ ଅନୁମତି ପ୍ରଦାନ କରିଥାନ୍ତି । ଏହି ସୀମାକୁ ନଗଦୀ ଋଣ ସୀମା କୁହାଯାଏ । ଏହି ସୁବିଧା ସମ୍ଭାରରେ ଥିବା ମାଲ୍ କିମ୍ବା ପ୍ରତିଜ୍ଞା ପତ୍ର କିମ୍ବା ଅନ୍ୟ ବିପଣନ ଯୋଗ୍ୟ ପ୍ରତିଭୂତି ଯଥା ସରକାରୀ ବଣ୍ଡର ଅମାନତ ରଖି ମଞ୍ଜୁର କରାଯାଏ । ଏହି ବ୍ୟବସ୍ଥା ଅନୁସାରେ ଋଣ ଗ୍ରହୀତା ମଞ୍ଜୁରୀ ପ୍ରାପ୍ତ ସୀମା ମଧ୍ୟରେ ଯେକୌଣସି ପରିମାଣର ରାଶିର

ଟିପ୍ପଣୀ

ଉଠାଣ, ପରିଶୋଧ ଏବଂ ପୁନଃଉଠାଣ କରିପାରେ। ଏଠାରେ ପ୍ରକୃତରେ ଉଠାଣ କରାଯାଇଥିବା ରାଶି ଉପରେ କେବଳ ସୁଧ ବସାଯାଏ ଏବଂ ସମୁଦାୟ ଋଣ ସୀମା ଉପରେ ନୁହେଁ।

(ଗ) **ବ୍ୟାଙ୍କ୍ ଅଧିଉଠାଣ :** ଯେତେବେଳେ ଗୋଟିଏ ବ୍ୟାଙ୍କ ତା'ର ଜମାକାରୀ ବା ହିସାବଖାତାଧାରୀଙ୍କୁ ସେମାନଙ୍କ ଚଳନ୍ତି ଜମା ଖାତାରେ ଥିବା ବଳକା ରାଶିଠାରୁ ଊର୍ଦ୍ଧ୍ୱ ଟଙ୍କା ଏକ ଉଲ୍ଲିଖିତ ସୀମା ପର୍ଯ୍ୟନ୍ତ ଉଠାଣ କରିବାର ଅନୁମତି ପ୍ରଦାନ କରେ, ଏହାକୁ ଅଧିଉଠାଣ ସୁବିଧା କୁହାଯାଏ। ଏହି ସୀମା କେବଳ ମାତ୍ର ଋଣ ଗ୍ରହୀତାଙ୍କର ଋଣ ପରିଶୋଧ କ୍ଷମତାର ଆଧାରରେ ମଞ୍ଜୁର ହୋଇଥାଏ। ଏଠାରେ କେବଳ ଅଧିଉଠାଣ ରାଶି ଉପରେ ସୁଧ ବସା ଯାଇଥାଏ। ଅଧିଉଠାଣ କ୍ଷେତ୍ରରେ ସୁଧର ହାର ନଗଦୀ ଋଣ କ୍ଷେତ୍ରରେ ବସା ଯାଉଥିବା ସୁଧର ହାର ତୁଳନାରେ କମ୍ ଅଟେ।

(ଘ) **ହୁଣ୍ଡିର ରିହାତି କରଣ (Discounting of Bill) :** ବ୍ୟାଙ୍କ ଗୁଡ଼ିକ ବିନିମୟ ହୁଣ୍ଡିକୁ ରିହାତିରେ ଭଙ୍ଗାଇବା ଦ୍ୱାରା ମଧ୍ୟ ଅଗ୍ରୀମ ରାଶି ପ୍ରଦାନ କରିଥାନ୍ତି। ଯେତେବେଳେ ଏକ ବିନିମୟ ହୁଣ୍ଡି ଭଙ୍ଗାଇବା (encashment) ପାଇଁ ବ୍ୟାଙ୍କ୍ ପାଖରେ ଦାଖଲ କରାଯାଏ, ବ୍ୟାଙ୍କ୍ କିଛି ରିହାତି କାଟି ଅବଶିଷ୍ଟ ରାଶି ଗ୍ରାହକଙ୍କ ହିସାବରେ ଯୋଗ / ଦାତା (ଜମା) କରି ଦେଇଥାଏ। ରିହାତିର ପରିମାଣ ହୁଣ୍ଡିର ଅବଧି ପାଇଁ ସୁଧର ଆଧାରରେ ହିସାବ କରା ଯାଇଥାଏ। ହୁଣ୍ଡିର ପରିପକ୍ୱତାରେ ବ୍ୟାଙ୍କ ହୁଣ୍ଡି କଟା ଯାଇଥିବା ବ୍ୟକ୍ତି (Drawee) ଙ୍କ ଠାରୁ ପୈଠ ଗ୍ରହଣ କରିଥାଏ।

ନଗଦୀ ଋଣ ଓ ବ୍ୟାଙ୍କ ଅଧିଉଠାଣ ମଧ୍ୟରେ ପ୍ରଭେଦ

(i) ନଗଦୀ ଋଣ ହେଉଛି ବ୍ୟାଙ୍କ୍ ଦ୍ୱାରା କୌଣସି ଏକ ସଂସ୍ଥାକୁ ଋଣ ମଞ୍ଜୁର କରିବାର ଏକ ବ୍ୟବସ୍ଥା। ବ୍ୟାଙ୍କ ପାଖରେ ସଂସ୍ଥାର ହିସାବ (ଜମା) ଖାତା ଥାଇପାରେ କିମ୍ବା ନ ଥାଇପାରେ। ଅଧିଉଠାଣ ଜଣେ ହିସାବଧାରୀଙ୍କୁ କେବଳ ତାଙ୍କର ଋଣ-ପରିଶୋଧ କରିବାର କ୍ଷମତା ଆଧାରରେ ମଞ୍ଜୁର ହୋଇଥାଏ। ଗ୍ରାହକଙ୍କର ଋଣ-ପରିଶୋଧ କରିବାର କ୍ଷମତାର ନିର୍ଣ୍ଣୟ ବ୍ୟାଙ୍କ ସହିତ ତାଙ୍କର ଅତୀତ କାରବାର ଗୁଡ଼ିକର ଆର୍ଥିକ ସ୍ଥିରତା ଜରିଆରେ କରାଯାଏ।

(ii) ନଗଦୀ ଋଣ କ୍ଷେତ୍ରରେ ଋଣର ରାଶିକୁ ଋଣ ଗ୍ରହୀତାଙ୍କର ଏକ ଅଲଗା ହିସାବ ଖାତାରେ ସ୍ଥାନିତ କରାଯାଏ। ଅଧିଉଠାଣର ସୀମା ସାଧାରଣତଃ ଗ୍ରାହକଙ୍କର ବିଦ୍ୟମାନ ହିସାବ ଖାତାରେ ଥିବା ଜମା ରାଶିଠାରୁ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଅଧିକ ରାଶି ଉଠାଣ ନିମନ୍ତେ ସୁବିଧା ପ୍ରଦାନ କରିଥାଏ।

(iii) ନଗଦୀ ଋଣ କ୍ଷେତ୍ରରେ ଋଣର ପରିମାଣ ଅର୍ପିତ ପ୍ରତିଭୂତି (ଅମାନତ) ଗୁଡ଼ିକର ମୂଲ୍ୟ ଉପରେ ନିର୍ଭର କରେ। କିନ୍ତୁ ଅଧିଉଠାଣର ସୀମା ଗ୍ରାହକଙ୍କ ହିସାବ ଖାତାରେ ରହୁଥିବା ହାରାହାରି ବଳକା ଜମା ରାଶିର ଆଧାରରେ ସ୍ଥିର କରାଯାଇଥାଏ।

(iv) ଅଧିଉଠାଣ କୌଣସି ପରିସମ୍ପତ୍ତିର ଆମାନତ ବିନା ମଞ୍ଜୁର କରାଯାଇଥାଏ। କିନ୍ତୁ ନଗଦୀ ଋଣ ପାଇଁ ସ୍ୱର୍ଣ୍ଣ ସାଧ ପରିସମ୍ପତ୍ତିର ଅମାନତ ରଖିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ।

୩. ପେଶାଦାର ଦଲାଲ ମାଧ୍ୟମରେ ଋଣ ଆଦାୟ (Factoring)

ଫ୍ୟାକ୍ଟରିଂ (Factoring) ହେଉଛି ବ୍ୟବସାୟ ପାଇଁ ସ୍ୱଳ୍ପ-ମିଆଦୀ ବିତ୍ତ ଆହରଣ କରିବାର ଏପରି ଏକ ପଦ୍ଧତି ଯାହା ଦ୍ୱାରା ବ୍ୟବସାୟ ଖାତକଙ୍କ ଠାରୁ ଅସୁଲ ହେବାକୁ ଥିବା ରାଶି ବାବଦ ବ୍ୟାଙ୍କରୁ ଅଗ୍ରୀମ ଟଙ୍କା ନେଇ ପାରିବେ। ଏହି ପଦ୍ଧତି ସାହାଯ୍ୟରେ ସଂସ୍ଥା ବ୍ୟାଙ୍କକୁ ଏକ ଉଲ୍ଲିଖିତ (ନିର୍ଦ୍ଦିଷ୍ଟ) ଖର୍ଚ୍ଚ ପୈଠ ପୂର୍ବକ

ଖାତକଙ୍କ ଠାରୁ ବକେୟା ରାଶି ସଂଗ୍ରହ କରିବାର ଦାୟିତ୍ୱ ନିଜ କାନ୍ଧରୁ ଓହ୍ଲାଇ ଦେଇଥାଏ। ଏଠାରେ ବ୍ୟବସାୟ ବକେୟା ପ୍ରାପ୍ୟ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବା ବିନା ଆଗତୁରା ଟଙ୍କା ପାଇଯାଇଥାଏ। ଏହାଦ୍ୱାରା ଆହୁରି ମଧ୍ୟ ଋଣ ସଂଗ୍ରହ କରିବା ପ୍ରଚେଷ୍ଟା (ଝମେଲା)ରୁ ରକ୍ଷା ମିଳେ।

୪. ଗ୍ରାହକମାନଙ୍କଠାରୁ ଅଗ୍ରୀମ (Customers' Advances)

ସମୟ ସମୟରେ ବ୍ୟବସାୟୀମାନେ ସେମାନଙ୍କର ଗ୍ରାହକମାନଙ୍କୁ କିଛି ଟଙ୍କା ଅଗ୍ରୀମ ପୈଠ କରିବାକୁ ଦାବୀ କରିଥାନ୍ତି। ସାଧାରଣତଃ ଏହି ଦାବୀ ସେତେବେଳେ କରାଯାଏ ଯେତେବେଳେ ମାଲ୍ କ୍ରୟାଦେଶ(ବରାଦ) ର ମୂଲ୍ୟ ବହୁତ ବେଶୀ କିମ୍ବା ଆଦେଶିତ ମାଲ୍ ବହୁତ ମୂଲ୍ୟବାନ ହୋଇଥାଏ। ଗ୍ରାହକମାନଙ୍କଠାରୁ ପ୍ରାପ୍ତ ଅଗ୍ରୀମ ଭବିଷ୍ୟତର କୌଣସି ଏକ ତାରିଖରେ ବିତରଣ ହେବାକୁ ଥିବା ଉତ୍ପାଦ (ଗୁଡ଼ିକ)ର ବିକ୍ରୀ ଦାମ୍ ବାବଦ ମିଳିବାକୁ ଥିବା ପୈଠର ଏକ ଭାଗ ବୋଲି ଧରାଯାଏ। ସାଧାରଣତଃ ଗ୍ରାହକମାନେ ସେତେବେଳେ ଯାଇ ଅଗ୍ରୀମ ପୈଠ ନିମନ୍ତେ ରାଜି ହୋଇଥାନ୍ତି ଯେତେବେଳେ ପ୍ରୋକ୍ତ ଦ୍ରବ୍ୟ ବଜାରରେ ସହଜରେ ଉପଲବ୍ଧ ନ ଥାଏ କିମ୍ବା କୌଣସି ଦ୍ରବ୍ୟର ଜରୁରୀ କାଳୀନ ଆବଶ୍ୟକତା ଥାଏ। ଗୋଟିଏ ସଂସ୍ଥା ଗ୍ରାହକମାନଙ୍କଠାରୁ ଅଗ୍ରୀମ ସହାୟତାରେ ନିଜର ସ୍ୱଳ୍ପ-ମିଆଦୀ ଆବଶ୍ୟକତା ପୂରଣ କରି ପାରିଥାଏ।

୫. ଅଣ-ସଂଗଠିତ କ୍ଷେତ୍ର ଗୁଡ଼ିକରୁ ଋଣ

> ଦ୍ୱିତୀୟକ:
> **(collateral)**
> କୌଣସି ଋଣ କିମ୍ବା ଅନ୍ୟ ଦାୟ ପାଇଁ ଅମାନତ ଆକାରରେ ଗ୍ରହଣ ଯୋଗ୍ୟ ସଂପତ୍ତି

ବିତ୍ତ ଆହରଣ କରିବାର ଉପରୋକ୍ତ ପଦ୍ଧତି ଗୁଡ଼ିକ ଅତିରିକ୍ତ ବ୍ୟବସାୟୀମାନଙ୍କ ପାଖରେ ସର୍ବଦା ଅଣ-ସଂଗଠିତ କ୍ଷେତ୍ର ଗୁଡ଼ିକରୁ ଋଣ ପ୍ରାପ୍ତ କରିବାର ବିକଳ୍ପ ସ୍ୱରୂପ ସାହୁକାର (ଯାହାଙ୍କୁ ସ୍ୱଦେଶୀ ମହାଜନ କୁହାଯାଏ), ବନ୍ଧୁ ଓ ସମ୍ପର୍କୀୟମାନେ ମଧ୍ୟ ଉପଲବ୍ଧ ଥା'ନ୍ତି। ବ୍ୟବସାୟର ସ୍ୱଳ୍ପ-ମିଆଦୀ ଏବଂ ଜରୁରୀ କାଳୀନ ପାଣ୍ଠିର ଆବଶ୍ୟକତା ମେଣ୍ଟାଇବା ପାଇଁ ସେମାନଙ୍କଠାରୁ ବ୍ୟକ୍ତିଗତ ଅମାନତ କିମ୍ବା ସ୍ୱର୍ଣ୍ଣଯୋଗ୍ୟ ପରିସମ୍ପତ୍ତି ଏବଂ ବ୍ୟକ୍ତିଗତ ସମ୍ପତ୍ତିର ଅମାନତରେ ମୁଦ୍ରା ହାସଲ କରାଯାଇ ପାରିବ। ଯେହେତୁ ଅଣ-ସଂଗଠିତ କ୍ଷେତ୍ରରୁ ନିଆଯାଉଥିବା ଋଣ ଉପରେ ସୁଧର ହାର ବହୁତ ଅଧିକ, ତେଣୁ ବ୍ୟବସାୟୀମାନେ ଏହି ଉତ୍ସରୁ ଋଣ ନେବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରି ନ ଥାନ୍ତି।

୧୫.୬ ବ୍ୟାଙ୍କ ଋଣ ହାସଲ କରିବା ପାଇଁ ଆବଶ୍ୟକୀୟ ଅମାନତର ପ୍ରକାର ଭେଦ

(Types of security required for obtaining Bank Credit)

ଆମେ ଜାଣିଲୁ ଯେ ବ୍ୟାଙ୍କ କିଛି ଅମାନତ (ବନ୍ଧକ)ର ଆଧାରରେ ଋଣ ଏବଂ ଅଗ୍ରୀମ ମଞ୍ଜୁର କରିଥାଏ, ଯାହା ବ୍ୟାଙ୍କକୁ ତା'ର ଟଙ୍କା ନିରାପତ୍ତାର ସହ ଫେରସ୍ତ କରିବା ପାଇଁ ସୁନିଶ୍ଚିତ କରାଇ ଥାଏ। ବ୍ୟବସାୟର ନିଜସ୍ୱ ପ୍ରତିଷ୍ଠା ବ୍ୟତୀତ ଏହି ଅମାନତ ଋଣ ଗ୍ରହୀତାଙ୍କର ବ୍ୟକ୍ତିଗତ ଅମାନତ କିମ୍ବା କିଛି ପରିସମ୍ପତ୍ତିର ଅମାନତ ହୋଇପାରେ। ଅତଃ, ବ୍ୟାଙ୍କ୍ ଋଣ ବାବଦରେ ଅର୍ପିତ ଅମାନତ ଦୁଇ ପ୍ରକାରର ହୋଇପାରେ :

୧. ବ୍ୟକ୍ତିଗତ ଅମାନତ

୨. ପରିସମ୍ପତ୍ତିର ଅମାନତ

ବ୍ୟକ୍ତିଗତ ଅମାନତର ଅର୍ଥ ହେଉଛି ଋଣ ଗ୍ରହୀତାଙ୍କର ଋଣ ପରିଶୋଧ କରିବାର କ୍ଷମତା। ବ୍ୟାଙ୍କ ଋଣ ଗ୍ରହୀତାଙ୍କର ଋଣ ପରିଶୋଧନ କ୍ଷମତାକୁ ତାଙ୍କର ଆର୍ଥିକ ସ୍ୱଚ୍ଛଳତା ଓ ବ୍ୟାଙ୍କ ସହିତ ଅତୀତର କାରବାର

ଗୁଡ଼ିକର ଆଧାରରେ ବିଚାର କରିଥାଏ ଏବଂ ତା'ପରେ ଋଣ ମଞ୍ଜୁର କରିଥାଏ। ଯେତେବେଳେ ବ୍ୟାଙ୍କ ପରିସମ୍ପତ୍ତିର ଅମାନତ ମାଗିଥାଏ, ସେତେବେଳେ ସାଧାରଣତଃ ସ୍ୱଳ୍ପ-ମିଆଦୀ ଋଣ ପ୍ରଦାନ କରିବା ପାଇଁ ନିମ୍ନଲିଖିତ ଗୁଡ଼ିକୁ ଅମାନତ ରୂପେ ଗ୍ରହଣ କରିଥାଏ :

(କ) ଗତିଶୀଳ ଦ୍ରବ୍ୟ (Movable Goods) : ବ୍ୟାଙ୍କ ଋଣ ବାବଦରେ କଞ୍ଚାମାଲ୍ ଓ ଉତ୍ପାଦିତ ଦ୍ରବ୍ୟର ସମ୍ଭାରକୁ ବ୍ୟାଙ୍କ ଦ୍ୱାରା ଅମାନତ (ବନ୍ଧକ) ରୂପରେ ଗ୍ରହଣ କରାଯାଇଥାଏ। ଋଣ ପୈଠ କରା ନ ଯିବା ସ୍ଥିତିରେ ବ୍ୟାଙ୍କ ଉକ୍ତ ଦ୍ରବ୍ୟକୁ ବିକ୍ରି କରି ଟଙ୍କା ଆଦାୟ କରିଥାଏ।

(ଖ) ଅଂଶ (Shares) : ଯେଉଁ ଅଂଶଗୁଡ଼ିକର ମୂଲ୍ୟ ସ୍ୱୀକୃତିପ୍ରାପ୍ତ ଷ୍ଟକ୍ ଏକ୍ସଚେଞ୍ଜରେ ପ୍ରଦର୍ଶିତ ହୋଇଥାଏ, ସେଗୁଡ଼ିକୁ ବ୍ୟାଙ୍କ ଋଣ ବାବଦରେ ଅମାନତ ଆକାରରେ ଗ୍ରହଣ କରାଯାଇଥାଏ। ଏଠାରେ ଋଣ ଗ୍ରହୀତା ତାଙ୍କର ଧାରିତ ଅଂଶକୁ ବ୍ୟାଙ୍କ ସପକ୍ଷରେ ସମର୍ପଣ କରିଦେବା ଆବଶ୍ୟକ ହୋଇଥାଏ।

(ଗ) ଦ୍ରବ୍ୟର ସ୍ୱତ୍ୱାଧିକାର ଦସ୍ତାବିଜ (Documents of Title to Goods) : ଜାହାଜ ବହନ ପତ୍ର (Bill of lading), ରେଳ ରସିଦ୍, ମାଲ୍ ରସିଦ୍, ଭଣ୍ଡାର ଘର ରସିଦ୍ (Warehouse warrant) ଆଦି ହେଉଛି ବିଭିନ୍ନ ଦସ୍ତାବିଜ ଯେଉଁ ଗୁଡ଼ିକ ଦ୍ରବ୍ୟର ସ୍ୱତ୍ୱାଧିକାର ଦସ୍ତାବିଜ ରୂପରେ ସ୍ୱୀକୃତି ପାଇଥାଏ। ବ୍ୟାଙ୍କରୁ ଋଣ ପାଇବା ପାଇଁ ଋଣ ଗ୍ରହୀତା ଏ ଗୁଡ଼ିକରୁ ଯେ କୌଣସି ଦସ୍ତାବିଜକୁ ବ୍ୟାଙ୍କ ସପକ୍ଷରେ ବିଧିମତେ ପୃଷ୍ଠାଙ୍କନ କରିବା ପରେ ତା'କୁ ବ୍ୟାଙ୍କ ପାଖରେ ଜମା କରିପାରେ। ଏହା ବ୍ୟାଙ୍କକୁ ଋଣ ପରିଶୋଧ କରିବାରେ ଖିଲାପ ହେବା ସ୍ଥଳେ ମାଲ୍ର ଯଥୋଚିତ ବ୍ୟବହାର (ବିକ୍ରି ବଟ୍ଟା) କରିବାର କ୍ଷମତା ପ୍ରଦାନ କରିଥାଏ।

(ଘ) ସ୍ଥାୟୀ ଜମା ରସିଦ୍ (Fixed Deposit Receipts) : ଏହା ଗ୍ରାହକ ଦ୍ୱାରା ରଖା ଯାଇଥିବା ସ୍ଥାୟୀ ଜମାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଏକ ରସିଦ୍ ଅଟେ। ବ୍ୟାଙ୍କ ଗୁଡ଼ିକ ଏହି ରସିଦ୍‌ର ଅମାନତରେ ଋଣ ମଞ୍ଜୁର କରିଥାନ୍ତି। ବ୍ୟାଙ୍କ ଗୁଡ଼ିକ ସାଧାରଣତଃ ଏହି ରସିଦ୍‌ର ମୂଲ୍ୟର ୨୦% ପର୍ଯ୍ୟନ୍ତ ଋଣ ମଞ୍ଜୁର କରିଥାନ୍ତି।

(ଙ) ଜୀବନ ବୀମା ପଲିସି (Life Insurance Policy) : ବ୍ୟାଙ୍କ୍ ଗୁଡ଼ିକ ଜୀବନ ବୀମା ପଲିସିର ଆଧାରରେ ତା'ର ସମର୍ପଣ ମୂଲ୍ୟ (Surrender value) ପର୍ଯ୍ୟନ୍ତ ଋଣ ପ୍ରଦାନ କରିଥାନ୍ତି।

(ଚ) ରତ୍ନମଣି କିମ୍ବା ମୂଲ୍ୟବାନ୍ ଧାତୁ ସମୂହ (Jewellery or Precious metals) : ବ୍ୟକ୍ତିଗତ କିମ୍ବା ବ୍ୟାବସାୟିକ ଉଦ୍ଦେଶ୍ୟରେ ଅର୍ଥ ଋଣ କରିବା ପାଇଁ ଏହି ପ୍ରକାରର ଅମାନତ ଅର୍ପଣ କରାଯାଇପାରେ। ଏକକ ସ୍ୱତ୍ୱାଧିକାରୀ ବ୍ୟବସାୟ ଋଣ ପ୍ରାପ୍ତ କରିବା ପାଇଁ ସମୟ ସମୟରେ ରତ୍ନମଣି କିମ୍ବା ଅନ୍ୟ ମୂଲ୍ୟବାନ୍ ଧାତୁ ଅର୍ପଣ କରିଥାଏ।

(ଛ) ଅନ୍ୟ ଅମାନତ(Other Securities) : ଉପର ଲିଖିତ ପରିସମ୍ପତ୍ତି ଏବଂ ଦସ୍ତାବିଜ ବ୍ୟତୀତ ବ୍ୟାଙ୍କ୍ ଗୁଡ଼ିକ ସ୍ୱଳ୍ପ-ମିଆଦୀ ଋଣ ମଞ୍ଜୁର କରିବା ପାଇଁ ଜାତୀୟ ସଞ୍ଚୟ ପ୍ରମାଣ ପତ୍ର (N.S.C.), କିଶାନ ବିକାଶ ପତ୍ର (KVP), ସରକାରୀ ବଣ୍ଡ୍ ଗୁଡ଼ିକୁ ମଧ୍ୟ ଗ୍ରହଣ କରିଥା'ନ୍ତି।

ପାଠଗତ ପ୍ରଶ୍ନ ୧୫(ଖ)

I. ନିମ୍ନ ଲିଖିତ ପ୍ରକାର ପରିସମ୍ପତ୍ତି ଗୁଡ଼ିକର ସ୍ୱତନ୍ତ୍ର ଉଦାହରଣ ଦିଅ ଯାହା ବ୍ୟାଙ୍କ ଋଣ ହାସଲ କରିବା ପାଇଁ ଅମାନତ ରୂପରେ ଦିଆ ଯାଇପାରିବ :

(କ) ଦ୍ରବ୍ୟର ସ୍ୱତ୍ୱାଧିକାର ଦସ୍ତାବିଜ

(ଖ) ଗତିଶୀଳ ଦ୍ରବ୍ୟ

(ଗ) ରତ୍ନମଣି କିମ୍ବା ମୂଲ୍ୟବାନ୍ ଧାତୁ

II. ଏଠାରେ କେଉଁ ପ୍ରକାରର ବ୍ୟାଙ୍କ ଋଣ ସମ୍ବନ୍ଧରେ ସୂଚାଯାଇଛି:

(କ) ହିସାବଧାରୀଙ୍କୁ ବ୍ୟାଙ୍କରେ ଥିବା ତାଙ୍କର ଚଳନ୍ତି ହିସାବର ବଳକା ଜମା ରାଶି ଠାରୁ ଅଧିକ ଟଙ୍କା ଉଠାଣ କରିବାର ଅନୁମତି ଦିଆଯାଏ।

(ଖ) ବ୍ୟାଙ୍କ ଦସ୍ତାବିଜ୍‌ର ଅମାନତ ରଖି ସେଥିରୁ କିଛି ରିହାତି କାଟିବା ପରେ ଅଗ୍ରୀମ ରାଶି ପ୍ରଦାନ କରିଥାଏ।

(ଗ) ବାସ୍ତବରେ ଉଠାଣ କରାଯାଇଥିବା ରାଶି ଉପରେ ସୁଧ ବସାଯାଏ ଏବଂ ମଞ୍ଜୁରି ପ୍ରାପ୍ତ ସମୁଦାୟ ରାଶି ଉପରେ ନୁହେଁ।

(ଘ) ବ୍ୟାଙ୍କ ଦ୍ୱାରା ଏକ ଅଲଗା ହିସାବରେ (ଋଣ) ରାଶି ଦାତା (ଜମା) କରି ଦିଆଯାଏ ଏବଂ ନିର୍ବିଶେଷରେ ଋଣ ଗ୍ରହୀତାଙ୍କୁ ବାସ୍ତବରେ ଏଥିରୁ ଉଠାଇ ଥିବା ରାଶିର ସମୁଦାୟ ରାଶି ଉପରେ ସୁଧ ଦେବାକୁ ପଡ଼ିଥାଏ।

ସ୍ୱଳ୍ପ-ମିଆଦୀ ବିତ୍ତ ଆହରଣ କରିବାର ବିଭିନ୍ନ ପଦ୍ଧତି ଜାଣି ସାରିବା ପରେ ଆସ ଆମେ ଏବେ ଦୀର୍ଘ-ମିଆଦୀ ବିତ୍ତର ଆହରଣ କରିବାର ପଦ୍ଧତିଗୁଡ଼ିକ ସମ୍ବନ୍ଧରେ ଜାଣିବା।

୧୫.୭ ଦୀର୍ଘ-ମିଆଦୀ ବିତ୍ତ ଆହରଣ କରିବାର ପଦ୍ଧତି ସମୂହ

ଗୋଟିଏ ବ୍ୟବସାୟ ପାଇଁ ଦୀର୍ଘ-ମିଆଦୀ ବିତ୍ତ କେଉଁ ଉଦ୍ଦେଶ୍ୟରେ ଆବଶ୍ୟକ ହୋଇଥାଏ ତାହା ତୁମେ ଜାଣି ସାରିଛ। ଛୋଟ ଛୋଟ ସଂଗଠନରେ ଦୀର୍ଘ-ମିଆଦୀ ବିତ୍ତ ସାଧାରଣତଃ ମାଲିକଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ। କିନ୍ତୁ ଯୌଥ ପୁଞ୍ଜି କମ୍ପାନୀ ପରି ବଡ଼ ବଡ଼ ସଂଗଠନ ପାଇଁ ପାଣ୍ଠି ଆହରଣ କରିବାର ବିଭିନ୍ନ ବିକଳ୍ପ ଉପଲବ୍ଧ ଅଛି। ନିମ୍ନଲିଖିତ ଗୁଡ଼ିକ ଦୀର୍ଘ-ମିଆଦୀ ବିତ୍ତ ଆହରଣ କରିବାର ଅତି ସାଧାରଣ ଭାବେ ବ୍ୟବହୃତ ପଦ୍ଧତିମାନ ଅଟନ୍ତି:

(i) ଅଂଶ ପତ୍ରର ନିର୍ଗମନ (Issue of shares)

(ii) ଋଣ ପତ୍ରର ନିର୍ଗମନ (Issue of Debentures)

(iii) ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ଋଣ (Loans from financial institutions)

(iv) ସର୍ବସାଧାରଣ ଜମା (Public Deposits)

(v) ଲାଭର ସଞ୍ଚୟ (Retention or profit)

(vi) ପଟ୍ଟା ବିତ୍ତାୟନ (Lease Financing)

(vii) ବିଦେଶୀ ନିବେଶ (Foreign Investment)

ଆସ, ଏଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ।

୧୫.୭.୧ ଅଂଶ ପତ୍ରର ନିର୍ଗମନ (Issue of Shares)

ଅଂଶ ହେଉଛି ସେହି କ୍ଷୁଦ୍ରତମ ଏକକ ଯେଉଁଥିରେ କମ୍ପାନୀର ମୋଟ ପୁଞ୍ଜି ବିଭାଜିତ ହୋଇଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଗୋଟିଏ କମ୍ପାନୀ ଅଂଶପତ୍ରର ନିର୍ଗମନ ପୂର୍ବକ ସର୍ବସାଧାରଣଙ୍କ ଠାରୁ **50** କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିବାକୁ ନିଷ୍ପତ୍ତି ନିଏ, ସେତେବେଳେ ଏହା ତା'ର ପୁଞ୍ଜିକୁ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ମୂଲ୍ୟର କେତୋଟି ଏକକରେ ବିଭକ୍ତ କରିପାରେ, ମନେକର ପ୍ରତ୍ୟେକ **Rs. 10/-** କିମ୍ବା **Rs. 100/-** । ଏହି ଏକକ ଗୁଡ଼ିକୁ ବ୍ୟକ୍ତିଗତ ଭାବେ ତା'ର ଅଂଶ ବୋଲି କୁହାଯାଏ । ପ୍ରତ୍ୟେକ ଅଂଶର ମୂଲ୍ୟ ଏବଂ ନିର୍ଗମିତ ହେବାକୁ ଥିବା ଅଂଶ ଗୁଡ଼ିକର ସଂଖ୍ୟା ସ୍ଥିର କରି ସାରିବା ପରେ, କମ୍ପାନୀ ସର୍ବସାଧାରଣଙ୍କୁ ତା'ର ଅଂଶ କିଣିବାକୁ ଆମନ୍ତ୍ରଣ କରେ । ତା' ପରେ ବିନିଯୋଗକାରୀ ସର୍ବସାଧାରଣ ସେମାନଙ୍କର ସାମର୍ଥ୍ୟମତେ ଅଂଶ କ୍ରୟ କରିଥା'ନ୍ତି । ଯେଉଁ ବିନିଯୋଗକାରୀମାନେ ଅଂଶ କ୍ରୟ କରିଥା'ନ୍ତି କିମ୍ବା ଅଂଶପତ୍ରରେ ଅର୍ଥରାଶି ବିନିଯୋଗ କରିଥା'ନ୍ତି ସେମାନଙ୍କୁ ଅଂଶଧାରୀ କୁହାଯାଏ । ସେମାନେ ସେମାନଙ୍କର ବିନିଯୋଗ (ନିବେଶ) ଉପରେ ପ୍ରତିଫଳ ସ୍ୱରୂପ ଲାଭାଂଶ ପାଇଥା'ନ୍ତି ।

ତୁମେ ଜାଣ ଯେ ବିନିଯୋଗକାରୀମାନଙ୍କର ଅଭ୍ୟାସ ଓ ସ୍ୱଭାବ ଭିନ୍ନ ଭିନ୍ନ ହୋଇଥାଏ । କେତେକ ନିବେଶକ କମ୍ ଆଶଙ୍କାଗ୍ରସ୍ତ ହେବାକୁ ଚାହାଁନ୍ତି ଏବଂ ନିୟମିତ ଆୟରେ ଆଗ୍ରହୀ ଥା'ନ୍ତି, ଯେତେବେଳେ କି ଅନ୍ୟ ନିବେଶକମାନେ ଭବିଷ୍ୟତରେ ଅଧିକ ଲାଭ ପାଇବା ଆଶାରେ ଅଧିକ ବିପଦ /ଆଶଙ୍କା (Risk) ର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥା'ନ୍ତି । ବିଭିନ୍ନ ପ୍ରକାର ଲୋକଙ୍କ ସଞ୍ଚୟକୁ ପ୍ରାପ୍ତ କରିବା ପାଇଁ ଏକ କମ୍ପାନୀ ଦୁଇ ପ୍ରକାରର ଅଂଶପତ୍ରର ପ୍ରଚଳନ କରିପାରେ, ଯଥା: (କ) ସମତା ବା ସାଧାରଣ ଅଂଶ, ଏବଂ (ଖ) ଅଗ୍ରାଧିକାରଯୁକ୍ତ ଅଂଶ ।

(କ) ସମତା ବା ସାଧାରଣ ଅଂଶ (Equity Shares)

ସମତା ଅଂଶ ହେଉଛି ସେହି ଅଂଶ ଯାହାକୁ ଲାଭାଂଶ ପ୍ରାପ୍ତ କରିବା କିମ୍ବା ପୁଞ୍ଜି ଫେରସ୍ତ ପାଇବାରେ କୌଣସି ଅଗ୍ରାଧିକାର (Preferential right) ମିଳି ନ ଥାଏ । ସମତା ଅଂଶଧାରୀମାନେ ଅଗ୍ରାଧିକାର ଅଂଶ ଉପରେ ଲାଭାଂଶ ପ୍ରଦାନ କରାଯିବା ପରେ କେବଳ ଲାଭାଂଶ ପ୍ରାପ୍ତ କରିଥାନ୍ତି । ସମତା ଅଂଶଧାରୀମାନଙ୍କ ପାଇଁ ଲାଭାଂଶର କୌଣସି ନିର୍ଦ୍ଦିଷ୍ଟ ହାର ନ ଥାଏ । ଲାଭାଂଶର ହାର ବଳକା ଲାଭ ଉପରେ ନିର୍ଭର କରେ । ଭଲ ଲାଭ ହେବା ସ୍ଥଳେ କମ୍ପାନୀ ସମତା ଅଂଶଧାରୀମାନଙ୍କୁ ଉଚ୍ଚ ହାରରେ ଲାଭାଂଶ ପ୍ରଦାନ କରେ । ପୁନଶ୍ଚ, କୌଣସି କମ୍ପାନୀର ଅବସାନ କ୍ଷେତ୍ରରେ ଅନ୍ୟ ସମସ୍ତଙ୍କର ଦାବୀ (ପ୍ରାପ୍ୟ) ଫେରସ୍ତ କରି ସାରିବା ପରେ କେବଳ ସମତା ଅଂଶ ପୁଞ୍ଜି ଫେରସ୍ତ କରାଯାଏ । ପ୍ରକୃତରେ ସେମାନଙ୍କୁ କମ୍ପାନୀର ମାଲିକ ବୋଲି କୁହାଯାଏ ଯେଉଁମାନେ ନିଜର ପ୍ରାପ୍ତ ମତଦାନ ଅଧିକାର ବଳରେ ସେମାନଙ୍କର କର୍ତ୍ତୃତ୍ୱ ଜାହିର କରିଥାନ୍ତି । ଏହି ଅଂଶ ନିର୍ଗମନ ଦ୍ୱାରା ସଂଗୃହୀତ ରାଶିକୁ ସମତା /ସାଧାରଣ ଅଂଶ ପୁଞ୍ଜି କୁହାଯାଏ । ଏହାକୁ ମାଲିକାନାସ୍ୱତ୍ୱ ପୁଞ୍ଜି କିମ୍ବା ମାଲିକଙ୍କ ପାଣ୍ଠି ମଧ୍ୟ କୁହାଯାଏ ।

ଟିପ୍ପଣୀ

ଅଂଶର ବୈଶିଷ୍ଟ୍ୟ

୧. ଏହା କମ୍ପାନୀର ପୁଞ୍ଜିର ଏକ ଏକକ ଅଟେ।

୨. ପ୍ରତ୍ୟେକ ଅଂଶର ଏକ ନିର୍ଦ୍ଦିଷ୍ଟ ମୁଦ୍ରିତ ମୂଲ୍ୟ ଥାଏ।

୩. ଅଂଶର ମୁଦ୍ରିତ ମୂଲ୍ୟ କମ୍ପାନୀରେ ଅଂଶଧାରୀଙ୍କର ସ୍ୱାର୍ଥ ଏବଂ ତାଙ୍କ ଦାୟର ସୀମା ଦର୍ଶାଇ ଥାଏ।

୪. ଅଂଶ ଗୁଡ଼ିକ ସହଜରେ ହସ୍ତାନ୍ତରିତ କରାଯାଇପାରେ।

ସମତା ଅଂଶର ଉତ୍କର୍ଷତା /ଗୁଣାବଳୀ

ଅଂଶଧାରୀଙ୍କ ଦୃଷ୍ଟି କୋଣରୁ

- ସମତା ଅଂଶଧାରୀ ମାନେ କମ୍ପାନୀର ମାଲିକ ଅଟନ୍ତି।
- ଏହା ସେହି ମାନଙ୍କ ପାଇଁ ଉପଯୁକ୍ତ ଯେଉଁମାନେ ଉଚ୍ଚ ପ୍ରତିଫଳ ପାଇଁ ସମ୍ଭାବ୍ୟ ବିପଦ (Risk) ବରଣ କରିବାକୁ ପ୍ରସ୍ତୁତ ଥାନ୍ତି।
- ପ୍ରତିଷ୍ଠାନର ଲାଭରେ ବୃଦ୍ଧି ହେବା ସହିତ ପ୍ରତିଭୂତି ବଜାର (stock market) ରେ ସମତା ଅଂଶର ମୂଲ୍ୟର ବୃଦ୍ଧି ଘଟିଥାଏ।
- ସମତା ଅଂଶ ଗୁଡ଼ିକୁ ପ୍ରତିଭୂତି ବଜାରରେ ସହଜରେ ବିକ୍ରୀ କରାଯାଇପାରେ।
- ଅଂଶଧାରୀ ମାନଙ୍କର ଦେୟ ନିଜ ନିଜ ଅଂଶର ମୁଦ୍ରିତ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ଥାଏ।
- ସମତା ଅଂଶଧାରୀ ମାନଙ୍କର କମ୍ପାନୀର ପରିଚାଳନା ଉପରେ ନିୟନ୍ତ୍ରଣ ଥାଏ ଯେହେତୁ ସେମାନଙ୍କଠାରେ ମତଦାନ ଅଧିକାର ନ୍ୟସ୍ତ ଥାଏ।

ପରିଚାଳନା ଦୃଷ୍ଟି କୋଣରୁ

- ଏକ କମ୍ପାନୀ ତା'ର ସ୍ଥାୟୀ ପରିସମ୍ପତ୍ତି ଉପରେ କୌଣସ ପ୍ରଭାର ସୃଷ୍ଟି କରିବା ବିନା ସମତା ଅଂଶ ନିର୍ଗମନ କରି ପୁଞ୍ଜି ସଂଗ୍ରହ କରିପାରେ।
- ସମତା ଅଂଶ ଗୁଡ଼ିକର ନିର୍ଗମନ ଦ୍ୱାରା ସଂଗୃହୀତ ପୁଞ୍ଜି କମ୍ପାନୀର ଜୀବନ କାଳ ମଧ୍ୟରେ ଫେରସ୍ତ କରିବା ଆବଶ୍ୟକ ନଥାଏ। ଏହା କମ୍ପାନୀର ଅବସାନ ସମୟରେ କେବଳ ଫେରସ୍ତ ହୋଇଥାଏ।
- କମ୍ପାନୀ ସମତା ଅଂଶ ଉପରେ ଲାଭାଂଶ ପ୍ରଦାନ କରିବା ପାଇଁ ବାଧ୍ୟ ନୁହେଁ। ଯଦି କେବଳ ପର୍ଯ୍ୟାପ୍ତ ଲାଭ ହୋଇଥାଏ ତେବେ ଯାଇ କମ୍ପାନୀ ଲାଭାଂଶ ଘୋଷଣା କରିପାରେ।
- ଯଦି କମ୍ପାନୀ ସମତା ଅଂଶର ନିର୍ଗମନ ଦ୍ୱାରା ଅଧିକ ପୁଞ୍ଜି ସଂଗ୍ରହ କରିଥାଏ, ତେବେ ଏହା ମହାଜନ (ଋଣ ଦାତା)ଙ୍କ ମଧ୍ୟରେ ଅଧିକ ଆତ୍ମବିଶ୍ୱାସ ଜନ୍ମାଇଥାଏ।



ଟିପ୍ପଣୀ

ସମତା ଅଂଶର ସୀମାବଦ୍ଧତା

ଅଂଶଧାରୀଙ୍କ ଦୃଷ୍ଟି କୋଣରୁ

- ସମତା ଅଂଶଧାରୀମାନେ କେବଳ ସେତେବେଳେ ଲାଭାଂଶ ପାଆନ୍ତି, ଯେତେବେଳେ କମ୍ପାନୀ ଯଥେଷ୍ଟ ଲାଭୋପାର୍ଜନ କରିଥାଏ । ଲାଭାଂଶ ଘୋଷଣା କରିବା ନିଷ୍ପତ୍ତି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ହାତରେ ନ୍ୟସ୍ତ ଥାଏ ।
- ସମତା ଅଂଶରେ ବହୁତ ଅଧିକ ସଟ୍ଟାବାଜୀ / ଫଟକାବାଜୀ (Speculation) ହୋଇଥାଏ । ଏହା ନିର୍ଦ୍ଦିଷ୍ଟ ଭାବରେ ବ୍ୟାବସାୟିକ ତେଜ ସମୟରେ ହୋଇଥାଏ, ଯେତେବେଳେ କମ୍ପାନୀର ଲାଭପ୍ରଦତ୍ତା ଅଧିକ ଥାଏ ।
- ସମତା ଅଂଶଧାରୀମାନେ ଅତି ଅଧିକ ମାତ୍ରାରେ ସମ୍ଭାବ୍ୟ ବିପଦ (ଆଶଙ୍କା)ର ଭାର ଉଠାଇଥାନ୍ତି । କ୍ଷତି ହେବା ସ୍ଥଳେ ସେମାନେ ଲାଭାଂଶ ପାଆନ୍ତି ନାହିଁ ଏବଂ କମ୍ପାନୀର ଅବସାନ ସ୍ଥଳେ ସେମାନେ ସେମାନଙ୍କର ବିନିଯୁକ୍ତ ରାଶିର ଫେରସ୍ତ ସବା ଶେଷରେ ପାଆନ୍ତି । ପ୍ରକୃତରେ ସମତା ଅଂଶଗୁଡ଼ିକ କମ୍ପାନୀର ଭାଗ୍ୟ ସହିତ ପହଁରି ଥାଏ ଏବଂ ବୁଡ଼ି ଥାଏ ।

ପରିଚାଳନା ଦୃଷ୍ଟି କୋଣରୁ

- ସମତା ଅଂଶ ଗୁଡ଼ିକର ନିର୍ଗମନ ଦ୍ୱାରା ପାଣ୍ଠି ସଂଗ୍ରହ କରିବାରେ ପଦ୍ଧତିଗତ ବିଳମ୍ବ ହୋଇଥାଏ କାରଣ ଏଥିପାଇଁ ଅନେକଗୁଡ଼ିଏ ଆଇନଗତ ଔପଚାରିକତାର ଆବଶ୍ୟକ ହୋଇଥାଏ । ଆହୁରି ମଧ୍ୟ ସମତା ଅଂଶ ଜରିଆରେ ପୁଞ୍ଜି ସଂଗ୍ରହ କରିବାର ପରିବ୍ୟୟ ଋଣ ସଂଗ୍ରହ କରିବାର ପରିବ୍ୟୟ ତୁଳନାରେ ଅଧିକ ।
- ଯେହେତୁ ସମତା ଅଂଶଧାରୀମାନଙ୍କର ମତଦାନ ଅଧିକାର ଥାଏ, ତେଣୁ ଭୋଟ ହାତେଇବା ପାଇଁ ଏବଂ କମ୍ପାନୀର ନିୟନ୍ତ୍ରଣକୁ ହାତ ମୁଠାରେ ରଖିବା ପାଇଁ ସଂଘ ଗଠନ ହୋଇଥାଏ । ଏପରି ହେବା ଦ୍ୱାରା ସ୍ୱାର୍ଥ ସ୍ୱାର୍ଥ ମଧ୍ୟରେ ସଂଘର୍ଷ ଉତ୍ପନ୍ନ ହୋଇପାରେ ଯାହାକି କମ୍ପାନୀର ସୁଚାରୁ ସଂଚାଳନ ପାଇଁ କ୍ଷତିକାରକ ହୋଇଥାଏ ।

(ଖ) ଅଗ୍ରାଧିକାର ଯୁକ୍ତ ଅଂଶ (Preference shares)

ଅଗ୍ରାଧିକାର ଅଂଶ ହେଉଛି ସେହି ଅଂଶ ଯାହା ଲାଭାଂଶ ପ୍ରାପ୍ତି ଏବଂ ପୁଞ୍ଜି ଫେରସ୍ତ ପରିପ୍ରେକ୍ଷୀରେ ଅଗ୍ରାଧିକାର ବହନ କରିଥାଏ । ସମତା ଅଂଶ ଉପରେ କୌଣସି ଲାଭାଂଶ ପ୍ରଦାନ କରିବା ପୂର୍ବରୁ ଅଗ୍ରାଧିକାରଯୁକ୍ତ ଅଂଶ ଉପରେ ନିଶ୍ଚିତ ଭାବେ ଏକ ନିର୍ଦ୍ଦିଷ୍ଟ (ସ୍ଥିରୀକୃତ) ହାରରେ ଲାଭାଂଶ ପ୍ରଦାନ କରାଯାଇ ଥାଏ । ତେବେ ଏହି ଲାଭାଂଶ କେବଳ ସେତେବେଳେ ପୈଠ କରାଯିବ ଯେତେବେଳେ ଲାଭ ହୋଇଥିବ । ପୁନଶ୍ଚ, କମ୍ପାନୀର ଅବସାନ ହେବା ସମୟରେ ଅଗ୍ରାଧିକାରଯୁକ୍ତ ଅଂଶର ଧାରକମାନେ ସମତା ଅଂଶଧାରୀଙ୍କୁ କିଛି ବି ପୈଠ ହେବା ପୂର୍ବରୁ ସେମାନଙ୍କର ପୁଞ୍ଜିର ଫେରସ୍ତ ପାଇବେ । ଅଗ୍ରାଧିକାରଯୁକ୍ତ ଅଂଶର ଧାରକମାନଙ୍କ କୌଣସି ମତଦାନ ଅଧିକାର ନାହିଁ । ତେଣୁ ସେମାନେ କମ୍ପାନୀର ପରିଚାଳନାରେ ଅଂଶଗ୍ରହଣ କରି ପାରିବେ ନାହିଁ । କମ୍ପାନୀ ପକ୍ଷରେ ଅଗ୍ରାଧିକାରଯୁକ୍ତ ଅଂଶଗୁଡ଼ିକର ନିର୍ଗମନ (ପ୍ରଚଳନ) କରିବା ବାଧ୍ୟତାମୂଳକ ନୁହେଁ ।

ଅଗ୍ରାଧିକାର ଯୁକ୍ତ ଅଂଶର ପ୍ରକାର ଭେଦ

ଏକ କମ୍ପାନୀ ନିକଟରେ ବିଭିନ୍ନ ପ୍ରକାର ଅଗ୍ରାଧିକାରଯୁକ୍ତ ଅଂଶ ନିର୍ଗମନ କରିବାର ବିକଳ୍ପ ଅଛି। ଆସ ଦେଖିବା ଯେ ଗୋଟିଏ କମ୍ପାନୀ କେଉଁ କେଉଁ ବିଭିନ୍ନ ପ୍ରକାରର ଅଗ୍ରାଧିକାରଯୁକ୍ତ ଅଂଶର ନିର୍ଗମନ କରିପାରେ।

(i) ପରିବର୍ତ୍ତନଶୀଳ ଏବଂ ଅଣ-ପରିବର୍ତ୍ତନଶୀଳ ଅଗ୍ରାଧିକାର ଯୁକ୍ତ ଅଂଶ

ଯେଉଁ ଅଗ୍ରାଧିକାରଯୁକ୍ତ ଅଂଶଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟାବଧି ପରେ ସମତା ଅଂଶକୁ ରୂପାନ୍ତରିତ କରାଯାଇପାରେ ସେଗୁଡ଼ିକୁ ପରିବର୍ତ୍ତନଶୀଳ ଅଗ୍ରାଧିକାର ଯୁକ୍ତ ଅଂଶ କୁହାଯାଏ। ଅନ୍ୟଥା, ଏହାକୁ ଅଣ-ପରିବର୍ତ୍ତନଶୀଳ ଅଗ୍ରାଧିକାର ଯୁକ୍ତ ଅଂଶ କୁହାଯାଏ।

(ii) ପୁଞ୍ଜିଭୁତ ଏବଂ ଅଣ-ପୁଞ୍ଜିଭୁତ ଅଗ୍ରାଧିକାର ଯୁକ୍ତ ଅଂଶ

ପୁଞ୍ଜିଭୁତ ଅଗ୍ରାଧିକାରଯୁକ୍ତ ଅଂଶରେ ଅପୈଠ /ଅଦତ୍ତ (ଦିଆ ଯାଇ ନଥିବା) ଲାଭାଂଶ ଜମା ହୋଇ ରହେ ଏବଂ ଆଗାମୀ ବର୍ଷ ମାନଙ୍କରେ ପୈଠ କରିବା ନିମନ୍ତେ ନିଆ ଯାଇଥାଏ। ଅନ୍ୟ ପକ୍ଷରେ, ଅଣପୁଞ୍ଜିଭୁତ ଅଗ୍ରାଧିକାରଯୁକ୍ତ ଅଂଶରେ ଯଦି ଚଳିତ ବର୍ଷର ଲାଭରୁ ଲାଭାଂଶ ପ୍ରଦାନ କରା ଯାଇନାହିଁ, ତେବେ ତାହା ଜମା (ସଞ୍ଚିତ) ହୋଇ ରହେ ନାହିଁ।

(iii) ଅଂଶଗ୍ରହଣକାରୀ ଏବଂ ଅଣ-ଅଂଶଗ୍ରହଣକାରୀ ଅଗ୍ରାଧିକାର ଯୁକ୍ତ ଅଂଶ

ଅଂଶଗ୍ରହଣକାରୀ ଅଗ୍ରାଧିକାର ଯୁକ୍ତ ଅଂଶ ଗୁଡ଼ିକର ସମତା ଅଂଶ ଉପରେ ଲାଭାଂଶ ପ୍ରଦାନ କରି ସାରିବା ପରେ ଅବଶିଷ୍ଟ ଲାଭରେ ଭାଗ ବସାଇବାର ଅଧିକାର ରହିଛି। ଅଣ-ଅଂଶଗ୍ରହଣକାରୀ ଅଗ୍ରାଧିକାର ଯୁକ୍ତ ଅଂଶ ଗୁଡ଼ିକର ଏଭଳି ଅଧିକାର ନାହିଁ।

(iv) ପରିଶୋଧନୀୟ ଏବଂ ଅପରିଶୋଧନୀୟ ଅଗ୍ରାଧିକାର ଯୁକ୍ତ ଅଂଶ

ଯେଉଁ ଅଗ୍ରାଧିକାରଯୁକ୍ତ ଅଂଶ ଗୁଡ଼ିକର ପରିପକ୍ୱତା ତାରିଖ ନିର୍ଦ୍ଦିଷ୍ଟ ହୋଇଥାଏ, ସେଗୁଡ଼ିକୁ ପରିଶୋଧନୀୟ ଅଗ୍ରାଧିକାର ଯୁକ୍ତ ଅଂଶ କୁହାଯାଏ। ଏଠାରେ କମ୍ପାନୀ ଏକ ନିର୍ଦ୍ଦିଷ୍ଟ ଅବଧି ଅତିକ୍ରାନ୍ତ ହେବା ପରେ ତତ୍କ୍ଷଣାତ୍ ଅଗ୍ରାଧିକାର ଯୁକ୍ତ ଅଂଶଧାରୀମାନଙ୍କୁ ସେମାନଙ୍କର ବିନିଯୁକ୍ତ ରାଶିକୁ ଫେରସ୍ତ କରିଦେବାର ବଚନ ଦେଇଥାଏ। ଯେଉଁ କ୍ଷେତ୍ରରେ କମ୍ପାନୀର ଅବସାନ ସମୟରେ କେବଳ ଅଗ୍ରାଧିକାରଯୁକ୍ତ ଅଂଶଗୁଡ଼ିକର ରାଶି ଫେରସ୍ତ ହୁଏ, ସେଗୁଡ଼ିକୁ ଅପରିଶୋଧନୀୟ ଅଗ୍ରାଧିକାର ଯୁକ୍ତ ଅଂଶ କୁହାଯାଏ।

ସମତା ଅଂଶ ଓ ଅଗ୍ରାଧିକାର ଯୁକ୍ତ ଅଂଶ ମଧ୍ୟରେ ପାର୍ଥକ୍ୟ

ଆମେ ସମତା ଓ ଅଗ୍ରାଧିକାର ଯୁକ୍ତ ଅଂଶ ଗୁଡ଼ିକର ଅର୍ଥ ଓ ବିଶେଷତ୍ୱ ବିଷୟରେ ପଢ଼ି ସାରିଛେ। ବର୍ତ୍ତମାନ ଆସ, ଏ ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟମାନ ଦେଖିବା।

ପାର୍ଥକ୍ୟର ଆଧାର	ସମତା ଅଂଶ	ଅଗ୍ରାଧିକାରଯୁକ୍ତ ଅଂଶ
(i) ଚୟନ	ଏହି ଅଂଶ ପତ୍ରର ନିର୍ଗମନ ବାଧ୍ୟତାମୂଳକ ଅଟେ।	ଏହି ଅଂଶ ପତ୍ରର ନିର୍ଗମନ ବାଧ୍ୟତାମୂଳକ ନୁହେଁ।
(ii) ଲାଭାଂଶ ପ୍ରଦାନ	ଏହି ଅଂଶଗୁଡ଼ିକ ଉପରେ ଲାଭାଂଶର ପୈଠ କେବଳ ଅଗ୍ରାଧିକାରଯୁକ୍ତ ଅଂଶଗୁଡ଼ିକ ଉପରେ ଲାଭାଂଶର ପୈଠ କରି ସାରିବା ପରେ କରାଯାଏ।	ଏହି ଅଂଶ ଗୁଡ଼ିକ ଉପରେ ଲାଭାଂଶର ପୈଠ ସମତା ଅଂଶ ପୂର୍ବରୁ କରାଯାଏ।
(iii) ପୁଞ୍ଜିର ଫେରସ୍ତ	କମ୍ପାନୀର ଅବସାନ କ୍ଷେତ୍ରରେ ସମତା ଅଂଶ ପୁଞ୍ଜିର ଫେରସ୍ତ କେବଳ ଅଗ୍ରାଧିକାର ଯୁକ୍ତ ଅଂଶ ପୁଞ୍ଜିର ଫେରସ୍ତ ପରେ କରାଯାଏ।	କମ୍ପାନୀର ଅବସାନ କ୍ଷେତ୍ରରେ ପୁଞ୍ଜିର ଫେରସ୍ତ ସମତା ଅଂଶ ପୁଞ୍ଜିର ଫେରସ୍ତ ହେବା ପୂର୍ବରୁ କରାଯାଏ।
(iv) ମତଦାନ ଅଧିକାର	ସମତା ଅଂଶଧାରୀ ମାନଙ୍କର ମତଦାନ ଅଧିକାର ଅଛି।	ଅଗ୍ରାଧିକାରଯୁକ୍ତ ଅଂଶଧାରୀ ମାନଙ୍କର ମତଦାନ ଅଧିକାର ନାହିଁ।
(v) ଲାଭାଂଶର ଜମା (ସଞ୍ଚୟ)	ସମତା ଅଂଶଗୁଡ଼ିକ ଉପରେ ଲାଭାଂଶ ପୁଞ୍ଜିଭୁତ ହୁଏ ନାହିଁ ଏବଂ ସେଥିପାଇଁ ତାହା ପରବର୍ତ୍ତୀ ବର୍ଷ ଗୁଡ଼ିକୁ ନିଆଯାଏ ନାହିଁ।	ପୁଞ୍ଜିଭୁତ ଅଗ୍ରାଧିକାର ଯୁକ୍ତ ଅଂଶ କ୍ଷେତ୍ରରେ ଅଦତ୍ତ ଲାଭାଂଶ ପୁଞ୍ଜିଭୁତ (ଠୁଳ) ହୋଇ ରହେ ଏବଂ ଆଗାମୀ ବର୍ଷଗୁଡ଼ିକରେ ପୈଠ ନିମନ୍ତେ ନିଆଯାଏ।

ଏହା ଜାଣି ରଖିବା ଯୋଗ୍ୟ ଯେ କମ୍ପାନୀ ସମୂହକୁ ଅଂଶ ପତ୍ରର ନିର୍ଗମନ କଲାବେଳେ କମ୍ପାନୀ ଆଇନ୍ ଅନୁସାରେ ଅନୁମୋଦିତ ପଦ୍ଧତି ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ଼ (ସେବି) ଦ୍ୱାରା ଜାରି ହୋଇଥିବା ମାର୍ଗ ନିର୍ଦ୍ଦେଶିକା ଅନୁସରଣ କରିବାକୁ ହୋଇଥାଏ।

ତୁମେ ସମତା ଅଂଶ ଓ ଅଗ୍ରାଧିକାର ଯୁକ୍ତ ଅଂଶ ସମ୍ବନ୍ଧରେ ଶିଖିଲ। ବର୍ତ୍ତମାନ ଆସ ଆମେ ଋଣ ପତ୍ର ସମ୍ବନ୍ଧରେ ଶିଖିବା।

୧୫.୭.୨ ଋଣ ପତ୍ରର ନିର୍ଗମନ (Issue of Debentures)

କମ୍ପାନୀମାନେ ଋଣ ପତ୍ରର ନିର୍ଗମନ ଦ୍ୱାରା ଦୀର୍ଘ-ମିଆଦୀ ବିତ୍ତ ସଂଗ୍ରହ କରି ପାରିବେ ଯାହା ଏକ ନିର୍ଦ୍ଦିଷ୍ଟ ସୁଧର ହାର ରୂପରେ ବିନିଯୋଗକାରୀ ମାନଙ୍କ ପାଇଁ ଏକ ସୁନିଶ୍ଚିତ ପ୍ରତିଲାଭ (ଆୟ)ର ହାର ବହନ କରିଥାଏ। ଏହାକୁ କମ୍ପାନୀର ଋଣ ପୁଞ୍ଜି ବା ଉଧାର ପୁଞ୍ଜି କୁହାଯାଏ। ଋଣପତ୍ର ହେଉଛି ଉଧାର ନିଆ ଯାଇଥିବା ରାଶିର ଏକ ଲିଖିତ ପାଉତି ଅଟେ। ଏଥିରେ ନିୟମ ଓ ସର୍ତ୍ତାବଳୀ ଯଥା ସୁଧର ହାର, ପରିଶୋଧର ସମୟ, ଅର୍ପିତ ଅମାନତ (ବନ୍ଧକ), ଇତ୍ୟାଦି ଉଲ୍ଲେଖ ଥାଏ। ଏଗୁଡ଼ିକ ସର୍ବସାଧାରଣଙ୍କୁ ସେମାନଙ୍କର ଅଭିଦାନ ନିମନ୍ତେ ଠିକ୍ ସେହି ଧାରାରେ ଅର୍ପିତ ହୋଇଥାଏ, ଯେପରି ଅଂଶ ପତ୍ର କ୍ଷେତ୍ରରେ କରାଯାଇଥାଏ।

ଋଣ ପତ୍ରଧାରୀମାନେ କମ୍ପାନୀର ମହାଜନ (ଉଧାର ଦାତା) ଅଟନ୍ତି ଏବଂ ସେମାନେ କମ୍ପାନୀର ଲାଭୋପାର୍ଜନ ନିର୍ବିଶେଷରେ ସୁଧ ପାଇବାକୁ ହକ୍‌ଦାର ଅଟନ୍ତି । ସେମାନଙ୍କର କୌଣସି ମତଦାନ ଅଧିକାର ନାହିଁ । ତେଣୁ ସେମାନେ କମ୍ପାନୀର ଦୈନନ୍ଦିନ ପରିଚାଳନାରେ ହସ୍ତକ୍ଷେପ କରନ୍ତି ନାହିଁ । ସାଧାରଣତଃ ଋଣ ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ (Secured) ହୋଇଥାଏ । ଯଦି କମ୍ପାନୀ ଋଣ ପତ୍ର ଉପରେ ସୁଧ ପ୍ରଦାନ କରିବାରେ କିମ୍ବା ମୂଳଧନ ରାଶି ପରିଶୋଧ କରିବାରେ ଅସଫଳ ହୁଏ, ତେବେ ଋଣପତ୍ରଧାରୀମାନେ କମ୍ପାନୀର ପରିସମ୍ପତ୍ତି ଗୁଡ଼ିକର ବିକ୍ରୀ କରି ଏହା ଆଦାୟ କରିପାରିବେ ।

ଋଣ ପତ୍ରର ଗୁଣାବଳୀ / ଉପକାରିତା (Merits of Debentures)

(କ) ଋଣପତ୍ର ଗୁଡ଼ିକ ସୁରକ୍ଷିତ ଋଣ ଅଟେ । କମ୍ପାନୀର ଅବସାନ ହେବା ସ୍ଥଳେ ସମତା ଓ ଅଗ୍ରାଧିକାର ଯୁକ୍ତ ଅଂଶଧାରୀମାନଙ୍କୁ କୌଣସି ପୈଠ କରାଯିବା ପୂର୍ବରୁ ପ୍ରଥମେ ସେଗୁଡ଼ିକର ପରିଶୋଧ କରାଯାଇଥାଏ ।

(ଖ) ଲାଭର ନିର୍ବିଶେଷରେ ଋଣପତ୍ରଧାରୀମାନେ ନିଶ୍ଚିତ ପ୍ରତିଫଳ (ଆୟ) ପାଇଥାନ୍ତି ।

(ଗ) ଯେତେବେଳେ କମ୍ପାନୀର ଭଲ ଲାଭୋପାର୍ଜନ ହୋଇଥାଏ, ସେତେବେଳେ ଋଣପତ୍ରର ନିର୍ଗମନ ଦ୍ୱାରା କମ୍ପାନୀ ତା'ର ସମତା ଅଂଶଧାରୀମାନଙ୍କୁ ଉଚ୍ଚ ହାରରେ ପ୍ରତିଫଳ (ଆୟ) ଦେବାରେ ସକ୍ଷମ ହୋଇଥାଏ । ଏହାକୁ ସମତା ଉପରେ ବ୍ୟାପାର (Trading on Equity) କୁହାଯାଏ ।

(ଘ) ଋଣପତ୍ରଧାରୀ ମାନଙ୍କର ମତ ଦାନ କରିବାର କିମ୍ବା କମ୍ପାନୀର ପରିଚାଳନାରେ ଭାଗ ନେବାର ଅଧିକାର ନଥାଏ । ତେଣୁ ଋଣପତ୍ରର ନିର୍ଗମନ ଦ୍ୱାରା କମ୍ପାନୀ ତା'ର ପରିଚାଳନା ଉପରେ ଥିବା ନିୟନ୍ତ୍ରଣକୁ ପ୍ରଭାବିତ କରିବା ବିନା ଅତିରିକ୍ତ ପୁଞ୍ଜି ସଂଗ୍ରହ କରି ପାରିଥାଏ ।

(ଙ) ଋଣ ପତ୍ର ଉପରେ ପୈଠ କରାଯାଉଥିବା ସୁଧ ଏକ ଖର୍ଚ୍ଚ ହିସାବରେ ଧରାଯାଏ ଏବଂ ଏହାକୁ କମ୍ପାନୀର ଲାଭ ଉପରେ ପ୍ରଭାରିତ କରାଯାଏ । ଏହି ଭଳି ଭାବେ କମ୍ପାନୀ ଆୟକର ବଞ୍ଚାଇ ଥାଏ ।

ଋଣପତ୍ରର ସୀମାବଦ୍ଧତା (Limitations of Debentures)

(କ) ଯଦି କମ୍ପାନୀର ଉପାର୍ଜନ ଅନିଶ୍ଚିତ ଏବଂ ପୂର୍ବାନୁମାନ ସମ୍ଭବ ନୁହେଁ, ତେବେ ଋଣପତ୍ରର ନିର୍ଗମନ ଏହା ଉପରେ ସୁଧ ପ୍ରଦାନ ଏବଂ ମୂଳଧନ ପରିଶୋଧ କରିବାର ଧାର୍ଯ୍ୟ ଦାୟବଦ୍ଧତା କାରଣରୁ କମ୍ପାନୀ ସମ୍ମୁଖରେ ସାଂଘାତିକ ସମସ୍ୟାମାନ ଉତ୍ପନ୍ନ ହୋଇପାରେ । ତେଣୁ ଯେତେବେଳେ କମ୍ପାନୀ ଭଲ ଓ ସ୍ଥିର ଆୟର ଆଶା କରେ ସେତେବେଳେ କେବଳ ଏହା ଋଣ ପତ୍ର ନିର୍ଗମନ କରିବା ଉଚିତ୍ ।

(ଖ) ଯେଉଁ କମ୍ପାନୀ ଋଣ ପତ୍ର ନିର୍ଗମନ କରେ ତାହା ଋଣ ପତ୍ରଧାରୀମାନଙ୍କ ସପକ୍ଷରେ ନିଜର ପରିସମ୍ପତ୍ତି ଉପରେ ପ୍ରଭାର ସୃଷ୍ଟି କରେ । ତେଣୁ ଯେଉଁ କମ୍ପାନୀର ପର୍ଯ୍ୟାପ୍ତ ସ୍ଥାୟୀ ପରିସମ୍ପତ୍ତି ନାହିଁ ତାହା ଋଣପତ୍ରର ନିର୍ଗମନ ଦ୍ୱାରା ଟଙ୍କା ଉଧାର କରିପାରିବ ନାହିଁ ।

(ଗ) କମ୍ପାନୀର ପରିସମ୍ପତ୍ତି ଥରେ ବନ୍ଧକ ରଖି ଦେବା ପରେ ସେଗୁଡ଼ିକୁ ପୁନଶ୍ଚ ଅଧିକ ଋଣ ନେବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ । ତେଣୁ ଋଣ ପତ୍ରର ନିର୍ଗମନ କମ୍ପାନୀର ଋଣ କରିବାର କ୍ଷମତାକୁ ହ୍ରାସ କରି ଦେଇଥାଏ ।

ସମତା ଉପରେ ବ୍ୟାପାର (Trading on Equity)

ସମତା ଅଂଶଧାରୀ ମାନଙ୍କ ପାଇଁ ଅଧିକ ପ୍ରତିଫଳ (ଆୟ) ସୁନିଶ୍ଚିତ କରାଇବା ପାଇଁ ଅଧିକ ଋଣର ବ୍ୟବହାର କରିବାକୁ ସମତା ଉପରେ ବ୍ୟାପାର କୁହାଯାଏ । ଏହା ସେତେବେଳେ କାର୍ଯ୍ୟକାରୀ ହୋଇଥାଏ ଯେତେବେଳେ ଲାଭାର୍ଜନ କ୍ଷମତା (ଲାଭପ୍ରଦତ୍ତା) ଅଧିକ ଥାଏ ଏବଂ ନିବେଶିତ ପାଣ୍ଠି ଉପରେ ପ୍ରତିଫଳ (ଆୟ)ର ହାର ଉଧାର ରାଶି ଉପରେ ଦେବାକୁ ଥିବା ସୁଧର ହାର ତୁଳନାରେ ଅପେକ୍ଷାକୃତ ଅଧିକ ଥାଏ । ଆସ, ଏକ ଉଦାହରଣ ନେବା । ମନେକର ଏକ ପରିଯୋଜନା (Project) ରେ ପାଞ୍ଚ କୋଟି ଟଙ୍କା ନିବେଶ କରିବା ଆବଶ୍ୟକ ଯାହା ବାର୍ଷିକ 20% ପ୍ରତିଫଳ (return) ଦେବାର ସମ୍ଭାବନା ଅଛି । ଯଦି ପରିଚାଳକ ପ୍ରତ୍ୟେକ 10 ଟଙ୍କିଆ ସମତା ଅଂଶ ପତ୍ରର ନିର୍ଗମନ ଦ୍ୱାରା 2.5 କୋଟି ଟଙ୍କା ଏବଂ 10% ଋଣପତ୍ରର ନିର୍ଗମନ ଦ୍ୱାରା 2.5 କୋଟି ଟଙ୍କା ସଂଗ୍ରହ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଅଂଶଧାରୀମାନେ ସେମାନଙ୍କ ପାଣ୍ଠି (ପୁଞ୍ଜି) ଉପରେ 30% ର ପ୍ରତିଫଳ ପାଇବେ । ଆସ ଏହା ହିସାବ କରି ଦେଖିବା ।

ମୋଟ ଉପାର୍ଜନ	Rs. 1,00,00,000
ଋଣପତ୍ର ଉପରେ ସୁଧ, ୧୦% ହାରରେ	Rs. 25,00,000
ସୁଧ ପୈଠ ପରେ ଉପାର୍ଜନ	Rs. 75,00,000

ସମତା ଅଂଶ ପୁଞ୍ଜି ଉପରେ ପ୍ରତିଫଳ $= \frac{75,00,000}{2,50,00,000} \times 100 = 30\%$

ବର୍ତ୍ତମାନ ଯଦି କମ୍ପାନୀ 80% ଋଣ ଦ୍ୱାରା ଏବଂ କେବଳ 20% ଅଂଶପତ୍ର ଦ୍ୱାରା ସଂଗ୍ରହ କରିବାକୁ ନିଷ୍ପତ୍ତି ନିଏ (10% ଋଣପତ୍ର ଦ୍ୱାରା Rs. 4 କୋଟି ଏବଂ ଅଂଶ ପତ୍ର ଦ୍ୱାରା Rs. 1 କୋଟି), ତେବେ ସମତା ଅଂଶ ପୁଞ୍ଜି ଉପରେ ପ୍ରତିଫଳର ହିସାବ ନିମ୍ନ ମତେ କରାଯିବ :

ମୋଟ ଉପାର୍ଜନ	Rs. 1,00,00,000
ଋଣପତ୍ର ଉପରେ ସୁଧ, 10% ହାରରେ	Rs. 40,00,000
ସୁଧ ପୈଠ ପରେ ଉପାର୍ଜନ	Rs. 60,00,000

ସମତା ଅଂଶପୁଞ୍ଜି ଉପରେ ପ୍ରତିଫଳ $= \frac{60,00,000}{1,00,00,000} \times 100 = 60\%$

ଆମେ ଦେଖି ପାରିବା ଯେ ଅପେକ୍ଷାକୃତ ଅଧିକ ଅନୁପାତରେ ଋଣର ବ୍ୟବହାର ଦ୍ୱାରା ସମତା ପୁଞ୍ଜି ଉପରେ ପ୍ରତିଫଳର ହାର ସିଧା ଦୁଇ ଗୁଣ ହୋଇଗଲା । ସେହି ଏକା ସମୟରେ ଏହା ସହିତ ବହୁତ ବଡ଼ ବିପଦ (ଆଶଙ୍କା) ମଧ୍ୟ ଯୋଡ଼ି ହୋଇଗଲା ଯେ ଯଦି ଲାଭାର୍ଜନ କ୍ଷମତା 10% ରୁ କମ୍‌କୁ ହ୍ରାସ ପାଏ, ତେବେ ତଥାପି ଆମକୁ ଋଣପତ୍ର ଉପରେ 10% ସୁଧ ପୈଠ କରିବାକୁ ପଡ଼ିବ । ଏହା ସମତା ଅଂଶ ପୁଞ୍ଜି ଉପରେ ପ୍ରତିଫଳକୁ 10% ରୁ କମ୍ ସ୍ତରକୁ ମଧ୍ୟ ଖସାଇ ଦେବ ।

ଋଣପତ୍ରର ପ୍ରକାର

ଋଣପତ୍ର ଗୁଡ଼ିକୁ ଏହି ପ୍ରକାର ଶ୍ରେଣୀଭୁକ୍ତ କରାଯାଇପାରେ :

(i) ପରିଶୋଧନୀୟ ଏବଂ ଅପରିଶୋଧନୀୟ ଋଣ ପତ୍ର : ଯେଉଁ ଋଣପତ୍ର ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ତାରିଖରେ ଫେରସ୍ତ ଯୋଗ୍ୟ ହୋଇଥାଏ, ସେଗୁଡ଼ିକୁ ପରିଶୋଧନୀୟ ଋଣପତ୍ର କୁହାଯାଏ । ଅନ୍ୟ ପକ୍ଷରେ, ଅପରିଶୋଧନୀୟ ଋଣପତ୍ର କ୍ଷେତ୍ରରେ ସେପରି କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ ଯାହା ପୂର୍ବରୁ ରାଶିର ଫେରସ୍ତ କରିବା ପାଇଁ କମ୍ପାନୀ ବାଧ୍ୟ ଅଟେ । ଏହି ଋଣପତ୍ରର ଧାରକମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇଁ ସେତେବେଳ ପର୍ଯ୍ୟନ୍ତ ଦାବୀ କରି ପାରିବେ ନାହିଁ ଯେତେବେଳ ପର୍ଯ୍ୟନ୍ତ କମ୍ପାନୀ ସୁଧ ପୈଠ କରିବାରେ କୌଣସି ଖିଲାଫ କରି ନାହିଁ । ତେଣୁ ଏହି ଋଣପତ୍ର ଗୁଡ଼ିକୁ ଶାଶ୍ୱତ ଋଣପତ୍ର କୁହାଯାଏ ।

(ii) ପରିବର୍ତ୍ତନଶୀଳ ଏବଂ ଅପରିବର୍ତ୍ତନୀୟ ଋଣପତ୍ର: ପରିବର୍ତ୍ତନଶୀଳ ଋଣପତ୍ରର ଧାରକମାନଙ୍କୁ ସେମାନଙ୍କର ଋଣପତ୍ରକୁ ସମତା ଅଂଶରେ ପରିବର୍ତ୍ତନ କରିବାର ବିକଳ୍ପ ଦିଆ ଯାଇଥାଏ । କିନ୍ତୁ ଅପରିବର୍ତ୍ତନୀୟ ଋଣପତ୍ର କ୍ଷେତ୍ରରେ କମ୍ପାନୀ ଏହିଭଳି କୌଣସି ବିକଳ୍ପ ଦେଇ ନଥାଏ ।

(iii) ସୁରକ୍ଷିତ ଏବଂ ଅସୁରକ୍ଷିତ ଋଣପତ୍ର : ସୁରକ୍ଷିତ ଋଣପତ୍ର ଗୁଡ଼ିକୁ କମ୍ପାନୀ ଦ୍ୱାରା ଅମାନତ ରୂପରେ ନିଜର ପରିସମ୍ପତ୍ତି ଉପରେ ପ୍ରଭାର ସହିତ ନିର୍ଗମନ କରାଯାଇଥାଏ । ଏହି ପ୍ରଭାର କୌଣସି ନିର୍ଦ୍ଦିଷ୍ଟ ପରିସମ୍ପତ୍ତି ଉପରେ ସ୍ଥିର (ଅପରିବର୍ତ୍ତନୀୟ) ହୋଇପାରେ କିମ୍ବା ଏହା ଭାସମାନ /ଚଳ (floating) ହୋଇପାରେ । ସୁରକ୍ଷିତ ଋଣପତ୍ରକୁ ବନ୍ଧକ ଯୁକ୍ତ ଋଣପତ୍ର ମଧ୍ୟ କୁହାଯାଏ । ଅନ୍ୟ ପକ୍ଷରେ, ଅସୁରକ୍ଷିତ ଋଣପତ୍ର ଗୁଡ଼ିକ ଅମାନତ ରୂପରେ କୌଣସି ପରିସମ୍ପତ୍ତି ଉପରେ କୌଣସି ପ୍ରଭାର ବିନା କେବଳ ପୈଠ (ପରିଶୋଧ) କରିବାର ଏକ ପ୍ରତିଜ୍ଞା (ପ୍ରତିଶ୍ରୁତି) ସହିତ ନିର୍ଗମନ କରାଯାଇଥାଏ । ତେଣୁ ଏହି ଋଣପତ୍ର ଗୁଡ଼ିକୁ ନଗ୍ନ ବା ସରଳ ଋଣପତ୍ର ମଧ୍ୟ କୁହାଯାଏ । ଆଜିକାଲି ବ୍ୟତିକ୍ରମହୀନ (ନିୟତ) ଭାବେ ଋଣପତ୍ର ଗୁଡ଼ିକୁ ସୁରକ୍ଷିତ ଋଣପତ୍ର ରୂପରେ ନିର୍ଗମନ କରାଯାଉଛି ।

(iv) ପଞ୍ଜୀକୃତ ଏବଂ ବାହକ ଋଣପତ୍ର : ପଞ୍ଜୀକୃତ ଋଣପତ୍ର ପାଇଁ କମ୍ପାନୀ ଋଣପତ୍ରଧାରୀ ମାନଙ୍କର ଏକ ରେକର୍ଡ଼ ରଖେ । ଏହି ପ୍ରକାର ଋଣପତ୍ରର କୌଣସି ବିକ୍ରୟ କିମ୍ବା ହସ୍ତାନ୍ତର କମ୍ପାନୀଠାରେ ପଞ୍ଜୀକୃତ ହେବା ଆବଶ୍ୟକ । ଅନ୍ୟ ପକ୍ଷରେ, ବାହକ ଋଣପତ୍ର ଗୁଡ଼ିକ ଠିକ୍ ବିନିମେୟ ଦଲିଲ (negotiable instruments) ପରି ହୋଇଥାଏ ଏବଂ କେବଳ ମାତ୍ର ବିତରଣ (delivery) ଦ୍ୱାରା ହସ୍ତାନ୍ତରଯୋଗ୍ୟ ହୋଇଥାଏ । କମ୍ପାନୀ ଏହି ଋଣପତ୍ରଧାରୀ ମାନଙ୍କର ରେକର୍ଡ଼ ରଖି ନଥାଏ । ସେଗୁଡ଼ିକ ସହିତ ସୁଧ କୁପନ୍ ସଂଲଗ୍ନ ହୋଇ ରହିଥାଏ ଏବଂ ଯେ କୌଣସି ବ୍ୟକ୍ତି ସୁଧ ପାଇବା ପାଇଁ କମ୍ପାନୀ ନିକଟରେ ଏହି କୁପନ୍ ଦାଖଲ କରି ପାରିବେ ।

ଅଂଶପତ୍ର ଓ ଋଣପତ୍ର ସମ୍ବନ୍ଧରେ କିଛି ଧାରଣା ଦେବା ପରେ ଆସ ସେଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଖୋଜି ବାହାର କରିବା ।

ଟିପ୍ପଣୀ

ଅଂଶପତ୍ର ଓ ଋଣପତ୍ର ମଧ୍ୟରେ ପ୍ରଭେଦ

ଆଧାର	ଅଂଶପତ୍ର	ଋଣପତ୍ର
୧. ସ୍ଥିତି	ଅଂଶଧାରୀମାନେ କମ୍ପାନୀର ମାଲିକ। ସେମାନେ ମାଲିକାନାସ୍ୱତ୍ୱ ପୁଞ୍ଜି ପ୍ରଦାନ କରିଥାନ୍ତି ଯାହା କମ୍ପାନୀର ଅବସାନ ନ ହେବା ପର୍ଯ୍ୟନ୍ତ ଫେରସ୍ତ କରାଯାଏ ନାହିଁ।	ଋଣପତ୍ରଧାରୀ ମାନେ କମ୍ପାନୀର ଉଧାର ଦାତା (ମହାଜନ) ଅଟନ୍ତି। ସେମାନେ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଋଣ ପ୍ରଦାନ କରିଥାନ୍ତି ଯାହା ଫେରସ୍ତ କରି ଦିଆଯାଏ।
୨ ନିବେଶ ଉପରେ ଆୟର ପ୍ରକୃତି	ଅଂଶଧାରୀମାନେ ଲାଭାଂଶ ପାଇଥାନ୍ତି। ଏହାର ପରିମାଣ ସ୍ଥିର ନ ଥାଏ ଯେହେତୁ ଏହା କମ୍ପାନୀର ଲାଭ ଉପରେ ନିର୍ଭର କରେ।	ଋଣପତ୍ର ଉପରେ ଏକ ନିର୍ଦ୍ଦିଷ୍ଟ ହାରରେ ସୁଧ ପ୍ରଦାନ କରାଯାଏ। କମ୍ପାନୀ କ୍ଷତିରେ ଚାଲି ଥିଲାବେଳେ ମଧ୍ୟ ସୁଧ ଦେୟ ହୋଇଥାଏ।
୩. ଅଧିକାର	ଅଂଶଧାରୀମାନେ କମ୍ପାନୀର ପ୍ରକୃତ ମାଲିକ ଅଟନ୍ତି। ସେମାନଙ୍କର ମତଦାନ କରିବା ଏବଂ କମ୍ପାନୀର ନୀତି ନିର୍ଦ୍ଧାରଣ କରିବାର ଅଧିକାର ଅଛି।	ଋଣପତ୍ରଧାରୀମାନଙ୍କର କମ୍ପାନୀର ସଭାରେ ଯୋଗଦାନ କରିବାର ଅଧିକାର ନଥାଏ। ତେଣୁ କମ୍ପାନୀର ପରିଚାଳନାରେ ସେମାନଙ୍କର ହସ୍ତକ୍ଷେପ ରହି ଥାଏ।
୪. ଅମାନତ	ଅଂଶପତ୍ରର ନିର୍ଗମନ ପାଇଁ ଅମାନତର ଆବଶ୍ୟକ ପଡ଼େ ନାହିଁ।	ଋଣପତ୍ର ଗୁଡ଼ିକ ସାଧାରଣତଃ ସୁରକ୍ଷିତ ଅଟେ। ତେଣୁ ଋଣପତ୍ରର ନିର୍ଗମନ କଲାବେଳେ ଯଥେଷ୍ଟ ସ୍ଥାୟୀ ପରିସମ୍ପତ୍ତିର ଆବଶ୍ୟକ ହୋଇଥାଏ।
୫.ପରିଶୋଧନର କ୍ରମ	ଋଣପତ୍ରଧାରୀ ଏବଂ ଉଧାରଦାତା ମାନଙ୍କୁ ପୈଠ କରି ସାରିବା ପାରେ ହିଁ କେବଳ ଅଂଶ ପୁଞ୍ଜି ଫେରସ୍ତ କରାଯାଏ।	ଋଣପତ୍ରଧାରୀ ମାନେ ଅଂଶଧାରୀମାନଙ୍କ ତୁଳନାରେ ରାଶି ଫେରସ୍ତ ପାଇବାରେ ଅଗ୍ରାଧିକାର (ପ୍ରାଥମିକତା) ପାଇଥାନ୍ତି।
୬. ଆଶଙ୍କା / ବିପଦ	ପ୍ରତିଫଳ (ଆୟ)ର ଅନିଶ୍ଚିତତା ହେତୁ ଆଶଙ୍କା ଅଧିକ ହୋଇଥାଏ।	ପ୍ରତିଫଳ (ଆୟ)ର ନିଶ୍ଚିତତା ହେତୁ ଆଶଙ୍କା ବହୁତ କମ୍ ହୋଇଥାଏ।

ପାଠଗତ ପ୍ରଶ୍ନ ୧୫(ଗ)

I ନିମ୍ନ ସାରଣୀ ସମ୍ପୂର୍ଣ୍ଣ କର ଯାହା ସମତା ଅଂଶ ଓ ଅଗ୍ରାଧିକାର ଯୁକ୍ତ ଅଂଶକୁ ତୁଳନା କରୁଅଛି :

ତାରତମ୍ୟର ଆଧାର	ସମତା ଅଂଶ	ଅଗ୍ରାଧିକାରଯୁକ୍ତ ଅଂଶ
୧. ଅଂଶ ଉପରେ ଲାଭାଂଶ ପ୍ରଦାନ	(କ) ଅଗ୍ରାଧିକାର ଯୁକ୍ତ ଅଂଶ ଉପରେ ଲାଭାଂଶ ପ୍ରଦାନ ପରେ ଲାଭାଂଶ ପ୍ରଦାନ କରାଯାଏ।	(କ) ....
୨. କମ୍ପାନୀର ଅବସାନ ଉତ୍ତାରୁ ପୁଞ୍ଜିର ଫେରସ୍ତ	(ଖ)	(ଖ) ପୁଞ୍ଜିର ଫେରସ୍ତ ସମତା ଅଂଶର ପୂର୍ବରୁ କରାଯାଏ।
୩. ମତଦାନ ଅଧିକାର	(ଗ)	(ଗ) ମତ ଦାନ ଅଧିକାର ବହନ କରି ନ ଥାଏ।
୪. ଲାଭାଂଶର ସଞ୍ଚୟ	(ଘ) ଲାଭାଂଶ ପୁଞ୍ଜିଭୂତ (ସଞ୍ଚୟ) ହୁଏ ନାହିଁ ଓ ତେଣୁ ଆଗାମୀ ବର୍ଷରେ ନିଆ ଯାଇ ପାରେ ନାହିଁ।	(ଘ) ....

II. ଦୀର୍ଘ-ମିଆଦୀ ପୁଞ୍ଜି ଆହରଣ କରିବାର ବିଭିନ୍ନ ପଦ୍ଧତିର କିଛି ବିଶେଷତ୍ୱ ନିମ୍ନରେ ଦିଆଯାଇଛି। ସେହି ବିଶେଷତ୍ୱ ଗୁଡ଼ିକର ଚିହ୍ନଟ କର ଯାହା ସମତା ଅଂଶ, ଅଗ୍ରାଧିକାର ଯୁକ୍ତ ଅଂଶ ଏବଂ ଋଣପତ୍ର ସହିତ ସମ୍ବନ୍ଧିତ ଅଟେ।

(i) କମ୍ପାନୀର ଅବସାନ ସ୍ଥିତିରେ, ଋଣ ପତ୍ରର ପୈଠ କରିବା ପରେ କିନ୍ତୁ ସମତା ଅଂଶଧାରୀମାନଙ୍କୁ ପୈଠ କରିବା ପୂର୍ବରୁ ପୁଞ୍ଜିର ଫେରସ୍ତ କରାଯାଏ।

(ii) ସେଗୁଡ଼ିକର ଧାରକ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ କମ୍ପାନୀର ମହାଜନ ଅଟନ୍ତି।

(iii) ସେଗୁଡ଼ିକର ଧାରକ କମ୍ପାନୀର ମାଲିକ ଅଟନ୍ତି ଏବଂ ମତଦାନ ଅଧିକାର ଉପଭୋଗ କରନ୍ତି।

(iv) ସେମାନେ ଅଧିକ ମାତ୍ରାରେ ଆଶଙ୍କାଗ୍ରସ୍ତ ଥା'ନ୍ତି- କ୍ଷତି ହେବା ସ୍ଥଳେ ସେମାନେ ଲାଭାଂଶ ପାଆନ୍ତି ନାହିଁ ଏବଂ କମ୍ପାନୀର ଅବସାନ ହେବା ସ୍ଥିତିରେ ସେମାନେ ସେମାନଙ୍କର ନିବେଶିତ ରାଶିର ଫେରସ୍ତ ସବା ଶେଷରେ ପାଆନ୍ତି।

(v) ସେଗୁଡ଼ିକର ଧାରକଙ୍କର କମ୍ପାନୀ ପରିଚାଳନାରେ ମତ ବ୍ୟକ୍ତ କରିବାର ଅଧିକାର ନ ଥାଏ ଏବଂ କମ୍ପାନୀର ସଭାରେ ଯୋଗଦାନ କରିବାର ଅଧିକାର ସେମାନଙ୍କର ନଥାଏ ।

III. ନିମ୍ନରେ ତାଲିକାଭୁକ୍ତ ହୋଇଥିବା ଆଧାର ଭିତ୍ତିରେ ଅଂଶପତ୍ର ଓ ଋଣପତ୍ର ମଧ୍ୟରେ ପ୍ରଭେଦ ଉଲ୍ଲେଖ କର :

ଆଧାର	ଅଂଶପତ୍ର	ଋଣପତ୍ର
୧. ସ୍ଥିତି		
୨. ଅଧିକାର		
୩. ଅମାନତ		
୪. ଆଶଙ୍କା		

୧୫.୭.୩ ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ଋଣ

ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ବର୍ଷରେ ଔଦ୍ୟୋଗିକ ପ୍ରତିଷ୍ଠାନ ଗୁଡ଼ିକୁ ମଧ୍ୟବର୍ତ୍ତୀକାଳୀନ ଓ ଦୀର୍ଘ-ମିଆଦୀ ଆର୍ଥିକ ସହାୟତା ପ୍ରଦାନ କରିବାର ମୁଖ୍ୟ ଲକ୍ଷ୍ୟ ନେଇ ବହୁ ସଂଖ୍ୟାରେ ବିତ୍ତୀୟ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଅଛି । ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ (IFCI) , ଭାରତୀୟ ଔଦ୍ୟୋଗିକ ପୁନର୍ନିର୍ମାଣ ନିଗମ (IRBI), ରାଜ୍ୟ ଅର୍ଥ ନିଗମ (SFC), ରାଜ୍ୟ ଔଦ୍ୟୋଗିକ ବିକାଶ ନିଗମ (SIDC) ପରି ଅନୁଷ୍ଠାନ ଗୁଡ଼ିକର ସ୍ଥାପନା ନୂତନ ପ୍ରତିଷ୍ଠାନ ଗୁଡ଼ିକର ସ୍ଥାପନା ତଥା ବିଦ୍ୟମାନ ପ୍ରତିଷ୍ଠାନ ଗୁଡ଼ିକର ବିସ୍ତାର (ବୃଦ୍ଧି) ଏବଂ ଆଧୁନିକୀକରଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ କରାଯାଇଅଛି ।

ସେହି ଆର୍ଥିକ / ବିତ୍ତୀୟ ଅନୁଷ୍ଠାନ ଗୁଡ଼ିକ ସର୍ବାଧିକ ୨୫ ବର୍ଷ ପର୍ଯ୍ୟନ୍ତ ଋଣ ମଞ୍ଜୁର କରିଥାନ୍ତି । ଏହି ଋଣ କମ୍ପାନୀର ସମ୍ପତ୍ତିକୁ ବନ୍ଧକ ରଖି ଏବଂ /କିମ୍ବା ମହଜୁଦ ମାଲ, ଅଂଶପତ୍ର ଇତ୍ୟାଦିର ବନ୍ଧକ ରଖି ସୁରକ୍ଷିତ କରାଯାଇଥାଏ । ଏହି ଋଣରୁ ମିଳୁଥିବା ମୁଖ୍ୟ ଉପକାର (ଲାଭ) ଗୁଡ଼ିକ ହେଲା :

(i) ଏହି ଋଣ ଉପରେ ଦେୟ ସୁଧର ହାର ବଜାର ଦର ଠାରୁ କମ୍ ହୋଇଥାଏ, ଏବଂ (ii) ଋଣର ପରିମାଣ ବଡ଼ (ବେଶୀ) ହୋଇଥାଏ । ତେବେ ଏଠାରୁ ଋଣ ନେବା ପାଇଁ ଅନେକ ଆଇନ୍ ଗତ ଓ ପ୍ରଯୁକ୍ତି ବିଦ୍ୟାଗତ ଔପଚାରିକତା ପାଳନ କରିବାକୁ ପଡ଼ିଥାଏ ଏବଂ ଋଣ ପାଇଁ ମଧ୍ୟସ୍ଥତା କରିବାର ଅବଧି ମଧ୍ୟ ସାଧାରଣତଃ ଦୀର୍ଘ ହୋଇଥାଏ । ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ଅନେକାଂଶରେ କମ୍ପାନୀର ଜଣେ କିମ୍ବା ଦୁଇ ଜଣ ନିର୍ଦ୍ଦେଶକଙ୍କୁ ନାମାଙ୍କିତ (ନିଯୁକ୍ତ) କରି କମ୍ପାନୀର କାର୍ଯ୍ୟ ପଦ୍ଧତି ଏବଂ ପାଣ୍ଠିର ଉପଯୋଗ ଉପରେ କିଛି ମାତ୍ରାରେ ନିୟନ୍ତ୍ରଣ ରଖିଥାନ୍ତି ।

ଆମେ ପରବର୍ତ୍ତୀ ଅଧ୍ୟାୟରେ ବିଭିନ୍ନ ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ସମ୍ବନ୍ଧରେ ବିସ୍ତୃତ ଭାବେ ପଢ଼ିବା ।

୧୫.୭.୪ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକରୁ ଋଣ କରିବା

ପାରମ୍ପରିକ ଭାବେ ଭାରତରେ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଦୀର୍ଘ-ମିଆଦୀ ଋଣ ମଞ୍ଜୁର କରୁ ନଥିଲେ । ସେଗୁଡ଼ିକ କେବଳ ଏକ ସ୍ୱଳ୍ପ ଅବଧି ପାଇଁ ଋଣ ମଞ୍ଜୁର କରୁଥିଲେ ଯାହା କି ଏକ ବର୍ଷରୁ ଅଧିକ ବଢୁ ନଥିଲା । କିନ୍ତୁ ସାମ୍ପ୍ରତିକ ସ୍ଥିତିରେ କିଛି ବର୍ଷ ହେଲା ସେଗୁଡ଼ିକ ୩ ରୁ ୫ ବର୍ଷ ଅବଧି ପର୍ଯ୍ୟନ୍ତ ଋଣ ଦେବା ଆରମ୍ଭ କରିଛନ୍ତି । ସାଧାରଣତଃ ସେଗୁଡ଼ିକ ଏକ ବା ଦୁଇ ବର୍ଷ ପାଇଁ ମିଆଦୀ ଋଣ ପ୍ରଦାନ କରିଥାନ୍ତି । ଏହି

ଋଣ ଅବଧି ଅନ୍ତରାଳରେ ବୃଦ୍ଧି କରି ଦିଆଯାଏ ଏବଂ କେତେକ ସ୍ଥଳେ ସିଧା ସଳଖ ୩ ରୁ ୫ ବର୍ଷ ପାଇଁ ଋଣ ପ୍ରଦାନ କରାଯାଏ । ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଅଗ୍ରାଧିକାରଯୁକ୍ତ (ପ୍ରାଥମିକ) କ୍ଷେତ୍ରରେ କାର୍ଯ୍ୟରତ କ୍ଷୁଦ୍ର ଶିଳ୍ପ ଗୁଡ଼ିକୁ ଦୀର୍ଘ-ମିଆଦୀ ଋଣ ପ୍ରଦାନ କରିଥାନ୍ତି ।

ଗୁଣ /ଉପକାରିତା (Merits)

ବ୍ୟାଙ୍କ ଗୁଡ଼ିକରୁ ଦୀର୍ଘ-ମିଆଦୀ ଋଣ ନେବାରେ ନିମ୍ନଲିଖିତ ଲାଭ ହୋଇଥାଏ :

୧. ଏହା ବିତ୍ତର ନମନୀୟ ଉତ୍ସ ଅଟେ, ଯେହେତୁ ବ୍ୟବସାୟର ଆବଶ୍ୟକତା ଅନୁସାରେ ଋଣର ପରିମାଣ ବଢ଼ା ଯାଇପାରିବ ଏବଂ ଯେତେବେଳେ ପାଣ୍ଠିର ଆବଶ୍ୟକତା ନ ଥାଏ ସେତେବେଳେ ଋଣର ଅଗ୍ରୀମ ପରିଶୋଧ କରାଯାଇପାରିବ ।

୨. ବ୍ୟାଙ୍କ ଗୁଡ଼ିକ ନିଜର ଗ୍ରାହକଙ୍କର ଆର୍ଥିକ କ୍ରିୟାକଳାପକୁ ଗୋପନୀୟ ରଖେ ।

୩. ଅଂଶପତ୍ର ଓ ଋଣପତ୍ର ଇତ୍ୟାଦିର ନିର୍ଗମନ ତୁଳନାରେ ବ୍ୟାଙ୍କ ଋଣରେ ନିହିତ ସମୟ ଓ ପରିବ୍ୟୟ କମ୍ ହୋଇଥାଏ ।

୪. ଋଣ ଗ୍ରହଣକାରୀ ସଂସ୍ଥା ଗୁଡ଼ିକର ଆଭ୍ୟନ୍ତରୀଣ ମାମଲାରେ ବ୍ୟାଙ୍କ ଗୁଡ଼ିକ ହସ୍ତକ୍ଷେପ କରନ୍ତି ନାହିଁ ।

୫. ଋଣ ସହଜ କିସ୍ତିରେ ପରିଶୋଧ କରାଯାଇପାରେ ।

୬. କ୍ଷୁଦ୍ର ଶିଳ୍ପ, ଗ୍ରାମୀଣ ଶିଳ୍ପ ଏବଂ ଅନୁନ୍ନତ ଅଞ୍ଚଳରେ ଥିବା ଶିଳ୍ପ କ୍ଷେତ୍ରରେ ନିଆଯାଉଥିବା ସୁଧ ବହୁତ କମ୍ ହୋଇଥାଏ ।

ଦୋଷ /ସୀମାବଦ୍ଧତା (Limitations)

ବ୍ୟାଙ୍କ ଗୁଡ଼ିକରୁ ଦୀର୍ଘ-ମିଆଦୀ ଋଣ ନେବାରେ ନିମ୍ନଲିଖିତ ସୀମାବଦ୍ଧତା ଥାଏ :

୧. ବ୍ୟାଙ୍କ ଗୁଡ଼ିକ ଋଣ ମଞ୍ଜୁର କଲାବେଳେ ବ୍ୟକ୍ତିଗତ ଗ୍ୟାରେଣ୍ଟି କିମ୍ବା ପରିସମ୍ପତ୍ତିର ଅମାନତ (ବନ୍ଧକ) ଆବଶ୍ୟକ କରିଥାନ୍ତି । ତେଣୁ ଏହି ପରିସମ୍ପତ୍ତି ଉପରେ ବ୍ୟବସାୟ ଆଉ ଅଧିକ ଋଣ ଉଠାଇ ପାରେ ନାହିଁ । ଅତଃ, ଏହା ଋଣଗ୍ରହୀତାଙ୍କର ଋଣ କରିବାର କ୍ଷମତାକୁ ହ୍ରାସ କରେ ।

୨. ଯେଉଁ କ୍ଷେତ୍ରରେ ସ୍ୱଳ୍ପ-ମିଆଦୀ ଋଣର ଅବଧି ବାରମ୍ବାର ବୃଦ୍ଧି କରାଯାଏ, ସେଠାରେ ଏହାର ନିରନ୍ତରତାରେ ସର୍ବଦା ଅନିଶ୍ଚିତତା ଲାଗି ରହିଥାଏ ।

୩. ବ୍ୟାଙ୍କ ଗୁଡ଼ିକରୁ ଋଣ ପାଇବା ପାଇଁ ବହୁ ସଂଖ୍ୟକ ଔପଚାରିକତା ସମ୍ପୂର୍ଣ୍ଣ କରିବାକୁ ପଡ଼ିଥାଏ । ଏହି ଔପଚାରିକତା ଗୁଡ଼ିକ ଯୋଗୁଁ ବ୍ୟାଙ୍କ ଗୁଡ଼ିକରୁ ଋଣ ନେବା ସମୟସାପେକ୍ଷ ଓ ଅସୁବିଧା ଜନକ ହୋଇଥାଏ ।

୧୫.୭.୫ ସର୍ବ ସାଧାରଣ ଜମା (Public Deposits)

ଭାରତରେ ଅର୍ଥ ପ୍ରାପ୍ତ କରିବାର ଏହା ଏକ ଅତି ପୁରୁଣା ପଦ୍ଧତି ଅଟେ । ଯେତେବେଳେ ବାଣିଜ୍ୟିକ ବ୍ୟାଙ୍କ ନ ଥିଲା ସେତେବେଳେ ଲୋକମାନେ ସୁଖ୍ୟାତିସମ୍ପନ୍ନ ବ୍ୟବସାୟ ସଂସ୍ଥାରେ ନିଜର ସଞ୍ଚୟକୁ ଜମା ରଖୁଥିଲେ । ଏପରିକି ଆଜି ମଧ୍ୟ ସ୍ୱଳ୍ପ ଓ ମଧ୍ୟବର୍ତ୍ତୀକାଳୀନ ବିତ୍ତ ସଂଗ୍ରହ କରିବା ପାଇଁ ଏହା ଏକ ଅତି ଜନପ୍ରିୟ ଓ ସୁବିଧାଜନକ ପଦ୍ଧତି ଅଟେ । ଏହି ପଦ୍ଧତିରେ କମ୍ପାନୀମାନେ ସେମାନଙ୍କର ଅଂଶଧାରୀ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କୁ ସେମାନଙ୍କର ସଞ୍ଚୟ କମ୍ପାନୀରେ ଜମା ରଖିବା ପାଇଁ ଆମନ୍ତ୍ରଣ କରିବା ପୂର୍ବକ

ପାଣ୍ଠି ସଂଗ୍ରହ କରିଥାନ୍ତି । ସର୍ବସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ସାଧାରଣତଃ ବ୍ୟାଙ୍କ ଜମା ଉପରେ ମିଳୁଥିବା ସୁଧ ତୁଳନାରେ ଅଧିକ ହାରରେ ସୁଧ ଦେବା ପାଇଁ ଯାଚିଥାଏ । କମ୍ପାନୀ ଗୁଡ଼ିକ ଯେଉଁ ଅବଧି ପାଇଁ ସର୍ବସାଧାରଣ ଜମା ସଂଗ୍ରହ କରିଥାନ୍ତି ତାହା ଛଅ ମାସରୁ ୩୬ ମାସ ପର୍ଯ୍ୟନ୍ତ ହୋଇଥାଏ ।

ସର୍ବ ସାଧାରଣ ଜମା ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା ପଦ୍ଧତି

ଯେତେବେଳେ ଏକ ସଂଗଠନ ସର୍ବସାଧାରଣ ଜମା ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବାକୁ ଚାହେଁ, ସେତେବେଳେ ଏହା ସମ୍ବାଦପତ୍ରରେ ଏକ ବିଜ୍ଞାପନ ପ୍ରକାଶ କରେ । ଏହି ବିଜ୍ଞାପନରେ ସଂସ୍ଥାର ଉପଲବ୍ଧି (ସଫଳତା) ଏବଂ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ସମୂହକୁ ପ୍ରକାଶିତ କରାଯାଇଥାଏ ତଥା ନିବେଶକାରୀଙ୍କୁ ସେମାନଙ୍କର ଜମା ଏହା ପାଖରେ ଜମା କରିବାକୁ ଆମନ୍ତ୍ରିତ କରାଯାଇଥାଏ । ଏଥିରେ ସୁଧର ହାର ଘୋଷିତ ହୋଇଥାଏ ଯାହା ଜମା କରାଯାଇଥିବା ରାଶିର ଅବଧି ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ଏଥିରେ ଆହୁରି ମଧ୍ୟ ସୁଧ ପୈଠ କରାଯିବା ତଥା ଜମାରାଶି ଫେରସ୍ତ କରିବାର ସମୟ ଓ ପ୍ରଣାଳୀ (ବିଧି) ଘୋଷିତ ହୋଇଥାଏ । ସାଧାରଣତଃ ସେମାନେ ସ୍ଥାନୀୟ ଫାର୍ମ (ସଂସ୍ଥା) ଗୁଡ଼ିକୁ ଦଲାଲ ରୂପରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ କରିଥାନ୍ତି ଏବଂ ଜମାକାରୀଙ୍କୁ ସେବା ପ୍ରଦାନ ନିମନ୍ତେ ସେମାନଙ୍କର ସହାୟତା ମଧ୍ୟ କରନ୍ତି ।

କେତେକ କମ୍ପାନୀର ଅସତ୍ କର୍ମ, ଯଥା ବର୍ଷ ବର୍ଷ ଧରି ସୁଧ ପୈଠ ନ କରିବା ଏବଂ ଜମାରାଶି ଫେରସ୍ତ ନ କରିବା, ଆଦିକୁ ଦୃଷ୍ଟିରେ ରଖି ସରକାର ଜମାକାରୀଙ୍କର ସୁରକ୍ଷା ପାଇଁ କେତେକ ନୀତି ପ୍ରଣୟନ କରିଛନ୍ତି ଏବଂ କମ୍ପାନୀ ଆଇନରେ କେତେକ ପରିବର୍ତ୍ତନ କରିଛନ୍ତି । କମ୍ପାନୀ ଦ୍ୱାରା ଦେୟ ସର୍ବାଧିକ ସୁଧର ହାର ଏବଂ ଦଲାଲି କମିଶନ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଜମା ରାଶିର ପରିମାଣ ପ୍ରଦତ୍ତ ପୁଞ୍ଜି ଓ ସାଧାରଣ ସଞ୍ଚିତିର ୨୫% ରୁ ବୃଦ୍ଧି ହେବା ଉଚିତ୍ ନୁହେଁ । ଆହୁରି ମଧ୍ୟ କମ୍ପାନୀ ଜମାକାରୀଙ୍କର ଏକ ରେଜିଷ୍ଟର ରଖିବା ଆବଶ୍ୟକ ଯେଉଁଥିରେ ସର୍ବସାଧାରଣ ଜମା ସମ୍ପର୍କିତ ସମସ୍ତ ବିବରଣୀ ରଖାଯାଇଥିବ ।

ଉପକାରିତା

ସର୍ବ ସାଧାରଣ ଜମାର ନିମ୍ନଲିଖିତ ଉପକାରିତା ମାନ ଅଛି :

୧. **ସରଳ ଓ ସହଜ :** ସର୍ବସାଧାରଣ ଜମା ମାଧ୍ୟମରେ ଅର୍ଥରାଶି ଋଣ କରିବା ପଦ୍ଧତି ଖୁବ୍ ସରଳ ଅଟେ । ଏଥିରେ ଅନେକ ଗୁଡ଼ିଏ ଆଇନଗତ ଔପଚାରିକତାର ଆବଶ୍ୟକତା ନଥାଏ । ଏହାର ବିଜ୍ଞାପନ ସମ୍ବାଦପତ୍ରରେ ଦେବାକୁ ହୋଇଥାଏ ଏବଂ ଏକ ରସିଦ୍ ଦେବାକୁ ହୋଇଥାଏ ।

୨. **ପରିସମ୍ପତ୍ତି ଉପରେ କୌଣସି ପ୍ରଭାର ନାହିଁ :** ସର୍ବ ସାଧାରଣ ଜମା ସୁରକ୍ଷିତ ନୁହେଁ । କମ୍ପାନୀର ସ୍ଥାୟୀ ପରିସମ୍ପତ୍ତି ଉପରେ ଏହାର କୌଣସି ପ୍ରଭାର ରହେ ନାହିଁ ।

୩. **ମିତବ୍ୟୟୀ :** ସର୍ବସାଧାରଣ ଜମା ଜରିଆରେ ଋଣ ସଂଗ୍ରହ ପାଇଁ ହେଉଥିବା ଖର୍ଚ୍ଚର ପରିମାଣ ଅନ୍ୟ ପଦ୍ଧତି ଯଥା ଅଂଶପତ୍ର ଓ ଋଣପତ୍ରର ନିର୍ଗମନରେ ହେଉଥିବା ଖର୍ଚ୍ଚର ପରିମାଣ ଠାରୁ ବହୁତ କମ୍ ଅଟେ ।

୪. **ନମନୀୟତା:** ସର୍ବସାଧାରଣ ଜମା କମ୍ପାନୀର ପୁଞ୍ଜି ସଂରଚନାରେ ନମନୀୟତା ଆଣିଥାଏ । ଏହା ଆବଶ୍ୟକ ଥିବାବେଳେ ଉଠାଇ ହେବ ଏବଂ ଆବଶ୍ୟକ ନ ଥିବା ବେଳେ ଫେରାଇ ହେବ ।

ସୀମାବଦ୍ଧତା

ସର୍ବସାଧାରଣ ଜମାର ନିମ୍ନଲିଖିତ ସୀମାବଦ୍ଧତା ମାନ ଅଛି :

୧. **ଅନିଶ୍ଚିତତା:** ସର୍ବ ସାଧାରଣଙ୍କୁ ଆକର୍ଷିତ କରି ସେମାନଙ୍କର ସଞ୍ଚୟକୁ ଜମା ଆକାରରେ ସଂଗ୍ରହ କରିବାକୁ ହେଲେ ଏକ ବ୍ୟାବସାୟିକ ସଂସ୍ଥାର ଖ୍ୟାତି ଓ ଋଣ କ୍ଷମତାର ସ୍ତର ଉଚ୍ଚ ହେବା ଆବଶ୍ୟକ। ଜମାରାଶି କେତେବେଳେ ବି ଅକସ୍ମାତ୍ ଉଠାଇ ନିଆ ଯାଇପାରେ ଯାହା ଆର୍ଥିକ ସମସ୍ୟାମାନ ଉତ୍ପନ୍ନ କରିପାରେ। ଜମାକାରୀଙ୍କୁ ଭଲ ଦିନର ସାଥୀ (ସୁଖର ସାଥୀ) କୁହାଯାଇଥାଏ।

୨. **ଅସୁରକ୍ଷିତତା:** ସଂସ୍ଥାର ପରିସମ୍ପତ୍ତି ଉପରେ ସର୍ବସାଧାରଣ ଜମାର କୌଣସି ପ୍ରଭାର ନ ଥାଏ। ତେଣୁ କମ୍ପାନୀ ନିକଟରେ ସଞ୍ଚୟ ରାଶିର ଜମା ରଖିବା ସର୍ବଦା ନିରାପଦ ହୋଇ ନ ପାରେ, ନିର୍ଦ୍ଦିଷ୍ଟ ଭାବରେ ସେହି ସବୁ କମ୍ପାନୀ ପାଖରେ ଯେଉଁଗୁଡ଼ିକର ଆର୍ଥିକ ସ୍ଥିତି ଖୁବ୍ ସ୍ୱଚ୍ଛଳ ନୁହେଁ।

୩. **ସୀମିତ ସଂଗୃହୀତ ରାଶି :** ସର୍ବସାଧାରଣ ଜମା ମାଧ୍ୟମରେ ସଂଗୃହୀତ ଜମା ରାଶିର ପରିମାଣ ଉପରେ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି।

୧୫.୭.୬ ଲାଭର ସଞ୍ଚୟ (Retention of profit)

ବ୍ୟକ୍ତି ବିଶେଷଙ୍କ ପରି କମ୍ପାନୀମାନେ ମଧ୍ୟ ଭବିଷ୍ୟତରେ ପୁଞ୍ଜିର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସେମାନଙ୍କର ଲାଭର କିଛି ଅଂଶ ଅଲଗା କାଟି ରଖନ୍ତି। ଲାଭର ସେହି ଭାଗ ଯାହା ଅଂଶଧାରୀ ମାନଙ୍କ ମଧ୍ୟରେ ଆବଣ୍ଟିତ ହୋଇ ନଥାଏ, ପରନ୍ତୁ ସଞ୍ଚୟ କରି ରଖି ଦିଆ ଯାଇଥାଏ ଏବଂ ବ୍ୟବସାୟରେ ପୁନର୍ବିନିଯୋଗ କରାଯାଇଥାଏ, ତାହାକୁ ସଞ୍ଚିତ ଆୟ (retained earnings) ବା ଲାଭର ପୁନର୍ବିନିଯୋଜନ (ploughing back of profits) କୁହାଯାଏ। ଭାରତୀୟ କମ୍ପାନୀ ଆଇନ୍ ୧୯୫୬ ଅନୁସାରେ କମ୍ପାନୀ ଗୁଡ଼ିକ ସେମାନଙ୍କ ଲାଭର ଏକ ଭାଗ ବିଭିନ୍ନ ସଞ୍ଚିତି ଯଥା ସାଧାରଣ ସଞ୍ଚିତି, ଋଣ ପତ୍ର ପରିଶୋଧନ ସଞ୍ଚିତି ଏବଂ ଲାଭାଂଶ ସମାନତା ସଞ୍ଚିତି ଆଦିକୁ ସ୍ଥାନାନ୍ତର କରି ଜମା ରଖିବା ଆବଶ୍ୟକ। ଏହି ସଞ୍ଚିତି ଗୁଡ଼ିକ ଦୀର୍ଘ-ମିଆଦୀ ବିତ୍ତୀୟ ଆବଶ୍ୟକତା ଯଥା ସ୍ଥାୟୀ ପରିସମ୍ପତ୍ତିର କ୍ରୟ, ପୁନର୍ନବୀକରଣ ଏବଂ ଆଧୁନିକୀକରଣ ଇତ୍ୟାଦି ପାଇଁ ବ୍ୟବହୃତ ହୋଇପାରିବ। ଦୀର୍ଘ-ମିଆଦୀ ବିତ୍ତୀୟ ଆବଶ୍ୟକତାର ବିତ୍ତାୟନ (ବିତ୍ତୀୟ କରଣ /ବିତ୍ତ ଯୋଗାଣ)ର ଏହି ପଦ୍ଧତିକୁ ଲାଭର ସଞ୍ଚୟ ମଧ୍ୟ କୁହାଯାଏ।

ଉପକାରିତା

ଲାଭ ସଞ୍ଚୟ କରି ରଖିବାରେ ନିମ୍ନଲିଖିତ ଲାଭ ହୋଇଥାଏ :

୧. **ପୁଞ୍ଜିର ଶସ୍ତା ଉତ୍ସ (ସ୍ରୋତ) :** ଯେତେବେଳେ ଏହି ଉତ୍ସରୁ ପୁଞ୍ଜି ଉପଲବ୍ଧ ହୁଏ, ସେତେବେଳେ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। କମ୍ପାନୀ ପକ୍ଷରେ ସୁଧ ପୈଠ କରିବା କିମ୍ବା ଅର୍ଥରାଶି ଫେରସ୍ତ କରିବାର କୌଣସି ଦାୟବଦ୍ଧତା ନ ଥାଏ। ବ୍ୟବସାୟର ପ୍ରସାରଣ (ବୃଦ୍ଧି) ଏବଂ ଆଧୁନିକୀକରଣ ନିମନ୍ତେ ଏହାର ଉପଯୋଗ ନିରାପଦରେ କରାଯାଇପାରିବ।

୨. **ବିତ୍ତୀୟ (ଆର୍ଥିକ) ସ୍ଥିରତା :** ଏକ କମ୍ପାନୀ ଯାହା ପାଖରେ ଯଥେଷ୍ଟ ସଞ୍ଚିତି ଅଛି ତାହା ଦକ୍ଷର ସହିତ ବ୍ୟାବସାୟିକ ଉତ୍ଥାନ-ପତନର ସାମନା କରିପାରିବ। ଏହି ପ୍ରକାର କମ୍ପାନୀ ଗୁଡ଼ିକ ମାନ୍ଦା ସମୟରେ ମଧ୍ୟ ସେମାନଙ୍କର ବ୍ୟବସାୟ ଚଳାଇ ରଖି ପାରିବେ ଏବଂ ତେଣୁ ନିଜ ନିଜର ସୁନାମ ସୃଜନ କରି ପାରିବେ।

୩. **ଅଂଶଧାରୀ ମାନଙ୍କର ଲାଭ :** ଅଂଶଧାରୀମାନେ ଏକ ସ୍ଥିର ଲାଭାଂଶ ପାଇବାରେ ସୁନିଶ୍ଚିତ ଥାନ୍ତି। ଯେତେବେଳେ କମ୍ପାନୀ ଯଥେଷ୍ଟ ଲାଭୋପାର୍ଜନ କରେ ନାହିଁ, ସେତେବେଳେ ଏହା ଲାଭାଂଶ ପ୍ରଦାନ ପାଇଁ ନିଜର ସଞ୍ଚିତିରୁ ପାଣ୍ଠି ଉଠାଇ ପାରେ। କେବଳ ସେତିକି ନୁହେଁ, ବୋନସ୍ ଅଂଶର ନିର୍ଗମନରେ ସେମାନଙ୍କର ପୁଞ୍ଜିର ମାତ୍ରାରେ ବୃଦ୍ଧି ହୋଇଥାଏ। ସଞ୍ଚିତି ରହିଥିବା କାରଣରୁ ପୁଞ୍ଜିର ଅଭିବୃଦ୍ଧି ଘଟିଥାଏ, ଅର୍ଥାତ୍ ଅଂଶ ବଜାରରେ ଅଂଶ ଗୁଡ଼ିକର ମୂଲ୍ୟରେ ବୃଦ୍ଧି ହୋଇଥାଏ।

ସୀମାବଦ୍ଧତା

ଲାଭ ସଞ୍ଚୟ କରି ରଖିବାର ନିମ୍ନଲିଖିତ ସୀମାବଦ୍ଧତା ମାନ ଥାଏ:

୧. **ଉଚ୍ଚ (ଅଧିକ) ଲାଭ ଆବଶ୍ୟକ :** ଏହି ବିତ୍ତାୟନ ପଦ୍ଧତି କେବଳ ସେତେବେଳେ ସମ୍ଭବ ହୋଇଥାଏ ଯେତେବେଳେ କମ୍ପାନୀର ଅତ୍ୟଧିକ ଲାଭୋପାର୍ଜିତ ହୋଇଥାଏ ଏବଂ ତାହା ପୁଣି ଅନେକ ବର୍ଷ ଧରି।

୨. **ଅଂଶଧାରୀମାନଙ୍କ ମଧ୍ୟରେ ଅସନ୍ତୋଷ :** ଲାଭ ଠୁଳ (ସଞ୍ଚୟ) କରିବା କାରଣରୁ ଅନେକ ସମୟରେ କମ୍ପାନୀ କମ୍ ଲାଭାଂଶ ପୈଠ କରିଥାଏ। କେବଳ ସେତିକି ନୁହେଁ, କମ୍ପାନୀ ଗୁଡ଼ିକ ଅଧିକ ଲାଭାଂଶ ପ୍ରଦାନକୁ ପରିହାର କରିବା ପାଇଁ ଏହି ସଞ୍ଚିତି ଗୁଡ଼ିକର ଉପଯୋଗ ବୋନସ୍ ଅଂଶର ନିର୍ଗମନ ପାଇଁ କରନ୍ତି ନାହିଁ। ଏହା ଦ୍ୱାରା ଅଂଶଧାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇପାରେ।

୩. **ପାଣ୍ଠିର କୁପରିଚାଳନା :** ସଞ୍ଚିତ ଆୟ ମାଧ୍ୟମରେ ଏକତ୍ରିତ (ସଞ୍ଚିତ /ଠୁଳ) ପୁଞ୍ଜି ପରିଚାଳକଙ୍କୁ ପାଣ୍ଠିର ଉପଯୋଗ ଖାମ୍ ଖିଆଲି (କମ୍ ଯତ୍ନଶୀଳତା) ଭାବେ କରିବାକୁ ପ୍ରୋତ୍ସାହିତ କରିଥାଏ ଯାହା ଦ୍ୱାରା ଲାଭୋପାର୍ଜନ କ୍ଷମତା କମ୍ ହୋଇଯାଇଥାଏ। ଏହା ଅଂଶଧାରୀ ମାନଙ୍କର ଦୀର୍ଘକାଳୀନ ହିତସାଧନ କରି ନଥାଏ।

୧୫.୭.୭ ପଟ୍ଟା ବିତ୍ତାୟନ (Lease Financing)

ପଟ୍ଟା (ଲିଜ୍) ଏପରି ଏକ ଚୁକ୍ତି ଯାହା ଦ୍ୱାରା ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତି (ମାଲିକ)ଙ୍କର ଉଚିତ୍ ଅନୁମତି ବଳରେ ତାଙ୍କର ପରିସମ୍ପତ୍ତି କ୍ରୟ କରିବା ବିନା କେବଳ ଭଡ଼ା ପୈଠ ପୂର୍ବକ ଉପଯୋଗ କରିପାରିଥାନ୍ତି। ପରିସମ୍ପତ୍ତିର ମାଲିକଙ୍କୁ 'ପଟ୍ଟା ପ୍ରଦାନକାରୀ' (lessor) ଏବଂ ବ୍ୟବହାରକାରୀଙ୍କୁ 'ପଟ୍ଟାଧାରୀ' (lessee) କୁହାଯାଏ। ଉପଯୋଗର ଅବଧିକୁ ପଟ୍ଟା ଅବଧି କୁହାଯାଏ ଏବଂ ଏହାର ସମାପ୍ତି ପରେ ପଟ୍ଟାଧାରୀ ପରିସମ୍ପତ୍ତିର କ୍ରୟ କରିବାକୁ ଚୟନ କରିପାରେ।

ତେଣୁ ପଟ୍ଟା ପ୍ରଦାନ ଏପରି ଏକ ବ୍ୟବସ୍ଥା ଯାହା ଏକ ବ୍ୟାବସାୟିକ ପ୍ରତିଷ୍ଠାନକୁ ବିନା ମାଲିକାନାରେ ପ୍ରାପ୍ତ ପରିସମ୍ପତ୍ତିର ଉପଯୋଗ କରିବାରେ ଏବଂ ଏହା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଜାହିର କରିବାରେ ସକ୍ଷମ କରାଇଥାଏ। ମାଲିକ ଏହା ବଦଳରେ ଭଡ଼ା ପାଇଥାନ୍ତି ଏବଂ ଚୁକ୍ତିର ସର୍ତ୍ତ ମୁତାବକ ଯେକୌଣସି ସମୟରେ ଚୁକ୍ତି ରଦ୍ଦ କରି ପାରନ୍ତି। ଏହି ପଦ୍ଧତି ବ୍ୟବସାୟକୁ ଯନ୍ତ୍ରପାତି ଓ କଳକବ୍ଜା ତଥା ଅନ୍ୟାନ୍ୟ ସ୍ଥାୟୀ ପରସମ୍ପତ୍ତି ଗୁଡ଼ିକୁ ସେଗୁଡ଼ିକର କ୍ରୟରେ ବହୁ ପରିମାଣର ରାଶି ବିନିଯୋଗ କରିବା ବିନା ଦୀର୍ଘ ଅବଧି ପାଇଁ ବ୍ୟବହାର କରିବାରେ ସହାୟତା କରେ। ଲିଜ୍ ଅବଧିର ପରିସମାପ୍ତିରେ ପରିସମ୍ପତ୍ତି ମାଲିକଙ୍କ ନିକଟକୁ ଫେରିଯାଏ। ପରିସମ୍ପତ୍ତିର ମାଲିକଙ୍କର ମଧ୍ୟ ଏହାକୁ ରିହାତି ମୂଲ୍ୟରେ ବ୍ୟବହାରକାରୀଙ୍କୁ ବିକ୍ରୀ କରିଦେବାର ବିକଳ୍ପ

ଥାଏ । ସମୟ ସମୟରେ ବ୍ୟବହାରକାରୀ କମ୍ପାନୀ ଲିଜ୍ ପ୍ରଦାନକାରୀ କମ୍ପାନୀକୁ ଏହାର ବିଦ୍ୟମାନ ପରିସମ୍ପତ୍ତିକୁ କ୍ରୟ କରିନେବା ପାଇଁ ଏବଂ ଲିଜ୍ ଆଧାରରେ ପୁଣି ସେହି ପରିସମ୍ପତ୍ତିକୁ ତାଙ୍କୁ ବ୍ୟବହାର କରିବାକୁ ଅନୁମତି ଦେବା ପାଇଁ ଅନୁରୋଧ କରିପାରନ୍ତି । ଏହା କମ୍ପାନୀକୁ ଦୀର୍ଘ-ମିଆଦୀ ପାଣ୍ଠିର ସଞ୍ଚୟ କରିବାରେ ସକ୍ଷମ କରେ ଯାହା ଅନ୍ୟ ଉଦ୍ଦେଶ୍ୟରେ ଉପଯୋଗ କରାଯାଇପାରିବ । ଏହାକୁ 'ବିକ୍ରୟ ଏବଂ ପଟ୍ଟା ଫେରସ୍ତ' (Sale and lease back) ପଦ୍ଧତି କୁହାଯାଏ ।

୧୫.୭.୮ ବିଦେଶୀ ନିବେଶ /ବୈଦେଶିକ ବିନିଯୋଗ (Foreign Investment)

ବ୍ୟବସାୟ ପାଇଁ ପାଣ୍ଠି ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ (FDI) ମାଧ୍ୟମରେ ବୈଦେଶିକ ଉତ୍ସରୁ ମଧ୍ୟ ସଂଗ୍ରହ କରିହେବ । ଏହା ବିଦେଶୀ କମ୍ପାନୀ ଗୁଡ଼ିକର ସହଯୋଗରେ ପ୍ରାପ୍ତ କରାଯାଇପାରିବ । ଏହା ଭାରତୀୟ କମ୍ପାନୀ ଗୁଡ଼ିକୁ ସେମାନଙ୍କର ଅଂଶ ପୁଞ୍ଜିରେ ବିଦେଶୀ ସହଯୋଗୀଙ୍କର ଅଭିଦାନ ଜରିଆରେ ସମତା ଅଂଶ ପୁଞ୍ଜିକୁ ସୁରକ୍ଷିତ କରିବାରେ ସକ୍ଷମ କରେ ।

କମ୍ପାନୀ ଗୁଡ଼ିକ ବିଶ୍ୱବ୍ୟାଙ୍କ ଏବଂ ଆନ୍ତର୍ଜାତୀୟ ଅର୍ଥ ନିଗମ ପରି ଆନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥା ଗୁଡ଼ିକରୁ ପ୍ରତ୍ୟକ୍ଷ ଭାବେ କିମ୍ବା ପୁନଃ-ବିତ୍ତାୟନ ଉପାୟରେ ଋଣ ମଧ୍ୟ ନେଇ ପାରିବେ । ବ୍ୟବସାୟ ପାଇଁ ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିବାର ଅନ୍ୟ ଏକ ପଦ୍ଧତି ହେଲା ବାହାରେ ବସବାସ କରୁଥିବା ଭାରତୀୟ ମୂଳ ଓ ଜାତୀୟତା ସମ୍ପନ୍ନ ବ୍ୟକ୍ତି ବିଶେଷ (ପ୍ରବାସୀ ଭାରତୀୟ କିମ୍ବା NRI)ଙ୍କୁ ଅଂଶପତ୍ରର ବିକ୍ରୀ । ଜଣେ ପ୍ରବାସୀ ଭାରତୀୟ କିମ୍ବା ପ୍ରବାସୀ ଭାରତୀୟଙ୍କ ଦ୍ୱାରା ନିୟନ୍ତ୍ରିତ ଏକ କମ୍ପାନୀ ଏକ ଭାରତୀୟ କମ୍ପାନୀର ପ୍ରଦତ୍ତ ପୁଞ୍ଜିର ଅନୁମୋଦିତ ସୀମା ମଧ୍ୟରେ ବିନିଯୋଗ କରିପାରିବେ ।

୧୫.୭.୯ ଗ୍ଲୋବାଲ୍ ଡିପୋଜିଟରୀ ରସିଦ୍ (Global Depository Receipt)

ଗ୍ଲୋବାଲ୍ ଡିପୋଜିଟରୀ ରିସୀଟ୍ (GDR) ଏବଂ ଆମେରିକାନ୍ ଡ଼ିପୋଜିଟରୀ ରିସୀଟ୍ (ADR) ଗୁଡ଼ିକର ନିର୍ଗମନ ବୈଦେଶିକ ଉତ୍ସରୁ ପାଣ୍ଠି ସଂଗ୍ରହ କରିବାର ବିଭିନ୍ନ ପଦ୍ଧତି ଅଟେ । ଏହି ପଦ୍ଧତିରେ ଭାରତୀୟ କମ୍ପାନୀ ଗୁଡ଼ିକ ଡିପୋଜିଟରୀ ରିସୀଟ୍ (ଗ୍ଲୋବାଲ କିମ୍ବା ଆମେରିକାନ୍) ରୂପରେ ଅଂଶପତ୍ରର ନିର୍ଗମନ କରାଯାଇଥାଏ ଯାହା ବିଦେଶୀ ବଜାରରେ କାରବାର (କିଣା ବିକା) ହୋଇଥାଏ । ଜି.ଡ଼ି.ଆର୍ (GDR) ପଦ୍ଧତିରେ ପ୍ରଥମେ କମ୍ପାନୀର ଅଂଶ ଗୁଡ଼ିକୁ ଆନ୍ତର୍ଜାତୀୟ ବ୍ୟାଙ୍କ ଦ୍ୱାରା ଡ଼ିପୋଜିଟରୀ ରସିଦ୍‌ରେ ରୂପାନ୍ତରିତ କରାଯାଏ । ଏହି ଡ଼ିପୋଜିଟରୀ ରସିଦ୍ ଗୁଡ଼ିକ ଆମେରିକୀୟ ଡଲାରରେ ମୂଲ୍ୟାଙ୍କିତ ହୋଇଥାଏ । ତତ୍ପରେ ଏହି ଡିପୋଜିଟରୀ ରସିଦ୍ ଗୁଡ଼ିକ ବୈଦେଶିକ ସେୟାର (ଷ୍ଟକ୍) ବଜାର ଜରିଆରେ ବିଶ୍ୱବ୍ୟାପୀ ବିକ୍ରୟ ପାଇଁ ଅର୍ପଣ କରାଯାଇଥାଏ । ଜି.ଡ଼ି.ଆର୍ ଧାରକ ମାନେ ଠିକ୍ ଅଂଶଧାରୀଙ୍କ ପରି ଲାଭାଂଶ ପାଇବା ପାଇଁ ହକ୍‌ଦାର । କିନ୍ତୁ ସେମାନଙ୍କର ମତଦାନ ଅଧିକାର ନ ଥାଏ । ଆଇ.ସି.ଆଇ.ସି.ଆଇ, ୱିପ୍ରୋ ଆଦି ପରି ଅନେକ ଭାରତୀୟ କମ୍ପାନୀ ଜି.ଡ଼ି.ଆର୍. ପ୍ରଚଳନ ଜରିଆରେ ବୈଦେଶିକ ପୁଞ୍ଜି ସଂଗ୍ରହ କରିଛନ୍ତି ।

ଯେଉଁ ଡିପୋଜିଟରୀ ରସିଦ୍ ଗୁଡ଼ିକ କୌଣସି ୟୁ.ଏସ୍.ଏ (USA) ବ୍ୟାଙ୍କ ଦ୍ୱାରା କେବଳ ଆମେରିକୀୟ ସେୟାର୍ ବଜାରରେ କାରବାର ପାଇଁ ନିର୍ଗମିତ ହୋଇଥାଏ, ତାହାକୁ ଆମେରିକାନ ଡିପୋଜିଟରୀ ରିସୀଟ୍ (ADR) କୁହାଯାଏ । ଏ.ଡ଼ି.ଆର. ଗୁଡ଼ିକ କେବଳ ଆମେରିକୀୟ ନାଗରିକଙ୍କୁ ନିର୍ଗମିତ କରାଯାଇଥାଏ ।

ପାଠଗତ ପ୍ରଶ୍ନ ୧୫(ଘ)

I. ନିମ୍ନ ସଂକ୍ଷିପ୍ତାକ୍ଷର ଗୁଡ଼ିକର ପୂର୍ଣ୍ଣ ରୂପ ଦିଅ :

(କ) ଆଇ.ଏଫ୍.ସି. ଆଇ ____________ (ଘ) ଜି.ଡ଼ି.ଆର୍. ____________

(ଖ) ଏସ୍.ଏଫ୍.ସି. ____________ (ଙ) ଏଫ୍.ଡ଼ି.ଆଇ. ____________

(ଗ) ଏସ୍.ଆଇ.ଡ଼ି.ସି. ____________ (ଚ) ଏ.ଡ଼ି.ଆର୍. ____________

II. ନିମ୍ନଲିଖିତ ପ୍ରତ୍ୟେକ ଉକ୍ତି ଦୀର୍ଘ-ମିଆଦୀ ବିତ୍ତାୟନର କେଉଁ ପଦ୍ଧତି, 'ସର୍ବସାଧାରଣ ଜମା' ଅଥବା 'ଲାଭର ସଞ୍ଚୟ'କୁ ସୂଚାଉ ଅଛି :

(କ) ଏହି ପଦ୍ଧତିରେ ପାଣ୍ଠିର ଉପଯୋଗ ବିଷୟରେ ପରିଚାଳନ କମ୍ ଯତ୍ନଶୀଳ ହୋଇଥାନ୍ତି।

(ଖ) ଏହି ପଦ୍ଧତି ଜରିଆରେ ପାଣ୍ଠି ସଂଗ୍ରହ ପାଇଁ ସାଧାରଣତଃ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଇଥାଏ।

(ଗ) ସେଗୁଡ଼ିକର ନମନୀୟତା ଥାଏ ଏବଂ ଯେତେବେଳେ ଆବଶ୍ୟକ ନ ଥାଏ ସେତେବେଳେ ପାଣ୍ଠି ଫେରସ୍ତ କରାଯାଇପାରେ।

(ଘ) ସେଗୁଡ଼ିକ ଅଂଶଧାରୀଙ୍କୁ ଲାଭ ଦେଇଥାଏ ଯେହେତୁ ସେମାନଙ୍କୁ ଲାଭାଂଶ ପ୍ରଦାନ କରିବା ପାଇଁ କମ୍ପାନୀ ସେଗୁଡ଼ିକର ଉପଯୋଗ କରିପାରେ।

(ଙ) ଏହା ଉପରେ ସୁଧ ପୈଠ କରିବା ପାଇଁ କିମ୍ବା ଅର୍ଥରାଶି ଫେରସ୍ତ (ପରିଶୋଧ) କରିବା ପାଇଁ କମ୍ପାନୀ ଉପରେ କୌଣସି ଦେୟବଦ୍ଧତା ନାହିଁ।

II. (କ) ପଟ୍ଟା (ଲିଜ୍) ବିତ୍ତାୟନ ଜରିଆରେ ପାଣ୍ଠି କିପରି ସଂଗ୍ରହ କରାଯାଏ ? ନିଜ ଶବ୍ଦରେ ସଂକ୍ଷେପରେ ବୁଝାଅ।

____

____

____

(ଖ) ବାଣିଜ୍ୟିକ ବ୍ୟାଙ୍କ୍ ଗୁଡ଼ିକରୁ ଦୀର୍ଘ-ମିଆଦୀ କରଜ (ଋଣ) କରିବାର କୌଣସି ଦୁଇଟି ସୀମାବଦ୍ଧତାର ତାଲିକା କର।

(i) ____

____

(ii) ____

____

୧୫.୮ ତୁମେ ଯାହା ଶିଖିଲ

- ବ୍ୟବସାୟ ଆରମ୍ଭ କରିବା ଓ ଚଳାଇବା ପାଇଁ ପ୍ରତ୍ୟେକ ବ୍ୟବସାୟ ମୁଦ୍ରା (ଅର୍ଥ) ଆବଶ୍ୟକ କରିଥାଏ। 'ବ୍ୟାବସାୟିକ ବିତ୍ତ' କହିଲେ ବ୍ୟାବସାୟିକ ଉଦ୍ଦେଶ୍ୟରେ ଆବଶ୍ୟକୀୟ ମୁଦ୍ରା ଏବଂ ଏହା ସଂଗ୍ରହ କରିବାର ଉପାୟ ସମୂହକୁ ବୁଝାଇଥାଏ।
- ପ୍ରତ୍ୟେକ ବ୍ୟବସାୟ ସ୍ଥାୟୀ ପରିସମ୍ପତ୍ତିର କ୍ରୟ କରିବା, ଦୈନନ୍ଦିନ ଖର୍ଚ୍ଚ ତୁଲାଇବା, ବ୍ୟାବସାୟିକ ଅଭିବୃଦ୍ଧିକୁ ପାଣ୍ଠି ଯୋଗାଇବା, ଉତ୍ପାଦନ ଓ ବିକ୍ରୟ ମଧ୍ୟରେ ଥିବା ସମୟାନ୍ତରର ପରିପୂର୍ତ୍ତି କରିବା, ଆକସ୍ମିକ ବ୍ୟୟର ଭରଣା କରିବା ଏବଂ ବ୍ୟାବସାୟିକ ସୁଯୋଗ ହାତେଇବା ପାଇଁ ପାଣ୍ଠି ଆବଶ୍ୟକ କରିଥାଏ।
- ଆଧୁନିକ ସମୟରେ ବୃହଦାକାର କ୍ରିୟାକଳାପ, ଆଧୁନିକ କାରିଗରୀ ବିଦ୍ୟାର ପ୍ରୟୋଗ ଏବଂ ବିକ୍ରୟର ପରିବର୍ଦ୍ଧନ ଜନିତ ଆବଶ୍ୟକତା କାରଣରୁ ବିତ୍ତର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି।
- ଯେଉଁ ଅବଧି ପାଇଁ ପାଣ୍ଠିର ଆବଶ୍ୟକ ସେହି ଅବଧିର ଆଧାରରେ ବ୍ୟାବସାୟିକ ବିତ୍ତକୁ ଏହିପରି ଶ୍ରେଣୀଭୁକ୍ତ କରାଯାଇପାରେ :

  (କ) ସ୍ୱଳ୍ପ-ମିଆଦୀ ବିତ୍ତ (ଏକ ବର୍ଷରୁ କମ୍ ଅବଧି ପାଇଁ)

  (ଖ) ମଧ୍ୟବର୍ତ୍ତୀ-କାଳୀନ ବିତ୍ତ (ଏକ ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ)

  (ଗ) ଦୀର୍ଘ-ମିଆଦୀ ବିତ୍ତ (ପାଞ୍ଚ ବର୍ଷରୁ ଅଧିକ ପାଇଁ)
- ବ୍ୟବସାୟ ଦ୍ୱାରା ଆବଶ୍ୟକୀୟ ପାଣ୍ଠି ସଂଗ୍ରହର ଦୁଇଟି ଉତ୍ସ ଅଛି (i) ଆଭ୍ୟନ୍ତରୀଣ ଉତ୍ସ - ମାଲିକଙ୍କ ପୁଞ୍ଜି, ଉପାର୍ଜିତ ଲାଭ, ଏବଂ (ii) ବାହ୍ୟ ଉତ୍ସ- ବନ୍ଧୁ ଓ ସମ୍ପର୍କୀୟ, ବ୍ୟାଙ୍କ, ଅନ୍ୟ ଆର୍ଥିକ ଅନୁଷ୍ଠାନ, ସାହୁକାର, ପୁଞ୍ଜି ବଜାର, ଇତ୍ୟାଦି।
- ସ୍ୱଳ୍ପ-ମିଆଦୀ ପାଣ୍ଠି ସଂଗ୍ରହ କରିବାର ପଦ୍ଧତି ସମୂହ:

  ୧. ବ୍ୟାପାରିକ ଋଣ

  ୨. ବ୍ୟାଙ୍କ ଋଣ- ଋଣ ଏଂବ ଅଗ୍ରୀମ, ନଗଦୀ ଋଣ, ବ୍ୟାଙ୍କ ଅଧିଉଠାଣ, ହୁଣ୍ଡିର ରିହାତିକରଣ

  ୩. ପେଶାଦାର ଦଲାଲ ମାଧ୍ୟମରେ ଋଣ ଆଦାୟ

  ୪. ଗ୍ରାହକମାନଙ୍କଠାରୁ ଅଗ୍ରୀମ

  ୫. କିସ୍ତି ଋଣ

  ୬. ଅଣ-ସଂଗଠିତ କ୍ଷେତ୍ର ଗୁଡ଼ିକରୁ ଋଣ

- ବ୍ୟାଙ୍କ ଗୁଡ଼ିକ କିଛି ଅମାନତ ନେଇ ଋଣ ଏବଂ ଅଗ୍ରୀମ ମଞ୍ଜୁର କରିଥାନ୍ତି ଯାହା ବ୍ୟାଙ୍କକୁ ତା'ର ଟଙ୍କାର ନିରାପଦ ଫେରସ୍ତ ପାଇଁ ସୁନିଶ୍ଚିତ କରାଇଥାଏ। ବ୍ୟାଙ୍କ ଋଣ ବାବଦରେ ପ୍ରଦତ୍ତ ଅମାନତ ଦୁଇ ପ୍ରକାରର ହୋଇପାରେ :

  (i) ବ୍ୟକ୍ତିଗତ ଅମାନତ

  (ii) ପରିସମ୍ପତ୍ତି, ଯଥା ଗତିଶୀଳ ଦ୍ରବ୍ୟ, ଅଂଶ ଓ ଷ୍ଟକ୍, ଦ୍ରବ୍ୟର ସ୍ୱତ୍ୱାଧିକାର ଦସ୍ତାବିଜ, ସ୍ଥାୟୀ ଜମା ରସିଦ୍, ଜୀବନ ବୀମା ପଲିସି, ରତ୍ନମଣି କିମ୍ବା ମୂଲ୍ୟବାନ୍ ଧାତୁ ସମୂହ ଆଦିର ଅମାନତ।

- ଦୀର୍ଘ-ମିଆଦୀ ବିତ୍ତ ସଂଗ୍ରହ କରିବାର ପଦ୍ଧତି ଗୁଡ଼ିକ ହେଲା :

(i) ଅଂଶ ପତ୍ରର ନିର୍ଗମନ: ଅଂଶ ହେଉଛି ସେହି କ୍ଷୁଦ୍ରତମ ଏକକ ଯେଉଁଥିରେ କମ୍ପାନୀର ମୋଟ ପୁଞ୍ଜି ବିଭାଜିତ ହୋଇଥାଏ ।

ମୁଖ୍ୟତଃ ଦୁଇ ପ୍ରକାରର ଅଂଶ ଅଛି ।

(କ) ସମତା ବା ସାଧାରଣ ଅଂଶ : ସେଗୁଡ଼ିକ ସେହି ଅଂଶ ଯେଉଁ ଗୁଡ଼ିକ ଲାଭାଂଶ ପ୍ରଦାନ କିମ୍ବା ପୁଞ୍ଜି ଫେରସ୍ତ ପରିପ୍ରେକ୍ଷୀରେ କୌଣସି ଅଗ୍ରାଧିକାର ପ୍ରାପ୍ତ ହୋଇ ନଥାନ୍ତି । ସମତା ଅଂଶଧାରୀମାନେ ଅଗ୍ରାଧିକାରଯୁକ୍ତ ଅଂଶ ଉପରେ ଲାଭାଂଶ ପ୍ରଦାନ କରାଯିବା ପରେ ହିଁ କେବଳ ଲାଭାଂଶ ପାଇଥାନ୍ତି । ସମତା ଅଂଶଧାରୀ ମାନଙ୍କ ପାଇଁ ଲାଭାଂଶର କୌଣସି ନିର୍ଦ୍ଦିଷ୍ଟ ହାର ନଥାଏ ।

(ଖ) ଅଗ୍ରାଧିକାରଯୁକ୍ତ ଅଂଶ : ସେଗୁଡ଼ିକ ଲାଭାଂଶ ପ୍ରଦାନ ଓ ପୁଞ୍ଜି ଫେରସ୍ତ ପ୍ରସଙ୍ଗରେ ଅଗ୍ରାଧିକାର ବହନ କରିଥାନ୍ତି । ଅଗ୍ରାଧିକାରଯୁକ୍ତ ଅଂଶ ଉପରେ ଲାଭାଂଶର ହାର ନିର୍ଦ୍ଦିଷ୍ଟ ଥାଏ ।

ବିଭିନ୍ନ ପ୍ରକାରର ଅଗ୍ରାଧିକାର ଯୁକ୍ତ ଅଂଶ ଯାହା ଏକ କମ୍ପାନୀ ନିର୍ଗମନ କରିପାରେ ସେଗୁଡ଼ିକ ହେଲା:

- ପରିବର୍ତ୍ତନଶୀଳ ଏବଂ ଅଣ-ପରିବର୍ତ୍ତନଶୀଳ ଅଗ୍ରାଧିକାରଯୁକ୍ତ ଅଂଶ
- ପୁଞ୍ଜିଭୁତ ଏବଂ ଅଣ-ପୁଞ୍ଜିଭୁତ ଅଗ୍ରାଧିକାରଯୁକ୍ତ ଅଂଶ
- ଅଂଶଗ୍ରହଣକାରୀ ଏବଂ ଅଣ-ଅଂଶଗ୍ରହଣକାରୀ ଅଗ୍ରାଧିକାରଯୁକ୍ତ ଅଂଶ
- ପରିଶୋଧନୀୟ ଏବଂ ଅପରିଶୋଧନୀୟ ଅଗ୍ରାଧିକାରଯୁକ୍ତ ଅଂଶ

(ii) ଋଣପତ୍ରର ନିର୍ଗମନ: କମ୍ପାନୀଗୁଡ଼ିକ ଋଣପତ୍ର ଜରିଆରେ ମଧ୍ୟ ପାଣ୍ଠି ସଂଗ୍ରହ କରିଥାନ୍ତି ଯାହା ବିନିଯୋଗକାରୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୁଧ ହାର ରୂପରେ ଏକ ନିଶ୍ଚିତ ପ୍ରତିଫଳ (ସୁଧ) ହାର ବହନ କରିଥାଏ । ଋଣପତ୍ରଧାରୀମାନେ କମ୍ପାନୀର ମହାଜନ ଅଟନ୍ତି ଏବଂ ସେମାନେ କମ୍ପାନୀର ଲାଭୋପାର୍ଜନ ନିର୍ବିଶେଷରେ ସୁଧ ପାଇବାକୁ ହକ୍‌ଦାର ଅଟନ୍ତି । ସେମାନଙ୍କର କୌଣସି ମତଦାନ ଅଧିକାର ନଥାଏ ।

(iii) ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ଋଣ

(iv) ବାଣିଜ୍ୟିକ ବ୍ୟାଙ୍କ୍ ଗୁଡ଼ିକରୁ ଋଣ

(v) ସର୍ବସାଧାରଣ ଜମା

(vi) ସଞ୍ଚିତ ଆୟ

(vii) ପଟ୍ଟା ବିତ୍ତାୟନ

(viii) ବୈଦେଶିକ ବିନିଯୋଗ

(ix) ଗ୍ଲୋବାଲ୍ ଡିପୋଜିଟରୀ ରସିଦ୍

୧୫.୯ ମୁଖ୍ୟ ଶବ୍ଦ

ଏ.ଡ଼ି.ଆର.	ବ୍ୟାଙ୍କ ଋଣ	ବ୍ୟାଙ୍କ ଅଧିଉଠାଣ
ପୁଞ୍ଜି ବଜାର	ନଗଦୀ ଋଣ	ଗ୍ରାହକଙ୍କଠାରୁ ଅଗ୍ରୀମ
ଋଣପତ୍ର	ହୁଣ୍ଡିର ରିହାତିକରଣ	ଲାଭାଂଶ
ସମତା ଅଂଶ	ପେଶାଦାର ଦଲାଲ ମାଧ୍ୟମରେ ଋଣ ଆଦାୟ	ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ
ଜି.ଡ଼ି.ଆର.	ଆଭ୍ୟନ୍ତରୀଣ ବିତ୍ତାୟନ	ବିନିଯୋଗ ନ୍ୟାସ
ପଟ୍ଟା (ଲିଜ୍)	ଦୀର୍ଘ-ମିଆଦୀ ବିତ୍ତ	ମଧ୍ୟବର୍ତ୍ତୀ-କାଳୀନ ବିତ୍ତ
ଲାଭର ପୁନର୍ବିନିଯୋଜନ	ଅଗ୍ରାଧିକାର ଯୁକ୍ତ ଅଂଶ	ସର୍ବସାଧାରଣ ଜମା
ସଞ୍ଚିତ ଆୟ	ଅଂଶ	ସ୍ୱଳ୍ପ-ମିଆଦୀ ବିତ୍ତ
ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ	ବ୍ୟାପାରିକ ଋଣ (ଉଧାର)	ସମତା ଉପରେ ବ୍ୟାପାର
କାର୍ଯ୍ୟକାରୀ ପୁଞ୍ଜି		

୧୫.୧୦ ପାଠ୍ୟାନ୍ତ ପ୍ରଶ୍ନ

ଅତି କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୧. 'ହୁଣ୍ଡିର ରିହାତିକରଣ'ର ଅର୍ଥ କ'ଣ ?

୨. 'ସମତା ଉପରେ ବ୍ୟାପାର' କ'ଣ ?

୩. 'ପଟ୍ଟା ବିତ୍ତାୟନ'ର ଅର୍ଥ କ'ଣ ?

୪. 'ବିକ୍ରୟ ଓ ପୁନଃ ପଟ୍ଟା' ପଦ୍ଧତିର ଅର୍ଥ ଉଲ୍ଲେଖ କର।

୫. 'ଅଗ୍ରାଧିକାର ଯୁକ୍ତ ଅଂଶ'ର ଅର୍ଥ ଉଲ୍ଲେଖ କର।

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬. ଜି.ଡି.ଆର. ଓ ଏ.ଡ଼ି.ଆର୍. ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

୭. 'ବିତ୍ତ (ଅର୍ଥ)କୁ ବ୍ୟବସାୟର ଜୀବନ-ରେଖା ଭାବେ ବିବେଚନା କରାଯାଏ, ବିଶେଷ କରି ଆଧୁନିକ ସମୟରେ'। ଏହାର କାରଣ ଦିଅ।

୮. ଯେକୌଣସି ଦୁଇଟି ଉପାୟ ବୁଝାଇ ଲେଖ ଯେଉଁଥିରେ କି ଏକ ବ୍ୟବସାୟ ଉଦ୍ୟୋଗ ବ୍ୟାଙ୍କ ଋଣ ହାସଲ କରିପାରିବ।

୯. ପରିଚାଳନା ଦୃଷ୍ଟିକୋଣରୁ ସମତା ଅଂଶର ଦୁଇଟି ଉପକାରିତା ଓ ଦୁଇଟି ସୀମାବଦ୍ଧତା ଦିଅ।

୧୦. ଗୋଟିଏ କମ୍ପାନୀ ନିର୍ଗମନ କରିପାରୁଥିବା ଅଗ୍ରାଧିକାର ଯୁକ୍ତ ଅଂଶର ଚାରି ପ୍ରକାରକୁ ବୁଝାଅ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧୧. 'ଋଣପତ୍ର' କ'ଣ ? ଗୋଟିଏ କମ୍ପାନୀ ପାଇଁ ଦୀର୍ଘ-ମିଆଦୀ ବିତ୍ତର ଏକ ଉତ୍ସ ରୂପରେ ଋଣପତ୍ରର ତିନୋଟି ଉପକାରିତା ଓ ତିନୋଟି ସୀମାବଦ୍ଧତା ବର୍ଣ୍ଣନା କର ।

୧୨. ଦୀର୍ଘ-ମିଆଦୀ ବିତ୍ତର ଉତ୍ସ ଭାବେ 'ଅଂଶପତ୍ର' ଏବଂ 'ଋଣପତ୍ର' ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୧୩. 'ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ'ର ଅର୍ଥ କ'ଣ ? ଦୀର୍ଘ-ମିଆଦୀ ପାଣ୍ଠିର ଏକ ଉତ୍ସ ରୂପରେ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନରୁ ଋଣ ନେବାର ଦୁଇଟି ଉପକାରିତା ଓ ଦୁଇଟି ଅପକାରିତା ବୁଝାଅ ।

୧୪. ସେହି ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକୁ ବୁଝାଅ ଯେଉଁଥିପାଇଁ ବ୍ୟବସାୟ ପାଣ୍ଠି (ପୁଞ୍ଜି) ଆବଶ୍ୟକ କରିଥାଏ ।

୧୫. ବ୍ୟାଖ୍ୟାତ୍ମକ ଟିପ୍ପଣୀ ଲେଖ :

(କ) ଲାଭର ସଞ୍ଚୟ; ଏବଂ (ଖ) ସର୍ବସାଧାରଣ ଜମା, ଦୀର୍ଘ-ମିଆଦୀ ବିତ୍ତର ପଦ୍ଧତି ରୂପରେ ।

୧୫.୧୧ ପାଠଗତ ପ୍ରଶ୍ନର ଉତ୍ତର

୧୫ (କ)

୧. (କ) ସ୍ଥାୟୀ ପରିସମ୍ପତ୍ତିର କ୍ରୟ ପାଇଁ

(ଖ) ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ

(ଗ) ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ପାଣ୍ଠି

(ଘ) ଉତ୍ପାଦନ ଓ ବିକ୍ରୟ ମଧ୍ୟବର୍ତ୍ତୀ ସମୟାନ୍ତରର ପରିପୂର୍ତ୍ତି

(ଙ) ଆକସ୍ମିକ ବ୍ୟୟର ଭରଣା ପାଇଁ

(ଚ) ବ୍ୟାବସାୟିକ ସୁଯୋଗ ହାତେଇବା ପାଇଁ

୨. (କ) (i) କଞ୍ଚାମାଲର କ୍ରୟ

(ii) ବିଦ୍ୟୁତ୍ ବିଲ୍‌ର ପୈଠ (କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ)

(ଖ) (i) ଆଧୁନିକୀକରଣ ଓ ପୁନର୍ନବୀକରଣ

(ii) ସ୍ୱତନ୍ତ୍ର ଉନ୍ନତିବିଧାନ କାର୍ଯ୍ୟକ୍ରମ (କିମ୍ବା ଅନ୍ୟକୌଣସି ଉପଯୁକ୍ତ ଉଦାହରଣ)

(ଗ) (i) ଜମି ଓ କୋଠାର କ୍ରୟ

(ii) ଆସବାବପତ୍ରର କ୍ରୟ (କିମ୍ବା ଅନ୍ୟକୌଣସି ଉପଯୁକ୍ତ ଉଦାହରଣ)

୧୫ (ଖ)

I. (କ) ଜାହଜ ବହନ ପତ୍ର, ରେଳ ରସିଦ୍, ଭଣ୍ଡାର ଘର ରସିଦ୍ ଇତ୍ୟାଦି ।

(ଖ) କଞ୍ଚାମାଲ ଯଥା ଚମଡ଼ା, ରାସାୟନିକ ଦ୍ରବ୍ୟ ଇତ୍ୟାଦିର ସମ୍ଭାର କିମ୍ବା ଉତ୍ପାଦିତ ଦ୍ରବ୍ୟ ଯଥା ଔଦ୍ୟୋଗିକ ଯନ୍ତ୍ରପାତି, ଚମଡ଼ା ଜୋତା ଇତ୍ୟାଦିର ସମ୍ଭାର (କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ) ।

(ଗ) ସୁନା ଚୁଡ଼ି, ହୀରା ହାର, ରୌପ୍ୟ ନିର୍ମିତ ଦ୍ରବ୍ୟ (କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ)

II. (କ) ବ୍ୟାଙ୍କ୍ ଅଧିଉଠାଣ

(ଖ) ହୁଣ୍ଡିର ରିହାତିକରଣ

(ଗ) ନଗଦୀ ଋଣ

(ଘ) ଋଣ ଓ ଅଗ୍ରୀମ

୧୫ (ଗ)

I. (କ) ଏହି ଅଂଶଗୁଡ଼ିକ ଉପରେ ସମତା ଅଂଶ ତୁଳନାରେ ଅଗ୍ରାଧିକାର ଭିତ୍ତିରେ ଲାଭାଂଶ ପ୍ରଦାନ କରାଯାଇଥାଏ ।

(ଖ) ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜିର ଫେରସ୍ତ କରିସାରିବା ପରେ ହିଁ କେବଳ ଏହି ଅଂଶ ପୁଞ୍ଜିର ଫେରସ୍ତ ହୁଏ ।

(ଗ) ଅଂଶଧାରୀମାନେ ମତଦାନ ଅଧିକାର ଉପଭୋଗ କରନ୍ତି ।

(ଘ) ପୁଞ୍ଜିଭୁତ ଅଗ୍ରାଧିକାରଯୁକ୍ତ ଅଂଶ କ୍ଷେତ୍ରରେ ଅଦତ୍ତ ଲାଭାଂଶ ଠୁଳ(ଏକତ୍ରିତ) ହୋଇଥାଏ ଏବଂ ଭବିଷ୍ୟତ ବର୍ଷଗୁଡ଼ିକୁ ପୈଠ ପାଇଁ ନିଆଯାଇଥାଏ ।

II. (କ) ଅଗ୍ରାଧିକାରଯୁକ୍ତ ଅଂଶ

(ଖ) ଋଣପତ୍ର

(ଗ) ସମତା ଅଂଶ

(ଘ) ସମତା ଅଂଶ

(ଙ) ଋଣପତ୍ର

III.

ଆଧାର	**ଅଂଶପତ୍ର**	**ଋଣପତ୍ର**
୧. ସ୍ଥିତି	କମ୍ପାନୀର ମାଲିକ	କମ୍ପାନୀର ମହାଜନ
୨. ଅଧିକାର	ମତଦାନ ଅଧିକାର ଏବଂ କମ୍ପାନୀର ନୀତି ନିର୍ଦ୍ଧାରଣ କରନ୍ତି ।	କମ୍ପାନୀର ସଭାରେ ଯୋଗଦାନ ଅଧିକାର ନାହିଁ । କମ୍ପାନୀର ପରିଚାଳନାରେ ହସ୍ତକ୍ଷେପ ନାହିଁ ।
୩. ଅମାନତ	ଆବଶ୍ୟକ ନାହିଁ	ସାଧାରଣତଃ ସୁରକ୍ଷିତ । ତେଣୁ ଋଣପତ୍ର ନିର୍ଗମନ ପାଇଁ ଯଥେଷ୍ଟ ସ୍ଥାୟୀ ପରିସମ୍ପତ୍ତି ଆବଶ୍ୟକ ।
୪. ଆଶଙ୍କା	ଅଧିକ	କମ୍ ଆଶଙ୍କା

୧୫ (ଘ)

I. (କ) ଭାରତୀୟ ଔଦ୍ୟୋଗିକ ବିତ୍ତ ନିଗମ

(ଖ) ରାଜ୍ୟ ବିତ୍ତ ନିଗମ

(ଗ) ରାଜ୍ୟ ଔଦ୍ୟୋଗିକ ବିକାଶ ନିଗମ

(ଘ) ଗ୍ଲୋବାଲ୍ ଡିପୋଜିଟରୀ ରସିଦ୍

(ଙ) ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ

(ଚ) ଆମେରିକାନ୍ ଡିପୋଜିଟରୀ ରସିଦ୍

II. (କ) ସଞ୍ଚିତ ଆୟ

(ଖ) ସର୍ବସାଧାରଣ ଜମା

(ଗ) ସର୍ବସାଧାରଣ ଜମା

(ଘ) ସଞ୍ଚିତ ଆୟ

(ଙ) ସଞ୍ଚିତ ଆୟ

କର ଏବଂ ଶିଖ

ତୁମ ଅଞ୍ଚଳର ଯେକୌଣସି ଦୁଇଟି ବ୍ୟାଙ୍କର ଶାଖା ପରିଦର୍ଶନ କର ଏବଂ ସେମାନଙ୍କଠାରୁ ବିଭିନ୍ନ ଉପାୟ ବିଷୟରେ ଅନୁସନ୍ଧାନ କର, ଯେଉଁଥିରେ ସେମାନେ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବିତ୍ତ ପ୍ରଦାନ କରିଥାନ୍ତି । ଏହି ବିତ୍ତାୟନ ପାଇଁ ବ୍ୟାଙ୍କ ଗୁଡ଼ିକ ଗ୍ରହଣ କରୁଥିବା ଅମାନତ ଗୁଡ଼ିକର ପ୍ରକାର ବିଷୟରେ ଅନୁସନ୍ଧାନ କର ।

ନାଟ୍ୟାଭିନୟ

ଇମ୍ରାନ୍ ଟ.୨୫,୦୦୦.୦୦ର ପୁଞ୍ଜି ଲଗାଇ ଏକକ ସ୍ୱତ୍ୱାଧିକାରୀ ରୂପରେ ତା'ର କପଡ଼ା ଦୋକାନ ଆରମ୍ଭ କରିଥିଲା । ବର୍ତ୍ତମାନ ଦୁଇବର୍ଷ ପରେ ସେ ତା'ର ବୃଦ୍ଧିପ୍ରାପ୍ତ ବ୍ୟବସାୟକୁ ଚଳାଇବା ପାଇଁ ଏକ କମ୍ପାନୀ ଗଠନ କରିବାକୁ ନିଷ୍ପତ୍ତି ନେଇଛି । ସେ ଅର୍ଥପରାମର୍ଶଦାତା ଶ୍ରୀମତୀ ଜ୍ୟୋତିଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ କି ସେ (ଜ୍ୟୋତି) ବିଭିନ୍ନ ବିତ୍ତୀୟ ଉତ୍ସ ବିଷୟରେ ଧାରଣା ଦିଅନ୍ତୁ ଯେଉଁଠାରୁ ସେ (ଇମ୍ରାନ୍) ତାଙ୍କ କମ୍ପାନୀ ପାଇଁ ଦୀର୍ଘ-ମିଆଦୀ ଅବଧି ନିମନ୍ତେ ପାଣ୍ଠି ପ୍ରାପ୍ତ କରିପାରିବେ । ଜ୍ୟୋତିଙ୍କ କାର୍ଯ୍ୟାଳୟରେ ଇମ୍ରାନ୍ ଓ ଜ୍ୟୋତିଙ୍କ ମଧ୍ୟରେ ଯାହା କଥାବାର୍ତ୍ତା ହୋଇଥିଲା ତା'ର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା:

ଇମ୍ରାନ୍ : ଆଚ୍ଛା ମାଡାମ୍, କେଉଁ ସବୁ ଉପାୟ ଅଛି ଯେଉଁଥିରେ ମୁଁ ମୋର ବୃଦ୍ଧିପ୍ରାପ୍ତ ବ୍ୟବସାୟ ପାଇଁ ଦୀର୍ଘ-ମିଆଦୀ ପାଣ୍ଠି ପାଇପାରିବି ?

ଜ୍ୟୋତି : ମିଷ୍ଟର ଇମ୍ରାନ୍, ଆଜିର ସମୟରେ ଆପଣଙ୍କ ପାଖରେ ଚୟନ ପାଇଁ ଅର୍ଥପ୍ରାପ୍ତିର ଅନେକ ବିକଳ୍ପ ଅଛି । ମୁଁ ପରାମର୍ଶ ଦେବି କି ଆପଣ ସେଗୁଡ଼ିକର ପ୍ରତ୍ୟେକର ସୁବିଧା (ଗୁଣ) ଅସୁବିଧା(ଦୋଷ)ର ତୁଳନା କରନ୍ତୁ ଏବଂ ତା'ପରେ ନିଷ୍ପତ୍ତି ନିଅନ୍ତୁ ଯେ, କେଉଁ ଉତ୍ସ ଆପଣଙ୍କ ବ୍ୟବସାୟର ସ୍ୱତନ୍ତ୍ର ଆବଶ୍ୟକତା ପାଇଁ ସର୍ବାଧିକ ଉପଯୁକ୍ତ ।

ଇମ୍ରାନ୍ : ଆହା ! ଏହା ଖୁବ୍ ଭଲ ହେବ ଯଦି ଆପଣ ବିଭିନ୍ନ ଉତ୍ସ ଉପରେ କିଛି କିଛି ଆଲୋକପାତ କରିପାରନ୍ତେ, ଯେହେତୁ ମୁଁ ଏସବୁ ବିଷୟରେ ବେଶୀ କିଛି ଜାଣେ ନାହିଁ ।

ଜ୍ୟୋତି : ହଁ ନିଶ୍ଚୟ । ସର୍ବପ୍ରଥମ ଯାହା ମୋ ମନକୁ ଆସୁଛି ତାହା ହେଲା ପୁଞ୍ଜି ବଜାରରୁ ଅର୍ଥ ସଂଗ୍ରହ କରିବା । ଏହା ତିନୋଟି ଉପାୟରେ କରାଯାଇପାରିବ-ସମତା ଅଂଶ, ଅଗ୍ରାଧିକାର ଯୁକ୍ତ ଅଂଶ ଏବଂ ଋଣପତ୍ରର ନିର୍ଗମନ ଜରିଆରେ ।

ଇମ୍ରାନ୍ : ରୁହନ୍ତୁ, ରୁହନ୍ତୁ ମାଡାମ୍, ଗୋଟିଏ ପରେ ଗୋଟିଏ । ଦୟାକରି ଆପଣ ପ୍ରଥମେ ମୋତେ ସମତା ଅଂଶ ବିଷୟରେ କହିପାରିବେ କି ?

ବର୍ତ୍ତମାନ ଏହି ଦୁଇ ବ୍ୟକ୍ତିଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରଖ । ତୁମେ ଜ୍ୟୋତିର ଭୂମିକା ନେଇପାର ଏବଂ ତୁମର ଜଣେ ସାଙ୍ଗକୁ ଇମ୍ରାନ୍‌ର ଭୂମିକାରେ ଅଭିନୟ କରିବାକୁ କହିପାର ।

ଏହି ନାଟ୍ୟାଭିନୟ ଜରିଆରେ ତୁମେ ମଜା ଉଠାଇପାରିବ ଏବଂ ଦୀର୍ଘ-ମିଆଦୀ ବିତ୍ତର ବିଭିନ୍ନ ଉତ୍ସର ପୁନରାବୃତ୍ତି କରିପାରିବ ।

ଅଧ୍ୟାୟ-ଏକ ଦୃଷ୍ଟିରେ

୧୫.୧ ବ୍ୟାବସାୟିକ ବିତ୍ତ
୧୫.୨ ବ୍ୟାବସାୟିକ ବିତ୍ତର ଗୁରୁତ୍ୱ
୧୫.୩ ବ୍ୟାବସାୟିକ ବିତ୍ତର ପ୍ରକାର
୧୫.୪ ବିତ୍ତର ଉତ୍ସ
୧୫.୫ ସ୍ୱଳ୍ପ-ମିଆଦୀ ବିତ୍ତ ସଂଗ୍ରହ କରିବାର ପଦ୍ଧତି ସମୂହ
୧୫.୬ ବ୍ୟାଙ୍କ ଋଣ ହାସଲ କରିବାପାଇଁ ଆବଶ୍ୟକୀୟ ଅମାନତର ପ୍ରକାରଭେଦ
୧୫.୭ ଦୀର୍ଘ-ମିଆଦୀ ବିତ୍ତ ଆହରଣ କରିବାର ପଦ୍ଧତି ସମୂହ
- ୧୫.୭.୧ ଅଂଶପତ୍ରର ନିର୍ଗମନ
- ୧୫.୭.୨ ଋଣପତ୍ରର ନିର୍ଗମନ
- ୧୫.୭.୩ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ଋଣ
- ୧୫.୭.୪ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକରୁ ଋଣ
- ୧୫.୭.୫ ସର୍ବସାଧାରଣ ଜମା
- ୧୫.୭.୬ ଲାଭର ସଞ୍ଚୟ
- ୧୫.୭.୭ ପଟ୍ଟା ବିତ୍ତାୟନ
- ୧୫.୭.୮ ବିଦେଶୀ ନିବେଶ
- ୧୫.୭.୯ ଗ୍ଲୋବାଲ୍ ଡିପୋଜିଟାରୀ ରସିଦ୍

-୦-

୧୬

ଦୀର୍ଘ-ମିଆଦୀ ବିତ୍ତର ଉତ୍ସ
(Sources of Long-Term Finance)

ପୂର୍ବ ପାଠରେ ତୁମେ ଦୀର୍ଘ-ମିଆଦୀ ବିତ୍ତ ସଂଗ୍ରହ କରିବାର ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ଶିଖିଛ । ସାଧାରଣତଃ ବିତ୍ତ ସଂଗ୍ରହ କରିବାର ପଦ୍ଧତି ଗୁଡ଼ିକୁ ବିତ୍ତର ଉତ୍ସ ମଧ୍ୟ କୁହାଯାଏ । କିନ୍ତୁ ବାସ୍ତବରେ ଏହି ପଦ୍ଧତି ଗୁଡ଼ିକ କେବଳ ସେହି ସ୍ୱରୂପକୁ ସୂଚାଇଥାଏ ଯେଉଁଥିରେ ପାଣ୍ଠି ସଂଗ୍ରହ କରାଯାଏ ଏବଂ ସେଥିପାଇଁ ତାହା ଯେଉଁସବୁ ଉତ୍ସରୁ କିମ୍ବା ଯେଉଁ ସବୁ ଉତ୍ସ ଜରିଆରେ ପାଣ୍ଠି ସଂଗ୍ରହ କରାଯାଏ ସେସବୁକୁ ଅନ୍ତର୍ଭୁକ୍ତ କରିଥାଇପାରେ କିମ୍ବା କରି ନଥାଇପାରେ ମଧ୍ୟ । ଅତଃ, ଆମର ବିତ୍ତର ଉତ୍ସ ଗୁଡ଼ିକ ବିଷୟରେ ମଧ୍ୟ ଧାରଣା ଥିବା ନିଶ୍ଚୟ ଆବଶ୍ୟକ । ତୁମର ସ୍ମରଣ ଥିବ ଯେ ପୂର୍ବ ପାଠରେ ଦୀର୍ଘ-ମିଆଦୀ ବିତ୍ତର ବିଭିନ୍ନ ଉତ୍ସଗୁଡ଼ିକର ଯଥାବିଧି ଚିହ୍ନଟ ହୋଇଥିଲା । ଏବେ ଆମେ ସେହିସବୁ ଉତ୍ସ ବିଷୟରେ ବିଶଦ ଭାବେ ଶିଖିବା ।

ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ଦୀର୍ଘ-ମିଆଦୀ ବିତ୍ତର ବିଭିନ୍ନ ଉତ୍ସର ଚିହ୍ନଟ କରିପାରିବ;
- ପୁଞ୍ଜି ବଜାରର ଅର୍ଥ ଓ ଗୁରୁତ୍ୱ ବ୍ୟାଖ୍ୟା କରିପାରିବ;
- ଭାରତରେ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ଚିହ୍ନଟ କରିପାରିବ;
- ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ପ୍ରକୃତି ଓ ଭୂମିକା ବର୍ଣ୍ଣନା କରିପାରିବ;
- ପାରସ୍ପରିକ ପାଣ୍ଠି (mutual fund)ର ଅବଧାରଣାର ବ୍ୟାଖ୍ୟା କରିପାରିବ;
- ଲିଜ୍ (ପଟ୍ଟା) ପ୍ରଦାନକାରୀ କମ୍ପାନୀଗୁଡ଼ିକର ଭୂମିକା ବର୍ଣ୍ଣନା କରିପାରିବ;
- ଦୀର୍ଘ-ମିଆଦୀ ବିତ୍ତର ବୈଦେଶିକ ଉତ୍ସଗୁଡ଼ିକର ଚିହ୍ନଟ କରିପାରିବ;
- ଦୀର୍ଘ-ମିଆଦୀ ବିତ୍ତର ଏକ ଉତ୍ସ ରୂପରେ ସଞ୍ଚିତ ଆୟର ଗୁରୁତ୍ୱକୁ ବୁଝାଇପାରିବ ।

୧୬.୧ ଦୀର୍ଘ-ମିଆଦୀ ବିତ୍ତର ଉତ୍ସ

ଦୀର୍ଘ-ମିଆଦୀ ବିତ୍ତର ଉତ୍ସ କହିଲେ ସେହିସବୁ ଅନୁଷ୍ଠାନ ବା ଦଲାଲ (ଏଜେନ୍ସି)କୁ ବୁଝାଏ ଯେଉଁଠାରୁ ବା ଯାହା ଜରିଆରେ ଦୀର୍ଘ ଅବଧି ପାଇଁ ବିତ୍ତ (ଅର୍ଥ) ସଂଗ୍ରହ କରାଯାଇଥାଏ । ପୂର୍ବେ ଉଲ୍ଲେଖ କରାଯାଇଥିବା ପରି ଏକକ ସ୍ୱତ୍ୱାଧିକାରୀ ସଂସ୍ଥା ଓ ଭାଗିଦାରୀ ସଂସ୍ଥା କ୍ଷେତ୍ରରେ ସାଧାରଣତଃ ଦୀର୍ଘ-ମିଆଦୀ ବିତ୍ତ ସ୍ୱୟଂ

ମାଲିକମାନଙ୍କ ଦ୍ୱାରା ଏବଂ ସଞ୍ଚିତ ଆୟରୁ ପ୍ରଦାନ କରାଯାଇଥାଏ । କିନ୍ତୁ କମ୍ପାନୀଗୁଡ଼ିକ କ୍ଷେତ୍ରରେ, ଯେଉଁମାନଙ୍କର ଆର୍ଥିକ ଆବଶ୍ୟକତା ବହୁତ ଅଧିକ, ନିମ୍ନଲିଖିତ ଉତ୍ସଗୁଡ଼ିକରୁ ବା ଜରିଆରେ ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରାଯାଏ ।

(କ) ପୁଞ୍ଜି ବଜାର

(ଖ) ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ

(ଗ) ପାରସ୍ପରିକ ପାଣ୍ଠି (mutual fund)

(ଘ) ପଟ୍ଟା ପ୍ରଦାନକାରୀ କମ୍ପାନୀ

(ଙ) ବୈଦେଶିକ ଉତ୍ସ

(ଚ) ସଞ୍ଚିତ ଉପାର୍ଜନ / ଆୟ (ଲାଭ)

୧୬.୨ ପୁଞ୍ଜି ବଜାର

ପୁଞ୍ଜିବଜାର କହିଲେ ସେହି ସଂଗଠନ ବା ବ୍ୟବସ୍ଥାକୁ ବୁଝାଇଥାଏ ଯାହା ଜରିଆରେ କମ୍ପାନୀ, ଅନ୍ୟାନ୍ୟ ସଂସ୍ଥା ଏବଂ ସରକାର ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିଥାନ୍ତି । ତେଣୁ ଏଥିରେ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ଦୀର୍ଘ-ମିଆଦୀ ଋଣ, ବୈଦେଶିକ ବଜାରରୁ ଋଣ ଏବଂ ବିଭିନ୍ନ ପ୍ରତିଭୂତି ଯଥା ଅଂଶପତ୍ର, ଋଣପତ୍ର, ବଣ୍ଡ୍ ଇତ୍ୟାଦିର ନିର୍ଗମନ ଦ୍ୱାରା ପୁଞ୍ଜି ସଂଗ୍ରହ ଅନ୍ତର୍ଭୁକ୍ତ ଥାଏ । ପ୍ରତିଭୂତି ଗୁଡ଼ିକର କାରବାର(କିଣାବିକା) ପାଇଁ ପୁଞ୍ଜି ବଜାରରେ ଦୁଇଟି ବିଭାଜନ ହୋଇଅଛି । ଗୋଟିଏ ହେଉଛି ପ୍ରାଥମିକ ବଜାରରେ ନୂଆ / ତତ୍କାଳ ନିର୍ଗମିତ ହୋଇଥିବା ପ୍ରତିଭୂତି ଗୁଡ଼ିକର କାରବାର ହୋଇଥାଏ ଏବଂ ସେଥିପାଇଁ ଏହାକୁ **ନୂତନ ନିର୍ଗମନ ବଜାର** କୁହାଯାଏ । ଅନ୍ୟପକ୍ଷରେ, ଦ୍ୱିତୀୟକ ବଜାରରେ ବିଦ୍ୟମାନ/ପୁରୁଣା ପ୍ରତିଭୂତି ଗୁଡ଼ିକର କିଣା-ବିକା ହୁଏ ଏବଂ ଏହାକୁ **ଶେୟାର୍ ବଜାର** ବା **ଷ୍ଟକ୍ ଏକ୍ସଚେଞ୍ଜ** କୁହାଯାଏ । ନୂତନ ନିର୍ଗମନ ବଜାରରେ ମୂଳତଃ ସେହିସବୁ ବ୍ୟବସ୍ଥାମାନ ଥାଏ ଯାହାଦ୍ୱାରା କମ୍ପାନୀଗୁଡ଼ିକ ଅଂଶପତ୍ର, ଋଣପତ୍ର ଏବଂ ବଣ୍ଡ୍ ରୂପରେ ଦୀର୍ଘ-ମିଆଦୀ ବିତ୍ତର ସଂଗ୍ରହ କରିବାରେ ସୁବିଧା ହୋଇଥାଏ । କମ୍ପାନୀ ଗୁଡ଼ିକ ସାଧାରଣତଃ ସେଗୁଡ଼ିକ ଗଠନ ହେବାର ପ୍ରାଥମିକ ସୋପାନରେ ଏବଂ ପରେ ସେଗୁଡ଼ିକର କାର୍ଯ୍ୟାବଳୀର ବିସ୍ତାର ଏବଂ/କିମ୍ବା ଆଧୁନିକୀକରଣ ପାଇଁ ମଧ୍ୟ ସେହିସବୁ ପ୍ରତିଭୂତି ଗୁଡ଼ିକର ନିର୍ଗମନ କରିଥାନ୍ତି । ତେବେ, ପ୍ରତିଭୂତି ଗୁଡ଼ିକର ବିକ୍ରୀ କରିବା ଏକ ସହଜ କାମ ନୁହେଁ, ଯେହେତୁ କମ୍ପାନୀଗୁଡ଼ିକୁ ବିଭିନ୍ନ ଆଇନଗତ ଔପଚାରିକତା ପୂର୍ଣ୍ଣ କରିବାକୁ ହୋଇଥାଏ ଏବଂ ନିର୍ଗମନର ଉପଯୁକ୍ତ ସମୟ ଓ ପଦ୍ଧତି ସ୍ଥିର କରିବାକୁ ହୋଇଥାଏ । ତେଣୁ ସେମାନେ ବିଭିନ୍ନ ମଧ୍ୟସ୍ଥି ଯଥା ବଣିକ ବ୍ୟାଙ୍କ, ଠିକାଧାରୀ, ଷ୍ଟକ୍ ଦଲାଲ୍ ଆଦିଙ୍କର ସହାୟତା ଲୋଡ଼ିଥାନ୍ତି । ଏହି ସମସ୍ତ ମଧ୍ୟସ୍ଥି ପ୍ରାଥମିକ ବଜାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟନ୍ତି ।

ଦ୍ୱିତୀୟକ ବଜାର (ଷ୍ଟକ୍ ଏକ୍ସଚେଞ୍ଜ) ହେଉଛି ପ୍ରତିଭୂତି ଗୁଡ଼ିକର କ୍ରୟ, ବିକ୍ରୟ ଓ କାରବାର ଜନିତ ବ୍ୟବସାୟକୁ ସହାୟତା, ନିୟମିତ ଓ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏକ ସଂଘ ବା ସଂଗଠନ ବା ବ୍ୟକ୍ତିବିଶେଷଙ୍କର ଏକ ସମୂହ । ଏଠାରେ ପ୍ରଣିଧାନଯୋଗ୍ୟ ଯେ ଏହାକୁ ଏକ ଦ୍ୱିତୀୟକ ବଜାର କୁହାଯାଏ କାରଣ ଷ୍ଟକ୍ ଏକ୍ସଚେଞ୍ଜରେ କେବଳ ସେହିସବୁ ପ୍ରତିଭୂତି ଗୁଡ଼ିକର କାରବାର ହୋଇଥାଏ ଯାହାସବୁ ପୂର୍ବରୁ ନିର୍ଗମିତ ହୋଇଥାଏ । ଏହି ବଜାର କେବଳ ଏହାର ସଦସ୍ୟ (ସଭ୍ୟ) ମାନଙ୍କ ପାଇଁ ଖୋଲାଥାଏ । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଦଲାଲ ଯେଉଁମାନେ ପ୍ରତିଭୂତିର କ୍ରେତା ଓ ବିକ୍ରେତାଙ୍କର ପ୍ରତିନିଧି

ରୂପେ କାର୍ଯ୍ୟ କରିଥାନ୍ତି । ଏହି ବଜାରର ମୁଖ୍ୟ କାର୍ଯ୍ୟ ହେଲା ପ୍ରତିଭୂତି ଗୁଡ଼ିକୁ ତରଳତା ପ୍ରଦାନ (ତତ୍କାଳ ନଗଦୀକରଣ) ଏବଂ କାରବାରରେ ନିରାପତ୍ତା ପ୍ରଦାନ । କେବଳ ଏହିସବୁ ସୁବିଧାର ଉପଲବ୍ଧତା କାରଣରୁ ଲୋକମାନେ ପ୍ରତିଭୂତି ଗୁଡ଼ିକରେ ବିନିଯୋଗ (ନିବେଶ) କରିବାକୁ ପ୍ରସ୍ତୁତ ଥାନ୍ତି । ଆମେ ପାଠ ସଂଖ୍ୟା **18** ରେ ପୁଞ୍ଜି ବଜାର ବିଷୟରେ ଅଧିକ କଥା ଶିଖିବା ।

୧୬.୩ ସ୍ୱତନ୍ତ୍ର ବିତ୍ତୀୟ /ଆର୍ଥିକ ଅନୁଷ୍ଠାନ ସମୂହ (SFI)

ବ୍ୟବସାୟ ସଂଗଠନ ଗୁଡ଼ିକୁ ଦୀର୍ଘ-ମିଆଦୀ ବିତ୍ତ ପ୍ରଦାନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ କେତେଗୁଡ଼ିଏ ସ୍ୱତନ୍ତ୍ର ବିତ୍ତୀୟ /ଆର୍ଥିକ ଅନୁଷ୍ଠାନ ସ୍ଥାପନ କରିଛନ୍ତି । ସେଗୁଡ଼ିକ ଆହୁରି ମଧ୍ୟ ନୂତନ ଉଦ୍ୟୋଗର ସ୍ଥାପନ କରିବାରେ ତଥା ବିଦ୍ୟମାନ/ପୁରୁଣା ଉଦ୍ୟୋଗ ଗୁଡ଼ିକର ବିସ୍ତାର ଏବଂ ଆଧୁନିକୀକରଣ ପାଇଁ ସହାୟକ ସେବାମାନ ପ୍ରଦାନ କରିଥା'ନ୍ତି । ସେଗୁଡ଼ିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ହେଲା-ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ (IFCI), ଭାରତୀୟ ଔଦ୍ୟୋଗିକ ନିବେଶ ବ୍ୟାଙ୍କ (IIBI), ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ (ICICI), ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ (IDBI), ଭିତ୍ତିଭୂମି (ଇନ୍‌ଫ୍ରାଷ୍ଟ୍ରକ୍‌ଚର) ବିକାଶ ବିତ୍ତ କମ୍ପାନୀ ଲିମିଟେଡ୍ (IDFC), ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (SIDBI), ରାଜ୍ୟ ଔଦ୍ୟୋଗିକ ବିକାଶ ନିଗମ (SIDC), ଏବଂ ରାଜ୍ୟ ଅର୍ଥ ନିଗମ (SFC) ଇତ୍ୟାଦି । ଯେହେତୁ ଏହି ଅନୁଷ୍ଠାନ ଗୁଡ଼ିକ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ କରିଥାନ୍ତି, ସେଗୁଡ଼ିକୁ **ବିକାଶ ବ୍ୟାଙ୍କ** ବା **ବିକାଶ ବିତ୍ତୀୟ /ଆର୍ଥିକ ଅନୁଷ୍ଠାନ** (DFI) ବୋଲି ମଧ୍ୟ କୁହାଯାଏ । ଏହି ବିକାଶ ବ୍ୟାଙ୍କଗୁଡ଼ିକ ବ୍ୟତୀତ ଅଳ୍ପ କେତେକ ଅନ୍ୟାନ୍ୟ ବିତ୍ତୀୟ /ଆର୍ଥିକ ଅନୁଷ୍ଠାନମାନ ଅଛି, ଯଥା ଭାରତୀୟ ଜୀବନ ବୀମା ନିଗମ (LIC), ଭାରତୀୟ ସାଧାରଣ ବୀମା ନିଗମ (GIC) ଏବଂ ଭାରତୀୟ ୟୁନିଟ୍ ଟ୍ରଷ୍ଟ (UTI), ଯେଉଁଗୁଡ଼ିକ କମ୍ପାନୀଗୁଡ଼ିକୁ ଦୀର୍ଘ-ମିଆଦୀ ଅର୍ଥ ପ୍ରଦାନ କରିଥାନ୍ତି ତଥା ସେଗୁଡ଼ିକର ଅଂଶପତ୍ର ଓ ଋଣପତ୍ର ପାଇଁ ଅଭିଦାନ ମଧ୍ୟ କରିଥାନ୍ତି । ଏହି ଅନୁଷ୍ଠାନଗୁଡ଼ିକର ମୁଖ୍ୟ କାର୍ଯ୍ୟ ହେଲା :

(i) ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଦୀର୍ଘ-ମିଆଦୀ ଋଣ ମଞ୍ଜୁର କରିବା;

(ii) ବିପୁଳ ପରିମାଣର ପାଣ୍ଠି ଆବଶ୍ୟକ କରୁଥିବା ତଥା ଦୀର୍ଘ ଗଠନାବଧି ଥିବା ବ୍ୟାବସାୟିକ ଏକକ ଗୁଡ଼ିକର ପ୍ରତିଷ୍ଠା (ସ୍ଥାପନା)ରେ ସହାୟକ ହେବା;

(iii) ସାଧାରଣ ଭାବେ ଅର୍ଥନୀତି ଏବଂ ନିର୍ଦ୍ଦିଷ୍ଟ ଭାବେ ପଛୁଆ ଅଞ୍ଚଳର ଦ୍ରୁତ ବିକାଶ ପାଇଁ ସହାୟତା ପ୍ରଦାନ କରିବା;

(iv) ଶିଳ୍ପୋନ୍ନତି, ପ୍ରକଳ୍ପ /ପରିଯୋଜନା ସହାୟତା, ପ୍ରଯୁକ୍ତି (କାରିଗରୀ) ସହାୟତା ସେବା କ୍ଷେତ୍ରରେ ତଥା ଉଦ୍ୟୋକ୍ତା ମାନଙ୍କର ପ୍ରଶିକ୍ଷଣ ଓ ବିକାଶରେ କାର୍ଯ୍ୟରତ ସଂସ୍ଥାଗୁଡ଼ିକୁ ବିଶେଷ ଧରଣର ସେବା ପ୍ରଦାନ କରିବା;

(v) ପ୍ରଯୁକ୍ତି ବିଦ୍ୟାଗତ ଏବଂ ପେଶାଗତ ପରିଚାଳନା ସେବା ପ୍ରଦାନ କରିବା ତଥା ନୂତନ ପ୍ରକଳ୍ପ (ପ୍ରୋଜେକ୍ଟ)ର ଚିହ୍ନଟ, ମୂଲ୍ୟାୟନ ଓ ପ୍ରଣୟନ କରିବାରେ ସାହାଯ୍ୟ କରିବା ।

ଟିପ୍ପଣୀ

ପାଠଗତ ପ୍ରଶ୍ନାବଳୀ ୧୬ (କ)

1. ନୂତନ ନିର୍ଗମନ ବଜାର ଏବଂ ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ଗୋଟିଏ ପ୍ରସଙ୍ଗ ଦିଅ)

____

____

2. ନିମ୍ନ ସଂକ୍ଷିପ୍ତାକ୍ଷର ଗୁଡ଼ିକର ପୂର୍ଣ୍ଣ ରୂପ ଦିଅ :

(କ) ବି:ଆ:ଅ: (DFI) ________________________________

(ଖ) ଭା: ଔ: ନି: ବ୍ୟା: (IIBI) ________________________________

(ଗ) ଭା: କ୍ଷୁ: ଶି: ବି: ବ୍ୟା: (SIDBI) ________________________________

(ଘ) ସ୍ୱ: ଆ: ଅ: (SFI) ________________________________

(ଙ) ଭା: ଔ: ଅ: ନି: (IFCI) ________________________________

ଆସ, କେତେକ ସ୍ୱତନ୍ତ୍ର ବିତ୍ତୀୟ /ଆର୍ଥିକ ଅନୁଷ୍ଠାନ ସମ୍ବନ୍ଧରେ ସଂକ୍ଷେପରେ ଜ୍ଞାନ ଆହରଣ କରିବା ।

1. **ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ (IFCI) :** ଏହା ସର୍ବପୁରାତନ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ ଯାହା 1948 ମସିହାରେ ସ୍ଥାପିତ ହୋଇଥିଲା । ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକୁ ଦୀର୍ଘ-ମିଆଦୀ ଓ ମଧ୍ୟମ-ମିଆଦୀ ଅର୍ଥ (ଋଣ) ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହା ନୂତନ ଶିଳ୍ପ ସଂସ୍ଥାର ସ୍ଥାପନା ତଥା ତା'ର କାର୍ଯ୍ୟାବଳୀର ବିସ୍ତାର ଓ ବିବିଧକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଏହା ଆହୁରି ମଧ୍ୟ ବିଦ୍ୟମାନ ଶିଳ୍ପ ସଂସ୍ଥାଗୁଡ଼ିକର ଯନ୍ତ୍ରପାତି ଓ ଉପକରଣଗୁଡ଼ିକର ଆଧୁନିକୀକରଣ ତଥା ନବୀକରଣ ପାଇଁ ସହାୟତା ପ୍ରଦାନ କରେ । ଏହି ନିଗମ ଅଧିକତମ **25** ବର୍ଷ ପାଇଁ କମ୍ପାନୀଗୁଡ଼ିକୁ ଋଣ ଦେଇପାରେ ଅଥବା ସେଗୁଡ଼ିକର ଋଣପତ୍ର କ୍ରୟ କରିପାରେ । ସର୍ବସାଧାରଣଙ୍କୁ ଋଣପତ୍ରର ନିର୍ଗମନ କିମ୍ବା ଅନ୍ୟ ଉତ୍ସରୁ ଉଠାଯାଇଥିବା ଋଣ ପାଇଁ ମଧ୍ୟ ଏହା ଗ୍ୟାରେଣ୍ଟି ଦେଇପାରେ । ଏଥିସହିତ ଏହା କମ୍ପାନୀର ଅଂଶପତ୍ର ଓ ଋଣପତ୍ର ସର୍ବସାଧାରଣଙ୍କୁ ନିର୍ଗମନ କରିବାର ଠିକା ମଧ୍ୟ ଦେଇଥାଏ । ପରିବର୍ତ୍ତିତ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରିବା ପାଇଁ କାର୍ଯ୍ୟରେ ଅଧିକ ନମନୀୟତା ସୁନିଶ୍ଚିତ କରାଇବା ପାଇଁ ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମକୁ **1** ଜୁନ୍ **1993** ମସିହା ଠାରୁ ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ ଲିମିଟେଡ୍‌ରେ ରୂପାନ୍ତରିତ କରାଯାଇଛି ।

2. **ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ (ICICI) :** ଏହି ନିଗମର ସ୍ଥାପନା **1955** ମସିହାରେ କମ୍ପାନୀଗୁଡ଼ିକୁ ସର୍ବାଧିକ **15** ବର୍ଷ ପର୍ଯ୍ୟନ୍ତ ଦୀର୍ଘ-ମିଆଦୀ ଋଣ ପ୍ରଦାନ ପାଇଁ ତଥା ସେଗୁଡ଼ିକର ଅଂଶ ଓ ଋଣପତ୍ରର ଅଭିଦାନ ପାଇଁ ହୋଇଥିଲା । ତେବେ, ଏକକ ସ୍ୱତ୍ୱାଧିକାରୀ ଓ ଭାଗଦାରୀ ବ୍ୟବସାୟଗୁଡ଼ିକ ମଧ୍ୟ ଏହି ନିଗମରୁ ଋଣ ନେବା ପାଇଁ ହକ୍‌ଦାର । ଏହି ନିଗମ ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ ପରି କମ୍ପାନୀଗୁଡ଼ିକର ଅଂଶ ଓ ଋଣପତ୍ରର ନିର୍ଗମନର ଠିକା ନେବା ବ୍ୟତୀତ ଅନ୍ୟ ଉତ୍ସରୁ ସଂଗୃହୀତ ଋଣ ପାଇଁ ମଧ୍ୟ ଗ୍ୟାରେଣ୍ଟି ଦେଇଥାଏ । କମ୍ପାନୀଗୁଡ଼ିକ ଏହି ନିଗମରୁ ବୈଦେଶିକ ମୁଦ୍ରା ଋଣ ମଧ୍ୟ ନେଇପାରିବେ । ଆର୍ଥିକ କ୍ଷେତ୍ରରେ ଉତ୍ପନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ

ସ୍ଥିତିର ପରିପ୍ରେକ୍ଷୀରେ **3** ମେ **2002** ମସିହା ଠାରୁ ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମର ବିଲୟ ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ ବ୍ୟାଙ୍କ ଲିମିଟେଡ୍‌ରେ ହୋଇସାରିଛି । ଏହି ବିଲୟର ଫଳସ୍ୱରୂପ, ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ ସମୂହର ଆର୍ଥିକ ଏବଂ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ ମିଳିତ ଭାବେ ଏକ ପୂର୍ଣ୍ଣ ସେବା ପ୍ରଦାନକାରୀ ବ୍ୟାଙ୍କିଙ୍ଗ୍ କମ୍ପାନୀରେ ପରିଣତ ହୋଇଛି ।

3. **ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ (IDBI) :** ଏହା **1964** ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ଏକ ସହାୟକ ରୂପରେ ସ୍ଥାପିତ ହୋଇଥିଲା । ଏହାର ସ୍ଥାପନା ସବୁପ୍ରକାର ଶିଳ୍ପସଂସ୍ଥାକୁ ଋଣର ପ୍ରକାର ଏବଂ ପାଣ୍ଠିର ପରିମାଣ ଉପରେ କୌଣସି କଟକଣା ବିନା ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ହୋଇଥିଲା । ଏହି ବ୍ୟାଙ୍କ ଅନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ମଞ୍ଜୁରିପ୍ରାପ୍ତ ଋଣର ପୁନର୍ବିତ୍ତାୟନର ବ୍ୟବସ୍ଥା ମଧ୍ୟ କରିଥାଏ ତଥା ପୁଞ୍ଜି ବଜାର ଅଥବା ଅନୁସୂଚିତ ବ୍ୟାଙ୍କରୁ ଉଠାଯାଇଥିବା ଋଣ ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିଥାଏ । ଏହା ବାଣିଜ୍ୟିକ ବିନିମୟ ହୁଣ୍ଡିଗୁଡ଼ିକର ରିହାତିକରଣ ଓ ପୁନଃ-ରିହାତିକରଣ ମଧ୍ୟ କରିଥାଏ ତଥା ସର୍ବସାଧାରଣ ନିର୍ଗମନର ଠିକା ନେଇଥାଏ । ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ୍ (IDBI) ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ (ICICI) ପରି ଏକ ବାଣିଜ୍ୟିକ ବ୍ୟାଙ୍କ୍‌ରେ **1** ଅକ୍ଟୋବର **2004** ରୁ ରୂପାନ୍ତରିତ ହୋଇଛି ଏବଂ ଆଇ.ଡି.ବି.ଆଇ. ବ୍ୟାଙ୍କ୍‌ର ବିଲୟ ସହିତ ଏହାର ନାମ ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ୍ ଲିମିଟେଡ୍ ହୋଇଛି ।

4. **ଭାରତୀୟ ଔଦ୍ୟୋଗିକ ନିବେଶ ବ୍ୟାଙ୍କ (IIBI) :** ପୂର୍ବରୁ ଥିବା ଭାରତୀୟ ଔଦ୍ୟୋଗିକ ପୁନର୍ଗଠନ ବ୍ୟାଙ୍କ (IRBI), ଏକ ଅନୁଷ୍ଠାନ ଯାହା କ୍ଷୁଦ୍ର ଏକକ ଗୁଡ଼ିକର ଥଇଥାନ ପାଇଁ ପ୍ରତିଷ୍ଠିତ ହୋଇଥିଲା, ତାହା **1997** ମସିହାରେ ଭାରତୀୟ ଔଦ୍ୟୋଗିକ ନିବେଶ ବ୍ୟାଙ୍କ (IIBI) ରୂପରେ ପୁନର୍ଗଠିତ ହୋଇଅଛି । ଏହା ସ୍ୱାୟତ୍ତତା ତଥା କାର୍ଯ୍ୟକାରିତାରେ ଯଥେଷ୍ଟ ନମନୀୟତା ଥିବା ଏକ ସ୍ୱୟଂସମ୍ପୂର୍ଣ୍ଣ ସର୍ବଉଦ୍ଦେଶ୍ୟଯୁକ୍ତ ବିକାଶ ବ୍ୟାଙ୍କ ଅଟେ । ପୁନର୍ଗଠନ ପରେ ଏହାର ଧ୍ୟାନ କେନ୍ଦ୍ର ଥଇଥାନ ବିତ୍ତାୟନରୁ ବଦଳି ବିକାଶ ବ୍ୟାଙ୍କ କାର୍ଯ୍ୟ ହୋଇଛି ।

5. **ଭାରତୀୟ କ୍ଷୁଦ୍ରଶିଳ୍ପ ବିକାଶ ବ୍ୟାଙ୍କ (SIDBI) :** ଏହା **1990** ରେ ଏକ ପ୍ରମୁଖ ଆର୍ଥିକ ଅନୁଷ୍ଠାନ ରୂପରେ କ୍ଷୁଦ୍ରକାୟ ଶିଳ୍ପ ସଂସ୍ଥାର ସ୍ଥାପନା, ବିତ୍ତାୟନ ଓ ବିକାଶ ପାଇଁ ସ୍ଥାପିତ ହୋଇଥିଲା । ଏହା ଆମ ଦେଶରେ କ୍ଷୁଦ୍ରକାୟ ଶିଳ୍ପଗୁଡ଼ିକୁ ଋଣ ସୁବିଧା ଯୋଗାଉଥିବା ସବୁ ବ୍ୟାଙ୍କର ଏକ ଶୀର୍ଷ ଅନୁଷ୍ଠାନ ଅଟେ । ଏହା 'କ୍ଷୁଦ୍ରକାୟ ଶିଳ୍ପ' (SSI) ଗୁଡ଼ିକୁ ହୁଣ୍ଡିର ପୁନଃ-ବିତ୍ତାୟନ ଓ ପୁନଃ-ରିହାତି କରଣ ତଥା ଅନ୍ୟାନ୍ୟ ଅନେକ ସହାୟକ ସେବା ପ୍ରଦାନ କରିଥାଏ । ଏହି ବ୍ୟାଙ୍କ୍ କ୍ଷୁଦ୍ର-କାୟ ଶିଳ୍ପ ଏକକ ଗୁଡ଼ିକର ଅନ୍ତର୍ନିହିତ ସାମର୍ଥ୍ୟରେ ଉନ୍ନତି ଆଣିବା ପାଇଁ ତଥା ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କର ଅର୍ଥନୈତିକ ବିକାଶ ସାଧନ ନିମନ୍ତେ ପରିସର ସୃଷ୍ଟି କରିବାପାଇଁ ପ୍ରଶସ୍ତ ଧରଣର ସମୁନ୍ନତ ଏବଂ ବିକାଶଶୀଳ କାର୍ଯ୍ୟମାନ ହାତକୁ ନେଇଥାଏ ।

6. **ରାଜ୍ୟ ଅର୍ଥ ନିଗମ (SFC) :** ସବୁ ପ୍ରକାରର ଶିଳ୍ପ ସଂସ୍ଥା (ଏକକ ସ୍ୱତ୍ୱାଧିକାରୀ ଓ ଭାଗଦାରୀ ସଂସ୍ଥା ତଥା କମ୍ପାନୀ)କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆମ ଦେଶର ଅଧିକାଂଶ ରାଜ୍ୟରେ ରାଜ୍ୟ ଅର୍ଥ ନିଗମମାନ ସ୍ଥାପିତ ହୋଇଛି । ସମ୍ପୃକ୍ତ ରାଜ୍ୟମାନଙ୍କରେ ଔଦ୍ୟୋଗିକ ବିକାଶଧାରାକୁ

ତ୍ୱରାନ୍ୱିତ କରିବା ହେଉଛି ଏହି ନିଗମ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟ ଅର୍ଥ ନିଗମଗୁଡ଼ିକ ଦୀର୍ଘ-ମିଆଦୀ ଋଣ ରୂପରେ କିମ୍ବା ଋଣପତ୍ରର ଅଭିଦାନ ମାଧ୍ୟମରେ ଅର୍ଥପ୍ରଦାନ କରିଥାନ୍ତି, ଅନ୍ୟ ଉତ୍ସରୁ ଉଠାଇଥିବା ଋଣ ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିଥାନ୍ତି ତଥା କମ୍ପାନୀ ଗୁଡ଼ିକ ଦ୍ୱାରା କରାଯାଉଥିବା ଅଂଶ ଓ ଋଣପତ୍ରର ସର୍ବସାଧାରଣ ନିର୍ଗମନର ଠିକା ନେଇଥାନ୍ତି । କିନ୍ତୁ ସେଗୁଡ଼ିକ କମ୍ପାନୀ ଦ୍ୱାରା ନିର୍ଗମିତ ଅଂଶପାଇଁ ପ୍ରତ୍ୟକ୍ଷ ଭାବେ ଅଭିଦାନ କରିପାରନ୍ତି ନାହିଁ । ରାଜ୍ୟ ଅର୍ଥ ନିଗମ (ସଂଶୋଧିତ) ଆଇନ **2000** ଦେଶର ପରିବର୍ତ୍ତିତ ଅର୍ଥନୈତିକ ଓ ଆର୍ଥିକ ପରିବେଶ ସହିତ ତାଳ ଦେଇ ଚାଲିବା ପାଇଁ ରାଜ୍ୟ ଅର୍ଥ ନିଗମ ଗୁଡ଼ିକୁ ଅଧିକ ନମନୀୟତା ପ୍ରଦାନ କରିଅଛି ।

7. **ରାଜ୍ୟ ଔଦ୍ୟୋଗିକ ବିକାଶ ନିଗମ (SIDC) :** ଏହି ନିଗମ ଗୁଡ଼ିକ **1960** ଦଶକ ଏବଂ **1970** ଦଶକର ପ୍ରାରମ୍ଭରେ ଅଧିକାଂଶ ରାଜ୍ୟ ସରକାରଙ୍କ ଦ୍ୱାରା ସେମାନଙ୍କ ନିଜ ନିଜ ରାଜ୍ୟରେ ମଧ୍ୟମ ଓ ବୃହଦାକାର ଶିଳ୍ପର ପ୍ରବର୍ତ୍ତନ (ପ୍ରାରମ୍ଭ) ଓ ବିକାଶ ପାଇଁ ସ୍ଥାପିତ ହୋଇଥିଲା । ଏହି ନିଗମ ଗୁଡ଼ିକ ଔଦ୍ୟୋଗିକ ଏକକ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଅତିରିକ୍ତ ବିବିଧ ପ୍ରବର୍ତ୍ତନ କାର୍ଯ୍ୟ ମଧ୍ୟ କରିଥାନ୍ତି । ସେଗୁଡ଼ିକ ଆହୁରି ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରୋତ୍ସାହନ ମୂଳକ ଯୋଜନାର ପ୍ରଣୟନ (କାର୍ଯ୍ୟକାରୀ) କରିଥାନ୍ତି ।

8. **ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ :** ଉପରୋକ୍ତ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନଗୁଡ଼ିକ ବ୍ୟତୀତ ଅଳ୍ପ କେତେକ ଅନ୍ୟ ସଂଗଠନ ଅଛି ଯେଉଁଗୁଡ଼ିକ ଦୀର୍ଘ-ମିଆଦୀ ବିତ୍ତର ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ କାର୍ଯ୍ୟ କରିଥାନ୍ତି । ସେଗୁଡ଼ିକ ହେଲା :

(କ) **ଭାରତୀୟ ଜୀବନବୀମା ନିଗମ (LIC) :** ଏହି ନିଗମର ସ୍ଥାପନା **1956** ମସିହାରେ ଭାରତରେ ଜୀବନବୀମା ବ୍ୟବସାୟ ଗୁଡ଼ିକର ଜାତୀୟକରଣ ହେବା ପରେ ହୋଇଥିଲା । ମୁଖ୍ୟତଃ ଏହା ଜୀବନ ବୀମାର ବ୍ୟବସାୟ କରିଥାଏ ଏବଂ ଜାତୀୟ ପ୍ରାଥମିକତା ଓ ଉଦ୍ଦେଶ୍ୟ ଅନୁସାରେ ପାଣ୍ଠି ଲଗାଣ କରିଥାଏ । ଏହା ମୁଖ୍ୟତଃ ସରକାରୀ ପ୍ରତିଭୂତିରେ ତଥା କମ୍ପାନୀଗୁଡ଼ିକର ଅଂଶ, ଋଣପତ୍ର ଓ ବଣ୍ଡରେ ନିବେଶ କରିଥାଏ । ଏହା ସାମାଜିକ ବିକାଶ ତଥା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବ୍ୟାଙ୍କ୍ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତାର ହାତ ବଢ଼ାଇଥାଏ । ଏହା ଅଂଶଗୁଡ଼ିକର ନୂତନ ନିର୍ଗମନକୁ ମଧ୍ୟ ଠିକାରେ ନେଇଥାଏ ତଥା କର୍ପୋରେଟ୍ ସଂସ୍ଥା ଗୁଡ଼ିକୁ ଋଣ ପ୍ରଦାନ କରିଥାଏ । କର୍ପୋରେଟ୍ ସଂସ୍ଥାକୁ ଉଭୟ ଋଣ ମଞ୍ଜୁର କରିବା ଏବଂ ଅର୍ଥ ବିତରଣ କରିବା ରୂପକ ସହାୟତା ପ୍ରଦାନ କରିବା ପରିପ୍ରେକ୍ଷୀରେ ଭାରତୀୟ ଜୀବନବୀମା ନିଗମର କାର୍ଯ୍ୟଦକ୍ଷତା ମହତ୍ତ୍ୱପୂର୍ଣ୍ଣ ପ୍ରତିପାଦିତ ହୋଇପାରିଛି ।

(ଖ) **ଭାରତୀୟ ସାଧାରଣ ବୀମା ନିଗମ (GIC) :** ଏହାର ସ୍ଥାପନା **1973** ମସିହାରେ ଭାରତରେ ସାଧାରଣ ବୀମା ବ୍ୟବସାୟ ଗୁଡ଼ିକର ଜାତୀୟକରଣ ହେବା ପରେ ହୋଇଥିଲା । ଜୀବନବୀମା ନିଗମ ପରି ଏହି ନିଗମ ମଧ୍ୟ ନିଜର ଅର୍ଥ ବିନିଯୋଗ କଲାବେଳେ ଅର୍ଥ ବ୍ୟବସ୍ଥାର ସାମାଜିକ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇଥାଏ ଏବଂ ଏହାର ପାଣ୍ଠି ସରକାରୀ ପ୍ରତିଭୂତି, ତଥା କମ୍ପାନୀର ଅଂଶ ଓ ଋଣ ପତ୍ରରେ ନିବେଶିତ ହୋଇଥାଏ । ଏହି ନିଗମ ନୂତନ ତଥା ବିଦ୍ୟମାନ ଶିଳ୍ପ ସଂସ୍ଥା ଗୁଡ଼ିକୁ ମଧ୍ୟ ଦୀର୍ଘ-ମିଆଦୀ ଋଣ ଏବଂ ଠିକା (ଅଣ୍ଡରରାଇଟିଙ୍ଗ୍) ସୁବିଧା ପ୍ରଦାନ କରିଥାଏ ।

ଟିପ୍ପଣୀ

(ଗ) ଭାରତୀୟ ୟୁନିଟ୍ ଟ୍ରଷ୍ଟ (UTI) : ଏହାର ସ୍ଥାପନା **1964** ମସିହାରେ **5** କୋଟି ଟଙ୍କାର ପୁଞ୍ଜି ସହିତ ଏକ ବିନିଯୋଗ ଟ୍ରଷ୍ଟ୍ ରୂପରେ ହୋଇଥିଲା ତଥା ଏହାର ପୁଞ୍ଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଭାରତୀୟ ଜୀବନ ବୀମା ନିଗମ, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥା ଗୁଡ଼ିକ ଦ୍ୱାରା ପ୍ରଦତ୍ତ ହୋଇଥିଲା । ଏହା ବିଭିନ୍ନ ଯୋଜନା (ଯଥା ସୁପ୍ରସିଦ୍ଧ ୟୁ.ଏସ୍-**64** ଓ ମାଷ୍ଟର ଶେୟାର୍) ଅନ୍ତର୍ଗତ ୟୁନିଟ୍ ବିକ୍ରୀ ମାଧ୍ୟମରେ ସର୍ବସାଧାରଣ ଜନତାଙ୍କର ସଞ୍ଚୟକୁ ଗତିଶୀଳତା ପ୍ରଦାନ କରିବା ତଥା ସେଗୁଡ଼ିକୁ କର୍ପୋରେଟ୍ ସଂସ୍ଥାରେ ବିନିଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଅଛି । ଏହା ଆହୁରି ମଧ୍ୟ ମିଆଦୀ-ଋଣ, ହୁଣ୍ଡିର ପୁନଃ-ରିହାତିକରଣ, ଉପକରଣ ପଟ୍ଟାରେ ପ୍ରଦାନ ତଥା ଭଡ଼ାରେ କ୍ରୟ ବିତ୍ତାୟନ ଆଦି ଉପାୟରେ କମ୍ପାନୀ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଅଛି ।

(ଘ) ଭାରତୀୟ ରପ୍ତାନୀ ଓ ଆମଦାନୀ ବ୍ୟାଙ୍କ (EXIM Bank) : ଭାରତୀୟ ରପ୍ତାନୀ ଓ ଆମଦାନୀ ବ୍ୟାଙ୍କ୍ ଜାନୁଆରୀ, **1982** ରେ ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ୍ (IDBI)ର ଅନ୍ତର୍ଜାତୀୟ ବିତ୍ତ ଶାଖାର କ୍ରିୟାକଳାପର ଅଧିଗ୍ରହଣ ପାଇଁ ତଥା ବୈଦେଶିକ ବ୍ୟାପାରର ବିତ୍ତାୟନ କ୍ଷେତ୍ରରେ ଏକ ଶୀର୍ଷ ଅନୁଷ୍ଠାନ ରୂପରେ କାର୍ଯ୍ୟ କରିବା ପାଇଁ ସ୍ଥାପିତ ହୋଇଥିଲା । ଏହି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା : (i) ଦ୍ରବ୍ୟ ଓ ସେବାର ରପ୍ତାନୀ ଓ ଆମଦାନୀର ବିତ୍ତାୟନ; (ii) ମଧ୍ୟମ ଓ ଦୀର୍ଘ ଅବଧି (କାଳ) ପାଇଁ ଆସ୍ଥଗିତ ପୈଠଯୁକ୍ତ ଋଣ ପ୍ରଦାନ କରିବା; (iii) ବିଦେଶରେ ଯୌଥ ଉଦ୍ୟୋଗ ବ୍ୟବସାୟର ଅଂଶ ପୁଞ୍ଜିରେ ଯୋଗଦାନ ପାଇଁ ଭାରତୀୟ ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରିବା; ଏବଂ (iv) ରପ୍ତାନୀ ଋଣ ସଂକ୍ରାନ୍ତରେ ବାଣିଜ୍ୟିକ ବ୍ୟାଙ୍କ୍ ଗୁଡ଼ିକୁ ପୁନଃ-ବିତ୍ତାୟନର ସୁବିଧା ପ୍ରଦାନ କରିବା । ନିକଟରେ ଏହି ବ୍ୟାଙ୍କ୍ ଉତ୍ପାଦନ ଉପକରଣ ବିତ୍ତାୟନ କାର୍ଯ୍ୟକ୍ରମ ଆରମ୍ଭ କରିଅଛି ଯାହା ଅନ୍ତର୍ଗତ ଏହା ବିଦେଶରୁ ଉପକରଣ କ୍ରୟ କରିବା ପାଇଁ ରପ୍ତାନୀ କାର୍ଯ୍ୟରେ ନିୟୋଜିତ ଏକକ ଗୁଡ଼ିକୁ ଭାରତୀୟ ମୁଦ୍ରାରେ ମିଆଦୀ ବିତ୍ତ (ଋଣ) ପ୍ରଦାନ କରିଥାଏ । ଏସବୁ ବ୍ୟତୀତ ଏହି ବ୍ୟାଙ୍କ୍ ମଧ୍ୟ ବଣିକ ବ୍ୟାଙ୍କିଙ୍ଗ୍ ଓ ବିକାଶ ବ୍ୟାଙ୍କିଙ୍ଗ୍‌ର କାର୍ଯ୍ୟ କରିଥାଏ ଯାହା ପ୍ରବର୍ତ୍ତନୀୟ ପ୍ରକ୍ରିୟାର ବିତ୍ତାୟନ ପାଇଁ ଆବଶ୍ୟକ ବିବେଚିତ ହୋଇଥାଏ । ଏହା ରପ୍ତାନୀ-ଆମଦାନୀ ବ୍ୟବସାୟରେ ନିୟୋଜିତ ବ୍ୟକ୍ତି ଓ ସଂସ୍ଥାମାନଙ୍କୁ ପରାମର୍ଶ ଜନିତ ସେବା ମଧ୍ୟ ପ୍ରଦାନ କରିଥାଏ ।

(ଙ) ଦୁଃସାହସିକ ପୁଞ୍ଜି ଅନୁଷ୍ଠାନ (Venture Capital Institutions) : ଦୁଃସାହସିକ ପୁଞ୍ଜି ସମତା ବିତ୍ତର ଏକ ସ୍ୱରୂପ ଯାହାର ପରିକଳ୍ପନା ସ୍ୱତନ୍ତ୍ର ଭାବରେ ଯୁବ ଉଦ୍ୟୋକ୍ତାଙ୍କର ଉଚ୍ଚ ଆଶଙ୍କା ଓ ଉଚ୍ଚ ପ୍ରତିଦାନ (ଲାଭ) ଯୁକ୍ତ ପରିଯୋଜନା (ପ୍ରକଳ୍ପ) ଗୁଡ଼ିକର ପାଣ୍ଠି ବ୍ୟବସ୍ଥା ପାଇଁ କରାଯାଇଛି । ଏହା ସେମାନଙ୍କୁ ପ୍ରାରମ୍ଭିକ ପୁଞ୍ଜି ତଥା ପରିଚାଳନାଗତ ସହାୟତା ପ୍ରଦାନ ପୂର୍ବକ ସେମାନଙ୍କର ଗବେଷଣା ଓ ବିକାଶମୂଳକ ପରିଯୋଜନା ଗୁଡ଼ିକୁ ବାଣିଜ୍ୟିକ ସଂସ୍ଥାରେ ରୂପାନ୍ତରିତ କରିଥାଏ । ପ୍ରାରମ୍ଭିକ ପୁଞ୍ଜିର ବ୍ୟବସ୍ଥା ସମତା ଅଂଶଗ୍ରହଣ ଆଧାରରେ ଏହି ଉଦ୍ଦେଶ୍ୟରେ ସ୍ଥାପିତ ପ୍ରତିଷ୍ଠାନର ଅଂଶ ଓ ଋଣ ପତ୍ରର ପ୍ରତ୍ୟକ୍ଷ କ୍ରୟ ଜରିଆରେ କରାଯାଇଥାଏ । ଦୁଃସାହସିକ ପୁଞ୍ଜି ପ୍ରଦାନ କରୁଥିବା ଅନୁଷ୍ଠାଗୁଡ଼ିକ ଉଦ୍ୟୋକ୍ତାଙ୍କର ବ୍ୟବସାୟର ପରିଚାଳନାରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥାନ୍ତି । ପ୍ରତିଷ୍ଠାନଗୁଡ଼ିକ ସହିତ ସକ୍ରିୟ

ଭାବେ ସଂଶ୍ଲିଷ୍ଟ ରହିବା ତଥା ସେଗୁଡ଼ିକୁ ସହଯୋଗ କରିବାଦ୍ୱାରା ସେମାନେ ସେମାନଙ୍କର ବିନିଯୁକ୍ତ ଧନର ସୁରକ୍ଷା କରିବା ତଥା ଏହାର ମୂଲ୍ୟ ବୃଦ୍ଧି କରିବାରେ ସକ୍ଷମ ହୋଇଥାନ୍ତି ।

ଭାରତରେ ଦୁଃସାହସିକ ପୁଞ୍ଜି ଅନୁଷ୍ଠାନ ଗୁଡ଼ିକର ବିକାଶ ନିକଟରେ ହୋଇଛି । ଏହି ଅବଧାରଣାର ପ୍ରାରମ୍ଭ ଔପଚାରିକ ଭାବେ **1986-87** ରେ ହୋଇଥିଲା ଯେତେବେଳେ ସରକାର ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ୍ (IDBI) ର ହେପାଜତରେ ଦୁଃସାହସିକ ପାଣ୍ଠି ଗଠନ ହେବା କଥା ଘୋଷଣା କଲେ । ଏହା ପରେ ପରେ ଏହି ଘୋଷଣାର କାର୍ଯ୍ୟକାରିତା ପାଇଁ ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ (ICICI), ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ (IFCI) ଏବଂ ଦୁଇଟି ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କ୍ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଓ କାନାଡ଼ା ବ୍ୟାଙ୍କ) ଏହି ଉଦ୍ଦେଶ୍ୟରେ ଅଲଗା ଅଲଗା କମ୍ପାନୀ ସ୍ଥାପନା କଲେ । କେତେକ ରାଜ୍ୟ ସରକାର ବିକାଶମୂଳକ କ୍ଷେତ୍ରର ନିୟନ୍ତ୍ରଣ ଦ୍ୱାରା କ୍ଷୁଦ୍ର ଶିଳ୍ପର ବିକାଶ ସାଧନ ପାଇଁ ନୂଆ କାର୍ଯ୍ୟକ୍ରମ ହାତକୁ ନେଲେ ଓ ସେଥିପାଇଁ ଆର୍ଥିକ ସହାୟତା ପ୍ରଦାନାର୍ଥେ ଦୁଃସାହସିକ ପୁଞ୍ଜି କମ୍ପାନୀ ପ୍ରବର୍ତ୍ତନ (ପ୍ରତିଷ୍ଠା) କଲେ । ସେଗୁଡ଼ିକ ମଧ୍ୟରେ ଗୁଜରାଟ ଔଦ୍ୟୋଗିକ ବିନିଯୋଗ ନିଗମ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ନିଗମ ପ୍ରଧାନ ଅଟେ । **1992-93** ରେ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ୍ (SIDBI) ମଧ୍ୟ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ନବୀନ ସଂସ୍ଥା ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକ ଦୁଃସାହସିକ ପୁଞ୍ଜି ପାଣ୍ଠିର ସ୍ଥାପନ କରିଥିଲା ।

ପାଠଗତ ପ୍ରଶ୍ନାବଳୀ ୧୬ (ଖ)

1. ଦୁଃସାହସିକ ପୁଞ୍ଜିର ଅର୍ଥ ଉଲ୍ଲେଖ କର ।

____

____

2. ନିମ୍ନ ଆର୍ଥିକ ଅନୁଷ୍ଠାନ ଗୁଡ଼ିକ କେଉଁ ବର୍ଷ ପ୍ରତିଷ୍ଠିତ ହୋଇଥିଲା ତାହା ଲେଖ ।

(କ) ଭା.ଔ.ବି.ବ୍ୟାଙ୍କ (IIBI) ______________________

(ଖ) ଭା.ଜୀ.ବୀ. ନିଗମ (LIC) ______________________

(ଗ) ଭା.ର.ଆ.ବ୍ୟାଙ୍କ (Exim Bank) ______________________

(ଘ) ଭା.ସା.ବୀ.ନିଗମ (GIC) ______________________

(ଙ) ଭା.କ୍ଷୁ.ଶି.ବି. ବ୍ୟାଙ୍କ (SIDBI) ______________________

୧୬.୪ ବ୍ୟାଙ୍କ

ପୂର୍ବ ପାଠରେ ତୁମେ ଏହା ଅଧ୍ୟୟନ କରିଥିଲ ଯେ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ସାଧାରଣତଃ ବ୍ୟବସାୟ ସଂସ୍ଥା ଗୁଡ଼ିକୁ ଋଣ ଓ ଅଗ୍ରୀମ, ନଗଦୀ ଋଣ, ଅଧିଉଠାଣ ଇତ୍ୟାଦି ରୂପରେ ସ୍ୱଳ୍ପ-ମିଆଦୀ ବିତ୍ତ ପ୍ରଦାନ କରନ୍ତି । କିନ୍ତୁ ଆଜିକାଲି ଅଧିକାଂଶ ବାଣିଜ୍ୟିକ ବ୍ୟାଙ୍କ ସବୁ ଆକାରର ସଂସ୍ଥାକୁ ମିଆଦୀ-ଋଣ (ଦୀର୍ଘ ଓ ମଧ୍ୟମ ମିଆଦୀ) ଦେବା ତଥା ବିଭିନ୍ନ ସମୟାବଧିର ଆବଶ୍ୟକତା ଆଧାରିତ ବିତ୍ତ ପ୍ରଦାନ କରିବା ମଧ୍ୟ ଆରମ୍ଭ କରି ଦେଇଛନ୍ତି । ଉଦାରୀକରଣ ନୀତି ସହିତ ତାଳ ଦେଇ ବ୍ୟାଙ୍କ ଗୁଡ଼ିକୁ ଋଣଗ୍ରହୀତାଙ୍କର ଆର୍ଥିକ ଆବଶ୍ୟକତାର ଆକଳନ କରିବା ନିମନ୍ତେ ସେମାନଙ୍କର ନିଜ ନିଜର ପଦ୍ଧତି ବାହାର କରିବା ପାଇଁ ତଥା ସେମାନଙ୍କୁ ଦୀର୍ଘ ଅବଧି ପାଇଁ ବଡ଼ ଧରଣର ଋଣ ପ୍ରଦାନ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । କେତେକ ବ୍ୟାଙ୍କ

କେବଳ ଔଦ୍ୟୋଗିକ ପ୍ରତିଷ୍ଠାନ ଗୁଡ଼ିକୁ ଆର୍ଥିକ ସହାୟତା ଦେବା ପାଇଁ ନିଜ ନିଜର ଅଲଗା ଔଦ୍ୟୋଗିକ ଶାଖା ମଧ୍ୟ ଖୋଲିଛନ୍ତି । ଅତଃ, ଏବେ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ମଧ୍ୟ ବ୍ୟବସାୟ ପାଇଁ ମଧ୍ୟମ-ମିଆଦୀ ଓ ଦୀର୍ଘ-ମିଆଦୀ ବିତ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ କାର୍ଯ୍ୟ କରୁଛନ୍ତି ।

ତୁମେ ଜାଣ ଯେ ବର୍ତ୍ତମାନ ଆମ ଦେଶରେ ବହୁ ସଂଖ୍ୟକ ସମବାୟ ବ୍ୟାଙ୍କ କାର୍ଯ୍ୟ କରୁଛନ୍ତି । ଏହି ବ୍ୟାଙ୍କ ଗୁଡ଼ିକ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ପରି କାର୍ଯ୍ୟ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଠାରୁ ଅନୁମତିପତ୍ର ବା ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ସେଗୁଡ଼ିକ ସମୟ ସମୟରେ କ୍ଷୁଦ୍ର ଓ ମଧ୍ୟମ ଆକାର ସମବାୟ ଶିଳ୍ପ ଏକକ ଗୁଡ଼ିକୁ ଯଥା ଚିନି କାରଖାନା, ଖାଦ୍ୟ ପ୍ରକ୍ରିୟାକରଣ ଏକକ ଇତ୍ୟାଦିକୁ ମଧ୍ୟ ଦୀର୍ଘ-ମିଆଦୀ ବିତ୍ତ ପ୍ରଦାନ କରିଥାନ୍ତି ।

୧୬.୫ ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ଅଥବା ଆର୍ଥିକ କମ୍ପାନୀ ସମୂହ (NBFCs)

ତୁମେ ଆମ ଦେଶର ବିଭିନ୍ନ ଭାଗରେ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଭିନ୍ନ ଗୃହ ନିର୍ମାଣ ବିତ୍ତ (ଋଣ) କମ୍ପାନୀ, ବିନିଯୋଗ କମ୍ପାନୀ, ଯାନ ବିତ୍ତ (ଋଣ) କମ୍ପାନୀ ଇତ୍ୟାଦି ବିଷୟରେ ନିଶ୍ଚିତ ଶୁଣିଥିବ । ଏହି କମ୍ପାନୀଗୁଡ଼ିକ 'ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀ' ଶ୍ରେଣୀଭୁକ୍ତ ଅଟନ୍ତି କାରଣ ସେଗୁଡ଼ିକ ସର୍ବସାଧାରଣଙ୍କଠାରୁ ଜମା ସଂଗ୍ରହ କରିବା ତଥା ଋଣ ପ୍ରଦାନ କରିବା ପରି ଦ୍ୱୈତ କାର୍ଯ୍ୟ ସମ୍ପାଦନ କରନ୍ତି । ତେବେ ସେଗୁଡ଼ିକୁ ବ୍ୟାଙ୍କିଙ୍ଗ୍ କମ୍ପାନୀ ବୋଲି ଧରାଯାଏ ନାହିଁ ଯେହେତୁ ସେମାନେ ସାଧାରଣ ବ୍ୟାଙ୍କ କାରବାର ବା ବ୍ୟାଙ୍କିଙ୍ଗ୍ କାର୍ଯ୍ୟ କରନ୍ତି ନାହିଁ । ସେଗୁଡ଼ିକ ଆକର୍ଷଣୀୟ ସୁଧ ହାର ଅର୍ପଣ କରିବା ପୂର୍ବକ ସର୍ବସାଧାରଣଙ୍କଠାରୁ ପାଣ୍ଠି ସଂଗ୍ରହ କରନ୍ତି ଏବଂ ମୁଖ୍ୟତଃ ପାଇକାରୀ ଓ ଖୁଚୁରା ବ୍ୟାପାରୀ, କ୍ଷୁଦ୍ରକାୟ ଶିଳ୍ପ ତଥା ଆତ୍ମ-ନିଯୁକ୍ତି ପ୍ରାପ୍ତ ଲୋକମାନଙ୍କୁ ଋଣ ଦେଇଥାନ୍ତି । ଏହି ବିତ୍ତୀୟ ଅଥବା ଆର୍ଥିକ କମ୍ପାନୀ ଗୁଡ଼ିକ ଦ୍ୱାରା ମଞ୍ଜୁରି ପ୍ରାପ୍ତ ଋଣ ସାଧାରଣତଃ ଅସୁରକ୍ଷିତ ହୋଇଥାଏ ଏବଂ ସେଗୁଡ଼ିକ ଦ୍ୱାରା ନିଆଯାଉଥିବା ସୁଧର ହାର ବାର୍ଷିକ **24** ରୁ **36** ଶତକଡ଼ା ମଧ୍ୟରେ ହୋଇଥାଏ । ଋଣ ଓ ଅଗ୍ରୀମ ଦେବା ବ୍ୟତୀତ ଏହି କମ୍ପାନୀ ଗୁଡ଼ିକ ହୁଣ୍ଡିର କ୍ରୟ ଓ ରିହାତିକରଣ, ବଣିକ ବ୍ୟାଙ୍କିଙ୍ଗ୍, ଗୃହ ନିର୍ମାଣ ବିତ୍ତ ପ୍ରଦାନ, ପଟ୍ଟା ବିତ୍ତାୟନ, ଭଡ଼ା ସୂତ୍ରେ କ୍ରୟ ବ୍ୟବସାୟ ଇତ୍ୟାଦି ମଧ୍ୟ କରିଥାନ୍ତି । ସରଳୀକୃତ ଋଣ ମଞ୍ଜୁରି ପଦ୍ଧତି, ଜମା ଉପରେ ଆକର୍ଷଣୀୟ ସୁଧ ହାର, ଗ୍ରାହକମାନଙ୍କର ଋଣର ଆବଶ୍ୟକତାକୁ ମେଣ୍ଟାଇବାରେ ନମନୀୟତା ଓ ସମୟାନୁବର୍ତ୍ତିତା କାରଣରୁ ଆମ ଦେଶରେ ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀ ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମଧ୍ୟସ୍ଥ ଭାବେ ମୁଣ୍ଡ ଟେକିଛନ୍ତି ।

୧୬.୬ ପାରସ୍ପରିକ ପାଣ୍ଠି /କୋଷ ବା ମ୍ୟୁଚୁଆଲ ଫଣ୍ଡ (Mutual Fund)

ପାରସ୍ପରିକ ପାଣ୍ଠି କହିଲେ ଏକ ନ୍ୟାସ (ଟ୍ରଷ୍ଟ) ରୂପରେ ସ୍ଥାପିତ ସେହି ପାଣ୍ଠିକୁ ବୁଝାଏ ଯାହା ଜଣେ ପ୍ରାୟୋଜକଙ୍କ ଦ୍ୱାରା ଏକ ବା ଅଧିକ ଯୋଜନା ମାଧ୍ୟମରେ ପ୍ରତିଭୂତିରେ ବିନିଯୋଗ ପାଇଁ ସଂଗୃହୀତ ହୋଇଥାଏ । ଏହା ଏକ ସ୍ୱତନ୍ତ୍ର ଧରଣର ବିନିଯୋଗ ଅନୁଷ୍ଠାନ ଯାହା ଏକ ବିନିଯୋଗ ମଧ୍ୟସ୍ଥ ଭାବେ କାର୍ଯ୍ୟ କରିଥାଏ । ଏହା ବହୁ ସଂଖ୍ୟକ ବିନିଯୋଗକାରୀଙ୍କର ସଞ୍ଚୟକୁ ସଂଗ୍ରହ କରି ଏକତ୍ରିତ କରେ ଏବଂ ତାକୁ ଅପେକ୍ଷାକୃତ ବିଶାଳ, ସୁସ୍ଥ, ସୁଖ୍ୟାତିସମ୍ପନ୍ନ ବିଭିନ୍ନ କ୍ଷେତ୍ରର ପ୍ରତିଭୂତିରେ ବିନିଯୋଗ କରିଥାଏ । ଏହା ସେମାନଙ୍କର ଆଶଙ୍କା (ବିପଦ)ର ପରିମାଣକୁ ହ୍ରାସ କରିଥାଏ ତଥା ବିନିଯୋଗକାରୀଙ୍କୁ ଭଲ ପ୍ରତିଦାନ (ଲାଭ) ସୁନିଶ୍ଚିତ କରାଇଥାଏ । ଅତଃ, ସେଗୁଡ଼ିକ କ୍ଷୁଦ୍ର ବିନିଯୋଗକାରୀମାନଙ୍କ ପାଇଁ ଏକ ବିନିଯୋଗ ପ୍ରତିନିଧି ଭାବେ ଏବଂ ବ୍ୟବସାୟ ପାଇଁ ଦୀର୍ଘ-ମିଆଦୀ ବିତ୍ତର ଏକ ଉତ୍ତମ ଉତ୍ସ ଭାବେ କାର୍ଯ୍ୟ କରିଥାନ୍ତି ।

ଟିପ୍ପଣୀ

୧୬.୬.୧ ପାରସ୍ପରିକ ପାଣ୍ଠିର ବିଶେଷତ୍ୱ

ପାରସ୍ପରିକ ପାଣ୍ଠିର ଅତ୍ୟାବଶ୍ୟକ ବିଶେଷତ୍ୱ ଗୁଡ଼ିକ ନିମ୍ନ ପ୍ରକାର ଅଟେ :

1. ଏହା ଏକ ନ୍ୟାସ ଯେଉଁଥିରେ ଅନେକ ନିବେଶକ ୟୁନିଟ୍ ରୂପରେ ସେମାନଙ୍କର ମୁଦ୍ରା (ଧନ) ବିନିଯୋଗ କରି ପାଣ୍ଠିର ଏକ ବଡ଼ ଭଣ୍ଡାର ଗଠନ କରିଥାନ୍ତି ।
2. ପାଣ୍ଠିର ପରିଚାଳକଙ୍କ ଦ୍ୱାରା ବିଭିନ୍ନ ପ୍ରତିଭୂତିରେ ଧନରାଶିର ବିନିଯୋଗ କରାଯାଇଥାଏ ।
3. ନିୟମିତ ଓ ନିର୍ଦ୍ଦିଷ୍ଟ ଆୟକୁ ସୁନିଶ୍ଚିତ କରିବା ପାଇଁ ଖ୍ୟାତିସମ୍ପନ୍ନ କମ୍ପାନୀଗୁଡ଼ିକର ବିଭିନ୍ନ ପ୍ରତିଭୂତିରେ ଧନରାଶିର ବିନିଯୋଗ କରାଯାଇଥାଏ । ଅତଃ, ଏହା ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ କରେ ।
4. ପାରସ୍ପରିକ ପାଣ୍ଠି ଯୋଜନା ଗୁଡ଼ିକ ପ୍ରାୟତଃ ବିନିଯୋଗକାରୀଙ୍କୁ ଉଚ୍ଚ ପ୍ରତିଦାନ, ସୁଗମ ତରଳତା, ନିରାପତ୍ତା ଓ କର ବଞ୍ଚାଇବା ସୁବିଧାମାନ ପ୍ରଦାନ କରିଥାଏ ।
5. ପାଣ୍ଠିର ନିବେଶ ଉପରେ ପ୍ରାପ୍ତ ନିଟ୍ ଆୟକୁ ୟୁନିଟ୍‌ଧାରୀମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ।
6. ନିର୍ଦ୍ଧାରିତ ଅବଧି ଅତିକ୍ରାନ୍ତ ହେବା ପରେ କିମ୍ବା ୟୁନିଟ୍‌ଧାରୀ ଚାହିଁଲେ ପାଣ୍ଠିର ପରିଚାଳକ ତାଙ୍କର ଟଙ୍କା ଫେରସ୍ତ କରିବାକୁ ବାଧ୍ୟ ହୋଇଥାନ୍ତି ।

୧୬.୬.୨ ପାରସ୍ପରିକ ପାଣ୍ଠିର ପ୍ରକାର

ବିନିଯୋଗକାରୀଙ୍କ ବିନିଯୋଗ ଉଦ୍ଦେଶ୍ୟ ଗୁଡ଼ିକୁ ଧ୍ୟାନରେ ରଖି ପାରସ୍ପରିକ ପାଣ୍ଠି ଦ୍ୱାରା ସାଧାରଣତଃ ବହୁତ ପ୍ରକାରର ଯୋଜନା ଚାଲୁ କରାଯାଇଥାଏ ଯଥା ସମତା ପାଣ୍ଠି, ଋଣ ପାଣ୍ଠି, ସନ୍ତୁଳିତ ପାଣ୍ଠି, ବିକାଶ ପାଣ୍ଠି, ଆୟ ପାଣ୍ଠି, ତରଳ ପାଣ୍ଠି, କର ସଞ୍ଚୟ ପାଣ୍ଠି, ସୂଚକ ପାଣ୍ଠି, ଇତ୍ୟାଦି । ଏହି ଯୋଜନା ଗୁଡ଼ିକ ସ୍ଥୂଳତଃ ନିମ୍ନ ଦୁଇ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଥାଏ:

(କ) ଉନ୍ମୁକ୍ତ (ଖୋଲା) ପ୍ରାନ୍ତ ପାଣ୍ଠି : ଏହି ପାଣ୍ଠି ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ କର୍ପସ (ଏକତ୍ର ବିନିଯୁକ୍ତ ରାଶି) ଏବଂ ସମୟାବଧି ନାହିଁ । ଏହି ପାଣ୍ଠି ୟୁନିଟ୍ ଗୁଡ଼ିକର ଅନବରତ ବିକ୍ରୀ ପାଇଁ ପ୍ରସ୍ତାବ ରଖିଥାଏ ଏବଂ ସମର୍ପିତ ୟୁନିଟ୍ ଗୁଡ଼ିକର ପୁନଃକ୍ରୟ ପାଇଁ ପ୍ରସ୍ତୁତ ଥାଏ । ଅନ୍ୟ ଶବ୍ଦରେ କହିଲେ, ବିନିଯୋଗକାରୀମାନେ ଯେକୌଣସି ସମୟରେ, ଯେକୌଣସି ସଂଖ୍ୟକ ୟୁନିଟ୍ ସେଗୁଡ଼ିକର ନିଟ୍ ପରିସମ୍ପତ୍ତି ମୂଲ୍ୟ (Net Asset Value) ରେ ନ୍ୟାସ (ଟ୍ରଷ୍ଟ) ଠାରୁ କିଣିବା କିମ୍ବା ନ୍ୟାସକୁ ବିକିବା ପାଇଁ ମୁକ୍ତ ଅଟନ୍ତି ।

(ଖ) ରୁଦ୍ଧ (ବନ୍ଦ)ପ୍ରାନ୍ତ ପାଣ୍ଠି : ଏହି ପାଣ୍ଠି ଗୁଡ଼ିକ କ୍ଷେତ୍ରରେ, ବିନିଯୋଗକାରୀ ମାନଙ୍କ ପାଖରୁ ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଅଭିଦାନ ସଂଗ୍ରହ କରାଯାଇଥାଏ ଏବଂ ଏଗୁଡ଼ିକର ଏକ ନିର୍ଦ୍ଦିଷ୍ଟ (ସ୍ଥିରୀକୃତ) କର୍ପସ ଥାଏ । କେବଳ ସେତିକି ନୁହେଁ, ବିନିଯୋଗକାରୀମାନେ ନିର୍ଦ୍ଦିଷ୍ଟ ପରିପକ୍ୱତା ତାରିଖ ପୂର୍ବରୁ ସେମାନଙ୍କର ୟୁନିଟ୍ ଗୁଡ଼ିକର ପରିଶୋଧନ (ଧନ ଫେରସ୍ତ) କରିପାରିବେ ନାହିଁ । ତେବେ ତରଳତା ପ୍ରଦାନ ପାଇଁ ଏଗୁଡ଼ିକ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରାଯାଇଥାଏ ଏବଂ ବିନିଯୋଗକାରୀମାନେ କୌଣସି ଜଟିଳତା ବିନା ଦଲାଲ (ବ୍ରୋକର) ମାଧ୍ୟମରେ ୟୁନିଟ୍ ଗୁଡ଼ିକର କିଣା-ବିକା ସେଗୁଡ଼ିକର ବଜାର ଦରରେ କରି ପାରିଥାନ୍ତି ।

ଏହା ପ୍ରଣିଧାନ ଯୋଗ୍ୟ ଯେ ଭାରତୀୟ ୟୁନିଟ୍ ଟ୍ରଷ୍ଟ ହେଉଛି ପ୍ରଥମ ମ୍ୟୁଚୁଆଲ୍ ଫଣ୍ଡ୍ ଯାହାର ସ୍ଥାପନା ଭାରତରେ ୧୯୬୪ ମସିହାରେ ହୋଇଥିଲା । ପରେ ଜୀବନ ବୀମା ନିଗମ, ସାଧାରଣ ବୀମା ନିଗମ ଏବଂ କେତେକ ଜାତୀୟକରଣ ବ୍ୟାଙ୍କ ମଧ୍ୟ ସେମାନଙ୍କର ମ୍ୟୁଚୁଆଲ୍ ଫଣ୍ଡ୍ କାର୍ଯ୍ୟ ପ୍ରାରମ୍ଭ କରିଥିଲେ ଏବଂ ବହୁତ

ବଡ଼ ସଫଳତା ପାଇଥିଲେ । ତେବେ, ଉଦାରୀକରଣ ଯୁଗର ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଘରୋଇ କ୍ଷେତ୍ରର ସଂସ୍ଥା ମଧ୍ୟ ମ୍ୟୁଚୁଆଲ୍ ଫଣ୍ଡ୍ କ୍ଷେତ୍ରରେ ପ୍ରବେଶ କରିଛନ୍ତି । ତନ୍ମଧ୍ୟରୁ କେତେକ ହେଲା : ବିର୍ଲା ସନ୍ ଲାଇଫ୍, ଏଚ୍.ଡ଼ି.ଏଫ୍.ସି., ଏଚ୍.ଏସ୍.ବି.ସି., ଆଇ.ସି.ଆଇ.ସି.ଆଇ. ପ୍ରୁଡ଼େନ୍ସିଆଲ୍, ଡ଼ି.ଏସ୍.ପି. ମେରିଲ୍ ଲୀଞ୍ଚ୍, ଡ଼ି.ବି.ଏସ୍.ଚୋଲା ମ୍ୟୁଚୁଆଲ୍ ଫଣ୍ଡ୍ ।

ପାଠଗତ ପ୍ରଶ୍ନାବଳୀ ୧୬ (ଗ)

1. ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀ ସମୂହ (NBFCs) ର ବିତ୍ତର ଉତ୍ସ ଉଲ୍ଲେଖ କର ।
2. ନିଟ୍ ପରିସମ୍ପତ୍ତି ମୂଲ୍ୟ କ'ଣ ?
3. ପାରସ୍ପରିକ ପାଣ୍ଠିର ସୁବିଧା (ଲାଭ) ଗୁଡ଼ିକର ତାଲିକା କର:

    (କ) ______________________________

    (ଖ) ______________________________

    (ଗ) ______________________________

    (ଘ) ______________________________

୧୬.୭ ପଟ୍ଟା (ଲିଜ୍) ପ୍ରଦାନକାରୀ କମ୍ପାନୀ

ପୂର୍ବ ଏକକରେ ତୁମେ ଦୀର୍ଘ-ମିଆଦୀ ବିତ୍ତର ଏକ ପଦ୍ଧତି ଭାବରେ ପଟ୍ଟା ପ୍ରଦାନ ବ୍ୟବସ୍ଥା ବିଷୟରେ ପଢ଼ି ସାରିଛ । ଏହି ପଦ୍ଧତି ଉତ୍ପାଦନକାରୀ କମ୍ପାନୀ ଗୁଡ଼ିକ ମଧ୍ୟରେ ଅତି ସାଧାରଣ (ଜନପ୍ରିୟ) ହୋଇଅଛି । ସାଧାରଣତଃ ପଟ୍ଟା ପ୍ରଦାନକାରୀ କମ୍ପାନୀଗୁଡ଼ିକର ମଧ୍ୟସ୍ଥତାରେ ପଟ୍ଟା ପ୍ରଦାନ ସୁବିଧା ପ୍ରଦତ୍ତ ହୋଇଥାଏ । ଯେଉଁମାନେ କି ଉତ୍ପାଦକଙ୍କଠାରୁ ଆବଶ୍ୟକୀୟ ଯନ୍ତ୍ରପାତି ଓ କଳକବ୍ଜା କ୍ରୟ କରିଥାନ୍ତି ଏବଂ ତାହାକୁ ଆବଶ୍ୟକ କରୁଥିବା କମ୍ପାନୀକୁ ବାର୍ଷିକ ଭଡ଼ା ପୈଠ ବଦଳରେ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ପଟ୍ଟା (ଲିଜ୍) ଆକାରରେ ନେଇଥାନ୍ତି ।

ଏହି ଉଦ୍ଦେଶ୍ୟରେ ପଟ୍ଟାଦାତା (ଲିଜ୍ ପ୍ରଦାନକାରୀ କମ୍ପାନୀ) ଓ ପଟ୍ଟାଧାରୀ (ପରିସମ୍ପତ୍ତି ଭଡ଼ାରେ କିଣୁଥିବା କମ୍ପାନୀ) ମଧ୍ୟରେ ଏକ ଉପଯୁକ୍ତ ପଟ୍ଟା- ରାଜିନାମା ସମ୍ପନ୍ନ ହୋଇଥାଏ । ସାଧାରଣତଃ ଉକ୍ତ ରାଜିନାମାରେ ଲିଜ୍ ଅବଧିର ପରିସମାପ୍ତିରେ ଏକ ପାରସ୍ପରିକ ସହମତିଯୁକ୍ତ ତଥା ନିର୍ଦ୍ଦିଷ୍ଟ ଦାମ୍‌ରେ ପଟ୍ଟାଧାରୀଙ୍କ ଦ୍ୱାରା ଯନ୍ତ୍ରପାତିର କ୍ରୟ କରିବା ପାଇଁ ବ୍ୟବସ୍ଥା ଥାଏ । ଏଠାରେ ଏହା ପ୍ରଣିଧାନଯୋଗ୍ୟ ଯେ ପଟ୍ଟା ଅବଧି ମଧ୍ୟରେ ପଟ୍ଟା ପ୍ରଦାନକାରୀ କମ୍ପାନୀ ପାଖରେ ପରିସମ୍ପତ୍ତିର ମାଲିକାନା ସ୍ୱତ୍ୱ ଥାଏ ।

ସମୟ ସମୟରେ ଏକ କମ୍ପାନୀ ତା'ର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିଜର ବିଦ୍ୟମାନ ପରିସମ୍ପତ୍ତି (ଯନ୍ତ୍ରପାତି କିମ୍ବା କୋଠା) ଏକ ଲିଜ୍ ପ୍ରଦାନକାରୀ କମ୍ପାନୀକୁ ଚାଲୁଥିବା ବଜାର ଦରରେ ଏହି ସର୍ତ୍ତରେ ବିକ୍ରୀ କରି ଦେଇପାରେ ଯେ ଉକ୍ତ ଲିଜ୍ ପ୍ରଦାନକାରୀ କମ୍ପାନୀ ବିକ୍ରେତା କମ୍ପାନୀକୁ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଉକ୍ତ ପରିସମ୍ପତ୍ତିକୁ ଲିଜ୍ ଆକାରରେ ବ୍ୟବହାର ପାଇଁ ଫେରସ୍ତ କରିବ । ଏହି ବ୍ୟବସ୍ଥାକୁ 'ବିକ୍ରୟ ଏବଂ ପଟ୍ଟା-ଫେରସ୍ତ' କୁହାଯାଏ । ଏହି ବ୍ୟବସ୍ଥାରେ କମ୍ପାନୀ ସମ୍ପୃକ୍ତ ପରିସମ୍ପତ୍ତିର ଭୋଗ ଦଖଲ ନିଜଠାରୁ ଅଲଗା ନ କରି ପାଣ୍ଠି ପ୍ରାପ୍ତ କରିଥାଏ ଏବଂ ବାର୍ଷିକ ଭଡ଼ା ପୈଠ ପୂର୍ବକ ଲିଜ୍ ଆକାରରେ ସେହି ପରିସମ୍ପତ୍ତିର ବ୍ୟବହାର ଜାରି ରଖିଥାଏ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେକୌଣସି ପ୍ରକାର ପଟ୍ଟା-ରାଜିନାମା କ୍ଷେତ୍ରରେ ପଟ୍ଟା-ଭଡ଼ାରେ ପଟ୍ଟା ପ୍ରଦାନକାରୀ କମ୍ପାନୀର ଖର୍ଚ୍ଚ ଓ ଲାଭ ବ୍ୟତୀତ ସୁଧ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। ପ୍ରକୃତରେ ପଟ୍ଟା ପ୍ରଦାନକାରୀ କମ୍ପାନୀ ପଟ୍ଟାରେ ପ୍ରଦତ୍ତ ପରିସମ୍ପତ୍ତିରେ ନିଜର ବିନିଯୋଗ ଉପରେ ଏକ ଉଚିତ୍ ପ୍ରତିଫଳ (ଲାଭ) ଅର୍ଜନ କରିବା ଏକାନ୍ତ ଆବଶ୍ୟକ।

ଭାରତରେ ଲିଜ୍ ପ୍ରଦାନ ବ୍ୟବସ୍ଥା ସତୁରି ଦଶକରେ ଆରମ୍ଭ ହୋଇଥିଲା ଯେତେବେଳେ ଚେନ୍ନାଇରେ 1973 ମସିହାରେ ଚିଦାମ୍ବରମ୍ ସମୂହଙ୍କ ଦ୍ୱାରା ଭାରତର ପ୍ରଥମ ଲିଜ୍ ପ୍ରଦାନକାରୀ କମ୍ପାନୀ ସ୍ଥାପିତ ହୋଇଥିଲା। ଅଶୀ ଦଶକରେ ଟ୍ୱେଣ୍ଟିଏଥ୍ ସେଞ୍ଚୁରୀ ଫାଇନାନ୍ସ କମ୍ପାନୀ ଓ ଋରୋଟି ଅନ୍ୟ ବିତ୍ତୀୟ ବା ଆର୍ଥିକ କମ୍ପାନୀ ଏହି କାର୍ଯ୍ୟରେ ସାମିଲ ହେଲେ। ବର୍ତ୍ତମାନ ସେମାନଙ୍କର ସଂଖ୍ୟା ବହୁତ ଅଧିକ ହୋଇଛି ଏବଂ ପଟ୍ଟା ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ଉଭା ହୋଇଛି। ଏହା କ୍ଷୁଦ୍ର ଓ ମଧ୍ୟମ ଆକାର ବିଶିଷ୍ଟ ଉଦ୍ୟୋଗ ସମୂହ, ଯେଉଁ ଗୁଡ଼ିକର ଆର୍ଥିକ ସମ୍ବଳ ସୀମିତ ଅଟେ, ସେମାନଙ୍କ ପାଇଁ ଅତୀବ ସହାୟକ ହୋଇପାରିଛି।

୧୬.୮ ବୈଦେଶିକ ଉତ୍ସ

ବୈଦେଶିକ ଉତ୍ସ ଗୁଡ଼ିକ ମଧ୍ୟ ଭାରତରେ ବ୍ୟବସାୟ ଗୁଡ଼ିକର ଦୀର୍ଘମିଆଦୀ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ଏଗୁଡ଼ିକ ସାଧାରଣତଃ ଏହି ପ୍ରକାରର : (1) ବାହ୍ୟ ଋଣ; (2) ବୈଦେଶିକ ବିନିଯୋଗ; ଏବଂ (3) ପ୍ରବାସୀ ଭାରତୀୟଙ୍କ ଠାରୁ ଜମା। ଆସ, ଏହି ଉତ୍ସଗୁଡ଼ିକ ବିଷୟରେ ସଂକ୍ଷେପରେ ଜାଣିବା।

1. **ବାହ୍ୟ ଋଣ :** ଏଥିରେ ବାଣିଜ୍ୟିକ ଋଣ ଏବଂ ସେହି ଋଣ ଅନ୍ତର୍ଭୁକ୍ତ ଥାଏ ଯାହାର ପରିପକ୍ୱତା ଅବଧି ଦୀର୍ଘ ଏବଂ ଯାହା ରିହାତି ସୁଧ ହାରରେ ପ୍ରାପ୍ତ ହୋଇଥାଏ। ରିହାତି ଋଣର ମୁଖ୍ୟ ଉତ୍ସ ଗୁଡ଼ିକ ହେଲା- ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF), ଭାରତୀୟ ସହାୟତା ସଂଘ (AIC), ଏସୀୟ ଉନ୍ନୟନ ବ୍ୟାଙ୍କ (ADB), ବିଶ୍ୱ ବ୍ୟାଙ୍କ (ଆନ୍ତର୍ଜାତୀୟ ପୁନର୍ଗଠନ ଓ ଉନ୍ନୟନ ବ୍ୟାଙ୍କ) ଏବଂ ଆନ୍ତର୍ଜାତୀୟ ଆର୍ଥିକ ନିଗମ।

   ବିଶ୍ୱ ବ୍ୟାଙ୍କ ଉଚ୍ଚ ପ୍ରାଥମିକତା ଯୁକ୍ତ ସ୍ୱତନ୍ତ୍ର ଔଦ୍ୟୋଗିକ ପ୍ରକଳ୍ପ ଗୁଡ଼ିକ ପାଇଁ ଋଣ ମଞ୍ଜୁର କରିଥାଏ ଏବଂ ଏହି ଋଣ ପ୍ରତ୍ୟକ୍ଷ ଭାବେ କିମ୍ବା ସରକାରୀ ଏଜେନ୍ସି ମାଧ୍ୟମରେ ଶିଳ୍ପ ସଂସ୍ଥାକୁ ଦିଆଯାଇଥାଏ। ଅନ୍ତର୍ଜାତୀୟ ଅର୍ଥ ନିଗମ, ଯାହାକି ବିଶ୍ୱ ବ୍ୟାଙ୍କ ସହ ଅନୁବନ୍ଧିତ, ଔଦ୍ୟୋଗିକ ଏକକ ଗୁଡ଼ିକୁ 8 ରୁ 10 ବର୍ଷ ପର୍ଯ୍ୟନ୍ତ ଅବଧି ପାଇଁ ଋଣ ମଞ୍ଜୁର କରିଥାଏ। ଏହି ଋଣ ପାଇଁ ସରକାରୀ ଗ୍ୟାରେଣ୍ଟିର ଆବଶ୍ୟକତା ନଥାଏ।

   ବାହ୍ୟ ବାଣିଜ୍ୟିକ ଋଣ ସମ୍ବନ୍ଧରେ କହିବାକୁ ଗଲେ ଏହାର ମୁଖ୍ୟ ଉତ୍ସ ଗୁଡ଼ିକ ହେଉଛି ରପ୍ତାନୀ ଋଣ ଏଜେନ୍ସି ସମୂହ ଯଥା ଆମେରିକୀୟ ରପ୍ତାନୀ-ଆମଦାନୀ ବ୍ୟାଙ୍କ୍ (US Exim Bank), ଜାପାନୀ ରପ୍ତାନୀ-ଆମଦାନୀ ବ୍ୟାଙ୍କ୍, ଯୁକ୍ତରାଜ୍ୟ (UK) ର ରପ୍ତାନୀ ଋଣ ଓ ଗ୍ୟାରେଣ୍ଟି ନିଗମ ଏବଂ ଅନ୍ୟ ସରକାରୀ ଓ ବହୁପକ୍ଷୀୟ ଏଜେନ୍ସି ସମୂହ। ଭାରତୀୟ ବ୍ୟବସାୟ ଗୁଡ଼ିକର ସମ୍ପ୍ରସାରଣ (ବିସ୍ତାର) ନିମନ୍ତେ ବିନିଯୋଗ ପାଇଁ ବିତ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ ବାହ୍ୟ ବାଣିଜ୍ୟିକ ଋଣର ଅନୁମତି ସରକାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥାଏ।

2. **ବୈଦେଶିକ ବିନିଯୋଗ :** ଆମ ଦେଶରେ ବୈଦେଶିକ ବିନିଯୋଗ ସାଧାରଣତଃ ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ (FDI) ରୂପରେ କିମ୍ବା ବୈଦେଶିକ ସହଯୋଗ ମାଧ୍ୟମରେ କରାଯାଇଥାଏ। ବୈଦେଶିକ

ଟିପ୍ପଣୀ

ପ୍ରତ୍ୟକ୍ଷ ବିନିଯୋଗ କହିଲେ ସାଧାରଣତଃ ଭାରତୀୟ କମ୍ପାନୀଗୁଡ଼ିକର ଅଂଶ ଓ ଋଣ ପତ୍ରକୁ ବିଦେଶୀମାନଙ୍କ ଦ୍ୱାରା ପ୍ରଦତ୍ତ ଅଭିଦାନକୁ ବୁଝାଇ ଥାଏ। ଏହାକୁ ପୋର୍ଟଫୋଲିଓ ବିନିଯୋଗ ମଧ୍ୟ କୁହାଯାଏ ଏବଂ ଏଥିରେ ଆମେରିକାନ୍ ଡିପୋଜିଟରୀ ରସିଦ (ଏ.ଡ଼ି.ଆର୍), ଗ୍ଲୋବାଲ ଡ଼ିପୋଜିଟରୀ ରସିଦ (ଜି.ଡ଼ି.ଆର୍) ଓ ବୈଦେଶିକ ମୁଦ୍ରା ପରିବର୍ତ୍ତନୀୟ ବଣ୍ଡ (ଏଫ୍.ସି.ସି.ବି.) ଗୁଡ଼ିକୁ ସେମାନଙ୍କର ଅଭିଦାନ ମଧ୍ୟ ଅନ୍ତର୍ଭୁକ୍ତ ଥାଏ।

ବିକଳ୍ପ ସ୍ୱରୂପ, କେତେକ କମ୍ପାନୀ ଭାରତରେ କାର୍ଯ୍ୟ କରିବାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଇ ଗଠିତ ହୋଇଥାଏ କିମ୍ବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ମଧ୍ୟ ଭାରତରେ ସେଗୁଡ଼ିକର ସହାୟକ କମ୍ପାନୀ ବା ଶାଖା ସ୍ଥାପିତ କରି ପାରନ୍ତି। ବୈଦେଶିକ ସହଯୋଗ ସମ୍ବନ୍ଧରେ, ଏହା ସେହି ଆର୍ଥିକ ସହଯୋଗ (ଭାଗିଦାରୀ) ହୋଇପାରେ ଯାହା ଏକ ପୁରୁଣା କିମ୍ବା ନୂଆ ବ୍ୟବସାୟର ସମତା ପୁଞ୍ଜିରେ ବିଦେଶୀ କମ୍ପାନୀ ମାନଙ୍କର ଅଂଶ ଗ୍ରହଣ ସହିତ ସଂଶ୍ଳିଷ୍ଟ ଅଟେ। ପ୍ରଯୁକ୍ତି ସହଯୋଗ (ଭାଗିଦାରୀ) ପ୍ରଯୁକ୍ତି ଜ୍ଞାନ, ପେଟେଣ୍ଟ ଓ ଯନ୍ତ୍ରପାତିର ଯୋଗାଣ ଦ୍ୱାରା ସମ୍ପନ୍ନ ହୋଇଥାଏ। ଅତୀତରେ ପ୍ରଯୁକ୍ତି ସହଯୋଗ ପ୍ରାରମ୍ଭରେ ଅଧିକ ଜନପ୍ରିୟ ହୋଇଥିଲା। କିନ୍ତୁ ଉଦାରୀକରଣ ପର୍ଯ୍ୟାୟର ପରବର୍ତ୍ତୀ କାଳରେ ଆମ ଦେଶରେ ପ୍ରଯୁକ୍ତି ସହଯୋଗ ସ୍ଥାନରେ ଆର୍ଥିକ ସହଯୋଗ ଅଧିକ ଜନପ୍ରିୟ ହେଉଥିବା ପରିଲକ୍ଷିତ ହେଉଛି।

ଏହା ପ୍ରଣିଧାନଯୋଗ୍ୟ ଯେ ଉଦାରୀକରଣ ପରବର୍ତ୍ତୀ ସମୟରେ ସରକାର ଅଧିକ ବୈଦେଶିକ ବିନିଯୋଗ ଆକର୍ଷିତ କରିବାରେ ବହୁତ ସଫଳତା ଅର୍ଜନ କରିଛନ୍ତି। ଏହାର କାରଣ ହେଉଛି ଯେ ଭାରତ ସରକାର ଏବେ 34ଟି ଶିଳ୍ପ ସଂସ୍ଥାର ସମତା ଅଂଶରେ 51% ପର୍ଯ୍ୟନ୍ତ ବୈଦେଶିକ ବିନିଯୋଗକୁ ସ୍ୱୟଂଚାଳିତ ଅନୁମୋଦନ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ଏବଂ ଯେଉଁ ଉଦ୍ୟୋଗ ଗୁଡ଼ିକ ସ୍ୱୟଂଚାଳିତ ଅନୁମୋଦନ ଭିତରେ ଆସୁ ନାହିଁ ସେଗୁଡ଼ିକର ମାମଲାକୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ବୋର୍ଡ଼ (ବୈଦେଶିକ ବିନିଯୋଗ ପ୍ରବର୍ତ୍ତନ ବୋର୍ଡ଼) ସ୍ଥାପିତ ହୋଇଛି। ବୈଦେଶିକ ବିନିଯୋଗର ମୁଖ୍ୟ ସୁବିଧା (ଲାଭ) ହେଲା ଏହା ଯେ ସାଧାରଣତଃ ବିଦେଶୀ ନିବେଶକମାନେ ଅର୍ଥ ନିବେଶ ସହିତ ପ୍ରଯୁକ୍ତି ଧୂରୀଣତା (ବିଶେଷଜ୍ଞତା) ତଥା ଆଧୁନିକ ଯନ୍ତ୍ରପାତି ମଧ୍ୟ ନିଜ ସାଥିରେ ଆଣିଥାନ୍ତି। ତେବେ ଅସୁବିଧା (କ୍ଷତି) ହେଉଛି ଏହା ଯେ ଲାଭର ଏକ ବଡ଼ ଭାଗ ବିଦେଶୀ ନିବେଶକଙ୍କ ନିକଟକୁ ସ୍ଥାନାନ୍ତରିତ ହୋଇଥାଏ।

3. **ପ୍ରବାସୀ ଭାରତୀୟ (NRIs) :** ତୁମେ ସଚେତନ ଥିବ ଯେ ଦେଶ ବାହାରେ ବସବାସ କରୁଥିବା ଭାରତୀୟ ମୂଳ ବ୍ୟକ୍ତି ବିଶେଷ (PIO) ଙ୍କୁ ସାଧାରଣତଃ ପ୍ରବାସୀ ଭାରତୀୟ (NRIs) କୁହାଯାଏ ଏବଂ ସେମାନେ ଭାରତରେ ଶିଳ୍ପ ଗୁଡ଼ିକ ପାଇଁ ଦୀର୍ଘ ଅବଧି ବିତ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଅଟନ୍ତି। ବିତ୍ତୀୟ କ୍ଷେତ୍ରରେ ସେମାନଙ୍କ ଅଭିଦାନର ଅତି ସାଧାରଣ ସ୍ୱରୂପ ହେଉଛି ବୈଦେଶିକ ମୁଦ୍ରା ପ୍ରବାସୀ ହିସାବ (FCNRA) ଏବଂ ପ୍ରବାସୀ (ବାହ୍ୟ) ଟଙ୍କା ହିସାବ (NRIs) ଅନ୍ତର୍ଗତ ଜମା। ଏହା ଧ୍ୟାନ ଦେବା ଯୋଗ୍ୟ କଥା ଯେ 2001-02 ବର୍ଷ ମଧ୍ୟରେ ଭାରତରେ ବିନିଯୁକ୍ତ ହୋଇଥିବା ମୋଟ ବୈଦେଶିକ ପୁଞ୍ଜିରେ ପ୍ରବାସୀ ଭାରତୀୟଙ୍କ ନିଟ୍ ଜମା ରାଶିର ଭାଗ ଥିଲା 26.7%। ତେବେ, ବାହ୍ୟ ଋଣ ପରି ପ୍ରବାସୀ ଭାରତୀୟ ଜମା ବାହ୍ୟ ଅର୍ଥ ପ୍ରାପ୍ତ କରିବାର ଏକ ଉଚ୍ଚ ପରିବ୍ୟୟଯୁକ୍ତ ଉତ୍ସ ଅଟେ ଏବଂ ତାହା ଭଲ ଦିନର ସାଥି ଅଟେ। ଅତଃ, ପ୍ରବାସୀ ଭାରତୀୟ ଜମା ଉପରେ ଅଧିକ ମାତ୍ରାରେ ନିର୍ଭରଶୀଳ ହେବା ଠିକ୍ ନୀତି ନୁହେଁ। ଏହା ଉଲ୍ଲେଖଯୋଗ୍ୟ ଯେ ପ୍ରବାସୀ ଭାରତୀୟମାନେ ଭାରତୀୟ କମ୍ପାନୀ ଗୁଡ଼ିକର ଅଂଶ ଓ ଋଣପତ୍ରରେ ବିନିଯୋଗ କରିବା ପାଇଁ ମଧ୍ୟ ଅନୁମତିପ୍ରାପ୍ତ ଅଟନ୍ତି, ଏବଂ

ସେଗୁଡ଼ିକ ବିକ୍ରୀ କରି ଧନରାଶି ଫେରସ୍ତ କରି ନେବାର ବିକଳ୍ପ ମଧ୍ୟ ସେମାନଙ୍କ ନିକଟରେ ଅଛି। ତଥାପି ଏହା କୁହାଯାଇପାରିବ ଯେ ପ୍ରବାସୀ ଭାରତୀୟ ଜମା ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗର ଏକ ଅବିଚ୍ଛେଦ୍ୟ ଅଙ୍ଗ।

୧୬.୯ ସଞ୍ଚିତ ଉପାର୍ଜନ /ଆୟ (ଲାଭ)

ତୁମେ ଜାଣ ଯେ ସଞ୍ଚିତ ଉପାର୍ଜନ ହେଉଛି କମ୍ପାନୀର ଅଣ-ଆବଣ୍ଟିତ ଲାଭ ଯାହା ସାଧାରଣତଃ ବଣ୍ଟନ ନ କରି ସାଧାରଣ ସଞ୍ଚିତି ରୂପରେ ରଖାଯାଇଥାଏ। ଭବିଷ୍ୟତରେ କମ୍ ଲାଭ ହେବା କାରଣରୁ ସୃଷ୍ଟ ଆକସ୍ମିକ କ୍ଷତିର ଭରଣା କରିବା ପାଇଁ ସଞ୍ଚିତ ଆୟ ଏକ ସୁରକ୍ଷା କବଚ ସଦୃଶ ଏବଂ ସଞ୍ଚିତ ଆୟର ଉପଯୋଗ ଦ୍ୱାରା କମ୍ପାନୀ ବୋନସ୍ ଅଂଶ ମଧ୍ୟ ନିର୍ଗମିତ କରିଥାଏ। କିନ୍ତୁ ଫଳତଃ, ସଞ୍ଚିତ ଆୟ କମ୍ପାନୀ ପାଇଁ ଶୂନ୍ୟ ପରିବ୍ୟୟଯୁକ୍ତ ପୁଞ୍ଜି ସ୍ୱରୂପ ଦୀର୍ଘମିଆଦୀ ବିତ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ କାର୍ଯ୍ୟ କରିଥାଏ। ସଞ୍ଚିତ ଲାଭକୁ କମ୍ପାନୀର ସମ୍ପ୍ରସାରଣ (ଆକାର ବୃଦ୍ଧି) ଓ ଆଧୁନିକୀକରଣ କାର୍ଯ୍ୟକ୍ରମରେ ମଧ୍ୟ ଉପଯୋଗ କରାଯାଇପାରିବ। ସଞ୍ଚିତ ଆୟ ପରିମାଣର ନିର୍ଦ୍ଧାରଣ ଲାଭ ପରିମାଣ, ପରିଚାଳକଙ୍କ ଦ୍ୱାରା ଅନୁସୃତ ଲାଭାଂଶ ପ୍ରଦାନ ନୀତି, ଲାଭାଂଶ ପ୍ରଦାନ ପାଇଁ ଆଇନଗତ ପ୍ରାବଧାନ ଏବଂ ନିଗମ କରର ହାର ଇତ୍ୟାଦିର ଆଧାରରେ କରାଯାଇଥାଏ।

ସଞ୍ଚିତ ଆୟ ଅର୍ଥ ପ୍ରାପ୍ତ କରିବାର ଏକ ଆଭ୍ୟନ୍ତରୀଣ ଉତ୍ସ ଯାହା ପ୍ରାପ୍ତ କରିବାରେ କୌଣସି ବ୍ୟୟ କରିବାକୁ ପଡ଼ି ନଥାଏ ତଥା ଏଥିରେ ବାହ୍ୟ ବିତ୍ତାୟନ (ବିତ୍ତୀୟକରଣ)ର ଅନିଶ୍ଚିତତା ମଧ୍ୟ ନଥାଏ। ପ୍ରକୃତରେ, ଏହାକୁ ଦୀର୍ଘ-ମିଆଦୀ ବିତ୍ତର ଏକ ଅତି ନିର୍ଭରଯୋଗ୍ୟ ଉତ୍ସ ଭାବେ ସ୍ୱୀକାର କରାଯାଇଥାଏ। ଏହା ଆହୁରି ମଧ୍ୟ କମ୍ପାନୀର ସମତା ଭିତ୍ତିକୁ ସୁଦୃଢ଼ କରିଥାଏ, ଯାହାକି କମ୍ପାନୀକୁ ଉତ୍ତମ ସର୍ତ୍ତାବଳୀର ଆଧାରରେ ଋଣ ପ୍ରାପ୍ତ କରିବାରେ ସକ୍ଷମ କରାଇଥାଏ। ଏହି ଉତ୍ସର ମୁଖ୍ୟ ଅସୁବିଧା ଗୁଡ଼ିକ ହେଲା : (କ) ଏହା ଲାଭର ସଠିକତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ; ଏବଂ (ଖ) ପରିଚାଳକଙ୍କ ଦ୍ୱାରା ପାଣ୍ଠିର ଦୁରୁପଯୋଗ କରାଯିବାର ସମ୍ଭାବନା।

ପାଠଗତ ପ୍ରଶ୍ନାବଳୀ 16 (ଘ)

1. ପଟ୍ଟା (ଲିଜ୍) ରାଜିନାମାର ଦୁଇ ପକ୍ଷଙ୍କର ନାମ ଲେଖ।

   (କ) ______________________

   (ଖ) ______________________

2. ନିମ୍ନଲିଖିତ ଗୁଡ଼ିକୁ ବୈଦେଶିକ ବିତ୍ତର ଉତ୍ସ ରୂପରେ ତିନୋଟି ଶୀର୍ଷକରେ ବର୍ଗୀକୃତ କର :

   (କ) ଏ.ଡ଼ି.ବି. (ଏସିଆନ୍ ଉନ୍ନୟନ ବ୍ୟାଙ୍କ)

   (ଖ) ଏ.ଡ଼ି.ଆର୍ (ଆମେରିକୀୟ ଡ଼ିପୋଜିଟରୀ ରସିଦ୍)

   (ଗ) ଏଫ୍.ସି.ଏନ୍.ଆର୍.ଏ. (ବୈଦେଶିକ ମୁଦ୍ରା ପ୍ରବାସୀ ହିସାବ)

   (ଘ) ଏ.ଆଇ.ସି. (ଭାରତୀୟ ସହାୟତା ସଂଘ)

   (ଙ) ପି.ଆଇ.ଓ (ଭାରତୀୟ ମୂଳ ବ୍ୟକ୍ତି ବିଶେଷ)

   (ଚ) ଏନ୍.ଆଇ.ଇ.ଆର୍.ଏ (ପ୍ରବାସୀ ବାହ୍ୟ ଟଙ୍କା ହିସାବ)

(ଛ) ଏଫ୍.ସି.ସି.ବି. (ବୈଦେଶିକ ମୁଦ୍ରା ପରିବର୍ତ୍ତନୀୟ ବଣ୍ଡ୍)



୧୬.୧୦ ତୁମେ ଯାହା ଶିଖିଲ

- ସେହିସବୁ ଅନୁଷ୍ଠାନ ବା ଦଲାଲ (ଏଜେନ୍ସି) ଯେଉଁଠାରୁ ବା ଯାହା ଜରିଆରେ ଦୀର୍ଘ-ଅବଧି ପାଇଁ ବିତ୍ତ ପ୍ରାପ୍ତ କରାଯାଇଥାଏ, ସେଗୁଡ଼ିକୁ ଦୀର୍ଘ-ମିଆଦୀ ବିତ୍ତର ଉତ୍ସ କୁହାଯାଏ। ପୁଞ୍ଜି ବଜାର, ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ, ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ, ସଞ୍ଚିତ ଆୟ, ବୈଦେଶିକ ବିନିଯୋଗ ଏବଂ ବାହ୍ୟ ଋଣ କମ୍ପାନୀଗୁଡ଼ିକ ପାଇଁ ଦୀର୍ଘ-ମିଆଦୀ ବିତ୍ତର ମୁଖ୍ୟ ଉତ୍ସମାନ ଅଟେ।
- କମ୍ପାନୀ ଗୁଡ଼ିକ ପ୍ରତିଭୂତି ବଜାର ଜରିଆରେ ଅଂଶ ଓ ଋଣପତ୍ରର ନିର୍ଗମନ କରି ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିଥାନ୍ତି। ଏହି ବଜାର ଦୁଇଟି ଭାଗରେ ବିଭକ୍ତ- (କ) ନୂତନ ନିର୍ଗମନ ବଜାର, ଯେଉଁଥିରେ ନୂଆ ପ୍ରତିଭୂତି ଗୁଡ଼ିକର କାରବାର ହୁଏ; ଏବଂ (ଖ) ଷ୍ଟକ୍ ଏକ୍ସଚେଞ୍ଜ, ଯେଉଁଥିରେ ବିଦ୍ୟମାନ (ପୁରୁଣା) ପ୍ରତିଭୂତି ଗୁଡ଼ିକର କାରବାର (ବିକାକିଣା) ହୁଏ।
- ଔଦ୍ୟୋଗିକ ସଂସ୍ଥା ଗୁଡ଼ିକୁ ଦୀର୍ଘ-ମିଆଦୀ ବିତ୍ତ ପ୍ରଦାନ କରିବା ତଥା ଅନ୍ୟାନ୍ୟ ସହାୟକ ସେବା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ (SFI) ମାନ ସ୍ଥାପନ କରାଯାଇଅଛି। ତନ୍ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଲା ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ (IFCI), ଭାରତୀୟ ଔଦ୍ୟୋଗିକ ଋଣ ଏବଂ ବିନିଯୋଗ ନିଗମ (ICICI), ଭାରତୀୟ ଔଦ୍ୟୋଗିକ ନିବେଶ ବ୍ୟାଙ୍କ (IIBI), ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ (IDBI), ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (SIDBI), ରାଜ୍ୟ ଅର୍ଥ ନିଗମ (SFC), ରାଜ୍ୟ ଔଦ୍ୟୋଗିକ ବିକାଶ ନିଗମ (SIDC) ଇତ୍ୟାଦି। ଏହି ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ବ୍ୟତୀତ ଅନ୍ଧ କେତେକ ଅନ୍ୟ ଆର୍ଥିକ ଅନୁଷ୍ଠାନ ଅଛି ଯଥା ଜୀବନବୀମା ନିଗମ (LIC), ସାଧାରଣ ବୀମା ନିଗମ (GIC), ଭାରତୀୟ ୟୁନିଟ୍ ଟ୍ରଷ୍ଟ (UTI), ଇତ୍ୟାଦି। ଭାରତୀୟ ରପ୍ତାନୀ ଓ ଆମଦାନୀ ବ୍ୟାଙ୍କ (Exim Bank), ଦୁଃସାହସିକ ପୁଞ୍ଜି ଅନୁଷ୍ଠାନ ମାନେ ମଧ୍ୟ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ଦୀର୍ଘ-ମିଆଦୀ ବିତ୍ତ ଓ ଅନ୍ୟାନ୍ୟ ସହାୟତାମୂଳକ ସେବା ପ୍ରଦାନ କରିଥାନ୍ତି।

- ବାଣିଜ୍ୟିକ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ ମଧ୍ୟ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ଦୀର୍ଘ ଓ ମଧ୍ୟମ-ମିଆଦୀ ବିତ୍ତ ପ୍ରଦାନ କରିଥାନ୍ତି।
- ଘରୋଇ କ୍ଷେତ୍ରରେ ଅନେକ ଗୁଡ଼ିଏ ଆର୍ଥିକ କମ୍ପାନୀ କାର୍ଯ୍ୟରତ ଅଛନ୍ତି ଯେଉଁଗୁଡ଼ିକ ସର୍ବ ସାଧାରଣଙ୍କ ଠାରୁ ଜମା ସଂଗ୍ରହ କରିଥାନ୍ତି ଏବଂ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ଦୀର୍ଘ-ମିଆଦୀ ଋଣ ପ୍ରଦାନ କରିଥାନ୍ତି। ଏହି କମ୍ପାନୀ ଗୁଡ଼ିକୁ ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀ କୁହାଯାଏ। ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀଗୁଡ଼ିକ ସେମାନଙ୍କର ସରଳୀକୃତ ଋଣ ମଞ୍ଜୁରୀ ବ୍ୟବସ୍ଥା, ନମନୀୟତା ତଥା ତ୍ୱରିତ ସେବା ପ୍ରଦାନ କାରଣରୁ ବିତ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହିସାବରେ ଉଭା ହୋଇଛନ୍ତି।
- ପାରସ୍ପରିକ ପାଣ୍ଠି (ମ୍ୟୁଚୁଆଲ୍ ଫଣ୍ଡ) ଏକ ବିନିଯୋଗ ମଧ୍ୟସ୍ଥ ଭାବେ କାର୍ଯ୍ୟ କରେ ଯାହା ବହୁ ସଂଖ୍ୟକ ବିନିଯୋଗକାରୀଙ୍କ ଠାରୁ ଜମା ସଂଗ୍ରହ କରେ ଏବଂ ବଡ଼ ବଡ଼ କମ୍ପାନୀରେ ତାହାକୁ ବିନିଯୋଗ କରେ। ଏହା ବିନିଯୋଗକାରୀଙ୍କର ଆଶଙ୍କା (ବିପଦ)କୁ ହ୍ରାସ କରେ ଏବଂ ସେମାନଙ୍କ ପାଇଁ ଭଲ ଆୟର ସୁନିଶ୍ଚିତ କରେ। ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ୍ କମ୍ପାନୀ ଗୁଡ଼ିକ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥାନ୍ତି ଯେଉଁଗୁଡ଼ିକ ଉନ୍ମୁକ୍ତ ପ୍ରାନ୍ତ ଯୋଜନା ଏବଂ ରୁଦ୍ଧ ପ୍ରାନ୍ତ ଯୋଜନା ଅନ୍ତର୍ଗତ ବର୍ଗୀକୃତ କରାଯାଇଥାଏ।
- ପଟ୍ଟା ପ୍ରଦାନକାରୀ କମ୍ପାନୀମାନେ ମଧ୍ୟ ଯନ୍ତ୍ରପାତି ଓ କଳ-କବ୍ଜା, କୋଠା, ଜମି ଇତ୍ୟାଦି ଭଡ଼ା ଆଧାରରେ ପ୍ରଦାନ କରିବା ପୂର୍ବକ ଦୀର୍ଘ-ମିଆଦୀ ବିତ୍ତୀୟ ସହାୟତା ଦେଇଥାନ୍ତି। ବ୍ୟବସାୟ ସଂସ୍ଥା ଗୁଡ଼ିକ ପରିସମ୍ପତ୍ତି ଗୁଡ଼ିକର କ୍ରୟ କରିବାରେ ବହୁଳ ପୁଞ୍ଜି ଅବରୁଦ୍ଧ କରିବା ବିନା ଉପରୋକ୍ତ ସୁବିଧା ପ୍ରାପ୍ତ କରିପାରନ୍ତି।
- ବୈଦେଶିକ ଉତ୍ସ ଗୁଡ଼ିକର ରୂପ / ପ୍ରକାର ଏହିପରି ହୋଇପାରେ : (କ) ବାହ୍ୟ ଋଣ; (ଖ) ବୈଦେଶିକ ବିନିଯୋଗ; ଏବଂ (ଗ) ପ୍ରବାସୀ ଭାରତୀୟ।
- କମ୍ପାନୀର ଅଣ-ଆବଣ୍ଟିତ ଲାଭ ଯାହା ଭବିଷ୍ୟତରେ ବ୍ୟବହାର ନିମନ୍ତେ ରଖାଯାଇଥାଏ ତାହା ଦୀର୍ଘ-ମିଆଦୀ ବିତ୍ତର ଏକ ମୁଖ୍ୟ ଉତ୍ସ ଅଟେ। ଏହା ପ୍ରାପ୍ତ କରିବାରେ କୌଣସି ବ୍ୟୟ କରିବାକୁ ପଡ଼ି ନଥାଏ ଏବଂ ଏହା କମ୍ପାନୀର ସମତା ଭିତ୍ତିକୁ ସୁଦୃଢ଼ କରିଥାଏ।

୧୬.୧୧ ମୁଖ୍ୟ ଶବ୍ଦ

ପୁଞ୍ଜି ବଜାର

ନୂତନ ନିର୍ଗମନ ବଜାର

ଷ୍ଟକ୍ ଏକ୍ସଚେଞ୍ଜ

ସ୍ୱତନ୍ତ୍ର ବିତ୍ତୀୟ / ଆର୍ଥିକ ଅନୁଷ୍ଠାନ

ଦୁଃସାହସିକ ପୁଞ୍ଜି

ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ / ଆର୍ଥିକ କମ୍ପାନୀ

ପାରସ୍ପରିକ ପାଣ୍ଠି (ମ୍ୟୁଚୁଆଲ୍ ଫଣ୍ଡ)

ପଟ୍ଟା ପ୍ରଦାନ

ସଞ୍ଚିତ ଉପାର୍ଜନ /ଆୟ/ଲାଭ

ବିତ୍ତୀୟ ଉନ୍ନୟନ (ବିକାଶ) ନିଗମ

ପ୍ରବାସୀ ଭାରତୀୟ

କର୍ପସ (ଏକତ୍ର ବିନିଯୁକ୍ତ ରାଶି)

ନିଟ୍ ପରିସମ୍ପତ୍ତି ମୂଲ୍ୟ

୧୬.୧୨ ପାଠାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

1. ସେୟାର (ଷ୍ଟକ୍) ବଜାର କହିଲେ କ'ଣ ବୁଝ ?
2. ଯେକୌଣସି ଦୁଇଟି ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନର ନାମ ଲେଖ।
3. ମ୍ୟୁଚୁଆଲ୍ ଫଣ୍ଡ୍‌ର ଯେକୌଣସି ଦୁଇଟି ବିଶେଷତ୍ୱ ଉଲ୍ଲେଖ କର।
4. ମ୍ୟୁଚୁଆଲ୍ ଫଣ୍ଡ୍‌ର ଉନ୍ମୁକ୍ତ ପ୍ରାନ୍ତ ଏବଂ ରୁଦ୍ଧ ପ୍ରାନ୍ତ ଯୋଜନା ବର୍ଗ ଦ୍ୱୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।
5. 'ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ'ର ଅର୍ଥ ଉଲ୍ଲେଖ କର।

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

6. ରପ୍ତାନୀ-ଆମଦାନୀ ବ୍ୟାଙ୍କର ଯେକୌଣସି ଦୁଇଟି କାର୍ଯ୍ୟ ଉଲ୍ଲେଖ କର।
7. ସ୍ୱତନ୍ତ୍ର ବିତ୍ତୀୟ / ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ଗୁଡ଼ିକ କ'ଣ ?
8. ଭାରତୀୟ ଜୀବନ ବୀମା ନିଗମ କିପରି ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ଦୀର୍ଘ-ମିଆଦୀ ବିତ୍ତୀୟ ଆବଶ୍ୟକତା ସମାଧାନ କରିବାରେ ସହାୟତା କରେ ? ବୁଝାଇ ଦିଅ।
9. ଦୀର୍ଘ-ମିଆଦୀ ବିତ୍ତ ପ୍ରଦାନରେ ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଗୁଡ଼ିକର ଭୂମିକା ବୁଝାଅ।
10. ଦୀର୍ଘ-ମିଆଦୀ ବିତ୍ତର ଏକ ଉତ୍ସ୍ ଭାବରେ 'ସଞ୍ଚିତ ଆୟ'ର ଉପକାରିତା ଓ ଅପକାରିତା ଉଲ୍ଲେଖ କର।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

11. ଦୀର୍ଘ-ମିଆଦୀ ବିତ୍ତର ଏକ ଉତ୍ସ୍ ଭାବେ 'ପୁଞ୍ଜି ବଜାର'ର ବ୍ୟାଖ୍ୟା କର।
12. ଯେକୌଣସି ତିନୋଟି ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ନାମ ଲେଖ ଏବଂ ସେଗୁଡ଼ିକର ଉଦ୍ଦେଶ୍ୟ ଉଲ୍ଲେଖ କର।
13. ବ୍ୟବସାୟକୁ ଦୀର୍ଘ-ମିଆଦୀ ବିତ୍ତ ପ୍ରଦାନ କରିବାରେ ଦୁଃସାହସିକ ପୁଞ୍ଜି ଅନୁଷ୍ଠାନ ଗୁଡ଼ିକର ଭୂମିକା ବର୍ଣ୍ଣନା କର।
14. 'ମ୍ୟୁଚୁଆଲ୍ ଫଣ୍ଡ୍'ର ଅର୍ଥ କ'ଣ ? ସଂକ୍ଷେପରେ ଏହାର ବିଶେଷତ୍ୱ ବୁଝାଅ।
15. ବୈଦେଶିକ ଉତ୍ସ୍‌ରୁ ଏକ ରୂପରେ ପାଣ୍ଠି ପ୍ରାପ୍ତ କରିବା ପାଇଁ 'ବାହ୍ୟ ଋଣ'ର ବର୍ଣ୍ଣନା କର।

୧୬.୧୩ ପାଠଗତ ପ୍ରଶ୍ନର ଉତ୍ତର

16\. କ **1.** ନୂତନ ନିର୍ଗମନ ବଜାରରେ ନୂଆ ପ୍ରତିଭୂତି ଗୁଡ଼ିକର କିଣା-ବିକା ହୁଏ, ଯେତେବେଳେ କି ଷ୍ଟକ୍ ଏକ୍ସଚେଞ୍ଜରେ ବିଦ୍ୟମାନ (ପୁରୁଣା) ପ୍ରତିଭୂତି ଗୁଡ଼ିକର କିଣା-ବିକା ହୁଏ।

2. (କ) ବିତ୍ତୀୟ ବିକାଶ ଅନୁଷ୍ଠାନ

(ଖ) ଭାରତୀୟ ଔଦ୍ୟୋଗିକ ନିବେଶ ବ୍ୟାଙ୍କ

(ଗ) ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ

(ଘ) ସ୍ୱତନ୍ତ୍ର ବିତ୍ତୀୟ / ଆର୍ଥିକ ଅନୁଷ୍ଠାନ

(ଙ) ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ

16. ଖ 1. ଦୁଃସାହସିକ ପୁଞ୍ଜି ସମତା ବିତ୍ତର ଏକ ସ୍ୱରୂପ ଯାହାର ପରିକଳ୍ପନା ସ୍ୱତନ୍ତ୍ର ଭାବରେ ଯୁବ ଉଦ୍ୟୋକ୍ତାଙ୍କର ଉଚ୍ଚ ଆଶଙ୍କା ଓ ଉଚ୍ଚ ପ୍ରତିଦାନଯୁକ୍ତ ପ୍ରକଳ୍ପ ଗୁଡ଼ିକର ପାଣ୍ଠି ବ୍ୟବସ୍ଥା ପାଇଁ କରାଯାଇଛି ।

2. (କ) 1997

(ଖ) 1956

(ଗ) 1982

(ଘ) 1973

(ଙ) 1990

16. ଗ 1. ସର୍ବସାଧାରଣ ଜମା

2. ସେହି ଦାମ୍ ଯେଉଁଥିରେ ମ୍ୟୁଚୁଆଲ୍ ଫଣ୍ଡର ପ୍ରତ୍ୟେକ ୟୁନିଟ୍‌ର କିଣା-ବିକା ହୋଇଥାଏ ।

3. (କ) ଉଚ୍ଚ ପ୍ରତିଦାନ (ଲାଭ)

(ଖ) ସୁଗମ ତରଳତା

(ଗ) ନିରାପତ୍ତା

(ଘ) କର ଲାଭ

16. ଘ 1. (କ) ପଟ୍ଟାଦାତା

(ଖ) ପଟ୍ଟାଧାରୀ

2.



କର ଓ ଶିଖ

ତୁମେ ସମ୍ବାଦପତ୍ରରୁ ନିମ୍ନ ସୂଚନା ଗୁଡ଼ିକୁ ସଂଗ୍ରହ କରିବା ତଥା ସେଗୁଡ଼ିକୁ ଲିପିବଦ୍ଧ କରି ରଖିବା ଆବଶ୍ୟକ।

(କ) ମ୍ୟୁଚୁଆଲ୍ ଫଣ୍ଡ୍ କମ୍ପାନୀ ଗୁଡ଼ିକର ନାମ (ଅତି କମ୍‌ରେ 5 ରୁ 10 କମ୍ପାନୀ)

(ଖ) ନିର୍ଗମନ କରାଯାଇଥିବା ଯୋଜନା

(ଗ) ଉନ୍ମୁକ୍ତ ପ୍ରାନ୍ତ ଅଥବା ରୁଦ୍ଧ ପ୍ରାନ୍ତ

(ଘ) ୟୁନିଟ୍‌ର ମୂଲ୍ୟ (ବଜାର ଦର)

(ଙ) ଅନ୍ୟ କୌଣସି ସୂଚନା ଯାହା ତୁମେ ସଂଗ୍ରହ କରିପାରିବ।

ନାଟ୍ୟାଭିନୟ

ତୁମ ସହରର 'ଚାମ୍ବର ଅଫ୍ କମର୍ସ' ଦ୍ୱାରା 'ଦୀର୍ଘ-ମିଆଦୀ ବିତ୍ତ'ର ଆବଶ୍ୟକତା ଉପରେ ଏକ ଆଲୋଚନାର ଆୟୋଜନ କରାଯାଇଥିଲା। ତୁମର ସାଙ୍ଗ ମଦନ, ଯେ କି ଏକ ବଡ଼ ତିଆରି-ଲୁଗା ଦୋକାନ ଚଳାଉଛନ୍ତି, ଉକ୍ତ ଚାମ୍ବର ଅଫ୍ କମର୍ସର ଜଣେ ସଦସ୍ୟ। ତୁମେ 'ବ୍ୟବସାୟ ଅଧ୍ୟୟନ'ର ଏକ ଛାତ୍ର ଥିବା ଜାଣି ସେ ତୁମର ନାମ "ଦୀର୍ଘ-ଅବଧି ବିତ୍ତ ପ୍ରଦାନରେ ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ଭୂମିକା" ବିଷୟରେ ଭାଷଣ ଦେବା ପାଇଁ ପ୍ରସ୍ତାବିତ କରିଛନ୍ତି। ତୁମେ ତୁମର ଭାଷଣ ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ପ୍ରଥମେ ତୁମର ସାଙ୍ଗମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଆବଶ୍ୟକ।

ପ୍ରାସଙ୍ଗିକ ୱେବ୍‌ସାଇଟ ସମୂହ

IFCI -http : // www.ifciltd.com/

ICICI-http : // www.icicibank.com/

IDBI -http : // www.idbibank.com/

IIBI-http : // www.iibiltd.biz/

SIDBI -http : // www.sidbi.in/

LIC-http : // www.licindia.com/

GIC -http : // gicofindia.in/en/

Mutual funds-www.amfiindia.com/

Exim Bank -http : // www.eximbankindia.com/

Venture capital-http : // www.sidbiventure.co.in/

ଅଧ୍ୟାୟ - ଏକ ଦୃଷ୍ଟିରେ

୧୬.୧ ଦୀର୍ଘ-ମିଆଦୀ ବିତ୍ତର ଉତ୍ସ

୧୬.୨ ପୁଞ୍ଜି ବଜାର

୧୬.୩ ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ସମୂହ (SFI)

୧୬.୪ ବ୍ୟାଙ୍କ

୧୬.୫ ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ବା ଆର୍ଥିକ କମ୍ପାନୀ ସମୂହ (NBFCs)

୧୬.୬ ପାରସ୍ପରିକ ପାଣ୍ଠି (ମ୍ୟୁଚୁଆଲ ଫଣ୍ଡ)

- ୧୬.୬.୧ ମ୍ୟୁଚୁଆଲ ଫଣ୍ଡର ବିଶେଷତ୍ୱ
- ୧୬.୬.୨ ମ୍ୟୁଚୁଆଲ ଫଣ୍ଡର ପ୍ରକାର

୧୬.୭ ପଟ୍ଟା (ଲିଜ୍) ପ୍ରଦାନକାରୀ କମ୍ପାନୀ

୧୬.୮ ବୈଦେଶିକ ଉତ୍ସ

୧୬.୯ ସଞ୍ଚିତ ଉପାର୍ଜନ /ଆୟ/ଲାଭ

-୦-

୧୭

ବିତ୍ତୀୟ (ଆର୍ଥିକ) ଯୋଜନା

(Financial Planning)

ତୁମେ ଜାଣ ଯେ ପ୍ରତ୍ୟେକ ବ୍ୟବସାୟ ଏକକ, ତାହା ଏକ ଔଦ୍ୟୋଗିକ ପ୍ରତିଷ୍ଠାନ ହେଉ କିମ୍ବା ଏକ ବ୍ୟାପାରିକ ପ୍ରତିଷ୍ଠାନ କିମ୍ବା ଏକ ନିର୍ମାଣ କମ୍ପାନୀ, ତାହାର କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିବା ପାଇଁ ପାଣ୍ଠି ଆବଶ୍ୟକ କରିଥାଏ। ଏହା ମେସିନ୍, ଉପକରଣ, ଆସବାବପତ୍ର ଆଦି ପରି ସ୍ଥାୟୀ ପରିସମ୍ପତ୍ତିର ଅଧିଗ୍ରହଣ (କ୍ରୟ) କରିବା ପାଇଁ ତଥା କଞ୍ଚାମାଲ କିମ୍ବା ଉତ୍ପାଦିତ ଦ୍ରବ୍ୟ କିଣିବା ପାଇଁ, ନିଜର ମହାଜନମାନଙ୍କୁ ପୈଠ କରିବା ପାଇଁ, ନିଜର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ଇତ୍ୟାଦି କାର୍ଯ୍ୟ ପାଇଁ ପାଣ୍ଠି ଆବଶ୍ୟକ କରେ। ପ୍ରକୃତରେ କୌଣସି ବ୍ୟବସାୟରେ ସଫଳତା ପାଇଁ ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ମଧ୍ୟରୁ ପର୍ଯ୍ୟାପ୍ତ ବିତ୍ତର ଉପଲବ୍ଧତା ଅନ୍ୟତମ। ତେବେ, ଆଜିକାଲି ବିତ୍ତର ଆବଶ୍ୟକତା ଏତେ ଅଧିକ ହୋଇ ଯାଇଛି ଯେ କୌଣସି ଜଣେ ବ୍ୟକ୍ତି ସବୁ ଧନରାଶି ନିଜର ବ୍ୟକ୍ତିଗତ ଉତ୍ସରୁ ପ୍ରଦାନ କରିବା ସ୍ଥିତିରେ ନାହାଁନ୍ତି। ତେଣୁ ବ୍ୟବସାୟୀଙ୍କୁ ଅନ୍ୟ ଉତ୍ସଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ି ଥାଏ ଏବଂ ଆବଶ୍ୟକୀୟ ପରିମାଣର ପାଣ୍ଠି ଯୋଗାଡ଼ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ପଡ଼େ। ପୂର୍ବ ପାଠ ଗୁଡ଼ିକରେ ତୁମେ ପାଣ୍ଠି ସଂଗ୍ରହ କରିବାର ଉତ୍ସ ସମୂହ ଓ ପଦ୍ଧତି ଗୁଡ଼ିକ ବିଷୟରେ ପଢ଼ିଛ। ତୁମେ ଜାଣ ଯେ ପାଣ୍ଠି ସଂଗ୍ରହ କରିବା ପ୍ରକ୍ରିୟାରେ ପ୍ରଚୁର ପରିମାଣର ସମୟ ଓ ପରିବ୍ୟୟ ଆବଶ୍ୟକ ହୋଇଥାଏ। ଏହାର ନିଜର ପରିବ୍ୟୟ ମଧ୍ୟ ଅଛି। ଅତଃ, ପ୍ରତ୍ୟେକ ବ୍ୟବସାୟୀଙ୍କୁ କେବଳ ପ୍ରତିଷ୍ଠାନ (Firm) ପାଇଁ ଆବଶ୍ୟକ ବିତ୍ତ (ଅର୍ଥ)ର ପରିମାଣ ସ୍ଥିର କରିବାରେ ନୁହେଁ, ବରଂ ଯେଉଁ ଆକାରରେ ପାଣ୍ଠି ସଂଗୃହୀତ ଓ ବ୍ୟବହୃତ ହେବ ତାହା ମଧ୍ୟ ନିର୍ଣ୍ଣୟ କରିବାରେ ଅତି ଯତ୍ନବାନ ହେବାକୁ ପଡ଼େ। ଏହି ପାଠରେ ତୁମେ ପ୍ରତିଷ୍ଠାନ ବା ଫାର୍ମର ଆର୍ଥିକ ଆବଶ୍ୟକତା ଆକଳନ କରିବାର ପ୍ରକ୍ରିୟା (ବିଧି) ଏବଂ ବିତ୍ତର ପ୍ରାରୂପ (ପ୍ୟାଟର୍ଣ୍ଣ) ସ୍ଥିର କରିବା ବିଷୟରେ ଶିଖିବ।

ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ବିତ୍ତୀୟ (ଆର୍ଥିକ) ଯୋଜନାର ଅର୍ଥ ଓ ଉଦ୍ଦେଶ୍ୟ ଉଲ୍ଲେଖ କରିପାରିବ;
- ସ୍ଥାୟୀ ଓ କାର୍ଯ୍ୟକାରୀ ପୁଞ୍ଜିର ଅବଧାରଣାକୁ ବ୍ୟାଖ୍ୟା କରିପାରିବ;
- ସ୍ଥାୟୀ ଓ କାର୍ଯ୍ୟକାରୀ ପୁଞ୍ଜିର ନିର୍ଦ୍ଧାରକ ଗୁଡ଼ିକ ଚିହ୍ନଟ କରିପାରିବ;

- ପୁଞ୍ଜିକରଣ, ଅଧି-ପୁଞ୍ଜିକରଣ ଓ ଅବ-ପୁଞ୍ଜିକରଣର ଅବଧାରଣା ଗୁଡ଼ିକୁ ବର୍ଣ୍ଣନା କରିପାରିବ;
- ପୁଞ୍ଜି ସଂରଚନାରେ ଅର୍ଥ ଓ ଗୁରୁତ୍ୱ ବୁଝାଇ ପାରିବ;
- ପୁଞ୍ଜି ସଂରଚନାର ନିର୍ଦ୍ଧାରକ ଗୁଡ଼ିକର ଚିହ୍ନଟ କରିପାରିବ; ଏବଂ
- ଲାଭାଂଶର ଅର୍ଥ ଏବଂ ଏହାର ନିର୍ଦ୍ଧାରଣ କରିବାର ଉପାଦାନ ଗୁଡ଼ିକର ବ୍ୟାଖ୍ୟା କରିପାରିବ।

୧୭.୧. ବିତ୍ତୀୟ (ଆର୍ଥିକ) ଯୋଜନା

ତୁମେ ଜାଣ ଯେ ଯୋଜନା ହେଉଛି ଉଦ୍ଦେଶ୍ୟପୂର୍ଣ୍ଣ ଢଙ୍ଗରେ କୌଣସି କାର୍ଯ୍ୟ ବିଷୟରେ ଏକ ସୁବ୍ୟବସ୍ଥିତ ଉପାୟରେ ନିଷ୍ପତ୍ତି ଗ୍ରହଣ କରିବା ତଥା ଉକ୍ତ କାର୍ଯ୍ୟର ସମ୍ପାଦନ କରିବା। ଯେତେବେଳେ ଏହି ଆଭିମୁଖ୍ୟ କେବଳ ବିତ୍ତୀୟ କାର୍ଯ୍ୟ ପାଇଁ ପ୍ରୟୋଗ କରାଯାଇଥାଏ, ଏହାକୁ ବିତ୍ତୀୟ /ଆର୍ଥିକ ଯୋଜନା କୁହାଯାଏ। କୌଣସି ବ୍ୟାବସାୟିକ ଉଦ୍ୟୋଗ ସମ୍ବନ୍ଧରେ ଆର୍ଥିକ ଯୋଜନା କହିଲେ ପ୍ରତିଷ୍ଠାନ ବା ଫାର୍ମର ଆର୍ଥିକ ଆବଶ୍ୟକତାର ଆକଳନ ଏବଂ ବିତ୍ତାୟନର ସ୍ୱରୂପ ନିର୍ଣ୍ଣୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଏଥିରେ ଆର୍ଥିକ କାର୍ଯ୍ୟକଳାପ ସହ ଜଡ଼ିତ କାରବାର କରିବା ନିମନ୍ତେ ତତ୍ ସଂଲଗ୍ନ ଉଦ୍ଦେଶ୍ୟ, କାର୍ଯ୍ୟବିଧି, କାର୍ଯ୍ୟଧାରା, କାର୍ଯ୍ୟକ୍ରମ ନିର୍ଣ୍ଣୟ କରିବା ଅନ୍ତର୍ଭୁକ୍ତ ଥାଏ। ଅତଃ, ଆର୍ଥିକ ଯୋଜନାରେ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକ ସଂଶ୍ଳିଷ୍ଟ ଥାଏ :

(କ) ଆହରଣ (ସଂଗ୍ରହ) କରିବାକୁ ଥିବା ପୁଞ୍ଜିର ପରିମାଣ ଆକଳନ କରିବା;

(ଖ) ବିତ୍ତାୟନର ପ୍ରାରୂପ ନିର୍ଣ୍ଣୟ କରିବା, ଅର୍ଥାତ୍ ଆହରଣ କରିବାକୁ ଥିବା ପୁଞ୍ଜିର ସ୍ୱରୂପ ଏବଂ ଅନୁପାତ ଉପରେ ନିଷ୍ପତ୍ତି ଗ୍ରହଣ କରିବା; ଏବଂ

(ଗ) ପାଣ୍ଠିର ଅଧିଗ୍ରହଣ (ପ୍ରାପ୍ତି), ଆବଣ୍ଟନ ଏବଂ ଫଳପ୍ରଦ ଉପଯୋଗ ନିମନ୍ତେ ଆର୍ଥିକ କାର୍ଯ୍ୟବିଧି ତଥା କାର୍ଯ୍ୟଧାରା ପ୍ରସ୍ତୁତ କରିବା। ବିତ୍ତୀୟ ଯୋଜନା କ'ଣ ଜାଣି ସାରିବା ପରେ ଏବେ ଆସ ଆମେ ଏହାର ଉଦ୍ଦେଶ୍ୟଗୁଡ଼ିକୁ ଜାଣିବା।

୧୭.୧.୧ ବିତ୍ତୀୟ ଯୋଜନାର ଉଦ୍ଦେଶ୍ୟ

ବିତ୍ତୀୟ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଲା :

(କ) ଏକ ପ୍ରଦତ୍ତ (ନିଶ୍ଚିତ) ଅବଧିରେ ଆବଶ୍ୟକୀୟ ସ୍ଥାୟୀ ପୁଞ୍ଜି ତଥା କାର୍ଯ୍ୟକାରୀ ପୁଞ୍ଜିର ପରିମାଣ ନିର୍ଦ୍ଧାରଣ କରିବା;

(ଖ) ଏକ ସୁବିଚାରପୂର୍ଣ୍ଣ ଋଣ-ସମତା ମିଶ୍ରଣ (debt-equity mix) ର ଉପଯୋଗ ପୂର୍ବକ ବିଭିନ୍ନ ଉତ୍ସରୁ ସଂଗୃହୀତ ହେବାକୁ ଥିବା ଧନରାଶିର ପରିମାଣ ନିର୍ଦ୍ଧାରଣ କରିବା;

(ଗ) ଏହା ସୁନିଶ୍ଚିତ କରାଇବା ଯେ ଯେମିତି ଆବଶ୍ୟକୀୟ ଧନରାଶି ଯଥା ସମୟରେ ଏବଂ ନ୍ୟୂନତମ ସମ୍ଭାବ୍ୟ ପରିବ୍ୟୟରେ ସଂଗୃହୀତ ହୋଇପାରିବ;

(ଘ) ପର୍ଯ୍ୟାପ୍ତ ତରଳତା (ନଗଦ ଧନରାଶିର ମହଜୁଦ)ର ସୁନିଶ୍ଚିତ କରାଇବା ଯେପରିକି ବାଞ୍ଛିତ ପୈଠ କରିବାରେ କୌଣସି ତ୍ରୁଟି ନ ହୁଏ ଏବଂ କୌଣସି କଠିନତା ବିନା ଯେମିତି ସମସ୍ତ ଆକସ୍ମିକ ଦେୟ (କୌଣସି ଅଦୃଷ୍ଟ ଖର୍ଚ୍ଚ) ଗୁଡ଼ିକର ପୈଠ କରି ହେବ; ଏବଂ

(ଙ) ପାଣ୍ଠିର ସର୍ବାଧିକ ଉପଯୋଗ ହେବା ତଥା ସୁନିଶ୍ଚିତ କରାଇବା ଯେପରିକି କୌଣସି ବି ସମୟରେ ଯେଉଁପରି ବ୍ୟବସାୟ ସକାଶେ ପାଣ୍ଠିର ଅଭାବ ନହୁଏ କିମ୍ବା ଅନାବଶ୍ୟକ ଭାବେ ବଳକା ପାଣ୍ଠି ନ ରହେ।

୧୭.୧.୨ ଏକ ଉତ୍ତମ ବିତ୍ତୀୟ ଯୋଜନାର ଅପରିହାର୍ଯ୍ୟ ତତ୍ତ୍ୱ

କୌଣସି ବ୍ୟାବସାୟିକ ଏକକ ପାଇଁ ଆର୍ଥିକ ଯୋଜନା ପ୍ରସ୍ତୁତ କଲାବେଳେ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକୁ ଧ୍ୟାନରେ ରଖିବା ଉଚିତ ଯେପରିକି ସଂଗଠନର ଉଦ୍ଦେଶ୍ୟ ସାଧନରେ ଉକ୍ତ ପରିଶ୍ରମର ସାର୍ଥକତା ସୁନିଶ୍ଚିତ କରାଯାଇପାରିବ :

(କ) **ଯୋଜନା ସରଳ ହେବା ଆବଶ୍ୟକ :** ଆଜିକାଲି ତୁମ ପାଖରେ ବହୁତ ପ୍ରକାରର ପ୍ରତିଭୂତି ଉପଲବ୍ଧ ଅଛି ଯାହାର ନିର୍ଗମନ କରି ବଜାରରୁ ପୁଞ୍ଜି ସଂଗ୍ରହ କରାଯାଇପାରିବ। କିନ୍ତୁ ପୁଞ୍ଜି ପ୍ରାପ୍ତ କରିବା ପାଇଁ ମୁଖ୍ୟତଃ ସମତା ଅଂଶ ଏବଂ ସରଳ ସ୍ଥାୟୀ ସୁଧ ଯୁକ୍ତ ଋଣପତ୍ରକୁ ହିଁ ଶ୍ରେୟସ୍କର ବୋଲି ବିବେଚନା କରାଯାଏ।

(ଖ) **ଯୋଜନାରେ ଦୂରଦର୍ଶିତା ଥିବା ଆବଶ୍ୟକ :** କୌଣସି ପ୍ରତିଷ୍ଠାନ ବା ଫାର୍ମର ପୁଞ୍ଜିର ଆବଶ୍ୟକତା ଆକଳନ ତଥା ଆବଶ୍ୟକୀୟ ପାଣ୍ଠିର ଆହରଣ କଲାବେଳେ ଦୂର ଦୃଷ୍ଟି କୋଣ ଥିବା ବାଞ୍ଛନୀୟ। ଏଥିରେ ଏହା ସୁନିଶ୍ଚିତ ହେବା ଆବଶ୍ୟକ ଯେ ପ୍ରସ୍ତୁତ ଯୋଜନାରେ ଦୀର୍ଘ-ମିଆଦୀ ଭିତ୍ତିରେ ପୁଞ୍ଜିର ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବସ୍ଥା ଅଛି ତଥା ବର୍ଷକୁ ବର୍ଷ ପୁଞ୍ଜିର ଆବଶ୍ୟକତାରେ ହେବାକୁ ଥିବା ପରିବର୍ତ୍ତନକୁ ମଧ୍ୟ ଧ୍ୟାନରେ ରଖାଯାଇଛି।

(ଗ) **ଏହା ନମନୀୟ ହେବା ଆବଶ୍ୟକ :** ଯଦିଓ ଆର୍ଥିକ ଯୋଜନା ଦୂର ଦୃଷ୍ଟିକୋଣ ଉପରେ ପର୍ଯ୍ୟବେକ୍ଷିତ, ତଥାପି ଭବିଷ୍ୟତରେ ଉପୁଜିବାକୁ ଥିବା ସମ୍ଭାବ୍ୟ ଘଟଣାଗୁଡ଼ିକ ଉପରେ ଜଣେ ସଠିକ୍ ଅନୁମାନ ଲଗାଇବାରେ ସକ୍ଷମ ହୋଇ ନ ପାରେ। କେବଳ ସେତିକି ନୁହେଁ, ଫାର୍ମ/ ପ୍ରତିଷ୍ଠାନ ମଧ୍ୟ ବିଭିନ୍ନ କାରଣରୁ ନିଜର ସମ୍ପ୍ରସାରଣ ଯୋଜନା ଗୁଡ଼ିକର ପରିବର୍ତ୍ତନ କରିପାରେ। ଅତଃ, ଏହା ଅତ୍ୟାବଶ୍ୟକ ଯେ ପରିବର୍ତ୍ତିତ ପରିସ୍ଥିତିର ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ପାଇଁ କୌଣସି କଠିନତା ଓ ବିଳମ୍ବ ବିନା ଆର୍ଥିକ ଯୋଜନା ଗୁଡ଼ିକ ସମାଯୋଜିତ ଓ ସଂଶୋଧିତ ହୋଇପାରୁଥିବାର ସାମର୍ଥ୍ୟ ରଖୁଥିବ।

(ଘ) **ଏହା ପାଣ୍ଠିର ସର୍ବାଧିକ ଉପଯୋଗକୁ ସୁନିଶ୍ଚିତ କରୁଥିବ :** ଯୋଜନାରେ ଯୁକ୍ତି ସଙ୍ଗତ ପରିମାଣରେ ପାଣ୍ଠି ସଂଗୃହୀତ ହେବା ପାଇଁ ବ୍ୟବସ୍ଥା ଥିବା ଉଚିତ୍। ଯେପରି ପୂର୍ବେ ଉଲ୍ଲେଖ କରାଯାଇଛି ଯେ ଯେମିତି ବ୍ୟବସାୟ ପାଖରେ ପାଣ୍ଠିର ଅଭାବ ଦେଖାହେବ ନାହିଁ କିମ୍ବା ପାଣ୍ଠିର ପ୍ରାବଲ୍ୟ (ବଳକା) ରହିବ ନାହିଁ। ଏହା ନୀତିନିଷ୍ଠ ଭାବେ ଆବଶ୍ୟକତା ଆଧାରିତ ହେବା ଜରୁରୀ ଏବଂ ସଂଗୃହୀତ ପ୍ରତି ଏକ-ଏକ ଟଙ୍କାର ଫଳପ୍ରଦ ଉପଯୋଗ ହେବା ଉଚିତ୍। ପାଣ୍ଠିର କୌଣସି ବି ଭାଗ ଉପଯୋଗ ବିନା ପଡ଼ି ରହିବା ଆଦୌ ଉଚିତ ନୁହେଁ।

(ଙ) **ସଂଗୃହୀତ ପାଣ୍ଠିର ପରିବ୍ୟୟକୁ ପୂର୍ଣ୍ଣରୂପେ ଧ୍ୟାନରେ ରଖିବା ଉଚିତ ଏବଂ ତାହା ବି ଯଥା ସମ୍ଭବ ସର୍ବନିମ୍ନ ସ୍ତରରେ ରହିବା ଉଚିତ :**

ସଂଗୃହୀତ ପାଣ୍ଠିର ପରିବ୍ୟୟ ଯୁକ୍ତିଯୁକ୍ତ ବୋଲି ସୁନିଶ୍ଚିତ ହେବା ଆବଶ୍ୟକ। ଯୋଜନାରେ ଏପରି ଏକ ବିତ୍ତୀୟ /ଆର୍ଥିକ ମିଶ୍ରଣ (ଋଣ ଓ ସମତାର ସଂଯୋଗ) ର ବ୍ୟବସ୍ଥା ଥିବା ଉଚିତ୍ ଯାହାକି

ପୁଞ୍ଜିର ପରିବ୍ୟୟ ଦୃଷ୍ଟି କୋଣରୁ ସର୍ବାଧିକ ମିତବ୍ୟୟୀ ହୋଇଥିବ, ଅନ୍ୟଥା ଏହା ଅଂଶଧାରୀଙ୍କ ପାଣ୍ଠିର ପ୍ରତିଦାନ (ଆୟ) ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

(ଚ) **ପର୍ଯ୍ୟାପ୍ତ ତରଳତା ସୁନିଶ୍ଚିତ ହେବା ଆବଶ୍ୟକ :** ତରଳତା କୌଣସି ପ୍ରତିଷ୍ଠାନ ବା ଫାର୍ମର ସେହି ସାମର୍ଥ୍ୟକୁ ବୁଝାଏ ଯାହାଦ୍ୱାରା ଫାର୍ମ ଯେତେବେଳେ ଆବଶ୍ୟକ ସେତେବେଳେ ଆବଶ୍ୟକୀୟ ପରିମାଣର ନଗଦ ଅର୍ଥ (ରୋକଡ଼) ଉପଲବ୍ଧ କରାଇ ପାରିଥାଏ। ଏହା ଏଥିପାଇଁ ସୁନିଶ୍ଚିତ ହେବା ଆବଶ୍ୟକ ଯେପରି ପରିଚାଳକ କୌଣସି ଲଜ୍ଜାଜନକ ପରିସ୍ଥିତିକୁ ଏଡ଼ାଇପାରିବେ ତଥା ବିନିଯୋଗକାରୀଙ୍କ ମଧ୍ୟରେ ଫାର୍ମର ସୁନାମ ନଷ୍ଟ ହେବ ନାହିଁ। ଅନ୍ୟ ଶବ୍ଦରେ କହିଲେ, ପାଣ୍ଠିର ବିନିଯୋଗର ଯୋଜନା ଏପରି ହେବା ଉଚିତ୍ ଯେପରି କି ଏହାର କିଛି ଭାଗ ନଗଦ ଅର୍ଥରେ ପରିବର୍ତ୍ତନ କରି ସମ୍ଭାବ୍ୟ ଆର୍ଥିକ ସମସ୍ୟାଗୁଡ଼ିକର ସମାଧାନ କରି ହେଉଥିବ।

ପାଠ୍ୟଗତ ପ୍ରଶ୍ନ ୧୭ କ

୧. ତୁମ ଶବ୍ଦରେ 'ବିତ୍ତୀୟ /ଆର୍ଥିକ ଯୋଜନା'ର ସଂଜ୍ଞା ଦିଅ।

____

____

____

୨. ନିମ୍ନଲିଖିତ ଗୁଡ଼ିକରୁ କେଉଁ ଗୁଡ଼ିକ ବିତ୍ତୀୟ ଯୋଜନାର ଅପରିହାର୍ଯ୍ୟ (ମୁଖ୍ୟ) ବୈଶିଷ୍ଟ୍ୟ ନୁହେଁ ?

(କ) ସରଳତା

(ଖ) ତରଳତା

(ଗ) ପାଣ୍ଠିର ପର୍ଯ୍ୟାପ୍ତ ଉପଲବ୍ଧତା

(ଘ) ନମନୀୟତା

(ଙ) କେବଳ ଦୀର୍ଘ-ମିଆଦୀ ଆବଶ୍ୟକତା ଉପରେ ହିଁ କେନ୍ଦ୍ରିତ ହେବା

(ଚ) ମିତବ୍ୟୟିତା

୩. 'ହଁ' କିମ୍ବା 'ନା' ଲେଖି ନିମ୍ନଲିଖିତ ଗୁଡ଼ିକ ବିତ୍ତୀୟ ଯୋଜନାର ଉଦ୍ଦେଶ୍ୟ କି ନୁହେଁ ଉଲ୍ଲେଖ କର:

(କ) ସ୍ଥାୟୀ ଓ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ନିର୍ଦ୍ଧାରଣ ( )

(ଖ) ବିକ୍ରୟ ଦ୍ରବ୍ୟର ମାତ୍ରା ନିର୍ଦ୍ଧାରଣ ( )

(ଗ) ପାଣ୍ଠିର ସମୟୋପଯୋଗୀ ଉପଲବ୍ଧତାର ସୁନିଶ୍ଚିତ କରିବା ( )

(ଘ) ଉତ୍ପାଦନର ପରିମାଣ ନିର୍ଦ୍ଧାରଣ କରିବା ( )

(ଙ) ନ୍ୟୁନତମ ସମ୍ଭାବ୍ୟ ପରିବ୍ୟୟରେ ପାଣ୍ଠି ସଂଗ୍ରହ କରିବା ( )

୧୭.୨ ପୁଞ୍ଜିର ଆବଶ୍ୟକୀୟ ପ୍ରକାର

କୌଣସି ବ୍ୟାବସାୟିକ ଏକକର ପୁଞ୍ଜିର ଆବଶ୍ୟକତାକୁ ସ୍ଥୁଳତଃ ଦୁଇଟି ବର୍ଗରେ ଭାଗ କରାଯାଇପାରେ: (କ) ସ୍ଥାୟୀ ପୁଞ୍ଜିର ଆବଶ୍ୟକତା, ଏବଂ (ଖ) କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା। କୌଣସି ବ୍ୟବସାୟ

ପାଇଁ ପ୍ରୋକ୍ତ ପୁଞ୍ଜିର ଆବଶ୍ୟକତାର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ଜଣକୁ ସ୍ଥାୟୀ ଓ କାର୍ଯ୍ୟକାରୀ ପୁଞ୍ଜିର ସଠିକ୍ ପ୍ରକୃତିକୁ ତଥା ଆହୁରି ମଧ୍ୟ ସେଗୁଡ଼ିକର ଆବଶ୍ୟକତାକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକ ଗୁଡ଼ିକୁ ନିଶ୍ଚିତ ବୁଝିବା ଆବଶ୍ୟକ।

୧୭.୨.୧ ସ୍ଥାୟୀ ପୁଞ୍ଜି

ବ୍ୟବସାୟର ସ୍ଥାୟୀ କିମ୍ବା ଦୀର୍ଘ-ମିଆଦୀ ଆର୍ଥିକ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ପାଇଁ ପୁଞ୍ଜିର ଆବଶ୍ୟକତାକୁ ସ୍ଥାୟୀ ପୁଞ୍ଜି କୁହାଯାଏ। ଏହା ମୁଖ୍ୟତଃ ଜମି ଓ କୋଠା, ଯନ୍ତ୍ର ଓ କଳ, କାର୍ଯ୍ୟାଳୟ ଉପକରଣ, ଆସବାବପତ୍ର ଓ ସ୍ଥାପିତ ଇତ୍ୟାଦି ପରି ସ୍ଥାୟୀ ପରିସମ୍ପତ୍ତି ଗୁଡ଼ିକର ଅଧିଗ୍ରହଣ (କ୍ରୟ) ପାଇଁ ବ୍ୟବହୃତ ହୁଏ। ସ୍ଥାୟୀ ପୁଞ୍ଜି କେବଳ ଏକ ନୂଆ ଉଦ୍ୟୋଗର ସ୍ଥାପନା କଲାବେଳେ ଆବଶ୍ୟକ ହୋଇ ନ ଥାଏ ବରଂ ବିଦ୍ୟମାନ ଉଦ୍ୟୋଗଗୁଡ଼ିକର ସମ୍ପ୍ରସାରଣ ଜନିତ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ମଧ୍ୟ ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତାର ପରିମାଣ ନିର୍ଦ୍ଧାରଣ ବ୍ୟବସାୟ ପାଇଁ ଆବଶ୍ୟକ ଥିବା ସ୍ଥାୟୀ ପରିସମ୍ପତ୍ତି ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରି ଏବଂ ବଜାରରୁ ସେଗୁଡ଼ିକର ଦାମ୍ ସମ୍ପର୍କିତ ତଥ୍ୟ ସଂଗ୍ରହ କରି କରାଯାଇଥାଏ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ଥାୟୀ ପରିସମ୍ପତ୍ତିରେ ବିନିଯୋଗ ଏକ ଦୀର୍ଘ-ମିଆଦୀ ବଚନବଦ୍ଧତା ଅଟେ ଏବଂ ଉକ୍ତ ବିନିଯୁକ୍ତ ରାଶିକୁ ଶୀଘ୍ର ବାହାର କରାଯାଇପାରିବ ନାହିଁ। ଅତଃ, ଏହି ଆବଶ୍ୟକତା ପାଇଁ ପାଣ୍ଠି ସର୍ବଦା ମାଲିକଙ୍କ ପାଣ୍ଠିରୁ କିମ୍ବା ଅଂଶ ଓ ଋଣପତ୍ରର ନିର୍ଗମନରୁ କିମ୍ବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ଦୀର୍ଘ-ମିଆଦୀ ଋଣ ନେଇ ଯୋଗାଡ଼ କରାଯାଇଥାଏ।

୧୭.୨.୨ ସ୍ଥାୟୀ ପୁଞ୍ଜିର ଆବଶ୍ୟକତାର ମାତ୍ରା ନିର୍ଦ୍ଧାରିତ କରୁଥିବା କାରକ ସମୂହ

କୌଣସି ବ୍ୟବସାୟ ପାଇଁ ସ୍ଥାୟୀ ପୁଞ୍ଜିର ଆବଶ୍ୟକତାର ମାତ୍ରା ନିର୍ଦ୍ଧାରଣ ହେତୁ ଜଣେ ଏହି ଆବଶ୍ୟକତାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକ ସହିତ ସମ୍ପୂର୍ଣ୍ଣ ପରିଚିତ ହେବା ସର୍ବାଦୌ ଆବଶ୍ୟକ। ଏହି କାରକ ଗୁଡ଼ିକ ନିମ୍ନରେ ସଂକ୍ଷେପରେ ବର୍ଣ୍ଣିତ ହେଲା :

(କ) ବ୍ୟବସାୟର ପ୍ରକୃତି : ସ୍ଥାୟୀ ପୁଞ୍ଜିର ଆବଶ୍ୟକତାର ପରିମାଣ ସର୍ବପ୍ରଥମ ପ୍ରତିଷ୍ଠାନ ବା ଫାର୍ମ ଯେଉଁ ବ୍ୟବସାୟରେ ନିଯୁକ୍ତ ଅଛି ସେହି ବ୍ୟବସାୟର ପ୍ରକୃତି ଆଧାରରେ ସ୍ଥିର କରାଯାଇଥାଏ। ଉଦାହରଣସ୍ୱରୂପ, ଏହି ପ୍ରକାର ପୁଞ୍ଜିର ଆବଶ୍ୟକତା ଶିଳ୍ପ ସଂସ୍ଥା, ଜାହାଜ ନିର୍ମାଣ କମ୍ପାନୀ, ସର୍ବସାଧାରଣ ଉପଯୋଗିତା ଆଦି କ୍ଷେତ୍ରରେ ବହୁତ ଅଧିକ ହୋଇଥାଏ, ଯେଉଁଥିରେ ଯନ୍ତ୍ରପାତି ଓ କଳକବ୍ଜାରେ ବିନିଯୋଗର ମାତ୍ରା ବହୁତ ଅଧିକ ହୋଇଥାଏ। ବ୍ୟାପାରିକ ସଂସ୍ଥା (ପାଇକାରୀ ଓ ଖୁଚୁରା) ଗୁଡ଼ିକରେ ସ୍ଥାୟୀ ପରିସମ୍ପତ୍ତିରେ ଅଧିକ ବିନିଯୋଗର ଆବଶ୍ୟକତା ନ ଥାଏ।

(ଖ) ଉତ୍ପାଦର ପ୍ରକାର : କେବଳ ବ୍ୟବସାୟର ପ୍ରକୃତି ନୁହେଁ, ବରଂ ସଂଶ୍ଳିଷ୍ଟ ଉତ୍ପାଦର ପ୍ରକାର ମଧ୍ୟ ସ୍ଥାୟୀ ପୁଞ୍ଜିର ଆବଶ୍ୟକତାର ପରିମାଣ ସ୍ଥିର କରିଥାଏ। ସାବୁନ୍, ଟୁଥ୍‌ପେଷ୍ଟ, ମନୋହରୀ, ଇତ୍ୟାଦି ପରି ସରଳ ଉତ୍ପାଦମାନ ନିର୍ମାଣ କରୁଥିବା ଏକ ପ୍ରତିଷ୍ଠାନ ବା ଫାର୍ମ ଇସ୍ପାତ, ସିମେଣ୍ଟ, ଅଟୋମୋବାଇଲ୍ ଇତ୍ୟାଦି ପରି ଜିନିଷ ଗୁଡ଼ିକର ଉତ୍ପାଦନ କରୁଥିବା ଫାର୍ମ ବା ପ୍ରତିଷ୍ଠାନ ଗୁଡ଼ିକ ତୁଳନାରେ କମ୍ ପରିମାଣର ପୁଞ୍ଜି ଆବଶ୍ୟକ କରିଥାଏ।

(ଗ) ବ୍ୟବସାୟର ଆକାର : ବୃହଦାକାରରେ କାର୍ଯ୍ୟ କରୁଥିବା ଏକ ପ୍ରତିଷ୍ଠାନ ବା ଫାର୍ମ ସ୍ଥାୟୀ ପରିସମ୍ପତ୍ତିରେ ଅଧିକ ବିନିଯୋଗ ଆବଶ୍ୟକ କରିଥାଏ ଯେହେତୁ ଏଥିରେ ବୃହତ୍ ଉତ୍ପାଦନ କ୍ଷମତାର ସ୍ଥାପନା

କରିବା ଆବଶ୍ୟକ ପଡ଼ିଥାଏ । ଅତଃ, ଏହାର ସ୍ଥାୟୀ ପୁଞ୍ଜିର ଆବଶ୍ୟକତାର ପରିମାଣ କ୍ଷୁଦ୍ରାକାରରେ କାର୍ଯ୍ୟରତ ଏକ ଫାର୍ମ ବା ପ୍ରତିଷ୍ଠାନ ତୁଳନାରେ ଅଧିକ ହୋଇଥାଏ ।

(ଘ) ଉତ୍ପାଦନର ପ୍ରକ୍ରିୟା : ଯେଉଁ ପ୍ରତିଷ୍ଠାନ ବା ଫାର୍ମ ଦ୍ରବ୍ୟର ଉତ୍ପାଦନ ପାଇଁ ଅର୍ଦ୍ଧ-ସ୍ୱୟଂଚାଳିତ ଯନ୍ତ୍ରର ଚୟନ କରିଥାଏ କିମ୍ବା ଦୈହିକ ଶ୍ରମ ଉପରେ ଅଧିକ ନିର୍ଭରଶୀଳ ଥାଏ, ତା' ତୁଳନାରେ ଅନ୍ୟ ଏକ ଫାର୍ମ ଯାହା ଉକ୍ତ କାର୍ଯ୍ୟ ପାଇଁ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାର କରିଥାଏ ତାହା ଅଧିକ ପରିମାଣର ସ୍ଥାୟୀ ପୁଞ୍ଜି ଆବଶ୍ୟକ କରିଥାଏ । ସେହିପରି ଯଦି ଗୋଟିଏ ଫାର୍ମ ତା'ର ଉତ୍ପାଦ ପାଇଁ ଆବଶ୍ୟକ ପଡୁଥିବା ଦ୍ରବ୍ୟାଂଶ (କମ୍ପୋନେଣ୍ଟ) ଗୁଡ଼ିକ ମଧ୍ୟରୁ ଅଧିକାଂଶ ନିଜ କାରଖାନାରେ ତିଆରି କରିବା ପରିବର୍ତ୍ତେ ବଜାରରୁ କ୍ରୟ କରିବାକୁ ନିଷ୍ପତ୍ତି ନିଏ, ତେବେ ଏହା ପ୍ରତ୍ୟେକ ଦ୍ରବ୍ୟାଂଶ (ଅଂଶ) ନିଜେ ତିଆରି କରୁଥିବା ଅନ୍ୟ ଏକ ଫାର୍ମ ତୁଳନାରେ କମ୍ ପରିମାଣର ସ୍ଥାୟୀ ପୁଞ୍ଜି ଆବଶ୍ୟକ କରିବ । ଏହା ବିଶେଷ କରି ସେହିସବୁ ଅଟୋମୋବାଇଲ୍ ନିର୍ମାତା ଓ ମେସିନ୍ ନିର୍ମାତାଙ୍କ କ୍ଷେତ୍ରରେ ସତ୍ୟ ହୋଇଥାଏ, ଯେଉଁଗୁଡ଼ିକ କେବଳ ମାତ୍ର ସଂଯୋଜନ ଏକକ (assembling units) ଭାବେ କାର୍ଯ୍ୟ କରିଥାନ୍ତି ।

(ଙ) ସ୍ଥାୟୀ ପରିସମ୍ପତ୍ତି ପ୍ରାପ୍ତ କରିବାର ପଦ୍ଧତି : ସ୍ଥାୟୀ ପରିସମ୍ପତ୍ତି, ବିଶେଷ କରି ମେସିନ୍ ଓ ଉପକରଣ, ନଗଦ ଅର୍ଥ (ତତ୍କାଳ ପୈଠ) ଆଧାରରେ କିମ୍ବା କିସ୍ତିରେ କିମ୍ବା ପଟ୍ଟା (ଲିଜ୍) ଆଧାରରେ ପ୍ରାପ୍ତ କରାଯାଇପାରେ । ସ୍ପଷ୍ଟତଃ, ଯେଉଁ ଫାର୍ମ ଏହି ପରିସମ୍ପତ୍ତି ଗୁଡ଼ିକୁ ନଗଦ ଅର୍ଥରେ କ୍ରୟ କରେ ତାହା ଅନ୍ୟ ଫାର୍ମ ଯିଏ ଏହାକୁ କିସ୍ତି କିମ୍ବା ପଟ୍ଟାରେ କ୍ରୟ କରିବାର ନିଷ୍ପତ୍ତି ନେଇଥାଏ ତା' ତୁଳନାରେ ଅପେକ୍ଷାକୃତ ଅଧିକ ପରିମାଣର ସ୍ଥାୟୀ ପୁଞ୍ଜି ଆବଶ୍ୟକ କରିଥାଏ ।

୧୭.୨.୩ କାର୍ଯ୍ୟକାରୀ ପୁଞ୍ଜି

କାର୍ଯ୍ୟକାରୀ ପୁଞ୍ଜିରେ ସେହିସବୁ ପାଣ୍ଠିର ପରିମାଣ ଅନ୍ତର୍ଭୁକ୍ତ ଥାଏ ଯେଉଁ ପାଣ୍ଠି ଚଳନ୍ତି ପରିସମ୍ପତ୍ତି, ଯଥା ଖାତକ, ବ୍ୟାପାରିକ ମହଜୁଦ (ଷ୍ଟକ୍) ଏବଂ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା, କାର୍ଯ୍ୟରତ ଶ୍ରମିକଙ୍କୁ ମଜୁରୀ /ଦରମା ପୈଠ କରିବା ତଥା ମହାଜନ ମାନଙ୍କର ଦେୟ ପରିଶୋଧ କରିବା ପାଇଁ ଆବଶ୍ୟକୀୟ ନଗଦ ଅର୍ଥ (ରୋକଡ଼) ରେ ନିବେଶିତ (ବିନିଯୁକ୍ତ) ହୋଇଥାଏ । ଏହାକୁ ଘୂର୍ଣ୍ଣାୟମାନ ପୁଞ୍ଜି (ବା ଚକ୍ରୀୟ ପୁଞ୍ଜି) ମଧ୍ୟ କୁହାଯାଏ କାରଣ ଚଳନ୍ତି ପରିସମ୍ପତ୍ତିରେ ବିନିଯୁକ୍ତ ଅଧିକାଂଶ ଧନରାଶି ଖାତକଙ୍କର ଅସୁଲି ଓ ଦ୍ରବ୍ୟର ନଗଦ ବିକ୍ରୀ ଜରିଆରେ ନିରନ୍ତର ଆଦାୟ ହୋଇଥାଏ ଏବଂ ଚଳନ୍ତି ପରିସମ୍ପତ୍ତିରେ ପୁନଃ-ବିନିଯୁକ୍ତ ହୋଇଥାଏ । ଏହା ଏଠାରେ କାର୍ଯ୍ୟକାରୀ ପୁଞ୍ଜି ଚକ୍ରରେ ଦର୍ଶାଯାଇଥିବା ପରି ନଗଦ ଅର୍ଥରୁ ଚଳନ୍ତି ପରିସମ୍ପତ୍ତିକୁ ଏବଂ ପୁନଶ୍ଚ ଚଳନ୍ତି ପରିସମ୍ପତ୍ତିରୁ ନଗଦ ଅର୍ଥକୁ ସର୍ବଦା ଘୂରିବା ଜାରି ରଖିଥାଏ ।

ଏହା ଉଲ୍ଲେଖଯୋଗ୍ୟ ଯେ କାର୍ଯ୍ୟକାରୀ ପୁଞ୍ଜିର ଏକ ଭାଗ ସ୍ଥାୟୀ ପ୍ରକୃତିର ହୋଇଥାଏ, କାରଣ ବ୍ୟବସାୟର ମାତ୍ରା ଉପରେ ନିର୍ଭର କରି ପ୍ରତ୍ୟେକ ପ୍ରତିଷ୍ଠାନ ବା ଫାର୍ମ ନିର୍ଦ୍ଦିଷ୍ଟ ପରିମାଣର ନଗଦ ଟଙ୍କା, ଖାତକ ଓ ବ୍ୟାପାରିକ ମହଜୁଦ ସର୍ବଦା ରଖିଥାନ୍ତି । କାର୍ଯ୍ୟକାରୀ ପୁଞ୍ଜିର ଏହି ଭାଗକୁ ଶାଶ୍ୱତ କିମ୍ବା ସ୍ଥାୟୀ କାର୍ଯ୍ୟକାରୀ ପୁଞ୍ଜି ବୋଲି କୁହାଯାଏ ଏବଂ ଏଥିପାଇଁ ସର୍ବଦା ଦୀର୍ଘ-ମିଆଦୀ ଉତ୍ସରୁ ବିତ୍ତାୟନ (ବିତ୍ତୀୟ ବ୍ୟବସ୍ଥା) ହେବା ଆବଶ୍ୟକ । କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାର ଅବଶିଷ୍ଟ ଭାଗ ଅବଧିକୁ ବ୍ୟବସାୟର ମାତ୍ରାରେ ପରିବର୍ତ୍ତନ ହେବା ଯୋଗୁ ପରିବର୍ତ୍ତିତ ହୋଇଥାଏ ଏବଂ ଏହାକୁ ପରିବର୍ତ୍ତନଶୀଳ ବା ଚଳନଶୀଳ

କାର୍ଯ୍ୟକାରୀ ପୁଞ୍ଜି କୁହାଯାଏ। କାର୍ଯ୍ୟକାରୀ ପୁଞ୍ଜିର ଏହି ଭାଗର ବିତ୍ତାୟନ ସାଧାରଣତଃ ସ୍ୱଳ୍ପ-ମିଆଦୀ ଉତ୍ସ ଯଥା ବ୍ୟାଙ୍କ୍ ଅଧିଉଠାଣ, ବ୍ୟାପାରିକ ମହାଜନ, ଦେୟ ହୁଣ୍ଡି, ଇତ୍ୟାଦି ମାଧ୍ୟମରେ କରାଯାଇଥାଏ।

୧୭.୨.୪. କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ନିର୍ଦ୍ଧାରଣ କରୁଥିବା କାରକ ସମୂହ

କୌଣସି ବ୍ୟବସାୟକୁ ସୁରୁଖୁରୁରେ ଓ ଦକ୍ଷତାର ସହ ଚଳାଇବା ତଥା ଏହାର ତରଳତା ବଜାୟ ରଖିବା ପାଇଁ ଯଥେଷ୍ଟ କାର୍ଯ୍ୟକାରୀ ପୁଞ୍ଜି ଅତି ଆବଶ୍ୟକ ହୋଇଥାଏ। ତେବେ, ଆବଶ୍ୟକୀୟ କାର୍ଯ୍ୟକାରୀ ପୁଞ୍ଜିର ପରିମାଣ ଗୋଟିଏ ବ୍ୟବସାୟରୁ ଅନ୍ୟ ବ୍ୟବସାୟକୁ ଏବଂ ଗୋଟିଏ ଅବଧିରୁ ଅନ୍ୟ ଅବଧିକୁ ପରିବର୍ତ୍ତିତ ହୋଇଥାଏ। ବିଭିନ୍ନ କାରକ ଯାହା କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାକୁ ପ୍ରଭାବିତ କରିଥାଏ ସେଗୁଡ଼ିକ ନିମ୍ନମତେ ଅଟେ :

(କ) **ବ୍ୟବସାୟର ପ୍ରକୃତି :** ସାଧାରଣତଃ ଉତ୍ପାଦନକାରୀ କମ୍ପାନୀ ଗୁଡ଼ିକର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଯେହେତୁ ଅଧିକ ହୋଇଥାଏ, ତେଣୁ ସେଗୁଡ଼ିକ ବହୁଳ ମାତ୍ରାରେ ବ୍ୟାପାରିକ ମହଜୁଦ (ପଣ୍ୟ ସାମଗ୍ରୀ) ରଖିବା ଆବଶ୍ୟକ ଏବଂ ସେମାନଙ୍କର ଉଧାର ବିକ୍ରୀ ଅଧିକ ହେଉଥିବା କାରଣରୁ ଖାତକଙ୍କର ପରିମାଣ ମଧ୍ୟ ଅଧିକ ହୋଇଥିବା ଆଶା କରାଯାଏ। ଅନ୍ୟ ପକ୍ଷରେ, ବିଦ୍ୟୁତ୍ ଓ ଟେଲିଫୋନ୍ ପରି ସର୍ବସାଧାରଣ ଉପଯୋଗିତା (ଜନ ହିତକାରୀ) କମ୍ପାନୀ ଏବଂ ହୋଟେଲ୍, ରେଷ୍ଟୁରାଣ୍ଟ୍ ଇତ୍ୟାଦି ପରି ସଂସ୍ଥାଗୁଡ଼ିକ ସ୍ୱଳ୍ପ ପରିମାଣର କାର୍ଯ୍ୟକାରୀ ପୁଞ୍ଜିରେ ସେମାନଙ୍କର କାର୍ଯ୍ୟ ତୁଲାଇ ପାରନ୍ତି ଯେହେତୁ ସେମାନଙ୍କର ଅଧିକାଂଶ କାରବାର ନଗଦ ଅର୍ଥରେ ହୋଇଥାଏ ଏବଂ ବ୍ୟବସାୟ ଚଳାଇବା ପାଇଁ ସେମାନଙ୍କର ଗଚ୍ଛିତ ସାମଗ୍ରୀର ଆବଶ୍ୟକତା ମଧ୍ୟ କମ୍ ହୋଇଥାଏ।

(ଖ) **ବ୍ୟବସାୟର ଆକାର :** ପ୍ରତ୍ୟେକ ପ୍ରତିଷ୍ଠାନ ବା ଫାର୍ମର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାର ପରିମାଣ ନିର୍ଦ୍ଧାରଣ କରିବାରେ ବ୍ୟବସାୟର ଆକାର ବା ମାତ୍ରା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସ୍ପଷ୍ଟତଃ, ବ୍ୟବସାୟର ମାତ୍ରା (ପରିମାଣ) ଯେତେ ଅଧିକ ହେବ, କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାର ପରିମାଣ ସେତେ ଅଧିକ ହେବ। ଏହାର କାରଣ ହେଲା ଯେ ସେମାନଙ୍କର ମହଜୁଦ ସାମଗ୍ରୀର ଆବଶ୍ୟକତା ଅଧିକ ହେବ ଏବଂ ସେମାନଙ୍କର ଖାତକଙ୍କର ପରିମାଣ ମଧ୍ୟ ଅଧିକ ହେବ।

(ଗ) **ଉତ୍ପାଦନ ଚକ୍ରର ସମୟାବଧି :** ଉତ୍ପାଦନ ଚକ୍ରର ସମୟାବଧି କହିଲେ କଞ୍ଚାମାଲରୁ ଉତ୍ପାଦିତ ଦ୍ରବ୍ୟ ପ୍ରସ୍ତୁତ କରିବା ପାଇଁ ଲାଗୁଥିବା ସମୟାବଧିକୁ ବୁଝାଇଥାଏ। ଏହି ଅବଧି ଯେତେ ଲମ୍ବା ହେବ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ସେତେ ଅଧିକ ହେବ ଏବଂ ଏହାର ବିପରୀତ ଭାବେ କମ୍ ଅବଧିଯୁକ୍ତ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା କମ୍ ହେବ। ତେବେ ଉତ୍ପାଦନ ଚକ୍ରର ସମୟାବଧି ଉତ୍ପାଦିତ ହେଉଥିବା ଉତ୍ପାଦନର ପ୍ରକାର ଏବଂ ଉତ୍ପାଦନରେ ବ୍ୟବହୃତ ପ୍ରଯୁକ୍ତି ବିଦ୍ୟାର ପ୍ରକୃତି ଉପରେ ନିର୍ଭର କରେ।

ଉଦାହରଣ ସ୍ୱରୂପ, ମୋଟରକାର ଏବଂ ବୟନ କପଡ଼ା ପରି ଉତ୍ପାଦ ଗୁଡ଼ିକ କ୍ଷେତ୍ରରେ ଉତ୍ପାଦନ ଚକ୍ରର ସମୟାବଧି ଷ୍ଟେସନେରୀ, ଲୁଗାଧୁଆ ପାଉଡ଼ର ଇତ୍ୟାଦି ପରି ଦ୍ରବ୍ୟଗୁଡ଼ିକ କ୍ଷେତ୍ରରେ ଉତ୍ପାଦନ ଚକ୍ରର ସମୟାବଧିଠାରୁ ବହୁତ ଅଧିକ ହୋଇଥାଏ। ସେଥିପାଇଁ ମୋଟରକାର ନିର୍ମାତା କମ୍ପାନୀ ଏବଂ ବୟନ କଳ (କମ୍ପାନୀ) ଗୁଡ଼ିକ ପାଇଁ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଅଧିକ। ସେହିପରି ଯେଉଁ ଫାର୍ମ ଗୁଡ଼ିକ ଉତ୍ପାଦନରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରୁଛନ୍ତି ସେମାନଙ୍କର

ଉତ୍ପାଦନ ଚକ୍ରର ସମୟାବଧି କମ୍ ହୋଇଥାଇପାରେ ତେଣୁ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଅଧିକ ହୋଇ ନପାରେ।

(ଘ) **ସାମଗ୍ରୀ ଆବର୍ତ୍ତ ହାର :** ସାମଗ୍ରୀ ଆବର୍ତ୍ତ ହାର କହିଲେ ସେହି ବେଗ ବା ସମୟାବଧିକୁ ବୁଝାଇ ଥାଏ ଯେଉଁ ବେଗରେ ବା ସମୟାବଧି ମଧ୍ୟରେ ଉତ୍ପାଦିତ ମାଲର ସମ୍ଭାର ବିକ୍ରୟରେ ରୂପାନ୍ତରିତ ହୋଇଥାଏ। ଆବଶ୍ୟକୀୟ କାର୍ଯ୍ୟକାରୀ ପୁଞ୍ଜିର ପରିମାଣ ଏବଂ ସାମଗ୍ରୀ ଆବର୍ତ୍ତ ହାର ମଧ୍ୟରେ ବହୁତ ଘନିଷ୍ଠ ସମ୍ବନ୍ଧ ଅଛି। ଉଚ୍ଚ (ଦ୍ରୁତ) ସାମଗ୍ରୀ ଆବର୍ତ୍ତ ହାର ଥିବା ଏକ ଫାର୍ମ ବା ପ୍ରତିଷ୍ଠାନ କମ୍ (ମନ୍ଥର) ସାମଗ୍ରୀ ଆବର୍ତ୍ତ ହାର ଥିବା ଫାର୍ମ ତୁଳନାରେ କମ୍ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକ କରିଥାଏ। ଏହା ସେପରି ହେବାର କାରଣ ହେଲା ଉଚ୍ଚହାର ଯୁକ୍ତ ଫାର୍ମ ସମ୍ଭାରରେ କମ୍ ବିନିଯୋଗ କରି କାର୍ଯ୍ୟ ତୁଲାଇ ପାରିଥାଏ। ତୁମେ ଉଚ୍ଚ ଆବର୍ତ୍ତ ହାର ଯୁକ୍ତ ଦ୍ରୁତ ଗତିଶୀଳ ପଣ୍ୟ ଯଥା ସଉଦା ଏବଂ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀରେ କାରବାର କରୁଥିବା ଏକ ଖୁଚୁରା ବ୍ୟବସାୟୀର କଥା ବିଚାରକୁ ନିଅ। ସମ୍ଭାରରେ ତାଙ୍କର ବିନିଯୋଗ ଅନ୍ୟ ଏକ ଖୁଚୁରା ବ୍ୟବସାୟୀ ଯେ କି ନିର୍ମିତ ପୋଷାକ କିମ୍ବା ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ପରି ମନ୍ଥର ଗତିଶୀଳ ଦ୍ରବ୍ୟର କାରବାର କରୁଛନ୍ତି ତାଙ୍କର ବିନିଯୋଗ ଅପେକ୍ଷା ବହୁତ କମ୍ ହେବ।

(ଙ) **ବାକିଆ (ଉଧାର ବିକ୍ରୀ) ନୀତି :** ଯେଉଁ ପ୍ରତିଷ୍ଠାନ ବା ଫାର୍ମ ଗୁଡ଼ିକ ସେମାନଙ୍କର ଗ୍ରାହକଙ୍କୁ ଉଦାରତାପୂର୍ଣ୍ଣ ବାକିଆ ସୁବିଧା ପ୍ରଦାନ କରିଥାନ୍ତି ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଅନ୍ୟ ଫାର୍ମ ଯେଉଁମାନେ ବାକିଆ ବିକ୍ରୀ ଜନିତ ସର୍ତ୍ତକୁ କଠୋର କରିଥାନ୍ତି ତଥା ସେମାନଙ୍କର ଉଧାର ଟଙ୍କା ଦକ୍ଷତାର ସହ ଅସୁଲ କରିଥାନ୍ତି ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ତୁଳନାରେ ଅଧିକ। ଏହାର କାରଣ ହେଲା ଯେତେବେଳେ ଗ୍ରାହକମାନେ ଅଧିକ ଉଧାର ଅବଧି ଉପଭୋଗ (ପ୍ରାପ୍ତ) କରିଥାନ୍ତି, ସେତେବେଳେ ଫାର୍ମର ପାଣ୍ଠିର ବଡ଼ ପରିମାଣ ଖାତକଙ୍କ ପାଖରେ ବନ୍ଧା ପଡ଼ିଯାଏ। ପରିମାଣ ସ୍ୱରୂପ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଅଧିକ ହୋଇଥାଏ। ତେବେ, ଯଦି ଏହିଭଳି ଏକ ଫାର୍ମ ତା'ର ଯୋଗାଣକାରୀଙ୍କଠାରୁ ଉଦାରତାପୂର୍ଣ୍ଣ ବାକିଆ ସୁବିଧା ମଧ୍ୟ ପ୍ରାପ୍ତ କରିଥାଏ। ତେବେ ଏହା କମ୍ ପରିମାଣର କାର୍ଯ୍ୟକାରୀ ପୁଞ୍ଜି ସହିତ ବ୍ୟବସାୟ ଚଳାଇପାରିବ। କିନ୍ତୁ ଏହା ସବୁ କ୍ଷେତ୍ରରେ ସତ ହୋଇ ନ ପାରେ।

(ଚ) ଋତୁ ଅନୁଯାୟୀ ହ୍ରାସ-ବୃଦ୍ଧି ଋତୁକାଳୀନ ତାରତମ୍ୟ : ଯେଉଁ ଫାର୍ମ ବା ପ୍ରତିଷ୍ଠାନ ଗୁଡ଼ିକ ବର୍ଷର ଏକ ନିର୍ଦ୍ଦିଷ୍ଟ ଅବଧିରେ ଚାହିଦା ଥିବା ଉତ୍ପାଦ, ଯଥା ଛାତ ପଙ୍ଖା କିମ୍ବା ଉଲ୍ ନିର୍ମିତ ପୋଷାକ ଭଳି ଉତ୍ପାଦ ଗୁଡ଼ିକର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥାଆନ୍ତି, ସେମାନେ କେବଳ ସର୍ବାଧିକ (ତେଜ) ବିକ୍ରି ସମୟରେ ନୁହେଁ ବରଂ ମାନ୍ଦା ଋତୁରେ ମଧ୍ୟ ଅଧିକ ପରିମାଣର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକ କରିଥାନ୍ତି। ଏହା ସେପରି ହେବାର କାରଣ ହେଲା ଯେ ସେମାନଙ୍କ ପାଖରେ ବହୁ ପରିମାଣର ମାଲ୍ ବିକ୍ରୀ ନ ହୋଇ ରହି ଯାଇପାରେ ଯାହାକୁ ଆସନ୍ତା ଋତୁରେ ବିକ୍ରୟ ନିମନ୍ତେ ସମ୍ଭାରରେ ମହଜୁଦ ରଖାଯାଇଥାଏ।

ଏହି ବାସ୍ତବତାକୁ ଅସ୍ୱୀକାର କରାଯାଇ ନପାରେ ଯେ ଯେଉଁ ଫାର୍ମଗୁଡ଼ିକ ସ୍ଥାୟୀ ଉପଭୋଗ୍ୟ ସାମଗ୍ରୀ କିମ୍ବା ଦୀର୍ଘ ଉତ୍ପାଦନ ଅବଧିଯୁକ୍ତ ସାମଗ୍ରୀ କିମ୍ବା ପ୍ରଶସ୍ତ ଋତୁକାଳୀନ ତାରତମ୍ୟ ଥିବା ସାମଗ୍ରୀର କାରବାର କରୁଥାନ୍ତି, ସେମାନେ ଅଧିକ ପରିମାଣର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକ

କରିଥାନ୍ତି । କିନ୍ତୁ ଉପଯୁକ୍ତ ଯୋଜନା, ଗଚ୍ଛିତ ସାମଗ୍ରୀର ଦକ୍ଷ ପରିଚାଳନା ଏବଂ ଋଣ ସଂଗ୍ରହ (ଅସୁଲି)ରେ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଫାର୍ମଗୁଡ଼ିକ ପ୍ରଚଣ୍ଡ ଭାବେ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାକୁ ହ୍ରାସ କରିପାରିବେ ।

ପାଠ୍ୟଗତ ପ୍ରଶ୍ନ ୧୭ ଖ

୧. ଯେକୌଣସି ଦୁଇଟି କାରକ ଉଲ୍ଲେଖ କର ଯାହା ସ୍ଥାୟୀ ପୁଞ୍ଜିର ଆବଶ୍ୟକତା ନିର୍ଦ୍ଧାରଣ କରିଥାଏ ।

(i) ______________________________

(ii) ______________________________

୨. ନିମ୍ନଲିଖିତ କ୍ଷେତ୍ରରେ ଆମେ 'ଅଧିକ' କିମ୍ବା 'କମ୍' କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକ କରୁ ତାହା ଉଲ୍ଲେଖ କର :

(କ) ଲୌହ ଓ ଇସ୍ପାତ ନିର୍ମାଣ କରୁଥିବା କମ୍ପାନୀ ( )

(ଖ) ଉଚ୍ଚ ସାମଗ୍ରୀ ଆବର୍ତ୍ତ ଥିବା ଏକ ପାଉଁରୁଟି ପ୍ରସ୍ତୁତକାରୀ କମ୍ପାନୀ ( )

(ଗ) ଖେଳଣା ସାମଗ୍ରୀ ନିର୍ମାଣ କରୁଥିବା ଏକ ବୃହଦାକାର ବ୍ୟାବସାୟିକ ଉଦ୍ୟୋଗ ( )

(ଗ) ଖେଳଣା ସାମଗ୍ରୀ ନିର୍ମାଣ କରୁଥିବା ଏକ ବୃହଦାକାର ବ୍ୟାବସାୟିକ ଉଦ୍ୟୋଗ ( )

(ଘ) କେବଳ ବରାଦ ମୁତାବକ ଆସବାବପତ୍ର ନିର୍ମାଣ କରୁଥିବା ଏକ କମ୍ପାନୀ ( )

(ଙ) କୁଲର୍ /ରେଫ୍ରିଜେରେଟର୍ ନିର୍ମାଣ କରୁଥିବା ଏକ କମ୍ପାନୀ ( )

୩. 'କ' ସ୍ତମ୍ଭରେ ଥିବା ଆଇଟମ୍ ଗୁଡ଼ିକୁ 'ଖ' ସ୍ତମ୍ଭ ସହିତ ମିଳାଅ ।

	ସ୍ତମ୍ଭ 'କ'		ସ୍ତମ୍ଭ 'ଖ'
(କ)	ସ୍ଥାୟୀ ପୁଞ୍ଜି	(i)	ସ୍ୱଳ୍ପ ମିଆଦୀ ବିତ୍ତ
(ଖ)	ସର୍ବସାଧାରଣ ଉପଯୋଗିତା	(ii)	କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା
(ଗ)	ସ୍ଥାୟୀ କାର୍ଯ୍ୟକାରୀ ପୁଞ୍ଜି	(iii)	ଦୀର୍ଘ-ମିଆଦୀ ବିତ୍ତ
(ଘ)	ସୁନାମ	(iv)	ଟେଲିଫୋନ୍ କମ୍ପାନୀ
(ଙ)	ପରିବର୍ତ୍ତନଶୀଳ କାର୍ଯ୍ୟକାରୀପୁଞ୍ଜି	(v)	ସ୍ପର୍ଶବିହୀନ ସ୍ଥାୟୀ ପରିସମ୍ପତ୍ତି
(ଚ)	ଉତ୍ପାଦନ ଚକ୍ରର ସମୟାବଧି	(vi)	ସ୍ଥାୟୀ କାର୍ଯ୍ୟକାରୀ ପୁଞ୍ଜି

୧୭.୩ ପୁଞ୍ଜିକରଣ (Capitalisation)

ପୁଞ୍ଜିକରଣ ଶବ୍ଦର ବିଭିନ୍ନ ଅର୍ଥ ଅଛି । ସାଧାରଣ ଅର୍ଥରେ ପୁଞ୍ଜିକରଣ କହିଲେ ସେହି ରାଶିକୁ ବୁଝାଏ ଯେତିକିରେ ଏକ କମ୍ପାନୀର ମୂଲ୍ୟାୟନ ତା'ର ନିୟୋଜିତ ପୁଞ୍ଜିର ଆଧାରରେ କରାଯାଇଥାଏ । କେତେକ ବିତ୍ତୀୟ ବିଶେଷଜ୍ଞ ଏହି ଅବଧାରଣାକୁ ସଂକୀର୍ଣ୍ଣ ଅର୍ଥରେ ବ୍ୟବହାର କରି ଏହାକୁ କମ୍ପାନୀର ଅଂଶ ଓ ଋଣପତ୍ରଗୁଡ଼ିକର ସମମୂଲ୍ୟ ବୋଲି ସଂଜ୍ଞା ପ୍ରଦାନ କଲାବେଳେ ଅନ୍ୟ କେତେକ ବିଶେଷଜ୍ଞ ଏହାକୁ ତା'ର (କମ୍ପାନୀର) ମୋଟ ଦୀର୍ଘ-ମିଆଦୀ ପାଣ୍ଠିର ସମମୂଲ୍ୟ ବୋଲି ବ୍ୟାଖ୍ୟା କରନ୍ତି ଯେଉଁଥିରେ ମାଲିକଙ୍କ ପାଣ୍ଠି, ଋଣ ପାଣ୍ଠି, ସଞ୍ଚିତି ଏବଂ ବଳକା ଉପାର୍ଜନ ଅନ୍ତର୍ଭୁକ୍ତ ଥାଏ ।

ତେବେ ବିତ୍ତୀୟ ଯୋଜନା ପ୍ରସଙ୍ଗରେ ଏହାର ଅର୍ଥ ହେଲା କୌଣସି କମ୍ପାନୀ ଦ୍ୱାରା ଆବଶ୍ୟକ ପୁଞ୍ଜିର ପରିମାଣ ନିର୍ଦ୍ଧାରଣ କରିବାର ଏକ ପ୍ରକ୍ରିୟା ।

ପୁଞ୍ଜିର ଆକଳନ ନିମ୍ନ ଦୁଇ ତତ୍ତ୍ୱର ଉପଯୋଗ ପୂର୍ବକ କରାଯାଇଥାଏ :

(କ) ପରିବ୍ୟୟ ତତ୍ତ୍ୱ ; ଏବଂ

(ଖ) ଉପାର୍ଜନ ତତ୍ତ୍ୱ :

ଆସ, ଏହି ଦୁଇ ତତ୍ତ୍ୱ ବିଷୟରେ ସଂକ୍ଷେପରେ ଜାଣିବା ।

(କ) ପରିବ୍ୟୟ ତତ୍ତ୍ୱ **(Cost Theory)** : ପୁଞ୍ଜିକରଣର ପରିବ୍ୟୟ ତତ୍ତ୍ୱ ଅନୁସାରେ, ଗୋଟିଏ କମ୍ପାନୀ ଦ୍ୱାରା ଆବଶ୍ୟକ ପୁଞ୍ଜିର ପରିମାଣ ତା'ର ସ୍ଥାୟୀ ପରିସମ୍ପତ୍ତିଗୁଡ଼ିକର ପରିବ୍ୟୟ ସହିତ ତା'ର କାର୍ଯ୍ୟକାରୀ ପୁଞ୍ଜିର ପରିମାଣ ଏବଂ ବ୍ୟବସାୟ ସ୍ଥାପନା ଜନିତ ପରିବ୍ୟୟକୁ ଯୋଗ କରି ହିସାବ କରାଯାଏ । ଏହି ଆଭିମୁଖ୍ୟ ସରଳ ଅଟେ ଏବଂ ନୂତନ କମ୍ପାନୀଗୁଡ଼ିକ କ୍ଷେତ୍ରରେ ବହୁଳ ଭାବେ ବ୍ୟବହୃତ ହୁଏ ।

(ଖ) ଉପାର୍ଜନ ତତ୍ତ୍ୱ **(Earning Theory)** : ଉପାର୍ଜନ ତତ୍ତ୍ୱ ଅନୁସାରେ, ଏକ କମ୍ପାନୀର ପୁଞ୍ଜି ଆବଶ୍ୟକତାର ହିସାବ ତା'ର ଉପାର୍ଜନର ପୁଞ୍ଜିକୃତ ମୂଲ୍ୟରେ ଆଧାରରେ କରାଯାଏ । ଉଦାହରଣ ସ୍ୱରୂପ, ଯଦି ଏକ କମ୍ପାନୀର ହାରାହାରି ବାର୍ଷିକ ଉପାର୍ଜନ ୫ ଲକ୍ଷ ଟଙ୍କା ଏବଂ ସେହି ଶିଳ୍ପ ଅନ୍ତର୍ଗତ କମ୍ପାନୀଗୁଡ଼ିକ କ୍ଷେତ୍ରରେ ବିନିଯୁକ୍ତ ପୁଞ୍ଜି ଉପରେ ସାଧାରଣ ପ୍ରତିଫଳହାର ୧୦% ଅଟେ, ତେବେ ପୁଞ୍ଜିକରଣ ରାଶି ୫୦ ଲକ୍ଷ ଟଙ୍କା ହେବ । ଏକ ନୂଆ କମ୍ପାନୀ ପାଇଁ ପୁଞ୍ଜିକରଣର ରାଶି ତା'ର ଆକଳିତ ଉପାର୍ଜନର ଆଧାରରେ ହିସାବ କରାଯାଏ । ଉଦାହରଣ ସ୍ୱରୂପ, ଯଦି ଏକ ନୂଆ କମ୍ପାନୀ ୩ ଲକ୍ଷ ଟଙ୍କାର ହାରାହାରି ବାର୍ଷିକ ଆୟ ଉପାର୍ଜନ କରିବାର ଆଶା ରଖେ ଏବଂ ସମ୍ପୃକ୍ତ ଶିଳ୍ପର ସାଧାରଣ ପ୍ରତିଫଳହାର ୫% ହୋଇଥାଏ, ବ୍ୟବସାୟ ଚଳାଇବା ପାଇଁ ଏହା ଆବଶ୍ୟକ କରୁଥିବା ପୁଞ୍ଜିକରଣର ରାଶି ବା ପାଣ୍ଠିର ପରିମାଣ ୬୦ ଲକ୍ଷ ଟଙ୍କା ହେବ । ପୁଞ୍ଜିକରଣର ଏହି ଆଭିମୁଖ୍ୟ ଅଧିକ ଯୁକ୍ତିସଙ୍ଗତ ଏବଂ ପ୍ରାସଙ୍ଗିକ ବୋଲି ବିବେଚିତ ହୁଏ, କାରଣ ଏହା କମ୍ପାନୀର ପ୍ରକୃତ ପୁଞ୍ଜିନିବେଶ ତା'ର ଆୟ ଅନୁପାତରେ କେତେ ଦୂର ସମୀଚୀନ ତାହା ମୂଲ୍ୟାୟନ କରିବାରେ ସାହାଯ୍ୟ କରେ । ଯଦି ପ୍ରକୃତ ପ୍ରତିଫଳହାର ସାଧାରଣ ପ୍ରତିଫଳହାର ସହିତ ସମାନ, ତେବେ ଏହା ଯଥାଯଥ (ସମୁଚିତ) ଭାବେ ପୁଞ୍ଜିକୃତ ହୋଇଥିବା କୁହାଯାଏ । କିନ୍ତୁ ବାସ୍ତବ ଅର୍ଥରେ ଏକ କମ୍ପାନୀ ଅଧି-ପୁଞ୍ଜିକୃତ ବା ଅବ-ପୁଞ୍ଜିକୃତ ହୋଇଥାଇପାରେ, ଅର୍ଥାତ୍ ପ୍ରକୃତ ପ୍ରତିଫଳହାର ସାଧାରଣ ପ୍ରତିଫଳହାର ଠାରୁ କମ୍ ବା ବେଶୀ ହୋଇ ଥାଇପାରେ । ଆସ, ଆମେ ପରବର୍ତ୍ତୀ ଅନୁଭାଗରେ ଅଧି-ପୁଞ୍ଜିକରଣ ଏବଂ ଅବ-ପୁଞ୍ଜିକରଣର ଅବଧାରଣା ବିଷୟରେ ବିସ୍ତୃତ ଭାବେ ଜାଣିବା ।

ପୁଞ୍ଜିକରଣ

ସମୁଚିତ ପୁଞ୍ଜିକରଣ | ଅଧି-ପୁଞ୍ଜିକରଣ | ଅବ-ପୁଞ୍ଜିକରଣ

୧୭.୩.୧ ଅଧି-ପୁଞ୍ଜିକରଣ

ଗୋଟିଏ କମ୍ପାନୀ ଅଧି-ପୁଞ୍ଜିକୃତ ହୋଇଛି ବୋଲି କୁହାଯିବ ଯଦି ତା'ର ବିନିଯୁକ୍ତ ପୁଞ୍ଜି ତା'ର ସମୁଚିତ ପୁଞ୍ଜିକରଣ ଅପେକ୍ଷା ଅଧିକ ହୋଇଥିବ। ଉଦାହରଣ ସ୍ୱରୂପ, ଯଦି ଏକ କମ୍ପାନୀର ହାରାହାରି ବାର୍ଷିକ ଉପାର୍ଜନ ଟ.୨,୦୦,୦୦୦ ଏବଂ ସାଧାରଣର ପ୍ରତିଫଳହାର ୧୦% ଅଟେ, ତେବେ ଏହାର ସମୁଚିତ ପୁଞ୍ଜିକରଣ ରାଶି ଟ.୨୦,୦୦,୦୦୦ ହେବ। ବର୍ତ୍ତମାନ ଯଦି ପ୍ରକୃତ ବିନିଯୁକ୍ତ ପୁଞ୍ଜି (ମୋଟ ଦୀର୍ଘ-ମିଆଦୀ ପାଣ୍ଠି) ଟ.୨୫,୦୦,୦୦୦ ହୋଇଥାଏ, ତେବେ ଏହା ଅଧି-ପୁଞ୍ଜିକୃତ ହୋଇଛି ବୋଲି ଧରାଯିବ। ତୁମେ ଏହାକୁ ଅନ୍ୟ ଏକ ଅପେକ୍ଷାକୃତ ସହଜ ଉପାୟରେ ବୁଝି ପାରିବ, ଅର୍ଥାତ୍ ଯଦି ଏକ କମ୍ପାନୀର ପ୍ରକୃତ ଉପାର୍ଜନ ହାର ତା'ର ସାଧାରଣ ପ୍ରତିଫଳହାର ଅପେକ୍ଷା କମ୍, ତେବେ ଏହାକୁ ଅଧି-ପୁଞ୍ଜିକରଣର ଏକ ସ୍ଥିତି ବୋଲି ଧରାଯାଏ। ଉପରୋକ୍ତ ଉଦାହରଣରେ କମ୍ପାନୀର ପ୍ରକୃତ ଉପାର୍ଜନ ହାର ୮% ହେଉଅଛି ଯାହାକି ସାଧାରଣ ପ୍ରତିଫଳହାର, ଅର୍ଥାତ୍ ୧୦% ଠାରୁ କମ୍ ଅଟେ। ତେଣୁ ଏହାକୁ ଅଧି-ପୁଞ୍ଜିକୃତ ଅବସ୍ଥା ବୋଲି ବିବେଚନା କରାଯାଏ ଏବଂ ଏଭଳି ସ୍ଥିତିରେ କମ୍ପାନୀ ଉଚିତ୍ ହାରରେ ସୁଧ ଏବଂ ଲାଭାଂଶ ପୈଠ କରିବା ଅବସ୍ଥାରେ ନ ଥାଏ। ଏହିଭଳି ଏକ ଅବସ୍ଥା ନିମ୍ନଲିଖିତ କାରଣ ଗୁଡ଼ିକ ଯୋଗୁଁ ହୋଇପାରେ:

(କ) ସୁନାମ ଏବଂ ଅନ୍ୟ ସ୍ଥାୟୀ ପରିସମ୍ପତ୍ତିର କ୍ରୟ ନିମନ୍ତେ ଅତ୍ୟଧିକ ଉଚ୍ଚ ଦାମ୍ ପୈଠ କରିବା

(ଖ) ଉତ୍ପାଦନ କ୍ଷମତାର ଅବ-ଉପଯୋଗ

(ଗ) ଅଂଶପତ୍ର ଓ ଋଣପତ୍ର ରୂପରେ ଆବଶ୍ୟକତାଠାରୁ ଅଧିକ ପୁଞ୍ଜି ସଂଗ୍ରହ କରିବା

(ଘ) ଉଦାର ଲାଭାଂଶ ନୀତି

(ଙ) ନିଗମ କରର ଉଚ୍ଚ ହାର

(ଚ) ସଂଗୃହୀତ ହେବାକୁ ଥିବା ପୁଞ୍ଜିର ପରିମାଣ ସ୍ଥିର କରିବା ସମୟରେ ପୁଞ୍ଜିକରଣର ହାର ଅବ-ଆକଳନ କିମ୍ବା ଉପାର୍ଜନର ଅଧି-ଆକଳନ।

ଅଧି-ପୁଞ୍ଜିକରଣ କମ୍ପାନୀ ଏବଂ ଅଂଶଧାରୀମାନଙ୍କର ଦୀର୍ଘ-କାଳୀନ ସ୍ୱାର୍ଥ ଦୃଷ୍ଟିରୁ ବାଞ୍ଛନୀୟ ନୁହେଁ। ଏହା ଦ୍ୱାରା ଲାଭାଂଶର ହାର ସ୍ୱଳ୍ପ, ଅଂଶଗୁଡ଼ିକର ବଜାର ମୂଲ୍ୟରେ ହ୍ରାସ ଏବଂ ଅଧିକ ପାଣ୍ଠି ସଂଗ୍ରହ କରିବାରେ ଜଟିଳତା ସୃଷ୍ଟି ହୋଇଥାଏ। ଅତଃ, ଋଣ ହ୍ରାସ କରି, ପରିସମ୍ପତ୍ତିର ଦକ୍ଷ ଉପଯୋଗ କରି ଏବଂ ଏକ ରକ୍ଷଣଶୀଳ ଲାଭାଂଶ ନୀତି ଅନୁସରଣ କରିବା ପୂର୍ବକ ଯେତେ ଶୀଘ୍ର ସମ୍ଭବ ଏହିଭଳି ସ୍ଥିତିର ସଂଶୋଧନ କରିଦେବା ଆବଶ୍ୟକ।

ଅଧି-ପୁଞ୍ଜିକରଣର ପ୍ରଭାବ	ଅଧି-ପୁଞ୍ଜିକରଣ ସମସ୍ୟାର ପ୍ରତିକାର
• ଲାଭାଂଶର ହାର ନିମ୍ନ	• ଋଣ ପରିଶୋଧ କରାଯାଇପାରେ
• ଅଂଶର ବଜାର ଦରରେ ହ୍ରାସ	• ସମ୍ବଳର ଦକ୍ଷ ଉପଯୋଗ
• ଅତିରିକ୍ତ ପାଣ୍ଠି ସଂଗ୍ରହରେ ଜଟିଳତା	• ରକ୍ଷଣଶୀଳ ଲାଭାଂଶ ନୀତି

୧୭.୩.୨ ଅବ-ପୁଞ୍ଜିକରଣ

ଅବ-ପୁଞ୍ଜିକରଣ ହେଉଛି ଅଧି-ପୁଞ୍ଜିକରଣର ଠିକ୍ ବିପରୀତ। ଅନ୍ୟ ଶବ୍ଦରେ କହିଲେ, ଗୋଟିଏ କମ୍ପାନୀ ଅବ-ପୁଞ୍ଜିକୃତ ହୋଇଛି ବୋଲି କୁହାଯିବ, ଯଦି ତା'ର ବିନିଯୁକ୍ତ ପୁଞ୍ଜି ସମୁଚିତ ପୁଞ୍ଜିକରଣ ଅପେକ୍ଷା କମ୍ ହୋଇଥାଏ, ଅର୍ଥାତ୍ ପୁଞ୍ଜି ନିବେଶର ପରିମାଣ ତା'ର ବାର୍ଷିକ ଆୟ ଅନୁପାତରେ ନ୍ୟାୟୋଚିତ ହୋଇ ନଥାଏ। ଉଦାହରଣ ସ୍ୱରୂପ, ପୂର୍ବ ଉଦାହରଣରେ ଯଦି କମ୍ପାନୀର ପ୍ରକୃତ ବିନିଯୁକ୍ତ ପୁଞ୍ଜି ଟ.୧୬,୦୦,୦୦୦ ହୋଇଥାଏ, ତେବେ ଏହାକୁ ଅବ-ପୁଞ୍ଜିକୃତ ବୋଲି ଧରାଯିବ ଯେହେତୁ ଏହା ସମୁଚିତ ପୁଞ୍ଜିକରଣ ରାଶି ଟ.୨୦,୦୦,୦୦୦ ଠାରୁ କମ୍ ଅଟେ। ଅନ୍ୟ ପ୍ରକାରେ କହିଲେ, ଯଦି ଏକ କମ୍ପାନୀର ପ୍ରକୃତ ଉପାର୍ଜନ ହାର ସାଧାରଣ ପ୍ରତିଫଳହାର ଅପେକ୍ଷା ଅଧିକ ହୋଇଥାଏ, ତେବେ ଏହାକୁ ଅବ-ପୁଞ୍ଜିକରଣର ଏକ ସ୍ଥିତି ବୋଲି ଧରାଯାଏ। ଏହାର ଏହି ଅର୍ଥ ନୁହେଁ ଯେ କମ୍ପାନୀ ପାଖରେ ଅପର୍ଯ୍ୟାପ୍ତ ପୁଞ୍ଜି ଅଛି। ବାସ୍ତବରେ, ସଂଗୃହୀତ ହେବାକୁ ଥିବା ପୁଞ୍ଜିର ପରିମାଣ ସ୍ଥିର କରିବା ସମୟରେ ଆଶା କରାଯାଉଥିବା ଉପାର୍ଜନର ଅବ-ଆକଳନ କରିବା କିମ୍ବା ସେହି ଉଦ୍ଦେଶ୍ୟ ନିମନ୍ତେ ନିମ୍ନ ପୁଞ୍ଜିକରଣ ହାରର ପ୍ରୟୋଗ କରିବା କିମ୍ବା ଏକ ରକ୍ଷଣଶୀଳ ଲାଭାଂଶ ନୀତିର ଅନୁସରଣ କରିବାର ଫଳ ସ୍ୱରୂପ ଏହିଭଳି ଏକ ସ୍ଥିତି ଉପୁଜିପାରେ। ଅବଶ୍ୟ, ଉପାର୍ଜନରେ ଉନ୍ନତି (ବୃଦ୍ଧି) ପରିବ୍ୟୟ ହ୍ରାସ ଜନିତ ପ୍ରଚେଷ୍ଟା କିମ୍ବା ଉଚ୍ଚ ଦକ୍ଷତାର ପରିଣାମ (ଫଳ) ମଧ୍ୟ ହୋଇପାରେ। ଅତଃ, ଅବ-ପୁଞ୍ଜିକରଣ ଏକ ସୁସ୍ଥ ଆର୍ଥିକ ସ୍ଥିତିର ସୂଚକ ଅଟେ ଏବଂ ଏହା ଦ୍ୱାରା କମ୍ପାନୀର ଅଂଶ ଗୁଡ଼ିକର ବଜାର ମୂଲ୍ୟରେ ବୃଦ୍ଧି ଘଟିଥାଏ। ତେବେ, ଏହା ପ୍ରତିଦ୍ୱନ୍ଦ୍ୱିତାକୁ ଖୋରାକ ଯୋଗାଇଥାଏ ଯେହେତୁ ଉଚ୍ଚ ପ୍ରତିଫଳ ହାର ନୂତନ ଆଗନ୍ତୁକଙ୍କୁ ଏହି କ୍ଷେତ୍ର ଆଡ଼କୁ ଆକର୍ଷିତ କରିପାରେ। କମ୍ପାନୀର କର୍ମଚାରୀମାନେ ଅଧିକ ମଜୁରୀ ଓ ଅନ୍ୟ ସୁବିଧାମାନ ଦାବୀ କରିପାରନ୍ତି। ଯେତେବେଳେ କମ୍ପାନୀ ଅଧିକ ଲାଭୋପାର୍ଜନ କରେ, ଗ୍ରାହକମାନେ ଏହା ଅନୁଭବ କରି ପାରନ୍ତି ଯେ କମ୍ପାନୀ ତା'ର ଦ୍ରବ୍ୟ ପାଇଁ ସେମାନଙ୍କଠାରୁ ଉଚିତ ମୂଲ୍ୟଠାରୁ ଅଧିକ ମୂଲ୍ୟ ଅସୁଲ କରୁଛି। ତେଣୁ ଏଭଳି ସ୍ଥିତିରେ ସୁଧାର ମୂଳକ ପଦକ୍ଷେପମାନେ ଗ୍ରହଣ କରିବା ଉତ୍ତମ ହୋଇଥାଏ ଯେପରିକି ଲାଭର ପୁଞ୍ଜିକରଣ (ବୋନସ୍ ଅଂଶର ନିର୍ଗମନ ଦ୍ୱାରା) କିମ୍ବା ଅଂଶଗୁଡ଼ିକର ବିଭାଜନ (ଯଥା, ଟ. ୧୦ର ଏକ ଅଂଶକୁ ପାଞ୍ଚଟି ୨ଟଙ୍କିଆ ଅଂଶରେ ବିଭକ୍ତ କରାଯାଇପାରେ)। ଯଦିଓ ଅବ-ପୁଞ୍ଜିକରଣକୁ ଅଧି-ପୁଞ୍ଜିକରଣ ତୁଳନାରେ ଅପେକ୍ଷାକୃତ କମ୍ ହାନିପ୍ରଦ ଭାବେ ବିବେଚନା କରାଯାଏ (ଯେହେତୁ ଏହି ସ୍ଥିତିର ପ୍ରତିକାର ଅପେକ୍ଷାକୃତ ଶୀଘ୍ର କରାଯାଇପାରେ), ତଥାପି ଉଚିତ ବା ସମୁଚିତ ପୁଞ୍ଜିକରଣର ସୁନିଶ୍ଚିତ କରାଇବା ଶ୍ରେୟସ୍କର ଅଟେ।

ଅବ-ପୁଞ୍ଜିକରଣର ପ୍ରଭାବ	ଅବ-ପୁଞ୍ଜିକରଣ ସମସ୍ୟାର ପ୍ରତିକାର
• ଆୟର ବୃଦ୍ଧି କାରଣରୁ ଅଂଶ ଗୁଡ଼ିକର ବଜାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥାଏ।	• ବୋନସ୍ ଅଂଶର ନିର୍ଗମନ
• କର୍ମଚାରୀମାନେ ଅଧିକ ମଜୁରୀ ଦାବୀ କରିପାରନ୍ତି।	• ଅଂଶଗୁଡ଼ିକର ବିଭାଜନ
• ଉପାର୍ଜନର ଉଚ୍ଚ ହାର ବାହାର ଉଦ୍ୟୋକ୍ତାମାନଙ୍କୁ ସମାନ ଧରଣର ବ୍ୟବସାୟ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିପାରେ ଏବଂ ସେଥିପାଇଁ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଥାଏ।	• ଉଚ୍ଚ ଉପାର୍ଜନ ପ୍ରତିଦ୍ୱନ୍ଦ୍ୱିତାକୁ ଆକର୍ଷିତ କରେ ଯାହାଦ୍ୱାରା ଶେଷରେ ଉପାର୍ଜନ ହ୍ରାସ ପାଏ। ତେଣୁ ବଜାର ଶକ୍ତି ମଧ୍ୟ ସ୍ୱତଃ ଅବ-ପୁଞ୍ଜିକରଣର ସ୍ଥିତିରେ ସୁଧାର ଆଣିଥାଏ।

ପାଠ୍ୟଗତ ପ୍ରଶ୍ନ ୧୭ ଗ

୧. ‘ପୁଞ୍ଜିକରଣ’ ଶବ୍ଦର ଅର୍ଥ କ’ଣ ?

____

____

୨. ନିମ୍ନଲିଖିତ ଉକ୍ତି ଗୁଡ଼ିକ ଯଦି ଭୁଲ୍ ଥାଏ ତେବେ ତା’କୁ ସଂଶୋଧନ କରି ଲେଖ :

(କ) ଅବ-ପୁଞ୍ଜିକରଣ ଯୋଗୁଁ ବଜାରରେ କମ୍ପାନୀର ସମତା ଅଂଶ ଗୁଡ଼ିକର ମୂଲ୍ୟରେ ବୃଦ୍ଧି ଘଟିଥାଏ।

____

(ଖ) ପୁଞ୍ଜିକରଣର ହାରର ଅବ-ଆକଳନ କାରଣରୁ ଅଧି-ପୁଞ୍ଜିକରଣର ସ୍ଥିତି ଉପୁଜି ପାରେ।

____

(ଗ) ଅବ-ପୁଞ୍ଜିକରଣ କହିଲେ ସେହି ସ୍ଥିତିକୁ ବୁଝାଏ ଯେତେବେଳେ ପ୍ରକୃତ ଉପାର୍ଜନ ହାର ସାଧାରଣ ପ୍ରତିଫଳହାର ଅପେକ୍ଷା କମ୍ ହୋଇଥାଏ।

(ଘ) ଅଧି-ପୁଞ୍ଜିକରଣ ସେହି ସ୍ଥିତିକୁ କୁହାଯାଏ ଯେତେବେଳେ ଗୋଟିଏ କମ୍ପାନୀରେ ବିନିଯୁକ୍ତ ପୁଞ୍ଜିର ପରିମାଣ ତା’ର ଉପାର୍ଜନ ଅନୁପାତରେ ନ୍ୟାୟୋଚିତ ପରିମାଣ ଅପେକ୍ଷା ଅଧିକ ହୋଇଥାଏ।

(ଙ) ଅଧି-ପୁଞ୍ଜିକରଣ ଅବ-ପୁଞ୍ଜିକରଣ ଅପେକ୍ଷା କମ୍ କ୍ଷତିକାରକ ଅଟେ।

____

୩. ଏ.ବି. ଲିମିଟେଡ୍‌ର ମାର୍ଚ୍ଚ ୩୧, ୨୦୦୮ର ଉଦ୍‌ବୃତ୍ତ ପତ୍ର ନିମ୍ନ ପ୍ରକାର ଅଟେ :

ଦାୟ	ଟ.	ପରିସମ୍ପତ୍ତି	ଟ.
ଅଂଶ ପୁଞ୍ଜି		ସ୍ଥାୟୀ ପରିସମ୍ପତ୍ତି	୧,୦୦,୦୦୦
୬,୦୦୦ ସମତା ଅଂଶ,	୬୦,୦୦୦	ଚଳନ୍ତି ପରିସମ୍ପତ୍ତି	୮୦,୦୦୦
ପ୍ରତ୍ୟେକ ଟ.୧୦ ର			
ସଞ୍ଚିତି ଓ ଅଧିବଳକା	୪୦,୦୦୦		
୮% ଋଣପତ୍ର	୫୦,୦୦୦		
ଚଳନ୍ତି ଦାୟ	୩୦,୦୦୦		
	୧,୮୦,୦୦୦		୧,୮୦,୦୦୦

୨୦୦୭-୦୮ ବର୍ଷ ପାଇଁ କମ୍ପାନୀର ଉପାର୍ଜନ ଟ.୧୮,୦୦୦ ଥିଲା ଯେତେବେଳେ କି ସାଦୃଶ୍ୟ କମ୍ପାନୀ ଗୁଡ଼ିକରେ ବିନିଯୁକ୍ତ ପୁଞ୍ଜି ଉପରେ ସାଧାରଣ ଉପାର୍ଜନ ହାର ୧୫% ଥିଲା ।

ହିସାବ କର :

(କ) ଏହାର ସମୁଚିତ ଏବଂ ଉପଯୁକ୍ତ ପୁଞ୍ଜିକରଣ ଯାହା କମ୍ପାନୀର ଉପାର୍ଜନ ଅନୁପାତରେ ନ୍ୟାୟୋଚିତ ଅଟେ, ଏବଂ (ଖ) ଏହା ଅଧି-ପୁଞ୍ଜିକୃତ କିମ୍ବା ଅବ-ପୁଞ୍ଜିକୃତ ହୋଇଛି ତାହା ଉଲ୍ଲେଖ କର ।

୧୭.୪ ପୁଞ୍ଜି ସଂରଚନା

ଗୋଟିଏ ପ୍ରତିଷ୍ଠାନ ବା ଫାର୍ମର ଆର୍ଥିକ ବା ବିତ୍ତୀୟ ଆବଶ୍ୟକତା ମାଲିକାନାସ୍ୱତ୍ୱ ପୁଞ୍ଜି ଏବଂ / କିମ୍ବା ଋଣକୃତ ପୁଞ୍ଜି ଜରିଆରେ ପୂରଣ କରାଯାଇପାରେ । ମାଲିକାନାସ୍ୱତ୍ୱ ପୁଞ୍ଜି କହିଲେ ମାଲିକମାନଙ୍କ ଦ୍ୱାରା ଅଭିଦତ୍ତ (ପ୍ରଦତ୍ତ) ପୁଞ୍ଜିର ପରିମାଣକୁ ବୁଝାଇଥାଏ । ଏକ କମ୍ପାନୀ କ୍ଷେତ୍ରରେ, ଏହାର ଅର୍ଥ ହେଲା ଅଂଶ ଗୁଡ଼ିକର ନିର୍ଗମନ ଦ୍ୱାରା ସଂଗୃହୀତ ପାଣ୍ଠିର ପରିମାଣ । ମାଲିକାନାସ୍ୱତ୍ୱ ପୁଞ୍ଜିର ମୁଖ୍ୟ ବୈଶିଷ୍ଟ୍ୟ ହେଲା ଯେ ଏହାର ଅଭିଦାନ (ପ୍ରଦାନ)କାରୀମାନେ କମ୍ପାନୀର ଉପାର୍ଜନରୁ ସୁଧ ଓ କର ପୈଠ କରାଯିବା ପରେ ଲାଭାଂଶ ପାଇବାକୁ ହକ୍‌ଦାର ଅଟନ୍ତି । ଅତଃ, ଏହି ପୁଞ୍ଜି ଉପରେ ପ୍ରତିଫଳର ହାର ଉପାର୍ଜିତ ଲାଭର ସ୍ତର ଉପରେ ନିର୍ଭର କରେ ଏବଂ ଯଦି ଲାଭୋପାର୍ଜିତ ହୋଇ ନଥାଏ, ତେବେ ଲାଭାଂଶର ପୈଠ କରା ନ ଯାଇପାରେ ।

ଅନ୍ୟପକ୍ଷରେ, ଋଣକୃତ ପୁଞ୍ଜି କହିଲେ ଦୀର୍ଘ-ମିଆଦୀ ଋଣ ଏବଂ ଋଣପତ୍ର ଜରିଆରେ ସଂଗୃହୀତ ପାଣ୍ଠିର ମୋଟ ପରିମାଣକୁ ବୁଝାଇଥାଏ ଯାହା ଉପରେ ତା'ର ଅଭିଦାନକାରୀମାନେ ଉପାର୍ଜିତ ଲାଭର ପରିମାଣ ନିର୍ବିଶେଷରେ ନିୟମିତ ବ୍ୟବଧାନ (ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ)ରେ ଏକ ସ୍ଥାୟୀ ହାରରେ ସୁଧ ପାଇବାକୁ ହକ୍‌ଦାର ଅଟନ୍ତି । ଆହୁରି ମଧ୍ୟ ଏଠାରେ ପରିପକ୍ୱତା ତାରିଖରେ ମୂଳଧନ ରାଶି ଫେରସ୍ତ କରି

ଦେବାର ବଚନବଦ୍ଧତା ରହିଥାଏ । ତେବେ ତଥାପି ଋଣକୃତ ପୁଞ୍ଜି ଜରିଆରେ ବ୍ୟାବସାୟିକ କାର୍ଯ୍ୟକଳାପର ବିତ୍ତାୟନକୁ ଲାଭପ୍ରଦ ଭାବେ ବିବେଚନା କରାଯାଏ, କାରଣ ଯଦି ଯୋଜନାବଦ୍ଧ ବ୍ୟାବସାୟିକ ନିବେଶରୁ ଆଶା କରାଯାଉଥିବା ଉପାର୍ଜନର ହାର ଋଣକୃତ ପାଣ୍ଠି ଉପରେ ପ୍ରଦତ୍ତ ସୁଧର ହାର ଅପେକ୍ଷା ଉତ୍ତମ (ଅଧିକ) ଥାଏ, ତେବେ ଏହା ମାଲିକଙ୍କ ପାଣ୍ଠି ଉପରେ ଉଚ୍ଚ ପ୍ରତିଫଳ (ଲାଭ)ର ସୁନିଶ୍ଚିତ କରାଇଥାଏ । ଆସ, ଆମେ ଏକ ଉଦାହରଣ ନେଇ ଏହି ଅବଧାରଣାକୁ ପ୍ରାଞ୍ଜଳ ଭାବେ ବୁଝିବା ।

ପୁଞ୍ଜି ସଂରଚନ

	ଉଦାହରଣ- 'କ' ମୋଟ ପୁଞ୍ଜି ଟ. ୫୦ ଲକ୍ଷ (ମାଲିକଙ୍କ ପାଣ୍ଠି ୨୦ ଲକ୍ଷ ଟଙ୍କା + ଋଣକୃତ ପାଣ୍ଠି ୩୦ ଲକ୍ଷ ଟଙ୍କା)	ଉଦାହରଣ- 'ଖ' ମୋଟ ପୁଞ୍ଜି ଟ. ୫୦ ଲକ୍ଷ (ମାଲିକଙ୍କ ପାଣ୍ଠି ୫୦ ଲକ୍ଷ ଟଙ୍କା + ଋଣକୃତ ପାଣ୍ଠି ନାହିଁ)
ସୁଧ ଓ କର ପୈଠ ପୂର୍ବରୁ ଉପାର୍ଜନ (EBIT)	10,00,000	10,00,000
ବିଯୁକ୍ତ : ସୁଧ (ଋଣକୃତ ପାଣ୍ଠି ଉପରେ ୧୦% ହାରରେ)	3,00,000	--
ଲାଭ /ଉପାର୍ଜନ, ସୁଧ ପ୍ରଦାନ ପରେ କିନ୍ତୁ କର ଦେବା ପୂର୍ବରୁ	7,00,000	10,00,000
ବିଯୁକ୍ତ : କର (ଲାଭ ଉପରେ ୪୦% ହାରରେ)	2,80,000	4,00,000
କର ପୈଠ ପରେ ଲାଭ (PAT)	4,20,000	6,00,000
ମାଲିକଙ୍କ ପାଣ୍ଠି ଉପରେ ପ୍ରତିଫଳ $\left(\frac{\text{କର ପୈଠ ପରେ ଲାଭ (PAT)}}{\text{ମାଲିକଙ୍କ ପାଣ୍ଠି}}\times 100\right)$	$\frac{4,20,000}{20,00,000}\times 100 = 21\%$	$\frac{6,00,000}{50,00,000}\times 100 = 12\%$

ମନେକର, ବ୍ୟାବସାୟରେ ମୋଟ ନିବେଶର ପରିମାଣ ୫୦ ଲକ୍ଷ ଟଙ୍କା ଯେଉଁଥିରେ ମାଲିକଙ୍କର ଅଭିଦାନ ୨୦ ଲକ୍ଷ ଟଙ୍କା ଏବଂ ଅବଶିଷ୍ଟ ୩୦ ଲକ୍ଷ ଟଙ୍କାର ରାଶି ଋଣ ଜରିଆରେ ସଂଗୃହୀତ ହୋଇଛି ଯାହା ଉପରେ ବାର୍ଷିକ ସୁଧର ହାର ୧୦% ଅଟେ । ସୁଧ ଓ କର ପ୍ରଦାନ ପୂର୍ବରୁ ଆଶା କରାଯାଉଥିବା ବାର୍ଷିକ ଉପାର୍ଜନକୁ ୧୦ ଲକ୍ଷ ଟଙ୍କା (ମୋଟ ନିବେଶ ଉପରେ ୨୦%) ସ୍ୱୀକାର କରି ସୁଧ ପ୍ରଦାନ ପରେ କିନ୍ତୁ କର ପୈଠ ପୂର୍ବରୁ ଲାଭ ଟ.୭ ଲକ୍ଷ (ଟ. ୧୦ଲକ୍ଷ- ଟ.୩ ଲକ୍ଷ) ହେବ । ପୁଣି ମନେକର ଲାଭ ଉପରେ ୪୦% ହାରରେ କର ଦେୟ ଅଟେ, ତେବେ କର ପୈଠ ପରେ ଲାଭ ଟ.୪.୨୦ଲକ୍ଷ (ଟ. ୭ଲକ୍ଷ - କର ଟ.୨.୮୦ଲକ୍ଷ) ହେବ ଏବଂ ମାଲିକଙ୍କ ପାଣ୍ଠି ଉପରେ ପ୍ରତିଫଳର ହାର ୨୧% ହେବ । ବର୍ତ୍ତମାନ, ମନେକର ଆବଶ୍ୟକ ନିବେଶ ଟ.୫୦ ଲକ୍ଷର ମୋଟ ରାଶି ମାଲିକଙ୍କ ଦ୍ୱାରା ଅଭିଦତ୍ତ ହୋଇଛି ଏବଂ କୌଣସି ଋଣ ନିଆ ଯାଇନାହିଁ । ଯେହେତୁ କୌଣସି ସୁଧ ଦେୟ ନାହିଁ, କରର ପରିମାଣ ହେବ ଟ. ୪ଲକ୍ଷ (ଟ. ୧୦ଲକ୍ଷ ଉପରେ ୪୦%) ଏବଂ କର ପୈଠ ପରେ ଲାଭ ହେବ ଟ. ୬ଲକ୍ଷ (ଟ. ୧୦ଲକ୍ଷ – କର ଟ.୪ ଲକ୍ଷ) । ଏହାର ଫଳସ୍ୱରୂପ,

ମାଲିକଙ୍କ ପାଣ୍ଠି ଉପରେ ପ୍ରତିଫଳର ହାର ହେବ ୧୨% । ଅତଃ, ତୁମେ ଲକ୍ଷ୍ୟ କରିପାରିବ ଯେ ମାଲିକମାନେ ଉଚ୍ଚ ହାରରେ ପ୍ରତିଫଳ ସେତେବେଳେ ପାଇଥାନ୍ତି ଯେତେବେଳେ ଆବଶ୍ୟକୀୟ ପୁଞ୍ଜିର କିଛି ଭାଗ ଋଣ ଦ୍ୱାରା ବିତ୍ତୟନ ହୋଇଥାଏ । ଏହାକୁ 'ସମତା ଉପରେ ବ୍ୟାପାର' (Trading on Equity) ବା 'ଉତ୍ତୋଳକ ପ୍ରଭାବ' (Leverage Effect) କୁହାଯାଏ। କିନ୍ତୁ ଋଣକୃତ ପାଣ୍ଠି ବ୍ୟବହାର କରିବାରେ ଆଶଙ୍କାର ଏକ ଉପାଦାନ ମଧ୍ୟ ଜଡ଼ିତ ଥାଏ କାରଣ ଯେତେବେଳେ ଲାଭ ହ୍ରାସ ପାଏ ସେତେବେଳେ, ସୁଧର ପରିମାଣ ଏକ ସ୍ଥିର ପ୍ରଭାର ହୋଇଥିବା କାରଣରୁ, ମାଲିକଙ୍କ ପାଣ୍ଠି ଉପରେ ପ୍ରତିଫଳର ହାର ହ୍ରାସ ପାଇଥାଏ। ଏଥିରୁ ଏହା ସୂଚିତ ହୋଇଥାଏ ଯେ ଋଣ ଉପରେ ନିର୍ଭରଶୀଳତାକୁ ଏକ ଯୁକ୍ତିସଙ୍ଗତ ସୀମା ମଧ୍ୟରେ ରଖିବା ଉଚିତ୍। ସେଥିପାଇଁ ଅଧିକାଂଶ କମ୍ପାନୀ ସାଧାରଣତଃ ମାଲିକାନାସ୍ୱତ୍ୱ ପୁଞ୍ଜି (ବା ସମତା) ଏବଂ ଋଣକୃତ ପୁଞ୍ଜି (ବା ଋଣ)ର ଏକ ସୁବିଚାର ପୂର୍ଣ୍ଣ ମିଶ୍ରଣର ସଂଗ୍ରହ ନିମନ୍ତେ ଯୋଜନା କରିଥାନ୍ତି। କୌଣସି ଏକ କମ୍ପାନୀ ଦ୍ୱାରା ତା'ର ପୁଞ୍ଜିର ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟବହୃତ ସମତା ଓ ଋଣର ପ୍ରକୃତ ମିଶ୍ରଣକୁ ତା'ର ପୁଞ୍ଜି ସଂରଚନା କୁହାଯାଏ। ଅତଃ, ପୁଞ୍ଜି ସଂରଚନା ଶବ୍ଦର ଅର୍ଥ ହେଲା ବିଭିନ୍ନ ପ୍ରକାର ଦୀର୍ଘ-ମିଆଦୀ ପାଣ୍ଠି ଯଥା ସମତା ଅଂଶ, ଅଗ୍ରାଧିକାର ଯୁକ୍ତ ଅଂଶ, ଋଣ ପତ୍ର ଏବଂ ଦୀର୍ଘ-ମିଆଦୀ ଋଣ ସମୂହର ଯୋଜନାବଦ୍ଧ ମିଶ୍ରଣ ରୂପରେ କୌଣସି ଏକ ପ୍ରତିଷ୍ଠାନ ବା ଫାର୍ମର ପୁଞ୍ଜିର ଗଠନ ବିନ୍ୟାସ। ତେଣୁ ପୁଞ୍ଜି ସଂରଚନାରେ ନିମ୍ନଲିଖିତ ଦୁଇଟି ଆଧାରଭୂତ ନିଷ୍ପତ୍ତି ସଂଶ୍ଳିଷ୍ଟ ଥାଏ:

(କ) ନିର୍ଗମିତ ବା ସଂଗୃହୀତ ହେବାକୁ ଥିବା ପ୍ରତିଭୂତିର ପ୍ରକାର; ଏବଂ

(ଖ) ପ୍ରତ୍ୟେକ ପ୍ରକାର ପ୍ରତିଭୂତିର ଆପେକ୍ଷିକ ଅନୁପାତ।

୧୭.୪.୧ ପୁଞ୍ଜି ସଂରଚନା ନିର୍ଦ୍ଧାରଣ କରିବାର କାରକ ସମୂହ

ତୁମେ ଜାଣିଛ ଯେ ଏକ କମ୍ପାନୀର ପୁଞ୍ଜିର ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବହୃତ ଋଣ ଓ ସମତାର ମିଶ୍ରଣ (ଯାହାକୁ ପୁଞ୍ଜି ସଂରଚନା କୁହାଯାଏ) ମାଲିକଙ୍କ ପୁଞ୍ଜି (ଯାହାକୁ ଅଂଶଧାରୀଙ୍କ ପାଣ୍ଠି) ଉପରେ ପ୍ରତିଫଳର ହାରକୁ ପ୍ରଭାବିତ କରେ। ପ୍ରତିବଦଳରେ ଏହା ସମତା ଅଂଶ ପ୍ରତି ଉପାର୍ଜନ (EPS) ନିର୍ଦ୍ଧାରଣ କରେ ଏବଂ କମ୍ପାନୀର ଅଂଶ ଗୁଡ଼ିକର ବଜାର ମୂଲ୍ୟକୁ ପ୍ରଭାବିତ କରେ।

ଅତଃ, ଏକ ଉପଯୁକ୍ତ ପୁଞ୍ଜି ସଂରଚନାର ଚୟନ କରିବା ହେଉଛି କୌଣସି ଏକ କମ୍ପାନୀର ବିତ୍ତୀୟ ପରିଚାଳକଙ୍କ ପାଇଁ ଏକ ଅତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ସେ ନିର୍ଭରଯୋଗ୍ୟ ତଥ୍ୟର ଆଧାରରେ ଏବଂ ଏହି ଚୟନକୁ ପ୍ରଭାବିତ କରୁଥିବା ସମସ୍ତ କାରକର ସଯତ୍ନ ବିଶ୍ଳେଷଣ ପରେ ଏହି ନିଷ୍ପତ୍ତି ନେବା ଉଚିତ। ଏକ ଉପଯୁକ୍ତ ପୁଞ୍ଜି ସଂରଚନାର ଚୟନ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ନିମ୍ନଲିଖିତ କାରକଗୁଡ଼ିକୁ ଧ୍ୟାନରେ ରଖିବା ଉଚିତ୍।

୧. ଆଶା କରାଯାଉଥିବା (ସମ୍ଭାବ୍ୟ) ଉପାର୍ଜନ ଓ ଏହାର ସ୍ଥିରତା :

ଯଦି ଆଶା କରାଯାଉଥିବା (ସମ୍ଭାବ୍ୟ) ଉପାର୍ଜନ ବିନିଯୁକ୍ତ ହେବାକୁ ଥିବା ରାଶି ଉପରେ ପ୍ରତିଫଳର ହାର ରୂପରେ ଯଥେଷ୍ଟ ଅଧିକ ହୋଇଥାଏ, ତେବେ ଋଣର ବ୍ୟବହାରକୁ ସମ୍ପୂର୍ଣ୍ଣ ସ୍ପୃହଣୀୟ ବୋଲି ବିବେଚନା କରାଯାଏ। କେବଳ ସେତିକି ନୁହେଁ, ଉପାର୍ଜନର ସ୍ଥିରତାକୁ ମଧ୍ୟ ହିସାବକୁ ନେବା ଉଚିତ୍, କାରଣ ଯଦି ପ୍ରତିଷ୍ଠାନ ବା ଫାର୍ମ ଏପରି ବ୍ୟାବସାୟିକ କାର୍ଯ୍ୟରେ ନିମଗ୍ନ ଥାଏ ଯେଉଁଥିରେ ବିକ୍ରୟ ଓ ଲାଭରେ ଅଧିକ ଅସ୍ଥିରତା ଥାଏ, ତେବେ ଋଣର ଅଧିକ ମାତ୍ରାରେ ବ୍ୟବହାର ଆଶଙ୍କା

(ବିପଦ) ପୂର୍ଣ୍ଣ ହେବ । ଅନ୍ୟ ଶବ୍ଦରେ କହିଲେ, ଯଦି ସମ୍ଭାବ୍ୟ ଉପାର୍ଜନ ସମ୍ବନ୍ଧରେ ଅନିଶ୍ଚିତତାର କୌଣସି ଉପାଦାନ ଥାଏ, ତେବେ ସମତା ଅଂଶ ପୁଞ୍ଜି ଉପରେ ଅଧିକ ନିର୍ଭର କରିବା ଭଲ ବୋଲି ବିବେଚନା କରାଯାଏ । ତଥାପି ଉପାର୍ଜନ ବୃଦ୍ଧି ପ୍ରାପ୍ତ ହେବାର ସମ୍ଭାବନା ସୁନିଶ୍ଚିତ ହେବା ସହିତ ଉତ୍ତୋଳକ ପ୍ରଭାବର ସୁବିଧା ନେବା ପାଇଁ ଋଣ ଉପରେ ନିର୍ଭରଶୀଳତା ଅଧିକ ହେବା ଉଚିତ୍ ।

୨. **ଋଣର ପରିବ୍ୟୟ :** ଯଦି କରଜ (ଋଣ) ଉପରେ ସୁଧର ହାର ବିନିଯୁକ୍ତ ପୁଞ୍ଜି ଉପରେ ସମ୍ଭାବ୍ୟ ପ୍ରତିଫଳର ହାର ଅପେକ୍ଷା କମ୍ ଥାଏ, ତେବେ ଋଣକୁ ଅଗ୍ରାଧିକାର ଦିଆଯାଇପାରେ । ପୂର୍ବେ ବୁଝାଇ ଦିଆଯାଇଥିବା ପରି ଯଦି ଋଣ-ବିତ୍ତାୟନର ପରିବ୍ୟୟ କମ୍ ହୁଏ, ତେବେ ବିତ୍ତାୟନର ମୋଟ ପରିବ୍ୟୟ ହ୍ରାସ ପାଏ ଏବଂ ସମତା ପୁଞ୍ଜି ଉପରେ ପ୍ରତିଫଳର ହାର ବୃଦ୍ଧି ପାଏ ।

୩. **ବ୍ୟବସାୟ ପରିଚାଳନା କରିବାର ଅଧିକାର :** ତୁମେ ଜାଣ ଯେ ଋଣ ପତ୍ରଧାରୀ ଏବଂ ଅଗ୍ରାଧିକାରଯୁକ୍ତ ଅଂଶଧାରୀ ମାନଙ୍କର କମ୍ପାନୀର ପରିଚାଳନାରେ ଭାଗ ନେବାର ଅଧିକାର ନାହିଁ । ଏହି କ୍ଷମତା (କର୍ତ୍ତୃତ୍ୱ) ମୂଳତଃ ସମତା ଅଂଶଧାରୀଙ୍କ ପାଖରେ ଥାଏ ଯେଉଁମାନଙ୍କର ମତଦାନ ଅଧିକାର ଅଛି । ଅତଃ, ସମତା ଓ ଋଣର ମିଶ୍ରଣ ଉପରେ ନିଷ୍ପତ୍ତି ନେଲାବେଳେ, କମ୍ପାନୀର ଉଦ୍ୟୋକ୍ତା / ବିଦ୍ୟମାନ ପରିଚାଳନା ମଣ୍ଡଳୀ ଏହି କଥା ମଧ୍ୟ ବିଚାରକୁ ନେଇ ପାରନ୍ତି ଯେ ସମତା ଅଂଶ ଜରିଆରେ ପାଣ୍ଠି ସଂଗ୍ରହ କରିବା ଯୋଗୁ ବ୍ୟବସାୟର ନିୟନ୍ତ୍ରଣ କରିବାର ଅଧିକାର ଉପରେ କ'ଣ ସମ୍ଭାବ୍ୟ ପ୍ରଭାବ ପଡ଼ିପାରେ । କମ୍ପାନୀର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାର ସେମାନଙ୍କର ଅଧିକାରକୁ ବଜାୟ ରଖିବା ପାଇଁ ସେମାନେ ମୁଖ୍ୟତଃ ଋଣ ପତ୍ର ଓ ଅଗ୍ରାଧିକାରଯୁକ୍ତ ଅଂଶ ମାଧ୍ୟମରେ ଅତିରିକ୍ତ ପାଣ୍ଠି ସଂଗ୍ରହ କରିବାକୁ ପସନ୍ଦ କରି ପାରନ୍ତି ।

୪. **ପୁଞ୍ଜି ବଜାର ଅବସ୍ଥା :** ପୁଞ୍ଜି ବଜାରର ଅବସ୍ଥା ମଧ୍ୟ ପୁଞ୍ଜି ସଂରଚନା ନିଷ୍ପତ୍ତିକୁ ପ୍ରଭାବିତ କରେ । ବେଳେ ବେଳେ ପୁଞ୍ଜି ବଜାର ଏତେ ମାନ୍ଦା ଥାଏ ଯେ ବିନିଯୋଗକାରୀମାନେ ଅଂଶ ପତ୍ରରେ ଅଭିଦାନ (ପୁଞ୍ଜିନିବେଶ) କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଏହିଭଳି ପରିସ୍ଥିତିରେ ଋଣ ଉପରେ ନିର୍ଭର କରିବା କିମ୍ବା ବଜାର ଅବସ୍ଥାରେ ଅନୁକୂଳତା ଆସିବା ପର୍ଯ୍ୟନ୍ତ ନିଷ୍ପତ୍ତିକୁ ଗଡ଼ାଇଦେବା ଭଲ ବୋଲି ବିବେଚିତ ହୁଏ ।

୫. **ନିୟାମକ ମାନଦଣ୍ଡ** : ପୁଞ୍ଜି ସଂରଚନା ଉପରେ ନିଷ୍ପତ୍ତି ନେଲାବେଳେ ଆଇନଗତ ପ୍ରତିବନ୍ଧକ, ଯଥା ଋଣ-ସମତା ଅନୁପାତର ସୀମାକୁ ମଧ୍ୟ ଧ୍ୟାନରେ ରଖିବା ଉଚିତ୍ । ବର୍ତ୍ତମାନ ସମୟରେ ଅଧିକାଂଶ କ୍ଷେତ୍ରରେ ଏହି ସୀମା ୨:୧ ଅନୁପାତ ଅଟେ । ଏହାର ଅର୍ଥ ହେଲା, କୌଣସି ଏକ ସମୟରେ ଋଣର ପରିମାଣ ଅଂଶ ପୁଞ୍ଜିର ପରିମାଣର ଦୁଇ ଗୁଣରୁ ଅଧିକ ହେବା ଅନୁଚିତ । ଏହି ସୀମା ପରିବର୍ତ୍ତିତ ଅର୍ଥନୈତିକ ପରିବେଶ ସହିତ ବଦଳି ଚାଲିଥାଏ ଏବଂ ଗୋଟିଏ ଶିଳ୍ପରୁ ଅନ୍ୟ ଶିଳ୍ପକ୍ଷେତ୍ରରେ ବଦଳି ଥାଏ ।

୬. **ନମନୀୟତା :** ଯୋଜନାବଦ୍ଧ ପୁଞ୍ଜି ସଂରଚନା ଏପରି ନମନୀୟ ହେବା ଉଚିତ ଯେପରିକି ଅଧିକ କଠିନତା ବିନା ଅତିରିକ୍ତ ପାଣ୍ଠି ସଂଗ୍ରହ କରାଯାଇପାରିବ । କମ୍ପାନୀ ଋଣ କିମ୍ବା ସମତା ରୂପରେ ଯେତେବେଳେ ଆବଶ୍ୟକ ସେତେବେଳେ ଅତିରିକ୍ତ ପୁଞ୍ଜି ଉଠାଇବାରେ ସକ୍ଷମ ହେବା ଉଚିତ । କିନ୍ତୁ ଯଦି କମ୍ପାନୀର ପୁଞ୍ଜି ସଂରଚନାରେ ଅଧିକ ମାତ୍ରାରେ ଋଣ ଅଛି, ତେବେ ଋଣଦାତାମାନେ କମ୍ପାନୀକୁ ଆଉ ଅଧିକ ଋଣ ଦେବାରେ ଅସମର୍ଥ ହୋଇପାରନ୍ତି । ଏହିଭଳି ଏକ ସ୍ଥିତିରେ କମ୍ପାନୀ

କେବଳ ଅଂଶପତ୍ର ଜରିଆରେ ପାଣ୍ଠି ସଂଗ୍ରହ ନିମନ୍ତେ ବାଧ୍ୟ ହୋଇପାରେ ଯେତେବେଳେ କି ପୁଞ୍ଜି ବଜାରର ଅବସ୍ଥା ଏଥିପାଇଁ ଅନୁକୂଳ ନ ଥାଇପାରେ।

ସେହିପରି ଯେତେବେଳେ ବ୍ୟବସାୟର ସ୍ଥିତି ଖରାପ ହେବା କାରଣରୁ ଏବଂ ବିନିଯୋଗର ଅନ୍ୟ ସୁଯୋଗ ନ ଥିବା କାରଣରୁ ପାଣ୍ଠି ଫେରସ୍ତ କରିବା ଆବଶ୍ୟକତା ପଡ଼ିଥାଏ, ସେତେବେଳେ ଏପରି କରିବା ସମ୍ଭବ ହୋଇ ନପାରେ ଯଦି କମ୍ପାନୀ ବହୁତ ଅଧିକ ମାତ୍ରାରେ ସମତା ଅଂଶ ଉପରେ ନିର୍ଭର କରିଥାଏ ଯେଉଁଗୁଡ଼ିକ ସହଜରେ ପରିଶୋଧ କରାଯାଇପାରେ ନାହିଁ। ଅତଃ, ଏହି କାର୍ଯ୍ୟରେ ନମନୀୟତା ସୁନିଶ୍ଚିତ କରିବା ପାଇଁ ଏହା ଉତ୍ତମ ହେବ ଯଦି ଫାର୍ମ / ପ୍ରତିଷ୍ଠାନ ପରିଶୋଧନୀୟ ପ୍ରତିଭୂତି ଉପରେ ଅଧିକ ନିର୍ଭର କରେ ଯାହାର କି ଆବଶ୍ୟକତା ସମୟରେ ପୈଠ କରାଯାଇ ପାରିବ। ଏହା ସହିତ ଏପରି କିଛି ଋଣ ଉଠାଇବା କ୍ଷମତା ସୃଷ୍ଟି ହୁଏ ଯଦ୍ୱାରା କି ଭବିଷ୍ୟତର ଆର୍ଥିକ ଆବଶ୍ୟକତାକୁ ଅଧିକ କଠିନତା ବିନା ପୂରଣ କରାଯାଇପାରିବ।

୭. **ବିନିଯୋଗ ପ୍ରତି ବିନିଯୋଗକାରୀଙ୍କ ମନୋଭାବ :** ଗୋଟିଏ କମ୍ପାନୀର ପୁଞ୍ଜି ସଂରଚନାର ଯୋଜନା କରିବା ସମୟରେ ଏହି କଥା ନିଶ୍ଚିତ ଧ୍ୟାନରେ ରଖିବା ଉଚିତ୍ ଯେ ସବୁ ବିନିଯୋଗକାରୀଙ୍କର ସେମାନଙ୍କର ବିନିଯୋଗ ପ୍ରତି ସମାନ ମନୋଭାବ ନଥାଏ। କେତେକ ଅଧିକ ରକ୍ଷଣଶୀଳ ସ୍ୱଭାବର ଯେଉଁମାନେ ପ୍ରତିଫଳର ନିରାପତ୍ତାକୁ ଅଧିକ ପସନ୍ଦ କରିଥାନ୍ତି। ଏହି ବିନିଯୋଗକାରୀଙ୍କ ପାଇଁ ଋଣପତ୍ର ଅଧିକ ଉପଯୁକ୍ତ ବୋଲି ବିବେଚନା କରାଯାଏ। ଅନ୍ୟ ପକ୍ଷରେ, କିଛି ବିନିଯୋଗକାରୀ ଅଛନ୍ତି ଯେଉଁମାନେ ସେମାନଙ୍କର ବିନିଯୋଗ ଉପରେ ଉଚ୍ଚ ପ୍ରତିଫଳ ପାଇବାରେ ଆଗ୍ରହୀ ଥାଆନ୍ତି ଏବଂ ସେମାନେ ତତ୍-ସଂଲଗ୍ନ ଆଶଙ୍କା (ବିପଦ)ର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥାଆନ୍ତି। ଏହି ବିନିଯୋଗକାରୀମାନେ ସମତା ଅଂଶ କ୍ରୟ କରିବାକୁ ଆଗଭର ଥା'ନ୍ତି। ତା'ପରେ ଅଧିକାଂଶ ଏପରି ବିନିଯୋଗକାରୀ ଅଛନ୍ତି ଯେଉଁମାନେ ସୀମିତ ପରିମାଣର ଆଶଙ୍କା ଉଠାଇବାକୁ ଇଚ୍ଛୁକ ଥା'ନ୍ତି ଯଦି ତାଙ୍କର ପ୍ରତିଫଳର ହାର ସୁରକ୍ଷିତ ଋଣ ପତ୍ର ଏବଂ ବଣ୍ଡ୍ ଉପରେ ପ୍ରଦତ୍ତ ପ୍ରତିଫଳର ହାର ଅପେକ୍ଷା ଅଧିକ ହୋଇଥାଏ। ଏହି ବର୍ଗର ବିନିଯୋଗକାରୀଙ୍କ ପାଇଁ ଅଗ୍ରାଧିକାରଯୁକ୍ତ ଅଂଶ ଖୁବ୍ ଉପଯୋଗୀ ହୋଇଥାଏ। ସବୁ ବର୍ଗର ବିନିଯୋଗକାରୀଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରତିଭୂତିର ନିର୍ଗମନକୁ ଅଧିକ ଉପଯୁକ୍ତ ବୋଲି ବିବେଚନା କରାଯାଏ, ସ୍ୱତନ୍ତ୍ର ଭାବେ ଯେତେବେଳେ ପୁଞ୍ଜି ଆବଶ୍ୟକତାର ପରିମାଣ ଅଧିକ ହୋଇଥାଏ।

ଉପରୋକ୍ତ ଆଲୋଚନାକୁ ଧ୍ୟାନରେ ରଖି ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ ଏକ ଉପଯୁକ୍ତ ପୁଞ୍ଜି ସଂରଚନା ତାହାକୁ କହିବା ଯାହା :

(କ) ନିହିତ ଆଶଙ୍କାର ଉଚିତ ସୀମା ମଧ୍ୟରେ ରହି କରି ଉତ୍ତୋଳକ ପ୍ରଭାବ (ଲିଭରେଜ୍ ଇଫେକ୍ଟ) ର ବ୍ୟବହାର କରିବା ପୂର୍ବକ ସମତା ଅଂଶ ଉପରେ ସର୍ବାଧିକ ପ୍ରତିଫଳ (ଆୟ)ର ସୁନିଶ୍ଚିତ କରିଥାଏ;

(ଖ) ବିଭିନ୍ନ ପ୍ରକାର ପ୍ରତିଭୂତିର ଏକ ସୁବିଚାରପୂର୍ଣ୍ଣ ମିଶ୍ରଣର ବ୍ୟବହାର କରି ସବୁ ପ୍ରକାରର ବିନିଯୋଗକାରୀଙ୍କୁ ଆକର୍ଷିତ କରିଥାଏ;

(ଗ) ପରିବର୍ତ୍ତିତ ଅବସ୍ଥାନୁଯାୟୀ ପାଣ୍ଠିରେ ଆବଶ୍ୟକୀୟ ହ୍ରାସ କିମ୍ବା ବୃଦ୍ଧି କରିବା ନିମନ୍ତେ ଆବଶ୍ୟକୀୟ ନମନୀୟତା ଗୁଣସମ୍ପନ୍ନ ହୋଇଥାଏ;



ଟିପ୍ପଣୀ

(ଘ) ବିଦ୍ୟମାନ ଅଂଶଧାରୀମାନଙ୍କର ଗୋଷ୍ଠୀ ଦ୍ୱାରା କମ୍ପାନୀର ମାମଲା ଉପରେ ଥିବା ନିୟନ୍ତ୍ରଣରେ ହ୍ରାସ ଜନିତ ଆଶଙ୍କାକୁ ସର୍ବନିମ୍ନ ସ୍ତରରେ ରଖିଥାଏ; ଏବଂ

(ଙ) ଆଇନଗତ ପ୍ରତିବନ୍ଧକ ଏବଂ ପ୍ରଚଳିତ ପୁଞ୍ଜି ବଜାରର ଅବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୟାନରେ ରଖିଥାଏ। ଉପରୋକ୍ତ ଆଲୋଚନାର ଆଧାରରେ ସଂକ୍ଷେପରେ ଏହା କୁହାଯାଇପାରିବ ଯେ ଏକ ସର୍ବାଧିକ ସୁବିଚାରପୂର୍ଣ୍ଣ ପୁଞ୍ଜି ସଂରଚନା ତାହା ଅଟେ ଯାହା ପାଣ୍ଠିର ପରିବ୍ୟୟକୁ ସର୍ବନିମ୍ନ କରିଥାଏ ଏବଂ ଅଂଶଧାରୀମାନଙ୍କର ସମ୍ପଦକୁ ସର୍ବାଧିକ କରିଥାଏ। ବିତ୍ତୀୟ ପରିଚାଳନାର ଶବ୍ଦାବଳୀରେ ଏହିଭଳି ଏକ ପୁଞ୍ଜି ସଂରଚନାକୁ ଅନୁକୂଳତମ ପୁଞ୍ଜି ସଂରଚନା କୁହାଯାଏ।

ପାଠ୍ୟଗତ ପ୍ରଶ୍ନ ୧୭ ଘ

୧. ତୁମେ ପୁଞ୍ଜି ସଂରଚନାରେ ନମନୀୟତା ଚାହଁ କାହିଁକି ?

____

____

____

୨. ନିମ୍ନଲିଖିତ ଗୁଡ଼ିକରୁ କେଉଁ ଗୁଡ଼ିକ ଏକ ଉପଯୁକ୍ତ ପୁଞ୍ଜି ସଂରଚନାର ବୈଶିଷ୍ଟ୍ୟ ଅଟେ ? ପ୍ରଦତ୍ତ ସ୍ଥାନରେ 'ହଁ' କିମ୍ବା 'ନା' ଲେଖି ସୂଚାଅ। ଯେଉଁଠାରେ ତୁମର ଉତ୍ତର 'ନା' ଅଟେ ସେହି ଉକ୍ତି ଗୁଡ଼ିକୁ ଠିକ୍‌ଭାବେ ଲେଖ।

(କ) ଏହା ବିଭିନ୍ନ ପ୍ରକାର ପ୍ରତିଭୂତିର ଏକ ସୁବିଚାରପୂର୍ଣ୍ଣ ମିଶ୍ରଣ ଅଟେ। (   )

____

(ଖ) ଏହା ଦ୍ୱାରା ବିଦ୍ୟମାନ (ପୁରୁଣା) ଅଂଶଧାରୀମାନଙ୍କର ନିୟନ୍ତ୍ରଣ ହ୍ରାସ ପାଇଥାଏ। (   )

____

(ଗ) ଏହା କେବଳ ଧନବାନ୍ ବିନିଯୋଗକାରୀଙ୍କୁ ଆକର୍ଷିତ କରିଥାଏ। (   )

____

(ଘ) ଏହା ସମତା ଅଂଶ ଉପରେ ସର୍ବନିମ୍ନ ପ୍ରତିଫଳ (ଆୟ) ସୁନିଶ୍ଚିତ କରିଥାଏ। (   )

____

(ଙ) ଏହା ଆଇନ୍‌ଗତ ପ୍ରତିବନ୍ଧକକୁ ଧ୍ୟାନରେ ରଖିଥାଏ।   (   )

____

(ଚ) ଏଥିରେ ଅନମନୀୟତା ଓ ସୁଦୃଢ଼ତା ଥାଏ ଏବଂ ଏହା ପରିବର୍ତ୍ତିତ ଅବସ୍ଥାନୁଯାୟୀ ବଦଳେ ନାହିଁ। (   )

୧୭.୫ ଲାଭାଂଶ

ତୁମେ ଜାଣ ଯେ ପ୍ରତ୍ୟେକ ବ୍ୟାବସାୟିକ ଏକକ ଦ୍ୱାରା ଏକ ଆର୍ଥିକ ବର୍ଷ ମଧ୍ୟରେ ଉପାର୍ଜିତ ଲାଭ (କିମ୍ବା ସଂଘଟିତ କ୍ଷତି)ର ପରିମାଣ ନିର୍ଦ୍ଧାରଣ କରାଯାଏ ଏବଂ ଏହାର ମାଲିକଙ୍କ ମଧ୍ୟରେ ବଣ୍ଟନ କରାଯାଏ।



ଏକକ ସ୍ୱତ୍ୱାଧିକାରୀ ବ୍ୟବସାୟ କ୍ଷେତ୍ରରେ ଏହି ନିର୍ଦ୍ଧାରିତ ଲାଭ ବା କ୍ଷତିର ସମୁଦାୟ ରାଶି ତାଙ୍କର (ସ୍ୱତ୍ୱାଧିକାରୀଙ୍କର) ପୁଞ୍ଜିର ଯୋଗ କରିଦିଆଯାଏ ଏବଂ ଯାହା କିଛି ରାଶି ତାଙ୍କ ଦ୍ୱାରା ଉଠା ଯାଇଥାଏ ତାହାକୁ ଉଠାଣ କୁହାଯାଏ ତଥା ତାଙ୍କ ପୁଞ୍ଜିରୁ ବିୟୋଗ କରି ଦିଆଯାଏ। ସେହିପରି ଭାଗଦାରୀ ପ୍ରତିଷ୍ଠାନ ବା ଫାର୍ମ କ୍ଷେତ୍ରରେ ଲାଭ କିମ୍ବା କ୍ଷତି ଭାଗୀଦାରମାନଙ୍କ ମଧ୍ୟରେ ସେମାନଙ୍କର ସହମତ ଲାଭ-ଆବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ ଏବଂ ସେମାନଙ୍କର ପୁଞ୍ଜିରେ ଅନ୍ତର୍ଭୁକ୍ତ କରିଦିଆଯାଏ। ଯାହା କିଛି ରାଶି ଭାଗୀଦାରଙ୍କ ଦ୍ୱାରା ଉଠାଯାଇଥାଏ ତାହାକୁ ସମ୍ପୃକ୍ତ ଭାଗୀଦାରଙ୍କ ପୁଞ୍ଜିରୁ ଉଠାଣ ରୂପରେ ବିୟୋଗ କରିଦିଆଯାଏ। ତେବେ ଏକ କମ୍ପାନୀ କ୍ଷେତ୍ରରେ ଏଥିପାଇଁ ଏକ ଭିନ୍ନ ପ୍ରଣାଳୀ ଅବଲମ୍ବନ କରାଯାଇଥାଏ। ସର୍ବପ୍ରଥମେ ଆମେ ସଂଚାଳନ ଲାଭ (ସୁଧ ଓ କର ପୂର୍ବର ଲାଭ, ଯାହାକୁ PBIT କୁହାଯାଏ) ବାହାର କରୁ। ତା'ପରେ ସେଥିରୁ ଋଣ ଉପରେ ସୁଧ ରାଶିକୁ ବିୟୋଗ କରୁ ଓ କର ପୂର୍ବରୁ ଲାଭ (PBT) ର ପରିମାଣ ବାହାର କରୁ। ତା'ପରେ ଆମେ ନିୟମାନୁସାରେ କମ୍ପାନୀର ଲାଭରୁ କର ରାଶି ବିୟୋଗ କରୁ ଏବଂ କର (ପୈଠ) ପରର ଲାଭ (PAT) ନିର୍ଦ୍ଧାରଣ କରୁ। ଏହା ହେଉଛି ସେହି ଲାଭର ପରିମାଣ ଯାହା ଅଂଶଧାରୀ ମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଉପଲବ୍ଧ ଥାଏ। ବ୍ୟାବହାରିକ ଦୃଷ୍ଟିକୋଣରୁ ଏବଂ ବିତ୍ତୀୟ ବୁଦ୍ଧିମତା ସ୍ୱରୂପ କମ୍ପାନୀ ଦ୍ୱାରା ଉପାର୍ଜିତ ସମୁଦାୟ ଲାଭକୁ କେବେ ବି ଅଂଶଧାରୀ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ନାହିଁ। ଏହି ଲାଭର ଏକ ବଡ଼ ଭାଗ କମ୍ପାନୀର ଭବିଷ୍ୟତର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ରଖାଯାଇଥାଏ। ଏହିପରି ଭାବେ ରଖାଯାଉଥିବା ଲାଭକୁ 'ସଞ୍ଚିତ ଆୟ' କୁହାଯାଏ ଏବଂ ଅଂଶଧାରୀମାନଙ୍କ ମଧ୍ୟରେ ବଣ୍ଟା ଯାଉଥିବା ଲାଭକୁ 'ଲାଭାଂଶ' କୁହାଯାଏ। ଏହା ଧ୍ୟାନ ରଖିବା ଉଚିତ୍ ଯେ ଅଗ୍ରାଧିକାର ଅଂଶଧାରୀ ମାନଙ୍କୁ ପ୍ରଦତ୍ତ ଲାଭାଂଶକୁ 'ଅଗ୍ରାଧିକାର ଲାଭାଂଶ' ଏବଂ ସମତା ଅଂଶଧାରୀମାନଙ୍କୁ ପ୍ରଦତ୍ତ ଲାଭାଂଶକୁ 'ସମତା ଲାଭାଂଶ' କୁହାଯାଏ।

୧୭.୫.୧ ଲାଭାଂଶର ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କାରକ ସମୂହ

ଅଗ୍ରାଧିକାର ଅଂଶଧାରୀମାନଙ୍କୁ ଏକ ସ୍ଥିରୀକୃତ ହାରରେ ଏବଂ ପ୍ରାଥମିକତା ଭିତ୍ତିରେ, ଅର୍ଥାତ୍ ସମତା ଅଂଶଧାରୀମାନଙ୍କୁ ପୈଠ କରିବା ପୂର୍ବରୁ, ଲାଭାଂଶ ପ୍ରଦାନ କରାଯାଇଥାଏ। ତେଣୁ ସମତା ଅଂଶଧାରୀ ମାନଙ୍କୁ କେତେ ଲାଭାଂଶ ପ୍ରଦାନ କରାଯିବ ତାହା ହିଁ ହେଉଛି କୌଣସି କମ୍ପାନୀର ପରିଚାଳନା ଦ୍ୱାରା ନିଆଯାଉଥିବା ଲାଭାଂଶର ନିଷ୍ପତ୍ତି ସଂଲଗ୍ନ ବାସ୍ତବ ପ୍ରସଙ୍ଗ। ଏହିଭଳି ଏକ ନିଷ୍ପତ୍ତିର ମାର୍ଗଦର୍ଶନ ନିମ୍ନଲିଖିତ କାରକ ଗୁଡ଼ିକ ଦ୍ୱାରା ହୋଇଥାଏ :

୧. **କମ୍ପାନୀର ଆର୍ଥିକ ଆବଶ୍ୟକତା :** କେତେ ପରିମାଣର ଲାଭାଂଶ ପ୍ରଦାନ କରାଯିବ ତାହାର ନିଷ୍ପତ୍ତି ନେବା ସମୟରେ ପରିଚାଳକଙ୍କୁ କମ୍ପାନୀର ସାଧାରଣ ଅଭିବୃଦ୍ଧି, ବିସ୍ତାର (ସମ୍ପ୍ରସାରଣ) କାର୍ଯ୍ୟ, ଦୀର୍ଘ-ମିଆଦୀ ଋଣର ପରିଶୋଧ ଇତ୍ୟାଦି ପାଇଁ ଆର୍ଥିକ ଆବଶ୍ୟକତାକୁ ବିଚାରକୁ ନେବା ନିହାତି ଆବଶ୍ୟକ। ଏପରିକି କମ୍ପାନୀ ଦୀର୍ଘ-ମିଆଦୀ ଋଣ ପରିଶୋଧ କ୍ଷମତା ଏବଂ ଭବିଷ୍ୟତର ଆକସ୍ମିକ ବ୍ୟୟ ପୈଠ କରିବା ପାଇଁ ଲାଭର କିଛି ଅଂଶ ନିହାତି ରଖିବା ଆବଶ୍ୟକ।

୨. **ତରଳତା (Liquidity) /ନଗଦ ପାଣ୍ଠିର ଆବଶ୍ୟକତା :** ଲାଭାଂଶ ପ୍ରଦାନରେ ରୋକଡ଼ର ବାହ୍ୟ ପ୍ରବାହ ସଂଶ୍ଳିଷ୍ଟ ଥାଏ। ସମୟ ସମୟରେ ଏପରି ହୋଇଥାଏ ଯେ ଏକ କମ୍ପାନୀର ଲାଭ ଅଧିକ ହୋଇଥାଇପାରେ କିନ୍ତୁ ତା' ପାଖରେ ଅଧିକ ନଗଦ ରାଶି ନ ଥାଇପାରେ। ଏଭଳି ଏକ ସ୍ଥିତିରେ ଏହା ଉଚ୍ଚ ହାରରେ ଲାଭାଂଶ ଘୋଷଣା କରି ନ ପାରେ। ଅନ୍ୟଥା ଏପରିକି ଲାଭାଂଶର

ହାର ନିର୍ଣ୍ଣୟ କଲାବେଳେ ସମସ୍ତ ଦେୟ ଓ ଋଣର ସମୟୋଚିତ ପୈଠର ସୁନିଶ୍ଚିତ କରିବା ପାଇଁ ତରଳତା (ନଗଦ ପାଣ୍ଠିର) ଆବଶ୍ୟକତାକୁ ଧ୍ୟାନରେ ରଖିବାକୁ ହେବ। ଏହିଭଳି ଏକ ବିଚାରଧାରା ଗୋଟିଏ କ୍ରମବର୍ଦ୍ଧିଷ୍ଣୁ ସଂସ୍ଥା କ୍ଷେତ୍ରରେ ଅଧିକ ଗୁରୁତ୍ୱ ବହନ କରିଥାଏ ଯାହାର ବର୍ଦ୍ଧନଶୀଳ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ତଥା ସମ୍ପ୍ରସାରଣ କାର୍ଯ୍ୟକଳାପ କାରଣରୁ ତରଳତା ଆବଶ୍ୟକତା ଅଧିକ ହୋଇଥାଇପାରେ ଏବଂ, ସେଥିପାଇଁ ଏହା କମ୍ ହାରରେ ଲାଭାଂଶ ଘୋଷଣାକୁ ଶ୍ରେୟସ୍କର ମନେ କରିବ।

୩. **ପୁଞ୍ଜି ବଜାରରେ ପ୍ରବେଶ (Access to Capital Market) :** ଏକ କମ୍ପାନୀ ଯାହା ତା'ର ରେକର୍ଡ଼ ପରିମାଣର ଲାଭପ୍ରଦତ୍ତା ଓ ସମୟୋପଯୋଗୀ ଋଣ ପରିଶୋଧ କ୍ଷମତା କାରଣରୁ ପୁଞ୍ଜି ବଜାରରେ ସୁଗମତାର ସହ ପ୍ରବେଶ କରିପାରେ, ଅର୍ଥାତ୍ ଯାହା ପୁଞ୍ଜି ବଜାର ଜରିଆରେ ଅଂଶ ଓ ଋଣପତ୍ରର ନିର୍ଗମନ ପୂର୍ବକ ସଫଳତାର ସହ ପାଣ୍ଠି ସଂଗ୍ରହ କରିପାରେ, ତାହା ଉଚ୍ଚ ହାରରେ ଲାଭାଂଶ ପ୍ରଦାନ କରିପାରେ। କିନ୍ତୁ ଯଦି ଏକ କମ୍ପାନୀ ତା'ର ଦୁର୍ବଳ ଆର୍ଥିକ ସ୍ଥିତି କିମ୍ବା ସ୍ୱଳ୍ପ ଲାଭପ୍ରଦତ୍ତା କାରଣରୁ ପୁଞ୍ଜି ବଜାରରେ ସହଜରେ ପ୍ରବେଶ କରିପାରେ ନାହିଁ, ତେବେ ଏହା ଉଚ୍ଚ ହାରରେ ଲାଭାଂଶ ପୈଠ କରିପାରିବ ନାହିଁ। ତେବେ, ଯେତେବେଳେ ପୁଞ୍ଜି ବଜାରର ଅବସ୍ଥା ପ୍ରତିକୂଳ ଥାଏ ସେତେବେଳେ ଅଧିକାଂଶ କମ୍ପାନୀ ଏକ ରକ୍ଷଣଶୀଳ ଲାଭାଂଶ ନୀତି ଗ୍ରହଣ କରିଥାନ୍ତି।

୪. **ଅଂଶଧାରୀମାନଙ୍କର ପ୍ରତ୍ୟାଶା (Expectations of shareholders) :** ସମତା ଅଂଶଧାରୀମାନେ ଉଚ୍ଚ ହାରରେ ଲାଭାଂଶ ଅପେକ୍ଷା ସାଧାରଣତଃ ସେମାନଙ୍କର ପୁଞ୍ଜିର ମୂଲ୍ୟରେ ବୃଦ୍ଧି ହେବା ଚାହାଁନ୍ତି। କିନ୍ତୁ ଅବସରପ୍ରାପ୍ତ ବ୍ୟକ୍ତି ବା କର୍ମଚାରୀଙ୍କ ପରି କିଛି ଅଂଶଧାରୀ ସେମାନଙ୍କର ନିୟମିତ ଆୟର ଏକ ଉତ୍ସ ରୂପେ ଲାଭାଂଶ ପ୍ରାପ୍ତ କରିବାକୁ ଚାହିଁଥାନ୍ତି। ତେଣୁ ଅଧିକ ଲାଭ ହୋଇଥିଲେ ବି କମ୍ପାନୀ କମ୍ ଲାଭାଂଶ ପୈଠ କରି କିମ୍ବା ଆଦୌ ଲାଭାଂଶ ନ ଦେଇ ଏହି ବର୍ଗର ଅଂଶଧାରୀମାନଙ୍କୁ ଅଣଦେଖା କରିପାରିବ ନାହିଁ। ଏକ ଉଚିତ୍ ମାତ୍ରାରେ ଲାଭାଂଶ ପ୍ରଦାନ ସର୍ବଦା ସ୍ୱାଗତଯୋଗ୍ୟ। ପ୍ରକୃତରେ ଯେଉଁ କମ୍ପାନୀଗୁଡ଼ିକ ଅଭ୍ୟାସଗତ ଭାବେ ଲାଭାଂଶ ପ୍ରଦାନ କରନ୍ତି ନାହିଁ ବା ବହୁତ କମ୍ ହାରରେ ଲାଭାଂଶ ପୈଠ କରନ୍ତି, ପୁଞ୍ଜି ବଜାରରେ ସେଗୁଡ଼ିକର ଲାଭ କମ୍ ହୋଇଥାଏ ଯେହେତୁ ସେଗୁଡ଼ିକର ପରିଚାଳକଙ୍କର ମନୋଭାବ ଉପରେ ଅଂଶଧାରୀମାନଙ୍କର ସନ୍ଦେହ ଜାତ ହୋଇଥାଏ।

୫. **କର ନୀତି :** ଆମ ଦେଶରେ ଅଂଶଧାରୀମାନଙ୍କ ହାତରେ ଲାଭାଂଶ କରଯୋଗ୍ୟ ଅଟେ। ଅତଃ, କମ୍ପାନୀ ଗୁଡ଼ିକ କମ୍ ପରିମାଣର ଲାଭାଂଶ ପ୍ରଦାନ କରି ଅଂଶଧାରୀମାନଙ୍କୁ ସମୟକୁ ସମୟ ବୋନସ୍ ଅଂଶ ପ୍ରଦାନ କରିବାକୁ ଅଗ୍ରାଧିକାର ଦେଇଥାନ୍ତି କାରଣ ବୋନସ୍ ଅଂଶ ଗୁଡ଼ିକ ବିକ୍ରୀ ନ ହେବା ପର୍ଯ୍ୟନ୍ତ କରଯୋଗ୍ୟ ହୋଇ ନଥାଏ। ଯଦି ଏଗୁଡ଼ିକ ୧୨ ମାସ ପରେ ବିକ୍ରୀ କରାଯାଏ, ତେବେ ବିକ୍ରୟ ଲବ୍ଧ ଅର୍ଥକୁ ଦୀର୍ଘମିଆଦୀ ପୁଞ୍ଜିଗତ ଲାଭ ବୋଲି ଧରାଯାଏ ଏବଂ ତା' ଉପରେ ସ୍ୱଳ୍ପ ହାରରେ କର ବସାଯାଏ। ତେବେ ସରକାର ବିଳମ୍ବରେ ଲାଭାଂଶ ଉପରେ ତାଙ୍କର କର ବସାଇବା ନୀତିକୁ ବଦଳାଇଛନ୍ତି। ବର୍ତ୍ତମାନ ଅଂଶଧାରୀମାନଙ୍କ ହାତରେ ଲାଭାଂଶ କରଯୋଗ୍ୟ ନୁହେଁ। କିନ୍ତୁ କମ୍ପାନୀକୁ ତା'ର ଲାଭର ବିଭାଜିତ ଅଂଶ ଉପରେ କିଛି ଅତିରିକ୍ତ କର (୧୨.୫%) ପୈଠ



କରିବାକୁ ପଡ଼ିଥାଏ । ତେଣୁ ବର୍ତ୍ତମାନ ଲାଭାଂଶ ବିତରଣ ପ୍ରସଙ୍ଗରେ କମ୍ପାନୀଗୁଡ଼ିକ ବହୁତ ଉଦାର ହୋଇଯାଇଛନ୍ତି ।

୬. **ନିବେଶ ସୁଯୋଗ ଏବଂ ଅଭିବୃଦ୍ଧିର ସମ୍ଭାବନା :** ଯେତେବେଳେ ଗୋଟିଏ କମ୍ପାନୀ ପାଖରେ ପର୍ଯ୍ୟାପ୍ତ ଲାଭ ପ୍ରଦାୟକ ବିନିଯୋଗ ସୁଯୋଗ ଏବଂ ଅଭିବୃଦ୍ଧିର ସମ୍ଭାବନା ଅଛି, ସେତେବେଳେ ଏହା ଅଧିକ ଲାଭ ରଖି କମ୍ ହାରରେ ଲାଭାଂଶ ପ୍ରଦାନ କରିବାକୁ ପସନ୍ଦ କରିପାରେ ଯେପରିକି ଦୀର୍ଘକାଳୀନ ଭିତ୍ତିରେ ଏହା ଅଂଶଧାରୀମାନଙ୍କର ଉତ୍ତମ ସେବା କରିପାରିବ । ଅବଶ୍ୟ ଏହିଭଳି ସମ୍ଭାବନାର ଅନୁପସ୍ଥିତିରେ କମ୍ପାନୀଗୁଡ଼ିକ ଉଚ୍ଚ ହାରରେ ଲାଭାଂଶ ପ୍ରଦାନ କରିବାକୁ ପସନ୍ଦ କରନ୍ତି ଓ ଅନାବଶ୍ୟକ ଭାବେ ନିଜ ପାଖରେ ନଗଦ ଅର୍ଥ ରଖିବାରୁ ତ୍ରାହି ପାଇଥାନ୍ତି ।

୭. **ଆଇନଗତ କଟକଣା :** ବେଳେବେଳେ ସରକାର ଲାଭାଂଶ ପ୍ରଦାନ ଉପରେ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିଥାନ୍ତି ଯାହାକୁ କି ଲାଭାଂଶ ପ୍ରଦାନର ହାର ଉପରେ ନିଷ୍ପତ୍ତି ନେବାବେଳେ ଧ୍ୟାନରେ ରଖିବାକୁ ପଡ଼ିବ । ସେହିପରି ବେଳେବେଳେ ଦୀର୍ଘ-ମିଆଦୀ ପାଣ୍ଠି ପ୍ରଦାନକାରୀମାନେ ସେମାନଙ୍କର ରାଜିନାମାର ଏକ ଅଂଶ ଭାବେ ଲାଭାଂଶ ପ୍ରଦାନ ଉପରେ କିଛି କଟକଣା ଜାରି କରିପାରନ୍ତି । କମ୍ପାନୀଗୁଡ଼ିକୁ ସେହି ସୀମାଗୁଡ଼ିକ ଉପରେ ଧ୍ୟାନ ରଖିବାକୁ ପଡ଼ିଥାଏ । ଯେକୌଣସି ସ୍ଥିତିରେ ବି ଲାଭାଂଶ ରୂପରେ ଆବଣ୍ଟିତ ହେବାକୁ ଥିବା ରାଶି ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ କମ୍ପାନୀ ଆଇନାନୁମୋଦିତ କେତେକ ନିର୍ଦ୍ଦିଷ୍ଟ ନିୟମର ପାଳନ କରିବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ, ପୁଞ୍ଜିଗତ ଲାଭକୁ ସାଧାରଣ ଭାବେ ଲାଭାଂଶ ବଣ୍ଟନ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ; ଗୋଟିଏ ବ୍ୟାଙ୍କିଙ୍ଗ୍ କମ୍ପାନୀକୁ ତା'ର ଲାଭର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ରାଶିକୁ ଏକ ବୈଧାନିକ ସଞ୍ଚିତି (statutory reserve) କୁ ସ୍ଥାନାନ୍ତର କରିବାକୁ ପଡ଼ିଥାଏ ଯାହା କି ଲାଭାଂଶ ପୈଠ ନିମନ୍ତେ ଉପଲବ୍ଧ ନ ଥାଏ; ଏବଂ ସେହିପରି ଆହୁରି ଅନେକ । ଲାଭାଂଶ ରୂପରେ ଆବଣ୍ଟିତ ହେବାକୁ ଥିବା ରାଶିର ନିଷ୍ପତ୍ତି ନେଲାବେଳେ ଏସବୁ ନିୟମକୁ ଯଥାବିଧି ପାଳନ କରିବାକୁ ହେବ ।

ପାଠ୍ୟଗତ ପ୍ରଶ୍ନ ୧୭ ଙ

୧. ନିମ୍ନ ସଂକ୍ଷିପ୍ତାକ୍ଷର ଗୁଡ଼ିକର ପୂର୍ଣ୍ଣ ରୂପ ଦିଅ :

(କ) କ.ପ.ଲା. (PAT) ________ (ଖ) କ.ପୂ.ଲା (PBT) ________

(ଗ) ସୁ.କ.ପୂ.ଲା.(PBIT) ________

୨. ଗୋଟିଏ କମ୍ପାନୀର ଲାଭାଂଶର ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ଯେକୌଣସି ପାଞ୍ଚଟି କାରକର ତାଲିକା କର :

(କ) ________________

(ଖ) ________________

(ଗ) ________________

(ଘ) ________________

(ଙ) ________________

୩. ପ୍ରଦତ୍ତ ସ୍ଥାନରେ ନିମ୍ନ ଶବ୍ଦ (ପଦ) ଗୁଡ଼ିକର ଅର୍ଥ ଉଲ୍ଲେଖ କର।

(କ) ଲାଭାଂଶ : ________________________

(ଖ) ସଞ୍ଚିତ ଉପାର୍ଜନ : ________________________

(ଗ) ଅଗ୍ରାଧିକାର ଲାଭାଂଶ ________________________

(ଘ) ସମତା ଲାଭାଂଶ ________________________

____

୧୭.୬ ତୁମେ ଯାହା ଶିଖିଲ

- କୌଣସି ବ୍ୟବସାୟରେ ସଫଳତା ପାଇଁ ପର୍ଯ୍ୟାପ୍ତ ଏବଂ ସମୁଚିତ ବିତ୍ତାୟନ ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ଅଟେ। ବିତ୍ତ ସଂଚାଳନର ସମସ୍ତ ପରିଚାଳନାଗତ କାର୍ଯ୍ୟକୁ 'ବିତ୍ତୀୟ ପରିଚାଳନା' କୁହାଯାଉଥିଲା ବେଳେ ବିତ୍ତୀୟ ଆବଶ୍ୟକତାର ଆକଳନ କରିବା, ବିତ୍ତାୟନର ସ୍ୱରୂପ (ଢାଞ୍ଚା) ନିର୍ଦ୍ଧାରଣ କରିବା ଏବଂ ବିତ୍ତୀୟ ନୀତି ଓ ପଦ୍ଧତି ପ୍ରସ୍ତୁତ କରିବାର ପ୍ରକ୍ରିୟାକୁ 'ବିତ୍ତୀୟ/ଆର୍ଥିକ ଯୋଜନା' କୁହାଯାଏ। ବିତ୍ତୀୟ ଯୋଜନାର ଉଦ୍ଦେଶ୍ୟ ଗୁଡିକୁ ଫଳପ୍ରଦ ଭାବେ ହାସଲ କରିବାକୁ ହେଲେ ଏହା ସୁନିଶ୍ଚିତ ହେବା ଜରୁରୀ ଯେ ଆର୍ଥିକ ଯୋଜନା ସରଳ ହେବା ଆବଶ୍ୟକ, ଯୋଜନାରେ ଦୂରଦର୍ଶିତା ଥିବା ଆବଶ୍ୟକ, ସଂଗଠନର ପରିବର୍ତ୍ତିତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାପାଇଁ ଯୋଜନାରେ ଆବଶ୍ୟକୀୟ ନମନୀୟତା ଥିବା ଆବଶ୍ୟକ, ଯୋଜନାରେ ସର୍ବନିମ୍ନ ସମ୍ଭାବ୍ୟ ପରିବ୍ୟୟରେ ନ୍ୟାୟୋଚିତ ପରିମାଣର ରାଶିର ବ୍ୟବସ୍ଥା ହୋଇପାରୁଥିବା ଆବଶ୍ୟକ ଏବଂ ଯୋଜନାଟି କମ୍ପାନୀର ତରଳତା ଆବଶ୍ୟକତା ପ୍ରତି ଯତ୍ନଶୀଳ ହୋଇଥିବା ଆବଶ୍ୟକ।
- ପ୍ରତିଷ୍ଠାନ ବା ଫାର୍ମର ପୁଞ୍ଜିର ଆବଶ୍ୟକତାକୁ ସ୍ଥୁଳତଃ ସ୍ଥାୟୀ ପୁଞ୍ଜିର ଆବଶ୍ୟକତା ଏବଂ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ରୂପରେ ଭାଗ କରାଯାଇପାରେ। ସ୍ଥାୟୀ ପୁଞ୍ଜି କହିଲେ ବ୍ୟବସାୟର ସ୍ଥାୟୀ ଅଥବା ଦୀର୍ଘ-ମିଆଦୀ ଆର୍ଥିକ ଆବଶ୍ୟକତା ପାଇଁ ପୁଞ୍ଜିର ଆବଶ୍ୟକତାକୁ ବୁଝାଇଥାଏ। ଏହି ଆବଶ୍ୟକତାକୁ ବ୍ୟବସାୟର ପ୍ରକୃତି, ବ୍ୟବସାୟର ଆକାର, ସମ୍ପୃକ୍ତ ଉତ୍ପାଦ, ଗୃହୀତ ଉତ୍ପାଦାନ ପ୍ରକ୍ରିୟାର ପ୍ରକାର, ସ୍ଥାୟୀ ପରିସମ୍ପତ୍ତି ଅଧିଗ୍ରହଣ(ପ୍ରାପ୍ତ) କରିବାର ପଦ୍ଧତି ଯଥା ନଗଦ ଅର୍ଥରେ, କିସ୍ତିରେ କିମ୍ବା ଲିଜ୍ ଆକାରରେ ଇତ୍ୟାଦି ଉପରେ ନିର୍ଭର। କରେ ସ୍ଥାୟୀ ପୁଞ୍ଜିର ଆବଶ୍ୟକତାକୁ ବିତ୍ତର ଦୀର୍ଘ-ମିଆଦୀ ଉତ୍ସ ଜରିଆରେ ପୂରଣ କରାଯାଇଥାଏ।
- କାର୍ଯ୍ୟକାରୀ ପୁଞ୍ଜି କହିଲେ ଚଳନ୍ତି ପରିସମ୍ପତ୍ତିର ବିତ୍ତାୟନ ପାଇଁ ଆବଶ୍ୟକୀୟ ପାଣ୍ଠିର ପରିମାଣକୁ ବୁଝାଇଥାଏ। କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାର ଏକ ଭାଗ ସ୍ଥାୟୀ/ଶାଶ୍ୱତ ପ୍ରକୃତିର ଅଟେ ଯାହାରକି ଦୀର୍ଘ-ମିଆଦୀ ଉତ୍ସ ଜରିଆରେ ବିତ୍ତୀୟକରଣ(ବିତ୍ତାୟନ) ହୋଇଥାଏ। କିନ୍ତୁ କାର୍ଯ୍ୟକାରୀ ପୁଞ୍ଜିର ଏକ ବଡ ଭାଗ ପରିବର୍ତ୍ତନୀୟ ପ୍ରକୃତିର ଅଟେ ଯାହାକି ସମୟକୁ ସମୟ ବ୍ୟବସାୟର ମାତ୍ରାରେ ପରିବର୍ତ୍ତନ ସହ ତାଳଦେଇ ପରିବର୍ତ୍ତିତ ହୋଇଥାଏ ଏବଂ ଏହାର ବିତ୍ତୀୟକରଣ (ବିତ୍ତାୟନ) ସ୍ୱଳ୍ପ-ମିଆଦୀ ଉତ୍ସ ଯଥା ବ୍ୟାଙ୍କ ଅଧିଉଠାଣ, ଯୋଗାଣକାରୀଙ୍କଠାରୁ ଉଧାର ଇତ୍ୟାଦି ଜରିଆରେ କରାଯାଇଥାଏ। କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ବ୍ୟବସାୟର ପ୍ରକୃତି, ବ୍ୟବସାୟର ଆକାର,

ଉତ୍ପାଦନ ଚକ୍ରର ଅବଧି, ସାମଗ୍ରୀ ଆବର୍ତ୍ତ ହାର, ପ୍ରତିଷ୍ଠାନ ବା ଫାର୍ମର ଗ୍ରାହକମାନଙ୍କ ପାଇଁ ଉଧାର ବିକ୍ରୀ ନୀତି ଏବଂ ଋତୁକାଳୀନ ଉତ୍ଥାନ-ପତନ ଅନୁସାରେ ସ୍ଥିର କରାଯାଇଥାଏ।

- 'ପୁଞ୍ଜିକରଣ'ପଦଟି ବିଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୁଏ। ବିତ୍ତୀୟ ଯୋଜନା ପ୍ରସଙ୍ଗରେ ଏହାର ଅର୍ଥହେଲା ବ୍ୟବସାୟ ଦ୍ୱାରା ଆବଶ୍ୟକ ପୁଞ୍ଜିର ପରିମାଣ ନିର୍ଦ୍ଧାରଣ କରିବାର ଏକ ପ୍ରକ୍ରିୟା ଯାହାକି ପରିବ୍ୟୟ ତତ୍ତ୍ୱ କିମ୍ବା ଉପାର୍ଜନ ତତ୍ତ୍ୱର ଆଧାରରେ ନିର୍ଦ୍ଧାରଣ କରାଯାଇପାରେ।

- ଏକ ପ୍ରତିଷ୍ଠାନ ବା ଫାର୍ମ ଦ୍ୱାରା ନିୟୋଜିତ ପ୍ରକୃତ ପୁଞ୍ଜି ଏହାର ବାର୍ଷିକ ଉପାର୍ଜନ ଅନୁସାରେ ନ୍ୟାୟୋଚିତ ହୋଇଥିବା ଆବଶ୍ୟକ। ଯଦି ଏହା ଦେଖାଯାଏ ଯେ ପ୍ରତିଷ୍ଠାନ ବା ଫାର୍ମ ଦ୍ୱାରା ନିୟୋଜିତ ପ୍ରକୃତ ପୁଞ୍ଜି ଏହାର ଉପାର୍ଜନ ଅନୁସାରେ ନ୍ୟାୟୋଚିତ ରାଶିଠାରୁ ଅଧିକ ହୋଇଥାଏ, ତେବେ ପ୍ରତିଷ୍ଠାନ / ଫାର୍ମଟି ଅଧି-ପୁଞ୍ଜିକରଣ ହୋଇଥିବାର କୁହାଯାଏ ବରଂ ଅନ୍ୟପକ୍ଷରେ, ଯଦି ଏହା ତା'ର ଉପାର୍ଜନ ଦ୍ୱାରା ନ୍ୟାୟୋଚିତ ରାଶିଠାରୁ କମ୍ ହୋଇଥାଏ, ତେବେ ଏହା ଏକ ଅବ-ପୁଞ୍ଜିକରଣ ସ୍ଥିତି ବୋଲି ଧରାଯାଏ। ଗୋଟିଏ ପ୍ରତିଷ୍ଠାନ / ଫାର୍ମ ଅଧି-ପୁଞ୍ଜିକୃତ ହୋଇଛି ନା ଅବ-ପୁଞ୍ଜିକୃତ ହୋଇଛି ତାହା ଆକଳନ କରିବାର ଅନ୍ୟ ଏକ ଉପାୟ ହେଲା ବିନିଯୁକ୍ତ ପୁଞ୍ଜି ଉପରେ ପ୍ରକୃତ ପ୍ରତିଫଳର ହାରକୁ ଶିଳ୍ପର ହାରାହାରି ଉପାର୍ଜନ ଆଧାରିତ ସାଧାରଣ ପ୍ରତିଫଳର ହାର ସହିତ ତୁଳନା କରିବା।

- ଗୋଟିଏ ପ୍ରତିଷ୍ଠାନ / ଫାର୍ମର ବିତ୍ତୀୟ ଆବଶ୍ୟକତା ମାଲିକାନା ସ୍ୱତ୍ୱ ପୁଞ୍ଜି (ସମତା) ଏବଂ/କିମ୍ବା ଋଣ-କୃତ ପୁଞ୍ଜି (ଋଣ) ଜରିଆରେ ପୂରଣ କରାଯାଇଥାଏ। ପ୍ରତିଷ୍ଠାନ / ଫାର୍ମ ଗୁଡିକ ସାଧାରଣତଃ ମାଲିକଙ୍କ ପାଣ୍ଠି ଉପରେ ଏକ ଉଚ୍ଚ ପ୍ରତିଫଳ ହାର ସୁନିଶ୍ଚିତ କରିବା ପାଇଁ ଋଣ ଓ ସମତାର ଏକ ସୁବିଚାରପୂର୍ଣ୍ଣ ମିଶ୍ରଣର ଉପଯୋଗ କରିଥା'ନ୍ତି। ଏହି ମିଶ୍ରଣକୁ ପ୍ରତିଷ୍ଠାନ ବା ଫାର୍ମର 'ପୁଞ୍ଜି ସଂରଚନା' କୁହାଯାଏ। ଏକ ଉପଯୁକ୍ତ ପୁଞ୍ଜି ସଂରଚନାର ଚୟନ କେତେଗୁଡିଏ କାରକ ଦ୍ୱାରା ସ୍ଥିରୀକୃତ ହୋଇଥାଏ। ସେଗୁଡିକ ହେଲା: (୧) ଆଶା କରାଯାଉଥିବା ଉପାର୍ଜନ ଓ ଏହାର ସ୍ଥିରତା, (୨) ଋଣର ପରିବ୍ୟୟ, (୩)ନିୟନ୍ତ୍ରଣ କରିବାର ଅଧିକାର ଉପରେ ପ୍ରଭାବ, (୪)ପୁଞ୍ଜି ବଜାର, (୫)ନିୟାମକ ମାନଦଣ୍ଡ, (୬)ନମନୀୟତା, ଏବଂ (୭) ବିନିଯୋଗ ପ୍ରତି ବିନିଯୋଗକାରୀଙ୍କ ମନୋଭାବ।

- ଲାଭାଂଶ କହିଲେ ଲାଭର ସେହି ରାଶିକୁ ବୁଝିଥାଏ ଯାହା ଏକ କମ୍ପାନୀ ଦ୍ୱାରା ତା'ର ଅଂଶଧାରୀ ମାନଙ୍କୁ ବଣ୍ଟାଯାଇଥାଏ। ଲାଭାଂଶ ରୂପରେ ବଣ୍ଟା ହେବାକୁ ଥିବା ଲାଭର ପରିମାଣ ଏବଂ କମ୍ପାନୀ ଦ୍ୱାରା ଭବିଷ୍ୟତର ବିତ୍ତୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ସଞ୍ଚୟ କରି ରଖାଯିବାକୁ ଥିବା ଲାଭର ପରିମାଣ ନିର୍ଦ୍ଧାରଣ ବିଭିନ୍ନ କାରକ ଯଥା – କମ୍ପାନୀର ଭବିଷ୍ୟତର ବିତ୍ତୀୟ ଆବଶ୍ୟକତା, ତରଳତା (ନଗଦ ପାଣ୍ଠି)ର ଆବଶ୍ୟକତା, ପୁଞ୍ଜି ବଜାରରେ କମ୍ପାନୀର ପ୍ରବେଶ, ଅଂଶଧାରୀ ମାନଙ୍କର ପ୍ରତ୍ୟାଶା, କର ନୀତି, ନିବେଶ ସୁଯୋଗ ଏବଂ ଅଭିବୃଦ୍ଧିର ସମ୍ଭାବନା ଏବଂ ଆଇନ୍‌ଗତ କଟକଣା, ଯଦିକିଛି ଥାଏ, ଏହିସବୁ ଉପରେ ନିର୍ଭର କରେ।

୧୭.୭ ମୁଖ୍ୟ ଶବ୍ଦ

ପୁଞ୍ଜି ସଂରଚନା
ଲାଭାଂଶ-ବିତ୍ତ ମିଶ୍ରଣ
ଅଧି-ପୁଞ୍ଜିକରଣ
ସମତା ଉପରେ ବ୍ୟାପାର
କାର୍ଯ୍ୟକାରୀ ପୁଞ୍ଜି
କାର୍ଯ୍ୟକାରୀ ପୁଞ୍ଜିଚକ୍ର
ପୁଞ୍ଜିକରଣ
ସ୍ଥାୟୀ ପୁଞ୍ଜି
ସଞ୍ଚିତ ଉପାର୍ଜନ (ଲାଭ)
ଅବ-ପୁଞ୍ଜିକରଣ

୧୭.୮ ପାଠ୍ୟାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୧. ଅଧି- ପୁଞ୍ଜିକରଣର ଅର୍ଥ କ'ଣ ?

୨. 'ଲାଭାଂଶ' ପଦଟିର ସଂଜ୍ଞା ଦିଅ।

୩. 'ଅନୁକୂଳତମ ପୁଞ୍ଜି ସଂରଚନା' ର ଅର୍ଥ କ'ଣ ?

୪. ଅଧି- ପୁଞ୍ଜିକରଣର ଯେକୌଣସି ଦୁଇଟି ପ୍ରଭାବ ଉଲ୍ଲେଖ କର।

୫. ଅବ-ପୁଞ୍ଜିକରଣର ଯେ କୌଣସି ଦୁଇଟି ପ୍ରତିକାର ଉଲ୍ଲେଖ କର।

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬. ବିତ୍ତୀୟ ଯୋଜନାର ଯେ କୌଣସି ଚାରୋଟି ଉଦ୍ଦେଶ୍ୟ ଉଲ୍ଲେଖ କର।

୭. ଯେ କୌଣସି ଦୁଇଟି କାରକକୁ ବୁଝାଇ ଦିଅ ଯାହାକୁ ଏକ କମ୍ପାନୀର ଦୀର୍ଘ-ମିଆଦୀ ପୁଞ୍ଜିର ଆବଶ୍ୟକତା ନିର୍ଦ୍ଧାରଣ କଲାବେଳେ ବିବେଚନା ପରିସରଭୁକ୍ତ କରାଯାଇଥାଏ।

୮. ତୁମେ ଏକ କମ୍ପାନୀ ଦ୍ୱାରା ଉପାର୍ଜିତ ଲାଭର ସମୁଦାୟ ରାଶିକୁ ଲାଭାଂଶ ରୂପରେ ବଣ୍ଟନ କରି ଦେବା ପାଇଁ ପରାମର୍ଶ ଦେବ କି ? କାରଣ ସହିତ ତୁମର ମତାମତ ସ୍ପଷ୍ଟ କର।

୯. ପୁଞ୍ଜି ସଂରଚନାର ଯେ କୌଣସି ଦୁଇଟି ନିର୍ଦ୍ଧାରକ ତତ୍ତ୍ୱର ବର୍ଣ୍ଣନା କର।

୧୦. 'ସମତା ଉପରେ ବ୍ୟାପାର'ର ଅର୍ଥ କ'ଣ ?

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧୧. 'ବିତ୍ତୀୟ (ଆର୍ଥିକ) ଯୋଜନା' ର ଅର୍ଥ କ'ଣ ? ଏକ ସୁସ୍ଥ ବିତ୍ତୀୟ ବା ଆର୍ଥିକ ଯୋଜନାର ଯେ କୌଣସି ଚାରୋଟି ଆବଶ୍ୟକତାକୁ ବୁଝାଇ ଦିଅ।

୧୨. ତୁମେ କିପରି ନିର୍ଦ୍ଧାରଣ କରିବ ଯେ ଏକ ପ୍ରତିଷ୍ଠାନ ବା ଫାର୍ମ ଅଧି-ପୁଞ୍ଜିକୃତ ହୋଇଛି ? ଏକ ଉଦାହରଣ ଦେଇ ବୁଝାଅ ଏବଂ ଅଧି-ପୁଞ୍ଜିକରଣର ମୁଖ୍ୟ କାରଣଗୁଡିକୁ ଉଲ୍ଲେଖ କର।

୧୩. ଋଣ ଜରିଆରେ ଦୀର୍ଘ ମିଆଦୀ ପାଣ୍ଠିର ସଂଗ୍ରହ କିପରି ଅଂଶଧାରୀମାନଙ୍କ ପାଣ୍ଠି ଉପରେ ପ୍ରତିଫଳ (ଆୟ)କୁ ପ୍ରଭାବିତ କରେ। ଏକ ଉଦାହରଣ ଦେଇ ବୁଝାଇ ଦିଅ।

ଟିପ୍ପଣୀ

୧୪. 'ଲାଭାଂଶ'ର ଅର୍ଥ କ'ଣ ? ଲାଭାଂଶର ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କାରକ ଗୁଡିକ ଉଲ୍ଲେଖ କର ।

୧୫. ତୁମେ ଏକ ବ୍ୟାବସାୟିକ ଏକକ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟକାରୀ ପୁଞ୍ଜିର ପରିମାଣ ଆକଳନ କରିବ କିପରି ? ସଂକ୍ଷେପରେ ବର୍ଣ୍ଣନା କର ।

୧୭.୯ ପାଠ୍ୟଗତ ପ୍ରଶ୍ନ ଗୁଡିକର ଉତ୍ତର

୧୭ (କ) ୨. (ଗ) ଏବଂ (ଙ)

୩. (କ) ହଁ

(ଖ) ନା

(ଗ) ହଁ

(ଘ) ନା

(ଙ) ହଁ

୧୭ ଖ **୨.** (କ) ଅଧିକ

(ଖ) କମ୍

(ଗ) ଅଧିକ

(ଘ) କମ୍

(ଙ) ଅଧିକ

୩. (କ) (iii)

(ଖ) (iv)

(ଗ) (vi)

(ଘ) (v)

(ଙ) (i)

(ଚ) (ii)

୧୭ ଗ ୨. (କ) ଠିକ୍

(ଖ) ଠିକ୍

(ଗ) ଭୁଲ୍ (ଅବ-ପୁଞ୍ଜିକରଣ କହିଲେ ସେହି ସ୍ଥିତିକୁ ବୁଝାଏ ଯେତେବେଳେ ପ୍ରକୃତ ଉପାର୍ଜନ ହାର ସାଧାରଣ ପ୍ରତିଫଳ ହାର ଅପେକ୍ଷା ଅଧିକ ହୋଇଥାଏ)

(ଘ) ଠିକ୍

(ଙ) ଭୁଲ୍ (ଅଧି-ପୁଞ୍ଜିକରଣ ଅବ-ପୁଞ୍ଜିକରଣ ଅପେକ୍ଷା ବେଶୀ କ୍ଷତିକାରକ ଅଟେ) ।

୩. (କ) $\left(୧୮,୦୦୦\times\frac{୧୦୦}{୧୫}\right)$ = ଟ. ୧,୨୦,୦୦୦

(ଖ) ଏହା ଅଧି-ପୁଞ୍ଜିକୃତ ହୋଇଛି ଯେହେତୁ ଏହାର ପ୍ରକୃତ ନିଯୋଜିତ ପୁଞ୍ଜି ଟ. ୧,୫୦,୦୦୦ ଯାହାକି ଉପଯୁକ୍ତ (ଉଚିତ) ପୁଞ୍ଜିକରଣ ଟ. ୧,୨୦,୦୦୦ ଅପେକ୍ଷା ଅଧିକ ଅଟେ ଏବଂ ଏହାର ପ୍ରକୃତ ଉପାର୍ଜନ ହାର ୧୫% ଅଟେ ଯେତେବେଳେ କି ସାଧାରଣ ଉପାର୍ଜନ ହାର ୧୫% ଅଟେ।

୧୭ ଘ ୨. (କ) ହଁ

(ଖ) ନା- ଏହାଦ୍ୱାରା ବିଦ୍ୟମାନ ଅଂଶଧାରୀ ମାନଙ୍କର ନିୟନ୍ତ୍ରଣ ହ୍ରାସ ପାଇବାର ନ୍ୟୁନତମ ଆଶଙ୍କା ଥାଏ।

(ଗ) ନା- ଏହା ସବୁ ବର୍ଗର ବିନିଯୋଗକାରୀଙ୍କୁ ଆକର୍ଷିତ କରିଥାଏ।

(ଘ) ନା- ଏହା ସମତା ଅଂଶ ଉପରେ ସର୍ବାଧିକ ପ୍ରତିଫଳ ସୁନିଶ୍ଚିତ କରିଥାଏ।

(ଙ) ହଁ

(ଚ) ନା- ଏଥିରେ ପରିବର୍ତ୍ତିତ ଅବସ୍ଥାନୁସାରେ ପାଣ୍ଠିର ହ୍ରାସ କିମ୍ବା ବୃଦ୍ଧି କରିବା ନିମନ୍ତେ ଆବଶ୍ୟକୀୟ ନମନୀୟତା ଥାଏ।

୧୭ଙ ୧.(କ) କର-ପୈଠ ପରର ଲାଭ

(ଖ) କର- ପୈଠ ପୂର୍ବର ଲାଭ

(ଗ) ସୁଧ ଓ କର- ପୈଠ ପୂର୍ବର ଲାଭ

୨. (କ) କମ୍ପାନୀର ବିତ୍ତୀୟ (ଆର୍ଥିକ) ଆବଶ୍ୟକତା

(ଖ) ତରଳତା (ନଗଦ ଅର୍ଥର ମହଜୁଦ)

(ଗ) ପୁଞ୍ଜି ବଜାରରେ ପ୍ରବେଶ

(ଘ) କର ନୀତି

(ଙ) ଆଇନଗତ କଟକଣା

୩. (କ) ଅଂଶଧାରୀମାନଙ୍କୁ ବଣ୍ଟା ଯାଉଥିବା ଲାଭର ରାଶି

(ଖ) କମ୍ପାନୀର ଭବିଷ୍ୟତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀରେ ସଞ୍ଚୟ କରି ରଖାଯାଉଥିବା ଲାଭର ଏକ ଭାଗ

(ଗ) ଅଗ୍ରାଧିକାରଯୁକ୍ତ ଅଂଶଧାରୀମାନଙ୍କୁ ପ୍ରଦତ୍ତ ଲାଭାଂଶ

(ଘ) ସମତା ଅଂଶଧାରୀ ମାନଙ୍କୁ ପ୍ରଦତ୍ତ ଲାଭାଂଶ

କର ଏବଂ ଶିଖ

ଯେ କୌଣସି ୧୦ ଟି ସାମଗ୍ରୀ /ଉତ୍ପାଦକୁ ବାଛ ଯେଉଁ ଗୁଡିକୁ ତୁମେ ଦେଖୁଛ/ ବ୍ୟବହାର କରୁଛ। ଉଦାହରଣ ସ୍ୱରୂପ, ଚିନି, ଆସବାବ ପତ୍ର, କୁଲର ଇତ୍ୟାଦି। ସେଗୁଡ଼ିକୁ ତାଲିକାଭୁକ୍ତ କର ଏବଂ



ପ୍ରତ୍ୟେକର ବିଶ୍ଳେଷଣ କରି ଦେଖ ଯେ ଏହାର ଉତ୍ପାଦନ ପାଇଁ ଅଧିକ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକ ନା କମ୍ ଏବଂ କାହିଁକି ?

କ୍ରମାଙ୍କ	ଉତ୍ପାଦ	ଅଧିକ /କମ୍ କାର୍ଯ୍ୟକାରୀ ପୁଞ୍ଜି	କାରଣ
1.			
2.			
3.			
4.			
5.			
6.			
7.			
8.			
9.			
10.			

ନାଟ୍ୟାଭିନୟ

ଶ୍ରୀଯୁକ୍ତ କେ. ଗାନ୍ଧି ଅଲ୍‌ଟର ଲିମିଟେଡ଼ର ନିର୍ଦ୍ଦେଶକ ଥିଲେ । ଯେତେବେଳେ ବିତ୍ତ ପରିଚାଳକ ଶ୍ରୀଯୁକ୍ତ ଆର୍. ଖାନ୍ନା କମ୍ପାନୀର ଆର୍ଥିକ ବିବରଣୀ ତାଙ୍କ ସମ୍ମୁଖରେ ଉପସ୍ଥାପନ କଲେ ସେ ବହୁତ ଚିନ୍ତିତ ହୋଇ ପଡ଼ିଥିଲେ ।

ଶ୍ରୀଯୁକ୍ତ ଗାନ୍ଧୀ : ମିଃ ଖାନା, ଏଇଟା କ'ଣ ?

ଶ୍ରୀଯୁକ୍ତ ଖାନ୍ନା : ମହାଶୟ, ସତ କହିବାକୁ ଗଲେ ଏହାହିଁ ପ୍ରତିଷ୍ଠାନ ବା ଫାର୍ମର ପ୍ରକୃତ ସ୍ଥିତି ଅଟେ । ଆଜିର ଦିନରେ ଆମର ପ୍ରତିଷ୍ଠାନ ବା ଫାର୍ମ ଅଧି-ପୁଞ୍ଜିକୃତ ଅଟେ ।

ଶ୍ରୀଯୁକ୍ତ ଗାନ୍ଧୀ : ଯେତେବେଳେ ଆମ୍ଭେ ଚାରି ବର୍ଷ ପୂର୍ବେ ଏହି କମ୍ପାନୀ ଆରମ୍ଭ କଲୁ ସେତେବେଳେ ଏହାର ସାଧାରଣ/ ସମୁଚିତ ପୁଞ୍ଜିକରଣ ଥିଲା ।

ଶ୍ରୀଯୁକ୍ତ ଖାନ୍ନା : ହୋଇପାରେ ମହାଶୟ, କିନ୍ତୁ ବର୍ତ୍ତମାନ ଏହା ସେପରି ନୁହେଁ ।

ଶ୍ରୀଯୁକ୍ତ ଗାନ୍ଧୀ : ଆପଣ ଏହା କାହା ଆଧାରରେ କହିଛନ୍ତି ?

ଶ୍ରୀଯୁକ୍ତ ଖାନ୍ନା : ମହାଶୟ, ପ୍ରଥମତଃ ଆମର ବିନିଯୋଗ ଉପରେ ପ୍ରତିଫଳ ନ୍ୟାୟସଙ୍ଗତ ନୁହେଁ ।

ଶ୍ରୀଯୁକ୍ତ ଗାନ୍ଧୀ : ଆପଣଙ୍କ କହିବାର ଅର୍ଥ କ'ଣ ?

ଶ୍ରୀଯୁକ୍ତ ଖାନ୍ନା : ମହାଶୟ, ଏହି ଶିଳ୍ପ ଅନ୍ତର୍ଗତ ଅନ୍ୟାନ୍ୟ ପ୍ରତିଷ୍ଠାନ ବା ଫାର୍ମ ଗୁଡ଼ିକ ଉପାର୍ଜିତ ହାରାହାରି ପ୍ରତିଫଳ ୧୦% ଅଟେ ଯେତେବେଳେ କି ଆମ ପ୍ରତିଷ୍ଠାନ ବା ଫାର୍ମର କେବଳ ୮% ।

ଶ୍ରୀଯୁକ୍ତ ଗାନ୍ଧୀ : ଆଉ କିଛି ?

ଶ୍ରୀଯୁକ୍ତ ଖାନ୍ନା ଓ ଶ୍ରୀଯୁକ୍ତ ଗାନ୍ଧୀ ଅଧି-ପୁଞ୍ଜିକରଣର କାରଣ, ପ୍ରଭାବ ଏବଂ ପ୍ରତିକାର ସମ୍ବନ୍ଧରେ ଆଲୋଚନା କଲେ। ତୁମେ ଉପରୋକ୍ତ କଥୋପକଥନକୁ ସ୍ୱୟଂ ନିଜେ ଓ ତୁମର ବନ୍ଧୁ ଏକ ଏକ ଭୂମିକାରେ ଅଭିନୟ କରି ଆଗକୁ ବଢାଇବା ଆବଶ୍ୟକ।

ଅଧ୍ୟାୟ: ଏକ ଦୃଷ୍ଟିରେ

- ୧୭.୧ ବିତ୍ତୀୟ (ଆର୍ଥିକ) ଯୋଜନା
  - ୧୭.୧.୧ ବିତ୍ତୀୟ ଯୋଜନାର ଉଦ୍ଦେଶ୍ୟ
  - ୧୭.୧.୨ ଏକ ଉତ୍ତମ ବିତ୍ତୀୟ ଯୋଜନାର ଅପରିହାର୍ଯ୍ୟ ତତ୍ତ୍ୱ
- ୧୭.୨ ପୁଞ୍ଜି ଆବଶ୍ୟକତାର ପ୍ରକାର ଭେଦ
  - ୧୭.୨.୧ ସ୍ଥାୟୀ ପୁଞ୍ଜି
  - ୧୭.୨.୨ ସ୍ଥାୟୀ ପୁଞ୍ଜି ଆବଶ୍ୟକତାର ମାତ୍ରା ନିର୍ଦ୍ଧାରଣ କରୁଥିବା କାରକ ସମୂହ
  - ୧୭.୨.୩ କାର୍ଯ୍ୟକାରୀ ପୁଞ୍ଜି
  - ୧୭.୨.୪ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ନିର୍ଦ୍ଧାରଣ କରୁଥିବା କାରକ ସମୂହ
- ୧୭.୩ ପୁଞ୍ଜିକରଣ
  - ୧୭.୩.୧ ଅଧି-ପୁଞ୍ଜିକରଣ
  - ୧୭.୩.୨ ଅବ- ପୁଞ୍ଜିକରଣ
- ୧୭.୪ ପୁଞ୍ଜି ସଂରଚନା
  - ୧୭.୪.୧ ପୁଞ୍ଜି ସଂରଚନା ନିର୍ଦ୍ଧାରଣ କରିବାର କାରକ ସମୂହ
- ୧୭.୫ ଲାଭାଂଶ
  - ୧୭.୫.୧ ଲାଭାଂଶ ର ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କାରକ ସମୂହ

୧୮

ଭାରତୀୟ ବିତ୍ତୀୟ ବଜାର

ତୁମେ ପୂର୍ଣ୍ଣରୂପେ ସଚେତନ ଯେ, ବ୍ୟବସାୟିକ ଏକକଗୁଡ଼ିକୁ ସମୟକୁ ସମୟ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜି ଏବଂ ସ୍ଥାୟୀ ପୁଞ୍ଜିର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସ୍ୱଳ୍ପ-ମିଆଦୀ ତଥା ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିବାକୁ ପଡ଼େ । ଏଥିପାଇଁ ଏହି ପାଣ୍ଠିର କେବଳ ତୁରନ୍ତ ଉପଲବ୍ଧତା ଆବଶ୍ୟକ ହୋଇ ନ ଥାଏ, ବରଂ ଏକ ସଂଚରଣ ବ୍ୟବସ୍ଥାର ମଧ୍ୟ ଆବଶ୍ୟକ ହୋଇଥାଏ ଯାହା ସାହାଯ୍ୟରେ ପାଣ୍ଠି ପ୍ରଦାନକାରୀ (ବିନିଯୋଗକାରୀ/ଋଣଦାତା) ମାନେ ଋଣଗ୍ରହୀତା /ବ୍ୟବହାରକାରୀ (ବ୍ୟବସାୟିକ ଏକକ) ମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିପାରିବେ ଏବଂ ଯେତେବେଳେ ଆବଶ୍ୟକ ସେତେବେଳେ ସେମାନଙ୍କୁ ପାଣ୍ଠି ହସ୍ତାନ୍ତର କରିପାରିବେ । ବିତ୍ତୀୟ ବଜାରଗୁଡ଼ିକ ଏହି ଦିଗ ପ୍ରତି ଯତ୍ନଶୀଳ ଥା'ନ୍ତି ଯେଉଁଗୁଡ଼ିକ ଏକ ସ୍ଥାନ ପ୍ରଦାନ କରିଥା'ନ୍ତି କିମ୍ବା ଯେଉଁଠାରେ ଏକ ବ୍ୟବସ୍ଥା ପ୍ରଦାନ କରିଥା'ନ୍ତି ଯାହା ମାଧ୍ୟମରେ ବିନିଯୋଗକାରୀ/ଋଣଦାତାଙ୍କ ଦ୍ୱାରା ବ୍ୟବସାୟିକ ଏକକଗୁଡ଼ିକୁ ପାଣ୍ଠିର ହସ୍ତାନ୍ତରଣ ପ୍ରକ୍ରିୟା ପର୍ଯ୍ୟାପ୍ତ ଭାବେ ସୁଗମ ହୋଇପାରିଥାଏ ।

ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ:

- ବିତ୍ତୀୟ ବଜାରର ଅବଧାରଣା ଏବଂ କାର୍ଯ୍ୟାବଳୀକୁ ବୁଝାଇପାରିବ;
- ମୁଦ୍ରା ବଜାରର ପ୍ରକୃତି ଓ ଗୁରୁତ୍ୱ ଉଲ୍ଲେଖ କରିପାରିବ;
- ପୁଞ୍ଜି ବଜାରର ପ୍ରକୃତି ଓ ପ୍ରକାର ଉଲ୍ଲେଖ କରିପାରିବ;
- ପୁଞ୍ଜି ବଜାର ଓ ମୁଦ୍ରା ବଜାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ଷ୍ଟକ୍ ଏକ୍ସଚେଞ୍ଜ (ଶେୟାର ବଜାର)ର ପ୍ରକୃତି ଓ କାର୍ଯ୍ୟାବଳୀକୁ ବୁଝାଇପାରିବ;
- କମ୍ପାନୀ, ବିନିଯୋଗକାରୀ ଏବଂ ସମଗ୍ର ସମାଜର ଦୃଷ୍ଟିକୋଣରୁ ଷ୍ଟକ୍ ଏକ୍ସଚେଞ୍ଜର ଉପକାରିତା ଗୁଡ଼ିକ ଉଲ୍ଲେଖ କରିପାରିବ;
- ଷ୍ଟକ୍ଏକ୍ସଚେଞ୍ଜର ସୀମାବଦ୍ଧତା ଉଲ୍ଲେଖ କରିପାରିବ;
- ଫଟକାର ଅବଧାରଣାକୁ ବୁଝାଇପାରିବ ଏବଂ ନିବେଶ (ବିନିଯୋଗ)ଠାରୁ ଏହାର ଭିନ୍ନତା ଦର୍ଶାଇପାରିବ;
- ଭାରତରେ ଥିବା ଷ୍ଟକ୍ ଏକ୍ସଚେଞ୍ଜ ଗୁଡ଼ିକର ଚିଠା ପ୍ରସ୍ତୁତ କରିପାରିବ;

- ଭାରତରେ ଷ୍ଟକ୍ ଏକ୍ସଚେଞ୍ଜ ଗୁଡ଼ିକର ନିୟନ୍ତ୍ରଣର ପ୍ରକୃତି ଏବଂ ଭାରତୀୟ ପ୍ରତିଭୂତି ଓ ବିନିମୟ ପରିଷଦ (SEBI)ର ଭୂମିକାର ବର୍ଣ୍ଣନା କରିପାରିବ ।

୧୮.୧ ବିତ୍ତୀୟ ବଜାର

ଆମେ ଜାଣୁ ଯେ ମୁଦ୍ରା ସର୍ବଦା ଉଦ୍‌ବୃତ୍ତ (ଆଧିକ୍ୟ) କ୍ଷେତ୍ରରୁ ଅଭାବୀ କ୍ଷେତ୍ରକୁ ପ୍ରବାହିତ ହୋଇଥାଏ । ଏହାର ଅର୍ଥ ହେଲା ଯେ, ବ୍ୟକ୍ତିବିଶେଷ ଯେଉଁମାନଙ୍କର ପାଖରେ ଅଧିକ ମୁଦ୍ରା (ଧନ) ଅଛି ସେମାନେ ଏହା ସେହିମାନଙ୍କୁ ଧାର(ଋଣ) ଦିଅନ୍ତି ଯେଉଁମାନେ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ମୁଦ୍ରା (ଧନ) ପ୍ରୟୋଜନ କରିଥାନ୍ତି । ସେହିପରି ବ୍ୟବସାୟିକ କ୍ଷେତ୍ରରେ ବିନିଯୋଗକାରୀ ବା ଋଣଦାତାଙ୍କ ଠାରୁ ଉଦ୍‌ବୃତ୍ତ ମୁଦ୍ରା ବ୍ୟବସାୟୀଙ୍କ ନିକଟକୁ ଦ୍ରବ୍ୟ ଏବଂ ସେବାର ଉତ୍ପାଦନ କିମ୍ବା ବିକ୍ରୀ ଉଦ୍ଦେଶ୍ୟରେ ପ୍ରବାହିତ ହୋଇଥାଏ । ତେଣୁ ଆମେ ଦୁଇ ଭିନ୍ନ ସଂଗୋଷ୍ଠୀଙ୍କୁ ପାଇଥାଉ, ଗୋଟିଏ ହେଉଛି ସେହିମାନେ ଯେଉଁମାନେ ମୁଦ୍ରା ବିନିଯୋଗ କରନ୍ତି ବା ଋଣ ଦିଅନ୍ତି ଏବଂ ଅନ୍ୟଟି ହେଉଛି ସେହିମାନେ ଯେଉଁମାନେ ମୁଦ୍ରା ଋଣ କରନ୍ତି ବା ବ୍ୟବହାର କରନ୍ତି । ବର୍ତ୍ତମାନ ତୁମେ ଚିନ୍ତା କର ଯେ ଏହି ଦୁଇ ସଂଗୋଷ୍ଠୀ କିପରି ପରସ୍ପରକୁ ଭେଟନ୍ତି ଏବଂ ପରସ୍ପର ମଧ୍ୟରେ କାରବାର କରନ୍ତି । ବିତ୍ତୀୟ ବଜାର ଗୁଡ଼ିକ ଏହି ଦୁଇ ସଂଗୋଷ୍ଠୀ ମଧ୍ୟରେ ଏକ ଯୋଗସୂତ୍ର ରୂପରେ କାର୍ଯ୍ୟ କରେ । ଏହା (ମୁଦ୍ରା) ଋଣଗ୍ରହୀତା ଓ ଋଣଦାତାମାନଙ୍କ ମଧ୍ୟରେ ଏକ ମଧ୍ୟସ୍ଥ ରୂପରେ କାର୍ଯ୍ୟ କରି ଋଣ ଜନିତ କାରବାରକୁ ସୁବିଧାଜନକ କରିଥାଏ । ତେଣୁ ବିତ୍ତୀୟ ବଜାରର ପରିଭାଷା (ସଂଜ୍ଞା) ଏହିପରି ଭାବେ ପ୍ରଦାନ କରାଯାଇପାରେ ଯେ "ଏହା ବିନିଯୋଗକାରୀ (କିମ୍ବା ଋଣଦାତା) ଏବଂ ଋଣ ଗ୍ରହୀତା (କିମ୍ବା ବ୍ୟବହାରକାରୀ) ମାନଙ୍କ ମଧ୍ୟରେ ଏକ ସଂଚରଣ ବ୍ୟବସ୍ଥା ଯାହା ମାଧ୍ୟମରେ ପାଣ୍ଠିର ହସ୍ତାନ୍ତରଣ ପ୍ରକ୍ରିୟା ସୁଗମ ହୋଇଥାଏ ।" ଏହା ମଧ୍ୟରେ ବ୍ୟକ୍ତିଗତ ବିନିଯୋଗକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ମଧ୍ୟସ୍ଥମାନେ ସାମିଲ ଥା'ନ୍ତି ଯେଉଁମାନେ ବିଭିନ୍ନ ଆର୍ଥିକ ପରିସମ୍ପତ୍ତି ଏବଂ ଦାତା-ପତ୍ର (Credit instruments) ଗୁଡ଼ିକର କାରବାର କରିବା ପାଇଁ ଏକ ଔପଚାରିକ ବ୍ୟାପାରିକ ନିୟମ ଏବଂ ଯୋଗାଯୋଗ (ସଂଚାର) ମାଧ୍ୟମ ଗୁଡ଼ିକ ଦ୍ୱାରା ଯୋଡ଼ି ହୋଇରହିଥାନ୍ତି ।

ଆଉ ଅଧିକ ପଢ଼ିବା ପୂର୍ବରୁ ଆସ, ଆମେ କେତେକ ଦାତା-ପତ୍ର ସମ୍ବନ୍ଧରେ ଧାରଣାପ୍ରାପ୍ତ ହେବା ।

ବିନିମେୟ ହୁଣ୍ଡି (Bill of exchange) : ବିନିମେୟ ହୁଣ୍ଡି ଏକ ନିଃସର୍ତ୍ତମୂଳକ ଲିଖିତ ଆଜ୍ଞାପତ୍ର ଅଟେ ଯାହା ପ୍ରସ୍ତୁତକର୍ତ୍ତାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥାଏ ଏବଂ ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖରେ ବା ଦାବୀ ମୁତାବକ ଏକ ନିର୍ଦ୍ଦିଷ୍ଟ ପରିମାଣର ରାଶି କେବଳ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ କିମ୍ବା ତାଙ୍କର ଆଦେଶିତ ବ୍ୟକ୍ତିଙ୍କୁ କିମ୍ବା ପ୍ରୋକ୍ତ ଆଜ୍ଞାପତ୍ରର ବାହକ (ଧାରକ)ଙ୍କୁ ପ୍ରଦାନ (ପୈଠ) କରିବା ନିମନ୍ତେ ଆଜ୍ଞା (ଆଦେଶ) ପ୍ରଦାନ କରାଯାଇଥାଏ । ଏହାର ଅର୍ଥକୁ ସ୍ପଷ୍ଟ କରିବା ପାଇଁ ଆସ ଏକ ଉଦାହରଣ ନେବା । ମନେକର ଗୋପାଳ ମଦନଙ୍କୁ ₹ 50,000 ର ଏକ ଋଣ ଦେଇଛନ୍ତି ଯାହା ମଦନଙ୍କୁ ଫେରାଇବାକୁ ପଡ଼ିବ। ବର୍ତ୍ତମାନ ଗୋପାଳଙ୍କୁ ମଧ କିଛି ଟଙ୍କା ମଧୁଙ୍କୁ ଦେବାକୁ ହେବ । ଏହି କ୍ଷେତ୍ରରେ ଗୋପାଳ ଏକ ଲିଖିତ ଦଲିଲ୍ ପ୍ରସ୍ତୁତ କରି ତା' ମାଧ୍ୟମରେ ମଦନଙ୍କୁ ₹ 50,000 ପର୍ଯ୍ୟନ୍ତ ମଧୁଙ୍କୁ ତାଙ୍କ ଦାବୀ ମୁତାବକ କିମ୍ବା ଏକ ନିର୍ଦ୍ଦିଷ୍ଟ ଅବଧି ଅତିକ୍ରାନ୍ତ ହେବା ପରେ ପୈଠ କରିବାକୁ ନିର୍ଦ୍ଦେଶ (ଆଦେଶ) ଦେଇପାରିବେ । ଏହି ଦଲିଲକୁ ବିନିମେୟ ହୁଣ୍ଡି କୁହାଯାଏ, ଯାହାକୁ ମଧୁଙ୍କ ଦ୍ୱାରା ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ହସ୍ତାନ୍ତର କରାଯାଇପାରିବ।

ପ୍ରତିଜ୍ଞା ପତ୍ର : ପ୍ରତିଜ୍ଞାପତ୍ର ଏକ ନିଃସର୍ତ୍ତମୂଳକ ଲିଖିତ ପ୍ରତିଶ୍ରୁତି ପତ୍ର (ବ୍ୟାଙ୍କ ନୋଟ୍ କିମ୍ବା ପ୍ରଚଳିତ ନୋଟ୍‌କୁ ଛାଡ଼ି) ଅଟେ ଯାହା ପ୍ରସ୍ତୁତକର୍ତ୍ତାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥାଏ ଏବଂ ସେଥିରେ ଏକ ନିର୍ଦ୍ଦିଷ୍ଟ

ଟିପ୍ପଣୀ

ତାରିଖରେ ଏକ ନିର୍ଦ୍ଦିଷ୍ଟ ପରିମାଣର ରାଶି (ଟଙ୍କା) କେବଳ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ କିମ୍ବା ତାଙ୍କର ଆଦେଶିତ ବ୍ୟକ୍ତିଙ୍କୁ କିମ୍ବା ପତ୍ରବାହକଙ୍କୁ ପୈଠ କରିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରାଯାଇଥାଏ । ମନେକର ତୁମେ ତୁମର ସାଙ୍ଗ ଜଗନଠାରୁ ₹ 20,000 ର ଏକ ଋଣ ନେଲ । ତୁମେ ଏକ ଦଲିଲ ପ୍ରସ୍ତୁତ କରିପାରିବ ଯେଉଁଥିରେ ତୁମେ ଉଲ୍ଲେଖ କରିପାରିବ ଯେ ତୁମେ ଜଗନକୁ କିମ୍ବା ବାହକଙ୍କୁ ତାଙ୍କ ଦାବୀ ମୁତାବକ ପ୍ରୋକ୍ତ ରାଶି ପୈଠ କରିବ । କିମ୍ବା ତୁମେ ଦଲିଲରେ ଏହା ଉଲ୍ଲେଖ କରିପାରିବ ଯେ ତୁମେ ତିନି ମାସ ପରେ ପ୍ରୋକ୍ତ ରାଶି ପୈଠ କରିବ । ଏହି ଦଲିଲ୍ ଥରେ ତୁମ ଦ୍ୱାରା ସ୍ୱାକ୍ଷରିତ ହୋଇ ଯଥାବିଧି ଟିକଟ୍ ଲଗାଯାଇ ଜଗନକୁ ହସ୍ତାନ୍ତରିତ ହୋଇଗଲେ ଏହା ଏକ ବିନିମୟସାଧ (ହସ୍ତାନ୍ତର ଯୋଗ୍ୟ) ଦଲିଲ ହୋଇଯାଏ । ବର୍ତ୍ତମାନ ଜଗନ ସ୍ୱୟଂ ବ୍ୟକ୍ତିଗତ ଭାବେ ଏହାକୁ ତୁମ ସମ୍ମୁଖରେ ପୈଠ ପାଇଁ ଉପସ୍ଥାପନ କରିପାରିବେ କିମ୍ବା ସେ ଏହି ଦଲିଲକୁ ଅନ୍ୟକୌଣସି ବ୍ୟକ୍ତିଙ୍କୁ ତାଙ୍କ ତରଫରୁ ରାଶି ସଂଗ୍ରହ କରିବା ପାଇଁ ଦେଇପାରିବେ । ସେ ଏହି ଦଲିଲକୁ କୌଣସି ଅନ୍ୟ ବ୍ୟକ୍ତିଙ୍କ ନାମରେ ପୃଷ୍ଠାଙ୍କନ (endorsement) କରିପାରିବେ ଯେ'କି ପୁଣି ଏହାକୁ ଆଉ କାହା ନାମରେ ପୃଷ୍ଠାଙ୍କନ କରିପାରିବେ ଏବଂ ଏହି ଧାରା (ପ୍ରକ୍ରିୟା) ସେତେବେଳ ପର୍ଯ୍ୟନ୍ତ ଜାରି ରହିପାରେ ଯେତେବେଳେ ଅନ୍ତିମରେ କୌଣସି ବ୍ୟକ୍ତି ଏହାକୁ ପୈଠ କରିବା ନିମନ୍ତେ ତୁମ ସମ୍ମୁଖରେ ଉପସ୍ଥାପନ କରିବେ । ଏହି ପ୍ରକାରର ଦଲିଲକୁ 'ପ୍ରତିଜ୍ଞା ପତ୍ର' କୁହାଯାଏ ।

ଆସ, ଆମେ ବର୍ତ୍ତମାନ ବିତ୍ତୀୟ ବଜାରର ମୁଖ୍ୟ କାର୍ଯ୍ୟାବଳୀ ଦେଖିବା ।

(କ) ଏହା ବିନିଯୋଗକାରୀ ଏବଂ ଋଣଗ୍ରହୀତା ମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା-ପ୍ରତିକ୍ରିୟା ପାଇଁ ସୁବିଧା ପ୍ରଦାନ କରିଥାଏ ।

(ଖ) ଏହା ବଜାରରେ କ୍ରେତା ଓ ବିକ୍ରେତା ଯେତେବେଳେ ବିତ୍ତୀୟ ବା ଆର୍ଥିକ ସମ୍ପତ୍ତିର କାରବାର କରନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ହେଉଥିବା ପାରସ୍ପରିକ କ୍ରିୟା-ପ୍ରତିକ୍ରିୟାରୁ ସ୍ପଷ୍ଟ ମୂଲ୍ୟାୟନ (ଦର ନିର୍ଦ୍ଧାରଣ) ସୂଚନା ପ୍ରଦାନ କରିଥାଏ ।

(ଗ) ଏହା ଆର୍ଥିକ ସମ୍ପତ୍ତିରେ କାରବାରକୁ ସୁରକ୍ଷା ପ୍ରଦାନ କରିଥାଏ ।

(ଘ) ଏହା ବିତ୍ତୀୟ ବା ଆର୍ଥିକ ସମ୍ପତ୍ତିର ବିକ୍ରୟ ନିମନ୍ତେ ବିନିଯୋଗକାରୀଙ୍କ ପାଇଁ ଏକ ସୁବ୍ୟବସ୍ଥିତ ପନ୍ଥା ପ୍ରଦାନ କରିବା ପୂର୍ବକ ତରଳତାକୁ ସୁନିଶ୍ଚିତ କରାଇଥାଏ ।

(ଙ) ଏହା ନେଣଦେଣ ଓ ତତ୍-ସଂଲଗ୍ନ ସୂଚନାକୁ ନ୍ୟୂନତମ ପରିବ୍ୟୟରେ ସୁନିଶ୍ଚିତ କରାଇଥାଏ ।

୧୮.୨ ବିତ୍ତୀୟ ବଜାରଗୁଡ଼ିକର ପ୍ରକାର

ବିତ୍ତୀୟ ବଜାରର ଦୁଇଟି ମୁଖ୍ୟ ଭାଗ ଅଛି : (କ) ମୁଦ୍ରା ବଜାର; ଏବଂ (ଖ) ପୁଞ୍ଜି ବଜାର । ମୁଦ୍ରା ବଜାର ସ୍ୱଳ୍ପ-ମିଆଦୀ ଋଣ ଜନିତ କାରବାର କରୁଥିବା ବେଳେ ପୁଞ୍ଜି ବଜାର ମଧ୍ୟମ-ମିଆଦୀ ଏବଂ ଦୀର୍ଘ-ମିଆଦୀ ଋଣର ସଂଚାଳନ କରିଥାଏ ।

ଆସ, ଏହି ଦୁଇ ପ୍ରକାରର ବଜାର ସମ୍ବନ୍ଧରେ ବିଶଦ ଭାବେ ଆଲୋଚନାକରିବା ।

୧୮.୩ ମୁଦ୍ରା ବଜାର

ମୁଦ୍ରାବଜାର ହେଉଛି ସ୍ୱଳ୍ପ-ମିଆଦୀ ପାଣ୍ଠି ପାଇଁ ଏକ ବଜାର ଯେଉଁଥିରେ ସେହିସବୁ ବିତ୍ତୀୟ / ଆର୍ଥିକ ସମ୍ପତ୍ତିର କାରବାର ହୋଇଥାଏ ଯେଉଁଗୁଡ଼ିକର ପରିପକ୍ୱତାର ଅବଧି ଏକ ବର୍ଷ ପର୍ଯ୍ୟନ୍ତ ହୋଇଥାଏ । ଏଠାରେ ପ୍ରଣିଧାନଯୋଗ୍ୟ ଯେ, ମୁଦ୍ରା ବଜାର ନଗଦ ଅର୍ଥ ବା ମୁଦ୍ରାର କାରବାର କରେ ନାହିଁ ବରଂ କେବଳ

ଟିପ୍ପଣୀ

ଦାତା (ଋଣ) ପତ୍ର ଯଥା ବିନିମେୟ ହୁଣ୍ଡି, ପ୍ରତିଜ୍ଞା ପତ୍ର, ବାଣିଜ୍ୟିକ ପତ୍ର, ରାଜକୋଷୀୟ ପତ୍ର (ଟ୍ରେଜେରୀ ବିଲ୍) ଇତ୍ୟାଦି ଗୁଡ଼ିକ ପାଇଁ ଏକ ସୁଗମ ବଜାର ବ୍ୟବସ୍ଥା କରିଥାଏ । ଏହି ଆର୍ଥିକବିପତ୍ର ଗୁଡ଼ିକ ମୁଦ୍ରାର ଘନିଷ୍ଠ ବିକଳ୍ପ ସଦୃଶ ଅଟେ । ଏହି ବିପତ୍ର ଗୁଡ଼ିକ ବ୍ୟବସାୟିକ ଏକକ, ଅନ୍ୟାନ୍ୟ ସଂଗଠନ ଏବଂ ସରକାରଙ୍କୁ ସେମାନଙ୍କର ସ୍ୱଳ୍ପ-ମିଆଦୀ ଆବଶ୍ୟକତା ପୂରଣ ପାଇଁ ପାଣ୍ଠି ଉଧାର କରିବାରେ ସାହାଯ୍ୟ କରେ ।

ମୁଦ୍ରା ବଜାର କୌଣସି ଏକ ସ୍ୱତନ୍ତ୍ର ବଜାର ସ୍ଥଳକୁ ସୂଚାଇ ନ ଥାଏ । ବରଂ ଏହା ସ୍ୱଳ୍ପ-ମିଆଦୀ ପାଣ୍ଠିର କାରବାର କରୁଥିବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକର ଏକ ସାମଗ୍ରିକ ବ୍ୟବସ୍ଥା (ନେଟ୍‌ୱାର୍କ)କୁ ବୁଝାଇଥାଏ, ଯାହାକି ଋଣଦାତାମାନଙ୍କୁ ଏକ ନିର୍ଗମ-ପଥ ପ୍ରଦାନ କରିଥାଏ ଏବଂ ଋଣଗ୍ରହୀତା ମାନଙ୍କ ପାଇଁ ଏହା ପାଣ୍ଠି ଯୋଗାଣର ଏକ ଉତ୍ସ ପ୍ରଦାନ କରିଥାଏ । ଅଧିକାଂଶ ମୁଦ୍ରା ବଜାରର କାରବାର ଟେଲିଫୋନ୍, ଫାକ୍ସ କିମ୍ବା ଇଣ୍ଟରନେଟ ମାଧ୍ୟମରେ ସମ୍ପନ୍ନ କରାଯାଇଥାଏ । ଭାରତୀୟ ମୁଦ୍ରା ବଜାର ଭାରତୀୟ ରିଜର୍ଭ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଆର୍ଥିକ ଅନୁଷ୍ଠାନ ଗୁଡ଼ିକୁ ନେଇ ଗଠିତ । ଭାରତୀୟ ରିଜର୍ଭ ବ୍ୟାଙ୍କ ଭାରତୀୟ ମୁଦ୍ରା ବଜାରର ଅଗ୍ରଣୀ (ଶୀର୍ଷ) ବ୍ୟାଙ୍କ ଅଟେ । କେତେକ ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (NBFCs) ଏବଂ ଆର୍ଥିକ ଅନୁଷ୍ଠାନ ଯଥା ଭାରତୀୟ ଜୀବନ ବୀମା ନିଗମ, ଭାରତୀୟ ସାଧାରଣ ବୀମା ନିଗମ, ୟୁନିଟ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଇତ୍ୟାଦି ମଧ୍ୟ ଭାରତୀୟ ମୁଦ୍ରା ବଜାରରେ କାର୍ଯ୍ୟ କରୁଛନ୍ତି ।

୧୮.୩.୧ ମୁଦ୍ରା ବଜାରର ବିପତ୍ର (ପ୍ରତିଭୂତି) ସମୂହ

ନିମ୍ନଲିଖିତ ଗୁଡ଼ିକ ମୁଦ୍ରା ବଜାରର କେତେକ ଗୁରୁତ୍ୱପୂର୍ଣ୍ଣ ବିପତ୍ର ବା ପ୍ରତିଭୂତି ଅଟେ :

(କ) ଆହ୍ୱାନ ରାଶି (Call Money) : ଆହ୍ୱାନ ରାଶି ମୁଖ୍ୟତଃ ବ୍ୟାଙ୍କ ଗୁଡ଼ିକ ଦ୍ୱାରା ସେମାନଙ୍କର ନଗଦ ଅର୍ଥ (ରୋକଡ)ର ଅସ୍ଥାୟୀ ଆବଶ୍ୟକତା ପୂରଣ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ । ସେଗୁଡ଼ିକ ସାଧାରଣତଃ ଦୈନିକ ଭିତ୍ତିରେ ପରସ୍ପରଠାରୁ ମୁଦ୍ରା ଋଣ ନିଅନ୍ତି ଏବଂ ଦିଅନ୍ତି । ଏହା ଚାହିଁବା (ଦାବୀ କରିବା) ମାତ୍ରେ ହିଁ ପରିଶୋଧନୀୟ ହୋଇଥାଏ ଏବଂ ଏହାର ପରିପକ୍ୱତା ଅବଧି ଏକ ଦିନରୁ ପନ୍ଦର ଦିନ ମଧ୍ୟରେ ସ୍ଥିର ହୋଇଥାଏ । ଆହ୍ୱାନ ରାଶି ଉପରେ ପୈଠ କରାଯାଉଥିବା ସୁଧର ହାରକୁ ଆହ୍ୱାନ ହାର ବୋଲି କୁହାଯାଏ ।

(ଖ) ରାଜକୋଷୀୟ ପତ୍ର (ଟ୍ରେଜେରୀ ବିଲ୍) : ଏକ ରାଜକୋଷୀୟ ପତ୍ର (ଟ୍ରେଜେରୀ ବିଲ୍) ହେଉଛି ସ୍ୱଳ୍ପମିଆଦୀ ପାଣ୍ଠିର ଆବଶ୍ୟକତା ପୂରଣ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଗମିତ (ପ୍ରଚଳିତ) ହେଉଥିବା ପ୍ରତିଜ୍ଞା ପତ୍ର । ରାଜକୋଷୀୟ ପତ୍ର ବା ଟ୍ରେଜେରୀ ବିଲ୍ ଗୁଡ଼ିକ ଉଚ୍ଚ ତରଳତାଯୁକ୍ତ ବିପତ୍ର ଅଟେ, ଅର୍ଥାତ୍ ଟ୍ରେଜେରୀ ବିଲ୍‌ର ଧାରକ ଯେକୌଣସି ସମୟରେ ଏହାକୁ ହସ୍ତାନ୍ତର କରିପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଏହାକୁ ରିହାତିରେ ଭଙ୍ଗାଣ କରି ପାରିବେ । ଏହି ବିଲ୍ ଗୁଡ଼ିକ ସାଧାରଣତଃ ସେଗୁଡ଼ିକର ମୁଦ୍ରିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ନିର୍ଗମିତ ହୋଇଥାଏ; ଏବଂ ମୁଦ୍ରିତ ମୂଲ୍ୟରେ ପରିଶୋଧିତ ହୋଇଥାଏ । ତେଣୁ ଟ୍ରେଜେରୀ ବିଲ୍‌ର ମୁଦ୍ରିତ ମୂଲ୍ୟ ଏବଂ ନିର୍ଗମନ ମୂଲ୍ୟ ମଧ୍ୟରେ ଯେଉଁ ଅନ୍ତର ଥାଏ ତାହା ନିବେଶ ଉପରେ ସୁଧ ଦର୍ଶାଇଥାଏ । ଏହି ବିଲ୍ ଏକ ସୁରକ୍ଷିତ ବିପତ୍ର ଅଟେ ଏବଂ ଏହାକୁ ୩୬୪ ଦିନରୁ ଅଧିକ ଅବଧି ପାଇଁ ନିର୍ଗମିତ କରାଯାଇପାରେ ନାହିଁ । ବ୍ୟାଙ୍କ, ଆର୍ଥିକ ଅନୁଷ୍ଠାନ ଏବଂ ନିଗମ ଗୁଡ଼ିକ ସାଧାରଣତଃ ଟ୍ରେଜେରୀ ବିଲ୍ ବଜାରରେ ମୁଖ୍ୟ ଭୂମିକା ତୁଲାଇଥାନ୍ତି ।

(ଗ) ବାଣିଜ୍ୟିକ ପତ୍ର : ବାଣିଜ୍ୟିକ ପତ୍ର କମ୍ପାନୀ ଗୁଡ଼ିକର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାର ବିତ୍ତାୟନ ପାଇଁ ଏକ ଜନପ୍ରିୟ ବିପତ୍ର ଅଟେ । ବାଣିଜ୍ୟିକ ପତ୍ର ଏକ ଅସୁରକ୍ଷିତ ବିପତ୍ର ଅଟେ ଯାହା ପ୍ରତିଜ୍ଞା ପତ୍ର ରୂପରେ ନିର୍ଗମିତ ହୋଇଥାଏ । ଏହି ବିପତ୍ର୧୯୯୦ ମସିହାରେ ସର୍ବପ୍ରଥମ ପ୍ରଚଳନ କରାଯାଇଥିଲା। ଯାହା ମାଧ୍ୟମରେ କମ୍ପାନୀଗୁଡ଼ିକ ଋଣ ଆକାରରେ ସ୍ୱଳ୍ପମିଆଦୀ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇପାରିବେ। ଏହା ୧୫ ଦିନରୁ ଆରମ୍ଭ କରି ଏକ ବର୍ଷ ଅବଧି ପର୍ଯ୍ୟନ୍ତ ନିର୍ଗମନ କରାଯାଇପାରିବ । ବାଣିଜ୍ୟିକ ପତ୍ରଗୁଡ଼ିକ ପୃଷ୍ଠାଙ୍କନ (endorsement) ଏବଂ ବିତରଣ ଦ୍ୱାରା ହସ୍ତାନ୍ତରଯୋଗ୍ୟ ଅଟେ । ଉଚ୍ଚ ପ୍ରତିଷ୍ଠାଯୁକ୍ତ କମ୍ପାନୀ (ବ୍ଲୁ-ଚିପ୍ କମ୍ପାନୀ) ସମୂହ ବାଣିଜ୍ୟିକ ପତ୍ର ବଜାରରେ ମୁଖ୍ୟ ଭୂମିକା ତୁଲାଇଥାନ୍ତି ।

(ଘ) ଜମା ପ୍ରମାଣପତ୍ର : ଜମା ପ୍ରମାଣପତ୍ର ଗୁଡ଼ିକ ବାଣିଜ୍ୟିକ ବ୍ୟାଙ୍କ ଏବଂ ସ୍ୱତନ୍ତ୍ର ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ (SFIs) ଗୁଡ଼ିକ ଦ୍ୱାରା ନିର୍ଗମିତ ହେଉଥିବା ସ୍ୱଳ୍ପ-ମିଆଦୀ ବିପତ୍ର ଅଟେ, ଯେଉଁଗୁଡ଼ିକ ଏକ ପକ୍ଷଙ୍କ ଠାରୁ ଅନ୍ୟ ଏକ ପକ୍ଷଙ୍କ ନିକଟକୁ ମୁକ୍ତ ଭାବେ (ଅବାଧରେ) ହସ୍ତାନ୍ତରଯୋଗ୍ୟ ଅଟେ । ଜମା ପ୍ରମାଣପତ୍ରଗୁଡ଼ିକର ପରିପକ୍ୱତା ଅବଧି ୯୧ ଦିନରୁ ଏକ ବର୍ଷ ପର୍ଯ୍ୟନ୍ତ ହୋଇଥାଏ । ଏଗୁଡ଼ିକ ବ୍ୟକ୍ତିବିଶେଷ, ସମବାୟ ସଂସ୍ଥା ଏବଂ କମ୍ପାନୀଗୁଡ଼ିକୁ ନିର୍ଗମନ କରାଯାଇପାରିବ ।

(ଙ) ବ୍ୟାପାରିକ ହୁଣ୍ଡି : ସାଧାରଣତଃ ବ୍ୟାପାରୀମାନେ ପାଇକାରୀ ବ୍ୟବସାୟୀ କିମ୍ବା ଉତ୍ପାଦନକାରୀଙ୍କଠାରୁ ଉଧାରରେ (ବାକିରେ) ମାଲ୍ କିଣିଥାନ୍ତି । ବିକ୍ରେତାମାନେ ଋଣ ଅବଧିର ପରିସମାପ୍ତି ପରେ ପୈଠ ପାଇଥାନ୍ତି । କିନ୍ତୁ ଯଦି କୌଣସି ବିକ୍ରେତା ଅପେକ୍ଷା କରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କର ମୁଦ୍ରାର ତତ୍କାଳ ଆବଶ୍ୟକତା ଥାଏ, ତେବେ ସେ କ୍ରେତାଙ୍କ ନାମରେ ଏକ ବିନିମେୟ ହୁଣ୍ଡି ଲେଖିପାରିବେ। ଯେତେବେଳେ କ୍ରେତା ଏହି ହୁଣ୍ଡି ଉପରେ ସ୍ୱୀକୃତି ପ୍ରଦାନ କରନ୍ତି, ତେବେ ଏହା ଏକ ବିନିମୟସାଧ୍ୟ ଦଲିଲରେ ପରିଣତ ହୁଏ ଏବଂ ଏହାକୁ ବିନିମେୟ ହୁଣ୍ଡି ବା ବ୍ୟାପାରିକ ହୁଣ୍ଡି କୁହାଯାଏ । ବର୍ତ୍ତମାନ ଏହି ବ୍ୟାପାରିକ ହୁଣ୍ଡିକୁ ଏହାର ପରିପକ୍ୱତା ତାରିଖ ପୂର୍ବରୁ ବ୍ୟାଙ୍କରେ ରିହାତିରେ ଭଙ୍ଗାଯାଇପାରିବ । ପରିପକ୍ୱତା ଦିବସରେ ହୁଣ୍ଡି କଟା ଯାଇଥିବା ବ୍ୟକ୍ତି, ଅର୍ଥାତ୍ ମାଲ୍‌ର କ୍ରେତାଙ୍କଠାରୁ ବ୍ୟାଙ୍କ ପୈଠ ପ୍ରାପ୍ତ କରିଥାନ୍ତି । ଯେତେବେଳେ ବ୍ୟାପାରିକ ହୁଣ୍ଡି ଗୁଡ଼ିକ ବାଣିଜ୍ୟିକ ବ୍ୟାଙ୍କ୍ ଗୁଡ଼ିକ ଦ୍ୱାରା ସ୍ୱୀକୃତ ହୋଇଥାଏ, ସେଗୁଡ଼ିକୁ ବାଣିଜ୍ୟିକ ହୁଣ୍ଡି କୁହାଯାଏ । ତେଣୁ ବ୍ୟାପାରିକ ହୁଣ୍ଡି ଏକ ବିପତ୍ର ଅଟେ, ଯାହା ହୁଣ୍ଡିର ପ୍ରସ୍ତୁତକର୍ତ୍ତାଙ୍କୁ ତାଙ୍କର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତାକୁ ପୂରଣ କରିବାପାଇଁ ସ୍ୱଳ୍ପ ଅବଧି ନିମନ୍ତେ ପାଣ୍ଠି ପ୍ରାପ୍ତ କରିବାରେ ସକ୍ଷମ କରାଯାଇଥାଏ ।

୧୮.୪ ପୁଞ୍ଜିବଜାର

ପୁଞ୍ଜିବଜାରର ସଂଜ୍ଞା ଏହିପରି ଦିଆଯାଇପାରେ ଯେ, ଏହା ମଧ୍ୟମ ଓ ଦୀର୍ଘ-ମିଆଦୀ ପାଣ୍ଠିରେ କାରବାର କରୁଥିବା ଏକ ବଜାର ଅଟେ । ଏହା ମଧ୍ୟମ ଓ ଦୀର୍ଘମିଆଦୀ ପାଣ୍ଠି ଉଧାର କରିବାପାଇଁ ଏକ ଆନୁଷ୍ଠାନିକ ବ୍ୟବସ୍ଥା ଅଟେ ଏବଂ ଏହା ପ୍ରତିଭୂତି ଗୁଡ଼ିକର ବିପଣନ ଏବଂ ବ୍ୟାପାର ପାଇଁ ସୁବିଧା ପ୍ରଦାନ କରିଥାଏ । ତେଣୁ ଏଥିରେ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ନିଆଯାଉଥିବା ସମସ୍ତ ଦୀର୍ଘ-ମିଆଦୀ ଋଣ, ବିଦେଶୀ ବଜାରରୁ ଋଣ ଏବଂ ବିଭିନ୍ନ ପ୍ରତିଭୂତି ଯଥା ଅଂଶ, ଋଣପତ୍ର, ବଣ୍ଡ୍ ଇତ୍ୟାଦିର ନିର୍ଗମନ ଦ୍ୱାରା ପୁଞ୍ଜି ସଂଗ୍ରହ ଅନ୍ତର୍ଭୁକ୍ତ ଥାଏ । ବର୍ତ୍ତମାନ ଅଧ୍ୟାୟରେ ଆସ ଆମେ ପ୍ରତିଭୂତି ଗୁଡ଼ିକର କାରବାର ପାଇଁ ବଜାର ସମ୍ବନ୍ଧରେ ଆଲୋଚନା କରିବା । ସେହି ବଜାର ଯେଉଁଠାରେ ପ୍ରତିଭୂତି ଗୁଡ଼ିକର ବ୍ୟାପାର (କିଣାବିକା) ହୁଏ ତାକୁ ପ୍ରତିଭୂତି ବଜାର କୁହାଯାଏ । ଏଥିରେ ଦୁଇଟି ଭିନ୍ନ ଭାଗ ଥାଏ, ଯଥା ପ୍ରାଥମିକ ବଜାର ଏକ ଦ୍ୱିତୀୟକ ବଜାର । ପ୍ରାଥମିକ ବଜାରରେ ନୂଆ ଅଥବା ସଦ୍ୟ ନିର୍ଗମିତ ପ୍ରତିଭୂତି ଗୁଡ଼ିକର କାରବାର ହୋଇଥାଏ ଏବଂ

ସେଥିପାଇଁ ଏହାକୁ **ନୂତନ ନିର୍ଗମନ ବଜାର** ମଧ୍ୟ କୁହାଯାଏ, ଯେତେବେଳେ କି ଦ୍ୱିତୀୟକ ବଜାର ବିଦ୍ୟମାନ ପ୍ରତିଭୂତି ଗୁଡ଼ିକର କ୍ରୟ ଓ ବିକ୍ରୟ ପାଇଁ ଏକ ସ୍ଥାନ ପ୍ରଦାନ କରିଥାଏ ଏବଂ ଅନେକ ସମୟରେ ଏହାକୁ **ଶେୟାର ବଜାର** ବା **ଷ୍ଟକ୍ ଏକ୍ସଚେଞ୍ଜ** ବୋଲି କୁହାଯାଏ ।

୧୮.୪.୧ ପ୍ରାଥମିକ ବଜାର

ପ୍ରାଥମିକ ବଜାରରେ ସେହିସବୁ ବ୍ୟବସ୍ଥା ଥାଏ ଯାହା ଅଂଶ ଓ ଋଣପତ୍ରର ସଦ୍ୟ ନିର୍ଗମନ କରିବା ପୂର୍ବକ କମ୍ପାନୀଗୁଡ଼ିକ ଦ୍ୱାରା ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିବାରେ ସୁବିଧା ପ୍ରଦାନ କରିଥାଏ । ତୁମେ ଜାଣ ଯେ, କମ୍ପାନୀଗୁଡ଼ିକ ସେମାନଙ୍କର ଗଠନ ସମୟରେ ଏବଂ, ଯଦି ଆବଶ୍ୟକ ପଡେ, ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବସାୟର ସମ୍ପ୍ରସାରଣ ସମୟରେ ଅଂଶ ଏବଂ / କିମ୍ବା ଋଣପତ୍ର ଗୁଡ଼ିକର ସଦ୍ୟ ନିର୍ଗମନ କରିଥାନ୍ତି । ଏହା ସାଧାରଣତଃ ବନ୍ଧୁ, ସମ୍ପର୍କୀୟ ଏବଂ ଆର୍ଥିକ ଅନୁଷ୍ଠାନ ଗୁଡ଼ିକୁ ବ୍ୟକ୍ତିଗତ ଭାବେ ସ୍ଥାପିତ କରିବା ପୂର୍ବକ କିମ୍ବା ସର୍ବସାଧାରଣ ନିର୍ଗମନ କରିବା ପୂର୍ବକ କରାଯାଇଥାଏ । ଯେକୌଣସି ସ୍ଥିତିରେ କମ୍ପାନୀଗୁଡ଼ିକୁ ଏକ ସୁସଂସ୍ଥାପିତ ବିଧିବ୍ୟବସ୍ଥାର ଅନୁସରଣ କରିବାକୁ ପଡ଼ିଥାଏ ଏବଂ ଏଥିରେ ବହୁ ସଂଖ୍ୟକ ମଧ୍ୟସ୍ଥ ଯଥା ଚୁକ୍ତିଧାରୀ (ଅଣ୍ଡରରାଇଟର), ଦଲାଲ ଇତ୍ୟାଦି ସଂଶ୍ଳିଷ୍ଟ ଥାନ୍ତି ଯେଉଁମାନେ ପ୍ରାଥମିକ ବଜାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଗଠନ କରିଥାନ୍ତି । ତୁମେ ନିକଟରେ କେତେକ ସର୍ବସାଧାରଣ କ୍ଷେତ୍ରୀୟ ସଂସ୍ଥା ଯଥା ଓ.ଏନ୍.ଜି.ସି. (ONGC), ଗେଲ୍ (GAIL), ଏନ୍.ଟି.ପି.ସି. (NTPC) ଏବଂ ଘରୋଇ କ୍ଷେତ୍ରୀୟ କମ୍ପାନୀ ଯଥା ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (TCS), ବାୟୋକନ (Biocon), ଜେଟ୍ ଏୟାରୱେଜ୍ ଆଦିଙ୍କ ଦ୍ୱାରା ରଖାଯାଇଥିବା ଅନେକ ପ୍ରାରମ୍ଭିକ ସର୍ବସାଧାରଣ ପ୍ରସ୍ତାବ (IPOs) ଗୁଡ଼ିକ ସମ୍ବନ୍ଧରେ ନିଶ୍ଚୟ ଶୁଣିବାକୁ ପାଇଥିବ ।

୧୮.୪.୨ ଦ୍ୱିତୀୟକ ବଜାର

ଦ୍ୱିତୀୟକ ବଜାର ଯାହାକି ଫଟକା ବଜାର ବା ଶେୟାର ବଜାର ବା ଷ୍ଟକ୍ ଏକ୍ସଚେଞ୍ଜ୍ ନାମରେ ବିଦିତ, ଅଂଶ ଓ ଋଣପତ୍ରର ଧାରଣକୁ ଆବଶ୍ୟକୀୟ ତରଳତା ପ୍ରଦାନ କରି ଦୀର୍ଘ-ମିଆଦୀ ପାଣ୍ଠିକୁ ଚଳନଶୀଳ କରାଇବାରେ ସମାନ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହା ଏକ ସ୍ଥାନ ଅଟେ ଯେଉଁଠାରେ ଏହି ପ୍ରତିଭୂତି ଗୁଡ଼ିକର ନଗଦୀକରଣ (ନଗଦ ଅର୍ଥରେ ରୂପାନ୍ତରିତ) ବିନା କିଛି ଜଟିଳତା ଏବଂ ବିଳମ୍ବରେ ହୋଇପାରିଥାଏ । ଏହା ଏକ ସଂଗଠିତ ବଜାର ଯେଉଁଠି ନିୟମିତ ଭାବେ ଉଚ୍ଚ ମାତ୍ରାର ସ୍ୱଚ୍ଛତା ଓ ନିରାପତ୍ତାର ସହିତ ଅଂଶ ଓ ଋଣପତ୍ର ଗୁଡ଼ିକର କାରବାର ହୋଇଥାଏ । ପ୍ରକୃତରେ ଏକ ସକ୍ରିୟ ଦ୍ୱିତୀୟକ ବଜାର ପ୍ରାଥମିକ ବଜାରର ଅଭିବୃଦ୍ଧିରେ ସହାୟକ ହୋଇଥାଏ ଯେହେତୁ ପ୍ରାଥମିକ ବଜାରରେ ନିବେଶକମାନେ ସେମାନଙ୍କର ଧାରଣ (ଅଂଶ ଓ ଋଣପତ୍ର) ଗୁଡ଼ିକର ତରଳତା ପାଇଁ ଏକ ସତତ ନିରବଚ୍ଛିନ୍ନ ବଜାରର ନିଶ୍ଚୟତା ପ୍ରାପ୍ତ କରିଥାନ୍ତି । ପ୍ରାଥମିକ ବଜାରରେ ଅଂଶଗ୍ରହଣକାରୀମାନେ ହେଲେ ବଣିକ ବ୍ୟାଙ୍କ, ମ୍ୟୁଚୁଆଲ୍ ଫଣ୍ଡ, ଆର୍ଥିକ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ନିବେଶକ ମାନେ ଏବଂ ଦ୍ୱିତୀୟକ ବଜାରରେ ତୁମେ ଏହି ସମସ୍ତଙ୍କୁ ତ ପାଇବ ଏବଂ ତା' ସହିତ ଶେୟାର ଦଲାଲଙ୍କୁ ମଧ୍ୟ ପାଇବ ଯେଉଁମାନେ କି ଶେୟାର ବଜାରର ସଦସ୍ୟ ଅଟନ୍ତି ଏବଂ ଯେଉଁମାନେ ପ୍ରତିଭୂତି ଗୁଡିକର କ୍ରୟ- ବିକ୍ରୟକୁ ସୁବିଧାଜନକ କରାଇଥା'ନ୍ତି । ପ୍ରାଥମିକ ବଜାର ଏବଂ ଦ୍ୱିତୀୟକ ବଜାର ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଧାରଣା ପ୍ରାପ୍ତ କରିସାରିବା ପରେ ଆସ ଆମେ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଗୁଡିକୁ ଦେଖିବା ।

୧୮.୫ ପ୍ରାଥମିକ ବଜାର ଓ ଦ୍ୱିତୀୟକ ବଜାର ମଧ୍ୟରେ ପାର୍ଥକ୍ୟ

ପ୍ରାଥମିକ ବଜାର ଓ ଦ୍ୱିତୀୟକ ବଜାର ମଧ୍ୟରେ ପାର୍ଥକ୍ୟର ମୁଖ୍ୟ ପଏଣ୍ଟ (ବିନ୍ଦୁ) ଗୁଡିକ ନିମ୍ନ ପ୍ରକାର ଅଟେ:

୧. କାର୍ଯ୍ୟ: ଯେତେବେଳେ ପ୍ରାଥମିକ ବଜାରର ମୁଖ୍ୟ କାର୍ଯ୍ୟ ନୂତନ ପ୍ରତିଭୂତିଗୁଡିକର ସଦ୍ୟ ନିର୍ଗମନ ମାଧ୍ୟମରେ ଦୀର୍ଘ-ମିଆଦୀ ପାଣ୍ଠି ସଂଗ୍ରହ କରିବା ହୋଇଥାଏ ସେତେବେଳେ ଦ୍ୱିତୀୟକ ବଜାରର ମୁଖ୍ୟ କାର୍ଯ୍ୟହେଲା ବିଦ୍ୟମାନ ଦୀର୍ଘ-ମିଆଦୀ ପ୍ରତିଭୂତି ଗୁଡିକ ପାଇଁ ଏକ ଅବିରାମ ଏବଂ ସୁପ୍ରସ୍ତୁତ ବଜାର ସୁବିଧା ଉପଲବ୍ଧ କରାଇବା ।

୨. ଅଂଶଗ୍ରହଣକାରୀ: ପ୍ରାଥମିକ ବଜାରରେ ମୁଖ୍ୟ ଅଂଶଗ୍ରହଣକାରୀମାନେ ଆର୍ଥିକ ଅନୁଷ୍ଠାନ, ମ୍ୟୁଚୁଆଲ୍ ଫଣ୍ଡ, ଚୁକ୍ତିଧାରୀ (ଅଣ୍ଡର୍‌ରାଇଟର) ଏବଂ ବ୍ୟକ୍ତିଗତ ବିନିଯୋଗକାରୀ ହୋଇଥିବା ବେଳେ ଦ୍ୱିତୀୟକ ବଜାରରେ ମୁଖ୍ୟ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏମାନେ ସମସ୍ତେ ଥା'ନ୍ତି ଏବଂ ତତ୍ ସହିତ ଫଟକା-ଦଲାଲମାନେ ମଧ୍ୟ ଥାଆନ୍ତି, ଯେଉଁମାନେ ଷ୍ଟକ୍ ଏକ୍ସଚେଞ୍ଜର ସଦସ୍ୟ ଅଟନ୍ତି ।

୩. ତାଲିକାଭୁକ୍ତ ହେବାର ଆବଶ୍ୟକତା: ଦ୍ୱିତୀୟକ ବଜାରରେ କେବଳ ସେହିସବୁ ପ୍ରତିଭୂତି ଗୁଡ଼ିକର କାରବାର କରାଯାଇପାରିବ ଯେଉଁଗୁଡିକ ସେହି ଉଦ୍ଦେଶ୍ୟରେ ଅନୁମୋଦିତ ହୋଇଥିବ (ତାଲିକା ଭୁକ୍ତ ହୋଇଥିବ) । ଅନ୍ୟ ପକ୍ଷରେ ପ୍ରାଥମିକ ବଜାର କ୍ଷେତ୍ରରେ ଏହିଭଳି ଆବଶ୍ୟକତା ନ ଥାଏ ।

୪. ଦର ନିର୍ଦ୍ଧାରଣ: ପ୍ରାଥମିକ ବଜାର କ୍ଷେତ୍ରରେ ପ୍ରତିଭୂତି ଗୁଡିକର ଦର ନିର୍ଦ୍ଧାରଣ ପରିଚାଳନାଙ୍କ ଦ୍ୱାରା ପ୍ରତିଭୂତିର ନୂତନ ନିର୍ଗମନ ପାଇଁ ସେବି (SEBI) ର ଆବଶ୍ୟକତାର ଯଥାବିଧି ଅନୁପାଳନ ପୂର୍ବକ କରାଯାଇଥାଏ । କିନ୍ତୁ ଦ୍ୱିତୀୟକ ବଜାର କ୍ଷେତ୍ରରେ ପ୍ରତିଭୂତିଗୁଡିକର ଦର ବଜାରରେ ବିଦ୍ୟମାନ ଥିବା ଚାହିଦା ଏବଂ ଯୋଗାଣର ଚାପ ଦ୍ୱାରା ସ୍ୱୟଂ ନିର୍ଦ୍ଧାରିତ ହୋଇଥାଏ ଏବଂ ତାହା ସଦାସର୍ବଦା ପରିବର୍ତ୍ତିତ ହୋଇଥାଏ ।

୧୮.୬ ପୁଞ୍ଜି ବଜାର ଓ ମୁଦ୍ରାବଜାର ମଧ୍ୟରେ ପାର୍ଥକ୍ୟ

ପୁଞ୍ଜି ବଜାର ମୁଦ୍ରା ବଜାରଠାରୁ ଅନେକ ପ୍ରକାରେ ଭିନ୍ନ ଅଟେ । ପ୍ରଥମତଃ, ମୁଦ୍ରାବଜାର ସ୍ୱଳ୍ପ-ମିଆଦୀ ପାଣ୍ଠି ସହିତ ସମ୍ବନ୍ଧିତ ହୋଇ ଥିବାବେଳେ ପୁଞ୍ଜି ବଜାର ଦୀର୍ଘ- ମିଆଦୀ ପାଣ୍ଠି ସହିତ ସମ୍ବନ୍ଧିତ ଅଟେ । ଦ୍ୱିତୀୟରେ, ମୁଦ୍ରା ବଜାରରେ ଟ୍ରେଜେରୀ ବିଲ୍, ବାଣିଜ୍ୟିକ ପତ୍ର, ବ୍ୟାପାରିକ ହୁଣ୍ଡି, ଜମା ପ୍ରମାଣପତ୍ର ଇତ୍ୟାଦି ପ୍ରତିଭୂତି ଗୁଡ଼ିକର କାରବାର ହେଉଥିବା ବେଳେ ପୁଞ୍ଜି ବଜାରରେ ଅଂଶ, ଋଣପତ୍ର, ବଣ୍ଡ୍ ଏବଂ ସରକାରୀ ପ୍ରତିଭୂତି ଗୁଡ଼ିକର କାରବାର ହୋଇଥାଏ । ତୃତୀୟରେ, ମୁଦ୍ରାବଜାରରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ, ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ / ଆର୍ଥିକ କମ୍ପାନୀ ଇତ୍ୟାଦି ଥିବାବେଳେ ପୁଞ୍ଜି ବଜାରରେ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଫଟକା-ଦଲାଲ, ଚୁକ୍ତିଧାରୀ (ଅଣ୍ଡର୍‌ରାଇଟର), ମ୍ୟୁଚୁଆଲ୍ ଫଣ୍ଡ, ଆର୍ଥିକ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ନିବେଶକମାନେ ଥାଆନ୍ତି । ଚତୁର୍ଥରେ, ମୁଦ୍ରାବଜାର ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାବେଳେ ପୁଞ୍ଜି ବଜାର ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(SEBI) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

ପାଠଗତ ପ୍ରଶ୍ନାବଳୀ ୧୮ (କ)

୧. ବିତ୍ତୀୟ ବଜାରର ସଂଜ୍ଞା ଦିଅ ।

____

____

____

୨.ନିମ୍ନ ପ୍ରଦତ୍ତ ସାରଣୀକୁ ସମ୍ପୂର୍ଣ୍ଣ କର:

(କ) ପ୍ରାଥମିକ ବଜାର ଓ ଦ୍ୱିତୀୟକ ବଜାର ମଧ୍ୟରେ ପାର୍ଥକ୍ୟ

ପାର୍ଥକ୍ୟର ବିନ୍ଦୁ	ପ୍ରାଥମିକ ବଜାର	ଦ୍ୱିତୀୟକ ବଜାର
୧. କାର୍ଯ୍ୟ	(i)	ବିଦ୍ୟମାନ ଦୀର୍ଘ-ମିଆଦୀ ପ୍ରତିଭୂତିଗୁଡ଼ିକ ପାଇଁ ଏକ ଅବିରାମ ଓ ସୁପ୍ରସ୍ତୁତ ବଜାର ଉପଲବ୍ଧ କରାଇବା
୨. ଅଂଶଗ୍ରହଣକାରୀ	ଆର୍ଥିକ ଅନୁଷ୍ଠାନ, ମ୍ୟୁଚୁଆଲ ଫଣ୍ଡ୍, ଚୁକ୍ତିଧାରୀ ଏବଂ ବ୍ୟକ୍ତିଗତ ନିବେଶକମାନେ	(ii)
୩. ତାଲିକାଭୁକ୍ତ ହେବାର ଆବଶ୍ୟକତା	ପ୍ରାଥମିକ ବଜାରରେ କାରବାର ପାଇଁ ତାଲିକାଭୁକ୍ତ ହେବାର ଆବଶ୍ୟକତା ନାହିଁ ।	(iii)
୪. ଦର ନିର୍ଦ୍ଧାରଣ	(iv)	ଚାହିଦା ଓ ଯୋଗାଣର ଚାପ ଦ୍ୱାରା ଦର ନିର୍ଦ୍ଧାରିତ ହୋଇଥାଏ ଏବଂ ସଦାସର୍ବଦା ପରିବର୍ତ୍ତିତ ହୋଇଥାଏ ।

(ଖ) ମୁଦ୍ରା ବଜାର ଓ ପୁଞ୍ଜିବଜାର ମଧ୍ୟରେ ପାର୍ଥକ୍ୟ

ପାର୍ଥକ୍ୟର ବିନ୍ଦୁ	ମୁଦ୍ରା ବଜାର	ପୁଞ୍ଜି ବଜାର
୧. ସମୟାବଧି /ସମୟ		
୨. କାରବାର ହେଉଥିବା ବିପତ୍ର		
୩. ଅଂଶଗ୍ରହଣକାରୀ		
୪. ନିୟାମକ ସଂସ୍ଥା		

୧୮.୭ ଶେୟାର ବଜାର / ଷ୍ଟକ୍ ଏକ୍ସଚେଞ୍ଜ

ଉପରେ କୁହାଯାଇଥିବା ପରି ଶେୟାର ବଜାର ଶବ୍ଦ ସାଧାରଣତଃ ଦ୍ୱିତୀୟକ ବଜାରପାଇଁ ବ୍ୟବହୃତ ହୁଏ । ଏହା ଏକ ସ୍ଥାନ ଯେଉଁଠି ବିଭିନ୍ନ ପ୍ରକାରର ବିଦ୍ୟମାନ ପ୍ରତିଭୂତି ଯଥା ଅଂଶ, ଋଣପତ୍ର ଏବଂ ବନ୍ଧକ, ସରକାରୀ ପ୍ରତିଭୂତିଗୁଡିକର ନିୟମିତ କିଣା-ବିକା କରାଯାଇପାରେ । ଏକ ଶେୟାର ବଜାର ସାଧାରଣତଃ ଏକ ସଂଘ, ଏକ ସମିତି ଅଥବା ଏକ କମ୍ପାନୀ ରୂପରେ ସଂଗଠିତ ହୋଇଥାଏ ଯାହାର ସଦସ୍ୟଙ୍କ ସଂଖ୍ୟା ସୀମିତ ଥାଏ । ଏହା କେବଳ ସେହି ସଦସ୍ୟମାନଙ୍କ ପାଇଁ ଉନ୍ମୁକ୍ତ ଥାଏ ଯେଉଁମାନେ କ୍ରେତା ଓ ବିକ୍ରେତାମାନଙ୍କ ପାଇଁ ଦଲାଲ୍ ରୂପରେ କାର୍ଯ୍ୟ କରନ୍ତି । ପ୍ରତିଭୁତି ଚୁକ୍ତି (ନିୟନ୍ତ୍ରଣ) ଅଧିନିୟମ ଅନୁସାରେ "ଶେୟାର ବଜାର ଏକ ସଂଘ,ସଂଗଠନ ବା ବ୍ୟକ୍ତିମାନଙ୍କର ଏକ ସଂସ୍ଥା ଅଟେ, ଯାହା ନିଗମିତ(INCORPORATED) ହୋଇଥାଉ ବା ନ ଥାଉ, ଯାହାର ସ୍ଥାପନ ପ୍ରତିଭୂତି ଗୁଡ଼ିକର କ୍ରୟ, ବିକ୍ରୟ ଓ କାରବାରଜନିତ ବ୍ୟବସାୟକୁ ସହାୟତା ପ୍ରଦାନ କରିବା, ନିୟମାଧୀନ କରିବା ଏବଂ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କରାଯାଇଥାଏ ।"

ଶେୟାର ବଜାରର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା:

1. ଏହା ଏକ ସଂଗଠିତ ବଜାର ଅଟେ ।
2. ଏହା ଏପରି ଏକ ସ୍ଥାନ ଯେଉଁଠାରେ ବିଦ୍ୟମାନ ଏବଂ ଅନୁମୋଦିତ ପ୍ରତିଭୂତିଗୁଡିକର କ୍ରୟ ଓ ବିକ୍ରୟ ସହଜରେ କରାଯାଇପାରେ ।
3. ଶେୟାର ବଜାରରେ ନେଣଦେଣ ଏହାର ସଦସ୍ୟ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଏଜେଣ୍ଟ୍ ମାନଙ୍କ ମଧ୍ୟରେ ହୋଇଥାଏ ।
4. ସମସ୍ତ ନେଣଦେଣ ସମ୍ପୃକ୍ତ ଶେୟାର ବଜାରର ନିୟମ ଏବଂ ଆଇନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।
5. ଏହା ପ୍ରତିଦିନ ସଂଘଟିତ ହେଉଥିବା ନେଣଦେଣ ଗୁଡିକର ମାତ୍ରା ଏବଂ ପ୍ରତିଭୂତି ଗୁଡିକର ଦର ସମ୍ବନ୍ଧରେ ସମ୍ପୂର୍ଣ୍ଣ ସୂଚନା ସର୍ବସାଧାରଣଙ୍କୁ ଉପଲବ୍ଧ କରାଇଥାଏ ।

ଏଠାରେ ଉଲ୍ଲେଖଯୋଗ୍ୟଯେ ଏକ ମାନ୍ୟତାପ୍ରାପ୍ତ ଶେୟାର ବଜାରରେ ସବୁ ପ୍ରତିଭୂତି ଗୁଡିକର କାରବାର କରିବାକୁ ଅନୁମତି ନ ଥାଏ । ଏଠାରେ କେବଳ ସେହି ପ୍ରତିଭୂତି (ଯାହାକୁ ତାଲିକାଭୁକ୍ତ ପ୍ରତିଭୂତି କୁହାଯାଏ)

ଗୁଡିକର କାରବାର ପାଇଁ ଅନୁମତି ମିଳିଥାଏ ଯେଉଁଗୁଡିକ ସେହି ଉଦ୍ଦେଶ୍ୟରେ ଶେୟାର ବଜାର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥାଏ। ତେବେ ଆଜିକାଲି କମ୍ପ୍ୟୁଟର ସହାୟତାରେ ଅନ୍-ଲାଇନ୍ କାରବାର ସୁବିଧାର ଉପଲବ୍ଧତା କାରଣରୁ ପ୍ରତିଭୂତିଗୁଡିକର କ୍ରୟ-ବିକ୍ରୟ ବହୁତ ସରଳ ହୋଇଯାଇଛି। ଏହା ଆହୁରି ମଧ୍ୟ ବହୁତ ଦ୍ରୁତ ଗତିରେ ହୋଇପାରୁଛି ଯେହେତୁ ଦଲାଲ୍, ଯେ କି ତତ୍କାଳ ଉପଲବ୍ଧ ହୋଇପାରୁଛନ୍ତି, ମାଧ୍ୟମରେ ଏକ କାରବାର ଅଳ୍ପ କେତେ ମିନିଟ୍‌ରେ ସମ୍ପନ୍ନ ହୋଇପାରୁଛି। ସେହିପରି ପ୍ରତିଭୂତି-ବିହୀନ କାରବାର ଏବଂ ରୋଲିଙ୍ଗ୍ ସେଟଲମେଣ୍ଟ (ଚଳମାନ/ଆବର୍ତ୍ତମାନ ଚୁକ୍ତା) ର ସୁବିଧା କାରଣରୁ ପ୍ରତିଭୂତି ଗୁଡିକର ବିତରଣ ଏବଂ ଏଥି-ସମ୍ପୃକ୍ତ ରାଶିର ପୈଠ ପାଇଁ ମଧ୍ୟ ବହୁତ କମ୍ ସମୟ, ଯଥା ୨ ଦିନ ଲାଗେ।

୧୮.୭.୧ ଶେୟାର ବଜାର (ଷ୍ଟକ୍ ଏକ୍ସଚେଞ୍ଜ) ର କାର୍ଯ୍ୟ

ଶେୟାର ବଜାରର କାର୍ଯ୍ୟ ନିମ୍ନ ମତେ ବ୍ୟାଖ୍ୟା କରାଯାଇପାରିବ:

୧. **ତତ୍କାଳୀନ ଓ ଅନବରତ ବଜାର ଉପଲବ୍ଧ କରାଇବା:** ଶେୟାର ବଜାର ତାଲିକାଭୁକ୍ତ ପ୍ରତିଭୂତି ଗୁଡିକର ନିୟମିତ ଓ ସୁବିଧାଜନକ ଭାବେ କିଣା-ବିକା ପାଇଁ ଏକ ସ୍ଥାନ ହୋଇଥିବା କାରଣରୁ ଏହା ବିଭିନ୍ନ ପ୍ରକାର ଅଂଶ, ଋଣ ପତ୍ର, ବଣ୍ଡ୍ ଏବଂ ସରକାରୀ ପ୍ରତିଭୂତି ଗୁଡିକ ପାଇଁ ଏକ ତତ୍କାଳିକ ଓ ଅନବରତ ବଜାର ସୁବିଧା ସୁନିଶ୍ଚିତ କରାଇଥାଏ। ଏହା ଏହି ପ୍ରତିଭୂତି ଗୁଡିକର ଧାରଣକୁ ଉଚ୍ଚକୋଟୀର ତରଳତା ପ୍ରଦାନ କରିଥାଏ ଯେହେତୁ ନିବେଶକ ତାଙ୍କର ଆୟତ୍ତାଧୀନ ଧାରଣ (holding) ଗୁଡିକୁ ଯେତେବେଳେ ଚାହିଁବେ ସେତେବେଳେ ନଗଦୀକରଣ କରିପାରିବେ।

2. **ଦର ଓ ବିକ୍ରୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା :** ଏକ ଶେୟାର ବଜାର ବିଭିନ୍ନ ପ୍ରତିଭୂତିରେ ପ୍ରତ୍ୟେକ ଦିନ ସଂଘଟିତ ହେଉଥିବା ସମସ୍ତ ନେଣ ଦେଣର ସମ୍ପୂର୍ଣ୍ଣ ବିବରଣୀ ରଖେ ଏବଂ ସେଗୁଡିକର ଦର ତଥା ବିକ୍ରୟର ମାତ୍ରା ସଂକ୍ରାନ୍ତୀୟ ସୂଚନା ନିୟମିତ ଭାବେ ପ୍ରେସ୍ ଏବଂ ଅନ୍ୟ ସଂଚର ମାଧ୍ୟମକୁ ଯୋଗାଇଥାଏ। ପ୍ରକୃତରେ ଆଜିକାଲି ତୁମେ ଟିଭି ଚ୍ୟନେଲ୍ ଯେପରିକି ସି.ଏନ୍.ବି.ସି, ଜି ନ୍ୟୁଜ୍, ଏନ୍. ଡି. ଟି. ଭି ଏବଂ ହେଡଲାଇନ୍ସ ଟୁଡେରେ ବଛାବଛା ଅଂଶ ଗୁଡିକର ଦାମ୍ ର ଗତିଶୀଳତା ସମ୍ପର୍କରେ ମିନିଟ୍ କୁ ମିନିଟ୍ ସୂଚନାପ୍ରାପ୍ତ କରିପାରିବ। ଏହା ନିବେଶକଙ୍କୁ ସେମାନେ ଆଗ୍ରହୀ ଥିବା ପ୍ରତିଭୂତିଗୁଡିକର କ୍ରୟ ଓ ବିକ୍ରୟ ସଂକ୍ରାନ୍ତ ତ୍ୱରିତ ନିଷ୍ପତ୍ତି ନେବାରେ ସକ୍ଷମ କରାଇଥାଏ। କେବଳ ସେତିକି ନୁହେଁ, ଏହି ସୂଚନା ସେମାନଙ୍କୁ ନିଜର ଆୟତ୍ତାଧୀନ ପ୍ରତିଭୂତି ଗୁଡିକର ମୋଟ ମୂଲ୍ୟ ନିର୍ଦ୍ଧାରଣ ତଥା ସେଗୁଡିକର ଦରରେ ପରିବର୍ତ୍ତନର ପ୍ରବୃତ୍ତି ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଏ। ଏହା ସେମାନଙ୍କୁ ଆବଶ୍ୟକ ସ୍ଥଳେ ବ୍ୟାଙ୍କ ଋଣସମ୍ବନ୍ଧୀୟ ନିଷ୍ପତ୍ତି ନେବାରେ ସକ୍ଷମ କରାଏ।

3. **କାରବାର ଓ ନିବେଶକୁ ସୁରକ୍ଷା ପ୍ରଦାନ କରିବା :** ଶେୟାର ବଜାରରେ ନେଣଦେଣ କେବଳ ଏହାର ସଦସ୍ୟମାନଙ୍କ ମଧ୍ୟରେ ଯଥେଷ୍ଟ ସ୍ୱଚ୍ଛତାର ସହିତ ଏବଂ ଏହାର ନୀତି ଓ ନିୟମର କଠୋର ଅନୁପାଳନ ପୂର୍ବକ ସମ୍ପନ୍ନ ହୋଇଥାଏ। ଯେଉଁଥିରେ ବିତରଣ ଓ ପୈଠ କରିବାର ସମୟ ଓ ପଦ୍ଧତିର ଅନୁସରଣ କରିବା ଅନ୍ତର୍ଭୁକ୍ତ ଥାଏ। ଏହା ଶେୟାର ବଜାରରେ କାରବାରକୁ ଏକ ଉଚ୍ଚକୋଟୀର ନିରାପତ୍ତା (ସୁରକ୍ଷା) ପ୍ରଦାନ କରିଥାଏ। ଏଠାରେ ଅଣ-ପୈଠ କିମ୍ବା ଅଣ-ବିତରଣଜନିତ କ୍ଷତିର ଆଶଙ୍କା ବହୁତ କମ୍ ଥାଏ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (SEBI) ମଧ୍ୟ ଭାରତରେ ଶେୟାର ବଜାରରେ ବ୍ୟବସାୟକୁ ତଥା ଫଟକା-ଦଲାଲ ମାନଙ୍କର କାର୍ଯ୍ୟକାରିତାକୁ ନିୟମାଧିନ ଓ ନିୟନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ, ଏକ ଶେୟାର ବଜାର କେବଳ ସେହି ପ୍ରତିଭୂତି ଗୁଡିକର କାରବାର ପାଇଁ ଅନୁମତି ଦେଇଥାଏ ଯେଉଁ ଗୁଡିକ

ଏଠାରେ ତାଲିକାଭୁକ୍ତ ହୋଇଥାଏ; ଏବଂ କୌଣସି ପ୍ରତିଭୂତିକୁ ତାଲିକାଭୁକ୍ତ କରିବାପାଇଁ ଏହା ପ୍ରଥମେ କମ୍ପାନୀର ଶୁଦ୍ଧତା ଓ ସୁସ୍ଥତା ସମ୍ବନ୍ଧରେ ସ୍ୱୟଂ ସନ୍ତୁଷ୍ଟ ହୋଇଥାଏ ଏବଂ ଏଥିସହିତ କମ୍ପାନୀ ଦ୍ୱାରା ନିୟମିତ ରୂପରେ କେତେକ ନିର୍ଦ୍ଦିଷ୍ଟ ସୂଚନାର ପରିପ୍ରକାଶକୁ ବାଧ୍ୟତାମୂଳକ କରିଥାଏ। ଯଦିଓ ଏହି ପ୍ରକ୍ରିୟା କମ୍ପାନୀର ଆର୍ଥିକ ସୁସ୍ଥତା ଓ ଲାଭପ୍ରଦତ୍ତାର ଗ୍ୟାରେଣ୍ଟି ଦେଇପାରେ ନାହିଁ, ତଥାପି ଏହା ତା'ର ଶୁଦ୍ଧତା (ବାସ୍ତବିକତା) ସମ୍ବନ୍ଧରେ କିଛି ମାତ୍ରାରେ ନିଶ୍ଚୟତା (ବିଶ୍ୱାସ) ପ୍ରଦାନ କରିପାରେ ଏବଂ ତା'ର ପ୍ରଗତି ସମ୍ବନ୍ଧରେ ଜାଣିବାରେ ସକ୍ଷମ କରିପାରେ।

4. ସଞ୍ଚୟର ଗତିଶୀଳତା ଏବଂ ପୁଞ୍ଜିର ସୃଜନରେ ସହାୟକ : ଶେୟାର ବଜାରର ଦକ୍ଷ କାର୍ଯ୍ୟପ୍ରଣାଳୀ ଏକ ସକ୍ରିୟ ଏବଂ ବିକାଶଶୀଳ ପ୍ରାଥମିକ ବଜାର ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ। ଶେୟାର ବଜାରର ଉତ୍ତମ କାର୍ଯ୍ୟ ସମ୍ପାଦନ ଏବଂ ଅଂଶଗୁଡିକ ପ୍ରତି ଦୃଷ୍ଟିକୋଣ ନୂତନ ନିର୍ଗମନ ବଜାରକୁ ପ୍ଲବତା (ତେଜ) ପ୍ରଦାନ କରେ ଯାହା ସଞ୍ଚୟକୁ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ବିନିବେଶ ପାଇଁ ଗତିଶୀଳତା ପ୍ରଦାନ କରିବାରେ ସହାୟତା କରେ। କେବଳ ସେତିକି ନୁହେଁ, ଶେୟାର ବଜାର ଅଂଶ ଓ ଋଣପତ୍ରରେ ନିବେଶ ଓ କାରବାରକୁ ତରଳତା ଓ ଲାଭପ୍ରଦତ୍ତା ପ୍ରଦାନ କରିଥାଏ। ଏହା ଆହୁରିମଧ୍ୟ ଲୋକମାନଙ୍କୁ ସେମାନଙ୍କର ସଞ୍ଚୟକୁ କେଉଁଠାରେ ଓ କିପରି ବିନିଯୋଗ (ନିବେଶ) କରି ସମୁଚିତ ପ୍ରତିଫଳ ପ୍ରାପ୍ତ କରାଯାଇପାରିବ ତାହା ଶିକ୍ଷା ଦେଇଥାଏ। ଏହା ସାଧାରଣ ଲୋକଙ୍କ ମଧ୍ୟରେ ସଞ୍ଚୟ କରିବା, ନିବେଶ କରିବା ଏବଂ ଆଶଙ୍କା (ବିପଦ) ବରଣ କରିବାର ଅଭ୍ୟାସକୁ ପ୍ରୋତ୍ସାହିତ କରେ। ଅତଃ, ଏହା ବଳକା ସଞ୍ଚୟକୁ ନିଗମୀୟ ଏବଂ ସରକାରୀ ପ୍ରତିଭୂତି ଗୁଡିକରେ ବିନିଯୋଗ କରିବା ପାଇଁ ଗତିଶୀଳତା ପ୍ରଦାନ କରିବାରେ ସହାୟତା କରିଥାଏ ଏବଂ ପୁଞ୍ଜିର ସୃଜନକୁ ମଧ୍ୟ ସହାୟତା କରିଥାଏ।

5. ଆର୍ଥନୀତିକ ଓ ବ୍ୟବସାୟିକ ବ୍ୟବସ୍ଥାର ପରିମାପକ: ଶେୟାର ବଜାର ଏକ ଦେଶର ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନକୁ ପ୍ରତିଫଳିତ କରିଥାଏ, ଯେହେତୁ ଅଂଶ ଗୁଡିକର ଦାମ୍ ପରିବର୍ତ୍ତନଶୀଳ, ଏହା ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ଅବସ୍ଥା ସହିତ ବହୁମାତ୍ରାରେ ସମ୍ବେଦନଶୀଳ। ଏହା ଲକ୍ଷ୍ୟ କରାଯାଏ ଯେ ଅର୍ଥନୈତିକ ସମୃଦ୍ଧି ସମୟରେ ଅଂଶ ଗୁଡିକର ମୂଲ୍ୟ ବୃଦ୍ଧି ପାଇଥାଏ, ଏହାର ବିପରୀତଭାବେ ଯେତେବେଳେ ଅର୍ଥନୈତିକ ନିଷ୍କ୍ରିୟତା କିମ୍ବା ମାନ୍ଦାବସ୍ଥା କାରଣରୁ ବ୍ୟବସାୟିକ କାର୍ଯ୍ୟକଳାପ ଧିମେଇ ଯାଏ ସେତେବେଳେ ଅଂଶ ଗୁଡିକର ଦାମ୍ ହ୍ରାସ ପାଇଥାଏ। ଅତଃ, ଶେୟାର ବଜାରରେ କାରବାରର ପ୍ରାବଲ୍ୟ ଏବଂ ଏହାର ଫଳ ସ୍ୱରୂପ ସଂପୃକ୍ତ ପ୍ରତିଭୂତି ଗୁଡିକର ଦରରେ ବୃଦ୍ଧି କିମ୍ବା ହ୍ରାସ, ନିବେଶକଙ୍କ ଦ୍ୱାରା ଦେଶର ଆର୍ଥନୀତିକ ଓ ବ୍ୟବସାୟିକ ବ୍ୟବସ୍ଥାର ମୂଲ୍ୟାଙ୍କନକୁ ପ୍ରତିଫଳିତ କରିଥାଏ ଏବଂ ଏହା ଏକ ପରିମାପକ ଯନ୍ତ୍ର (ବାରୋମିଟର) ରୂପେ କାର୍ଯ୍ୟକରେ ଯାହା ବ୍ୟବସାୟିକ ବାତାବରଣର ସାଧାରଣ ବ୍ୟବସ୍ଥା ସମ୍ବନ୍ଧରେ ଇଙ୍ଗିତ ପ୍ରଦାନ କରିଥାଏ।

6. ପାଣ୍ଠିର ଉଚିତ ଆବଣ୍ଟନ: ଶେୟାର ବଜାରରେ ନେଣଦେଣ ପ୍ରକ୍ରିୟାର ଫଳସ୍ୱରୂପ ଅଳ୍ପ ଲାଭପ୍ରଦ ଉଦ୍ୟୋଗରୁ ବେଶୀ ଲାଭପ୍ରଦ ଉଦ୍ୟୋଗକୁ ପାଣ୍ଠିର ପ୍ରବାହ ଘଟେ ଏବଂ ଏହାଦ୍ୱାରା ପାଣ୍ଠିକୁ ଅଭିବୃଦ୍ଧି ପାଇଁ ଅଧିକ ସୁଯୋଗ ଉପଲବ୍ଧ ହୋଇଥାଏ। ଏହି ଭାବେ ଅର୍ଥବ୍ୟବସ୍ଥାରେ ଆର୍ଥିକ ସମ୍ବଳ ଗୁଡିକର ଶ୍ରେଷ୍ଠ ଆବଣ୍ଟନ ହୋଇଥାଏ।

୧୮.୭.୨ ଶେୟାର ବଜାରର ସୁବିଧା (ଲାଭ)

ଶେୟାର ବଜାରର କାର୍ଯ୍ୟାବଳୀର ଆଲୋଚନା କରି ସାରିବା ପରେ ଆସ ଆମେ ଏହାର ସୁବିଧାଗୁଡ଼ିକ ବିଷୟରେ ଜାଣିବା ଯେଉଁଗୁଡ଼ିକୁ ଆମେ (କ) କମ୍ପାନୀ, (ଖ) ନିବେଶକ, ଏବଂ (ଗ) ସମୁଦାୟ ସମାଜ ଦୃଷ୍ଟିକୋଣରୁ ରେଖାପାତ କରିପାରିବା :

(କ) କମ୍ପାନୀ ପାଇଁ ସୁବିଧା (ଲାଭ)

(i) ଯେଉଁ କମ୍ପାନୀଗୁଡ଼ିକର ପ୍ରତିଭୂତି ଶେୟାର ବଜାରରେ ତାଲିକାଭୁକ୍ତ ହୋଇଥାଏ, ସେହି କମ୍ପାନୀଗୁଡ଼ିକ ଅପେକ୍ଷାକୃତ ଅନ୍ୟ କମ୍ପାନୀଗୁଡ଼ିକ ତୁଳନାରେ ଅଧିକ ସୁନାମ (ଖ୍ୟାତି) ଏବଂ ଋଣପ୍ରାପ୍ତି କ୍ଷମତା ଉପଭୋଗ କରିଥା'ନ୍ତି କାରଣ ସେଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଅଧିକ ସୁଦୃଢ଼ ବୋଲି ମନେ କରାଯାଏ।

(ii) ସେଗୁଡ଼ିକର ପ୍ରତିଭୂତି ପାଇଁ ବଜାର ବିସ୍ତୃତ ଥାଏ ଯେହେତୁ ସାରା ବିଶ୍ୱର ନିବେଶକମାନେ ଏହି ପ୍ରତିଭୂତିଗୁଡ଼ିକ ବିଷୟରେ ସଚେତନ ଥା'ନ୍ତି ଏବଂ ସେଥିରେ ନିବେଶ କରିବାର ସୁଯୋଗ ଥାଏ।

(iii) ବର୍ଦ୍ଧିତ ସୁନାମ ଏବଂ ଅଧିକ ଚାହିଦାର ପରିଣାମ ସ୍ୱରୂପ ସେଗୁଡ଼ିକର ପ୍ରତିଭୂତିର ଦର ବୃଦ୍ଧି ପ୍ରାପ୍ତ ହୋଇଥାଏ ଏବଂ ସାମୂହିକ ଉପକ୍ରମ (collective venture), ବିଲୟନ /ମିଶ୍ରଣ (merge) ଇତ୍ୟାଦିରେ ସେଗୁଡ଼ିକର ଦର କଷାକଷି ଶକ୍ତିରେ ମଧ୍ୟ ବୃଦ୍ଧି ପ୍ରାପ୍ତ ହୋଇଥାଏ।

(iv) କମ୍ପାନୀକୁ ତା'ର ନିର୍ଗମନର ଆକାର, ଦର ଏବଂ ସମୟ ସମ୍ବନ୍ଧରେ ନିଷ୍ପତ୍ତି ନେବାକୁ ସୁବିଧା ହୋଇଥାଏ।

(ଖ) ନିବେଶକମାନଙ୍କ ପାଇଁ

(i) ନିବେଶକମାନେ ପ୍ରତିଭୂତି ଗୁଡ଼ିକର ତତ୍କାଳିକ ଉପଲବ୍ଧତାର ସୁବିଧା ଏବଂ ନିଜ ଇଚ୍ଛା ମୁତାବକ ତଥା ଉଚିତ୍ ସମୟରେ ସେଗୁଡ଼ିକର କ୍ରୟ-ବିକ୍ରୟର ସୁବିଧା ଉପଭୋଗ କରିଥାନ୍ତି।

(ii) ଶେୟାର ବଜାରରେ ହେଉଥିବା କାରବାରଗୁଡ଼ିକର ସୁନିଶ୍ଚିତ ନିରାପତ୍ତା କାରଣରୁ ନିବେଶକମାନେ ବିତରଣ ଓ ପୈଠ ଜନିତ ସମସ୍ୟାରୁ ଚିନ୍ତାମୁକ୍ତ ରହିଥାନ୍ତି।

(iii) ଶେୟାର ବଜାରରେ କିଣା-ବିକା ହେଉଥିବା ପ୍ରତିଭୂତି ଗୁଡ଼ିକର ଦାମ୍ ସମ୍ପର୍କିତ ସୂଚନାର ନିୟମିତ ଉପଲବ୍ଧତା ସେମାନଙ୍କୁ ସେମାନଙ୍କର କ୍ରୟ ଓ ବିକ୍ରୟର ଉପଯୁକ୍ତ ସମୟ ନିର୍ଦ୍ଧାରଣ କରିବାରେ ସହାୟତା କରିଥାଏ।

(iv) ଶେୟାର ବଜାରରେ କିଣାବିକା ହେଉଥିବା ପ୍ରତିଭୂତି ଗୁଡ଼ିକରେ ଥିବା ସେମାନଙ୍କର ନିବେଶ ଉପରେ ବ୍ୟାଙ୍କରୁ ଋଣ ଉଠାଇବା ପାଇଁ ସେମାନଙ୍କୁ ସହଜ ହୋଇଥାଏ, କାରଣ ବ୍ୟାଙ୍କ ସେହି ପ୍ରତିଭୂତି ଗୁଡ଼ିକର ତରଳତା ଏବଂ ସୁଗମ ମୂଲ୍ୟାଙ୍କନ କାରଣରୁ ସେଗୁଡ଼ିକୁ ସମାନ୍ତରାଳ (ଅତିରିକ୍ତ) ବନ୍ଧକ ରୂପେ ପସନ୍ଦ କରିଥାନ୍ତି।

(ଗ) ସମାଜ ପାଇଁ

(i) ନିବେଶର ଲାଭପ୍ରଦ ଅବସର (ପ୍ରବେଶ ପଥ)ର ଉପଲବ୍ଧତା ଏବଂ ସେଗୁଡ଼ିକର ତରଳତା ଲୋକମାନଙ୍କୁ ସଞ୍ଚୟ କରିବା ଏବଂ ଦୀର୍ଘ-ମିଆଦୀ ପ୍ରତିଭୂତି ଗୁଡ଼ିକରେ ନିବେଶ କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ଏହା ଦେଶରେ ପୁଞ୍ଜିର ସୃଜନ (ସୃଷ୍ଟି)କୁ ବୃଦ୍ଧି ପ୍ରାପ୍ତ କରିଥାଏ।

(ii) ଶେୟାର ବଜାରରେ ପ୍ରତିଭୂତି ଗୁଡ଼ିକର ସୁଗମ କ୍ରୟ ଏବଂ ବିକ୍ରୟ ପାଇଁ ଉପଲବ୍ଧ ସୁବିଧା ନୂତନ ନିର୍ଗମନ ବଜାରକୁ ସମର୍ଥନ ଦେଇଥାଏ । ଏହା ଔଦ୍ୟୋଗିକ କାର୍ଯ୍ୟର ପ୍ରବର୍ତ୍ତନ ଏବଂ ବିସ୍ତାରଣରେ ସହାୟକ ହୋଇଥାଏ ଯାହାର ଫଳ ସ୍ୱରୂପ ଦେଶରେ ଔଦ୍ୟୋଗିକ ଅଭିବୃଦ୍ଧି ହାର ବୃଦ୍ଧି ପାଇଥାଏ ।

(iii) ଶେୟାର ବଜାର ବିତ୍ତୀୟ ସମ୍ବଳ ସମୂହକୁ ଅଧିକ ଲାଭଦାୟକ ଏବଂ ଅଭିବୃଦ୍ଧିଶୀଳ ଔଦ୍ୟୋଗିକ ଏକକରେ ଲଗାଇବା ପାଇଁ ସୁବିଧା ପ୍ରଦାନ କରିଥାଏ ଯେଉଁଠି ନିବେଶକମାନେ ସହଜରେ ସେମାନଙ୍କ ନିବେଶକୁ ବହୁ ମାତ୍ରାରେ ବୃଦ୍ଧି କରିପାରିବେ ।

(iv) ଶେୟାର ବଜାରରେ କାରବାରର ମାତ୍ରା ଏବଂ ଅଂଶ-ମୂଲ୍ୟର ଗତିଶୀଳତା ପରିବର୍ତ୍ତନଶୀଳ ଆର୍ଥନୀତିକ ସ୍ୱାସ୍ଥ୍ୟାବସ୍ଥାର ପ୍ରତିଫଳନ କରିଥାଏ ।

(v) ଯେହେତୁ ଶେୟାର ବଜାରରେ ସରକାରୀ ପ୍ରତିଭୂତିଗୁଡ଼ିକର ମଧ୍ୟ କିଣା-ବିକା ହୋଇଥାଏ, ସେହେତୁ ସରକାରଙ୍କୁ ମଧ୍ୟ ଋଣ ପ୍ରାପ୍ତ କରିବାରେ ସୁବିଧା ହୋଇଥାଏ । ସରକାର, ବିଦ୍ୟୁତ୍ ବୋର୍ଡ଼, ମହାନଗର ନିଗମ ଏବଂ ସର୍ବସାଧାରଣ ସଂସ୍ଥା (PSUs) ଗୁଡ଼ିକ ଦ୍ୱାରା ନିର୍ଗମିତ ବଣ୍ଡ୍ ଶେୟାର ବଜାରରେ ଘନ ଘନ ଯାଚନାଭୁକ୍ତ ହେଉଥିବା ଦେଖିବାକୁ ମିଳିଥାଏ ଏବଂ ଏହା ସାଧାରଣତଃ ସଫଳ ହୋଇଥାଏ ।

୧୮.୭.୩ ଶେୟାର ବଜାରର ସୀମାବଦ୍ଧତା

ଅନ୍ୟ ଅନୁଷ୍ଠାନ ଗୁଡ଼ିକ ପରି ଶେୟାର ବଜାରର ମଧ୍ୟ ନିଜର ସୀମାବଦ୍ଧତା ଅଛି । ଶେୟାର ବଜାରର ପ୍ରଚଳନ ସହ ଜଡ଼ିତ ଦୋଷମାନଙ୍କ ମଧ୍ୟରେ ଏକ ମୁଖ୍ୟ ଦୋଷ ହେଲା ଅତ୍ୟଧିକ ଫଟକା (ସଟ୍ଟାବାଜୀ) କାରବାର । ତୁମେ ଜାଣ ଯେ ଫଟକା କାରବାରର ଅର୍ଥ ହେଲା ବିଭିନ୍ନ ସମୟରେ ବିଭିନ୍ନ ଦରରୁ ଲାଭ ଉଠାଇବା ପାଇଁ ପ୍ରତିଭୂତି ଗୁଡ଼ିକର କ୍ରୟ କିମ୍ବା ବିକ୍ରୟ କରିବା । ଫଟକା ବେପାରୀମାନେ ସାଧାରଣତଃ (ପ୍ରତିଭୂତିର) ବିତରଣ ନିଅନ୍ତି ନାହିଁ କିମ୍ବା ଦିଅନ୍ତି ନାହିଁ ଏବଂ ପୂର୍ଣ୍ଣ ପୈଠ ପ୍ରଦାନ କିମ୍ବା ପ୍ରାପ୍ତ କରନ୍ତି ନାହିଁ । ସେମାନେ କେବଳ ଦର ମଧ୍ୟରେ ଥିବା ଅନ୍ତରକୁ ପୈଠ କରିବା ପୂର୍ବକ ସେମାନଙ୍କ ନେଣଦେଣର ହିସାବ ଚୁକ୍ତା ବା ଫଇସଲା କରନ୍ତି । ସାଧାରଣତଃ ଫଟକାକୁ ଏକ ସୁସ୍ଥ ପରମ୍ପରା ବୋଲି ବିବେଚନା କରାଯାଏ ଏବଂ ଏହା ଶେୟାର ବଜାର କାର୍ଯ୍ୟର ସଫଳ ସଂଚାଳନ ପାଇଁ ଆବଶ୍ୟକ ହୋଇଥାଏ । କିନ୍ତୁ ଯେତେବେଳେ ଏହା ଅତ୍ୟଧିକ ହୁଏ, ସେତେବେଳେ ଏହା ଦରର ତାରତମ୍ୟକୁ ଅଧିକ ବଢ଼ାଇ ଦେଇଥାଏ ଏବଂ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ବିଭିନ୍ନ ଅସତ୍ କର୍ମ (ଦୁଷ୍କର୍ମ)କରିବାରେ ଲାଗି ପଡ଼ନ୍ତି । ଏହି ପ୍ରକ୍ରିୟାରେ ଭଲ ନିବେଶକମାନେ ଅସୁବିଧାରେ ପଡ଼ନ୍ତି ଏବଂ ବଜାରରୁ ତଡ଼ା ଖାଆନ୍ତି ।

ଶେୟାର ବଜାରର ସଂଚାଳନର ଅନ୍ୟ ଏକ ଦୋଷ ହେଲା ଯେ ଅପ୍ରତ୍ୟାଶିତ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କାରକ ଗୁଡ଼ିକ ହେତୁ ତଥା ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କ ଦ୍ୱାରା ଭଡ଼ା ଖବରର ପ୍ରଚାର ହେବା କରଣରୁ ପ୍ରତିଭୂତି ଗୁଡ଼ିକର ଦରରେ ଅନାବଶ୍ୟକ ତାରତମ୍ୟ (ହ୍ରାସ-ବୃଦ୍ଧି) ସୃଷ୍ଟି ହୋଇପାରେ । ଏହା ଦ୍ୱାରା ଭବିଷ୍ୟତରେ ଦରର ଗତିଶୀଳତା ଉପରେ ପୂର୍ବାନୁମାନ ଲଗାଇବା ଏବଂ ପ୍ରତିଭୂତିଗୁଡ଼ିକରେ ନିବେଶ ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାରେ କଷ୍ଟସାଧ୍ୟ ହୋଇଥାଏ । ତେବେ ଆଜିର ଦିନରେ ଶେୟାର ବଜାରର କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଏହାର ସୁସ୍ଥ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଶେୟାର ବଜାର କର୍ତ୍ତୃପକ୍ଷ ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ଼ (SEBI) ଙ୍କ ଦ୍ୱାରା ଏହା ଉପରେ ଆବଶ୍ୟକୀୟ ସତର୍କ ଦୃଷ୍ଟି ରଖାଯାଉଛି । ଏ ବିଷୟରେ ତୁମେ ପରେ ପଢ଼ିବ ।

୧୮.୮ ଶେୟାର ବଜାରରେ ଫଟକା କାରବାର (ସଟ୍ଟାବାଜି)

ଶେୟାର ବଜାରରେ କ୍ରେତା ଓ ବିକ୍ରେତାମାନେ ଦୁଇ ପ୍ରକାରର କାର୍ଯ୍ୟ କରିଥାନ୍ତି- ଗୋଟିଏ ଫଟକାବାଜି ପାଇଁ ଏବଂ ଅନ୍ୟଟି ନିବେଶ ପାଇଁ। ଯେଉଁମାନେ ପ୍ରତିଭୂତିଗୁଡ଼ିକର କ୍ରୟ ମୁଖ୍ୟତଃ ଉକ୍ତ ନିବେଶରୁ ନିୟମିତ ଆୟ ଉପାର୍ଜନ କରିବା ପାଇଁ କରିଥାନ୍ତି ଏବଂ ଭବିଷ୍ୟତରେ ପ୍ରତିଭୂତିର ସମ୍ଭାବ୍ୟ ଦର ବୃଦ୍ଧି କାରଣରୁ କିଛି ଦୀର୍ଘ-ମିଆଦୀ ଲାଭ ପାଇବାକୁ ଆଶା ରଖିଥାନ୍ତି ସେମାନଙ୍କୁ ବିନିଯୋଗକାରୀ /ନିବେଶକ କୁହାଯାଏ। ସେମାନେ ପ୍ରତିଭୂତି ଗୁଡ଼ିକର ବିତରଣ ନେଇଥାନ୍ତି ଏବଂ ଏହାର ସମ୍ପୂର୍ଣ୍ଣ ମୂଲ୍ୟ ପୈଠ କରିଥାନ୍ତି। ଏହି ନେଣଦେଣ ଗୁଡ଼ିକୁ ନିବେଶ କାରବାର କୁହାଯାଏ।

କିନ୍ତୁ ଯେତେବେଳେ ପ୍ରତିଭୂତି ଗୁଡ଼ିକର କ୍ରୟ କେବଳ ସେଗୁଡ଼ିକୁ ଭବିଷ୍ୟତରେ ଉଚ୍ଚ ଦରରେ ବିକ୍ରୀ କରିବା ଉଦ୍ଦେଶ୍ୟରେ କରାଯାଇଥାଏ କିମ୍ବା ଏଗୁଡ଼ିକୁ ଭବିଷ୍ୟତରେ ସ୍ୱଳ୍ପ ଦରରେ କ୍ରୟ କରିବାର ଅଭିପ୍ସା ରଖି ବର୍ତ୍ତମାନ ବିକ୍ରୟ କରାଯାଇଥାଏ, ସେତେବେଳେ ଏଗୁଡ଼ିକୁ ଫଟକା କାରବାର କୁହାଯାଏ। ଏହି ନେଣଦେଣଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଭିନ୍ନ ସମୟରେ ସ୍ଥିତ ଦାମ୍‌ର ବିଭିନ୍ନତାରୁ ଫାଇଦା ହାସଲ କରିବା। ଶେୟାର ବଜାରରେ ଏହି ନେଣଦେଣ ଗୁଡ଼ିକ ବାବଦ କେବଳ ଦରରେ ଥିବା ଅନ୍ତରକୁ ପ୍ରାପ୍ତ କିମ୍ବା ପୈଠ (ଯାହା ଯେଉଁଠାରେ ପ୍ରଯୁଜ୍ୟ) କରିବା ପୂର୍ବକ ହିସାବ ଫଇସଲା ବା ଚୁକ୍ତା କରିବାର ବ୍ୟବସ୍ଥା ମଧ୍ୟ ଥାଏ। ଉଦାହରଣ ସ୍ୱରୂପ, ରଶ୍ମି ମୋସର୍ ବେୟର ଲିମିଟେଡ୍‌ର ୨୦୦ଟି ଅଂଶ, ଅଂଶ ପ୍ରତି ଟ.୨୧୦ରେ କିଣିଲେ ଏବଂ ସେଗୁଡ଼ିକୁ ଅଂଶ ପ୍ରତି ୨୩୫ରେ ବିକିଲେ। ସେ ଅଂଶର ବିତରଣ ନେଲେ ନାହିଁ କିମ୍ବା ଦେଲେ ନାହିଁ, କିନ୍ତୁ ଦରରେ ଥିବା ଅନ୍ତର ଯାହାର ପରିମାଣ ଟ.୫,୦୦୦ ବିଯୁକ୍ତ ଦଲାଲି କମିଶନ ପ୍ରାପ୍ତ କରି ଉକ୍ତ ହିସାବରେ ଚୁକ୍ତା କଲେ। ଅନ୍ୟ ଏକ ସ୍ଥିତିରେ, ମୋହିତ ଶେଷଶାୟୀ ପେପର୍ସ ଲିମେଟଡ୍‌ର ୨୦୦ଟି ଅଂଶ, ଅଂଶ ପ୍ରତି ଟ.୮୭ରେ କିଣିଲେ ଏବଂ ସେଗୁଡ଼ିକୁ ଅଂଶ ପ୍ରତି ଟ ୬୯ରେ ବିକିଲେ। ସେ ଏହି ନେଣଦେଣଗୁଡ଼ିକ ବାବଦ କେବଳ ଅନ୍ତର ରାଶି ଟ. ୩,୬୦୦ ଯୁକ୍ତ ଦଲାଲି କମିଶନ୍ ପୈଠ କରି ହିସାବ ଚୁକ୍ତା କଲେ। ତେବେ ଆଜିକାଲି ଶେୟାର ବଜାର ଗୁଡ଼ିକରେ ଚଳମାନ / ଆବର୍ତ୍ତମାନ ଚୁକ୍ତା ବ୍ୟବସ୍ଥା ଅଛି। ଏହି ସୁବିଧା କେବଳ ସେହି ଏକା ଦିନରେ ହେଉଥିବା କ୍ରୟ ଓ ବିକ୍ରୟଜନିତ ନେଣଦେଣ ଗୁଡ଼ିକ ମଧ୍ୟରେ ସୀମିତ ଥାଏ, ଯେହେତୁ ସେଗୁଡ଼ିକୁ ଆଗକୁ ନେବା ପାଇଁ ଅନୁମତି ନଥାଏ।

ଚଳମାନ /ଆବର୍ତ୍ତମାନ ଚୁକ୍ତା (Rolling Settlement) : କିଛି ବର୍ଷ ପୂର୍ବେ ଶେୟାର ବଜାରରେ ମୁହାଁମୁହିଁ ବା ନିଲାମୀ ପ୍ରଣାଳୀ (ଯାହାକୁ ଛୋଟ ଛୋଟ କାରବାର ବା pit-trading କୁହାଯାଉଥିଲା) ମାଧ୍ୟମରେ କାରବାର ହେଉଥିଲା ଯେଉଁଥିରେ କି ଆଜିକାଲି ପରି କମ୍ପ୍ୟୁଟର୍ କିମ୍ବା ଉନ୍ନତ କମ୍ପ୍ୟୁଟର୍ ସଫ୍ଟୱେର୍ ବ୍ୟବହୃତ ହେଉ ନଥିଲା। ସେ ସମୟରେ ଶେୟାର ବଜାରରେ ବିକ୍ରେତାଙ୍କ ଦ୍ୱାରା ଅଂଶପ୍ରମାଣପତ୍ର ଜରିଆରେ ଅଂଶଗୁଡ଼ିକର ପ୍ରକୃତ ବିତରଣ ଏବଂ କ୍ରେତାଙ୍କ ଦ୍ୱାରା ପୂର୍ଣ୍ଣ ମୂଲ୍ୟ ପୈଠ ପୂର୍ବକ ନେଣଦେଣ ଗୁଡ଼ିକର ଚୁକ୍ତା ହେଉଥିଲା ଏବଂ ଏହି କାର୍ଯ୍ୟ ସପ୍ତାହର କେବଳ ଏକ ନିର୍ଦ୍ଦିଷ୍ଟ ବାର (ମନେକର ଶନିବାର କିମ୍ବା ବୁଧବାର) ରେ ସମ୍ପାଦିତ ହେଉଥିଲା। ସପ୍ତାହର ଯେକୌଣସି ବାରରେ ଅଂଶଗୁଡ଼ିକର କ୍ରୟ ଏବଂ ବିକ୍ରୟ କରାଯାଇଥିଲେ ବି ଏହାକୁ ‘ସ୍ଥାୟୀ ଚୁକ୍ତା’ କୁହାଯାଉଥିଲା।

ଆଜି ଇଲେକ୍ଟ୍ରୋନିକ୍ /କମ୍ପ୍ୟୁଟର ଆଧାରିତ ପ୍ରଣାଳୀରେ ଅଂଶ ଗୁଡ଼ିକର ନେଣଦେଣଜନିତ କାରବାର ଗୁଡ଼ିକର ଲିପିବଦ୍ଧ ହେବା ସହିତ ଶେୟାର ବଜାର ଗୁଡ଼ିକ ‘ଚଳମାନ ଚୁକ୍ତା’ (ରୋଲିଂ ସେଟଲମେଣ୍ଟ୍) ପାଇଁ ଆଗେଇ ଆସିଛନ୍ତି। ଏହାର ତାତ୍ପର୍ଯ୍ୟ ହେଲା ନେଣଦେଣର ଚୁକ୍ତା ସପ୍ତାହର କୌଣସି ଏକ ନିର୍ଦ୍ଦିଷ୍ଟ

ବାରରେ ନ ହୋଇ ନେଣଦେଣ ହେବାର ଏକ ନିର୍ଦ୍ଧାରିତ ସଂଖ୍ୟକ ଦିବସ ପରେ ଚୁକ୍ତା ହୋଇଥାଏ। ଉଦାହରଣ ସ୍ୱରୂପ, ଯଦି ଶେୟାର ବଜାରରେ ଟି +2 (T + 2) ଦିନ ପାଇଁ ଚଳମାନ ଚୁକ୍ତା ହୋଇଛି, ତେବେ ନେଣଦେଣର ଚୁକ୍ତା ନେଣଦେଣ ହେବାର ଦୁଇଟି କାର୍ଯ୍ୟଦିବସ ମଧ୍ୟରେ ହୋଇଥାଏ। ଏଠାରେ 'ଟି' (T) ନେଣଦେଣ ଦିବସ (ତାରିଖ)କୁ ବୁଝାଇଥାଏ। ଟି +7 (T + 7) ଦିନର ଚଳମାନ ଚୁକ୍ତାରେ ନେଣଦେଣର ଫଇସଲା (ଚୁକ୍ତା) ନେଣଦେଣ ତାରିଖ ପରେ ସାତ ଦିନ ମଧ୍ୟରେ କରାଯାଏ। ଏହି କାର୍ଯ୍ୟ ଡିମେଟେରିଆଲାଇଜଡ଼ ଆକାଉଣ୍ଟ୍ ବା ଡିମାଟ ଆକାଉଣ୍ଟ୍ ଜରିଆରେ ଅଂଶଗୁଡ଼ିକର ଇଲେକ୍ଟ୍ରୋନିକ ହସ୍ତାନ୍ତରଣ ମାଧ୍ୟମରେ କରାଯାଇଥାଏ, ଅର୍ଥାତ୍ ଅଂଶ କାଗଜପତ୍ର ରୂପରେ ଭୌତିକ ଆକାରରେ ନଥାଏ, ବରଂ ଏହା ଅଂଶଧାରଣ କରିଥିବା ଏକ ବ୍ୟକ୍ତିର କମ୍ପ୍ୟୁଟରୀକୃତ ରେକର୍ଡ଼ ଅଟେ ଏବଂ ଏହାର ମୂଲ୍ୟ ଇଲେକ୍ଟ୍ରୋନିକ ମାଧ୍ୟମରେ କିମ୍ବା ଚେକ୍ ଦ୍ୱାରା ପୈଠ କରି ଚୁକ୍ତା କରାଯାଏ।

ଯଦିଓ ଫଟକା ଓ ନିବେଶ କିଛି ଗୁଣରେ ପରସ୍ପରଠାରୁ ଭିନ୍ନ ଅଟେ ତଥାପି ବ୍ୟବହାରିକ ଭାବେ ଏହା କହିବା କଷ୍ଟ ଯେ କିଏ ଖାଣ୍ଟି (ଶୁଦ୍ଧ) ନିବେଶକ ଏବଂ କିଏ ଖାଣ୍ଟି ଫଟକା ଖେଳାଳି। ସମୟ ସମୟରେ ଏପରି ବି ହୋଇଥାଏ ଜଣେ ବ୍ୟକ୍ତି ଯେ କି ଅଂଶଗୁଡ଼ିକୁ ଏକ ଦୀର୍ଘ-ମିଆଦୀ ନିବେଶ ରୂପରେ କିଣି ଥିଲେ ସେ ଅଂଶର ମୂଲ୍ୟ ଅତ୍ୟଧିକ ବୃଦ୍ଧି ହେବା କାରଣରୁ ଲାଭ ପାଇବା ଆଶାରେ ସେଗୁଡ଼ିକୁ ବିକ୍ରୀ କରିଦେବା ପାଇଁ ହଠାତ୍ ନିଷ୍ପତ୍ତି ନେଇ ପାରନ୍ତି କିମ୍ବା ଅଂଶର ମୂଲ୍ୟ ଅତ୍ୟଧିକ ହ୍ରାସ ହେବା ଆରମ୍ଭ କଲେ ମଧ୍ୟ ସେ ଭବିଷ୍ୟତରେ ବଡ଼ କ୍ଷତିରୁ ବଞ୍ଚିବା ପାଇଁ ସେଗୁଡ଼ିକୁ ବିକି ଦେଇପାରନ୍ତି। କିନ୍ତୁ ତାଙ୍କୁ ଫଟକା ଖେଳାଳି (speculator) କୁହାଯାଇପାରିବ ନାହିଁ କାରଣ ତାଙ୍କର ମୂଳ ଉଦ୍ଦେଶ୍ୟ ନିବେଶ ଅଟେ। ଯଦି ଜଣେ ବ୍ୟକ୍ତିର ମୂଳ ଉଦ୍ଦେଶ୍ୟ ପ୍ରତିଭୂତି ଗୁଡ଼ିକର ଦରରେ ପରିବର୍ତ୍ତନରୁ ଲାଭ ଉଠାଇବା ହୋଇଥାଏ ଏବଂ ନିବେଶ କରିବା ହୋଇ ନଥାଏ, ତେବେ ଯାଇ କେବଳ ଏହି ନେଣଦେଣକୁ ଫଟକା ବୋଲି କୁହାଯାଏ। ତେବେ ବିଶୁଦ୍ଧ ବିଜ୍ଞାନସମ୍ମତ ଭାଷାରେ ଗୋଟିଏ ନେଣ ଦେଣକୁ ଫଟକାଯୁକ୍ତ ବୋଲି ଧରାଯିବ ଯଦି ଏଥିରେ ପ୍ରତିଭୂତିର ବିତରଣ ସଂଶ୍ଳିଷ୍ଟ ନ ଥାଇ କେବଳ ଦାମ୍‌ରେ ଥିବା ଅନ୍ତରକୁ ପ୍ରାପ୍ତି କିମ୍ବା ପୈଠ କରିବା ପୂର୍ବକ ଏହାର ଚୁକ୍ତା କରାଯାଇଥାଏ। ଏହାର କାରଣ ହେଲା ବ୍ୟବହାରିକ ଭାବେ ଜଣେ ବ୍ୟକ୍ତିର ମନୋଭାବ (ଉଦ୍ଦେଶ୍ୟ) ଜାଣିବା ବହୁତ କଷ୍ଟସାଧ୍ୟ ଅଟେ।

କିଛି ବ୍ୟକ୍ତି ଫଟକାକୁ ଆଉ କିଛି ନୁହେଁ ବରଂ ଜୁଆଖେଳ ବୋଲି ମନେ କରନ୍ତି ଏବଂ ଏହାକୁ ଏକ ମନ୍ଦ ବୋଲି ବିଚାର କରନ୍ତି। କିନ୍ତୁ ଏହା ଠିକ୍ ନୁହେଁ କାରଣ ଫଟକା ଦୂରଦୃଷ୍ଟି ଓ ଜଟିଳ ହିସାବ ଉପରେ ପର୍ଯ୍ୟବେକ୍ଷିତ ହୋଇଥିବା ବେଳେ ଜୁଆ ଖେଳ ଏକ ପ୍ରକାର ଅନ୍ଧ ଓ ଦାୟିତ୍ୱହୀନ କାର୍ଯ୍ୟ ଅଟେ ଯେଉଁଥିରେ କି ଉଚ୍ଚକୋଟୀର ଆଶଙ୍କା ନିହିତ ଥାଏ। କେବଳ ସେତିକି ନୁହେଁ ଫଟକାବାଜୀ ଏକ ଆଇନସମ୍ମତ କାର୍ଯ୍ୟ ଯାହା ଶେୟାର ବଜାରର ସଫଳ ସଂଚାଳନ ପାଇଁ ଏକ ପୂର୍ବାବଶ୍ୟକତା ଅଟେ ଯେତେବେଳେ କି ଜୁଆଖେଳ ଏକ ମନ୍ଦ ଓ ଦଣ୍ଡନୀୟ କାର୍ଯ୍ୟ ବୋଲି ଧରାଯାଏ। ତେବେ ଦାୟିତ୍ୱହୀନ ଭାବେ ଫଟକାବାଜୀ ଜୁଆଖେଳର ରୂପ ନେଇ ପାରେ ଏବଂ ଏହାକୁ ପରିହାର କରାଯିବା ଉଚିତ୍।

ପାଠ୍ୟଗତ ପ୍ରଶ୍ନ ୧୮ ଖ

୧. ଶେୟାର ବଜାରର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉଲ୍ଲେଖ କର।

____

____

____

୨. ଶେୟାର ବଜାର ସମ୍ପର୍କରେ ପ୍ରଦତ୍ତ ନିମ୍ନ ଉକ୍ତି ଗୁଡ଼ିକ 'ସତ୍ୟ' କିମ୍ବା 'ମିଥ୍ୟା' ଦର୍ଶାଅ। ଯଦି ଉକ୍ତି 'ମିଥ୍ୟା' ହୋଇଥାଏ, ତେବେ ଏହାକୁ ସଂଶୋଧିତ ରୂପରେ ଲେଖ :

(କ) ଶେୟାର ବଜାର ସୁନା ଏବଂ ରୂପାର ବିକ୍ରୟ ଓ କ୍ରୟ ପାଇଁ ଏକ ସୁପ୍ରସ୍ତୁତ ବଜାର ସୁବିଧା ପ୍ରଦାନ କରିଥାଏ।

____

(ଖ) ଶେୟାର ବଜାରରେ କମ୍ପାନୀ ଏବଂ ଅଂଶଧାରୀମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ନେଣଦେଣ ହୋଇଥାଏ।

____

(ଗ) ଶେୟାର ବଜାରର ନେଣଦେଣ ଅଳ୍ପ ଲାଭଦାୟକ ଉଦ୍ୟୋଗରୁ ବେଶୀ ଲାଭଦାୟକ ଉଦ୍ୟୋଗକୁ ପାଣ୍ଠିର ପ୍ରବାହକୁ ସୁବିଧା କରାଇଥାଏ।

____

(ଘ) ନିବେଶକମାନଙ୍କ ପାଇଁ ଶେୟାର ବଜାରରେ କିଣାବିକା ହେଉଥିବା ପ୍ରତିଭୂତି ଗୁଡ଼ିକରେ ଥିବା ସେମାନଙ୍କର ନିବେଶର ଗ୍ୟାରେଣ୍ଟି ଉପରେ ବ୍ୟାଙ୍କରୁ ଋଣ ଉଠାଇବା କଷ୍ଟସାଧ୍ୟ ହୋଇଥାଏ।

____

(ଙ) ଫଟକାବାଜୀ ଜୁଆଖେଳ ସହ ସମାନ ଅଟେ।

____

୩. ଶେୟାର ବଜାରର ଦୁଇଟି ସୀମାବଦ୍ଧତା ଉଲ୍ଲେଖ କର।

(କ) ______________________________

(ଖ) ______________________________

୧୮.୯ ଭାରତରେ ଶେୟାର ବଜାର

ଭାରତରେ ପ୍ରଥମ ସଂଗଠିତ ଶେୟାର ବଜାର ୧୮୭୫ ମସିହାରେ ମୁମ୍ବାଇରେ 'ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ' (BSE) ନାମରେ ସ୍ଥାପିତ ହୋଇଥିଲା। ଏହାପରେ ୧୮୯୪ ମସିହାରେ 'ଅହମଦାବାଦ ଷ୍ଟକ୍ ଏକ୍ସଚେଞ୍ଜ୍' ଏବଂ ୧୯୦୮ ମସିହାରେ 'କୋଲକାତା ଷ୍ଟକ୍ ଏକ୍ସେଚେଞ୍ଜ୍'ର ସ୍ଥାପନା ହୋଇଥିଲା। ୧୯୩୯ ମସିହା ସୁଦ୍ଧା ଭାରତରେ ଶେୟାର ବଜାରର ସଂଖ୍ୟା ୭ ପର୍ଯ୍ୟନ୍ତ ହୋଇଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରବଳ ଫଟକାବାଜୀ କାରଣରୁ ୧୯୪୫ ମସିହା ସୁଦ୍ଧା ଏହି ସଂଖ୍ୟା ୨୧ ପର୍ଯ୍ୟନ୍ତ ବୃଦ୍ଧି ପ୍ରାପ୍ତ

ହୋଇଥିଲା । ଏହା ସହିତ ଦେଶରେ ଅନେକ ଗୁଡ଼ିଏ ଅଣ-ସଂଗଠିତ ଶେୟାର ବଜାର ମଧ୍ୟ କୌଣସି ସାଂଗଠନିକ ବିନ୍ୟାସ ବିନା କାର୍ଯ୍ୟ କରୁଥିଲେ ଏବଂ ସେଗୁଡ଼ିକୁ କର୍ବ ମାର୍କେଟ (Kerb market) କୁହାଯାଉଥିଲା । ଭାରତରେ ଶେୟାର ବଜାର ଗୁଡ଼ିକର ମାନ୍ୟତା ଏବଂ ନୟନ୍ତ୍ରଣ ପାଇଁ ୧୯୫୬ ମସିହାରେ 'ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ (ରେଗୁଲେସନ) ଆକ୍ଟ' ପ୍ରଣୀତ ହୋଇଥିଲା । ବର୍ତ୍ତମାନ ଆମ ଦେଶରେ ୨୩ଟି ଶେୟାର ବଜାର ଅଛି । ସେଗୁଡ଼ିକ ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଶେୟାର ବଜାର ହେଉଛି ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (NSE) । ଏହା ମଧ୍ୟ ମୁମ୍ବାଇରେ ଅବସ୍ଥାପିତ ଅଟେ ଏବଂ ଏହାର ପ୍ରବର୍ତ୍ତନ ଭାରତରେ ଥିବା ଅଗ୍ରଣୀ ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ହୋଇଥିଲା । ଏହା ୧୯୯୨ରେ ସ୍ଥାପିତ ହୋଇଥିଲା ଏବଂ ୧୯୯୪ରେ କାର୍ଯ୍ୟାରମ୍ଭ କରିଥିଲା । ଏହି ଶେୟାର ବଜାରର ଏକ ନିଗମୀୟ ସଂରଚନା (corporate structure) ଅଛି ଯାହା ପୂର୍ଣ୍ଣ ରୂପେ ସ୍ୱଚାଳିତ ପରଦା (ସ୍କ୍ରୀନ୍) ଆଧାରିତ ବ୍ୟାପାର କରିଥାଏ ଏବଂ ପୂରା ଦେଶ ଏହାର କାର୍ଯ୍ୟକ୍ଷେତ୍ର ଅଟେ ।

ଅନ୍ୟ ଏକ ଶେୟାର ବଜାର ଯାହାର ବିଶେଷ ରୂପରେ ଉଲ୍ଲେଖ କରିବା ଆବଶ୍ୟକ ଅଟେ ତାହା ହେଲା 'ଓଭର ଦି କାଉଣ୍ଟର୍ ଏକ୍ସଚେଞ୍ଜ୍ ଅଫ ଇଣ୍ଡିଆ' (OTCEI) । ଏହାର ପ୍ରବର୍ତ୍ତନ ମଧ୍ୟ ୟୁ.ଟି.ଆଇ., ଆଇ.ସି.ଆଇ.ସି.ଆଇ., ଆଇ.ଡ଼ି.ବି.ଆଇ., ଆଇ.ଏଫ୍.ସି.ଆଇ., ଏଲ୍.ଆଇ.ସି. ଇତ୍ୟାଦି ପରି ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସେପ୍ଟେମ୍ବର ୧୯୯୨ରେ ବିଶେଷ କରି ୩୦ ଲକ୍ଷ ଟଙ୍କାରୁ ବେଶୀ ଏବଂ ୨୫ କୋଟି ଟଙ୍କାରୁ କମ୍ ସମତା ପୁଞ୍ଜି ଥିବା କ୍ଷୁଦ୍ର ଓ ମଧ୍ୟମ ଆକାର ବିଶିଷ୍ଟ କମ୍ପାନୀ ଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ହୋଇଥିଲା । ଏହା ଉଦ୍ୟୋକ୍ତାମାନଙ୍କୁ ସେମାନଙ୍କର ନୂଆ ପ୍ରକଳ୍ପ ପାଇଁ କମ୍ ପରିବ୍ୟୟରେ ପୁଞ୍ଜି ସଂଗ୍ରହ ପାଇଁ ସହାୟତା ପ୍ରଦାନ କରିଥାଏ । ଏହା ସାରା ଦେଶରେ ମୁଖ୍ୟ ସହର ଗୁଡ଼ିକରେ ୨୦ରୁ ଅଧିକ ପ୍ରତିନିଧି କେନ୍ଦ୍ର ସହିତ ଅନ୍‌ଲାଇନ୍ ରିଙ୍ଗଲେସ୍ ବ୍ୟାପାର ପ୍ରଦାନ କରିଥାଏ । ଏହି ଶେୟାର ବଜାରରେ କେବଳ ସେହି କମ୍ପାନୀଗୁଡ଼ିକର ପ୍ରତିଭୂତିର କାରବାର କରାଯାଇପାରିବ ଯେଉଁଗୁଡ଼ିକ ଓ.ଟି.ସି.ଇ.ଆଇ. (OTCEI) ରେ ତାଲିକାଭୁକ୍ତ ଅଟନ୍ତି । ଅଧିକନ୍ତୁ, ଭାରତରେ ଅନ୍ୟ ଶେୟାର ବଜାରରେ ତାଲିକାଭୁକ୍ତ ହୋଇଥିବା କେତେକ ନିର୍ଦ୍ଦିଷ୍ଟ ଅଂଶ ଓ ଋଣପତ୍ର ଏବଂ ୟୁ.ଟି.ଆଇ. (UTT) ର ୟୁନିଟ୍ ତଥା ଅନ୍ୟ ମ୍ୟୁଚୁଆଲ ଫଣ୍ଡର କାରବାର ମଧ୍ୟ ଓ.ଟି.ସି.ଇ.ଆଇ.ରେ ସ୍ୱୀକୃତିପ୍ରାପ୍ତ ପ୍ରତିଭୂତି ରୂପରେ କରାଯାଇପାରିବ । ବିଳମ୍ବରେ ଏହା ଲକ୍ଷ୍ୟ କରାଯାଇଛି ଯେ ଏହି ଶେୟାର ବଜାରର ବ୍ୟବସାୟ ରାଶି ଯଥେଷ୍ଟ ହ୍ରାସ ପାଇଛି ଏବଂ ଏହାକୁ ପୁନଃ-କ୍ରିୟାଶୀଳ କରାଇବା ପାଇଁ ଉନ୍ନତିମୂଳକ ପଦକ୍ଷେପମାନ ନିଆଯାଇଛି । ବାସ୍ତବରେ ଆଜିର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (BSE) ଓ ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ (NSE) ହେଉଛି ଦୁଇଟି ଶେୟାର ବଜାର ଯେଉଁଗୁଡ଼ିକର କାର୍ଯ୍ୟକ୍ଷେତ୍ର ସମଗ୍ର ଦେଶରେ ପରିବ୍ୟାପ୍ତ ଏବଂ ଏହି ଶେୟାର ବଜାର ଦ୍ୱୟ ଦେଶରେ ସର୍ବାଧିକ ପ୍ରତଭୂତି ବ୍ୟବସାୟ କରିଥାନ୍ତି ।

୧୮.୧୦ ଶେୟାର ବଜାର ଗୁଡ଼ିକର ନିୟନ୍ତ୍ରଣ (Regulations of Stock Exchanges)

ପୂର୍ବେ ସୂଚାଇ ଦିଆଯାଇଥିବା ପରି ଶେୟାର ବଜାର ଗୁଡ଼ିକର କେତେକ ନିର୍ଦ୍ଦିଷ୍ଟ ସୀମାବଦ୍ଧତା ଅଛି ଏବଂ ତେଣୁ ସେଗୁଡ଼ିକର କାର୍ଯ୍ୟକଳାପ ଉପରେ କଠୋର ନିୟନ୍ତ୍ରଣ ରଖାଯିବା ଆବଶ୍ୟକ ଯେପରିକି ସେଗୁଡ଼ିକରେ ହେଉଥିବା କାରବାର ଗୁଡ଼ିକର ନିରାପତ୍ତାକୁ ସୁନିଶ୍ଚିତ କରାଯାଇପାରିବ । ତେଣୁ ଯଥାଶୀଘ୍ର ସମ୍ଭବ ୧୯୫୬ ମସିହାରେ 'ସିକ୍ୟୁରିଟଜ୍ କଣ୍ଟ୍ରାକ୍ଟସ (ରେଗୁଲେସନ) ଆକ୍ଟ' ବା 'ପ୍ରତିଭୂତି ଚୁକ୍ତି (ନିୟାମକ) ଅଧିନିୟମ' ପ୍ରଣୀତ ହୋଇଥିଲା ଯେଉଁଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶେୟାର ବଜାର ଗୁଡ଼ିକୁ ସ୍ୱୀକୃତି

ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଥିଲା । ଏହି ଆଇନରେ ପ୍ରତ୍ୟେକ ଶେୟାର ବଜାର ନିଜ ନିଜର କାର୍ଯ୍ୟଧାରାକୁ ନିୟମାଧୀନ ଓ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଉପଯୁକ୍ତ ଉପବିଧି (by laws) ପ୍ରସ୍ତୁତ କରିବାର ବ୍ୟବସ୍ଥା ମଧ୍ୟ ଅଛି । ସବୁ ଶେୟାର ବଜାର ସେମାନଙ୍କର କାର୍ଯ୍ୟାବଳୀ ସମ୍ପର୍କିତ ସୂଚନା ଯାହା ସରକାରଙ୍କ ଦ୍ୱାରା ସମୟକୁ ସମୟ ଆବଶ୍ୟକ କରା ଯାଇଥାଏ ତାହା ତାଙ୍କୁ ପ୍ରଦାନ କରିବା ଆବଶ୍ୟକ । ସରକାରଙ୍କୁ ପ୍ରତିଭୂତି ଗୁଡ଼ିକର ତାଲିକାଭୁକ୍ତ କରିବା, ଉପବିଧି ପ୍ରସ୍ତୁତ କିମ୍ବା ସଂଶୋଧନ କରିବା, ସ୍ୱୀକୃତି ପ୍ରତ୍ୟାହାର କରିବା ସମ୍ପର୍କରେ କିମ୍ବା ଅସାଧାରଣ /ଅସାମାନ୍ୟ ସ୍ଥିତିରେ ଶେୟାର ବଜାରର ପରିଚାଳନା ମଣ୍ଡଳୀ (governing body) କୁ ବାତିଲ କରିବା ସଂକ୍ରାନ୍ତରେ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି । ଏହି ଆଇନ ଅଧୀନରେ ସରକାର ପ୍ରତିଭୂତି ନିୟାମକ (ନିୟମ), ୧୯୫୭ ଜାରି କରିଥିଲେ ଯେଉଁଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଶେୟାର ବଜାର ଗୁଡ଼ିକର ସ୍ୱୀକୃତି, ସ୍ୱୀକୃତିପ୍ରାପ୍ତ ଶେୟାର ବଜାର ଗୁଡ଼ିକ ଦ୍ୱାରା ପର୍ଯ୍ୟାୟ ଭିତ୍ତିକ ବିବରଣୀ ଏବଂ ବାର୍ଷିକ ବିବରଣୀ ପ୍ରଦାନ, ସ୍ୱୀକୃତି ପ୍ରାପ୍ତ ଶେୟାର ବଜାର ଗୁଡ଼ିକର କାର୍ଯ୍ୟକଳାପ ଏବଂ ସେଗୁଡ଼ିକର ସଦସ୍ୟଙ୍କ ସମ୍ପର୍କରେ ଯାଞ୍ଚ ଏବଂ ପ୍ରତିଭୂତି ଗୁଡ଼ିକର ତାଲିକାଭୁକ୍ତ କରିବା ପାଇଁ ଆବଶ୍ୟକତା ସମ୍ବନ୍ଧରେ ପାଳନ କରାଯିବାକୁ ଥିବା ପଦ୍ଧତି (ପ୍ରକ୍ରିୟା) ଗୁଡ଼ିକର ଉଲ୍ଲେଖ ଅଛି ।

୧୮.୧୧ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ଼ (SEBI) ର ଭୂମିକା

୧୯୯୧ ମସିହା ଜୁନ୍ ମାସରେ ଆରମ୍ଭ ହୋଇଥିବା ଆର୍ଥନୀତିକ ସଂସ୍କାର କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭାରତ ସରକାର ପୁଞ୍ଜି ବଜାରରେ ଅନେକ ଗୁଡ଼ିଏ ସଂସ୍କାର ଆରମ୍ଭ କରିଥିଲେ ଯେଉଁଥିରେ ପୁଞ୍ଜି ନିର୍ଗମନର ନିୟନ୍ତ୍ରକ (CCI) ଙ୍କର କାର୍ଯ୍ୟାଳୟ ଉଚ୍ଛେଦ କରିବା ତଥା ୧୯୯୨ରେ ନିମ୍ନ କାର୍ଯ୍ୟଗୁଡ଼ିକ ପାଇଁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ଼ (SEBI) କୁ ବୈଧାନିକ ସ୍ୱୀକୃତି ପ୍ରଦାନ କରିବା ଅନ୍ତର୍ଭୁକ୍ତ ଥିଲା ।

(କ) ପ୍ରତିଭୂତି ଗୁଡ଼ିକରେ ନିବେଶକଙ୍କ ସ୍ୱାର୍ଥର ସୁରକ୍ଷା କରିବା ପାଇଁ ;

(ଖ) ପ୍ରତିଭୂତି ବଜାରର ବିକାଶ ସାଧନ କରିବା ପାଇଁ ;

(ଗ) ପ୍ରତିଭୂତି ବଜାରକୁ ନିୟମାଧୀନ (ନିୟନ୍ତ୍ରଣ) କରିବା ପାଇଁ ; ଏବଂ

(ଘ) ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକ ସହିତ ସଂଶ୍ଳିଷ୍ଟ କିମ୍ବା ସେଥିରୁ ଉତ୍ପନ୍ନ କୌଣସି ଆକସ୍ମିକ ସମସ୍ୟାର ସମାଧାନ କରିବା ପାଇଁ ।

ପୁଞ୍ଜି ବଜାରର ବିଭିନ୍ନ ପ୍ରସଙ୍ଗ ଉପରେ ନିୟନ୍ତ୍ରଣ ପାଇଁ ସେବି (SEBI) କୁ ଆବଶ୍ୟକୀୟ କ୍ଷମତା ପ୍ରଦାନ କରାଯାଇଛି ଯାହା ନିମ୍ନ ପ୍ରକାର ଅଟେ :

(i) ଶେୟାର ବଜାର ଏବଂ ଅନ୍ୟ କୌଣସି ପ୍ରତିଭୂତି ବଜାରରେ ବ୍ୟବସାୟକୁ ନିୟମାଧୀନ (ନିୟନ୍ତ୍ରଣ) କରିବା ;

(ii) ବିଭିନ୍ନ ମଧ୍ୟସ୍ଥ ଏବଂ ମ୍ୟୁଚୁଆଲ୍ ଫଣ୍ଡର କାର୍ଯ୍ୟକୁ ରେଜିଷ୍ଟ୍ରିଭୁକ୍ତ ତଥା ନିୟମାଧୀନ କରିବା ;

(iii) ସ୍ୱନିୟନ୍ତ୍ରିତ ସଂଗଠନଗୁଡ଼ିକର ପ୍ରବର୍ତ୍ତନ ଓ ନିୟମାଧୀନ କରିବା ;

(iv) ମଧ୍ୟସ୍ଥଙ୍କୁ ନିବେଶଜନିତ ଶିକ୍ଷା ଓ ପ୍ରଶିକ୍ଷଣର ପ୍ରବର୍ତ୍ତନ କରିବା ;

(v) ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଅନୁଚିତ ବ୍ୟାପାରିକ ଅଭ୍ୟାସକୁ ନିଷିଦ୍ଧ କରିବା ;

(vi) ବହୁତ ବଡ଼ ମାତ୍ରାରେ ଅଂଶ ଗୁଡ଼ିକର ଗ୍ରହଣ ଏବଂ କମ୍ପାନୀଗୁଡ଼ିକର ଅଧିଗ୍ରହଣ କାର୍ଯ୍ୟକୁ ନିୟମାଧୀନ (ନିୟନ୍ତ୍ରିତ) କରିବା ;

(vii) ଶେୟାର ବଜାର ଗୁଡ଼ିକ ସମ୍ବନ୍ଧରେ ଏବଂ ଶେୟାର ବଜାରରେ ଥିବା ମଧ୍ୟସ୍ଥ ତଥା ସ୍ୱନିୟନ୍ତ୍ରିତ ସଂଗଠନ ଗୁଡ଼ିକ ସମ୍ବନ୍ଧରେ ସୂଚନା ସଂଗ୍ରହ କରିବା, ସେଗୁଡ଼ିକର ନିରୀକ୍ଷଣ କରିବା, ଅନୁସନ୍ଧାନ ଏବଂ ଯାଞ୍ଚ କରିବା; ଏବଂ

(viii) ଏଭଳି କାର୍ଯ୍ୟ କରିବା ଏବଂ ଏଭଳି କ୍ଷମତାର ପ୍ରୟୋଗ କରିବା ଯାହା ପୁଞ୍ଜି ନିର୍ଗମନ (ନିୟନ୍ତ୍ରଣ) ଆଇନ, ୧୯୪୭ ଓ ପ୍ରତିଭୂତି ଚୁକ୍ତି (ନିୟାମକ) ଅଧିନିୟମ, ୧୯୫୬ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହାକୁ ('ସେବି' କୁ) ନିର୍ଦ୍ଦେଶିତ କରାଯାଇଥାଏ।

ନିବେଶକମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ଏହାର ଉଦ୍ୟମର ଅଂଶସ୍ୱରୂପ ସେବି (SEBI) ପ୍ରାଥମିକ ବଜାରର ସଂସ୍କାର ପାଇଁ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଆରମ୍ଭ କରିଅଛି ଯେଉଁଥିରେ ସାର୍ବଜନୀକ ନିର୍ଗମନ କାଗଜପତ୍ରରେ ଉନ୍ନତ ମାନର ପରିପ୍ରକାଶ, ବିଚକ୍ଷଣପୂର୍ଣ୍ଣ ମାନଦଣ୍ଡର ପ୍ରବର୍ତ୍ତନ ଏବଂ ନିର୍ଗମନ ପଦ୍ଧତିର ସରଳୀକରଣ ଅନ୍ତର୍ଭୁକ୍ତ ଅଛି। ବର୍ତ୍ତମାନ କମ୍ପାନୀମାନେ ସାର୍ବଜନୀକ ନିର୍ଗମନ କଲାବେଳେ ସେଗୁଡ଼ିକର ପ୍ରକଳ୍ପ ସହିତ ସମ୍ବନ୍ଧିତ ସମସ୍ତ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଏବଂ ଆଶଙ୍କାପୂର୍ଣ୍ଣ କାରକ ଗୁଡ଼ିକର ପରିପ୍ରକାଶ କରିବା ଆବଶ୍ୟକ। ଉପରୋକ୍ତ ପରିପ୍ରକାଶ ଯେ କେବଳ ପର୍ଯ୍ୟାପ୍ତ ନୁହେଁ ବରଂ ପ୍ରାମାଣିକ ଏବଂ ସଠିକ୍ ଏହା ସୁନିଶ୍ଚିତ କରାଇବା ପାଇଁ ସବୁ ନିର୍ଗମନ କାଗଜପତ୍ର ସେବି (SEBI) ଦ୍ୱାରା ପରୀକ୍ଷଣ କରାଯିବା ଆବଶ୍ୟକ। ନିଷ୍ପକ୍ଷ ଏବଂ ସତ୍ୟନିଷ୍ଠ ପରିପ୍ରକାଶକୁ ସୁନିଶ୍ଚିତ କରିବା ପାଇଁ 'ସେବି' ଆହୁରି ମଧ୍ୟ ସାର୍ବଜନୀକ ନିର୍ଗମନ ପାଇଁ ବିଜ୍ଞାପନର ଏକ ବିଧି (ମାନଦଣ୍ଡ) ପ୍ରବର୍ତ୍ତନ କରିଅଛି। 'ସେବି'ର ନିୟାମକ ରୂପରେଖ ଅଧୀନରେ ବଣିକ ବ୍ୟାଙ୍କ ସମୂହ ଏବଂ ୟ.ଟି.ଆଇ.କୁ ମିଶାଇ ସମସ୍ତ ମ୍ୟୁଚୁଆଲ୍ ଫଣ୍ଡ୍‌କୁ ଅଣାଯାଇଅଛି। ନିର୍ଗମନ ଗୁଡ଼ିକର ମୂଲ୍ୟାୟନ ଏବଂ ପ୍ରିମିୟମ୍ ନିର୍ଦ୍ଧାରଣ ସଂକ୍ରାନ୍ତରେ ନିବେଶକଙ୍କ ପ୍ରତି ଏକ ଉଚ୍ଚକୋଟୀର ଦାୟିତ୍ୱ ନିର୍ବାହ କରିବା କଥା ଉଲ୍ଲେଖ ଥାଇ ଏକ ଆଚରଣ ବିଧି 'ସେବି' ଦ୍ୱାରା ଜାରି କରାଯାଇଛି। ନିର୍ଗମନର ପରିବ୍ୟୟକୁ ହ୍ରାସ କରିବା ପାଇଁ ନିର୍ଗମନର ଠିକାଦାରୀ (underwiting) କୁ ଇଚ୍ଛାଧୀନ କରି ଦିଆଯାଇଛି କିନ୍ତୁ ସର୍ତ୍ତ ଏହା ରଖାଯାଇଛି କି ଯେପରି ନିର୍ଗମନ ଅବ-ଅଭିଦାନିତ (under-subscribed) ନ ହୁଏ। ଯଦି ନିର୍ଗମନ ଅବ-ଅଭିଦାନିତ ହୁଏ, ଅର୍ଥାତ୍ ସାଧାରଣ ଜନତାଙ୍କୁ ନିର୍ଗମିତ କରାଯାଇଥିବା ଅଂଶର ମୋଟ ମୂଲ୍ୟର ୯୦ ପ୍ରତିଶତ ରାଶି ସଂଗ୍ରହ କରିବାରେ କମ୍ପାନୀ ସକ୍ଷମ ନ ହୁଏ, ତେବେ ପୂରା ସଂଗୃହୀତ ରାଶି ନିବେଶକଙ୍କୁ ଫେରସ୍ତ କରିଦିଆଯିବ। ଅଂଶର ପ୍ରଚଳିତ ବଜାର ଦରକୁ ଧ୍ୟାନ ନ ଦେଇ ଉଦ୍ୟୋକ୍ତା (Promoter) ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଅଂଶର ଆବଣ୍ଟନ କରିବାର ପ୍ରଥାକୁ ବନ୍ଦ କରିଦିଆଯାଇଛି ଏବଂ ଘରୋଇ (ବ୍ୟକ୍ତିଗତ) ନିର୍ଗମନକୁ ଅଧିକ ସୀମିତ (କଟକଣାଯୁକ୍ତ) କରି ଦିଆଯାଇଛି। ସବୁ ପ୍ରାଥମିକ ନିର୍ଗମନକୁ ବର୍ତ୍ତମାନ ଡିପୋଜିଟରୀ ପ୍ରଣାଳୀରେ କରିବାକୁ ପଡ଼ିବ। ପ୍ରାରମ୍ଭିକ ସାର୍ବଜନୀକ ନିର୍ଗମନ /ପ୍ରସ୍ତାବ (IPO) ବୁକ୍ ବିଲ୍‌ଡ଼ିଙ୍ଗ୍ (book building) ଦ୍ୱାରା କରାଯାଇପାରିବ ଯେଉଁଥିପାଇଁ ମୂଲ୍ୟ ସୀମା ଏବଂ ନିର୍ଗମନର ଆକାରକୁ ପରିପ୍ରକାଶ କରିବାକୁ ହେବ। ଅଣ-ଭୌତିକ ଅଂଶ (dematerialised shares) ନିର୍ଗମନ କରିଥିବା କମ୍ପାନୀମାନେ ଯେତେବେଳେ ଚାହିଁବେ ସେତେବେଳେ ସେମାନଙ୍କର ଅଂଶ ଗୁଡ଼ିକର ସମମୂଲ୍ୟ (par value) କୁ ପରିବର୍ତ୍ତନ କରି ପାରିବେ।

ବୁକ୍‌ବିଲ୍‌ଡିଙ୍ଗ୍: ଏହା ବଜାର ମତାମତ ଆଧାରରେ ଅଂଶ ଗୁଡ଼ିକର ଦର ନିର୍ଦ୍ଧାରଣ କରିବାର ଏକ ପ୍ରକ୍ରିୟା ଅଟେ। ଏହି ପ୍ରକ୍ରିୟାରେ ଆଗତୁରା ଅଂଶର ନିର୍ଗମୀୟ ଦର ନିର୍ଦ୍ଧାରଣ କରାଯାଏ ନାହିଁ। ଏହା ସମ୍ଭାବ୍ୟ ନିବେଶକଙ୍କ ଦ୍ୱାରା ଯଚ୍ଚ ଯାଇଥିବା ସେହି ଦାମ୍ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ଯାହା ସେମାନେ ନିର୍ଗମନ ପାଇଁ ପୈଠ କରିବାକୁ ଇଚ୍ଛୁକ ଥା'ନ୍ତି।

ଦ୍ୱିତୀୟକ ବଜାରର କାର୍ଯ୍ୟଶୈଳୀକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଏଠାରେ ପ୍ରଣିଧାନଯୋଗ୍ୟ ଯେ ଶେୟାର ବଜାରକୁ ନିୟମାଧୀନ କରିବା ପାଇଁ 'ପ୍ରତିଭୁତି ଚୁକ୍ତି (ନିୟାମକ) ଆଇନ' ଅନ୍ତର୍ଗତ ସମସ୍ତ ବୈଧାନିକ କ୍ଷମତା ବର୍ତ୍ତମାନ ୧୯୯୫ରେ ପ୍ରଣୀତ ପ୍ରତିଭୂତି ନିୟମ (ସଂଶୋଧନ)

ଆଇନ୍ ଜରିଆରେ 'ସେବି' ଉପରେ ନ୍ୟସ୍ତ କରାଯାଇଛି । ଶେୟାର ବଜାରରେ କାର୍ଯ୍ୟରତ ମଧ୍ୟସ୍ଥ ମାନଙ୍କର କାର୍ଯ୍ୟଶୈଳୀକୁ ନିୟମାଧୀନ କରିବା ପାଇଁ 'ସେବି' ନିୟମାବଳୀ ଏବଂ ଏକ ଆଚରଣସଂହିତା ଯଥାବିଧି ପ୍ରକାଶ କରିଅଛି । ତଦନୁଯାୟୀ ସେମାନଙ୍କର ପ୍ରତିଭୂତି ବଜାରରେ ପଞ୍ଜୀକରଣ ଏବଂ ତତ୍ପରେ 'ସେବି'ରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି । 'ସେବି' ଶେୟାର ବଜାରର ପରିଚାଳନା ମଣ୍ଡଳୀର ସଂରଚନା ପାଇଁ ମାର୍ଗ-ଦର୍ଶିକା ଜାରି କରିଅଛି ଯେପରିକି ସେଥିରେ ଅଧିକରୁ ଅଧିକ ସର୍ବସାଧାରଣ ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ । ଶେୟାର ବଜାରରେ କର୍ପୋରେଟ୍ ସଦସ୍ୟତାର ପ୍ରଚଳନ ମଧ୍ୟ କରାଯାଇଛି । ଏହା ଆଭ୍ୟନ୍ତରୀଣ ବ୍ୟାପାର ପାଇଁ ନିୟମାବଳୀର ବିଜ୍ଞପ୍ତି ଜାରି କରିଛି ଯଦ୍ଵାରା ଶେୟାର ବଜାରଗୁଡ଼ିକର ସଂହତିର ସୁରକ୍ଷା ଓ ସଂରକ୍ଷଣ କରାଯାଇପାରିବ ଏବଂ ଏଥି ସହିତ ସେଗୁଡ଼ିକର ବିଳୟ (ମିଶ୍ରଣ- merger) ଓ ଅଧିଗ୍ରହଣ ସମ୍ବନ୍ଧରେ ମଧ୍ୟ ମାର୍ଗଦର୍ଶିକା ଜାରି କରିଅଛି । 'ସେବି' ଭାରତୀୟ ଶେୟାର ବଜାର ଗୁଡ଼ିକର ପାରମ୍ପରିକ ବ୍ୟାପାର ପ୍ରକ୍ରିୟାକୁ ନିରନ୍ତର ସମୀକ୍ଷା କରିଅଛି ଏବଂ ଏହି ପ୍ରକ୍ରିୟାର ସରଳୀକରଣ କରିବା, ନେଣଦେଣରେ ସ୍ୱଚ୍ଛତା ହାସଲ କରିବା ତଥା ସେଗୁଡ଼ିକର ପରିବ୍ୟୟ ହ୍ରାସ କରିବାର ପ୍ରୟାସ କରିଅଛି । ବଜାରରେ ଅତ୍ୟଧିକ ଫଟକାବାଜୀ ଓ କ୍ଷଣଭଙ୍ଗୁରତା (ଅସ୍ଥିରତା)କୁ ରୋକିବା ପାଇଁ 'ସେବି' ବଦଳା ପଦ୍ଧତିକୁ ପରିହାର (ସମାପ୍ତ) କରି ଦେଇଛି ଏବଂ ଆବର୍ତ୍ତମାନ ଚୁକ୍ତା (ଫଇସଲା) ତଥା ଡେରିଭେଟିଭ (derivative) ରେ ବ୍ୟାପାର ପରି ଆଧୁନିକ ପଦ୍ଧତିର ପ୍ରଚଳନ କରିଅଛି । ସଠିକ୍ ସମୟରେ କାରବାର ଗୁଡ଼ିକର ଫଇସଲା (ଚୁକ୍ତା)କୁ ସୁନିଶ୍ଚିତ କରିବା ପାଇଁ ସବୁ ଶେୟାର ବଜାରକୁ ଶୋଧନ ନିଗମ (clearing corporation) /ଫଇସଲା ଗ୍ୟାରେଣ୍ଟି ପାଣ୍ଠି (settlement guarantee fund) ସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି । 'ସେବି' ସମୟକୁ ସମୟ ଦେଶ ସାରା ପ୍ରତିଭୂତି ବଜାରରେ କାର୍ଯ୍ୟରତ ମଧ୍ୟସ୍ଥମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ତଥା ନିବେଶକଙ୍କ ଶିକ୍ଷା ପାଇଁ ସମ୍ମିଳନୀ ସମୂହର ଆୟୋଜନ କରିଥାଏ ।

ପାଠ୍ୟଗତ ପ୍ରଶ୍ନ ୧୮ ଗ

୧. ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକର ଉଲ୍ଲେଖ କର ଯେଉଁଥିପାଇଁ ୧୯୯୨ରେ 'ସେବି' କୁ ବୈଧାନିକ ମାନ୍ୟତା ପ୍ରଦାନ କରାଯାଇଥିଲା ।

(i) ______________________________

(ii) ______________________________

(iii) ______________________________

୨. ନିମ୍ନଲିଖିତ ପାଇଁ ଏକ ସ୍ୱତନ୍ତ୍ର ପଦ /ନାମ ଦିଅ :

(କ) ପୂରା ଦେଶରେ ପରିବ୍ୟାପ୍ତ ସେହି ପ୍ରମୁଖ ଶ୍ରେୟାର ବଜାର ଯାହା ୧୯୯୪ରେ କାର୍ଯ୍ୟାରମ୍ଭ କରିଥିଲା ।

(ଖ) ସେହି ଶେୟାର ବଜାର ଯାହା ସ୍ୱତନ୍ତ୍ର ଭାବେ କ୍ଷୁଦ୍ର ଏବଂ ମଧ୍ୟମ-ଆକାର ବିଶିଷ୍ଟ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରିଥାଏ ।

(ଗ) ଭାରତରେ ପ୍ରଥମ ସଂଗଠିତ ଶେୟାର ବଜାର ।

(ଘ) କେନ୍ଦ୍ର ସରକାରଙ୍କ ଦ୍ୱାରା ଶେୟାର ବଜାରଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ପାଇଁ ୧୯୫୬ ମସିହାରେ ପ୍ରଣୀତ ଆଇନ ।

(ଙ) ଆମ ଦେଶରେ ଶେୟାର ବଜାର ଗୁଡ଼ିକର ନିୟନ୍ତ୍ରଣ ହେତୁ ୧୯୯୨ ମସିହାରେ ବୈଧାନିକ ମାନ୍ୟତାପ୍ରାପ୍ତ ହୋଇଥିବା ନିୟାମକ ସଂସ୍ଥା ।

୩. 'ସେବି' ଦ୍ୱାରା ପ୍ରାଥମିକ ବଜାରରେ ଲାଗୁ କରାଯାଇଥିବା ଯେକୌଣସି ତିନୋଟି ସଂସ୍କାରର ତାଲିକା ପ୍ରସ୍ତୁତ କର :

(i) ____________________

(ii) ____________________

(iii) ____________________

୧୮.୧୨ ତୁମେ ଯାହା ଶିଖିଲ

- ବିତ୍ତୀୟ (ଆର୍ଥିକ) ବଜାର ହେଉଛି ସେହି ବଜାର ଯାହା ନିବେଶକ /ଋଣଦାତା ଏବଂ ଋଣ ଗ୍ରହୀତା /ଉପଯୋଗକାରୀମାନଙ୍କ ମଧ୍ୟରେ ପାଣ୍ଠିର ସ୍ଥାନାନ୍ତରଣକୁ ସୁବିଧାଜନକ କରାଇଥାଏ । ଏଠାରେ ବିନିମୟ ହୁଣ୍ଡି, ଅଂଶ, ଋଣପତ୍ର, ବଣ୍ଡ୍ ଇତ୍ୟାଦି ପରି ବିତ୍ତୀୟ ବିପତ୍ର ଗୁଡ଼ିକର କାରବାର ହୋଇଥାଏ । ଏହା ଆର୍ଥିକ ସମ୍ପତ୍ତିଗୁଡ଼ିକରେ କାରବାରକୁ ସୁରକ୍ଷା ପ୍ରଦାନ ତଥା ନିବେଶକଙ୍କ ପାଇଁ ଅର୍ଥିକ ସମ୍ପତ୍ତି ଗୁଡ଼ିକୁ ତରଳତା ପ୍ରଦାନ କରିଥାଏ ଏବଂ ପରିବର୍ତ୍ତନ ତଥା ସୂଚନାର ସ୍ୱଳ୍ପ ପରିବ୍ୟୟ ସୁନିଶ୍ଚିତ କରିଥାଏ ।
- ବିତ୍ତୀୟ ବଜାରକୁ ଏହିପରି ଶ୍ରେଣୀଭୁକ୍ତ କରାଯାଇପାରେ : (୧) ମୁଦ୍ରା ବଜାର ଏବଂ (୨) ପୁଞ୍ଜି ବଜାର ।
- ମୁଦ୍ରା ବଜାର ବିନିମୟ ହୁଣ୍ଡି, ପ୍ରତିଜ୍ଞା ପତ୍ର, ବାଣିଜ୍ୟିକ ପତ୍ର, ରାଜକୋଷୀୟ ପତ୍ର (ଟ୍ରେଜେରୀ ବିଲ୍) ଇତ୍ୟାଦି ପରି ବିପତ୍ର ଗୁଡ଼ିକ ଜରିଆରେ ସ୍ୱଳ୍ପ ମିଆଦୀ ପାଣ୍ଠିରେ କାରବାର କରୁଥିବା ଆର୍ଥିକ ଅନୁଷ୍ଠାନମାନଙ୍କର ଏକ ସାମଗ୍ରିକ ବ୍ୟବସ୍ଥା (ନେଟ୍‌ୱାର୍କ)କୁ ବୁଝାଇଥାଏ ।
- ପୁଞ୍ଜି ବଜାର ମଧ୍ୟମ ଓ ଦୀର୍ଘ-ମିଆଦୀ ପାଣ୍ଠି ଉଧାର କରିବା ପାଇଁ ଏକ ଆନୁଷ୍ଠାନିକ ବ୍ୟବସ୍ଥା ଅଟେ ଏବଂ ଏହା ପ୍ରତିଭୂତି ଗୁଡ଼ିକର ବିପଣନ ଓ ବ୍ୟାପାର ପାଇଁ ସୁବିଧାମାନ ପ୍ରଦାନ କରିଥାଏ । ତେଣୁ ଏଥିରେ ବ୍ୟାଙ୍କ ଓ ବିତ୍ତୀୟ ବା ଆର୍ଥିକ ଅନୁଷ୍ଠାନ ଗୁଡ଼ିକରୁ ନିଆ ଯାଉଥିବା ସମସ୍ତ ଦୀର୍ଘ-ମିଆଦୀ ଋଣ, ବିଦେଶୀ ବଜାରରୁ ଋଣ ଏବଂ ବିଭିନ୍ନ ପ୍ରତିଭୂତି ଯଥା ଅଂଶ, ଋଣପତ୍ର, ବଣ୍ଡ୍ ଇତ୍ୟାଦିର ନିର୍ଗମନ ଦ୍ୱାରା ପୁଞ୍ଜିସଂଗ୍ରହ ଅନ୍ତର୍ଭୁକ୍ତ ଥାଏ ।
- ପ୍ରତିଭୂତି ବଜାରର ଦୁଇଟି ଭାଗ ଅଛି ଯଥା ପ୍ରାଥମିକ ବଜାର ଏବଂ ଦ୍ୱିତୀୟକ ବଜାର ।
- ପ୍ରାଥମିକ ବଜାରରେ କମ୍ପାନୀଗୁଡ଼ିକ ଦ୍ୱାରା ଅଂଶ ଓ ଋଣପତ୍ରର ନବୀନ ନିର୍ଗମନ ଦ୍ୱାରା ଦୀର୍ଘ-ମିଆଦୀ ପାଣ୍ଠିର ଆହରଣ ନିମନ୍ତେ ବ୍ୟବସ୍ଥା ଥାଏ ।
- ଦ୍ୱିତୀୟକ ବଜାର ବା ଶେୟାର ବଜାର ବିଦ୍ୟମାନ ଦୀର୍ଘ-ମିଆଦୀ ପ୍ରତିଭୂତି ଗୁଡ଼ିକ ପାଇଁ ତତ୍କାଳ (ସୁପ୍ରସ୍ତୁତ) ବଜାର ପ୍ରଦାନ କରିଥାଏ ।

- ଶେୟାର ବଜାର ହେଉଛି ସେହି ଦ୍ୱିତୀୟକ ବଜାର ଯାହା ବିଭିନ୍ନ ପ୍ରକାର ପ୍ରତିଭୂତି ଯଥା ଅଂଶ, ଋଣପତ୍ର, ବଣ୍ଡ୍ ଏବଂ ସରକାରୀ ପ୍ରତିଭୂତିଗୁଡ଼ିକର ନିୟମିତ ବିକ୍ରୟ ଓ କ୍ରୟ ପାଇଁ ଏକ ସ୍ଥାନ ପ୍ରଦାନ କରିଥାଏ। ଏହା ଏକ ସଂଗଠିତ ବଜାର ଯେଉଁଠାରେ ସମ୍ପୃକ୍ତ ଶେୟାର ବଜାରର ନିୟମ ଏବଂ କାନୁନ୍ ଦ୍ୱାରା ସମସ୍ତ ନେଣଦେଣ ନିୟମାଧୀନ (ନିୟନ୍ତ୍ରିତ) ହୋଇଥାଏ।
- ଶେୟାର ବଜାରର କାର୍ଯ୍ୟଗୁଡ଼ିକ ହେଲା : ପ୍ରତିଭୂତି ଗୁଡ଼ିକ ପାଇଁ ତତ୍କାଳ ଓ ନିରନ୍ତର ବଜାର ପ୍ରଦାନ କରିବା; କାରବାର ଓ ନିବେଶକୁ ନିରାପତ୍ତା ପ୍ରଦାନ କରିବା, ସଞ୍ଚୟର ଗତିଶୀଳତା ଓ ପୁଞ୍ଜିର ସୃଜନରେ ସହାୟତା କରିବା, ଆର୍ଥନୀତିକ ଓ ବ୍ୟବସାୟିକ ଅବସ୍ଥାର ପରିମାପକ ଭାବେ କାର୍ଯ୍ୟ କରିବା ଏବଂ ପାଣ୍ଠିର ଉତ୍ତମ ଆବଣ୍ଟନରେ ସହାୟକ ହେବା।
- ଶେୟାର ବଜାର ଗୁଡ଼ିକ କମ୍ପାନୀ, ନିବେଶକ ଏବଂ ସମଗ୍ର ସମାଜକୁ ଅନେକ ସୁବିଧା (ଲାଭ) ପ୍ରଦାନ କରିଥାଏ। କିନ୍ତୁ ସେଗୁଡ଼ିକର କେତେକ ସୀମାବଦ୍ଧତା ଅଛି, ଯଥା ଅତ୍ୟଧିକ ଫଟକାବାଜୀ ଏବଂ ଉଡ଼ା ଖବର ଓ ଅପ୍ରତ୍ୟାଶିତ ଘଟଣା ହେତୁ ଦାମ୍‌ରେ ଘନ ଘନ ପରିବର୍ତ୍ତନ (ହ୍ରାସ-ବୃଦ୍ଧି)।
- ବାସ୍ତବିକ (ଖାଣ୍ଟି) ନିବେଶ ହେବା ସହିତ ସମୟ ସମୟରେ ଶେୟାର ବଜାରର ନେଣଦେଣରେ ଫଟକାବାଜୀ ମଧ୍ୟ ହୋଇଥାଏ।
- ବର୍ତ୍ତମାନ ସମୟରେ ଭାରତରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ, (BSE), ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ (NSE) ଏବଂ ଓଭର ଦି କାଉଣ୍ଟର ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (OTCEI) କୁ ମିଶାଇ ୨୩ଟି ଷ୍ଟକ୍ ଏକ୍ସଚେଞ୍ଜ ଅଛି।
- ଶେୟାର ବଜାର ଗୁଡ଼ିକ ପ୍ରତିଭୂତି ଚୁକ୍ତି (ନିୟାମକ) ଆଇନ୍ ଏବଂ 'ସେବି' (SEBI) ଦ୍ୱାରା ନିୟମାଧୀନ (ନିୟନ୍ତ୍ରିତ) ହୋଇଥାଏ। 'ସେବି' ଶେୟାର ବଜାରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକ ଓ ଦ୍ୱିତୀୟକ ବଜାରରେ ଅନେକ ଗୁଡ଼ିଏ ସଂସ୍କାରମୂଳକ କାର୍ଯ୍ୟ ଆରମ୍ଭ କରିଛି। ନିବେଶକଙ୍କ ସ୍ୱାର୍ଥର ସୁରକ୍ଷା ସକାଶେ ଶେୟାର ବଜାରରେ ତାଲିକାଭୁକ୍ତ ହେବା ତଥା ବ୍ୟାପାର କରିବା ପାଇଁ କାଗଜପତ୍ର ଓ ପ୍ରକ୍ରିୟାଗତ ଆବଶ୍ୟକତାକୁ ଅଧିକ କଠୋର ଓ ପ୍ରଭାବଶାଳୀ କରାଯାଇଛି।

୧୮.୧୩. ମୁଖ୍ୟ ଶବ୍ଦ

ଆହ୍ୱାନ ରାଶି / ଆହୂତ ରାଶି

ପୁଞ୍ଜି ବଜାର

ଜମା ପ୍ରମାଣପତ୍ର

ବାଣିଜ୍ୟିକ ପତ୍ର

ବିତ୍ତୀୟ /ଆର୍ଥିକ ବଜାର

ମୁଦ୍ରା ବଜାର

ନୂତନ ନିର୍ଗମନ ବଜାର

ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (NSE) /ଜାତୀୟ ଶେୟାର ବଜାର ଓଭର ଦି କାଉଣ୍ଟର୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (OTCEI)

ପ୍ରାଥମିକ ବଜାର

ଚଳମାନ / ଆବର୍ତ୍ତମାନ

ଭାରତୀୟ ପ୍ରତିଭୂତି ଓ ଚୁକ୍ତା ବିନିମୟ ବୋର୍ଡ଼ (ସେବି - SEBI)

ଦ୍ୱିତୀୟକ ବଜାର

ଫଟକା

ଷ୍ଟକ୍ ଏକ୍ସଚେଞ୍ଜ /ଶେୟାର ବଜାର

ବ୍ୟାପାରିକ ହୁଣ୍ଡି

ଟ୍ରେଜେରୀ ବିଲ୍ / ରାଜକୋଷୀୟ ପତ୍ର

୧୮.୧୪ ପାଠାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୧. 'ବିତ୍ତୀୟ ବଜାର' କହିଲେ ତୁମେ କ'ଣ ବୁଝ ?

୨. ମୁଦ୍ରା ବଜାରର ଚାରୋଟି ଋଣ ବିପତ୍ରର ଉଦାହରଣ ଦିଅ।

୩. ପୁଞ୍ଜି ବଜାରର ଅର୍ଥ ଉଲ୍ଲେଖ କର।

୪. ଶେୟାର ବଜାରରୁ କମ୍ପାନୀ ଗୁଡ଼ିକ ପାଇଁ ମିଳୁଥିବା ଦୁଇଟି ଲାଭର ତାଲିକା କର।

୫. ସେହି ସଂଗଠନ ଗୁଡ଼ିକର ନାମ ଉଲ୍ଲେଖ କର ଯେଉଁଗୁଡ଼ିକ ଭାରତରେ ସଂଗଠିତ ମୁଦ୍ରା ବଜାରର ଅଂଶ ଅଟେ।



ଟିପ୍ପଣୀ

କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

୬. ମୁଦ୍ରା ବଜାରର ସଂଜ୍ଞା /ପରିଭାଷା ଦିଅ ଏବଂ ଏକ ଆଧୁନିକ ଅର୍ଥବ୍ୟବସ୍ଥାରେ ଏହାର ଗୁରୁତ୍ୱ ବୁଝାଇ ଦିଅ।

୭. ପୁଞ୍ଜି ବଜାର କ'ଣ ? ଏହା ମୁଦ୍ରା ବଜାରଠାରୁ ପୃଥକ୍ କିପରି ?

୮. ପ୍ରାଥମିକ ବଜାର ଓ ଦ୍ୱିତୀୟକ ବଜାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

୯. ଶେୟାର ବଜାର କିପରି ସଞ୍ଚୟର ଗତିଶୀଳତା ଓ ପୁଞ୍ଜିର ସୃଜନରେ ସାହାଯ୍ୟ କରେ ?

୧୦. ଦ୍ୱିତୀୟକ ବଜାରକୁ ନିୟମାଧୀନ (ନିୟନ୍ତ୍ରଣ) କରିବା ପାଇଁ 'ସେବି' (SEBI) ଦ୍ୱାରା ନିଆ ଯାଇଥିବା ପଦକ୍ଷେପ ଗୁଡ଼ିକର ବର୍ଣ୍ଣନା କର।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧୧. ଶେୟାର ବଜାରର ପରିଭାଷା ଦିଅ ଏବଂ ଏହାର କାର୍ଯ୍ୟାବଳୀର ବର୍ଣ୍ଣନା କର।

୧୨. କମ୍ପାନୀ ଏବଂ ନିବେଶକଙ୍କ ଦୃଷ୍ଟିକୋଣରୁ ଶେୟାର ବଜାରର ଗୁରୁତ୍ୱ ବର୍ଣ୍ଣନା କର।

୧୩. ନିବେଶକଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଶେୟାର ବଜାରରେ ବ୍ୟବସାୟର ନିୟନ୍ତ୍ରଣରେ 'ସେବି' (SEBI) ର ଭୂମିକା ବର୍ଣ୍ଣନା କର।

୧୪. ନିମ୍ନଲିଖିତ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦିଅ :

(କ) ଭାରତରେ ଶେୟାର ବଜାର; ଏବଂ (ଖ) ଶେୟାର ବଜାରର ନିୟନ୍ତ୍ରଣ।

୧୫. ପ୍ରତିଭୂତି ବଜାରର ଦୁଇଟି ଭାଗର ବିସ୍ତୃତ ବର୍ଣ୍ଣନା କର।

୧୮.୧୫ ପାଠଗତ ପ୍ରଶ୍ନର ଉତ୍ତର

୧୮କ ୧. ଏହା ଏକ ବଜାର ଯାହା ବିନିଯୋଗକାରୀ (କିମ୍ୱା ଋଣଦାତା) ଏବଂ ଋଣଗ୍ରହୀତା (କିମ୍ବା ବ୍ୟବହାରକାରୀ) ମାନଙ୍କ ମଧ୍ୟରେ ପାଣ୍ଠିର ହସ୍ତାନ୍ତରଣ ପ୍ରକ୍ରିୟାକୁ ସୁଗମ କରାଇଥାଏ। ଏହା ବିନିମୟ ହୁଣ୍ଡି, ଅଂଶ, ଋଣପତ୍ର, ବଣ୍ଡ୍ ଇତ୍ୟାଦି ପରି ବିତ୍ତୀୟ ବିପତ୍ର ଗୁଡ଼ିକରେ କାରବାର କରିଥାଏ।

୨.(କ)(i) ପ୍ରତିଭୂତି ଗୁଡ଼ିକର ସଦ୍ୟ /ନୂତନ ନିର୍ଗମନ ଜରିଆରେ ଦୀର୍ଘ-ମିଆଦୀ ପାଣ୍ଠିର ସଂଗ୍ରହ କରିବା।

(ii) ଶେୟାର-ଦଲାଲ ଯେଉଁମାନେ ଶେୟାର ବଜାରର ସଦସ୍ୟ ଅଟନ୍ତି ତଥା ମ୍ୟୁଚୁଆଲ୍ ଫଣ୍ଡ୍, ଆର୍ଥିକ / ବିତ୍ତୀୟ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ନିବେଶକ ମାନେ।

(iii) ଶେୟାର ବଜାରରେ କୌଣସି ପ୍ରତିଭୂତିର ବ୍ୟବସାୟ କରିବା ପାଇଁ ଏଥିରେ ତାଲିକାଭୁକ୍ତ ହେବା ଆବଶ୍ୟକ।

(iv) କମ୍ପାନୀ /ସଂସ୍ଥାର ପରିଚାଳନାଙ୍କ ଦ୍ୱାରା 'ସେବି'ର ବିଧିପୂର୍ବକ ଅନୁମୋଦନରେ ଦର ନିର୍ଦ୍ଧାରଣ କରାଯାଏ।

(ଖ)

ପାର୍ଥକ୍ୟର ଆଧାର ବିନ୍ଦୁ	ପୁଞ୍ଜି ବଜାର	ମୁଦ୍ରା ବଜାର
୧. ସମୟାବଧି /ସମୟ	ଦୀର୍ଘ-ମିଆଦୀ ପାଣ୍ଠିରେ କାରବାର ହୁଏ।	ସ୍ୱଳ୍ପ-ମିଆଦୀ ପାଣ୍ଠିରେ କାରବାର ହୁଏ।
୨. କାରବାର ହେଉଥିବା ବିପତ୍ର	ଅଂଶ, ଋଣପତ୍ର, ବଣ୍ଡ୍ ଓ ସରକାରୀ ପ୍ରତିଭୂତିର କାରବାର ହୋଇଥାଏ।	ଟ୍ରେଜେରୀ ବିଲ୍, (ରାଜକୋଷୀୟ ପତ୍ର), ବାଣିଜ୍ୟିକ ପତ୍ର, ବିନିମୟ ହୁଣ୍ଡି, ଜମା ପ୍ରମାଣ ପତ୍ର ଇତ୍ୟାଦି ପରି ପ୍ରତିଭୂତି ଗୁଡ଼ିକର କାରବାର ହୋଇଥାଏ।
୩. ଅଂଶଗ୍ରହଣକାରୀ	ଶେୟାର ଦଲାଲ, ଠିକାଧାରୀ (ଅଣ୍ଡରରାଇଟର), ମ୍ୟୁଚୁଆଲ ଫଣ୍ଡ୍, ବିତ୍ତୀୟ / ଆର୍ଥିକ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ନିବେଶକ	ଅଂଶଗ୍ରହଣକାରୀମାନେ ହେଲେ ବାଣିଜ୍ୟିକ ବ୍ୟାଙ୍କ୍, ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ, ଚିଟ୍ ଫଣ୍ଡ୍ ଇତ୍ୟାଦି।
୪. ନିୟାମକ ସଂସ୍ଥା	'ସେବି' (ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ଼)	ଆର.ବି.ଆଇ. (ଭାରତୀୟ ରିଜର୍ଭ ବ୍ୟାଙ୍କ)

ଟିପ୍ପଣୀ

୧୮ଖ

୨. (କ) ମିଥ୍ୟା : ଶେୟାର ବଜାର ବିଭିନ୍ନ ଅଂଶ, ଋଣପତ୍ର, ବଣ୍ଡ୍ ଏବଂ ସରକାରୀ ପ୍ରତିଭୂତି ଗୁଡ଼ିକର ବିକ୍ରୟ ଓ କ୍ରୟ ପାଇଁ ଏକ ସୁପ୍ରସ୍ତୁତ (ତତ୍କାଳ) ବଜାର ସୁବିଧା ପ୍ରଦାନ କରିଥାଏ।

(ଖ) ମିଥ୍ୟା : ଶେୟାର ବଜାରରେ ଏହାର ସଦସ୍ୟ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି (ଏଜେଣ୍ଟ୍) ମାନଙ୍କ ମଧ୍ୟରେ ନେଣଦେଣ ହୋଇଥାଏ।

(ଗ) ସତ୍ୟ

(ଘ) ମିଥ୍ୟା : ନିବେଶକମାନେ ଶେୟାର ବଜାରରେ କାରବାର ହେଉଥିବା ପ୍ରତିଭୂତି ଗୁଡ଼ିକରେ ଥିବା ସେମାନଙ୍କର ଧାରଣକୁ ସହ-ପ୍ରତିଭୂତି (ବନ୍ଧକ) ରୂପରେ ପ୍ରଦାନ କରି ବ୍ୟାଙ୍କରୁ ଋଣ ଉଠାଇବା ସହଜ ହୋଇଥାଏ।

(ଙ) ମିଥ୍ୟା : ଫଟକାବାଜୀ ଜୁଆଖେଳ ଠାରୁ ଅଲଗା ଅଟେ।

୩. (କ) ଅତ୍ୟଧିକ ଫଟକାବାଜୀ

(ଖ) ଅପ୍ରତ୍ୟାଶିତ ରାଜନୈତିକ, ସାମାଜିକ ଏବଂ ଆର୍ଥନୀତିକ କାରକଗୁଡ଼ିକ ହେତୁ ତଥା ଭଡ଼ା ଖବରର ପ୍ରଚାର କାରଣରୁ ପ୍ରତିଭୂତି ଗୁଡ଼ିକର ଦାମ୍‌ରେ ଅସ୍ଥିରତା (ହ୍ରାସ-ବୃଦ୍ଧି)।

୧୮ଗ

୧. (କ) ନିବେଶକଙ୍କ ସ୍ୱାର୍ଥର ସୁରକ୍ଷା କରିବା

(ଖ) ପ୍ରତିଭୂତି ବଜାରର ବିକାଶକୁ ସଂବର୍ଦ୍ଧନ କରିବା /ଉନ୍ନତ କରିବା

(ଗ) ପ୍ରତିଭୂତି ବଜାରକୁ ନିୟମାଧୀନ /ନିୟନ୍ତ୍ରଣ କରିବା।

୨. (କ) ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ /ଜାତୀୟ ଶେୟାର ବଜାର (NSE)

(ଖ) ଓଭର ଦି କାଉଣ୍ଟର ଏକ୍ସଚେଞ୍ଜ୍ ଅଫ୍ ଇଣ୍ଡିଆ (OTCEL)

(ଗ) ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (BSE)

(ଘ) ପ୍ରତିଭୂତି ଚୁକ୍ତି (ନିୟାମକ) ଅଧିନିୟମ

(ଙ) ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ଼ (SEBI)

୩. (i) ସାର୍ବଜନୀକ ନିର୍ଗମନ କାଗଜପତ୍ରରେ ଉନ୍ନତ ମାନର ପରିପ୍ରକାଶ

(ii) ବିଚକ୍ଷଣପୂର୍ଣ୍ଣ ମାନଦଣ୍ଡର ପ୍ରବର୍ତ୍ତନ

(iii) ନିର୍ଗମନ ପଦ୍ଧତିର ସରଳୀକରଣ

କର ଏବଂ ଶିଖ

୧. ତୁମ ଅଞ୍ଚଳର କୌଣସି ଦୁଇଜଣ ବ୍ୟକ୍ତିଙ୍କର ଚିହ୍ନଟ କର ଯେଉଁମାନେ ବିତ୍ତୀୟ ବଜାର /ଶେୟାର ବଜାର ସହିତ ହୁଏତ ଏକ ନିବେଶକ ରୂପରେ କିମ୍ବା ଏକ ଶେୟାର-ଦଲାଲ ରୂପରେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ସହିତ କଥାବାର୍ତ୍ତା କର ଏବଂ ଆବିଷ୍କାର କର ଯେ (i) ପ୍ରତିଭୂତିଗୁଡ଼ିକର କ୍ରୟ-ବିକ୍ରୟ

ଟିପ୍ପଣୀ

କିପରି ହୋଇଥାଏ; (ii) ବଜାରରେ କାରବାର ହେଉଥିବା ଜନପ୍ରିୟ ବିପତ୍ର ଗୁଡ଼ିକ କ'ଣ; ଏବଂ (iii) 'ସେବି' /ସରକାରଙ୍କର ସାମ୍ପ୍ରତିକ ମାର୍ଗ-ନିର୍ଦ୍ଦେଶିକା ଯାହା ସେମାନଙ୍କର ନେଣଦେଣକୁ ପ୍ରଭାବିତ କରିପାରେ।

୨. ଏକ ଦୈନିକ ସମ୍ବାଦପତ୍ରର ବ୍ୟବସାୟ ସମାଚାର ପୃଷ୍ଠା କିମ୍ବା ଏକ ସ୍ୱତନ୍ତ୍ର ବ୍ୟବସାୟିକ ସମ୍ବାଦପତ୍ର ପଠନ କର। ସେହି ସ୍ତମ୍ଭକୁ /ଭାଗକୁ ଖୋଜି ବାହାର କର ଯେଉଁଠାରେ ଗୁରୁତ୍ୱପୂର୍ଣ୍ଣ ଶେୟାର ବଜାରଗୁଡ଼ିକର ଅଂଶ-ମୂଲ୍ୟ ପ୍ରଦତ୍ତ ଅଛି। ଯେକୌଣସି ପାଞ୍ଚଟି କମ୍ପାନୀକୁ ବାଛ ଏବଂ ତିନି ସପ୍ତାହ ପର୍ଯ୍ୟନ୍ତ ପ୍ରତିଦିନ ସେଗୁଡ଼ିକର ଅଂଶ-ମୂଲ୍ୟକୁ ଲିପିବଦ୍ଧ କର। ସେଗୁଡ଼ିକର ଦାମ୍‌ର ଗତିଶୀଳତାକୁ ଲକ୍ଷ୍ୟ କର ଏବଂ ଦେଖ ଯେ ଆର୍ଥନୀତିକ, ରାଜନୈତିକ କିମ୍ବା ସାମାଜିକ ପରିବେଶରେ ଘଟୁଥିବା ମୁଖ୍ୟ ଘଟଣାବଳୀ ସେହି ଅଂଶ ଗୁଡ଼ିକର ଦରକୁ କିପରି ପ୍ରଭାବିତ କରୁଛି। ତୁମେ ଏହି ଅଂଶ-ମୂଲ୍ୟ ସମ୍ବନ୍ଧରେ ସୂଚନା ଏପରିକି ଟେଲିଭିଜନରୁ ମଧ୍ୟ ପାଇ ପାରିବ।

ନାଟ୍ୟାଭିନୟ

ସୁନୀତା ଓ କବିତା ଦୁହେଁ ଉତ୍ତମ ବନ୍ଧୁ ଅଟନ୍ତି। କବିତା ଈଶ୍ୱରଙ୍କୁ ଅତିଶୟ ଡରୁଥିବା ଏକ ମହିଳା ହୋଇଥିବା ବେଳେ ସୁନୀତା ଜଣେ ସାହସୀ ମହିଳା ଅଟନ୍ତି ଏବଂ ତାଙ୍କର ବ୍ୟବହାରିକ ଆଭିମୁଖ୍ୟ ଅଛି।

କବିତା : ଏ ସୁନୀତା ! ତୁମେ କ'ଣ କରୁଛ ?

ସୁନୀତା : ମୁଁ ସମ୍ବାଦପତ୍ରର ବିତ୍ତୀୟ ବଜାର ପୃଷ୍ଠାକୁ ପଢୁଛି ଯାହା ଆମକୁ ଅଂଶ ଗୁଡ଼ିକର ଦର ସମ୍ବନ୍ଧରେ ସୂଚନା ଦେଇଥାଏ।

କବିତା :ଅଂଶ, ଯେଉଁଥିରେ ବହୁତ ବଡ଼ ଜୁଆ ଖେଳ ହୋଇଥାଏ।

ସୁନୀତା : ନା, ବାସ୍ତବରେ ତାହା ନୁହେଁ ! ତୁମେ ଏହି କଥା ବୁଝିବା ଉଚିତ ଯେ ଏହା କିପରି କାର୍ଯ୍ୟ କରେ।

କବିତା : ସ୍ପଷ୍ଟ ଭାବେ କହିବାକୁ ଗଲେ, ମୁଁ ଭାବୁଛି ଏହି ପୁଞ୍ଜି ବଜାର କେବଳ ଏକ ଜୁଆ ଖେଳ ଅଟେ ଏବଂ ମୁଁ ତା'ର କୌଣସି ଉପଯୋଗ (ଲାଭ) ଦେଖିପାରୁନାହିଁ।

ସୁନୀତା : ନା, ତୁମର ଧାରଣା ବିଲ୍‌କୁଲ୍ ଭୁଲ୍ ; ତୁମେ ପୁଞ୍ଜି ବଜାରର ଗୁରୁତ୍ୱ ଜାଣି ନାହଁ। ମୁଁ ତୁମକୁ କହିବି କିପରି ଏହା ଜଣେ ବ୍ୟକ୍ତି ପାଇଁ ଏବଂ ଏକ ଅର୍ଥବ୍ୟବସ୍ଥା ପାଇଁ ଆବଶ୍ୟକ ଅଟେ।

ତୁମେ ସୁନୀତା ଭୂମିକାରେ ଅଭିନୟ କରିବା ଆବଶ୍ୟକ ଏବଂ କଥାବାର୍ତ୍ତାକୁ ଆହୁରି ଆଗକୁ ଜାରି ରଖିବାକୁ ହେବ।



ଅଧ୍ୟାୟ : ଏକ ଦୃଷ୍ଟିରେ

୧୮.୧ ବିତ୍ତୀୟ ବଜାର
୧୮.୨ ବିତ୍ତୀୟ ବଜାର ଗୁଡ଼ିକର ପ୍ରକାର
୧୮.୩ ମୁଦ୍ରା ବଜାର
୧୮.୩.୧ ମୁଦ୍ରା ବଜାରର ବିପତ୍ର (ପ୍ରତିଭୂତି) ସମୂହ
୧୮.୪ ପୁଞ୍ଜି ବଜାର
୧୮.୪.୧ ପ୍ରାଥମିକ ବଜାର
୧୮.୪.୨ ଦ୍ୱିତୀୟକ ବଜାର
୧୮.୫ ପ୍ରାଥମିକ ବଜାର ଓ ଦ୍ୱିତୀୟକ ବଜାର ମଧ୍ୟରେ ପାର୍ଥକ୍ୟ
୧୮.୬ ପୁଞ୍ଜି ବଜାର ଓ ମୁଦ୍ରା ବଜାର ମଧ୍ୟରେ ପାର୍ଥକ୍ୟ
୧୮.୭ ଶେୟାର ବଜାର /ଷ୍ଟକ୍ ଏକ୍ସଚେଞ୍ଜ୍
୧୮.୭.୧ ଶେୟାର ବଜାରର କାର୍ଯ୍ୟ
୧୮.୭.୨ ଶେୟାର ବଜାରର ସୁବିଧା (ଲାଭ)
୧୮.୭.୩ ଶେୟାର ବଜାରର ସୀମାବଦ୍ଧତା
୧୮.୮ ଶେୟାର ବଜାରରେ ଫଟକା କାରବାର
୧୮.୯ ଭାରତରେ ଶେୟାର ବଜାର
୧୮.୧୦ ଶେୟାର ବଜାର ଗୁଡ଼ିକର ନିୟନ୍ତ୍ରଣ
୧୮.୧୧ 'ସେବି' ର ଭୂମିକା

୧୯

ବିପଣନ- ଏକ ଉପକ୍ରମ
(Introduction to Marketing)

ଆମେ ଆମର ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଏବଂ ସେବା ବ୍ୟବହାର କରୁ। ଏଥିରେ ଟୁଥ୍‌ପେଷ୍ଟ୍, ଟୁଥ୍ ବ୍ରଶ୍, ସାବୁନ, ତେଲ, କପଡ଼ା, ଖାଦ୍ୟ ସାମଗ୍ରୀ, ଟେଲିଫୋନ୍, ବିଦ୍ୟୁତ୍ ଏବଂ ଆହୁରି ଅନେକ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହି ସବୁ ଦ୍ରବ୍ୟ ଏବଂ ସେବା ଆମ ଘରେ ପହଞ୍ଚେ କିପରି ? ସ୍ପଷ୍ଟତଃ, ବ୍ୟବସାୟିକ ଗୃହ ଯେଉଁ ଗୁଡ଼ିକ ଏହି ଦ୍ରବ୍ୟ ଓ ସେବା ଉତ୍ପାଦନ କରନ୍ତି ସେମାନଙ୍କୁ ଏହା ନିଶ୍ଚିତ କରିବାକୁ ପଡ଼ିଥାଏ ଯେ ଏଗୁଡ଼ିକ ଯେପରି ବିକ୍ରି ହୋଇପାରିବ ଏବଂ ସେଥିପାଇଁ ସେମାନଙ୍କୁ ସେମାନଙ୍କ ଉତ୍ପାଦ ବିଷୟରେ ଖାଉଟି /ବ୍ୟବହାରକାରୀଙ୍କୁ ସଚେତନ କରିବାକୁ ହେବ ତଥା ଖାଉଟିଙ୍କୁ ସୁବିଧା ହେଲାଭଳି ସ୍ଥାନରେ ସେ ସବୁ ଜିନିଷକୁ ଉପଲବ୍ଧ କରାଇବାକୁ ହେବ। ଏଥିରେ ଅନେକ ଗୁଡ଼ିଏ କାର୍ଯ୍ୟ ସଂଶ୍ଳିଷ୍ଟ ଥାଏ, ଯଥା ଉତ୍ପାଦ ଯୋଜନା, ଦର ନିର୍ଦ୍ଧାରଣ, ପ୍ରବର୍ତ୍ତନ, ବିକ୍ରୟ ପାଇଁ ମଧ୍ୟସ୍ଥି ଲୋକ (ପାଇକାରୀ ବ୍ୟବସାୟୀ, ଖୁଚୁରା ବ୍ୟବସାୟୀ ଇତ୍ୟାଦି) ଙ୍କ ବିନିଯୋଗ, ଗୋଦାମ ଘର, ପରିବହନ ଇତ୍ୟାଦି। ଏ ସମସ୍ତ କାର୍ଯ୍ୟକୁ ଏକତ୍ର ମିଶାଇ 'ବିପଣନ' (ମାର୍କେଟିଙ୍ଗ୍) କୁହାଯାଏ। ଏହି ପାଠରେ ଆମେ ବିପଣନର ଅବଧାରଣା, ଏହାର ଗୁରୁତ୍ୱ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟାବଳୀ ସମ୍ବନ୍ଧରେ ଶିଖିବା।

ଉଦ୍ଦେଶ୍ୟ

ଏହି ପାଠ ପଢିବା ପରେ ତୁମେ:

- ବିପଣନର ଅର୍ଥ ବୁଝାଇପାରିବ;
- 'ବିପଣନ' ଓ 'ବିକ୍ରୟ' ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ବିପଣନର ଗୁରୁତ୍ୱ ବର୍ଣ୍ଣନା କରିପାରିବ;
- ବିପଣନର ଉଦ୍ଦେଶ୍ୟ ଉଲ୍ଲେଖ କରିପାରିବ; ଏବଂ
- ବିପଣନର ବିଭିନ୍ନ କାର୍ଯ୍ୟକୁ ବୁଝାଇ ପାରିବ।

୧୯.୧ ବିପଣନର ଅର୍ଥ

ଆମେ ଜାଣୁ ଯେ ବ୍ୟବସାୟୀ ଆମର ବ୍ୟବହାର ପାଇଁ ଦ୍ରବ୍ୟ ଏବଂ ସେବା ଉତ୍ପାଦନ କରନ୍ତି। ଏହା ଜରୁରୀ ନୁହେଁ ଯେ ଦ୍ରବ୍ୟ ଓ ସେବା ଗୁଡ଼ିକର ଉତ୍ପାଦନ ସେହି ସ୍ଥାନରେ କରାଯିବ ଯେଉଁଠାରେ ସେଗୁଡ଼ିକ ଉପଭୋଗ ଅଥବା ବ୍ୟବହାର କରାଯାଏ। ଏପରିକି ଆଜିକାଲି ତୁମେ ଗାଁ ଗଣ୍ଡାରେ ମଧ୍ୟ ସେହି ସବୁ ଉତ୍ପାଦ

ପାଇପାରିବ ଯାହା ସମଗ୍ର ଭାରତରେ ଏବଂ ଅନ୍ୟ ଦେଶ ମାନଙ୍କରେ ଉତ୍ପାଦିତ ହୋଇଥାଏ । ଏଥିରୁ ଏହା ସୂଚିତ ହେଉଛି ଯେ ଉତ୍ପାଦନକାରୀମାନେ ନିଶ୍ଚିତ ଭାବେ ସେମାନଙ୍କର ଉତ୍ପାଦର ଚାହିଦା ସୃଷ୍ଟି ପାଇଁ ତଥା ସାରା ବିଶ୍ୱରେ ବାସ କରୁଥିବା ସର୍ବଶେଷ ଖାଉଟିଙ୍କ ନିକଟରେ ସେଗୁଡ଼ିକ ପହଞ୍ଚିବା ସକାଶେ ପ୍ରୟାସ କରୁଥିବେ । ତେଣୁ ତୁମେ ଯେତେବେଳେ ଏକ ତିଆରି (ରେଡ଼ିମେଡ଼) ଜାମା କିଣିବାକୁ ବଜାରକୁ ଯାଅ, ତୁମେ ଦେଖିବ ଯେ ତୁମ ସମ୍ମୁଖରେ ବ୍ୟବହୃତ କପଡ଼ାର ଗୁଣବତ୍ତା, ଆକାର(ଡିଜାଇନ୍), ରଙ୍ଗ, ଦର ଇତ୍ୟାଦି ଦୃଷ୍ଟିରୁ ଅନେକ ବିକଳ୍ପ ଉପଲବ୍ଧ ଅଛି ଏବଂ ତୁମେ ଯାହା ତୁମ ପାଇଁ ସର୍ବୋତ୍ତମ ତାହା କିଣିପାରିବ । ଏହା ଆହୁରି ମଧ୍ୟ ସୂଚାଇଥାଏ ଯେ ଉତ୍ପାଦନକାରୀମାନେ ଖାଉଟିଙ୍କର ଆବଶ୍ୟକତା, ସେମାନଙ୍କର ରୁଚି ଓ ପ୍ରାଥମିକତାର ମୂଲ୍ୟାୟନ କରିଥା'ନ୍ତି ଏବଂ ତଦନୁଯାୟୀ ଉତ୍ପାଦର ଯୋଜନା ପ୍ରସ୍ତୁତ କରିଥା'ନ୍ତି କେବଳ ସେତିକି ନୁହେଁ, ସେମାନଙ୍କୁ ଏ କଥା ମଧ୍ୟ ସୁନିଶ୍ଚିତ କରିବାକୁ ହୋଇଥାଏ ଯେ ଲୋକମାନେ ଯେପରି ଉତ୍ପାଦ ଓ ଏହାର ବୈଶିଷ୍ଟ୍ୟ ସମ୍ବନ୍ଧରେ ସଚେତନ ଅଛନ୍ତି । ଏହି ସମସ୍ତ କାର୍ଯ୍ୟକୁ କୌଣସି ସଂଗଠନର ବିପଣନ କାର୍ଯ୍ୟର ଅଂଶ ବୋଲି କୁହାଯାଇଥାଏ । ତେଣୁ, ବିପଣନ ଖାଉଟି ମାନଙ୍କର ଆବଶ୍ୟକତା ନିର୍ଦ୍ଧାରଣ କରିବା (ଜାଣିବା) ତଥା ସେହିସବୁ ଆବଶ୍ୟକତାକୁ ସନ୍ତୋଷଜନକ ଭାବେ ପରିପୂରଣ କରିବା ପାଇଁ ଖାଉଟି ବା ବ୍ୟବହାରକାରୀଙ୍କ ନିକଟକୁ ବିଭିନ୍ନ ଦ୍ରବ୍ୟ ଏବଂ ସେବା ଯୋଗାଇ ଦେବାର ପ୍ରକ୍ରିୟା ଅଟେ । ମୂଳତଃ, ବିପଣନ ହେଉଛି ସେହିସବୁ ବ୍ୟବସାୟିକ କାର୍ଯ୍ୟକଳାପର ସମ୍ପାଦନ ଯାହା ଉତ୍ପାଦକଙ୍କଠାରୁ ଉପଭୋକ୍ତା (ଖାଉଟି) ବା ବ୍ୟବହାରକାରୀଙ୍କ ନିକଟକୁ ଦ୍ରବ୍ୟ ଏବଂ ସେବାର ପ୍ରବାହକୁ ନିର୍ଦ୍ଦେଶିତ କରିଥାଏ ।

ଆମେରିକୀୟ ବିପଣନ ସଂଘ (ଦ' ଆମେରିକାନ୍ ମାର୍କେଟିଙ୍ଗ୍ ଆସୋସିଏସନ) ଅନୁସାରେ ବିପଣନ ହେଉଛି ଏକ ସାଂଗଠନିକ କାର୍ଯ୍ୟ ଏବଂ ସେହିସବୁ ପ୍ରକ୍ରିୟାମାନଙ୍କର ଏକ ସମାହାର ଯାହା ଦ୍ୱାରା ଗ୍ରାହକମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି, ସମ୍ପ୍ରସାରଣ ତଥା ବିତରଣ ହୋଇଥାଏ ଏବଂ ଗ୍ରାହକମାନଙ୍କ ସହିତ ସମ୍ପର୍କକୁ ଏପରି ଭାବେ ପରିଚାଳିତ କରାଯାଇଥାଏ ଯେପରିକି ତାହା ସଂଗଠନ ଓ ଏହାର ପଣଧାରୀ (Stakeholders) ଙ୍କୁ ଫାଇଦା (ଲାଭ) ଦେଉଥିବ ।

୧୯.୧.୧ ବିପଣନର ପାରମ୍ପରିକ ଅବଧାରଣା

ପାରମ୍ପରିକ ଅବଧାରଣା ଅନୁସାରେ, ବିପଣନର ଅର୍ଥ ହେଲା ଉତ୍ପାଦିତ ହୋଇଥିବା ଦ୍ରବ୍ୟ ଓ ସେବାର ବିକ୍ରୟ । ଅତଃ ସେହି ସବୁ କାର୍ଯ୍ୟ ଯାହା ଗ୍ରାହକମାନଙ୍କୁ ପ୍ରବର୍ତ୍ତାଇବା (ପ୍ରରୋଚିତ କରିବା) ଏବଂ ଦ୍ରବ୍ୟ ଓ ସେବାର ବିକ୍ରୟ କରିବା ସହିତ ସମ୍ପୃକ୍ତ ସେଗୁଡ଼ିକୁ ବିପଣନ କୁହାଯାଏ । ବିପଣନର ଏହି ଅବଧାରଣା ଦ୍ରବ୍ୟ ଓ ସେବାର ପ୍ରବର୍ତ୍ତନ ଓ ବିକ୍ରୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ଖାଉଟି / ଉପଭୋକ୍ତାଙ୍କର ଆତ୍ମସନ୍ତୋଷ ଉପରେ କମ୍ ଧ୍ୟାନ ଦେଇଥାଏ । ଏହି ଅବଧାରଣା ନିମ୍ନଲିଖିତ ଅର୍ଥ ପ୍ରକାଶ କରିଥାଏ :

(କ) ଏହି ଅବଧାରଣାର ମୁଖ୍ୟ କେନ୍ଦ୍ର ହେଲା ଉତ୍ପାଦ, ଅର୍ଥାତ୍ ଆମର ଏକ ଉତ୍ପାଦ ଅଛି ଏବଂ ଏହାକୁ ବିକ୍ରୀ କରିବାକୁ ହେବ । ତେଣୁ ଆମକୁ ଖାଉଟି / ଉପଭୋକ୍ତାଙ୍କୁ ପ୍ରରୋଚିତ କରିବାକୁ ହେବ ଯେ ସେମାନେ ଯେପରି ଆମର ଉତ୍ପାଦ କିଣିବେ ।

(ଖ) ବିପଣନ ସହ ଜଡ଼ିତ ବ୍ୟକ୍ତିମାନଙ୍କର ସମସ୍ତ ପ୍ରଚେଷ୍ଟା ଉତ୍ପାଦର ବିକ୍ରୟ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ସେମାନେ ବିକ୍ରୀ ବଢ଼ାଇବା ପାଇଁ ବ୍ୟକ୍ତିଗତ ବିକ୍ରୟ ଏବଂ ବିକ୍ରୟୋନ୍ନତି (Sales Promotion) ପରି ସବୁ ସାଧନକୁ ଆପଣାଇଥା'ନ୍ତି ।

ଟିପ୍ପଣୀ

(ଗ) ବିପଣନ କାର୍ଯ୍ୟର ଅନ୍ତିମ ଲକ୍ଷ୍ୟ ହେଲା ଅଧିକରୁ ଅଧିକ ବିକ୍ରୀ କରି ଲାଭୋପାର୍ଜନ କରିବା ।

ବିପଣନର ପାରମ୍ପରିକ ଅବଧାରଣା	
କେନ୍ଦ୍ରବିନ୍ଦୁ	ଉତ୍ପାଦ
ସାଧନ	ବିକ୍ରୀ
ଲକ୍ଷ୍ୟ	ଅଧିକରୁ ଅଧିକ ବିକ୍ରୀ କରି ଲାଭୋପାର୍ଜନ

୧୯.୧.୨ ବିପଣନର ଆଧୁନିକ ଅବଧାରଣା

ବିପଣନର ଆଧୁନିକ ଅବଧାରଣା ଖାଉଟି / ଉପଭୋକ୍ତାଙ୍କର ଅଭାବ ଓ ଆବଶ୍ୟକତାକୁ ମାର୍ଗଦର୍ଶିକାର ମୂଳ ନୀତି ଭାବେ ବିବେଚନା କରିଥାଏ ଏବଂ ସେହିସବୁ ଦ୍ରବ୍ୟ ଓ ସେବାର ବିତରଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ ଯାହା ଖାଉଟି ବା ଉପଭୋକ୍ତାଙ୍କର ଆବଶ୍ୟକତାକୁ ଅଧିକ ଫଳପ୍ରଦ ଭାବେ ପୂରଣ କରି ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିପାରିଥାଏ । ଅତଃ, ଖାଉଟିର ଆବଶ୍ୟକତାର ଚିହ୍ନଟ କରିବା କାମରୁ ବିପଣନ ଆରମ୍ଭ ହୋଇଥାଏ ଏବଂ ତଦନୁଯାୟୀ ଏହା ଏପରି ଦ୍ରବ୍ୟ ଓ ସେବାର ଉତ୍ପାଦନ କରିବାର ଯୋଜନା ପ୍ରସ୍ତୁତ କରିଥାଏ ଯେପରି କି ଖାଉଟିଙ୍କୁ ସର୍ବାଧିକ ଆତ୍ମସନ୍ତୋଷ ପ୍ରଦାନ କରାଯାଇପାରିବ । ଅନ୍ୟ ଶବ୍ଦରେ କହିଲେ, ସାମଗ୍ରୀ ଓ ଯନ୍ତ୍ରପାତିର ଉପଲବ୍ଧତା ଅନୁସାରେ ନୁହେଁ, ବରଂ ଗ୍ରାହକମାନଙ୍କର ଆବଶ୍ୟକତା ଅନୁସାରେ ଉତ୍ପାଦ ଓ ସେବାର ଯୋଜନା ପ୍ରସ୍ତୁତ କରାଯାଇଥାଏ । କେବଳ ସେତିକି ନୁହେଁ, ଏହି ସମସ୍ତ କାର୍ଯ୍ୟ (ଉତ୍ପାଦ, ଗବେଷଣା ଓ ବିକାଶ, ଗୁଣବତ୍ତା ନିୟନ୍ତ୍ରଣ, ବଣ୍ଟନ, ବିକ୍ରୟ ଇତ୍ୟାଦି) ଉପଭୋକ୍ତାଙ୍କୁ ଆତ୍ମ ସନ୍ତୋଷ ପ୍ରଦାନ କରିବାକୁ ନିର୍ଦ୍ଦେଶିତ କରିଥାଏ । ଅତଃ, ବିପଣନର ଆଧୁନିକ ଅବଧାରଣାର ମୁଖ୍ୟ ଅର୍ଥ ନିମ୍ନ ପ୍ରକାର ଅଟେ :

The emphasis of modern concept of marketing is on selling satisfaction and not merely on selling goods and services.

ବିପଣନର ଆଧୁନିକ ଅବଧାରଣା ସନ୍ତୁଷ୍ଟି ବିକ୍ରୟ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ, କେବଳ ଦ୍ରବ୍ୟ ଓ ସେବାଗୁଡ଼ିକର ବିକ୍ରୟ ପର୍ଯ୍ୟବେକ୍ଷିତ ହୋଇନଥାଏ ।

(କ) ଏହି ଅବଧାରଣାର କେନ୍ଦ୍ରବିନ୍ଦୁ ଗ୍ରାହକର ଅଭିମୁଖୀକରଣ (Orientation) ଅଟେ । ବିପଣନ କାର୍ଯ୍ୟ ଗ୍ରାହକମାନଙ୍କର ଆବଶ୍ୟକତାର ଆକଳନରୁ ଆରମ୍ଭ ହୋଇଥାଏ ଏବଂ ତା'ପରେ ସେହିସବୁ ସାମଗ୍ରୀର ଉତ୍ପାଦନର ଯୋଜନା ପ୍ରସ୍ତୁତ କରାଯାଇଥାଏ ଯାହା ସର୍ବାଧିକ ଫଳପ୍ରଦ ଭାବେ ଏହିସବୁ ଆବଶ୍ୟକତାକୁ ସନ୍ତୋଷଜନକ ଭାବେ ପୂରଣ କରିପାରିବ । ଏହା ଅନ୍ୟ ସବୁ ବିପଣନ କାର୍ଯ୍ୟ ଯଥା ଦର ନିର୍ଦ୍ଧାରଣ, ପ୍ୟାକେଜିଙ୍ଗ୍, ବଣ୍ଟନ ଓ ବିକ୍ରୟୋନ୍ନତି ପାଇଁ ମଧ୍ୟ ପ୍ରଯୁଜ୍ୟ ହୋଇଥାଏ ।

(ଖ) ଉତ୍ପାଦ-ଯୋଜନା, ଦର ନିର୍ଦ୍ଧାରଣ, ପ୍ୟାକେଜିଙ୍ଗ୍, ବଣ୍ଟନ ଓ ବିକ୍ରୟୋନ୍ନତି ପରି ସମସ୍ତ ବିପଣନ କାର୍ଯ୍ୟାବଳୀକୁ ଏକ ସମନ୍ୱୟୀ ବିପଣନ ପ୍ରୟାସ ରୂପରେ ସମ୍ପାଦିତ କରାଯାଇଥାଏ । ଏହାକୁ 'ସମନ୍ୱିତ ବିପଣନ' କୁହାଯାଏ । ଏହାର ଅର୍ଥ ହେଲା :

(i) ଏପରି ଏକ ଉତ୍ପାଦର ବିକାଶ କରିବା ଯାହା ଖାଉଟି / ଉପଭୋକ୍ତାଙ୍କର ଆବଶ୍ୟକତାକୁ ପୂରଣ କରିପାରିବ;

(ii) ବିକ୍ରୟୋନ୍ନତିମୂଳକ ଉପାୟମାନ ଅବଲମ୍ବନ କରିବା ଯେପରି କି ଉପଭୋକ୍ତା / ଖାଉଟିମାନେ ଉତ୍ପାଦ, ଏହାର ବିଶେଷତ୍ୱ, ଗୁଣବତ୍ତା, ଉପଲବ୍ଧତା ଇତ୍ୟାଦି ବିଷୟରେ ଜାଣିବାକୁ ପାଇବେ;

(iii) ଅଭୀଷ୍ଟ ଖାଉଟି / ଉପଭୋକ୍ତା ମାନଙ୍କର କ୍ରୟ-ଶକ୍ତି ଏବଂ କିଣିବାର ଇଚ୍ଛାକୁ ଧ୍ୟାନରେ ରଖି ଉତ୍ପାଦର ଦର ନିର୍ଦ୍ଧାରଣ କରିବା ;

(iv) ଉତ୍ପାଦକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହାର ପ୍ୟାକେଜିଙ୍ଗ୍ ଓ ବର୍ଗୀକରଣ (ଗ୍ରେଡ଼ିଙ୍ଗ୍) କରିବା ଏବଂ ବିକ୍ରୟୋନ୍ନତିମୂଳକ ପନ୍ଥା ଅବଲମ୍ବନପୂର୍ବକ ଖାଉଟି / ଉପଭୋକ୍ତାମାନଙ୍କୁ ଉତ୍ପାଦ କିଣିବା ନିମନ୍ତେ ପ୍ରେରଣା ଦେବା ; ଏବଂ

(v) ଖାଉଟି / ଉପଭୋକ୍ତାମାନଙ୍କର ଆବଶ୍ୟକତାକୁ ସନ୍ତୁଷ୍ଟ କରିବା ପାଇଁ ଅନ୍ୟାନ୍ୟ ବିଭିନ୍ନ ପନ୍ଥା (ଉଦାହରଣ ସ୍ୱରୂପ, ବିକ୍ରୀ ପରବର୍ତ୍ତୀ ସେବା) ଅବଲମ୍ବନ କରିବା।

(ଗ) ସମସ୍ତ ପ୍ରଚେଷ୍ଟାର ମୁଖ୍ୟ ଲକ୍ଷ୍ୟ ହେଲା ସର୍ବାଧିକ ଗ୍ରାହକସନ୍ତୁଷ୍ଟି ଜରିଆରେ ଲାଭୋପାର୍ଜନ କରିବା। ଏହାର ଅର୍ଥ ହେଲା ଯଦି ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରାଯାଏ, ସେମାନେ କିଣିବା ଜାରି ରଖିବେ ଏବଂ ଏହି ପ୍ରକ୍ରିୟାରେ ଅନେକ ନୂଆ ଗ୍ରାହକ ଯୋଗଦାନ କରିବେ। ଏହାଦ୍ୱାରା ବିକ୍ରୟର ଅଭିବୃଦ୍ଧି ହେବା ସହିତ ଲାଭ ମଧ୍ୟ ବୃଦ୍ଧି ପାଇବ।

ବିପଣନର ଆଧୁନିକ ଅବଧାରଣା	
କେନ୍ଦ୍ରବିନ୍ଦୁ	ଗ୍ରାହକମାନଙ୍କର ଆବଶ୍ୟକତା
ସାଧନ	ସମନ୍ୱୟୀ ବିପଣନ ପ୍ରୟାସ
ଲକ୍ଷ୍ୟ	ଗ୍ରାହକଙ୍କ ସନ୍ତୁଷ୍ଟି ଜରିଆରେ ଲାଭୋପାର୍ଜନ

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ୟବସାୟର ସାମାଜିକ ପ୍ରାସଙ୍ଗିକତାର କ୍ରମବର୍ଦ୍ଧିଷ୍ଣୁ ସଚେତନତା ସହିତ ବିପଣନର ସାମାଜିକ ଆବଶ୍ୟକତାଗୁଡ଼ିକୁ ଧ୍ୟାନରେ ରଖିବାକୁ ହେବ ଏବଂ ଏହି କଥାକୁ ସୁନିଶ୍ଚିତ କରିବାକୁ ହେବ ଯେ ଖାଉଟି / ଉପଭୋକ୍ତାର ଆତ୍ମସନ୍ତୋଷ ବଢ଼ାଇବା ସହିତ ଯେପରି ସମାଜର ଦୀର୍ଘ-ମିଆଦୀ ହିତ ଉପରେ ମଧ୍ୟ ଲକ୍ଷ୍ୟ ରଖାଯାଇପାରିବ।

ପାଠଗତ ପ୍ରଶ୍ନାବଳୀ ୧୯ କ

୧. ବିପଣନ ଶବ୍ଦର ସଂଜ୍ଞା (ପରିଭାଷା) ଦିଅ।

____

____

____

୨. ନିମ୍ନ ଉକ୍ତିଗୁଡ଼ିକ ବିପଣନର ବିଭିନ୍ନ ଅବଧାରଣା ସହ ସମ୍ବନ୍ଧିତ ଅଟେ। ଆଧୁନିକ ଅବଧାରଣା ସହିତ ସମ୍ବନ୍ଧିତ ଉକ୍ତି ଗୁଡ଼ିକର ଚିହ୍ନଟ କରି ପ୍ରଦତ୍ତ ଘରେ 'ଆ.ଅ.' ଲେଖ ଏବଂ ପାରମ୍ପରିକ ଅବଧାରଣା ସହିତ ସମ୍ବନ୍ଧିତ ଉକ୍ତିଗୁଡ଼ିକ ସିଧାରେ ପ୍ରଦତ୍ତ ଘରେ 'ପା.ଅ.' ଲେଖ।

(କ) ଏହା ଗ୍ରାହକଙ୍କ ଆବଶ୍ୟକତା ଉପରେ କେନ୍ଦ୍ରୀଭୂତ। [ ]

(ଖ) ଏହା ଉତ୍ପାଦ ଉପରେ କେନ୍ଦ୍ରୀଭୂତ। [ ]

ଟିପ୍ପଣୀ

(ଗ) ଏହା ଆତ୍ମସନ୍ତୋଷ ବିକ୍ରୀ କରେ।

(ଘ) ଏହା ଦ୍ରବ୍ୟ ଓ ସେବା ବିକ୍ରୀ କରେ।

(ଙ) ଏହା ବିକ୍ରୟକୁ ଅଧିକରୁ ଅଧିକ ବଢ଼ାଇ ଲାଭୋପାର୍ଜନ କରେ।

(ଚ) ଏହା ଅଧିକରୁ ଅଧିକ ଗ୍ରାହକଙ୍କ ସନ୍ତୁଷ୍ଟି ଜରିଆରେ ଲାଭୋପାର୍ଜନ କରେ।

୧୯.୨ ବିପଣନ ଓ ବିକ୍ରୟ ମଧ୍ୟରେ ପାର୍ଥକ୍ୟ

'ବିପଣନ' ଓ 'ବିକ୍ରୟ' ଶବ୍ଦଦ୍ୱୟ ପରସ୍ପର ସମ୍ବନ୍ଧିତ ଅଟେ କିନ୍ତୁ ଏକାର୍ଥବୋଧକ ନୁହେଁ। ପୂର୍ବେ ଉଲ୍ଲେଖ କରାଯାଇଥିବା ପରି 'ବିପଣନ' ଗ୍ରାହକ-ସନ୍ତୁଷ୍ଟି ଜରିଆରେ ଲାଭୋପାର୍ଜନ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ବିପଣନରେ ଖାଉଟି / ଉପଭୋକ୍ତାଙ୍କର ଆବଶ୍ୟକତା ସମୂହ ଏବଂ ସେଗୁଡ଼ିକର ସନ୍ତୋଷଜନକ ପୂର୍ତ୍ତି ଉପରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥାଏ। ଅନ୍ୟ ପକ୍ଷରେ 'ବିକ୍ରୟ' ଉତ୍ପାଦ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଏବଂ ଯାହା ଉତ୍ପାଦିତ ହୋଇଥାଏ ସେଗୁଡ଼ିକର ବିକ୍ରୀ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ପ୍ରକୃତରେ ଏହା ବିପଣନ ପ୍ରକ୍ରିୟାର ବ୍ୟାପକତାର ଏକ କ୍ଷୁଦ୍ର ଅଂଶ ଅଟେ ଯେଉଁଥିରେ ପ୍ରଥମରେ ଦ୍ରବ୍ୟ ଓ ସେବାର ବିକାଶ ଉପରେ ଏବଂ ଶେଷରେ ବିକ୍ରୟର ପରିମାଣରେ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ।

ବିପଣନର ଖାଉଟି / ଉପଭୋକ୍ତାଙ୍କୁ ସର୍ବାଧିକ ଆତ୍ମସନ୍ତୋଷ ପ୍ରଦାନ ପୂର୍ବକ ଉତ୍ପାଦ ପ୍ରତି ତାଙ୍କର ଆନୁଗତ୍ୟ ଉପରେ ବିଜୟ ପ୍ରାପ୍ତ କରିବାର ଦୀର୍ଘ-ମିଆଦୀ ଆଶା ଅଛି। କିନ୍ତୁ ବିକ୍ରୟର କେବଳ ବିକ୍ରୀ ପରିମାଣକୁ ବୃଦ୍ଧି କରିବାର ସ୍ୱଳ୍ପ-ମିଆଦୀ ଆଶା ଅଛି।

ବିପଣନର ଖାଉଟି / ଉପଭୋକ୍ତା ଏକ ରାଜାଙ୍କ ପରି ଅଟନ୍ତି ଯାହାଙ୍କର ଆବଶ୍ୟକତାଗୁଡ଼ିକୁ ନିଶ୍ଚିତ ଭାବେ ପୂରଣ କରିବାକୁ ହୋଇଥାଏ। ବିକ୍ରୟରେ ଉତ୍ପାଦ ହେଉଛି ମୁଖ୍ୟ ଏବଂ ପୂରା ଧ୍ୟାନ ଏହାର ବିକ୍ରୀ ଉପରେ ଥାଏ। ବିପଣନ ଉତ୍ପାଦନ ପୂର୍ବରୁ ଆରମ୍ଭ ହୋଇଥାଏ ଏବଂ ଦ୍ରବ୍ୟ ଓ ସେବାର ବିନିମୟ ହୋଇ ସାରିବା ପରେ ମଧ୍ୟ ଜାରି ରହିଥାଏ। ଏହାର କାରଣ ବିକ୍ରୀ ପରବର୍ତ୍ତୀ ସେବାର ବ୍ୟବସ୍ଥା ବିପଣନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ। ବିକ୍ରୟ ଉତ୍ପାଦନ ପରେ ଆରମ୍ଭ ହୋଇଥାଏ ଏବଂ ଦ୍ରବ୍ୟ ଓ ସେବାର ବିନିମୟ ହେବା ସହିତ ସମାପ୍ତ ହୋଇଯାଏ।

ବିପଣନ	ବିକ୍ରୟ
ବିପଣନରେ ବିକ୍ରୟ ସହିତ ଅନ୍ୟ କାର୍ଯ୍ୟକଳାପ ଯଥା ବିଭିନ୍ନ ପ୍ରବର୍ତ୍ତନମୂଳକ ପନ୍ଥା, ବିପଣନ ଗବେଷଣା, ବିକ୍ରୀ ପରବର୍ତ୍ତୀ ସେବା ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ।	ବିକ୍ରୟ ଗ୍ରାହକମାନଙ୍କୁ ବ୍ୟବସାୟର ଦ୍ରବ୍ୟ ଓ ସେବା କ୍ରୟ କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିବା ପର୍ଯ୍ୟନ୍ତ ସୀମିତ ଥାଏ।
ଏହା ଖାଉଟିଙ୍କର ଆବଶ୍ୟକତା, ଅଭାବ, ପ୍ରାଥମିକତା, ପସନ୍ଦ, ନାପସନ୍ଦ ଇତ୍ୟାଦିର ଗବେଷଣାରୁ ଆରମ୍ଭ ହୁଏ ଏବଂ ବିକ୍ରୀ ହୋଇସାରିବା ପରେ ମଧ୍ୟ ଜାରି ରହିଥାଏ।	ବିକ୍ରୟ ଉତ୍ପାଦନ ପ୍ରକ୍ରିୟା ସମାପ୍ତ ହେବା ପରେ ଆରମ୍ଭ ହୁଏ ଏବଂ କ୍ରେତାଦ୍ୱାରା ବିକ୍ରେତାକୁ ଦରର ପୈଠ କରାଯିବା ସହିତ ସମାପ୍ତ ହୁଏ।
ଏହାର କେନ୍ଦ୍ରବିନ୍ଦୁ ହେଉଛି ଗ୍ରାହକମାନଙ୍କୁ ସର୍ବାଧିକ ସନ୍ତୋଷ ପ୍ରଦାନ ପୂର୍ବକ ଲାଭୋପାର୍ଜନ କରିବା।	ଏହାର କେନ୍ଦ୍ରବିନ୍ଦୁ ହେଉଛି ଅଧିକରୁ ଅଧିକ ବିକ୍ରୀ କରି ଲାଭୋପାର୍ଜନ କରିବା।
ଗ୍ରାହକଙ୍କ ଆବଶ୍ୟକତା ହେଉଛି ଏହାର କେନ୍ଦ୍ରବିନ୍ଦୁ ଯାହାର ଚତୁଃପାର୍ଶ୍ୱରେ ସମସ୍ତ ବିପଣନ କାର୍ଯ୍ୟ ଘୂରି ବୁଲିଥାଏ।	ଏହାର ସମସ୍ତ କାର୍ଯ୍ୟ ଉତ୍ପାଦିତ ହୋଇଥିବା ଉତ୍ପାଦର ଚତୁଃପାର୍ଶ୍ୱରେ ଘୂରି ବୁଲିଥାଏ।
ଗ୍ରାହକମାନଙ୍କ ସୃଷ୍ଟି, ରକ୍ଷଣାବେକ୍ଷଣ ଓ ସେମାନଙ୍କୁ ବାନ୍ଧି ରଖିବା ପରି ଦୀର୍ଘ-ମିଆଦୀ ଲକ୍ଷ୍ୟ ପାଇଁ ଏହା ଏକ ସମନ୍ୱିତ ଆଭିମୁଖ୍ୟ ଅଟେ।	କ୍ଷୁଦ୍ର-ମିଆଦୀ ଲାଭ ପ୍ରାପ୍ତି ପାଇଁ ଏହା ଏକ ବିଖଣ୍ଡିତ ଆଭିମୁଖ୍ୟ ଅଟେ।
କ୍ରେତାଙ୍କ ଆବଶ୍ୟକତା ଉପରେ ଏହା ଜୋର୍ (ଗୁରୁତ୍ୱ) ଦେଇଥାଏ।	ବିକ୍ରେତାଙ୍କ ଆବଶ୍ୟକତା ଉପରେ ଏହା ଜୋର୍ (ଗୁରୁତ୍ୱ) ଦେଇଥାଏ।

ବିପଣନ ଉପରେ କେତେକ ପ୍ରାସଙ୍ଗିକ ଶବ୍ଦାବଳୀ

- **ବଜାର :** ସାଧାରଣତଃ ଲୋକମାନେ ବୁଝିଥା'ନ୍ତି ଯେ ବଜାର ଏକ ସ୍ଥାନ ଯେଉଁଠାରେ ଦ୍ରବ୍ୟ ସମୂହର କିଣା-ବିକା ହୁଏ। କିନ୍ତୁ ବିପଣନର ସନ୍ଦର୍ଭରେ ଏହାର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ଉତ୍ପାଦ କିମ୍ବା ସେବାର କ୍ରେତାମାନଙ୍କର ଏକ ସଂଗୋଷ୍ଠୀ (ସମୂହ)। ଉଦାହରଣ ସ୍ୱରୂପ, ହିସାବ ରକ୍ଷଣ ଶାସ୍ତ୍ରର ଏବଂ ସ୍ୱତନ୍ତ୍ର ହିସାବରକ୍ଷଣଶାସ୍ତ୍ରର କାର୍ଯ୍ୟକ୍ରମ'ର ପାଠ୍ୟ ପୁସ୍ତକର ବଜାର ହେଉଅଛନ୍ତି 'ବାଣିଜ୍ୟ' ର ଛାତ୍ର ସମୂହ; ମହିଳାଙ୍କ ପାଇଁ ତିଆରି (ରେଡ଼ିମେଡ଼) ପୋଷାକର ବଜାର ହେଉଛି ବାଳିକାଗଣ ଏବଂ ସ୍ତ୍ରୀ ଲୋକଗଣ, ଏବଂ ସେହିପରି।

ଟିପ୍ପଣୀ

• ବଜାରର ପ୍ରକାର

କ୍ଷେତ୍ର /ଅଞ୍ଚଳ ଅନୁସାରେ	ପଣ୍ୟ ଓ ଦ୍ରବ୍ୟ ଅନୁସାରେ	ଦେଣ ଦେଣ (କାରବାର)ର ମାତ୍ରା ଅନୁସାରେ
• ସ୍ଥାନୀୟ ବଜାର • ଆଞ୍ଚଳିକ ବଜାର • ଗ୍ରାମୀଣ ବଜାର • ଜାତୀୟ ବଜାର • ଅନ୍ତର୍ଜାତୀୟ ବଜାର	• ଫଳ ବଜାର • ଆସବାବପତ୍ର ବଜାର • ଶେୟାର ବଜାର, ଆଦି	• ପାଇକାରୀ ବଜାର • ଖୁଚୁରା ବଜାର

- **ବିପଣନ କର୍ତ୍ତା :** ଏହା ସେହି ବ୍ୟକ୍ତିଙ୍କୁ ବୁଝାଇଥାଏ ଯେ (ଯିଏ) ବିଭିନ୍ନ ବିପଣନ କାର୍ଯ୍ୟାବଳୀ ଯଥା ବଜାର ଗବେଷଣା, ଉତ୍ପାଦନ-ଯୋଜନା, ଦର ନିର୍ଦ୍ଧାରଣ, ବଣ୍ଟନ ଇତ୍ୟାଦିର ସଂଗଠନ କରିଥା'ନ୍ତି।
- **ବିକ୍ରେତା :** ଏହା ଜଣେ ବ୍ୟକ୍ତି ବା ସଂଗଠନକୁ ବୁଝାଇଥାଏ ଯେ ପ୍ରତ୍ୟକ୍ଷଭାବରେ ମୁଦ୍ରା (ଟଙ୍କା) ବଦଳରେ ଦ୍ରବ୍ୟ ଓ ସେବାର ବିନିମୟ ପ୍ରକ୍ରିୟାରେ ସାମିଲଥା'ନ୍ତି। ଏଥିରେ ପାଇକାରୀ ବ୍ୟବସାୟୀ, ଖୁଚୁରା ବ୍ୟବସାୟୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥା'ନ୍ତି।
- **କ୍ରେତା :** ଏକ କ୍ରେତା ହେଉଛି ସେହି ଯିଏ ପ୍ରତ୍ୟକ୍ଷଭାବରେ ଦ୍ରବ୍ୟ ଓ ସେବାର କ୍ରୟ ପ୍ରକ୍ରିୟାରେ ସାମିଲ ଥାଏ। ସେ ହେଉଛି ଜଣେ ବ୍ୟକ୍ତି ଯେ ଦ୍ରବ୍ୟ ଚୟନ କରେ (ଦର) ମୂଲ୍ୟ ପୈଠ କରେ ଏବଂ ଦ୍ରବ୍ୟ ପ୍ରାପ୍ତ କରେ।
- **ଉପଭୋକ୍ତା /ଖାଉଟି :** ଉପଭୋକ୍ତା ହେଉଛି ସେହି ଯେ ପ୍ରକୃତରେ ଦ୍ରବ୍ୟ କିମ୍ବା ସେବାର ଉପଯୋଗ (ବ୍ୟବହାର) କରେ। ଉଦାହରଣ ସ୍ୱରୂପ, ତମେ ଏକ ଜାମା କିଣିଲ ଏବଂ ଏହାକୁ ତୁମର ଜଣେ ସାଙ୍ଗକୁ ଉପହାର ଦେଲ ଯେ କି ଏହାକୁ ବ୍ୟବହାର କରୁଛନ୍ତି। ଏଠାରେ ତୁମର ସାଙ୍ଗ ଉପଭୋକ୍ତା / ଖାଉଟି ଅଟନ୍ତି ଏବଂ ତୁମେ ଜଣେ କ୍ରେତା ଅଟ । ତେବେ ଜଣେ ଉପଭୋକ୍ତା ମଧ୍ୟ କ୍ରେତା ହୋଇପାରିବେ।
- **ଗ୍ରାହକ:** ଗ୍ରାହକ କହିଲେ ସାଧାରଣତଃ ସେହି ବ୍ୟକ୍ତିଙ୍କୁ ବୁଝାଏ ଯେ କି କ୍ରୟ କରିବାର ନିଷ୍ପତ୍ତି ନିଅନ୍ତି। ଉଦାହରଣ ସ୍ୱରୂପ, ଏକ ପରିବାରରେ ବାପା ତାଙ୍କର ପିଲାମାନେ କେଉଁ ବ୍ରାଣ୍ଡ୍‌ର ଟୁଥ୍ ପେଷ୍ଟ ବ୍ୟବହାର କରିବେ ତାହା ନିଷ୍ପତ୍ତି ନିଅନ୍ତି। ଏଠାରେ ପିଲାମାନେ ହେଉଛନ୍ତି ଉପଭୋକ୍ତା ଏବଂ ବାପା ହେଉଛନ୍ତି ଗ୍ରାହକ। ଜଣେ ଗ୍ରାହକ ଉପଭୋକ୍ତା ମଧ୍ୟ ହୋଇପାରିବେ ସେହିପରି କ୍ରେତା ଗ୍ରାହକଙ୍କଠାରୁ ଅଲଗା ହୋଇପାରନ୍ତି କିମ୍ବା ଜଣେ ଉଭୟ କ୍ରେତା ଓ ଗ୍ରାହକ ମଧ୍ୟ ହୋଇପାରିବେ।
- **ଅପ୍ରତ୍ୟକ୍ଷ ବାସ୍ତବିକ ବଜାର (Virtual Market) :** ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ ଆଜିକାଲି କ୍ରେତା ଓ ବିକ୍ରେତାମାନେ ଇଣ୍ଟରନେଟ୍ ବ୍ୟବହାର କରି ପରସ୍ପର ସହିତ ଆଲୋଚନା କରି ପାରୁଛନ୍ତି। ଏହାକୁ ଅପ୍ରତ୍ୟକ୍ଷ ବାସ୍ତବିକ ବଜାର କୁହାଯାଏ।

ପାଠଗତ ପ୍ରଶ୍ନାବଳୀ ୧୯ ଖ

୧. ନିମ୍ନଲିଖିତ 'ବିପଣନ' ଓ 'ବିକ୍ରୟ'ର ବିଶେଷତ୍ୱ ସମ୍ବନ୍ଧରେ ଉକ୍ତି ଗୁଡ଼ିକର ଏକ ତାଲିକା ଅଟେ। ପ୍ରତ୍ୟେକ ଉକ୍ତି ସିଧାରେ ଥିବା ବାକ୍ସ ମଧ୍ୟରେ 'ବିପ' ଲେଖି ବିପଣନର ବିଶେଷତ୍ୱ ଏବଂ 'ବିକ୍ର' ଲେଖି ବିକ୍ରୟର ବିଶେଷତ୍ୱ ଗୁଡ଼ିକୁ ଚିହ୍ନଟ କର।

(କ) ଏହା ଉତ୍ପାଦନ ପ୍ରକ୍ରିୟା ଶେଷ ହେବା ପରେ ଆରମ୍ଭ ହୁଏ। ☐

(ଖ) ସମସ୍ତ କାର୍ଯ୍ୟକଳାପ ଉତ୍ପାଦିତ ହୋଇ ସାରିଥିବା ଉତ୍ପାଦ ଚତୁଃପାର୍ଶ୍ୱରେ ଆବର୍ତ୍ତିତ ହୋଇଥାଏ। ☐

(ଗ) ଗ୍ରାହକ ହେଉଛି କେନ୍ଦ୍ରବିନ୍ଦୁ। ☐

(ଘ) ଗ୍ରାହକର ଆତ୍ମସନ୍ତୋଷ ମୁଖ୍ୟ କେନ୍ଦ୍ରବିନ୍ଦୁ ଅଟେ। ☐

(ଙ) ସ୍ୱଳ୍ପ-ମିଆଦୀ ଲାଭ ପ୍ରାପ୍ତ କରିବା ହେଉଛି ଲକ୍ଷ୍ୟ। ☐

(ଚ) ଏହା ଦୀର୍ଘ-ମିଆଦୀ ଲକ୍ଷ୍ୟ ହାସଲ କରିବାର ଏକ ସମନ୍ୱିତ ଆଭିମୁଖ୍ୟ ଅଟେ। ☐

୨. ନିମ୍ନ ସାରଣୀ ସମ୍ପୂର୍ଣ୍ଣ କର।

ବଜାରର ପ୍ରକାର	
କ୍ଷେତ୍ର /ଅଞ୍ଚଳ ଅନୁସାରେ	(କ) ସ୍ଥାନୀୟ ବଜାର (ଖ) ଆଞ୍ଚଳିକ ବଜାର (ଗ) ______________ (ଘ) ______________ (ଙ) ଆନ୍ତର୍ଜାତୀୟ ବଜାର
______________	(କ) ______________ (ଖ) ପାଇକାରୀ ବଜାର

୧୯.୩ ବିପଣନର ଗୁରୁତ୍ୱ

ବିପଣନ ବ୍ୟବସାୟ, ଖାଉଟି / ଉପଭୋକ୍ତା ତଥା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ନିମ୍ନଲିଖିତ କଥନ ଗୁଡ଼ିକରୁ ସୁସ୍ପଷ୍ଟ :

(କ) ବିପଣନ ଗ୍ରାହକମାନଙ୍କର ପରିବର୍ତ୍ତିତ ରୁଚି, ଫେଶନ୍ ଏବଂ ପ୍ରାଥମିକତା ସହିତ ତାଳ ଦେଇ ଚଳିବା ପାଇଁ ବ୍ୟବସାୟକୁ ସାହାଯ୍ୟ କରେ। ଏହା ଏଥିପାଇଁ ମୁଖ୍ୟତଃ ସମ୍ଭବ ହୋଇଥାଏ କାରଣ ଖାଉଟି / ଉପଭୋକ୍ତାଙ୍କର ଅଭାବ ଓ ଆବଶ୍ୟକତା ନିୟମିତ ଭାବେ ନିର୍ଦ୍ଧାରଣ କରାଯାଇଥାଏ ଏବଂ ବିଦ୍ୟମାନ ଉତ୍ପାଦରେ ଉନ୍ନତି ତଥା ନୂତନ ଉତ୍ପାଦର ବଜାରରେ ପ୍ରବେଶ କାର୍ଯ୍ୟ ଚାଲୁ ରହିଥାଏ। ଅତଃ, ବିପଣନ ଉପଭୋକ୍ତାଙ୍କୁ ଉନ୍ନତ ଉତ୍ପାଦ ଓ ସେବା ପ୍ରଦାନ କରିବା ପୂର୍ବକ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ।

(ଖ) ବିପଣନ ଉତ୍ପାଦଗୁଡ଼ିକୁ ବର୍ଷ ସାରା ସବୁ ଜାଗାରେ ଉପଲବ୍ଧ କରାଇବାରେ ସହାୟକ ହୋଇଥାଏ। ଆମେ କାଶ୍ମୀରର ଶାଲ୍ ଏବଂ ଆସାମର ଚା ଭାରତ ସାରା ପାଇବାରେ ସକ୍ଷମ ହୋଇପାରୁଛୁ ଏବଂ ସେଓ, କମଳା ପରି ଋତୁକାଳୀନ ଫଳଗୁଡ଼ିକୁ ପଣ୍ୟାଗାରରେ ଉପଯୁକ୍ତ ମହଜୁଦକରଣ ଏବଂ ଉପଯୁକ୍ତ ପ୍ୟାକେଜିଙ୍ଗ୍ ହେତୁ ବର୍ଷ ସାରା ପାଇପାରୁଛୁ। ଅତଃ, ବିପଣନ ସମୟଗତ ଓ ସ୍ଥାନଗତ ଉପଯୋଗିତାମାନ ସୃଷ୍ଟି କରିଥାଏ।

(ଗ) ଅର୍ଥ ବ୍ୟବସ୍ଥାର ବିକାଶରେ ବିପଣନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ। ବିପଣନର ବିଭିନ୍ନ କ୍ରିୟାକଳାପ ଏବଂ ଉପ-କ୍ରିୟାକଳାପ ଯଥା ବିଜ୍ଞାପନ, ବ୍ୟକ୍ତିଗତ ବିକ୍ରୟ, ପ୍ୟାକେଜିଙ୍ଗ୍, ପରିବହନ ଇତ୍ୟାଦି ବହୁ ସଂଖ୍ୟକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ ଏବଂ ବ୍ୟବସାୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ।

(ଘ) ବିପଣନ ବ୍ୟବସାୟକୁ ତା'ର ବିକ୍ରୟର ପରିମାଣ ବଢ଼ାଇବାରେ, ରାଜସ୍ୱ (ଆଗମ) ଉତ୍ପନ୍ନ କରିବାରେ ଏବଂ ଦୀର୍ଘ-କାଳୀନ ଭିତ୍ତିରେ ତା'ର ସଫଳତାକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଥାଏ।

(ଙ) ବିପଣନ ଆହୁରି ମଧ୍ୟ ବ୍ୟବସାୟକୁ ସର୍ବାଧିକ ଫଳପ୍ରଦତ୍ତାର ସହିତ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାରେ ସାହାଯ୍ୟ କରିଥାଏ।

୧୯.୪ ବିପଣନର ଉଦ୍ଦେଶ୍ୟ

ବିପଣନର ଗୁରୁତ୍ୱର ବିନ୍ଦୁ (ପଏଣ୍ଟ) ଗୁଡ଼ିକୁ ଜାଣିସାରିବା ପରେ ଆସ ଆମେ ଏବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ଉପରେ ଆଲୋଚନା କରିବା :

(କ) ଗ୍ରାହକମାନଙ୍କୁ ସନ୍ତୋଷ ପ୍ରଦାନ କରିବା

ସମସ୍ତ ବିପଣନ କ୍ରିୟାକଳାପ ଗ୍ରାହକଙ୍କୁ ସନ୍ତୋଷ ପ୍ରଦାନ କରିବା ନିମନ୍ତେ ଅଭିପ୍ରେତ ହୋଇଥାଏ। ବିପଣନ ଉପଭୋକ୍ତାଙ୍କ ଆବଶ୍ୟକତା ନିର୍ଦ୍ଧାରଣ କରିବା ସହିତ ଆରମ୍ଭ ହୋଇଥାଏ ଏବଂ ସେହି ସବୁ ଦ୍ରବ୍ୟ ଉତ୍ପାଦନ କରିଥାଏ ଯାହା ସେହି ଆବଶ୍ୟକତାକୁ ସର୍ବାଧିକ ଫଳପ୍ରଦ ଭାବେ ସନ୍ତୁଷ୍ଟି ପ୍ରଦାନ କରିଥାଏ। କେବଳ ସେତିକି ନୁହେଁ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ଏବଂ ବିପଣନର ବଣ୍ଟନ କାର୍ଯ୍ୟର ଯୋଜନା ମଧ୍ୟ ସେହି ଅନୁସାରେ କରାଯାଇଥାଏ।

(ଖ) ଚାହିଦାରେ ବୃଦ୍ଧି

ବିଜ୍ଞାପନ ଓ ଅନ୍ୟାନ୍ୟ ବିକ୍ରୟୋନ୍ନତି ପ୍ରଚେଷ୍ଟା ଜରିଆରେ ବିପଣନ ସେମାନଙ୍କର ଉତ୍ପାଦ ପାଇଁ ଅତିରିକ୍ତ ଚାହିଦା ସୃଷ୍ଟି କରିବାର ଲକ୍ଷ୍ୟ ରଖିଥାଏ। ସନ୍ତୁଷ୍ଟ ଗ୍ରାହକମାନେ ମଧ୍ୟ ନୂଆ ଗ୍ରାହକ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି। ଉଦାହରଣ ସ୍ୱରୂପ, ଯଦି ତୁମେ ଏକ 'ଜେଲ୍ ପେନ୍' କିଣ ଏବଂ ସନ୍ତୁଷ୍ଟ ଅନୁଭବ କର, ତେବେ ପରବର୍ତ୍ତୀ ସମୟରେ ମଧ୍ୟ ତୁମେ ସେହି ଏକା ପେନ୍ କିଣିବ ଏବଂ ସ୍ୱଷ୍ଟତଃ ଯେତେବେଳେ ତୁମେ ଅନ୍ୟମାନଙ୍କୁ ଏ ବିଷୟରେ କହିବ ସେମାନେ ମଧ୍ୟ ଏହାକୁ କିଣି ପରୀକ୍ଷା କରିବାକୁ ଚିନ୍ତା କରିବେ।

(ଗ) ଗ୍ରାହକମାନଙ୍କୁ ଉନ୍ନତ ମାନର ଉତ୍ପାଦ ପ୍ରଦାନ କରିବା

ଏହା ବିପଣନର ଏକ ମୌଳିକ ଉଦ୍ଦେଶ୍ୟ ଅଟେ। ବ୍ୟବସାୟିକ ଗୃହ (ସଂସ୍ଥା) ଗୁଡ଼ିକ ଉନ୍ନତମାନର ଉତ୍ପାଦ ପ୍ରଦାନ କରିବା ପାଇଁ ସେମାନଙ୍କର ଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅନବରତ ଅଦ୍ୟତନ (ଅପ୍‌ଡ଼େଟ୍)

ଏବଂ ଉନ୍ନତ (ଅପ୍‌ଗ୍ରେଡ୍) କରିବାର ପ୍ରୟାସ ଜାରି ରଖିଥା'ନ୍ତି । ଯଦି ଏହା ସେମାନେ ନ କରନ୍ତି, ତେବେ ସେମାନେ ଧୀରେ ଧୀରେ ପ୍ରତିଦ୍ୱନ୍ଦିତା ଜରିଆରେ ବଜାରରୁ ଅପସରିଯିବେ ।

(ଘ) ସଂଗଠନ ପାଇଁ ସୁନାମ ସୃଷ୍ଟି କରିବା

ବିପଣନର ଅନ୍ୟ ଏକ ଉଦ୍ଦେଶ୍ୟ ହେଲା ସଂଗଠନ ପାଇଁ ଲୋକଙ୍କ ମନରେ ଏକ ଭଲ ଭାବମୂର୍ତ୍ତି ନିର୍ମାଣ କରିବା ଏବଂ ସୁନାମ ସୃଷ୍ଟି କରିବା । ଏହା ଉତ୍ପାଦ ପ୍ରତି ଲୋକଙ୍କର ଆନୁଗତ୍ୟ ବଜାୟ ରଖିବାରେ ତଥା ସେହି କମ୍ପାନୀର ନୂତନ ଉତ୍ପାଦକୁ ଗ୍ରହଣଯୋଗ୍ୟ କରାଇବାରେ ସାହାଯ୍ୟ କରିଥାଏ ।

(ଙ) ଲାଭପ୍ରଦ ବିକ୍ରୀ ପରିମାଣ ଉତ୍ପନ୍ନ କରିବା

ସମସ୍ତ ବିପଣନ ପ୍ରୟାସର ଚରମ ଲକ୍ଷ୍ୟ ହେଲା ବ୍ୟବସାୟ ପାଇଁ ଲାଭପ୍ରଦ ବିକ୍ରୀ ପରିମାଣ ସୃଷ୍ଟି କରିବା । ଗ୍ରାହକମାନଙ୍କର ଅଭାବ ଓ ଆବଶ୍ୟକତାର ପ୍ରଯତ୍ନପୂର୍ବକ ଆବଶ୍ୟକୀୟ ଦ୍ରବ୍ୟ ଏବଂ ସେବା ସେମାନଙ୍କର ଇପ୍ସିତ ଜାଗାରେ ଓ ସୁବିଧାଜନକ ସମୟରେ ତଥା ସେମାନଙ୍କ ସାମର୍ଥ୍ୟମୁତାବକ ଦରରେ ପ୍ରଦାନ କରି ବିପଣନ ବିକ୍ରୟର ପରିମାଣ ତଥା ଲାଭ ବୃଦ୍ଧି କରିଥାଏ ।

ପାଠଗତ ପ୍ରଶ୍ନାବଳୀ ୧୯ ଗ

୧. ଖାଉଟି / ଉପଭୋକ୍ତାଙ୍କ ପାଇଁ ବିପଣନର ଯେକୌଣସି ଦୁଇଟି ଗୁରୁତ୍ୱ ଉଲ୍ଲେଖ କର ।

(କ) ____________________

(ଖ) ____________________

୨. ନିମ୍ନରେ ଦୁଇଟି ସ୍ତମ୍ଭ 'କ' ଓ 'ଖ' ରେ ଶବ୍ଦମାନ ପ୍ରଦତ୍ତ ଅଛି । ତୁମକୁ 'କ' ସ୍ତମ୍ଭର ଶବ୍ଦାବଳୀ ସହିତ 'ଖ' ସ୍ତମ୍ଭର ଶବ୍ଦାବଳୀକୁ ଏପରି ଭାବେ ମିଳାଇବାକୁ ହେବ ଯେପରିକି ମିଳା ହୋଇଥିବା ପ୍ରତ୍ୟେକ ଶବ୍ଦ ଯୋଡ଼ି ବିପଣନର ଗୋଟିଏ ଉଦ୍ଦେଶ୍ୟକୁ ବର୍ଣ୍ଣନା (ପ୍ରକାଶ) କରୁଥିବ । 'ଖ' ସ୍ତମ୍ଭରେ ଥିବା ଶବ୍ଦର କ୍ରମାଙ୍କକୁ 'କ' ସ୍ତମ୍ଭର ମେଳଣ ହେଉଥିବା ଶବ୍ଦ ସିଧାରେ ଲେଖ ।

	କ		ଖ
(କ)	ଗ୍ରାହକଙ୍କୁ	(କ)	ସୃଷ୍ଟି
(ଖ)	ଚାହିଦାରେ	(ଖ)	ବିକ୍ରୀ ପରିମାଣ
(ଗ)	ଲାଭପ୍ରଦ	(ଗ)	ଉତ୍ପାଦ
(ଘ)	ଉନ୍ନତ ଗୁଣବତ୍ତା (ମାନ)ର	(ଘ)	ସନ୍ତୋଷ
(ଙ)	ସୁନାମ	(ଙ)	ବୃଦ୍ଧି

୧୯.୫ ବିପଣନରେ ସମ୍ପାଦିତ କାର୍ଯ୍ୟକଳାପ

ତୁମେ ଜାଣିଛ ଯେ ବିପଣନ ହେଉଛି ସେହିସବୁ ବ୍ୟାବସାୟିକ କାର୍ଯ୍ୟକଳାପର ସମ୍ପାଦନ ଯାହା ଉତ୍ପାଦକଙ୍କଠାରୁ ଖାଉଟି / ଉପଭୋକ୍ତା ବା ବ୍ୟବହାରକାରୀଙ୍କ ନିକଟକୁ ଦ୍ରବ୍ୟ ଓ ସେବାର ପ୍ରବାହକୁ ନିର୍ଦ୍ଦେଶିତ (ପରିଚାଳିତ) କରିଥାଏ । ଆସ, ଆମେ ବର୍ତ୍ତମାନ ସେହି କାର୍ଯ୍ୟଗୁଡ଼ିକ କ'ଣ ଜାଣିବା । ଏଗୁଡ଼ିକ ନିମ୍ନରେ ସଂକ୍ଷେପରେ ଆଲୋଚନା କରାଗଲା ।

୧. ବିପଣନ ଗବେଷଣା

ବିପଣନ ଗବେଷଣାରେ ବିପଣନର ବିଭିନ୍ନ ପ୍ରସଙ୍ଗ ସମ୍ପର୍କିତ ତଥ୍ୟାବଳୀର ସଂଗ୍ରହ ଓ ବିଶ୍ଳେଷଣ ସଂଶ୍ଳିଷ୍ଟ ଥାଏ। ଏହା ଗ୍ରାହକଙ୍କର ଆବଶ୍ୟକତା ଓ କ୍ରୟାଭ୍ୟାସ, ବଜାରରେ ପ୍ରତିଦ୍ୱନ୍ଦ୍ୱିତାର ପ୍ରକୃତି, ପ୍ରଚଳିତ ଦର, ବିତରଣ (ବଣ୍ଟନ) ନେଟ୍‌ୱାର୍କ, ବିଜ୍ଞାପନ ମାଧ୍ୟମର ପ୍ରଭାବପୂର୍ଣ୍ଣତା ଇତ୍ୟାଦି ସମ୍ବନ୍ଧରେ ସୂଚନାମାନ ସଂଗ୍ରହ କରିବା ଓ ବିଶ୍ଳେଷଣ କରିବାର ଏକ ପ୍ରକ୍ରିୟା ଅଟେ। ବିପଣନ ଗବେଷଣାରେ ବିବେକପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଏବଂ ଉପଯୁକ୍ତ ବିପଣନ ରଣନୀତି ପ୍ରସ୍ତୁତ କରିବା ପାଇଁ ତଥ୍ୟାବଳୀ ସଂଗୃହୀତ, ଲିପିବଦ୍ଧ ଓ ବିଶ୍ଳେଷିତ ହୋଇଥାଏ।

୨. ଉତ୍ପାଦ ଯୋଜନା ଓ ବିକାଶ

ତୁମେ ଯେମିତି ଜାଣିଛ ଯେ ବିପଣନ ପ୍ରକୃତ ଉତ୍ପାଦନର ବହୁତ ପୂର୍ବରୁ ଆରମ୍ଭ ହୋଇ ଯାଇଥାଏ। ବିପଣନକର୍ତ୍ତା ଉପଭୋକ୍ତାଙ୍କର ଆବଶ୍ୟକତା କ'ଣ ସେ ସମ୍ବନ୍ଧରେ ସୂଚନା ସଂଗ୍ରହ କରନ୍ତି ଏବଂ ତା'ପରେ ଯାଇ ନିଷ୍ପତ୍ତି ଗ୍ରହଣ କରନ୍ତି ଯେ କ'ଣ ଉତ୍ପାଦନ କରାଯିବ। ତେଣୁ ବିପଣନର କାର୍ଯ୍ୟ ଖାଉଟି / ଉପଭୋକ୍ତାଙ୍କ ପାଇଁ ଏକ ଉତ୍ପାଦର ଯୋଜନା ଏବଂ ଏହାର ରୂପରେଖ (ଡିଜାଇନ୍) ପ୍ରସ୍ତୁତିରୁ ଆରମ୍ଭ ହୁଏ। ପୂର୍ବରୁ ବିଦ୍ୟମାନ ଉତ୍ପାଦରେ କିଛି ପରିବର୍ତ୍ତନ ଏବଂ ଉନ୍ନତି କରିବା ସମୟରେ ମଧ୍ୟ ଏହା କରାଯାଇପାରେ। ଉଦାହରଣ ସ୍ୱରୂପ, ଆଜିକାଲି ଆମେ ପୂର୍ବାପେକ୍ଷା ଅଧିକ ଭଲ ସାବୁନ୍ ଓ ଲୁଗାଧୁଆ (ଡିଟରଜେଣ୍ଟ) ପାଉଡ଼ର ପାଉଛେ। ସେହିପରି ଆମେ ନିରନ୍ତର ବଜାରକୁ ଅନେକ ନୂତନ ଉତ୍ପାଦ ଆସୁଥିବାର ଦେଖିବାକୁ ପାଉଛେ।

୩. କ୍ରୟ ଏବଂ ଏକତ୍ରୀକରଣ

ବିପଣନର ଏକ ଅଂଶ ରୂପେ କ୍ରୟ ଓ ଏକତ୍ରୀକରଣ କାର୍ଯ୍ୟର ଅର୍ଥ ହେଲା ପୁନଃବିକ୍ରୀ ପାଇଁ ଆବଶ୍ୟକୀୟ ଦ୍ରବ୍ୟ କିଣିବା ଓ ସଂଗ୍ରହ କରିବା। ବିପଣନର ଏହି କାର୍ଯ୍ୟ ମୂଳତଃ ସେହିସବୁ ବ୍ୟବସାୟ ସଂଗଠନ ଗୁଡ଼ିକ ପାଇଁ ପ୍ରାସଙ୍ଗିକ ଯେଉଁଗୁଡ଼ିକ ବ୍ୟାପାରିକ (କିଣା-ବିକା) କାର୍ଯ୍ୟରେ ନିଯୁକ୍ତ ଅଛନ୍ତି। ଉତ୍ପାଦନକାରୀ ସଂଗଠନ ଗୁଡ଼ିକ ପ୍ରସଙ୍ଗରେ କ୍ରୟ ଓ ଏକତ୍ରୀକରଣର ଅର୍ଥ ହେଲା ଉତ୍ପାଦିତ ଦ୍ରବ୍ୟର ଉତ୍ପାଦନ ପାଇଁ ଆବଶ୍ୟକୀୟ କଞ୍ଚାମାଲ୍ ଓ ଦ୍ରବ୍ୟାଂଶ କ୍ରୟ କରିବା।

୪. ପ୍ୟାକେଜିଙ୍ଗ୍

ପ୍ୟାକେଜିଙ୍ଗ୍‌ର ଅର୍ଥ ହେଲା ଉପଭୋକ୍ତାଙ୍କ ସୁବିଧା ମୁତାବକ ଆକର୍ଷଣୀୟ ପ୍ୟାକେଟ୍‌ରେ ଦ୍ରବ୍ୟକୁ ରଖିବା। ପ୍ୟାକେଜ୍‌ର ଆକାର ତଥା ପ୍ୟାକେଜିଙ୍ଗ୍‌ରେ ବ୍ୟବହୃତ ସାମଗ୍ରୀର ପ୍ରକାର ଇତ୍ୟାଦିର ଧ୍ୟାନ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦ୍ରବ୍ୟ /ମାଲ୍‌କୁ ବୋତଲ (ପ୍ଲାଷ୍ଟିକ୍ କିମ୍ବା କାଚ), ବାକ୍ସ /ଡବା (ଟିଣ, କାଚ, କାଗଜ, ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ) କିମ୍ବା ଥଳି (ବ୍ୟାଗ୍)ରେ ପ୍ୟାକେଜିଙ୍ଗ୍ କରାଯାଇପାରେ। ପ୍ୟାକେଜର ଆକାର ସାଧାରଣତଃ ଅଳ୍ପ କିଛି ଗ୍ରାମ୍‌ରୁ ଅଳ୍ପ କିଛି କିଲୋଗ୍ରାମ୍‌କୁ ଭିତ୍ତି କରି ବଦଳି ଥାଏ, କିମ୍ବା ଉତ୍ପାଦର ଗୋଟିଏ ଖଣ୍ଡ (ସଂଖ୍ୟା) ରୁ କେତେ ସଂଖ୍ୟକ ଖଣ୍ଡ ମଧ୍ୟରେ ବଦଳି ଥାଏ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ପରିମାଣ ଯଥା ଓଜନ, ସଂଖ୍ୟା, ଲମ୍ବ ଇତ୍ୟାଦି ଅନୁସାରେ ହୋଇଥାଏ। ପ୍ୟାକେଜିଙ୍ଗ୍ ବିକ୍ରୟୋନ୍ନତିର ଏକ ସାଧନୀ ରୂପେ ମଧ୍ୟ ବ୍ୟବହୃତ ହୁଏ କାରଣ ଉପଯୁକ୍ତ ଓ ଆକର୍ଷଣୀୟ ପ୍ୟାକେଜ୍ ଉତ୍ପାଦର ଚାହିଦାରେ ବୃଦ୍ଧିକୁ ପ୍ରଭାବିତ କରିଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ୟାକେଜିଙ୍ଗ୍

ପ୍ୟାକିଙ୍ଗ୍ ଠାରୁ ଭିନ୍ନ ଅଟେ ଯାହାର ଅର୍ଥ ହେଲା ପରିବହନ ଉଦ୍ଦେଶ୍ୟରେ ମାଲ୍‌କୁ ଉପଯୁକ୍ତ ପାତ୍ର / ଧାରକରେ ରଖିବା ।

୫. ମାନକୀକରଣ ଓ ବର୍ଗୀକରଣ

ମାନକୀକରଣ ଅର୍ଥ ହେଲା ଦ୍ରବ୍ୟର ଉତ୍ପାଦନ ପାଇଁ ଆକାର, ଡିଜାଇନ୍, ରଙ୍ଗ ଏବଂ ଅନ୍ୟ ବୈଶିଷ୍ଟ୍ୟର ଆଧାରରେ ମାନକର ବିକାଶ କରିବା । ଯଦି ଉତ୍ପାଦଗୁଡ଼ିକର ମାନକୀକରଣ ହୋଇଥାଏ, ତେବେ ଗ୍ରାହକମାନେ ଏକ ଉତ୍ପାଦ ଓ ତା'ର ବୈଶିଷ୍ଟ୍ୟ /ଗୁଣକୁ ଭଲ ଭାବେ ଚିହ୍ନଟ କରିବାରେ ସକ୍ଷମ ହେବେ । ତେଣୁ ଦ୍ରବ୍ୟକୁ ତା'ର ନମୁନା ପ୍ରଦର୍ଶନ କିମ୍ବା ବର୍ଣ୍ଣନା ମାଧ୍ୟମରେ ବିକ୍ରୀ କରାଯାଇପାରିବ । ମାନକୀକରଣ ଉତ୍ପାଦର ଗୁଣବତ୍ତା ଉପରେ ଉପଭୋକ୍ତାଙ୍କର ଆତ୍ମବିଶ୍ୱାସ ଜାଗ୍ରତ (ବୃଦ୍ଧି) କରିବା ପୂର୍ବକ ଉତ୍ପାଦର ବିକ୍ରୟରେ ଉନ୍ନତି (ବୃଦ୍ଧି) ଆଣିବାରେ ସାହାଯ୍ୟ କରେ ।

ବର୍ଗୀକରଣର ଅର୍ଥ ହେଲା ଆକାର ଓ ଗୁଣବତ୍ତା ସମ୍ବନ୍ଧିତ ନିର୍ଦ୍ଦିଷ୍ଟ ପୂର୍ବ-ନିର୍ଦ୍ଧାରିତ ମାନକ ଭିତ୍ତିରେ ଉତ୍ପାଦଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ଅଲଗା ଅଲଗା କରିବା । ବର୍ଗୀକରଣ କୃଷି, ଜଙ୍ଗଲ ଓ ଖଣିଜ ଉତ୍ପାଦ ଯଥା ତୁଳା, ଆଖୁ, ଲୁହା ପଥର, କୋଇଲା, କାଠ ଇତ୍ୟାଦି କ୍ଷେତ୍ରରେ ଆବଶ୍ୟକ ହୋଇଥାଏ ।

୬. ବ୍ରାଣ୍ଡିଙ୍ଗ୍

ବ୍ରାଣ୍ଡିଙ୍ଗ୍‌ର ଅର୍ଥ ହେଲା କୌଣସି ଉତ୍ପାଦକୁ ଅନ୍ୟ ଉତ୍ପାଦଠାରୁ ଅଲଗା କରି ତୋଳିବା ପାଇଁ ତା'କୁ ଏକ ଆକର୍ଷଣୀୟ ନାମ, ସଙ୍କେତ କିମ୍ବା ପରିଚୟ ଦାଗ (ଚିହ୍ନ) ପ୍ରଦାନ କରିବା ଯେପରିକି ତାହା ସେହି ନାମ, ସଙ୍କେତ ବା ଦାଗ (ଚିହ୍ନ) ଦ୍ୱାରା ଜାଣି ହେବ । ଉଦାହରଣ ସ୍ୱରୂପ, 'ସର୍ଫ' ହେଉଛି ହିନ୍ଦୁସ୍ତାନ ୟୁନିଲିଭର୍ ଲିମିଟେଡ୍ (HUL) ଦ୍ୱାରା ପ୍ରସ୍ତୁତ ଲୁଗାଧୁଆ ପାଉଡ଼ରର ଏକ ବ୍ରାଣ୍ଡ୍ ନାମ । ସେହିପରି ତୁମେ ଟୁଥପେଷ୍ଟ୍ ପାଇଁ 'କଲଗେଟ୍', ସାବୁନ୍ ପାଇଁ 'ଲକ୍ସ' ଆଦି ପରି ବ୍ରାଣ୍ଡ୍ ନାମ ସହିତ ପରିଚିତ ଥିବ ।

୭. ଉତ୍ପାଦର ମୂଲ୍ୟାୟନ /ଦର ନିରୂପଣ

ମୂଲ୍ୟାୟନ କହିଲେ ଉତ୍ପାଦର ପରିବ୍ୟୟ, ଗ୍ରାହକଙ୍କର ଦର ପୈଠ କରିବାର କ୍ଷମତା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ଉତ୍ପାଦଗୁଡ଼ିକର ଦରକୁ ଦୃଷ୍ଟିରେ ରଖି ପ୍ରୋକ୍ତ ଉତ୍ପାଦର ଦର ସ୍ଥିର କରିବା ସମ୍ବନ୍ଧୀୟ ନିଷ୍ପତ୍ତି ଗ୍ରହଣ କରିବାକୁ ବୁଝାଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯେହେତୁ ଏହା ବିକ୍ରୟ ଓ ଲାଭକୁ ମଧ୍ୟ ପ୍ରଭାବିତ କରିଥାଏ । ତେଣୁ ମୂଲ୍ୟାୟନ /ଦାମ୍ ନିରୂପଣ ଅତି ସାବଧାନତାର ସହିତ କରାଯିବା ଆବଶ୍ୟକ ।

୮. ଉତ୍ପାଦର ପ୍ରବର୍ତ୍ତନ /ଉନ୍ନତି

ପ୍ରବର୍ତ୍ତନମୂଳକ କାର୍ଯ୍ୟାବଳୀ ମଧ୍ୟରେ ବିଜ୍ଞାପନ, ବ୍ୟକ୍ତିଗତ ବିକ୍ରୀ, ବିକ୍ରୟୋନ୍ନତି ଏବଂ ପ୍ରଚାର ଅନ୍ତର୍ଭୁକ୍ତ । ସମସ୍ତ ପ୍ରବର୍ତ୍ତନମୂଳକ କାର୍ଯ୍ୟରେ ବିଦ୍ୟମାନ ଓ ଭାବୀ ଗ୍ରାହକଙ୍କ ସହିତ ଯୋଗାଯୋଗ ସାମିଲ ଥାଏ ଯଦ୍ଦ୍ୱାରା ସେମାନଙ୍କୁ ଉତ୍ପାଦ, ଏହାର ବିଶେଷତ୍ୱ, ଦର, ଉପଲବ୍ଧତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯାଇଥାଏ । ଗ୍ରାହକମାନଙ୍କୁ ଉତ୍ପାଦ କ୍ରୟ କରିବା ନିମନ୍ତେ ଅଭିପ୍ରେରିତ କରିବା ହେଉଛି ପ୍ରବର୍ତ୍ତନମୂଳକ କାର୍ଯ୍ୟକଳାପର ଉଦ୍ଦେଶ୍ୟ ।

୯. ବଣ୍ଟନ /ବିତରଣ

ବଣ୍ଟନ ସେହିସବୁ କାର୍ଯ୍ୟକୁ ବୁଝାଇଥାଏ ଯାହା ଗ୍ରାହକଙ୍କୁ ଉତ୍ପାଦର ବିକ୍ରୟ ଓ ସେଗୁଡ଼ିକର ଭୌତିକ ସ୍ଥାନାନ୍ତରଣ ପାଇଁ କରାଯାଇଥାଏ । ପ୍ରଥମ ପ୍ରସଙ୍ଗ, ଅର୍ଥାତ୍ ଉତ୍ପାଦର ବିକ୍ରୟରେ ପାଇକାରୀ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀଙ୍କ ପରି ମଧ୍ୟସ୍ଥମାନଙ୍କର ଉପଯୋଗ ସାମିଲ ଥାଏ ଯେଉଁମାନଙ୍କର ସେବା ଉତ୍ପାଦକୁ ସୁବିଧାଜନକ କେନ୍ଦ୍ର /ସ୍ଥାନରେ ଉପଲବ୍ଧ କରାଇବା ପାଇଁ ତଥା ସର୍ବଶେଷ ଖାଉଟି / ଉପଭୋକ୍ତାଙ୍କୁ ସେଗୁଡ଼ିକର ବିକ୍ରୟରେ ସହାୟତା ପ୍ରଦାନ କରିବା ପାଇଁ ବ୍ୟବହୃତ ହୋଇଥାଏ । ଦ୍ୱିତୀୟ ପ୍ରସଙ୍ଗ, ଅର୍ଥାତ୍ ଭୌତିକ ସ୍ଥାନାନ୍ତରଣରେ ପଣ୍ୟାଗାରକରଣ (ଭଣ୍ଡାରରେ ମହଜୁଦକରଣ) ଓ ଉତ୍ପାଦନ କେନ୍ଦ୍ରରୁ ବିକ୍ରୟ କେନ୍ଦ୍ର ବା ଖାଉଟି / ଉପଭୋକ୍ତା ପର୍ଯ୍ୟନ୍ତ ଦ୍ରବ୍ୟର ପରିବହନ ସାମିଲ ଥାଏ । ବଣ୍ଟନ କାର୍ଯ୍ୟକଳାପର ଉଦ୍ଦେଶ୍ୟ ହେଲା ଖାଉଟି / ଉପଭୋକ୍ତାମାନଙ୍କୁ ସେମାନଙ୍କର ସର୍ବାଧିକ ସୁବିଧାଜନକ ସ୍ଥାନ ଓ ସମୟରେ ତଥା ଇପ୍ସିତ ପରିମାଣରେ ଦ୍ରବ୍ୟ ଓ ସେବା ପ୍ରାପ୍ତ କରାଇବାର ସୁନିଶ୍ଚିତ କରାଇବା ।

୧୦. ବିକ୍ରୟ

ବିକ୍ରୟ ହେଉଛି ବିପଣନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଦ୍ଦ୍ୱାରା ଦର ରୂପରେ ଜ୍ଞାତ ଏକ ପ୍ରତିଫଳ ବଦଳରେ ଦ୍ରବ୍ୟ ଓ ସେବାର ମାଲିକାନାସ୍ୱତ୍ୱ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ସ୍ଥାନାନ୍ତରିତ ହୋଇଥାଏ । ବିକ୍ରୟ ପ୍ରକ୍ରିୟାକୁ ପ୍ରାରମ୍ଭ ଓ ସମ୍ପୂର୍ଣ୍ଣ କରିବା ପାଇଁ ବିକ୍ରେତାଙ୍କୁ ଭାବୀ କ୍ରେତାଙ୍କୁ ଦ୍ରବ୍ୟର ଉପଲବ୍ଧତା, ଉତ୍ପାଦର ପ୍ରକୃତି ଓ ବ୍ୟବହାର, ତା'ର ଦର ତଥା ଉତ୍ପାଦ ଦ୍ୱାରା ତାଙ୍କର କେଉଁ କେଉଁ ଅଭାବ ଫଳପ୍ରଦ ଭାବେ ପୂର୍ଣ୍ଣ କରିହେବ, ଏସବୁ ବିଷୟରେ ଜଣାଇବାକୁ ପଡ଼େ । ଏହି ପ୍ରକ୍ରିୟାରେ ସେ ଉତ୍ପାଦ ପ୍ରତି କ୍ରେତାମାନଙ୍କର ଆଗ୍ରହ ସୃଷ୍ଟି କରିଥାନ୍ତି ଏବଂ ସେମାନଙ୍କୁ ଏହା କ୍ରୟ କରିବା ନିମନ୍ତେ ପ୍ରବର୍ତ୍ତାଇଥା'ନ୍ତି ।

୧୧. ମହଜୁଦକରଣ ଓ ଭଣ୍ଡାରକରଣ (Storage and Warehousing)

ମହଜୁଦକରଣର ଅର୍ଥ ହେଲା ଦ୍ରବ୍ୟଗୁଡ଼ିକୁ ସେଗୁଡ଼ିକର କ୍ରୟ(ସଂଗ୍ରହ) ବା ଉତ୍ପାଦନ ସମୟଠାରୁ ସେଗୁଡ଼ିକର ବିକ୍ରୀ ହେବା ସମୟ ପର୍ଯ୍ୟନ୍ତ ଧାରଣ ଓ ସଂରକ୍ଷଣ କରିବା । ଅନ୍ୟ ଶବ୍ଦରେ କହିଲେ ମହଜୁଦକରଣର ଅର୍ଥ ହେଲା ଦ୍ରବ୍ୟଗୁଡ଼ିକୁ ଖାଉଟି / ଉପଭୋକ୍ତାଙ୍କ ଦ୍ୱାରା କ୍ରୟ କରାଯିବା ତଥା ତାହା ସେମାନଙ୍କ ନିକଟକୁ ବିତରଣ ହେବା ପର୍ଯ୍ୟନ୍ତ ସେଗୁଡ଼ିକର ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା । ଭଣ୍ଡାର କରଣ /ପଣ୍ୟାଗାରକରଣ ମହଜୁଦକରଣର ସମାର୍ଥବୋଧକ ଅଟେ, କିନ୍ତୁ ଏହା ସାଧାରଣତଃ ପଣ୍ୟଦ୍ରବ୍ୟର ବଡ଼ ଧରଣର ମହଜୁଦ ସୁବିଧା ପାଇଁ ବ୍ୟବହୃତ ହୁଏ । ତୁମେ ଶୀତଳ ଭଣ୍ଡାର ଦେଖିଥିବ ଯେଉଁଠି ଟମାଟୋ, କୋବି, ଆଳୁ ଇତ୍ୟାଦି ପନିପରିବା ବର୍ଷତମାମ ଉପଯୋଗ ହେବା ନିମନ୍ତେ ମହଜୁଦ କରାଯାଇଥାଏ । ବିପଣନରେ କଞ୍ଚାମାଲ ଓ ଉତ୍ପାଦିତ ଦ୍ରବ୍ୟ (ମାଲ) ଭବିଷ୍ୟତରେ ଉତ୍ପାଦନ ନିମନ୍ତେ କିମ୍ବା ପୁନଃ-ବିକ୍ରୀ ନିମନ୍ତେ କମ୍ପାନୀ ଦ୍ୱାରା ବ୍ୟବହୃତ ହେବା ପାଇଁ ମହଜୁଦ କରି ରଖାଯିବା ଅପରିହାର୍ଯ୍ୟ ।

୧୨. ପରିବହନ

ପରିବହନ କହିଲେ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଦ୍ରବ୍ୟର ଭୌତିକ ଗତିଶୀଳତାକୁ ବୁଝାଇଥାଏ । ବିପଣନର ଏକ କାର୍ଯ୍ୟ ରୂପରେ ପରିବହନର ଅର୍ଥ ହେଲା ଉତ୍ପାଦନ ସ୍ଥଳରୁ ଉପଭୋଗ/

ଟିପ୍ପଣୀ

ଉପଯୋଗ ସ୍ଥଳ ପର୍ଯ୍ୟନ୍ତ କଞ୍ଚାମାଲ ତଥା ଉତ୍ପାଦିତ ମାଲ୍‌ର ଭୌତିକ ଗତିଶୀଳତା। ମାଲ୍‌ର ପରିବହନ ରେଳପଥ, ସଡ଼କପଥ, ଜଳପଥ, ଆକାଶପଥ ପରି ବିଭିନ୍ନ ମାଧ୍ୟମ ଜରିଆରେ ହୋଇଥାଏ। ଓଜନିଆ ଓ ବୃହଦାକାର ମାଲ୍ ପାଇଁ ରେଳପଥ ଓ ଜଳପଥ ସର୍ବୋତ୍ତମ ଅଟେ। ଅନ୍ୟ ମାଲ୍‌ଗୁଡ଼ିକ ପାଇଁ ସେଗୁଡ଼ିକର ଚାହିଦା, ସମ୍ପୃକ୍ତ ପରିବ୍ୟୟ, ଜରୁରିକାଳୀନତା, ମାଲ୍‌ର ପ୍ରକାର ଇତ୍ୟାଦି ଉପରେ ପରିବହନର ଏକ ଉପଯୁକ୍ତ ମାଧ୍ୟମ ସମ୍ବନ୍ଧରେ ନିଷ୍ପତ୍ତି ନେବା ନିର୍ଭର କରିଥାଏ।

ପାଠଗତ ପ୍ରଶ୍ନାବଳୀ ୧୯ ଘ

୧. ବର୍ଗୀକରଣ ଶବ୍ଦର ପରିଭାଷା ଦିଅ।

____

____

୨. ନିମ୍ନଲିଖିତ ଉକ୍ତି ଗୁଡ଼ିକ ବିପଣନରେ ସମ୍ପାଦିତ ହେଉଥିବା କାର୍ଯ୍ୟାବଳୀ ସମ୍ପର୍କିତ ଅଟେ। ପ୍ରତ୍ୟେକ ଉକ୍ତିରୁ ବିପଣନର କାର୍ଯ୍ୟ ଚିହ୍ନଟ କର।

(କ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଦ୍ରବ୍ୟ (ମାଲ)ର ଭୌତିକ ଗତିଶୀଳତା।

(ଖ) ଦ୍ରବ୍ୟଗୁଡ଼ିକୁ ସେଗୁଡ଼ିକର କ୍ରୟ (ସଂଗ୍ରହ) ବା ଉତ୍ପାଦନ ସମୟଠାରୁ ସେଗୁଡ଼ିକର ବିକ୍ରୀ ହେବା ସମୟ ପର୍ଯ୍ୟନ୍ତ ଧାରଣ ଓ ସଂରକ୍ଷଣ କରିବା।

(ଗ) ବିପଣନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପ୍ରାସଙ୍ଗିକ ତଥ୍ୟାବଳୀର ସଂଗ୍ରହ ଓ ବିଶ୍ଳେଷଣ କରିବା।

(ଘ) ଏଥିରେ ବିଜ୍ଞାପନ, ବ୍ୟକ୍ତିଗତ ବିକ୍ରୟ, ବିକ୍ରୟୋନ୍ନତି ଓ ପ୍ରଚାର ଅନ୍ତର୍ଭୁକ୍ତ ଥାଏ।

(ଙ) କେତେକ ନିର୍ଦ୍ଦିଷ୍ଟ ପୂର୍ବ ନିର୍ଦ୍ଧାରିତ ମାନକ ଭିତ୍ତିରେ ଉତ୍ପାଦଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ଅଲଗା ଅଲଗା କରିବା।

୧୯.୬ ତୁମେ ଯାହା ଶିଖିଲ

- ବିପଣନର ଅର୍ଥ ଖାଉଟିମାନଙ୍କର ଆବଶ୍ୟକତା ନିର୍ଦ୍ଧାରଣ କରିବା ତଥା ସେହିସବୁ ଆବଶ୍ୟକତାକୁ ସନ୍ତୋଷଜନକ ଭାବେ ପରିପୂରଣ କରିବା ପାଇଁ ସର୍ବଶେଷ ଖାଉଟି ବା ବ୍ୟବହାରକାରୀଙ୍କ ନିକଟକୁ ଦ୍ରବ୍ୟ ଓ ସେବା ଯୋଗାଇଦେବାର ପ୍ରକ୍ରିୟା ଅଟେ।
- ପାରମ୍ପରିକ ଭାବେ ବିପଣନ ଦ୍ରବ୍ୟ ଓ ସେବା ବିକ୍ରୟର ସମାର୍ଥବୋଧକ (ସମପର୍ଯ୍ୟାୟବାଚୀ) ଥିଲା। ବିପଣନର ଏହି ଅବଧାରଣା ଦ୍ରବ୍ୟ ଓ ସେବାର ପ୍ରବର୍ତ୍ତନ ଓ ବିକ୍ରୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ଉପଭୋକ୍ତାଙ୍କର ଆତ୍ମସନ୍ତୋଷ ଉପରେ କମ୍ ଧ୍ୟାନ ଦେଇଥାଏ।
- ଆଧୁନିକ ଅବଧାରଣା ଅନୁସାରେ ବିପଣନ ଖାଉଟିମାନଙ୍କର ଆବଶ୍ୟକତାଗୁଡ଼ିକର ଚିହ୍ନଟ କରିବା କାମରୁ ଆରମ୍ଭ ହୋଇଥାଏ ଏବଂ ତଦନୁଯାୟୀ ସେମାନଙ୍କୁ ସର୍ବାଧିକ ଆତ୍ମସନ୍ତୋଷ ପ୍ରଦାନ କରିବା ନିମନ୍ତେ ଦ୍ରବ୍ୟ ଓ ସେବା ଉତ୍ପାଦନର ଯୋଜନା ପ୍ରସ୍ତୁତ କରିଥାଏ।
- 'ବିପଣନ' ଓ 'ବିକ୍ରୟ' ଶବ୍ଦ ଦ୍ୱୟ ପରସ୍ପର ସମ୍ବନ୍ଧିତ ଅଟେ କିନ୍ତୁ ଏକାର୍ଥବୋଧକ ନୁହେଁ। ବିକ୍ରୟ ଉତ୍ପାଦନ ଶେଷ ହେବା ପରେ ଆରମ୍ଭ ହେଉଥିବା ବେଳେ ବିପଣନ ଖାଉଟିମାନଙ୍କ ଆବଶ୍ୟକତା, ଅଭାବ ଓ ପ୍ରାଥମିକତା ଗୁଡ଼ିକର ଅନ୍ୱେଷଣରୁ ଆରମ୍ଭ ହୋଇଥାଏ। ବିପଣନ ଗ୍ରାହକମାନଙ୍କ ଚତୁଃ-

ପାର୍ଶ୍ୱରେ ଘୂରି ବୁଲିଥାଏ, ଯେତେବେଳେ କି ବିକ୍ରୟ ଉତ୍ପାଦର ଚତୁଃ-ପାର୍ଶ୍ୱରେ ଘୂରି ବୁଲିଥାଏ। ବିପଣନ ଗ୍ରାହକମାନଙ୍କର ଆତ୍ମସନ୍ତୋଷ ଚାହିଁଥାଏ, ମାତ୍ର ବିକ୍ରୟ ଲାଭ ଚାହିଁଥାଏ।

- ବିପଣନ ଗ୍ରାହକମାନଙ୍କର ପରିବର୍ତ୍ତିତ ରୁଚି ସହିତ ତାଳ ଦେଇ ଚାଲିବା ପାଇଁ ତଥା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସୃଷ୍ଟ ସଙ୍କଟର ମୁକାବିଲା ପାଇଁ ବ୍ୟବସାୟକୁ ସାହାଯ୍ୟ କରେ। ଏହା ଉପଭୋକ୍ତାମାନଙ୍କୁ ଉତ୍ତମ ଦ୍ରବ୍ୟ ଓ ସେବା ପ୍ରଦାନ କରିବାରେ ସାହାଯ୍ୟ କରେ ତଥା ସେମାନଙ୍କୁ ସ୍ଥାନ ଓ କାଳ ନିର୍ବିଶେଷରେ ଉତ୍ପାଦ ଯୋଗାଇ ଦେଇ ଓ ବିଭିନ୍ନ ଆକାର, ଗୁଣବତ୍ତା, ଦର ଇତ୍ୟାଦି ବିଶିଷ୍ଟ ଅନେକ ପ୍ରକାରର ଉତ୍ପାଦ ଉପଲବ୍ଧ କରାଇ ସେମାନଙ୍କର ସେବା କରିଥାଏ।
- ବିପଣନ ଅନେକ ଉଦ୍ଦେଶ୍ୟ ସାଧନର ଲକ୍ଷ୍ୟ ରଖିଥାଏ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ଅଭାବ ପୂରଣ ପାଇଁ ଉତ୍ତମଗୁଣବତ୍ତାସମ୍ପନ୍ନ ଉତ୍ପାଦ ପ୍ରଦାନ କରିଥାଏ। ଏହା ବିଭିନ୍ନ ପ୍ରକାର ପ୍ରବର୍ଦ୍ଧନ ମୂଳକ ସାଧନର ଉପଯୋଗ କରି ବଜାରରେ ଉତ୍ପାଦର ଚାହିଦା ମଧ୍ୟ ସୃଷ୍ଟି କରିଥାଏ। ଏହା ନୂତନ ଗ୍ରାହକ ସୃଷ୍ଟି କରିବାରେ, ପୁରାତନ ଗ୍ରାହକଙ୍କୁ ବଜାୟ ରଖିବାରେ ଏବଂ ବ୍ୟବସାୟ ପାଇଁ ଲାଭ ଓ ସୁନାମ ଅର୍ଜିବାରେ ସାହାଯ୍ୟ କରେ।
- ବିପଣନ ଅନେକ କାର୍ଯ୍ୟ ସମ୍ପାଦନ କରିଥାଏ ଯେପରିକି ବିପଣନ ଗବେଷଣା, ଉତ୍ପାଦ ଯୋଜନା ଓ ବିକାଶ, କ୍ରୟ ଏବଂ ଏକତ୍ରୀକରଣ, ପ୍ୟାକେଜିଙ୍ଗ୍, ମାନକୀକରଣ ଓ ବର୍ଗୀକରଣ, ବ୍ରାଣ୍ଡିଙ୍ଗ୍, ଉତ୍ପାଦର ମୂଲ୍ୟାୟନ /ଦାମ୍ ନିରୂପଣ, ଉତ୍ପାଦର ପ୍ରବର୍ଦ୍ଧନ /ଉନ୍ନତି, ବଣ୍ଟନ, ବିକ୍ରୟ, ମହଜୁଦକରଣ ଓ ଭଣ୍ଡାରକରଣ ଏବଂ ପରିବହନ।

୧୯.୭ ମୁଖ୍ୟ ଶବ୍ଦାବଳୀ

ବ୍ରାଣ୍ଡିଙ୍ଗ୍	କ୍ରେତା	ଉପଭୋକ୍ତା /ଖାଉଟି
ଗ୍ରାହକ	ବର୍ଗୀକରଣ	ବିପଣନକର୍ତ୍ତା
ବିପଣନ	ବିପଣନ ଗବେଷଣା	ପ୍ୟାକେଜିଙ୍ଗ୍
ପ୍ୟାକିଙ୍ଗ୍	ବିକ୍ରୟ	ଅପ୍ରତ୍ୟକ୍ଷ ବାସ୍ତବିକ ବଜାର

୧୯.୮ ପାଠାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତର-ମୂଳକ ପ୍ରଶ୍ନ

୧. 'ବଜାର' ଶବ୍ଦର ସଂଜ୍ଞା (ପରିଭାଷା) ଦିଅ।

୨. 'ବିପଣନକର୍ତ୍ତା' କାହାକୁ କୁହାଯାଏ ?

୩. 'ବର୍ଗୀକରଣ' ଶବ୍ଦର ଅର୍ଥ କ'ଣ ?

୪. ପାରମ୍ପରିକ ଅବଧାରଣା ଅନୁସାରେ ବିପଣନର ଉଦ୍ଦେଶ୍ୟ କ'ଣ ?

୫. ଉତ୍ପାଦର ପ୍ରବର୍ଦ୍ଧନରେ ଅନ୍ତର୍ଭୁକ୍ତ ଚାରୋଟି କାର୍ଯ୍ୟକଳାପର ନାମ ଲେଖ।

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬. ବିପଣନର ଆଧୁନିକ ଅବଧାରଣାକୁ ବୁଝାଅ।

୭. ବିପଣନର ପାରମ୍ପରିକ ଓ ଆଧୁନିକ ଅବଧାରଣା ଦ୍ୱୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।



ଟିପ୍ପଣୀ

୮. 'ପ୍ୟାକେଜିଙ୍ଗ୍'କୁ ବିପଣନର ଏକ କାର୍ଯ୍ୟ ରୂପରେ ବୁଝାଅ।

୯. 'ସମନ୍ୱିତ ବିପଣନ'ର ଅର୍ଥ କ'ଣ ?

୧୦. ବିପଣନ ଗବେଷଣାର ମହତ୍ତ୍ୱ ପ୍ରତିପାଦନ କର।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧୧. ବିପଣନର ଗୁରୁତ୍ୱର ଯେକୌଣସି ଚାରୋଟି ବିନ୍ଦୁ (ପଏଣ୍ଟ୍) ଉଲ୍ଲେଖ କର।

୧୨. ବିପଣନ ଓ ବିକ୍ରୟ ଏକାର୍ଥବୋଧକ ଶବ୍ଦ ବୋଲି ତୁମେ ଭାବୁଛ କି ? କାରଣ ଦର୍ଶାଅ।

୧୩. ବିପଣନର ଯେକୌଣସି ତିନୋଟି ଉଦ୍ଦେଶ୍ୟ ବୁଝାଅ।

୧୪. ବିପଣନର ଯେକୌଣସି ଚାରୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ବର୍ଣ୍ଣନା କର।

୧୫. ବିପଣନର ସଂଜ୍ଞା ପ୍ରଦାନ କର ଏବଂ ବିକ୍ରୟଠାରୁ ଏହାର ପାର୍ଥକ୍ୟ ଦର୍ଶାଅ।

୧୯.୯ ପାଠ୍ୟଗତ ପ୍ରଶ୍ନର ଉତ୍ତର

୧୯ କ

୨. ଆ.ଅ . : (କ), (ଗ), (ଚ)
ପା.ଅ. : (ଖ), (ଘ), (ଙ)

୧୯ ଖ

୧. ବିପ : (ଗ), (ଘ), (ଚ)
ବିକ୍ର : (କ), (ଖ), (ଙ)

୨.

ବଜାରର ପ୍ରକାର	
କ୍ଷେତ୍ର /ଅଞ୍ଚଳ ଅନୁସାରେ	(କ) ସ୍ଥାନୀୟ ବଜାର (ଖ) ଆଞ୍ଚଳିକ ବଜାର (ଗ) ଗ୍ରାମୀଣ ବଜାର (ଘ) ଜାତୀୟ ବଜାର (ଙ) ଆନ୍ତର୍ଜାତୀୟ ବଜାର
ନେଣଦେଣର ମାତ୍ରା ଅନୁସାରେ	(କ) ଖୁଚୁରା ବଜାର (ଖ) ପାଇକାରୀ ବଜାର

୧୯ ଗ

୧. (କ) ବିପଣନ ଗ୍ରାହକମାନଙ୍କୁ ଉତ୍ତମ ଉତ୍ପାଦ ଓ ସେବା ପ୍ରଦାନ କରେ।

(ଖ) ବିପଣନ ସ୍ଥାନ ଓ କାଳ ନିର୍ବିଶେଷରେ ଉତ୍ପାଦଗୁଡ଼ିକୁ ଉପଲବ୍ଧ କରାଇବାରେ ସାହାଯ୍ୟ କରେ।

୨. (କ) - (iv)

(ଖ) - (v)

(ଗ) - (ii)

(ଘ) - (iii)

(ଙ) - (i)

୧୯ ଘ

୨. (କ) ପରିବହନ

(ଖ) ମହଜୁଦକରଣ ଓ ଭଣ୍ଡାରକରଣ

(ଗ) ବିପଣନ ଗବେଷଣା

(ଘ) ଉତ୍ପାଦର ପ୍ରବର୍ଦ୍ଧନ (ଉନ୍ନତି)

(ଙ) ବର୍ଗୀକରଣ

କର ଓ ଶିଖ

ଆମେ ଆମ ଦୈନନ୍ଦିନ ଜୀବନରେ ବହୁସଂଖ୍ୟକ ଉତ୍ପାଦ ବ୍ୟବହାର କରୁ। ଏହିଭଳି ଯେ କୌଣସି ତିନୋଟି ଉତ୍ପାଦର ଏକ ତାଲିକା କର ଏବଂ ତୁମର ସାଙ୍ଗମାନଙ୍କୁ ତଥା ପରିବାର ସଦସ୍ୟଙ୍କୁ ଏହି ଉତ୍ପାଦଗୁଡ଼ିକ ବିଷୟରେ ସେମାନଙ୍କର କ'ଣ ପସନ୍ଦ /ନାପସନ୍ଦ ପଚାର। ଏହି ଉତ୍ପାଦଗୁଡ଼ିକରେ ପରିବର୍ତ୍ତନ ସମ୍ବନ୍ଧରେ ସେମାନଙ୍କର ମତାମତ ପଚାର ଯାହା ସେଗୁଡ଼ିକୁ ଅଧିକ ଜନପ୍ରିୟ କରିପାରିବ।

ନାଟ୍ୟାଭିନୟ

ସୁରେନ୍ଦ୍ର ଏକ ସଫଳ ବ୍ୟବସାୟୀ ଅଟନ୍ତି। ପାର୍କରେ ପ୍ରାତଃଭ୍ରମଣ ସମୟରେ ସେ ତାଙ୍କ ପଡ଼ୋଶୀ ଅମିତଙ୍କୁ ଭେଟିଲେ ଯେ କି ଅନ୍ୟ ଏକ ବ୍ୟବସାୟୀ ଅଟନ୍ତି।

ସୁରେନ୍ଦ୍ର : ହେଲୋ ମିଷ୍ଟର ଅମିତ୍, ଆପଣଙ୍କ ବ୍ୟବସାୟ କିପରି ଚାଲିଛି ?

ଅମିତ : ସୁରେନ୍ଦ୍ରଜୀ, ସବୁ କିଛି ବହୁତ ଭଲ ନୁହେଁ। ମୁଁ ଲଗାତର ଗୋଟିଏ ପରେ ଗୋଟିଏ କରି ତିନୋଟି 'ଖାଇବା ପାଇଁ ପ୍ରସ୍ତୁତ ଉତ୍ପାଦ' ବିକ୍ରୀ ପାଇଁ ଛାଡ଼ିଲି କିନ୍ତୁ ସବୁଯାକ ବଜାରରେ ଅସଫଳ ହେଲା। ମୁଁ ବହୁତ ହଇରାଣ (ବିରକ୍ତ) ଓ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଅଛି।

ସୁରେନ୍ଦ୍ର : କିନ୍ତୁ ଆପଣ ଏପରି କାହିଁକି ହେଲା ତା'ର ବିଶ୍ଳେଷଣ କରିଥିଲେ କି ?

ଅମିତ୍ : ନା, ଆପଣ କେବେ ବି ଭାରତୀୟ ଖାଉଟି / ଉପଭୋକ୍ତାଙ୍କର ପସନ୍ଦ /ନାପସନ୍ଦ ପୂର୍ବାନୁମାନ କରି ପାରିବେ ନାହିଁ।



ସୁରେନ୍ଦ୍ର : ନା, ଆପଣ ଭୁଲ୍ କହୁଛନ୍ତି । ଆପଣଙ୍କ ଉତ୍ପାଦର ଅସଫଳତାର କାରଣ ଅନ୍ୟ କେଉଁଠି ରହିଛି । ଆପଣ ନିଶ୍ଚିତ ଭାବେ ବିପଣନ ପରିବର୍ତ୍ତେ ବିକ୍ରୟ ଉପରେ ଅଧିକ ଜୋର୍ ଦେଇଥିବେ ।

ଅମିତ୍ :କିନ୍ତୁ ମୁଁ ଭାବୁଛି ଉଭୟ ଶବ୍ଦ ଏକାର୍ଥବୋଧକ ଅଟେ ।

ସୁରେନ୍ଦ୍ର :ଉଭୟ ଶବ୍ଦ ପରସ୍ପର ସମ୍ବନ୍ଧିତ ଅଟେ କିନ୍ତୁ ଏକାର୍ଥବୋଧକ ନୁହେଁ ।

ସୁରେନ୍ଦ୍ର ଅମିତକୁ ବିକ୍ରୟ ଓ ବିପଣନ ସମ୍ବନ୍ଧରେ ବୁଝାଇଲେ ଏବଂ ଏ ଦ୍ୱୟ ମଧ୍ୟରେ ଥିବା ପାର୍ଥକ୍ୟକୁ କହିଲେ ।

ତୁମେ ନିଜକୁ ସୁରେନ୍ଦ୍ର ସ୍ଥାନରେ ଏବଂ ତୁମର ସାଙ୍ଗକୁ ଅମିତ ସ୍ଥାନରେ ରଖ ଏବଂ କଥାବାର୍ତ୍ତା ଜାରି ରଖ ।

ଅଧ୍ୟାୟ - ଏକ ଦୃଷ୍ଟିରେ

୧୯.୧ ବିପଣନର ଅର୍ଥ

୧୯.୧.୧ ବିପଣନର ପାରମ୍ପରିକ ଅବଧାରଣା

୧୯.୧.୨ ବିପଣନର ଆଧୁନିକ ଅବଧାରଣା

୧୯.୨ ବିପଣନ ଓ ବିକ୍ରୟ ମଧ୍ୟରେ ପାର୍ଥକ୍ୟ

୧୯.୩ ବିପଣନର ଗୁରୁତ୍ୱ

୧୯.୪ ବିପଣନର ଉଦ୍ଦେଶ୍ୟ

୧୯.୫ ବିପଣନରେ ସମ୍ପାଦିତ କାର୍ଯ୍ୟକଳାପ

୨୦

ବିପଣନ ମିଶ୍ର
(Marketing Mix)

ପୂର୍ବ ପାଠରେ ତୁମେ ଶିଖିଛ ଯେ ବିପଣନ ଖାଉଟି ବା ଉପଭୋକ୍ତାଙ୍କର ଆବଶ୍ୟକତା ଗୁଡ଼ିକୁ ଚିହ୍ନଟ କରିଥାଏ ଏବଂ ସେହିସବୁ ଆବଶ୍ୟକତାକୁ ସର୍ବାଧିକ ଫଳପ୍ରଦ ଭାବେ ପୂରଣ କରିବା ନିମନ୍ତେ ବିଭିନ୍ନ ଦ୍ରବ୍ୟ ଓ ସେବା ଯୋଗାଣ କରିଥାଏ । ତେଣୁ ବ୍ୟବସାୟୀଙ୍କ ପାଇଁ ଏହା ଆବଶ୍ୟକ ହୋଇଥାଏ କି ସେ (କ) ଖାଉଟି ବା ଉପଭୋକ୍ତାଙ୍କର ଆବଶ୍ୟକତାନୁଯାୟୀ ଉତ୍ପାଦ ପ୍ରସ୍ତୁତ କିମ୍ବା ଉତ୍ପାଦନ କରିବେ; (ଖ) ଖାଉଟି ବା ଉପଭୋକ୍ତାଙ୍କ ପାଇଁ ଯେଉଁ ଦର ନ୍ୟାୟ ସମ୍ମତ ସେହି ଦରରେ ଉତ୍ପାଦ ଉପଲବ୍ଧ କରାଇବେ; (ଗ) ଖାଉଟି ବା ଉପଭୋକ୍ତାମାନଙ୍କୁ ଉତ୍ପାଦ ବିଭିନ୍ନ ବିକ୍ରୟ କେନ୍ଦ୍ରରେ ଯୋଗାଇ ଦେବେ ଯେଉଁଠାରେ ସେମାନେ ସୁବିଧାରେ ପହଞ୍ଚିପାରିବେ; ଏବଂ (ଘ) ଖାଉଟି ବା ଉପଭୋକ୍ତାମାନଙ୍କୁ ଉତ୍ପାଦ ଓ ଏହାର ବୈଶିଷ୍ଟ୍ୟ ସମ୍ବନ୍ଧରେ ସେମାନେ ଯେଉଁସବୁ ସଂଚାର ମାଧ୍ୟମ ସଂସ୍ପର୍ଶରେ ଆସିଥା'ନ୍ତି ସେହି ସବୁ ସଂଚାର ମାଧ୍ୟମ ଜରିଆରେ ଜଣାଇ ଦେବେ ।

ତେଣୁ ବିପଣନ-ପରିଚାଳକ ବିପଣନ କାର୍ଯ୍ୟାବଳୀର ଯୋଜନା ପ୍ରସ୍ତୁତ କଲାବେଳେ ଚାରୋଟି ମହତ୍ତ୍ୱପୂର୍ଣ୍ଣ (ମୁଖ୍ୟ) କ୍ଷେତ୍ର ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାନ୍ତି; ସେଗୁଡ଼ିକ ହେଲା : (i) ଉତ୍ପାଦ (Products) , (ii) ଦର (Price), ସ୍ଥାନ (ବଣ୍ଟନ) (Place) ଏବଂ (iv) ପ୍ରବର୍ତ୍ତନ (Promotion) । ଏହି ଚାରୋଟି କ୍ଷେତ୍ର (4 'P' s) କୁ ବିପଣନର ଉପାଦାନ କୁହାଯାଏ ଏବଂ ସେଗୁଡ଼ିକ ଏକତ୍ର ମିଶି ବିପଣନ ମିଶ୍ର ଗଠନ କରିଥାନ୍ତି । ଏସବୁ ପରସ୍ପର ସହ ସମ୍ବନ୍ଧିତ, କାରଣ ଗୋଟିଏ କ୍ଷେତ୍ର ସମ୍ବନ୍ଧରେ ନିଆଯାଉଥିବା ନିଷ୍ପତ୍ତି ଅନ୍ୟକ୍ଷେତ୍ର ଗୁଡ଼ିକ ଉପରେ ନିଆଯାଇଥିବା ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ । ଏହି ପାଠରେ ତୁମେ ଏହି ଚାରି କ୍ଷେତ୍ର (4 'P' s) ଅର୍ଥାତ୍ ଉତ୍ପାଦ, ଦର, ସ୍ଥାନ ଓ ପ୍ରବର୍ତ୍ତନ ସମ୍ପର୍କିତ ମୌଳିକ ପ୍ରସଙ୍ଗ ବିଷୟରେ ଶିଖିବ ।

ଉଦ୍ଦେଶ୍ୟ

ଏହି ପାଠ ପଢିବା ପରେ ତୁମେ:

- ବିପଣନ ମିଶ୍ରର ଅବଧାରଣା ଓ ଏହାର ଅଂଶ /ଉପାଦାନଗୁଡ଼ିକୁ ବୁଝାଇ ପାରିବ;
- ଉତ୍ପାଦର ଅର୍ଥ ଓ ଏହାର ବର୍ଗୀକରଣ ବୁଝାଇ ପାରିବ;
- ମୂଲ୍ୟାୟନ (ଦାମ୍ ନିରୂପଣ) ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକଗୁଡ଼ିକୁ ଉଲ୍ଲେଖ କରିପାରିବ;
- ମୂଲ୍ୟାୟନର ବିଭିନ୍ନ ପଦ୍ଧତି ବର୍ଣ୍ଣନା କରିପାରିବ;

ଟିପ୍ପଣୀ

- ବଣ୍ଟନ ପ୍ରଣାଳୀର ଅର୍ଥ ଉଲ୍ଲେଖ କରିପାରିବ ;
- ବିଭିନ୍ନ ବଣ୍ଟନ ପ୍ରଣାଳୀର ଚିହ୍ନଟ କରିପାରିବ ;
- ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ଉଲ୍ଲେଖ କରିପାରିବ ; ଏବଂ
- ପ୍ରବର୍ତ୍ତନର ଅବଧାରଣା ଓ ପ୍ରବର୍ତ୍ତନ ମିଶ୍ରକୁ ବୁଝାଇ ପାରିବ ।

୨୦.୧ ବିପଣନ ମିଶ୍ରର ଅବଧାରଣା ଓ ଉପାଦାନ

ବିପଣନରେ ଅନେକ ସଂଖ୍ୟକ କାର୍ଯ୍ୟ ସଂଶ୍ଳିଷ୍ଟ ଥାଏ । ଆରମ୍ଭରେ ଏକ ସଂଗଠନ ଯେଉଁମାନଙ୍କୁ ନିଜର ସେବା ପ୍ରଦାନ କରିବ, ସେହି ଅଭିଳକ୍ଷିତ ଗ୍ରାହକ ସମୂହଙ୍କ ଉପରେ ନିଷ୍ପତ୍ତି ନେଇପାରେ । ଥରେ ଅଭିଳକ୍ଷିତ ସମୂହ ନିର୍ଣ୍ଣୟ ହୋଇଗଲା ପରେ ଉପଯୁକ୍ତ ଉତ୍ପାଦ, ଦର, ବଣ୍ଟନ ଓ ପ୍ରବର୍ତ୍ତନମୂଳକ ପ୍ରୟାସ ସହାୟତାରେ ଉତ୍ପାଦକୁ ବଜାରରେ ସ୍ଥାନିତ କରିବାକୁ ହେବ । ଏଗୁଡ଼ିକୁ ଉପଯୁକ୍ତ ଅନୁପାତରେ ସଂଯୋଗ ବା ମିଶ୍ରଣ କରିବାକୁ ହେବ ଯେପରି କି ବିପଣନର ଲକ୍ଷ୍ୟ ହାସଲ କରାଯାଇପାରିବ । ଉତ୍ପାଦ, ଦର, ବଣ୍ଟନ ଓ ପ୍ରବର୍ତ୍ତନ ମୂଳକ ପ୍ରୟାସର ଉକ୍ତ ମିଶ୍ରଣକୁ 'ବିପଣନ ମିଶ୍ର' କୁହାଯାଏ ।

ଫିଲିପ୍ କୋଟଲରଙ୍କ ଅନୁସାରେ, "ବିପଣନ ମିଶ୍ର ହେଉଛି ସେହିସବୁ ଆୟତ୍ତାଧୀନ (ନିୟନ୍ତ୍ରଣ ସାଧ୍ୟ) ଚଳ ମାନଙ୍କର ଏକ ସେଟ୍ ଯାହା ପ୍ରତିଷ୍ଠାନ ବା ଫାର୍ମ କ୍ରେତାର ପ୍ରତିକ୍ରିୟାକୁ ପ୍ରଭାବିତ କରିବା ପାଇଁ ବ୍ୟବହାର କରିପାରିବ ।" ଏହି ପ୍ରସଙ୍ଗରେ ଆୟତ୍ତାଧୀନ ଚଳ କହିଲେ ସେହି 4 'P' s କୁ ବୁଝାଇ ଥାଏ [ଉତ୍ପାଦ (Product), ଦର (Price), ସ୍ଥାନ ବା ବଣ୍ଟନ(Place or Distribution)ଏବଂ ପ୍ରବର୍ତ୍ତନ (Promotion)] । ପ୍ରତ୍ୟେକ ଫାର୍ମ ଏହି ଚାରି 'P' s ର ଏପରି ଏକ ମିଶ୍ର ପ୍ରସ୍ତୁତ କରିବାର ପ୍ରବଳ ପ୍ରୟାସ କରିଥାନ୍ତି ଯେପରିକି ତାହା ଖାଉଟି ବା ଉପଭୋକ୍ତା ପାଇଁ ସର୍ବାଧିକ ସ୍ତରର ଆତ୍ମସନ୍ତୋଷ ସୃଷ୍ଟି କରିପାରିବ ଏବଂ ତତ୍ ସଙ୍ଗେ ସଙ୍ଗେ ନିଜର ସାଂଗଠନିକ ଉଦ୍ଦେଶ୍ୟ ଗୁଡ଼ିକର ପୂରଣ କରିପାରିବ । ଅତଃ, ଏହି ମିଶ୍ର ଅଭିଳକ୍ଷିତ ଗ୍ରାହକମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି କରି ଏକତ୍ରିତ କରାଯାଇଥାଏ ଏବଂ ଉପଲବ୍ଧ ସମ୍ବଳ ଓ ବିପଣନର ଉଦ୍ଦେଶ୍ୟ ଗୁଡ଼ିକର ଭିନ୍ନତା ଉପରେ ନିର୍ଭର କରି ଏହା ଗୋଟିଏ ସଂଗଠନରୁ ଅନ୍ୟ ସଂଗଠନକୁ ବଦଳିଥାଏ । ଆସ ବର୍ତ୍ତମାନ ଆମେ ବିପଣନ ମିଶ୍ରର ଏହି ଚାରି ଉପାଦାନ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଧାରଣା ପ୍ରାପ୍ତ କରିବା ।

ଉତ୍ପାଦ: ଉତ୍ପାଦ କହିଲେ ସଂଗଠନ ଦ୍ୱାରା ଅର୍ପିତ ଦ୍ରବ୍ୟ ଓ ସେବାକୁ ବୁଝାଇଥାଏ । ହଳେ ଜୋତା, ଏକ ପ୍ଲେଟ୍ ଦହିବରା, ଏକ ଲିପ୍‌ଷ୍ଟିକ୍, ଏ ସମସ୍ତ ଉତ୍ପାଦ ଅଟେ । ଏ ସବୁକୁ କିଣାଯାଏ କାରଣ ଏଗୁଡ଼ିକ ଆମର ଏକ ବା ଏକାଧିକ ଆବଶ୍ୟକତାକୁ ପୂରଣ କରିଥା'ନ୍ତି । ଆମେ କୌଣସି ସ୍ପର୍ଶ ସାଧ୍ୟ ଉତ୍ପାଦ ପାଇଁ ନୁହେଁ ବରଂ ସେଥିରୁ ମିଳିବାକୁ ଥିବା ଉପକାର (ଉପଯୋଗିତା) ପାଇଁ ଦାମ୍ ପୈଠ କରିଥାଉ । ତେଣୁ ସରଳ (ସାଧାରଣ) ଶବ୍ଦରେ, ଉତ୍ପାଦକୁ ଉପଯୋଗିତାର ଏକ ଗଣ୍ଠିଲି ଭାବେ ବର୍ଣ୍ଣନା କରାଯାଇପାରେ ଯାହା ଜଣେ ବିପଣନକର୍ତ୍ତା ଉପଭୋକ୍ତା ବା ଖାଉଟିଙ୍କୁ ଏକ ଦର ପ୍ରତିବଦଳରେ ଅର୍ପଣ କରିଥାଏ । ହଳେ ଜୋତା କିଣିବା ବେଳେ ଆମେ ପ୍ରକୃତରେ ଆମ ପାଦ ପାଇଁ ଆରାମ କ୍ରୟ କରୁଛେ, ଏକ ଲିପ୍‌ଷ୍ଟିକ୍ କିଣିବାବେଳେ ଆମେ ପ୍ରକୃତରେ ଆମ ସୌନ୍ଦର୍ଯ୍ୟ ପାଇଁ ପୈଠ କରୁଛେ କାରଣ ଲିପ୍‌ଷ୍ଟିକ୍ ସାଧାରଣତଃ ଆମକୁ ସୁନ୍ଦର କରି ଦର୍ଶାଇବା ପାଇଁ ଉଦ୍ଦିଷ୍ଟ । ଉତ୍ପାଦ ଏକ ସେବାର ରୂପ ମଧ୍ୟ ନେଇପାରେ ଯେପରିକି ଆକାଶ ଯାତ୍ରା, ଟେଲି ଯୋଗାଯୋଗ ଇତ୍ୟାଦି । ଅତଃ, ଉତ୍ପାଦ ଶବ୍ଦର ଅର୍ଥ ହେଲା ସଂଗଠନ ଦ୍ୱାରା ବିକ୍ରୟ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଓ ସେବା ।

ଟିପ୍ପଣୀ

ଦର: ଦର ହେଉଛି ସେହି ଧନରାଶି ଯାହା ଏକ ଉତ୍ପାଦ କିମ୍ବା ସେବା ପାଇଁ ଲାଗୁ କରାଯାଇଥାଏ । ଏହା ବିପଣନ ମିଶ୍ରର ଦ୍ୱିତୀୟ ସର୍ବାଧିକ ଗୁରୁତ୍ୱ ପୂର୍ଣ୍ଣ ଉପାଦାନ ଅଟେ । ଉତ୍ପାଦର ଦର ନିରୂପଣ ଏକ କୌଶଳ ପୂର୍ଣ୍ଣ କାର୍ଯ୍ୟ ଅଟେ । ଦର ସ୍ଥିର (ନିରୂପଣ) କଲାବେଳେ ଅନେକ କାରକ ଯେପରିକି ଉତ୍ପାଦର ଚାହିଦା, ସଂଲଗ୍ନ ପରିବ୍ୟୟ, ଖାଉଟି ବା ଉପଭୋକ୍ତାର ପୈଠ କରିବାର ସାମର୍ଥ୍ୟ, ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସାଦୃଶ୍ୟ (ସମାନ) ଉତ୍ପାଦ ପାଇଁ ଲାଗୁ କରାଯାଇଥିବା ଦର, ସରକାରୀ କଟକଣା ଇତ୍ୟାଦିକୁ ଧ୍ୟାନରେ ରଖିବାକୁ ହେବ । ପ୍ରକୃତରେ ଉତ୍ପାଦର ଦର ନିର୍ଦ୍ଧାରଣ ଏକ ଅତି କଠିନ ନିଷ୍ପତ୍ତି କ୍ଷେତ୍ର ଅଟେ ଯେହେତୁ ଏହାର ପ୍ରଭାବ ଉତ୍ପାଦର ଚାହିଦା ଉପରେ ଏବଂ ପ୍ରତିଷ୍ଠାନ ବା ଫାର୍ମର ଲାଭପ୍ରଦତ୍ତା ଉପରେ ମଧ୍ୟ ରହିଅଛି ।

ସ୍ଥାନ: ଦ୍ରବ୍ୟ ଗୁଡ଼ିକ ଉପଭୋକ୍ତାଙ୍କୁ ବିକ୍ରି କରିବା ପାଇଁ ପ୍ରସ୍ତୁତ କରାଯାଏ । ସେଗୁଡ଼ିକୁ ନିଶ୍ଚିତ ଭାବେ ଉପଭୋକ୍ତା (ଖାଉଟିଙ୍କ) ନିକଟରେ ଏପରି ଏକ ଜାଗାରେ ଉପଲବ୍ଧ କରାଇବାକୁ ହେବ ଯେପରିକି ସେଠାରୁ ସେମାନେ ସୁବିଧାରେ କିଣିପାରିବେ । ଲୁଧିଆନାରେ ବହୁତ ଉଲ୍ ନିର୍ମିତ ବସ୍ତ୍ର ବଡ଼ ମାତ୍ରାରେ ଉତ୍ପାଦିତ ହୁଏ ଏବଂ ତୁମେ ସେଗୁଡ଼ିକୁ ତୁମ ସହର ସ୍ଥିତ ପାଖ ବଜାରରେ ଥିବା ଷ୍ଟୋରରୁ କିଣ । ତେଣୁ ଏହା ଆବଶ୍ୟକ ଯେ ତୁମ ସହରରେ ଥିବା ଦୋକାନ ଗୁଡ଼ିକରେ ଉତ୍ପାଦ ଉପଲବ୍ଧ ହେଉ । ଏହି କାର୍ଯ୍ୟ ବିତରକ, ପାଇକାରୀ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀଙ୍କ ପରି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଗୁଡ଼ିକର ଏକ ଶୃଙ୍ଖଳ ଦ୍ୱାରା ସମ୍ପାଦିତ ହୋଇଥାଏ ଯେଉଁମାନଙ୍କୁ ନେଇ ପ୍ରତିଷ୍ଠାନ ବା ଫାର୍ମର ବଣ୍ଟନ ତନ୍ତ୍ର (ନେଟ୍ ୱାର୍କ) ଗଠିତ ଏବଂ ଏହି ବଣ୍ଟନ ତନ୍ତ୍ରକୁ ବଣ୍ଟନ ପ୍ରଣାଳୀ ମଧ୍ୟ କୁହାଯାଏ । ସଂଗଠନକୁ ଏହି ନିଷ୍ପତ୍ତି ନେବାକୁ ପଡ଼େ କି ଏହା ସିଧା ସଳଖ ଖୁଚୁରା ବ୍ୟାପାରୀଙ୍କୁ ବିକ୍ରୀ କରିବ ନା ବିତରକ /ପାଇକାରୀ ବ୍ୟାପାରୀଙ୍କ ଜରିଆରେ ବିକ୍ରୀ କରିବ ଇତ୍ୟାଦି । ଏହା ଏପରିକି ସିଧାସଳଖ ଖାଉଟି ବା ଉପଭୋକ୍ତାମାନଙ୍କୁ ନିଜର ଦ୍ରବ୍ୟ ବିକ୍ରୀ କରିବାର ଯୋଜନା କରିପାରେ । ଏହି ଚୟନ ପ୍ରକ୍ରିୟା କେତେ ଗୁଡ଼ିଏ କାରକ ଉପରେ ନିର୍ଭର କରେ ଯାହା ତୁମେ ପରେ ଏହି ଅଧ୍ୟାୟରେ ଜାଣିବ ।

ପ୍ରବର୍ତ୍ତନ : ଯଦି ଏକ ଉତ୍ପାଦ ଖାଉଟି ବା ଉପଭୋକ୍ତାଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଉତ୍ପାଦନ କରାଯାଏ, ଏହାର ଠିକ୍ ଦର ନିର୍ଦ୍ଧାରଣ କରାଯାଏ ଏବଂ ଖାଉଟିଙ୍କ ପାଇଁ ସୁବିଧାଜନକ କେନ୍ଦ୍ରରେ ଉପଲବ୍ଧ କରାଯାଏ କିନ୍ତୁ ଖାଉଟିଙ୍କୁ ଏହାର ଦର, ବିଶେଷତ୍ୱ, ଉପଲବ୍ଧତା ଇତ୍ୟାଦି ବିଷୟରେ ସଚେତନ କରା ନ ଯାଏ, ତେବେ ବିପଣନ ପ୍ରୟାସ ସଫଳ ହୋଇ ନ ପାରେ । ସେଥିପାଇଁ ପ୍ରବର୍ତ୍ତନ ବିପଣନ ମିଶ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ଯେହେତୁ ଏହା ଜଣେ ଖାଉଟି ବା ଉପଭୋକ୍ତାଙ୍କୁ ସେ କିଣିବାକୁ ଥିବା ଉତ୍ପାଦର ସଠିକ୍ ଚୟନ ପାଇଁ ଉତ୍ପାଦ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା, ପ୍ରବର୍ତ୍ତାଇବା ଓ ପ୍ରଭାବିତ କରିବାର ଏକ ପ୍ରକ୍ରିୟା ଅଟେ । ପ୍ରବର୍ତ୍ତନ ବ୍ୟକ୍ତିଗତ ବିକ୍ରୟ, ବିଜ୍ଞାପନ, ପ୍ରଚାର ଓ ବିକ୍ରୟୋନ୍ନତି ପରି ମାଧ୍ୟମଗୁଡ଼ିକ ଜରିଆରେ କରାଯାଇଥାଏ । ଏହା ମୁଖ୍ୟତଃ ଭାବୀ ଖାଉଟିଙ୍କୁ ଉତ୍ପାଦର ଉପଲବ୍ଧତା, ବିଶେଷତ୍ୱ ଓ ବ୍ୟବହାର ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଦୃଷ୍ଟିରୁ କରାଯାଇଥାଏ । ଏହା ସମ୍ଭାବ୍ୟ ଖାଉଟିଙ୍କ ମଧ୍ୟରେ ଉତ୍ପାଦ ପ୍ରତି ଆଗ୍ରହ ଜାଗ୍ରତ କରାଇଥାଏ ଏବଂ ତାଙ୍କୁ ଏହି ପ୍ରେରଣା ଦେଇଥାଏ କି ସେ ଉକ୍ତ ଉତ୍ପାଦକୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଉତ୍ପାଦ ସହିତ ତୁଳନା କରନ୍ତୁ ଏବଂ ତାଙ୍କର ଚୟନ କରନ୍ତୁ । ବିଜ୍ଞାପନର ଛାପା ଓ ଇଲେକ୍ଟ୍ରୋନିକ୍ ମାଧ୍ୟମ ସମୂହର

ବହୁଳତା ପ୍ରବର୍ତ୍ତନର ଏହି ପ୍ରକ୍ରିୟାକୁ ଅତ୍ୟଧିକ ସହାୟତା ପ୍ରଦାନ କରିଅଛି ।

ବିପଣନ ମିଶ୍ର : ଏକ ବିହଙ୍ଗାବଲୋକନ



ବିପଣନ ମିଶ୍ରର ଚାରୋଟି ଉପାଦାନର ସ୍ଥୁଳ ପ୍ରକୃତି ସହିତ ଆମେ ପରିଚିତ ହୋଇସାରିବା ପରେ ଆସ ଆମେ ଏ ପ୍ରତ୍ୟେକର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବନ୍ଧରେ ପରବର୍ତ୍ତୀ ଭାଗ ଗୁଡ଼ିକରେ ବିସ୍ତୃତ ଭାବେ ପଢ଼ିବା ।

ପାଠଗତ ପ୍ରଶ୍ନାବଳୀ ୨୦ କ

୧. ବିପଣନ ମିଶ୍ରର ଚାରି ଉପାଦାନର ତାଲିକା କର :

(କ) ______________________

(ଖ) ______________________

(ଗ) ______________________

(ଘ) ______________________

୨. ନିମ୍ନ ଉକ୍ତିଗୁଡ଼ିକ ପାଇଁ ଏକ ଶବ୍ଦ /ବାକ୍ୟାଂଶ ଦିଅ :

(କ) ବିପଣନର ଏହା ଏକ କଠିନ ନିଷ୍ପତ୍ତି /ନିର୍ଣ୍ଣାୟକ କ୍ଷେତ୍ର ଅଟେ ଯାହାର ସିଧା ପ୍ରଭାବ ଉତ୍ପାଦର ଚାହିଦା ଓ ପ୍ରତିଷ୍ଠାନ ବା ଫାର୍ମର ଲାଭପ୍ରଦତ୍ତା ଉପରେ ଅଛି ।

(ଖ) ବିପଣନର ସେହି ଉପାଦାନ ଯାହା ବଣ୍ଟନ ପ୍ରଣାଳୀ ସହିତ ସମ୍ବନ୍ଧିତ ଅଟେ ।

(ଗ) ସେହିସବୁ ଉପାଦାନ ଯେଉଁଗୁଡ଼ିକୁ ବିପଣନ ଲକ୍ଷ୍ୟ ହାସଲ କରିବା ନିମନ୍ତେ ସଂଯୋଗ କରାଯାଇଥାଏ ।

(ଘ) ସଂଗଠନ ଦ୍ୱାରା ବିକ୍ରୟ ପାଇଁ ଅର୍ପିତ ଦ୍ରବ୍ୟ ଓ ସେବା ।

(ଙ) ବିପଣନ ମିଶ୍ରର ସେହି ଉପାଦାନ ଯାହା ଜଣେ ଖାଉଟିଙ୍କୁ ସେ କିଣିବାକୁ ଥିବା ଉତ୍ପାଦର ସଠିକ୍ ଚୟନ ପାଇଁ ଉତ୍ପାଦ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା, ପ୍ରବର୍ତ୍ତାଇବା ଓ ପ୍ରଭାବିତ କରିବା ସହିତ ସମ୍ବନ୍ଧିତ ।

୨୦.୨ ଉତ୍ପାଦର ଅବଧାରଣା ଓ ଏହାର ଶ୍ରେଣୀ ବିଭାଜନ (ବର୍ଗୀକରଣ)

ପୂର୍ବେ ଉଲ୍ଲେଖ କରାଯାଇଥିବା ପରି ଉତ୍ପାଦ ହେଉଛି ସଂଗଠନ ଦ୍ୱାରା ବିକ୍ରୟ ପାଇଁ ଅର୍ପିତ ଦ୍ରବ୍ୟ ଓ ସେବା । ଏଠାରେ ବିପଣନକର୍ତ୍ତାଙ୍କୁ ଏହା ଜାଣି ରଖିବାକୁ ହେବ ଯେ ଉପଭୋକ୍ତା ବା ଖାଉଟିମାନେ କେବଳ ଏକ ଉତ୍ପାଦର ଭୌତିକ ବିଶେଷତ୍ୱରେ ପ୍ରଭାବିତ ହୋଇ ତାହା କିଣି ନଥାନ୍ତି, ବରଂ ସେହି ଉତ୍ପାଦରେ ଭରି ରହିଥିବା ସ୍ପର୍ଶ ସାଧ ଓ ସ୍ପର୍ଶବିହୀନ ଗୁଣାବଳୀରେ ଆକୃଷ୍ଟ ହୋଇଥାନ୍ତି ଯାହା ସେମାନଙ୍କର ଅଭାବକୁ ସନ୍ତୁଷ୍ଟି ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ ଖାଉଟି ବା ଉପଭୋକ୍ତା ଏକ ଲୁଗାଧୁଆ ମେସିନ୍ କିଣନ୍ତି ସେ କେବଳ ଗୋଟିଏ ମେସିନ୍ କିଣନ୍ତି ନାହିଁ ବରଂ ଏପରି ଏକ ଉପକରଣ କିଣନ୍ତି ଯାହା ତାଙ୍କୁ କପଡ଼ା ଧୋଇବାରେ ସାହାଯ୍ୟ କରିବ । ଏଠାରେ ଆହୁରି ମଧ୍ୟ ଉଲ୍ଲେଖ କରିବା ଆବଶ୍ୟକ ଯେ ଉତ୍ପାଦ ଶବ୍ଦଟି ଯେକୌଣସି ଜିନିଷକୁ ବୁଝାଇଥାଏ ଯାହାକୁ ବଜାରରେ ଧ୍ୟାନାକର୍ଷଣ, ଅଧିଗ୍ରହଣ ବା ବ୍ୟବହାର ପାଇଁ ଅର୍ପଣ କରାଯାଇପାରିବ । ଅତଃ, ଉତ୍ପାଦ ଶବ୍ଦର ସଂଜ୍ଞା ଏହିପରି ଦିଆଯାଇପାରେ "ଏହା ଅଭାବର ସନ୍ତୁଷ୍ଟି ପ୍ରଦାନ ପାଇଁ ବଜାରରେ ଅର୍ପଣ କରାଯାଇପାରୁଥିବା ଯେକୌଣସି ଏକ ଜିନିଷ ଅଟେ ।" ଏଥିରେ ସାଧାରଣତଃ ଭୌତିକ ଜିନିଷ ଓ ସେବା ଅନ୍ତର୍ଭୁକ୍ତ ଥାଏ । କିନ୍ତୁ ଏକ ବିସ୍ତୃତ ଜ୍ଞାନରେ ଏଥିରେ କେବଳ ଭୌତିକ ଜିନିଷ ଓ ସେବା ଅନ୍ତର୍ଭୁକ୍ତ ନ ଥାଏ, ବରଂ ଏଥିରେ ବ୍ରାଣ୍ଡ୍ ନାମ, ପ୍ୟାକେଜିଙ୍ଗ୍‌ର ସହାୟକ ସାମଗ୍ରୀ, ସ୍ଥାପନା, ବିକ୍ରୀ ପର ସେବା ଇତ୍ୟାଦି ପରି ସହାୟକ ସେବାମାନ ମଧ୍ୟ ଅନ୍ତର୍ଭୁକ୍ତ ଥାଏ । ବାକ୍ସରେ ପ୍ରଦତ୍ତ 'ଷ୍ଟାଣ୍ଟନ୍' ଓ 'ମାକ୍‌କାର୍ଥୀ' ଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞା ଗୁଡ଼ିକୁ ଦେଖ ।

ଉତ୍ପାଦ

ୱିଲିୟମ୍ ଜେ. ଷ୍ଟାଣ୍ଟନ୍

"ଉତ୍ପାଦ ହେଉଛି ପ୍ୟାକେଜିଙ୍ଗ୍, ରଙ୍ଗ, ଦର, ଉତ୍ପାଦନକାରୀର ସମ୍ମାନ, ଖୁଚୁରା ବ୍ୟାପାରୀର ସମ୍ମାନ ଏବଂ ଉତ୍ପାଦନକାରୀ ଓ ଖୁଚୁରା ବ୍ୟାପାରୀର ସେବାକୁ ମିଶାଇ କେତେକ ସ୍ପର୍ଶ ସାଧ ଓ ସ୍ପର୍ଶବିହୀନ ଗୁଣାବଳୀର ଏକ ସମାହାର ଯାହାକୁ କ୍ରେତା ନିଜର ଅଭାବ ଓ ସେବାର ସନ୍ତୁଷ୍ଟି ପାଇଁ ଏକ ପ୍ରସ୍ତାବ /ଯାଚନା ରୂପରେ ଗ୍ରହଣ କରିପାରେ ।"

ଜେରୋମ୍ ମାକ୍‌କାର୍ଥୀ

"ଏକ ଉତ୍ପାଦ ନିଜର ସମ୍ବନ୍ଧିତ କାର୍ମିକ ଓ ସୌନ୍ଦର୍ଯ୍ୟବୋଧୀ ବିଶେଷତ୍ୱ କାରଣରୁ ନିଜର ଭୌତିକ ରୂପଠାରୁ କିଛି ଅଧିକ ହୋଇଥାଏ । ଏଥିରେ ସହାୟକ ସାମଗ୍ରୀ ସ୍ଥାପନା, ବ୍ୟବହାର ପାଇଁ ନିର୍ଦ୍ଦେଶାବଳୀ, ପ୍ୟାକେଜ୍, ସମ୍ଭବତଃ ଏକ ବ୍ରାଣ୍ଡ୍ ନାମ ଅନ୍ତର୍ଭୁକ୍ତ ଥାଏ ଯାହା କେତେକ ମନସ୍ତାତ୍ତ୍ୱିକ ଆବଶ୍ୟକତା ପୂରଣ କରେ ଏବଂ ଆଶ୍ୱାସନା ରଖିଥାଏ ଯେ କ୍ରୟ କରିବା ପରେ ଗ୍ରାହକର ଆବଶ୍ୟକତା ପୂରଣ ପାଇଁ ସେବା ସୁବିଧା ଉପଲବ୍ଧ ହେବ ।

ଉତ୍ପାଦର ଶ୍ରେଣୀ ବିଭାଜନ /ବର୍ଗୀକରଣ

ଉତ୍ପାଦକୁ ସ୍ଥୂଳତଃ ଏହିସବୁ ଆଧାରରେ ଶ୍ରେଣୀଭୁକ୍ତ କରାଯାଇପାରେ : (୧) ବ୍ୟବହାର, (୨) ସ୍ଥାୟିତ୍ୱ, ଓ (୩) ସ୍ପର୍ଶସାଧତା । ଆସ, ଆମେ ଏହି ବିଭିନ୍ନ ବର୍ଗ ବିଷୟରେ ଏବଂ ପ୍ରତ୍ୟେକ ବର୍ଗ ଅନ୍ତର୍ଗତ ଉତ୍ପାଦର ସଠିକ୍ ପ୍ରକୃତି ବିଷୟରେ ସଂକ୍ଷେପରେ ଜାଣିବା । ଏଠାରେ ଏହା ପ୍ରଣିଧାନଯୋଗ୍ୟ

ଯେ ବିପଣନରେ 'ଉତ୍ପାଦ' ଓ 'ଦ୍ରବ୍ୟ' ଶବ୍ଦଦ୍ୱୟ ଅନେକ ସମୟରେ ଅଦଳ ବଦଳ କରି ସମାର୍ଥବୋଧକ ଶବ୍ଦ ରୂପରେ ବ୍ୟବହୃତ ହୁଏ।

୧. **ବ୍ୟବହାର ଭିତ୍ତିରେ,** ଉତ୍ପାଦକୁ ନିମ୍ନ ମତେ ଶ୍ରେଣୀଭୁକ୍ତ କରାଯାଇପାରେ:

(କ) ଉପଭୋକ୍ତା / ଖାଉଟି ଦ୍ରବ୍ୟ (Consumer Goods); ଏବଂ

(ଖ) ଔଦ୍ୟୋଗିକ ଦ୍ରବ୍ୟ (Industrial Goods).

(କ) ଉପଭୋକ୍ତା ଦ୍ରବ୍ୟ: ସେହି ସବୁ ଦ୍ରବ୍ୟ ଯାହା ପରିବାରବର୍ଗ କିମ୍ବା ଅନ୍ତିମ ଉପଭୋକ୍ତା / ଖାଉଟିଙ୍କ ଦ୍ୱାରା ବ୍ୟକ୍ତିଗତ ଉପଭୋଗ ନିମନ୍ତେ ଉଦ୍ଦିଷ୍ଟ, ସେଗୁଡ଼ିକୁ ଉପଭୋକ୍ତା / ଖାଉଟି ଦ୍ରବ୍ୟ କୁହାଯାଏ। ଏଥିରେ ପ୍ରସାଧାନ ସାମଗ୍ରୀ, ତେଜରାତି ସାମଗ୍ରୀ, କପଡ଼ା (ଲୁଗା) ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ। ଉପଭୋକ୍ତାଙ୍କର କ୍ରୟାଭ୍ୟାସ ଭିତ୍ତିରେ ଖାଉଟି ଦ୍ରବ୍ୟକୁ ପୁଣି ନିମ୍ନ ପ୍ରକାରେ ଶ୍ରେଣୀଭୁକ୍ତ କରାଯାଇପାରେ:

(i) ସୁବିଧାଜନକ ଦ୍ରବ୍ୟ(Convenience goods);

(ii) କ୍ରୟଯୋଗ୍ୟ ଦ୍ରବ୍ୟ; (Shopping goods); ଏବଂ

(iii) ବିଶିଷ୍ଟ ଦ୍ରବ୍ୟ(Speciality goods)।

(i) ସୁବିଧାଜନକ ଦ୍ରବ୍ୟ: କ'ଣ ତୁମର ମନେ ଅଛିକି ତୁମେ ଶେଷ ଥର ପାଇଁ କେବେ ଏକ ଲହୁଣୀ ପ୍ୟାକେଟ୍ କିମ୍ବା ଏକ ଥଣ୍ଡା ପାନୀୟ ବୋତଲ କିମ୍ବା କୌଣସି ତେଜରାତି ଜିନିଷ କିଣିଥିଲ ? ସମ୍ଭବତଃ ତୁମର ମନେ ନ ଥିବ କିମ୍ବା ତୁମେ କହିବ ଯେ ଗତ ସପ୍ତାହରେ ବା ଗତକାଲି କିଣିଥିଲ ବୋଲି। କାରଣ ଏହି ଦ୍ରବ୍ୟ ଗୁଡ଼ିକ ସୁବିଧାଜନକ ଦ୍ରବ୍ୟ ବର୍ଗଭୁକ୍ତ ଅଟେ, ଯେଉଁ ଗୁଡ଼ିକୁ ବାରମ୍ବାର ବିନା କୌଣସି ଯୋଜନା ବା କ୍ରୟ-ପ୍ରୟାସରେ କ୍ରୟ କରାଯାଇଥାଏ ଏବଂ ଏଗୁଡ଼ିକର ଉପଭୋଗ ମଧ୍ୟ ଶୀଘ୍ର କରାଯାଇଥାଏ। ଏହି ଦ୍ରବ୍ୟ ଗୁଡ଼ିକର କ୍ରୟ କରିବାର ନିଷ୍ପତ୍ତି ନେବାରେ ଅଧିକ ପୂର୍ବ-ଯୋଜନା ପ୍ରସ୍ତୁତ କରାଯାଇନଥାଏ। ଏହି ଦ୍ରବ୍ୟ ଗୁଡ଼ିକ ସାଧାରଣତଃ ସୁବିଧାଜନକ ଖୁଚୁରା ବିକ୍ରୟ କେନ୍ଦ୍ରରେ ବିକ୍ରି କରାଯାଇଥାଏ।

(ii) କ୍ରୟଯୋଗ୍ୟ ଦ୍ରବ୍ୟ: ଏଗୁଡ଼ିକ ସେହି ଦ୍ରବ୍ୟ ଯେଉଁ ଗୁଡ଼ିକ ବାରମ୍ବାର କିଣାଯାଇ ନ ଥାଏ ଏବଂ ବହୁତ ଧୀର ମନ୍ଥର ଗତିରେ ବ୍ୟବହୃତ ହୋଇଥାଏ ଯେପରିକି କପଡ଼ା, ଜୋତା, ଘରୋଇ ଉପକରଣ/ ଯନ୍ତ୍ରପାତି। ଏହିସବୁ କ୍ଷେତ୍ରରେ ଖାଉଟି ବା ଉପଭୋକ୍ତାମାନେ ଉତ୍ପାଦର ଉପଯୁକ୍ତତା, ଦର, ଷ୍ଟାଇଲ୍, ଗୁଣବତ୍ତା ଏବଂ ପ୍ରତିଦ୍ୱନ୍ଦ୍ୱି ମାନଙ୍କର ଉତ୍ପାଦ ଏବଂ ପ୍ରତିବଦଳକ୍ଷମ ଉତ୍ପାଦ, ଯଦି କିଛି ଥାଏ ଇତ୍ୟାଦିକୁ ବିଚାରକୁ ନେଇ ଏକ ଉତ୍ପାଦର ଚୟନ କରିଥାନ୍ତି। ଅନ୍ୟ ଶବ୍ଦରେ କହିଲେ, ଖାଉଟି ବା ଉପଭୋକ୍ତାମାନେ ସାଧାରଣତଃ ସେମାନଙ୍କର କ୍ରୟ-ନିଷ୍ପତ୍ତିକୁ ଚୂଡ଼ାନ୍ତ କରିବାପାଇଁ ବହୁ ଅଧିକ ସମୟ ଓ ଶକ୍ତି ବ୍ୟୟ କରିଥାନ୍ତି କାରଣ ସେମାନଙ୍କ ନିକଟରେ ବିକ୍ରୟ ଅଭିଯାନ ଆରମ୍ଭକରିବା ପୂର୍ବରୁ ଉତ୍ପାଦ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚନାର ଅଭାବ ଥାଏ। ଏଠାରେ ଏହା ଉଲ୍ଲେଖ ଯୋଗ୍ୟ ଯେ କ୍ରୟ-ଯୋଗ୍ୟ ଦ୍ରବ୍ୟରେ ସୁବିଧାଜନକ ଦ୍ରବ୍ୟ ଅପେକ୍ଷା ବହୁତ ଅଧିକ ବ୍ୟୟ ହୋଇଥାଏ।

(iii) ବିଶିଷ୍ଟ ଦ୍ରବ୍ୟ: କେତେକ ନିର୍ଦ୍ଦିଷ୍ଟ ବର୍ଗର ଦ୍ରବ୍ୟର କେତେକ ବିଶିଷ୍ଟ ଗୁଣ ଥିବା କାରଣରୁ ଲୋକମାନେ ସାଧାରଣତଃ ସେଗୁଡ଼ିକୁ କିଣିବା ପାଇଁ ସ୍ୱତନ୍ତ୍ର ପ୍ରୟାସ କରିଥାନ୍ତି। ସେମାନେ ଏହି

ଦ୍ରବ୍ୟ ଗୁଡ଼ିକୁ ସେହି ଦରରେ କିଣିବାକୁ ପ୍ରସ୍ତୁତ ଥା'ନ୍ତି, ବିକ୍ରେତା ସେଗୁଡ଼ିକ ପାଇଁ ଯେଉଁ ଦର କହିଥାଏ ଏବଂ ତା' ସହିତ ସେମାନେ ଆହୁରି ମଧ୍ୟ ବିକ୍ରେତାଙ୍କୁ ଖୋଜି ବାହାର କରିବାପାଇଁ ଅତିରିକ୍ତ ସମୟ ଖର୍ଚ୍ଚ କରିଥା'ନ୍ତି ଓ କ୍ରୟ ସମ୍ପୂର୍ଣ୍ଣ କରିଥା'ନ୍ତି। ଉଦାହରଣ ସ୍ୱରୂପ, ନିଜ ପସନ୍ଦର ଏକ ବିଶେଷ ମୋଟରକାର କିଣିବା ପାଇଁ ଯଦି କ୍ରେତାଙ୍କୁ ଦଶ କିଲୋମିଟର ଦୂରରେ ଥିବା କାର୍ ଶୋ-ରୁମ୍ ପର୍ଯ୍ୟନ୍ତ ବି ଯିବାକୁ ପଡ଼େ, ତେବେ ସେ ସେଠାକୁ ଯାଇ ମୋଟରକାର୍ ଦେଖିବେ ଓ କିଣିବେ। ପ୍ରକୃତରେ ଉତ୍ପାଦ କିଣିବା ନିମନ୍ତେ ଅଭିଯାନ ଆରମ୍ଭ କରିବା ପୂର୍ବରୁ ସେ ବିଭିନ୍ନ ବ୍ରାଣ୍ଡ୍ ବିଷୟରେ ସମ୍ପୂର୍ଣ୍ଣ ସୂଚନା ସଂଗ୍ରହ କରିବେ। ବିଶିଷ୍ଟ ଦ୍ରବ୍ୟର ଉଦାହରଣ ହେଲା କ୍ୟାମେରା, ଟିଭି ସେଟ୍, ନୂଆ ଗାଡ଼ି ଇତ୍ୟାଦି।

(ଖ) ଔଦ୍ୟୋଗିକ ଦ୍ରବ୍ୟ: ସେହିସବୁ ଦ୍ରବ୍ୟ ଯାହା ଅନ୍ୟ ଉତ୍ପାଦ ଗୁଡ଼ିକର ଉତ୍ପାଦନରେ କିମ୍ବା କୌଣସି ସେବା ପ୍ରଦାନର ବ୍ୟବସ୍ଥାରେ କଞ୍ଚାମାଲ ରୂପରେ ଉପଭୋଗ ବା ଉପଯୋଗ ପାଇଁ ଉଦ୍ଦିଷ୍ଟ ସେଗୁଡ଼ିକୁ ଔଦ୍ୟୋଗିକ ଦ୍ରବ୍ୟ କୁହାଯାଏ। ଏଗୁଡ଼ିକ ଅଣ-ବ୍ୟକ୍ତିଗତ ଓ ବାଣିଜ୍ୟିକ ବ୍ୟବହାର (ଉପଯୋଗ) ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଅନ୍ତର୍ଭୁକ୍ତ ଥାଏ : (i) କଞ୍ଚାମାଲ, (ii) ଯନ୍ତ୍ରପାତି, (iii) ଯନ୍ତ୍ରାଂଶ, ଏବଂ(iv) ସଂଚାଳନ ସାମଗ୍ରୀ (ଯଥା ମସୃଣତା ପ୍ରଦାୟକ ବସ୍ତୁ ବା ଲୁବ୍ରିକାଣ୍ଟ୍, ଷ୍ଟେସନେରୀ ଇତ୍ୟାଦି)। ଔଦ୍ୟୋଗିକ ଦ୍ରବ୍ୟର କ୍ରେତାମାନେ ସେମାନଙ୍କ କ୍ରୟ ସମ୍ପର୍କରେ ଜ୍ଞାନବାନ୍, ପରିବ୍ୟୟ ସଚେତନ ଓ ବିବେକୀ ଥିବା ମନେ କରାଯାଏ ଏବଂ ସେଥିପାଇଁ ବିପଣନକର୍ତ୍ତାମାନେ ଏହି ଦ୍ରବ୍ୟ ଗୁଡ଼ିକର ବିକ୍ରୟ ପାଇଁ ଭିନ୍ନ ପ୍ରକାରର ଦର ନିରୂପଣ, ବଣ୍ଟନ ଓ ପ୍ରବର୍ତ୍ତନମୂଳକ ରଣନୀତି ପାଳନ କରିଥାନ୍ତି।

ଏଠାରେ ପ୍ରଣିଧାନଯୋଗ୍ୟ ଯେ ନିଜର ଚୂଡ଼ାନ୍ତ ଉପଯୋଗର ଆଧାରରେ ସେହି ଏକା ଦ୍ରବ୍ୟକୁ ଖାଉଟି ଦ୍ରବ୍ୟ ଓ ଔଦ୍ୟୋଗିକ ଦ୍ରବ୍ୟ ରୂପରେ ଶ୍ରେଣୀଭୁକ୍ତ କରାଯାଇପାରେ। ଉଦାହରଣ ସ୍ୱରୂପ, ନଡ଼ିଆତେଲକୁ ନିଆଯାଉ। ଯେତେବେଳେ ଏହା କେଶ ତୈଳ ବା ରନ୍ଧା ତୈଳ ରୂପରେ ବ୍ୟବହୃତ ହୁଏ, ଏହାକୁ ଖାଉଟି ଦ୍ରବ୍ୟ ବୋଲି ଧରାଯାଏ ଏବଂ ଯେତେବେଳେ ଏହା ଏକ ଗାଧୁଆ ସାବୁନ୍ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ, ସେତେବେଳେ ଏହାକୁ ଔଦ୍ୟୋଗିକ ଦ୍ରବ୍ୟ କୁହାଯାଏ। ତେବେ ଯେଉଁ ଉପାୟରେ ଏହି ଉତ୍ପାଦ ଗୁଡ଼ିକୁ ଏହି ଦୁଇବର୍ଗର କ୍ରେତାଙ୍କୁ ବିକ୍ରି କରାଯାଏ ସେ ସବୁ ଉପାୟ ପରସ୍ପରଠାରୁ ବହୁତ ଭିନ୍ନ ଅଟେ, କାରଣ ଔଦ୍ୟୋଗିକ କ୍ରେତାଙ୍କ ଦ୍ୱାରା କିଣାଯାଉଥିବା ଉତ୍ପାଦର ପରିମାଣ ବହୁତ ଅଧିକ ହୋଇଥାଏ ଏବଂ ସେ ହୁଏତ ସିଧାସଳଖ ଉତ୍ପାଦନକାରୀଙ୍କଠାରୁ କିମ୍ବା ସ୍ଥାନୀୟ ବିତରକଙ୍କଠାରୁ ଏହା କିଣିଥାନ୍ତି।

୨. ସ୍ଥାୟିତ୍ୱ ଭିତ୍ତିରେ , ଉତ୍ପାଦକୁ ନିମ୍ନମତେ ଶ୍ରେଣୀଭୁକ୍ତ କରାଯାଇପାରେ:

(କ) ସ୍ଥାୟୀ ଦ୍ରବ୍ୟ/ ଦୀର୍ଘସ୍ଥାୟୀ (Durable goods);ଏବଂ

(ଖ) ଅସ୍ଥାୟୀ /କ୍ଷଣସ୍ଥାୟୀ ଦ୍ରବ୍ୟ(Non-durable goods)

(କ) ସ୍ଥାୟୀ ଦ୍ରବ୍ୟ: ସ୍ଥାୟୀ ଦ୍ରବ୍ୟ ଗୁଡ଼ିକ ହେଉଛି ସେହିସବୁ ଉତ୍ପାଦ ଯାହା ଦୀର୍ଘ ଅବଧି, ଅର୍ଥାତ୍ ମାସ ମାସ ବା ବର୍ଷ ବର୍ଷ ଧରି ବ୍ୟବହୃତ ହୁଏ। ଏହି ସବୁ ଦ୍ରବ୍ୟର ଉଦାହରଣ ହେଲା ରେଫ୍ରିଜେରେଟର୍, ଲୁଗାଧୁଆ ମେସିନ୍ ଇତ୍ୟାଦି। ଏହି ଦ୍ରବ୍ୟଗୁଡ଼ିକ ସାଧାରଣତଃ ଅଧିକ ବ୍ୟକ୍ତିଗତ ବିକ୍ରୟ ପ୍ରୟାସ ଆବଶ୍ୟକ କରିଥାଏ ଏବଂ ଏଗୁଡ଼ିକରେ ଉଚ୍ଚଲାଭ ହାର ଥାଏ। ଏହିସବୁ ଦ୍ରବ୍ୟ କ୍ଷେତ୍ରରେ ବିକ୍ରେତାଙ୍କ



ଟିପ୍ପଣୀ

ଖ୍ୟାତି ଏବଂ ବିକ୍ରୟ-ପୂର୍ବ ଓ ବିକ୍ରୟ ପର ସେବା ପ୍ରଦାନ ହେଉଛି କ୍ରୟ ନିଷ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ।

(ଖ) ଅସ୍ଥାୟୀ /କ୍ଷଣସ୍ଥାୟୀ ଦ୍ରବ୍ୟ: ଅସ୍ଥାୟୀ ଦ୍ରବ୍ୟଗୁଡ଼ିକ ହେଉଛି ସେହି ସବୁ ଉତ୍ପାଦ ଯାହା ସାଧାରଣତଃ ଥରକରେ ଉପଭୋଗ ହୋଇଯାଏ ବା ଅଳ୍ପ କିଛିଥର ଉପଭୋଗ (ବ୍ୟବହାର) ପରେ ସମାପ୍ତ ହୋଇଯାଏ । ଏହିଭଳି ଉତ୍ପାଦର ଉଦାହରଣ ହେଲା ସାବୁନ୍, ଲୁଣ, ଆଚାର, ଚଟଣି(ସସ୍) ଇତ୍ୟାଦି । ଏହି ସାମଗ୍ରୀ ଗୁଡ଼ିକ ଶୀଘ୍ର ଉପଯୋଗ ହୋଇଯାଏ ଏବଂ ଆମେ ଏଗୁଡ଼ିକୁ ବାରମ୍ବାର କିଣୁ । ସାଧାରଣତଃ ଏହି ସାମଗ୍ରୀ ଗୁଡ଼ିକ ଉତ୍ପାଦକଙ୍କ ଦ୍ୱାରା ବହୁ ସଂଖ୍ୟକ ସୁବିଧାଜନକ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ଉପଲବ୍ଧ କରାଯାଇଥାଏ । ଏହି ସାମଗ୍ରୀ ଗୁଡ଼ିକ ଉପରେ ସାଧାରଣତଃ ଲାଭର ହାର କମ୍ ରଖାଯାଇଥାଏ ଏବଂ ଏଗୁଡ଼ିକର ପରୀକ୍ଷଣ ଓ ବ୍ୟବହାର ନିମନ୍ତେ ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ ବହୁଳ ଭାବେ ବିଜ୍ଞାପନ କରାଯାଏ ।

୩. ସ୍ପର୍ଶସାଧ୍ୟତା ଭିତ୍ତିରେ, ଉତ୍ପାଦକୁ ନିମ୍ନ ମତେ ଶ୍ରେଣୀଭୁକ୍ତ କରାଯାଇପାରେ;

(କ) ସ୍ପର୍ଶସାଧ୍ୟ ଦ୍ରବ୍ୟ(Tangible goods); ଏବଂ

(ଖ) ସ୍ପର୍ଶବିହୀନ ଦ୍ରବ୍ୟ(Intangible goods) ।

(କ) ସ୍ପର୍ଶସାଧ୍ୟ ଦ୍ରବ୍ୟ: ଅଧିକାଂଶ ଦ୍ରବ୍ୟ, ସେ ଖାଉଟି ଦ୍ରବ୍ୟ ହେଉ ବା ଔଦ୍ୟୋଗିକ ଦ୍ରବ୍ୟ ଏବଂ ସେ ସ୍ଥାୟୀ ଦ୍ରବ୍ୟ ହେଉ ବା ଅଣସ୍ଥାୟୀ ଦ୍ରବ୍ୟ, ଏହି ବର୍ଗର ଅନ୍ତର୍ଭୁକ୍ତ ହୋଇଥାଏ, ଯେହେତୁ ସେଗୁଡ଼ିକର ଏକ ଭୌତିକ ରୂପ ଥାଏ ଯାହାକୁ ଛୁଇଁ ହୁଏ ଓ ଦେଖି ହୁଏ । ଅତଃ, ସମସ୍ତ ସାମଗ୍ରୀ ଯେପରିକି ତେଜରାତି ସାମଗ୍ରୀ, ମୋଟରକାର, କଞ୍ଚାମାଲ, ଯନ୍ତ୍ରପାତି, ଇତ୍ୟାଦି ସ୍ପର୍ଶସାଧ୍ୟ ଦ୍ରବ୍ୟ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥାଏ ।

(ଖ) ସ୍ପର୍ଶବିହୀନ ଦ୍ରବ୍ୟ: ସ୍ପର୍ଶବିହୀନ ଦ୍ରବ୍ୟ କହିଲେ ବ୍ୟକ୍ତିଗତ ଖାଉଟି କିମ୍ବା ସାଂଗଠନିକ କ୍ରେତା (ଔଦ୍ୟୋଗିକ, ବାଣିଜ୍ୟିକ, ଆନୁଷ୍ଠାନିକ, ସରକାରୀ ଇତ୍ୟାଦି) ମାନଙ୍କୁ ପ୍ରଦାନ କରାଯାଉଥିବା ସେବା ସମୂହକୁ ବୁଝାଇଥାଏ । ସେବା ବିଶେଷ ଭାବେ ସ୍ପର୍ଶବିହୀନ କାର୍ଯ୍ୟକଳାପକୁ ବୁଝାଇଥାଏ ଯାହା ଅଭାବ ବା ଆବଶ୍ୟକତାକୁ ସନ୍ତୁଷ୍ଟି ପ୍ରଦାନ କରିଥାଏ । ଡ଼ାକ୍ତରୀ ଚିକିତ୍ସା, ଡ଼ାକ, ବ୍ୟାଙ୍କ କାରବାର ଓ ବୀମା ସେବା ଇତ୍ୟାଦି ଏହି ବର୍ଗର ଅନ୍ତର୍ଭୁକ୍ତ ।



ପାଠଗତ ପ୍ରଶ୍ନାବଳୀ ୨୦ ଖ

୧. ନିମ୍ନ ଉତ୍ପାଦ ଗୁଡ଼ିକୁ ଖାଉଟି ଦ୍ରବ୍ୟ ଓ ଔଦ୍ୟୋଗିକ ଦ୍ରବ୍ୟ ବର୍ଗରେ ଶ୍ରେଣୀଭୁକ୍ତ କର ଏବଂ ଯଦି ସେଗୁଡ଼ିକ ଖାଉଟିଦ୍ରବ୍ୟ ତେବେ ସେଗୁଡ଼ିକୁ ପୁଣି ସୁବିଧାଜନକ ଦ୍ରବ୍ୟ, କ୍ରୟଯୋଗ୍ୟ ଦ୍ରବ୍ୟ ଓ ବିଶିଷ୍ଟ ଦ୍ରବ୍ୟ ଶ୍ରେଣୀଭୁକ୍ତ କର:

(କ) କାର୍ଯ୍ୟାଳୟ ପାଇଁ ଲେଖନ ସାମଗ୍ରୀ(ଷ୍ଟେସନେରୀ)

(ଖ) ଘରେ ବ୍ୟବହାର ପାଇଁ ଲୁଗାଧୁଆ ମେସିନ୍

(ଗ) ପାରିବାରିକ ବ୍ୟବହାର ପାଇଁ ଏକ ମୋଟରକାର୍

(ଘ) ସାବୁନ୍ ଉତ୍ପାଦନ ପାଇଁ ତେଲ

(ଙ) ତୁମ ନିଜ ପାଇଁ ହଳେ ଜୋତା

(ଚ) ଓ୍ୱାର୍କସପ୍‌ରେ ଭାରୋତ୍ତଳନ ପାଇଁ ଏକ ବୈଦ୍ୟୁତିକ ଭାରୋତ୍ତଳନ ଯନ୍ତ୍ର(ଲିଫ୍ଟ)

(ଛ) ତୁମର ପ୍ରାତଃ ଭୋଜନ ପାଇଁ ଏକ ପ୍ୟାକେଟ୍ ବିସ୍କୁଟ

୨. ତୁମେ ତୁମର ଚତୁଃପାର୍ଶ୍ୱରେ ଦେଖୁଥିବା ଉତ୍ପାଦ ଗୁଡ଼ିକ ମଧ୍ୟରୁ ଦୁଇ ଦୁଇଟି ଉଦାହରଣ ନିମ୍ନ ବର୍ଗର ଦ୍ରବ୍ୟପାଇଁ ଦିଅ:

(କ) ସ୍ପର୍ଶବିହୀନ ଦ୍ରବ୍ୟ

(ଖ) ସ୍ଥାୟୀ ଦ୍ରବ୍ୟ

(ଗ) ଅସ୍ଥାୟୀ ଦ୍ରବ୍ୟ

୩. (କ) ନିମ୍ନ ଶବ୍ଦଗୁଡ଼ିକ ସ୍ପର୍ଶସାଧ ଓ ସ୍ପର୍ଶବିହୀନ ଉତ୍ପାଦ ଗୁଡ଼ିକୁ ସୂଚାଉଅଛି । ତୁମେ ଏହି ଉତ୍ପାଦ ଗୁଡ଼ିକୁ ସେଗୁଡ଼ିକର ଠିକ୍ ଶ୍ରେଣୀରେ ଠିକ୍ ବାକ୍ସ ମଧ୍ୟରେ ଲେଖିବା ଆବଶ୍ୟକ ।

(i) କ୍ରିକେଟ ବ୍ୟାଟ୍

(ii) ବଲ୍

(iii) ବସ୍ ଆରୋହଣ

(iv) 'ପ୍ରଦୂଷଣ ନିୟନ୍ତ୍ରଣ'

(v) କଲମ

(vi) ଏକ ଡାକ୍ତରଙ୍କ ଠାରୁ ଡାକ୍ତରୀ ପରାମର୍ଶପ୍ରାପ୍ତ ହେବା

ସ୍ପର୍ଶସାଧ ସ୍ପର୍ଶବିହୀନ

(ଖ) ନିମ୍ନରେ ସ୍ଥାୟୀ ଓ ଅସ୍ଥାୟୀ ଖାଉଟି ଦ୍ରବ୍ୟର ଏକ ତାଲିକା ଦିଆଯାଇଅଛି । ତୁମେ ସେଗୁଡ଼ିକୁ ଠିକ୍ ବାକ୍ସ ମଧ୍ୟରେ ଲେଖିବା ଆବଶ୍ୟକ ।

(i) ରେଫ୍ରିଜରେଟର୍

(ii) ଲୁଣ

(iii) ସାବୁନ୍

(iv) ଲୁଗାଧୁଆ ମେସିନ୍

(v) ଟେଲିଭିଜନ

(vi) ରନ୍ଧାତେଲ

(vii) ଚଟଣି(ସସ୍)

(viii) ନୋଟ୍‌ବୁକ୍(ଖାତା)

ସ୍ଥାୟୀ ଅସ୍ଥାୟୀ

୨୦.୩ ଦର ନିର୍ଦ୍ଧାରଣ ଓ ଦର ନିର୍ଦ୍ଧାରଣ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କାରକ ସମୂହ

ପୂର୍ବେ ଉଲ୍ଲେଖ କରାଯାଇଥିବା ପରି, ଦର ହେଉଛି ଉପଭୋକ୍ତାଙ୍କ ଦ୍ୱାରା ଦ୍ରବ୍ୟ / ସେବାର ବ୍ୟବହାରପୂର୍ବକ ସେ ପ୍ରାପ୍ତ କରୁଥିବା ଲାଭ / ଉପକାର ସମୂହର ସମାହାର ପ୍ରତିବଦଳରେ ପୈଠ କରାଯାଉଥିବା ରାଶି । ସରଳ ଶବ୍ଦରେ କହିଲେ, ଏହା ହେଉଛି ଦ୍ରବ୍ୟ ଓ ସେବାର ମୁଦ୍ରା ରୂପରେ ପ୍ରକାଶିତ ବିନିମୟ ମୂଲ୍ୟ । ଦର ନିର୍ଦ୍ଧାରଣ (ଲାଗୁ ହେବାକୁ ଥିବା ଦର ବା ମୂଲ୍ୟ ନିର୍ଦ୍ଧାରଣ) ବିପଣନ ମିଶ୍ରର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ଏବଂ ବଜାରରେ ଏକ ଉତ୍ପାଦର ସଫଳତା ପ୍ରାପ୍ତିରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଯଦି ନିର୍ଦ୍ଧାରିତ ଦର ଉଚ୍ଚ (ଅଧିକ) ହୋଇଥାଏ, ତେବେ ବିକ୍ରୟ ପରିମାଣ ଉପରେ ଏହାର ଏକ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଥାଏ । ଅନ୍ୟପକ୍ଷରେ, ଯଦି ଦର ବହୁତ କମ୍ ହୁଏ, ତେବେ ଲାଭପ୍ରଦତ୍ତା ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇବ । ଅତଃ, ବିଭିନ୍ନ ପ୍ରସଙ୍ଗକୁ ବିଚାରକୁ ନେଇ ଏହା ନିର୍ଦ୍ଧାରିତ କରିବାକୁ ହେବ । ଏକ ଉତ୍ପାଦର ଦର ନିର୍ଦ୍ଧାରଣ କଲାବେଳେ ଯେଉଁ କାରକ ଗୁଡ଼ିକୁ ସାଧାରଣତଃ ହିସାବକୁ ନିଆଯାଇଥାଏ, ସେଗୁଡ଼ିକ ସ୍ଥୂଳତଃ ନିମ୍ନ ମତେ ବର୍ଣ୍ଣନା କରାଯାଇପାରେ:

(କ) **ପରିବ୍ୟୟ:** କୌଣସି ବ୍ୟବସାୟ ତିଷ୍ଠି ରହି ପାରିବ ନାହିଁ ଯଦି ଏହା ନିଜର ଉତ୍ପାଦନ ଓ ବଣ୍ଟନ ପରିବ୍ୟୟ ଆଦାୟ ନ କରିଛି । ବହୁସଂଖ୍ୟକ ଉତ୍ପାଦ କ୍ଷେତ୍ରରେ ସମ୍ପୃକ୍ତ ଦ୍ରବ୍ୟର ପରିବ୍ୟୟ ସହିତ ଏକ ଉପଯୁକ୍ତ ଲାଭ ପରିମାଣ ଯୋଗକରି ଏହାର ଖୁଚୁରା ବଜାର ଦର ନିର୍ଦ୍ଧାରଣ କରାଯାଇଥାଏ । ପରିବ୍ୟୟ ଅଧିକ ହୋଇଥିଲେ ଦର ଅଧିକ ଓ ପରିବ୍ୟୟ କମ୍ ହୋଇଥିଲେ ଦର କମ୍ ହେବାର ସମ୍ଭାବନା ଥାଏ ।

(ଖ)**ଚାହିଦା:** ଉତ୍ପାଦର ଚାହିଦା ମଧ୍ୟ ଏହାର ଦରକୁ ବହୁଳ ଭାବେ ପ୍ରଭାବିତ କରିଥାଏ । ଯେତେବେଳେ ଏକ ଉତ୍ପାଦର ଯୋଗାଣ ସୀମିତଥାଏ ଓ ଏହାର ଚାହିଦା ଅଧିକଥାଏ, ସେତେବେଳେ ଉତ୍ପାଦକଙ୍କଦ୍ୱାରା ଉତ୍ପାଦ ପାଇଁ ଅଧିକ ଦର ଦାବୀ କରାଯିବା ସତ୍ତ୍ୱେ ମଧ୍ୟ ଲୋକମାନେ କିଣିଥା'ନ୍ତି । କିନ୍ତୁ ଏହି ଦର କେତେ ଅଧିକ ହେବ ତାହା ସମ୍ଭାବ୍ୟ କ୍ରେତାମାନଙ୍କର ପୈଠ କରିବାର କ୍ଷମତା ଓ ଇଚ୍ଛା ତଥା ଉତ୍ପାଦ ପାଇଁ ସେମାନଙ୍କର ପ୍ରାଥମିକତା ଉପରେ ନିର୍ଭର କରେ । ଏହି ପରିପ୍ରେକ୍ଷୀରେ, ଦର ର ସ୍ଥିତିସ୍ଥାପକତା, ଅର୍ଥାତ୍ ଦର ର ପରିବର୍ତ୍ତନରେ ଚାହିଦାର ପ୍ରତିକ୍ରିୟାଶୀଳତାକୁ ମଧ୍ୟ ଧ୍ୟାନରେ ରଖାଯିବା ଉଚିତ ।

(ଗ) **ପ୍ରତିଦ୍ୱନ୍ଦ୍ୱିତା:** ସାଦୃଶ୍ୟ (ଏକା ପ୍ରକାର) ଉତ୍ପାଦ ପାଇଁ ପ୍ରତିଦ୍ୱନ୍ଦ୍ୱୀ ଲାଗୁକରିଥିବା ଦର ଦରର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଅଟେ । ଏକ ବିପଣନକର୍ତ୍ତା ଗ୍ରାହକଙ୍କୁ ହରାଇବା ଭୟରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଅପେକ୍ଷା ଅଧିକ ଦର ରଖିବାକୁ ଚାହିଁବେ ନାହିଁ । ଆହୁରି ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ କମ୍ ଦର ରଖିବାକୁ ପରିହାର କରିବେ । କାରଣ ଏହାର ପରିଣାମ ସ୍ୱରୂପ ତାଙ୍କୁ 'ଦର ପ୍ରତିସ୍ପର୍ଦ୍ଧା'(Price War)ରୂପରେ ପୈଠ କରିବାକୁ ହେବ ଯେପରି ଆମେ ନିକଟରେ ମୃଦୁପାନୀୟ, ଲୁଗାଧୁଆ ପାଉଡ଼ର, ମୋବାଇଲ୍ ଫୋନ୍ ଇତ୍ୟାଦି କ୍ଷେତ୍ରରେ ଲକ୍ଷ୍ୟ କରୁଅଛେ ।

(ଘ) **ବିପଣନ ଉଦ୍ଦେଶ୍ୟ:** ଏକ ପ୍ରତିଷ୍ଠାନ ବା ଫାର୍ମର ବିଭିନ୍ନ ବିପଣନ ଉଦ୍ଦେଶ୍ୟ ଥାଇପାରେ, ଯଥା ଅଧିକତମ ଲାଭୋପାର୍ଜନ କରିବା, ଅଧିକତମ ବିକ୍ରୟ କରିବା, ବଜାରର ଏକ ବଡ଼ଭାଗ ଅଧିକାର କରିବା, ବଜାରରେ ତିଷ୍ଠି ରହିବା ଇତ୍ୟାଦି । ତଦନୁଯାୟୀ ଉତ୍ପାଦର ଦର ନିର୍ଦ୍ଧାରଣ କରିବାକୁ ହେବ । ଉଦାହରଣ ସ୍ୱରୂପ, ଯଦି ବିକ୍ରୟକୁ ଅଧିକତମ କରିବା ବା ବଜାରର ଏକ ବଡ଼

ଭାଗ ଅଧିକାର କରିବା ଲକ୍ଷ୍ୟ ଥାଏ, ତେବେ ଉତ୍ପାଦର ଦର କମ୍ ସ୍ଥିର କରାଯିବ। ନିକଟରେ ବଜାରର ଏକ ବଡ଼ଭାଗ କବ୍ଜା କରିବା ପାଇଁ ଲୁଗାଧୁଆ ପାଉଡ଼ରର ଏକ ବ୍ରାଣ୍ଡ୍‌ର ଦର ଅଧାକୁ କମ୍ କରି ଦିଆଗଲା।

(ଙ) **ସରକାରୀ ନିୟନ୍ତ୍ରଣ (Government Regulation) :** ସରକାର ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ **(Essential Commodities Act)**ଅଧୀନରେ କେତେକ ଅତ୍ୟାବଶ୍ୟକ ଉତ୍ପାଦର ଦର ନିୟନ୍ତ୍ରଣ କରିଥା'ନ୍ତି। ଉଦାହରଣ ସ୍ୱରୂପ, ଅର୍ଥନୀତିର ଉଦାରୀକରଣ ପୂର୍ବରୁ ସିମେଣ୍ଟ ଓ ଇସ୍ପାତର ଦର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା। ଅତଃ ଏହା ଜରୁରୀ ହୋଇଥାଏ କି ଉତ୍ପାଦକଙ୍କ ଦ୍ୱାରା ଉତ୍ପାଦର ଦର ସ୍ଥିର କଲାବେଳେ ସେ ଯଦି କିଛି ବୈଧାନିକ ସୀମା ଥାଏ ତେବେ ତାକୁ ମଧ୍ୟ ଦୃଷ୍ଟିରେ ରଖିବେ।

୨୦.୪ ଦର ନିର୍ଦ୍ଧାରଣର ପଦ୍ଧତି ସମୂହ

ଦର ନିର୍ଦ୍ଧାରଣର ପଦ୍ଧତି ଗୁଡ଼ିକ ସ୍ଥୁଳତଃ ନିମ୍ନ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇପାରିବ:

୧. ପରିବ୍ୟୟ ଆଧାରିତ ଦର ନିର୍ଦ୍ଧାରଣ**(Cost based pricing)**

୨. ପ୍ରତିଦ୍ୱନ୍ଦ୍ୱିତା ଆଧାରିତ ଦର ନିର୍ଦ୍ଧାରଣ(**Competition based pricing)**

୩. ଚାହିଦା ଆଧାରିତ ଦର ନିର୍ଦ୍ଧାରଣ(**Demand based pricing)**

୪. ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ (**Objective based pricing)**

୧. ପରିବ୍ୟୟ ଆଧାରିତ ଦର ନିର୍ଦ୍ଧାରଣ

ଏହି ପଦ୍ଧତିରେ, ଉତ୍ପାଦର ଦର ନିର୍ଦ୍ଧାରଣ ତା'ର ପରିବ୍ୟୟ ସହିତ ଅଭିଳଷିତ ଲାଭର ପରିମାଣ ଯୋଗକରି କରାଯାଏ। ଯଦି ଏକ ନିର୍ଦ୍ଦିଷ୍ଟ ସାବୁନ୍‌ର ପରିବ୍ୟୟ ବିପଣନକର୍ତ୍ତାଙ୍କ ପାଇଁ **₹8** ହୋଇଥାଏ ଏବଂ ସେ **25%** ଲାଭ କରିବାକୁ ଚାହାଁନ୍ତି, ତେବେ ସାବୁନ୍ ର ଦର ସ୍ଥିର ହେବ = **₹8+(8**×25/100)=₹10 । ଏହି ପଦ୍ଧତିରେ ଦର ହିସାବ କଲାବେଳେ ଉତ୍ପାଦର ଉତ୍ପାଦନରେ ସଂଘଟିତ ସମସ୍ତ ପରିବ୍ୟୟ (ପରିବର୍ତ୍ତନଶୀଳ / ଚଳ ଓ ସ୍ଥିର) କୁ ବିଚାରକୁ ନିଆଯାଇଥାଏ।

୨. ପ୍ରତିଦ୍ୱନ୍ଦ୍ୱିତା ଆଧାରିତ ଦର ନିର୍ଦ୍ଧାରଣ

ଯେଉଁସବୁ ଉତ୍ପାଦର ବଜାର ଅଧିକ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଏବଂ ଯାହାର ଗୁଣବତ୍ତା ଓ ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡ୍ ର ଉତ୍ପାଦର ଗୁଣବତ୍ତା ମଧ୍ୟରେ ପାର୍ଥକ୍ୟ ତୁଚ୍ଛ(କମ୍), ସେ କ୍ଷେତ୍ରରେ ସାଧାରଣତଃ ଉତ୍ପାଦର ଦର ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡ୍ ର ଦର ର ପାଖାପାଖି ସ୍ଥିର କରାଯାଏ। ଏହାକୁ **'ଅପରିପକ୍ୱ** ମୂଲ୍ୟ ନିର୍ଦ୍ଧାରଣ ହାର' (young rate pricing) କୁହାଯାଏ ଏବଂ ଏହା ଏକ ଅତିସୁବିଧା-ଜନକ ପଦ୍ଧତି ଅଟେ କାରଣ ବିପଣନକର୍ତ୍ତାମାନେ ଚାହିଦା ଓ ପରିବ୍ୟୟ ସମ୍ବନ୍ଧରେ ଅଧିକ ବିବ୍ରତ ନ ହୋଇ କେବଳ ଅଗ୍ରଣୀ ଉଦ୍ୟୋଗ ଦ୍ୱାରା ନିର୍ଦ୍ଧାରିତ ଦର ର ଅନୁସରଣ କରିଥାନ୍ତି।

୩. ଚାହିଦା ଆଧାରିତ ଦର ନିର୍ଦ୍ଧାରଣ

କେବେ କେବେ ଉତ୍ପାଦର ଚାହିଦା ଅନୁସାରେ ଦର ନିର୍ଦ୍ଧାରିତ ହୋଇଥାଏ। ଏହି ପଦ୍ଧତିରେ, ପରିବ୍ୟୟ ଓ ପ୍ରତିଦ୍ୱନ୍ଦ୍ୱୀ ମାନଙ୍କର ଦରକୁ ବିଶେଷ ଧ୍ୟାନ ନଦେଇ ବିପଣନକର୍ତ୍ତାମାନେ ନିଜର

ଉତ୍ପାଦର ଚାହିଦା ନିର୍ଦ୍ଧାରଣ କରନ୍ତି । ଯଦି ଚାହିଦା ଅଧିକ ଥାଏ ସେମାନେ ଏହାର ଫାଇଦା ନେଇ ଉଚ୍ଚ ଦର ସ୍ଥିର କରନ୍ତି । ଯଦି ଚାହିଦା କମ୍ ଥାଏ, ସେମାନେ ସେମାନଙ୍କ ଉତ୍ପାଦ ପାଇଁ କମ୍ ଦର ସ୍ଥିର କରିଥାନ୍ତି । ବେଳେବେଳେ ସେମାନେ ବିଭେଦାତ୍ମକ ଦର ସ୍ଥିର କରିଥାନ୍ତି ଏବଂ ଗ୍ରାହକମାନଙ୍କର ଦର ପୈଠ କରିବାର କ୍ଷମତା, ସେମାନଙ୍କର ଅନୁଭବ ଇତ୍ୟାଦିର ଆଧାରରେ ଭିନ୍ନ ଭିନ୍ନ ବର୍ଗର ଗ୍ରାହକଙ୍କଠାରୁ ଭିନ୍ନ ଭିନ୍ନ ଦର ଆଦାୟ କରିଥାନ୍ତି । ଉଦାହରଣ ସ୍ୱରୂପ ସିନେମା ହଲକୁ ନିଆଯାଉ ଯେଉଁଠି ହଲ୍ (ପ୍ରକୋଷ୍ଠ) ମଧ୍ୟରେ ଭିନ୍ନ ଭିନ୍ନ ଧାଡ଼ିର ସମାହାର ପାଇଁ ଟିକଟ୍ ର ଦର ଭିନ୍ନ ଭିନ୍ନ ହୋଇଥାଏ ।

୪. ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ

ଏହି ପଦ୍ଧତି ନୂତନ (ନବୋନ୍ମେଷିତ) ଉତ୍ପାଦଗୁଡ଼ିକର ପ୍ରଚଳନ (ବଜାର ପ୍ରବେଶ) ପାଇଁ ପ୍ରଯୁଜ୍ୟ ହୋଇଥାଏ । ଯଦି କୌଣସି ଉତ୍ପାଦର ପ୍ରାରମ୍ଭିକ ସୋପାନରେ ସଂଗଠନ ବଜାରରେ ଧସେଇ ପଶିବାକୁ ଚାହେଁ, ଅର୍ଥାତ୍ ବଜାରର ଏକ ବଡ଼ ଭାଗ ଅକ୍ତିଆର କରିବା ତଥା ନିଜର ଭାବୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବଜାରରେ ପଶିବାକୁ ହତୋତ୍ସାହିତ କରିବାକୁ ଚାହେଁ, ତେବେ ଏହା ଉତ୍ପାଦର ଦର କମ୍ ରଖିଥାଏ । ବିକଳ୍ପ ସ୍ୱରୂପ, ସଂଗଠନ ବଜାରରୁ ଧନୀକ ଗୋଷ୍ଠୀଙ୍କୁ ତୋଳି ନେବାର ନିଷ୍ପତ୍ତି ନେଇପାରେ, ଅର୍ଥାତ୍ ସଂଗଠନ ନିଜର ଉତ୍ପାଦ କେବଳ ବଛା ବଛା ସେହି ଗ୍ରାହକମାନଙ୍କୁ ବିକିବାର ଫାଇଦାକୁ ହାତେଇ ଅଧିକ ଲାଭୋପାର୍ଜନ କରିବାର ନିଷ୍ପତ୍ତି ନେଇପାରେ ଯେଉଁମାନେ ସମାଜରେ ସେମାନଙ୍କର ସ୍ଥିତି (ସ୍ତର) ବା ସ୍ୱାତନ୍ତ୍ର୍ୟକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଏବଂ ଉତ୍ପାଦ ପାଇଁ ଦାବୀ ମୁତାବକ ଅଧିକ ଦର ଦେବାକୁ ଇଚ୍ଛୁକ ଥା'ନ୍ତି । ଏପରି ଏକ ସ୍ଥିତିରେ, ବିପଣନକର୍ତ୍ତାମାନେ ସେମାନଙ୍କ ଉତ୍ପାଦର ପ୍ରାରମ୍ଭିକ ସୋପାନରେ ପୂରା ଉଚ୍ଚ ଦର ସ୍ଥିର କରିଥାନ୍ତି ଏବଂ କେବଳ ସେହି ଗ୍ରାହକମାନଙ୍କୁ ବିକିଥା'ନ୍ତି ଯେଉଁମାନେ ଏହି ଦର ଦେଇପାରିବେ ।

ପାଠଗତ ପ୍ରଶ୍ନାବଳୀ ୨୦ ଗ

୧. ଏକ ପ୍ରତିଷ୍ଠାନ ବା ଫାର୍ମର ଦର ନିର୍ଦ୍ଧାରଣ (ମୂଲ୍ୟାୟନ) ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକ ଗୁଡ଼ିକର ତାଲିକା ପ୍ରସ୍ତୁତ କର ।

(କ) ______________________

(ଖ) ______________________

(ଗ) ______________________

(ଘ) ______________________

(ଙ) ______________________

୨. ଏଠାରେ ଦର ନିର୍ଦ୍ଧାରଣର କେଉଁ ପଦ୍ଧତିକୁ ଇଙ୍ଗିତ କରାଯାଇଛି ?

(କ) ହରି ଜାମା ପୋଷାକ ତିଆରି କରେ ଏବଂ ତା'କୁ ବିକ୍ରୀ କରିବା ପାଇଁ ପରିବ୍ୟୟଠାରୁ ୧୦% ଅଧିକ ଦର ସ୍ଥିର କରେ । [ ]

(ଖ) ମନ୍ମତ ଏକ ନୂଆ ବ୍ରାଣ୍ଡ୍‌ର ବିସ୍କୁଟକୁ ଶସ୍ତା ପ୍ରାରମ୍ଭିକ ମୂଲ୍ୟରେ ବଜାରରେ ଛାଡ଼ିଛି । [ ]

(ଗ) ଶୀତଲ ତା'ର କାଚ ନିର୍ମିତ ଦ୍ରବ୍ୟର ଦର ପାଖାପାଖି ଦୋକାନ ଗୁଡ଼ିକରେ ଉପଲବ୍ଧ ସମାନ ଉତ୍ପାଦ ପାଇଁ ପ୍ରଚଳିତ ଦରକୁ ଧ୍ୟାନରେ ରଖି ସ୍ଥିର କରିଅଛି । ☐

(ଘ) ଏକ ଫଳ ବିକ୍ରେତା ରାହୁଲ ଗ୍ରୀଷ୍ମ ଋତୁରେ ଆମ୍ବର ଚାହିଦା ବୃଦ୍ଧି ପାଇବା ଦେଖି ତାଙ୍କ ଆମ୍ବର ଦର ବୃଦ୍ଧି କରନ୍ତି । ☐

(ଙ) ପିଙ୍କି ବଛା ବଛା ଗ୍ରାହକଙ୍କ ସଂଗୋଷ୍ଠୀ ନିମନ୍ତେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରିଥିବା ରୁମାଲ୍ ପାଇଁ ଉଚ୍ଚ ଦର ଦାବୀ କରିଥାନ୍ତି । ☐

(ଚ) ଜାହ୍ନବୀ ସନ୍ଧ୍ୟାବେଳେ ତାଙ୍କ ଦୋକାନରେ ପନିପରିବାର ଦର କମାଇଦିଅନ୍ତି ଯେପରିକି ସକାଳବେଳା ସେଗୁଡ଼ିକ ଯେତେ ତଟକା ଥିଲା ଏବେ ସେତିକି ତଟକା ନଥିଲେ ମଧ୍ୟ ଗ୍ରାହକମାନେ କିଣି ନେବେ । ☐

୨୦.୫ ବଣ୍ଟନ ପ୍ରଣାଳୀ (Channels of Distribution)

ତୁମେ ସଚେତନ ଥିବ ଯେ କୌଣସି ଉତ୍ପାଦର ଉତ୍ପାଦନକାରୀ ଗୋଟିଏ ସ୍ଥାନରେ ଥିବାବେଳେ ସେହି ଉତ୍ପାଦର ଖାଉଟି ବା ଉପଭୋକ୍ତାମାନେ ଦେଶସାରା ବା ପୃଥିବୀସାରା ବିଚ୍ଛୁରିତ ହୋଇ ଅସଂଖ୍ୟ ସ୍ଥାନରେ ରହିଥାନ୍ତି । ଉତ୍ପାଦନକାରୀଙ୍କୁ ଏହା ସୁନିଶ୍ଚିତ କରିବାକୁ ପଡ଼ିଥାଏ କି ତାଙ୍କର ଦ୍ରବ୍ୟ ଯେପରି ଖାଉଟି / ଉପଭୋକ୍ତାଙ୍କର କ୍ରୟ ନିମନ୍ତେ ସୁବିଧାଜନକ କେନ୍ଦ୍ରମାନଙ୍କରେ ଉପଲବ୍ଧ ହୋଇପାରିବ । ସେ ଏହା ପ୍ରତ୍ୟକ୍ଷ ଭାବେ କରିପାରିବେ କିମ୍ବା, ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି, ବିତରକ, ପାଇକାରୀ ବ୍ୟାପାରୀ ଓ ଖୁଚୁରା ବ୍ୟାପାରୀଙ୍କ ପରି ମଧ୍ୟସ୍ଥଙ୍କର ଏକ ଶୃଙ୍ଖଳ ଜରିଆରେ କରିପାରିବେ । ଏହି ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା ଗୃହୀତ ପଥ ବା ରାସ୍ତାକୁ ବଣ୍ଟନ ପ୍ରଣାଳୀ କୁହାଯାଏ । ଅତଃ, ଏକ ବଣ୍ଟନ ପ୍ରଣାଳୀ କହିଲେ ଉତ୍ପାଦନକାରୀଙ୍କଠାରୁ ଖାଉଟି ଏବଂ ବ୍ୟବହାରକାରୀ / କ୍ରେତା (ଔଦ୍ୟୋଗିକ କ୍ରେତା)ଙ୍କ ନିକଟକୁ ଦ୍ରବ୍ୟର ମାଲିକାନାସ୍ୱତ୍ୱର ସ୍ଥାନାନ୍ତରଣ ତଥା ଭୌତିକ ସ୍ଥାନାନ୍ତରଣ ପାଇଁ ଉତ୍ପାଦନକାରୀଙ୍କ ଦ୍ୱାରା ବ୍ୟବହୃତ ଗତିପଥକୁ ବୁଝାଇଥାଏ ।

ଷ୍ଟାଣ୍ଟନ୍ ମଧ୍ୟ ଏହାର ପରିଭାଷା ଏହିପରି ଦେଇଛନ୍ତି : "ଏକ ବଣ୍ଟନ ପ୍ରଣାଳୀ ସେହିସବୁ ଲୋକ ଓ ପ୍ରତିଷ୍ଠାନ ବା ଫାର୍ମମାନଙ୍କର ସେଟ୍‌କୁ ନେଇ ଗଠିତ ଯେଉଁମାନେ ଉତ୍ପାଦକଙ୍କଠାରୁ ସର୍ବଶେଷ ଖାଉଟି ବା ବ୍ୟବସାୟିକ ଉପଯୋଗକାରୀଙ୍କ ନିକଟକୁ ଉତ୍ପାଦ ଗତିଶୀଳ ହେବା ସଙ୍ଗେ ସଙ୍ଗେ ଉତ୍ପାଦର ମାଲିକାନାସ୍ୱତ୍ୱର ସ୍ଥାନାନ୍ତରଣରେ ସମ୍ପୃକ୍ତ ଥା'ନ୍ତି ।" ମୂଳତଃ ଏହା ସେହି ମୁଖ୍ୟ ସଂଯୋଗ /ଯୋଗସୂତ୍ରକୁ ଇଙ୍ଗିତ କରିଥାଏ ଯାହା ନିର୍ମାତା, ଉତ୍ପାଦନକାରୀ ଓ ସର୍ବଶେଷ ଖାଉଟି / ବ୍ୟବହାରକାରୀଙ୍କୁ ଜଣକୁ ଅନ୍ୟ ଜଣକ ସହିତ ସଂଯୁକ୍ତ କରିଥାଏ । ଏଥିରେ ଉଭୟ ଉତ୍ପାଦକ ଓ ଅନ୍ତିମ ବ୍ୟବହାରକାରୀଙ୍କ ସହିତ ଦ୍ରବ୍ୟର ମାଲିକାନାସ୍ୱତ୍ୱ ହସ୍ତାନ୍ତରଣ ପ୍ରକ୍ରିୟାରେ ନିଯୁକ୍ତ ଥିବା ମଧ୍ୟସ୍ଥ /ଏଜେଣ୍ଟ୍ ମାନେ ମଧ୍ୟ ଅନ୍ତର୍ଭୁକ୍ତ ଥା'ନ୍ତି ।

ଏକ ବଣ୍ଟନ ପ୍ରଣାଳୀ ମୁଖ୍ୟତଃ ନିମ୍ନ କାର୍ଯ୍ୟ ଗୁଡ଼ିକ ସମ୍ପାଦନ କରିଥାଏ :

(କ) ଏହା ଗ୍ରାହକମାନଙ୍କ ସହିତ ନିୟମିତ ଯୋଗସୂତ୍ର ସ୍ଥାପନରେ ସାହାଯ୍ୟ କରିଥାଏ ଏବଂ ସେମାନଙ୍କୁ ଦ୍ରବ୍ୟ ସମ୍ବନ୍ଧୀୟ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥାଏ ।

(ଖ) ଏହା ଗ୍ରାହକମାନଙ୍କୁ ସୁବିଧାଜନକ କେନ୍ଦ୍ରମାନଙ୍କରେ ଦ୍ରବ୍ୟର ପରୀକ୍ଷଣ ପାଇଁ ସୁବିଧା ପ୍ରଦାନ କରିଥାଏ ଯେପରିକି ସେମାନେ ଦ୍ରବ୍ୟ ଚୟନ କରିପାରିବେ ।

(ଗ) ଏହା ଦ୍ରବ୍ୟର ମାଲିକାନାସ୍ୱତ୍ୱର ସ୍ଥାନାନ୍ତରଣ ତଥା ବିତରଣକୁ ସୁବିଧା ପ୍ରଦାନ କରିଥାଏ ।

(ଘ) ଏହା ଋଣ (କରଜ) ସୁବିଧା ପ୍ରଦାନ କରି ବିତ୍ତାୟନରେ ସହାୟତା କରିଥାଏ ।

(ଙ) ଏହା ଆବଶ୍ୟକ ସ୍ଥଳେ ବିକ୍ରୀ ପର ସେବାର ବ୍ୟବସ୍ଥାକୁ ସହାୟତା ଦେଇଥାଏ ।

(ଚ) ଏହା ବଣ୍ଟନ କାର୍ଯ୍ୟ ସହ ଜଡ଼ିତ ସମସ୍ତ ଆଶଙ୍କାର ଭାର ବହନ କରିଥାଏ ।

ବଣ୍ଟନ ପ୍ରଣାଳୀର ପ୍ରକାର

ସାଧାରଣତଃ ଆମେ ସିଧାସଳଖ ଉତ୍ପାଦକଙ୍କଠାରୁ ଦ୍ରବ୍ୟ କିଣି ନଥାଉ । ଉତ୍ପାଦକ /ନିର୍ମାତାମାନେ ସାଧାରଣତଃ ସେମାନଙ୍କର ଦ୍ରବ୍ୟ ଖାଉଟିଙ୍କୁ ଯୋଗାଇଦେବା ପାଇଁ ଏକ ବା ଏକାଧିକ ମଧ୍ୟସ୍ଥଙ୍କର ସେବା ବ୍ୟବହାର କରିଥାନ୍ତି । କିନ୍ତୁ ବେଳେ ବେଳେ ସେମାନେ କୌଣସି ମଧ୍ୟସ୍ଥ ବିନା ଗ୍ରାହକମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ କରିଥାନ୍ତି । ଏକଥା ଔଦ୍ୟୋଗିକ ଦ୍ରବ୍ୟ କ୍ଷେତ୍ରରେ ଅଧିକ ସତ୍ୟ ହୋଇଥାଏ ଯେଉଁଠାରେ ଗ୍ରାହକମାନେ ଅଧିକ ଜ୍ଞାନସମ୍ପନ୍ନ ଥା'ନ୍ତି ଏବଂ ସେମାନଙ୍କର ବ୍ୟକ୍ତିଗତ କ୍ରୟର ପରିମାଣ ବହୁତ ଅଧିକ ହୋଇଥାଏ । ଖାଉଟି ଦ୍ରବ୍ୟର ଆବଣ୍ଟନ ପାଇଁ ବ୍ୟବହୃତ ବିଭିନ୍ନ ପ୍ରଣାଳୀ ନିମ୍ନ ମତେ ବର୍ଣ୍ଣନା କରାଯାଇପାରେ :

(କ) ଶୂନ୍ୟ ସ୍ତରୀୟ ବଣ୍ଟନ ପ୍ରଣାଳୀ



ଯେଉଁଠାରେ ଉତ୍ପାଦକଙ୍କ ଦ୍ୱାରା ଖାଉଟିଙ୍କୁ ପ୍ରତ୍ୟକ୍ଷ ଭାବେ ଦ୍ରବ୍ୟର ବିକ୍ରୀ କରାଯାଇଥାଏ, ସେଠାରେ ଶୂନ୍ୟ ସ୍ତରୀୟ ବଣ୍ଟନ ପ୍ରଣାଳୀ ବା ପ୍ରତ୍ୟକ୍ଷ ପ୍ରଣାଳୀ ବିଦ୍ୟମାନ ଥାଏ । ଖାଉଟିଙ୍କ ସହିତ ଏହି ପ୍ରତ୍ୟକ୍ଷ ଯୋଗାଯୋଗ (ସଂସ୍ପର୍ଶ) ଘର-ଘର ବୁଲା ବିକାଳିମାନଙ୍କ (door-to-door salesmen) ଜରିଆରେ, କିମ୍ବା ନିଜ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ, କିମ୍ବା ଏପରିକି ପ୍ରତ୍ୟକ୍ଷ ଡାକ ସେବା ମାଧ୍ୟମରେ ସ୍ଥାପନ କରିହେବ । ଆହୁରି ମଧ୍ୟ ନାଶଶୀଳ ଉତ୍ପାଦ ଏବଂ କେତେକ ନିର୍ଦ୍ଦିଷ୍ଟ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଗୃହସ୍ଥୀ ଉତ୍ପାଦ ଗୁଡ଼ିକ କ୍ଷେତ୍ରରେ ଘର-ଘର ବୁଲା ବିକ୍ରୀ ଏକ ସହଜ (ଉତ୍ତମ) ପଦ୍ଧତି ଅଟେ କାରଣ ଏହା ଦ୍ୱାରା ଖାଉଟିଙ୍କୁ କ୍ରୟ କରିବା ନିମନ୍ତେ ପ୍ରଭାବିତ କରାଯାଇପାରିବ ।

ଉଦାହରଣ ସ୍ୱରୂପ, ୟୁରେକା ଫୋର୍ବସ ତା'ର ଜଳ ବିଶୋଧକ ଯନ୍ତ୍ର ନିଜର ବିକ୍ରୟ କର୍ମଚାରୀଙ୍କ ଜରିଆରେ ପ୍ରତ୍ୟକ୍ଷ ବିକ୍ରୀ କରିଥାଏ।

(ଖ) ଏକସ୍ତରୀୟ ବଣ୍ଟନ ପ୍ରଣାଳୀ



ଏ କ୍ଷେତ୍ରରେ ଜଣେ ମଧ୍ୟସ୍ଥ, ଅର୍ଥାତ୍ ଖୁଚୁରା ବିକ୍ରେତା (ବ୍ୟାପାରୀ) ଥା'ନ୍ତି। ଉତ୍ପାଦନକାରୀମାନେ ସେମାନଙ୍କର ଦ୍ରବ୍ୟ ଖୁଚୁରା ବିକ୍ରେତାଙ୍କୁ ବିକନ୍ତି ଯେ କି ପୁଣି ସେଗୁଡ଼ିକୁ ଖାଉଟିଙ୍କୁ ବିକନ୍ତି। ରେଫ୍ରିଜରେଟର୍, ଶୀତ-ତାପ ନିୟନ୍ତ୍ରକ ଯନ୍ତ୍ର, ଲୁଗାଧୁଆ ମେସିନ୍ ଇତ୍ୟାଦି ପରି ସ୍ଥାୟୀ ଖାଉଟି ଦ୍ରବ୍ୟ ଗୁଡ଼ିକର ନିର୍ମାତାମାନେ ଏହି ପ୍ରକାରର ବଣ୍ଟନ ପ୍ରଣାଳୀକୁ ପସନ୍ଦ କରିଥା'ନ୍ତି, ଯେଉଁଠି ପ୍ରତି ବ୍ୟକ୍ତିଗତ କ୍ରୟରେ ଅଧିକ ଧନରାଶି ସମ୍ପୃକ୍ତ ଥାଏ। ଏହା ବୃହଦାକାର ଖୁଚୁରା ବିକ୍ରେତା ଯଥା ବିଭାଗୀୟ ଭଣ୍ଡାର (ବିଗ୍ ବଜାର, ସ୍ପେନସର୍ସ) ଓ ସୁପର ମାର୍କେଟ ଜରିଆରେ ବଣ୍ଟନ ପାଇଁ ମଧ୍ୟ ବ୍ୟବହୃତ ହୁଏ।

(ଗ) ଦ୍ୱି-ସ୍ତରୀୟ ବଣ୍ଟନ ପ୍ରଣାଳୀ



ଏହା ଖାଉଟି ଦ୍ରବ୍ୟର ବିକ୍ରୟ ନିମନ୍ତେ ଅତି ସାଧାରଣ ଭାବେ (ବହୁଳ ଭାବେ) ବ୍ୟବହୃତ ବଣ୍ଟନ ପ୍ରଣାଳୀ ଅଟେ। ଏ କ୍ଷେତ୍ରରେ, ପାଇକାରୀ ବ୍ୟାପାରୀ ଓ ଖୁଚୁରା ବ୍ୟାପାରୀ ନାମରେ ଦୁଇ ଜଣ ମଧ୍ୟସ୍ଥ ଥା'ନ୍ତି। ଏହା ସେହିସବୁ ଉତ୍ପାଦଗୁଡ଼ିକର ବିତରଣ ପାଇଁ ପ୍ରଯୁଜ୍ୟ ଯାହାର ବଜାର ବହୁତ ବଡ଼ କ୍ଷେତ୍ରରେ ପରିବ୍ୟାପ୍ତ ହୋଇଥାଏ, ଯାହାର ମୂଲ୍ୟ ପ୍ରତ୍ୟେକ ବ୍ୟକ୍ତିଗତ କ୍ରୟ ପାଇଁ ଛୋଟ (କମ୍) ହୋଇଥାଏ ଏବଂ କ୍ରୟର ବାରମ୍ବାରତା ଅଧିକ ହୋଇଥାଏ।

(ଘ) ତ୍ରି-ସ୍ତରୀୟ ବଣ୍ଟନ ପ୍ରଣାଳୀ



ଯେତେବେଳେ ବ୍ୟବହୃତ ପାଇକାରୀ ବ୍ୟାପାରୀମାନଙ୍କ ସଂଖ୍ୟା ବହୁତ ଅଧିକ ହୋଇଥାଏ ଏବଂ ସେମାନେ ଦେଶ ସାରା ବିଚ୍ଛୁରିତ (ପରିବ୍ୟାପ୍ତ) ହୋଇଥା'ନ୍ତି ସେତେବେଳେ ନିର୍ମାତାମାନେ ଅନେକାଂଶରେ ବଣିକ ଏଜେଣ୍ଟ୍ ମାନଙ୍କର ସେବା ବ୍ୟବହାର କରିଥା'ନ୍ତି, ଯେଉଁମାନେ ନିର୍ମାତା (ଉତ୍ପାଦନ) ଓ ପାଇକାରୀ ବ୍ୟାପାରୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥା'ନ୍ତି । ସେମାନଙ୍କୁ ବିତରକ ମଧ୍ୟ କୁହାଯାଏ ।

ପାଠଗତ ପ୍ରଶ୍ନାବଳୀ ୨୦ ଘ

୧. ବଣ୍ଟନ ପ୍ରଣାଳୀ ଦ୍ୱାରା ସମ୍ପାଦିତ ହେଉଥିବା ଯେ କୌଣସି ଚାରୋଟି ଗୁରୁତ୍ୱପୂର୍ଣ୍ଣ (ପ୍ରମୁଖ)କାର୍ଯ୍ୟ ପ୍ରଦାନ କର ।

(କ) ____________________

(ଖ) ____________________

(ଗ) ____________________

(ଘ) ____________________

୨. ନିମ୍ନଲିଖିତ ପ୍ରତ୍ୟେକ କ୍ଷେତ୍ରରେ କେଉଁ ପ୍ରକାର ବଣ୍ଟନ ପ୍ରଣାଳୀ ଉପଯୁକ୍ତ ହେବ ? ଏହାର ନାମ ଲେଖ ଏବଂ ନିମ୍ନପ୍ରଦତ୍ତ ସ୍ଥାନରେ ଉକ୍ତ ପ୍ରଣାଳୀକୁ ଦର୍ଶାଉଥିବା ଏକ ଆଖ୍ୟାୟିତ ଅନୁଚିତ୍ର (labelled diagram) ଅଙ୍କନ କର ।

(କ) ଏକ ନାଶଶୀଳ ଉତ୍ପାଦ ପାଇଁ

(ଖ) ଯେଉଁଠି ବହୁ ସଂଖ୍ୟକ ପାଇକାରୀ ବ୍ୟାପାରୀ ସମ୍ପୃକ୍ତ ଥା'ନ୍ତି ଏବଂ ଦେଶ ସାରା ବିଚ୍ଛୁରିତ ହୋଇ ରହିଥାଆନ୍ତି ।

(ଗ) ଲୁଗାଧୁଆ ମେସିନ୍ ପରି ସ୍ଥାୟୀ ଉତ୍ପାଦଗୁଡ଼ିକ ପାଇଁ

୨୦.୬ ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା କାରକ ସମୂହ

ଏକ ଉପଯୁକ୍ତ ବଣ୍ଟନ ପ୍ରଣାଳୀର ଚୟନ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ମନୋନୀତ ବଣ୍ଟନ ପ୍ରଣାଳୀ ଉପରେ ଦ୍ରବ୍ୟର ଦର ନିର୍ଦ୍ଧାରଣ ବା ମୂଲ୍ୟାୟନ ଓ ପ୍ରବର୍ତ୍ତନ ରଣନୀତି ନିର୍ଭରଶୀଳ। କେବଳ ସେତିକି ନୁହେଁ ଉତ୍ପାଦକଙ୍କଠାରୁ ଖାଉଟିଙ୍କ ନିକଟକୁ ଉତ୍ପାଦ ଯାତ୍ରା (ଗତି) କଲାବେଳେ ଯେଉଁ ରାସ୍ତାର ଅନୁସରଣ କରିଥାଏ, ସେଥିରେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ପରିବ୍ୟୟ ସଂଶ୍ଳିଷ୍ଟ ଥାଏ। ଏହା ଉତ୍ପାଦର ଦରକୁ କେବଳ ପ୍ରଭାବିତ କରେ ନାହିଁ ବରଂ ଲାଭକୁ ମଧ୍ୟ ପ୍ରଭାବିତ କରିଥାଏ। ଏକ ଅନୁପଯୁକ୍ତ ବଣ୍ଟନ ପ୍ରଣାଳୀ ଚୟନର ପରିଣାମସ୍ୱରୂପ ଉତ୍ପାଦକଙ୍କ ପାଇଁ ଲାଭର ପରିମାଣରେ ହ୍ରାସ ଘଟିପାରେ ଏବଂ ଖାଉଟିଙ୍କଠାରେ ଅଧିକ ଦର ଲାଗିଯାଇପାରେ। ଅତଃ, ଯେଉଁ ବଣ୍ଟନ ପ୍ରଣାଳୀ ବ୍ୟବହୃତ ହେବ ତା'ର ଚୂଡ଼ାନ୍ତ ନିର୍ଣ୍ଣୟ କଲାବେଳେ ଉତ୍ପାଦକଙ୍କୁ ଅଧିକ ଯତ୍ନଶୀଳ ହେବାକୁ ପଡ଼ିଥାଏ। ସେ ତାଙ୍କ ଚୟନ କଲାବେଳେ ନିମ୍ନଲିଖିତ କାରକ ଗୁଡ଼ିକୁ ଧ୍ୟାନ ଦେବା ଉଚିତ୍ :

(କ) **ବଜାରର ପ୍ରକୃତି :** ବଜାରର ଅନେକ ପ୍ରସଙ୍ଗ ଅଛି ଯାହା ବଣ୍ଟନ ପ୍ରଣାଳୀର ଚୟନ ସମ୍ବନ୍ଧୀୟ ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଯେଉଁଠି କ୍ରେତାଙ୍କ ସଂଖ୍ୟା ସୀମିତ, ସେମାନେ ଅଳ୍ପ କେତେକ ସ୍ଥାନରେ କେନ୍ଦ୍ରୀଭୂତ ଏବଂ ସେମାନଙ୍କର ବ୍ୟକ୍ତିଗତ କ୍ରୟର ପରିମାଣ ଅଧିକ ଯେପରିକି ଔଦ୍ୟୋଗିକ କ୍ରେତାଙ୍କ କ୍ଷେତ୍ରରେ ହୋଇଥାଏ, ସେଠାରେ ପ୍ରତ୍ୟକ୍ଷ ବିକ୍ରୀ ସର୍ବାଧିକ ପସନ୍ଦଯୋଗ୍ୟ ବିକଳ୍ପ ହୋଇଥାଏ। କିନ୍ତୁ ଯେଉଁ କ୍ଷେତ୍ରରେ କ୍ରେତାଙ୍କ ସଂଖ୍ୟା ବହୁତ ଅଧିକ, ଯେଉଁମାନଙ୍କର ବ୍ୟକ୍ତିଗତ କ୍ରୟର ପରିମାଣ ଅଳ୍ପ ଏବଂ ଯେଉଁମାନେ ବିଚ୍ଛୁରିତ, ସେଠାରେ ମଧ୍ୟସ୍ଥମାନଙ୍କର ବ୍ୟବହାର ପାଇଁ ଆବଶ୍ୟକତା ଉପୁଜିପାରେ।

(ଖ) **ଉତ୍ପାଦର ପ୍ରକୃତି :** ଉତ୍ପାଦର ପ୍ରକୃତି ବଣ୍ଟନ ପ୍ରଣାଳୀର ଚୟନକୁ ବହୁଳ ଭାବେ ପ୍ରଭାବିତ କରିଥାଏ। ଯଦି ଉତ୍ପାଦ ପ୍ରଯୁକ୍ତିବିଦ୍ୟାଯୁକ୍ତ ପ୍ରକୃତିର ହୋଇଥାଏ ଏବଂ ଯେଉଁଥିରେ ବହୁ ପରିମାଣର ବିକ୍ରୀ-ପୂର୍ବ ଓ ବିକ୍ରୀ-ପର ସେବା ପ୍ରଦାନ ସମ୍ପୃକ୍ତ ଥାଏ, ତେବେ ଏହାର ବିକ୍ରୀ ସାଧାରଣତଃ ପାଇକାରୀ ବ୍ୟାପାରୀଙ୍କ ସମ୍ପୃକ୍ତି ବିନା ଖୁଚୁରା ବ୍ୟାପାରୀଙ୍କ ଜରିଆରେ କରାଯାଇଥାଏ। କିନ୍ତୁ ସ୍ୱଳ୍ପ ଦାମ୍ ବିଶିଷ୍ଟ ଅଧିକାଂଶ ଖାଉଟି ଦ୍ରବ୍ୟ କ୍ଷେତ୍ରରେ ଯେଉଁଗୁଡ଼ିକ ଅଳ୍ପ-ଅଳ୍ପ ପରିମାଣରେ ବାରମ୍ବାର କ୍ରୟ କରାଯାଇଥାଏ, ସେଠାରେ ଏଜେଣ୍ଟ, ପାଇକାରୀ ବ୍ୟାପାରୀ ଓ ଖୁଚୁରା ବ୍ୟାପାରୀମାନଙ୍କ ସମ୍ପୃକ୍ତି ଥାଇ ଏକ ଦୀର୍ଘ ପ୍ରଣାଳୀର ଉପଯୋଗ କରାଯାଏ ଯେହେତୁ ଦ୍ରବ୍ୟ ଗୁଡ଼ିକ ସୁବିଧାଜନକ କେନ୍ଦ୍ର ମାନଙ୍କରେ ମହଜୁଦ ରଖାଯିବା ଆବଶ୍ୟକ ପଡ଼ିଥାଏ। ପ୍ରସାଧନ ସାମଗ୍ରୀ, ତେଜରାତି ସାମଗ୍ରୀ ଇତ୍ୟାଦି ପରି ସାମଗ୍ରୀଗୁଡ଼ିକ ଏହି ବର୍ଗର ଅନ୍ତର୍ଭୁକ୍ତ ଅଟେ। ଅନ୍ୟ ପକ୍ଷରେ, ଔଦ୍ୟୋଗିକ ଯନ୍ତ୍ରପାତି ପରି ସାମଗ୍ରୀ ଯେଉଁଗୁଡ଼ିକର ଦର ବହୁତ ଅଧିକ ଥାଏ, ଯେଉଁଠି ସ୍ୱତନ୍ତ୍ର ପ୍ରଯୁକ୍ତି ବିଦ୍ୟାଗତ ସେବା ପ୍ରଦାନ ଜଡ଼ିତ ଥାଏ ଏବଂ ଯାହାର କାରବାରର ଅବଧି ଦୀର୍ଘ ହୋଇଥାଏ, ସେ କ୍ଷେତ୍ରରେ ପ୍ରତ୍ୟକ୍ଷ ବିକ୍ରୀକୁ ପ୍ରାଥମିକତା ଦିଆଯାଇଥାଏ।

(ଗ) **କମ୍ପାନୀର ପ୍ରକୃତି :** ଏକ ସୁଦୃଢ଼ ବିତ୍ତୀୟ ସ୍ଥିତିସମ୍ପନ୍ନ କମ୍ପାନୀ ନିଜ ଉତ୍ପାଦର ବିତରଣ ପାଇଁ ନିଜର ଖୁଚୁରା ବିକ୍ରୟ କେନ୍ଦ୍ର ଓ ଏକ ବିତରକ ଦଳ ଉଭୟର ବ୍ୟୟଭାର ସ୍ୱୟଂ ବହନ କରିପାରେ। କିନ୍ତୁ ଅଧିକାଂଶ ବ୍ୟବସାୟିକ ସଂସ୍ଥା ସେମାନଙ୍କର ନିଜର ବଣ୍ଟନ ପ୍ରଣାଳୀ ସୃଷ୍ଟି କରିବାକୁ ଚାହାନ୍ତି ନାହିଁ, ବରଂ ଉତ୍ପାଦନରେ ମନୋନିବେଶ କରିବାକୁ ପସନ୍ଦ କରିଥା'ନ୍ତି। ଯେଉଁ ସଂସ୍ଥାଗୁଡ଼ିକ ବିତରଣ ତନ୍ତ୍ର ଉପରେ ନିୟନ୍ତ୍ରଣ ରଖିବାକୁ ଚାହାନ୍ତି ସେମାନେ ଅପେକ୍ଷାକୃତ କ୍ଷୁଦ୍ର ପ୍ରଣାଳୀକୁ ପସନ୍ଦ କରିଥା'ନ୍ତି।

(ଘ) **ମଧ୍ୟସ୍ଥଙ୍କ ବିବେଚନା (ବିଚାର) :** ଯଦି ଆବଶ୍ୟକୀୟ ଅନୁଭୂତିସମ୍ପନ୍ନ, ସୁ-ସମ୍ପର୍କଯୁକ୍ତ, ସୁଦୃଢ଼ ବିତ୍ତୀୟ ସ୍ଥିତିଯୁକ୍ତ ଓ ସାଧୁତାସମ୍ପନ୍ନ ସଠିକ୍ ମଧ୍ୟସ୍ଥମାନେ ଉପଲବ୍ଧ ଥା'ନ୍ତି, ତେବେ ସେମାନଙ୍କର ବ୍ୟବହାରକୁ ପ୍ରାଥମିକତା ଦିଆଯାଇଥାଏ, କାରଣ ସେମାନେ ନୂତନ ଭାବେ ପ୍ରଚଳିତ ଉତ୍ପାଦଗୁଡ଼ିକର ସଫଳତା ସୁନିଶ୍ଚିତ କରିପାରିବେ। କିନ୍ତୁ ଉତ୍ପାଦର ପରିବ୍ୟୟକୁ ମଧ୍ୟ ଧ୍ୟାନରେ ରଖାଯିବା ଉଚିତ୍ ଯେହେତୁ ସମସ୍ତ ମଧ୍ୟସ୍ଥ ସେମାନଙ୍କର ନିଜ ନିଜର ଲାଭର ପରିମାଣକୁ ଉତ୍ପାଦର ଦାମ୍ ସହିତ ଯୋଡ଼ି ବିକିଥା'ନ୍ତି। ତଥାପି ଅନୁଭୂତିରୁ ଏହା ଜଣାଯାଇଛି ଯେ ଯେଉଁଠାରେ ବିକ୍ରୟର ପରିମାଣ ପର୍ଯ୍ୟାପ୍ତ ହୋଇଥାଏ, ସେଠାରେ ମଧ୍ୟସ୍ଥମାନଙ୍କର ବ୍ୟବହାର ଅନେକାଂଶରେ ମିତବ୍ୟୟୀ ସାବ୍ୟସ୍ତ ହୋଇଥାଏ ଏବଂ ତାହା ମଧ୍ୟ ପ୍ରତ୍ୟକ୍ଷ ବିକ୍ରୀ ତୁଳନାରେ କମ୍ କଷ୍ଟସାଧ୍ୟ ହୋଇଥାଏ।

୨୦.୭ ପ୍ରବର୍ତ୍ତନ (Promotion)

ପ୍ରବର୍ତ୍ତନ କହିଲେ ଉପଭୋକ୍ତାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଉତ୍ପାଦର ସୂଚନା ଦେବା ଓ ତାହା କ୍ରୟ କରିବା ନିମନ୍ତେ ପ୍ରବର୍ତ୍ତାଇବାର ପ୍ରକ୍ରିୟାକୁ ବୁଝାଇଥାଏ। ଏହି ପ୍ରକ୍ରିୟାରେ ବିପଣନକର୍ତ୍ତାମାନେ ନିଜର ଭାବୀ (ସମ୍ଭାବ୍ୟ) ଗ୍ରାହକମାନଙ୍କୁ ପ୍ରବର୍ତ୍ତନାମୂଳକ ବାର୍ତ୍ତା (ସନ୍ଦେଶ) ଓ ସୂଚନା ପ୍ରସାରଣ କରିଥାନ୍ତି। ପ୍ରବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିମ୍ନ ପରିପ୍ରେକ୍ଷୀରେ ଉତ୍ପାଦ ପ୍ରତି କ୍ରେତାମାନଙ୍କର ଧ୍ୟାନ ଆକର୍ଷଣ କରିବା :

- ଉତ୍ପାଦ ପ୍ରତି ତାଙ୍କର ରୁଚି ଜାଗ୍ରତ କରାଇବା ;
- ଏହାର ଉପଲବ୍ଧତା ବିଷୟରେ ତାଙ୍କୁ ସୂଚନା ଦେବା ; ଏବଂ
- ଏହା କିପରି ଅନ୍ୟ ଉତ୍ପାଦଗୁଡ଼ିକଠାରୁ ଭିନ୍ନ ତାହା ତାଙ୍କୁ ଜଣାଇବା।

ଅତଃ, ଏହା ଏକ ପ୍ରେରଣାଦାୟୀ ଯୋଗାଯୋଗ ଅଟେ ଏବଂ ଏଥି ସହିତ ଏହା ଉତ୍ପାଦ ସମ୍ବନ୍ଧରେ ମନେ ପକାଇଦେବା କାର୍ଯ୍ୟ ମଧ୍ୟ କରିଥାଏ। ଏକ ପ୍ରତିଷ୍ଠାନ ବା ଫାର୍ମ ତା'ର ପ୍ରବର୍ତ୍ତନମୂଳକ କାର୍ଯ୍ୟକଳାପ ପାଇଁ ବିଭିନ୍ନ ସାଧନୀର ଉପଯୋଗ କରିଥାଏ ଯେଉଁଗୁଡ଼ିକ ନିମ୍ନମତେ ଅଟେ;

- ବିଜ୍ଞାପନ
- ପ୍ରଚାର
- ବ୍ୟକ୍ତିଗତ ବିକ୍ରୀ
- ବିକ୍ରୟୋନ୍ନତି

ଏଗୁଡ଼ିକୁ ପ୍ରବର୍ତ୍ତନ ମିଶ୍ର ର ଚାରୋଟି ଉପାଦାନ ମଧ୍ୟ କୁହାଯାଏ। ଆସ, ଆମେ ଏହି ପ୍ରବର୍ତ୍ତନାତ୍ମକ ସାଧନୀଗୁଡ଼ିକ ବିଷୟରେ ସଂକ୍ଷେପରେ ଜାଣିବା।

୧. **ବିଜ୍ଞାପନ :** ବିଜ୍ଞାପନ ହେଉଛି ଉତ୍ପାଦ, ଏହାର ଗୁଣବତ୍ତା, ବିଶେଷତା, ଉପଲବ୍ଧତା ଇତ୍ୟାଦି ବିଷୟରେ ବର୍ତ୍ତମାନ ଓ ଭବିଷ୍ୟତ ଖାଉଟିମାନଙ୍କୁ ସୂଚନା ପ୍ରଦାନ କରିବାର ଏକ ସବୁଠାରୁ ଅଧିକ ବ୍ୟବହୃତ ସାଧନୀ। ଏହା ବିଭିନ୍ନ ପ୍ରଚାର ମାଧ୍ୟମ ଜରିଆରେ କରାଯାଉଥିବା ଅଣ-ବ୍ୟକ୍ତିଗତ ଯୋଗାଯୋଗ ଯେଉଁଥିପାଇଁ ଦର ପୈଠ କରାଯାଇଥାଏ ଏବଂ ଯେଉଁଥିରେ ଏକ ପରିଚିତ ପ୍ରାୟୋଜକଙ୍କ ଦ୍ୱାରା ଏକ ଉତ୍ପାଦ, ବିଚାର (କଳ୍ପନା), ଏକ ସେବା କିମ୍ବା ଏକ ସଂଗଠନର ପ୍ରଚାର କରାଯାଇଥାଏ। ଏହା ଛାପା ମାଧ୍ୟମ ଯେପରି ସମ୍ବାଦପତ୍ର, ପତ୍ରିକା, ପ୍ରାଚୀର ପତ୍ର ଇତ୍ୟାଦି ଜରିଆରେ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମ ଯେପରି ରେଡ଼ିଓ, ଟେଲିଭିଜନ ଇତ୍ୟାଦି ଜରିଆରେ କରାଯାଇପାରେ। ଏହା ପ୍ରବର୍ତ୍ତନର ଏକ ଅତି ନମନୀୟ ଓ ତୁଳନାତ୍ମକ ଭାବେ ସ୍ୱଳ୍ପ ପରିବ୍ୟୟଯୁକ୍ତ ସାଧନୀ ଅଟେ।

୨. **ପ୍ରଚାର :** ଯେଉଁ ପ୍ରକ୍ରିୟାରେ କୌଣସି ଧନରାଶି ପୈଠ ନ ହୋଇ ମଧ୍ୟ ଯଦି କୌଣସି ସଂଗଠନ ବା ତା'ର ଉତ୍ପାଦ ସମ୍ବନ୍ଧରେ (ତୃତୀୟ ପକ୍ଷ ଦ୍ୱାରା) ଯୋଗାଯୋଗ ମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇ ସେହି ସଂଗଠନ ବା ଉତ୍ପାଦ ପ୍ରତି ସକାରାତ୍ମକ /ଅନୁକୂଳ ମନୋଭାବ ସୃଷ୍ଟି ହୋଇଯାଏ, ତାହାକୁ ପ୍ରଚାର କୁହାଯାଏ। ତୁମେ ସମ୍ବାଦପତ୍ରରେ ଏକ ସଂଗଠନ, ଏହାର ଉତ୍ପାଦ ଓ ନୀତି ସମ୍ବନ୍ଧୀୟ ଲେଖା ଅବଶ୍ୟ ପଢ଼ିଥିବ। ପ୍ରଚାରର ଅନ୍ୟ ମାଧ୍ୟମ ଗୁଡ଼ିକ ହେଲା ପ୍ରେସ୍ କନ୍‌ଫରେନ୍ସ, ପ୍ରକାଶନ ଏବଂ ଇଲେକ୍ଟ୍ରୋନିକ ମାଧ୍ୟମରେ ପ୍ରସାରିତ ସମାଚାର ଇତ୍ୟାଦି। ଏହା ପ୍ରତିଷ୍ଠାନ ବା ଫାର୍ମଠାରୁ କୌଣସି ଧନରାଶି ନେବା ବିନା ପ୍ରକାଶିତ କିମ୍ବା ପ୍ରସାରିତ ହୋଇଥାଏ। ବିପଣନକର୍ତ୍ତାମାନେ ନିଜ କମ୍ପାନୀ ଓ ତା'ର ଉତ୍ପାଦଗୁଡ଼ିକ ସମ୍ବନ୍ଧରେ ସମାଚାର ସଂଚାର ମାଧ୍ୟମରେ ସ୍ଥାନିତ କରିବା ପୂର୍ବକ ସେଗୁଡ଼ିକ ପ୍ରତି ଲୋକଙ୍କ ମନରେ ସକାରାତ୍ମକ ଛବି ସୃଷ୍ଟି କରିବା ପାଇଁ ଅନେକାଂଶରେ ଅଧିକ ସମୟ ଦେଇଥାନ୍ତି ଓ ପ୍ରୟାସ କରିଥା'ନ୍ତି।

୩. **ବ୍ୟକ୍ତିଗତ ବିକ୍ରୀ :** ତୁମେ ବିଭିନ୍ନ କମ୍ପାନୀର ପ୍ରତିନିଧିମାନଙ୍କ ସଂସ୍ପର୍ଶରେ ନିଶ୍ଚୟ ଆସିଥିବ ଯେଉଁମାନେ ତୁମ ଦ୍ୱାରକୁ ଆସି କବାଟ ଠକ୍ ଠକ୍ କରିଥିବେ ଓ ସେମାନଙ୍କର ଉତ୍ପାଦ କିଣିବା ପାଇଁ ତୁମକୁ ପ୍ରବର୍ତ୍ତାଇଥିବେ। ଏହା ଖାଉଟିମାନଙ୍କୁ କିମ୍ବା ସମ୍ଭାବ୍ୟ କ୍ରେତାମାନଙ୍କୁ ଉତ୍ପାଦର ଏକ ପ୍ରତ୍ୟକ୍ଷ ଉପସ୍ଥାପନା ଅଟେ। ଏହା କ୍ରେତାମାନଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଓ ଉତ୍ପାଦ କିଣିବା ନିମନ୍ତେ ପ୍ରବର୍ତ୍ତାଇବା ନିମନ୍ତେ ବିକ୍ରୟକର୍ତ୍ତାଙ୍କର ଉପଯୋଗ କରିବାକୁ ସୂଚାଇଥାଏ। ଏହା ଔଦ୍ୟୋଗିକ ଦ୍ରବ୍ୟର ବିକ୍ରୟ ପାଇଁ ସର୍ବାଧିକ ଫଳପ୍ରଦ (ପ୍ରଭାବଶାଳୀ) ପ୍ରବର୍ତ୍ତନାତ୍ମକ ସାଧନୀ ଅଟେ।

୪. **ବିକ୍ରୟୋନ୍ନତି :** ଏହା ନୂତନ ଦ୍ରବ୍ୟକୁ କିଣିବା ବା ପରଖିବା ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ସ୍ୱଳ୍ପ-ଅବଧି ପାଇଁ ତଥା ଅସ୍ଥାୟୀ ଭାବେ ପ୍ରଦତ୍ତ ପ୍ରୋତ୍ସାହନକୁ ବୁଝାଇଥାଏ। ଏହି ସାଧନୀରେ ପ୍ରତିଯୋଗିତା, ଖେଳ, ଉପହାର, ବ୍ୟାପାର ପ୍ରଦର୍ଶନୀ, ରିହାତି ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ। ବିକ୍ରୟୋନ୍ନତିମୂଳକ କାର୍ଯ୍ୟକଳାପ ଅନେକାଂଶରେ ଖୁଚୁରା ବିକ୍ରୟ ସ୍ତରରେ କରାଯାଇଥାଏ।

ପାଠଗତ ପ୍ରଶ୍ନାବଳୀ ୨୦ ଙ

୧. ପ୍ରବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ କ'ଣ ? ନିମ୍ନପ୍ରଦତ୍ତ ସ୍ଥାନରେ ସେଗୁଡ଼ିକର ତାଲିକା କର:

(କ) ______________________________

(ଖ) ______________________________

(ଗ) ______________________________

ଟିପ୍ପଣୀ

୨. ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକ ଗୁଡ଼ିକର ଉଲ୍ଲେଖ କର।

(କ) ______________________________

(ଖ) ______________________________

(ଗ) ______________________________

(ଘ) ______________________________

୩. ନିମ୍ନ ଉକ୍ତି ଗୁଡ଼ିକରେ ପ୍ରବର୍ତ୍ତନ ମିଶ୍ରର କେଉଁ ଉପାଦାନକୁ ସୂଚିତ କରାଯାଇଛି ?

(କ) ଏହା ଏକ ନୂତନ ଉତ୍ପାଦକୁ ପରଖିବା ପାଇଁ ପ୍ରେରିତ କରିବା କିମ୍ବା କିଣିବା ପାଇଁ ପ୍ରଦତ୍ତ ଅସ୍ଥାୟୀ ପ୍ରୋତ୍ସାହନ ଅଟେ।

(ଖ) ଏଥିରେ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ, କିନ୍ତୁ ବିପଣନକର୍ତ୍ତାଙ୍କୁ ବହୁତ ସମୟ ଦେବାକୁ ପଡ଼େ ଓ ପ୍ରୟାସ କରିବାକୁ ପଡ଼େ।

(ଗ) ଏହା ଯନ୍ତ୍ରପାତି ଓ ଲୁବ୍ରିକାଣ୍ଟ୍ ଇତ୍ୟାଦିର ବିକ୍ରୟ ପାଇଁ ଏକ ଫଳପ୍ରଦ ପ୍ରବର୍ତ୍ତନାତ୍ମକ ସାଧନୀ(ମାଧ୍ୟମ) ଅଟେ।

(ଘ) ପ୍ରେସ୍ କନ୍‌ଫରେନ୍ସ, ପ୍ରକାଶନ ଏବଂ ଇଲେକ୍ଟ୍ରୋନିକ ମାଧ୍ୟମରେ ପ୍ରସାରିତ ସମାଚାର ଆଦି ହେଉଛି ଏହାର ବିଭିନ୍ନ ସାଧନୀ (ମାଧ୍ୟମ)।

(ଙ) ଏହା ହେଉଛି ପରିଚିତ ପ୍ରାୟୋଜକଙ୍କ ଦ୍ୱାରା ଦର ପୈଠ ବଦଳରେ କରାଯାଉଥିବା ଅଣ - ବ୍ୟକ୍ତିଗତ ଯୋଗାଯୋଗ।

(ଚ) ଏହା ଜନପ୍ରିୟ ମାଧ୍ୟମ ଯେପରି ରେଡ଼ିଓ, ଟେଲିଭିଜନ, ପତ୍ରିକା, ସମ୍ବାଦପତ୍ର ଇତ୍ୟାଦି ଜରିଆରେ କରାଯାଇଥାଏ।

୨୦.୮ ତୁମେ ଯାହା ଶିଖିଲ

- ଉତ୍ପାଦ, ଦର, ସ୍ଥାନ (ବଣ୍ଟନ) ଓ ପ୍ରବର୍ତ୍ତନାତ୍ମକ ପ୍ରୟାସର ଏକତ୍ର ମିଶ୍ରଣକୁ 'ବିପଣନ ମିଶ୍ର' କୁହାଯାଏ।
- ଉତ୍ପାଦର ସଂଜ୍ଞା: "ଅଭାବର ସନ୍ତୁଷ୍ଟି ପ୍ରଦାନ ପାଇଁ ବଜାରରେ ଅର୍ପଣ କରାଯାଇପାରୁଥିବା ଯେ କୌଣସି ଏକ ଜିନିଷକୁ ଉତ୍ପାଦ କୁହାଯାଏ।" ଏଥିରେ କେବଳ ଭୌତିକ ଜିନିଷ ଓ ସେବା ଅନ୍ତର୍ଭୁକ୍ତ ନ ଥାଏ, ବରଂ ଏଥିରେ ପ୍ୟାକେଜିଙ୍ଗ୍, ସ୍ଥାପନା, ବିକ୍ରୀପର ସେବା ଇତ୍ୟାଦି ପରି ସହାୟକ ସେବା ମାନ ମଧ୍ୟ ଅନ୍ତର୍ଭୁକ୍ତ ଥାଏ।

୧. ବ୍ୟବହାର ଭିତ୍ତିରେ ଉତ୍ପାଦକୁ ନିମ୍ନମତେ ଶ୍ରେଣୀଭୁକ୍ତ କରାଯାଇପାରେ:

(କ) ଉପଭୋକ୍ତା/ଖାଉଟି ଦ୍ରବ୍ୟ: ଯାହା ପରିବାର ବା ସର୍ବଶେଷ ଖାଉଟିମାନଙ୍କ ଦ୍ୱାରା ବ୍ୟକ୍ତିଗତ ଉପଭୋଗ ନିମନ୍ତେ ଉଦ୍ଦିଷ୍ଟ। ଉପଭୋକ୍ତାଙ୍କର କ୍ରୟାଭ୍ୟାସ ଭିତ୍ତିରେ ଏଗୁଡ଼ିକୁ ପୁଣି ଏହିପରି ଶ୍ରେଣୀଭୁକ୍ତ କରାଯାଇପାରେ (i)ସୁବିଧାଜନକ ଦ୍ରବ୍ୟ; (ii) କ୍ରୟଯୋଗ୍ୟ ଦ୍ରବ୍ୟ; ଏବଂ (iii) ବିଶିଷ୍ଟ ଦ୍ରବ୍ୟ।

(ଖ) ଔଦ୍ୟୋଗିକ ଦ୍ରବ୍ୟ ଗୁଡ଼ିକ ଅନ୍ୟଉତ୍ପାଦ ଗୁଡ଼ିକର ଉତ୍ପାଦନରେ କିମ୍ବା କିଛି ସେବା ପ୍ରଦାନର ବ୍ୟବସ୍ଥାରେ କଞ୍ଚାମାଲ ରୂପରେ ଉପଭୋଗ ବା ଉପଯୋଗ ପାଇଁ ଉଦ୍ଦିଷ୍ଟ।

ଟିପ୍ପଣୀ

୨. **ସ୍ଥାୟିତ୍ୱ ଭିତ୍ତିରେ,** ଉତ୍ପାଦକୁ ଏହିପରି ଶ୍ରେଣୀଭୁକ୍ତ କରାଯାଇପାରେ:
(କ) ସ୍ଥାୟୀ/ଦୀର୍ଘସ୍ଥାୟୀ ଦ୍ରବ୍ୟ, ଏବଂ (ଖ) ଅସ୍ଥାୟୀ/କ୍ଷଣସ୍ଥାୟୀ ଦ୍ରବ୍ୟ।

୩. **ସ୍ପର୍ଶସାଧତା** ଭିତ୍ତିରେ ଉପାଦାନ ଗୁଡ଼ିକୁ ଏହିପରି ଶ୍ରେଣୀଭୁକ୍ତ କରାଯାଇପାରେ: (କ) ସ୍ପର୍ଶ ସାଧ ଦ୍ରବ୍ୟ; ଏବଂ (ଖ) ସ୍ପର୍ଶବିହୀନ ଦ୍ରବ୍ୟ।

- ଦର ହେଉଛି ଉପଭୋକ୍ତାଙ୍କ ଦ୍ୱାରା ଦ୍ରବ୍ୟ / ସେବାର ବ୍ୟବହାର ପୂର୍ବକ ସେ ପ୍ରାପ୍ତ କରୁଥିବା ଲାଭ/ ଉପକାର ସମୂହର ସମାହାର ପ୍ରତିବଦଳରେ ପୈଠ କରାଯାଉଥିବା ମୌଦ୍ରିକ ପ୍ରତିଫଳ। ଏକ ଉତ୍ପାଦର ଦର ନିର୍ଦ୍ଧାରଣ କରୁଥିବା କାରକ ଗୁଡ଼ିକ ହେଲା - ପରିବ୍ୟୟ, ଚାହିଦା, ପ୍ରତିଦ୍ୱନ୍ଦିତା, ବିପଣନ ଉଦ୍ଦେଶ୍ୟ ଏବଂ ସରକାରୀ ଅଧିନିୟମ।
- ଦର ନିର୍ଦ୍ଧାରଣର ବିଭିନ୍ନ ପଦ୍ଧତି ଗୁଡ଼ିକ ହେଲା:

୧. ପରିବ୍ୟୟ ଆଧାରିତ ଦର ନିର୍ଦ୍ଧାରଣ : ଉତ୍ପାଦର ପରିବ୍ୟୟ ସହିତ ଅଭିଳଷିତ ଲାଭର ପରିମାଣ ଯୋଗକରି ଦର ନିର୍ଦ୍ଧାରଣ କରାଯାଏ।

୨. ପ୍ରତିଦ୍ୱନ୍ଦ୍ୱିତା ଆଧାରିତ ଦର ନିର୍ଦ୍ଧାରଣ: ଦରର ନିର୍ଦ୍ଧାରଣ ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡ୍ ବିଶିଷ୍ଟ ଉତ୍ପାଦର ଦରକୁ ଧ୍ୟାନରେ ରଖି କରାଯାଏ।

୩. ଚାହିଦା ଆଧାରିତ ଦର ନିର୍ଦ୍ଧାରଣ: ଉତ୍ପାଦର ଚାହିଦା ଆଧାରରେ ଦର ନିର୍ଦ୍ଧାରିତ ହୋଇଥାଏ।

୪. ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ : ଯେଉଁଠାରେ ବଜାରରେ ଧସେଇ ପଶିବା ଉଦ୍ଦେଶ୍ୟ ଥାଏ, ସେଠାରେ ନୂତନ (ନବୋନ୍ମେଷିତ) ଉତ୍ପାଦ ଗୁଡ଼ିକର ଦାମ୍ କମ୍ ରଖାଯାଏ। ଯେଉଁଠାରେ ବଛା ବଛା ଧନୀକ ଗୋଷ୍ଠୀଙ୍କୁ ହାତେଇବାର ଉଦ୍ଦେଶ୍ୟ ଥାଏ, ସେଠାରେ ଉତ୍ପାଦର ଦାମ୍ ଉଚ୍ଚ (ବେଶୀ) ରଖାଯାଏ।

- ବଣ୍ଟନ ପ୍ରଣାଳୀ ହେଉଛି ନିର୍ମାତା/ଉତ୍ପାଦକ ଏବଂ ସର୍ବଶେଷ ଖାଉଟି / ବ୍ୟବହାରକାରୀ ମାନଙ୍କ ମଧ୍ୟରେ ଏକ ପ୍ରମୁଖ ଯୋଗସୂତ୍ର (ଶୃଙ୍ଖଳା)। ଏଥିରେ ଦ୍ରବ୍ୟର ମାଲିକାନା ସ୍ୱତ୍ୱର ସ୍ଥାନାନ୍ତରଣ ପ୍ରକ୍ରିୟାରେ ନିଯୁକ୍ତ ମଧ୍ୟସ୍ଥ / ଏଜେଣ୍ଟ୍ ମାନେ ଅନ୍ତର୍ଭୁକ୍ତ ଥା'ନ୍ତି। ଏହା ଗ୍ରାହକ ମାନଙ୍କ ସହିତ ନିୟମିତ ଯୋଗସୂତ୍ର ସ୍ଥାପନରେ ସାହାଯ୍ୟ କରିଥାଏ, ଦ୍ରବ୍ୟର ପରୀକ୍ଷଣ ପାଇଁ ସୁବିଧା ପ୍ରଦାନ କରିଥାଏ, ମାଲିକାନା ସ୍ୱତ୍ୱର ସ୍ଥାନାନ୍ତରଣ ଓ ବିତରଣ କରିଥାଏ, ବିଜ୍ଞାପନରେ ସାହାଯ୍ୟ କରିଥାଏ, ବିକ୍ରୟପରବର୍ତ୍ତୀ ସେବାର ବ୍ୟବସ୍ଥା କରିଥାଏ ଏବଂ ବଣ୍ଟନ କ୍ରିୟା ସହିତ ସଂଶ୍ଳିଷ୍ଟ ସମସ୍ତ ବିପଦ ବା ଆଶଙ୍କାର ଭାର ବହନ କରିଥାଏ।
- ଖାଉଟି ଦ୍ରବ୍ୟର ବଣ୍ଟନ ପାଇଁ ବ୍ୟବହୃତ ବିଭିନ୍ନ ପ୍ରଣାଳୀ ଗୁଡ଼ିକ ହେଲା:

(କ) ଶୂନ୍ୟ ସ୍ତରୀୟ ପ୍ରଣାଳୀ: ନିର୍ମାତା – ଖାଉଟି

(ଖ) ଏକସ୍ତରୀୟ ପ୍ରଣାଳୀ: ନିର୍ମାତା – ଖୁଚୁରା ବ୍ୟାପାରୀ – ଖାଉଟି

(ଗ) ଦ୍ୱି-ସ୍ତରୀୟ ପ୍ରଣାଳୀ: ନିର୍ମାତା – ପାଇକାରୀ ବ୍ୟାପାରୀ – ଖୁଚୁରା ବ୍ୟାପାରୀ – ଖାଉଟି

(ଘ) ତ୍ରି-ସ୍ତରୀୟ ପ୍ରଣାଳୀ: ନିର୍ମାତା – ଏଜେଣ୍ଟ୍ – ପାଇକାରୀ ବ୍ୟବସାୟୀ – ଖୁଚୁରା ବ୍ୟାପାରୀ – ଖାଉଟି

ଟିପ୍ପଣୀ

- ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା କାରକ:
  - ବଜାରର ପ୍ରକୃତି
  - ଉତ୍ପାଦର ପ୍ରକୃତି
  - କମ୍ପାନୀର ପ୍ରକୃତି
  - ମଧ୍ୟସ୍ଥଙ୍କ ବିବେଚନା(ବିଚାର)

ପ୍ରବର୍ତ୍ତନ ହେଉଛି ବିପଣନ କର୍ତ୍ତାଙ୍କ ଦ୍ୱାରା ବ୍ୟବହୃତ ଏକ ବ୍ୟାବହାରିକ ଯୋଗାଯୋଗ ଯାହାଦ୍ୱାରା ପ୍ରତିଷ୍ଠାନ ବା ଫାର୍ମ ନିଜର ଭାବୀ ଗ୍ରାହକମାନଙ୍କୁ ପ୍ରେରଣାତ୍ମକ ସନ୍ଦେଶ ଓ ସୂଚନା ପ୍ରସାରଣ କରିଥାଏ। ପ୍ରବର୍ତ୍ତନାତ୍ମକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ବିଭିନ୍ନ ସାଧନୀ (ମାଧ୍ୟମ)ଗୁଡ଼ିକ ହେଲା:

୧. ବିଜ୍ଞାପନ: ଏହା ବିଭିନ୍ନ ପ୍ରଚାର ମାଧ୍ୟମ ଜରିଆରେ କରାଯାଉଥିବା ଅଣ-ବ୍ୟକ୍ତିଗତ ଯୋଗାଯୋଗ ଯେଉଁଥିପାଇଁ ଦର ପୈଠ କରାଯାଇଥାଏ ଏବଂ ଯେଉଁଥିରେ ଏକ ପରିଚିତ ପ୍ରାୟୋଜକଙ୍କ ଦ୍ୱାରା ଏକ ଉତ୍ପାଦ ବିଚାର (କଳ୍ପନା), ସେବା କିମ୍ବା ସଙ୍ଗଠନର ପ୍ରଚାର କରାଯାଇଥାଏ।

୨. ପ୍ରଚାର: ଏହା ଏକ ପ୍ରକ୍ରିୟା ଯେଉଁଥିରେ କୌଣସି ଧନରାଶି ପୈଠ ନ ହୋଇ ମଧ୍ୟ କୌଣସି ସଙ୍ଗଠନ ବା ତା'ର ଉତ୍ପାଦ ସମ୍ବନ୍ଧରେ (ତୃତୀୟ ପକ୍ଷଦ୍ୱାରା) ଯୋଗାଯୋଗ ମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇ ସେହି ସଂଗଠନ ବା ଉତ୍ପାଦ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିଥାଏ।

୩. ବ୍ୟକ୍ତିଗତ ବିକ୍ରୀ: ଏହା ଖାଉଟିମାନଙ୍କୁ କିମ୍ବା ସମ୍ଭାବ୍ୟ କ୍ରେତାମାନଙ୍କୁ ଉତ୍ପାଦର ଏକ ପ୍ରତ୍ୟକ୍ଷ ଉପସ୍ଥାପନା ଅଟେ।

୪. ବିକ୍ରୟୋନ୍ନତି: ଏହା ନୂତନ ଦ୍ରବ୍ୟକୁ କିଣିବା ବା ପରଖିବା ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ସ୍ୱଳ୍ପ ଅବଧି ପାଇଁ ତଥା ଅସ୍ଥାୟୀ ଭାବେ ପ୍ରଦତ୍ତ ପ୍ରୋତ୍ସାହନକୁ ବୁଝାଇଥାଏ। ଉଦାହରଣ ସ୍ୱରୂପ, ଖେଳ, ପ୍ରତିଯୋଗିତା, ଉପହାର ଓ ରିହାତି ଆଦି।

୨୦.୯ ମୁଖ୍ୟ ଶବ୍ଦାବଳୀ

ବିପଣନ ମିଶ୍ର	ଖାଉଟି ଦ୍ରବ୍ୟ	ସ୍ଥାୟୀ ଦ୍ରବ୍ୟ
ଉତ୍ପାଦ	ସୁବିଧାଜନକ ଦ୍ରବ୍ୟ	ଅସ୍ଥାୟୀ ଦ୍ରବ୍ୟ
ଦର	କ୍ରୟଯୋଗ୍ୟ ଦ୍ରବ୍ୟ	ସ୍ପର୍ଶସାଧ୍ୟ ଦ୍ରବ୍ୟ
ସ୍ଥାନ	ବିଶିଷ୍ଟ ଦ୍ରବ୍ୟ	ସ୍ପର୍ଶବିହୀନ ଦ୍ରବ୍ୟ
ପ୍ରବର୍ତ୍ତନ	ଔଦ୍ୟୋଗିକ ଦ୍ରବ୍ୟ	ବିଜ୍ଞାପନ
ପ୍ରଚାର	ବ୍ୟକ୍ତିଗତ ବିକ୍ରୀ	ବିକ୍ରୟୋନ୍ନତି

୨୦.୧୦ ପାଠାନ୍ତ ପ୍ରଶ୍ନାବଳୀ

ଅତି କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ:

୧. 'ବିଜ୍ଞାପନ' ଶବ୍ଦର ସଂଜ୍ଞା (ପରିଭାଷା) ଦିଅ।

୨. 'ଉତ୍ପାଦ' ଶବ୍ଦର ଅର୍ଥ କ'ଣ ?

୩. ସ୍ପର୍ଶସାଧ୍ୟ ଉତ୍ପାଦ ଓ ସ୍ପର୍ଶବିହୀନ ଉତ୍ପାଦ ପ୍ରତ୍ୟେକର ଦୁଇଟି ଉଦାହରଣ ଦିଅ।

୪. ବିଶିଷ୍ଟ ଦ୍ରବ୍ୟ କ'ଣ ? ଗୋଟିଏ ଉଦାହରଣ ଦିଅ।

୫. 'ପ୍ରବର୍ତ୍ତନ' ଶବ୍ଦର ସଂଜ୍ଞା ଦିଅ।

କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

୬. 'ସୁବିଧାଜନକ ଦ୍ରବ୍ୟ' ଓ 'କ୍ରୟଯୋଗ୍ୟ ଦ୍ରବ୍ୟ' କ'ଣ ? ପ୍ରତ୍ୟେକ ପ୍ରକାର ପାଇଁ ଉଦାହରଣ ଦେଇ ବୁଝାଅ।

୭. 'ପରିବ୍ୟୟ ଆଧାରିତ ଦାମ୍ ନର୍ଦ୍ଧାରଣ' ଓ 'ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ' କୁ ବୁଝାଅ।

୮. ବଣ୍ଟନ ପ୍ରଣାଳୀ ଦ୍ୱାରା ସମ୍ପାଦିତ ଚରୋଟି କାର୍ଯ୍ୟ ଉଲ୍ଲେଖ କର।

୯. ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକ ଗୁଡ଼ିକର ବର୍ଣ୍ଣନା କର।

୧୦. ସ୍ଥାୟୀ (ଦୀର୍ଘସ୍ଥାୟୀ) ଦ୍ରବ୍ୟ ଓ ଅସ୍ଥାୟୀ (କ୍ଷଣସ୍ଥାୟୀ) ଦ୍ରବ୍ୟ କ'ଣ ? ପ୍ରତ୍ୟେକର ଦୁଇଟି ଲେଖାଏଁ ଉଦାହରଣ ଦିଅ।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧୧. 'ବିପଣନ ମିଶ୍ର' ର ଅର୍ଥ କ'ଣ ? ବିପଣନ ମିଶ୍ରର ଚରୋଟି ଉପାଦାନ ବର୍ଣ୍ଣନା କର।

୧୨. ବ୍ୟବହାର ଭିତ୍ତିରେ ଉତ୍ପାଦଗୁଡ଼ିକର ବର୍ଗୀକରଣ ଓ ଉପ-ବର୍ଗୀକରଣ ବର୍ଣ୍ଣନା କର।

୧୩. ଗୋଟିଏ ଉତ୍ପାଦର ଦର ନିର୍ଦ୍ଧାରଣର ଚରୋଟି ମୁଖ୍ୟ ପଦ୍ଧତି ବ୍ୟାଖ୍ୟା କର।

୧୪. 'ପ୍ରବର୍ତ୍ତନର ଚରୋଟି ମୁଖ୍ୟ ସାଧନୀ (ମାଧ୍ୟମ) ଅଛି'। ପ୍ରତ୍ୟେକ ସାଧନୀର ବ୍ୟାଖ୍ୟା କର।

୧୫. "ବଣ୍ଟନ ପ୍ରଣାଳୀ ହେଉଛି ନିର୍ମାତା ଓ ଖାଉଟିଙ୍କ ମଧ୍ୟରେ ଏକ ପ୍ରମୁଖ ଯୋଗସୂତ୍ର"। ବଣ୍ଟନ ପ୍ରଣାଳୀର ଚରି ପ୍ରକାର ଉଲ୍ଲେଖ କରିବା ପୂର୍ବକ ଚିତ୍ର ସାହାଯ୍ୟରେ ପ୍ରଦତ୍ତ ଉକ୍ତିର ବର୍ଣ୍ଣନା କର।

୨୦.୧୧ ପାଠଗତ ପ୍ରଶ୍ନର ଉତ୍ତର

୨୦ କ

୧. (କ) ଉତ୍ପାଦ
    (ଖ) ଦର
    (ଗ) ସ୍ଥାନ
    (ଘ) ପ୍ରବର୍ତ୍ତନ

୨. (କ) ଦର
    (ଖ) ସ୍ଥାନ
    (ଗ) ବିପଣନ ମିଶ୍ର
    (ଘ) ଉତ୍ପାଦ
    (ଙ) ପ୍ରବର୍ତ୍ତନ

୨୦ ଖ

୧. (କ) ଔଦ୍ୟୋଗିକ ଦ୍ରବ୍ୟ
(ଖ) ଖାଉଟି ଦ୍ରବ୍ୟ -କ୍ରୟଯୋଗ୍ୟ ଦ୍ରବ୍ୟ
(ଗ) ଖାଉଟି ଦ୍ରବ୍ୟ - ବିଶିଷ୍ଟ ଦ୍ରବ୍ୟ
(ଘ) ଔଦ୍ୟୋଗିକ ଦ୍ରବ୍ୟ
(ଙ) ଖାଉଟି ଦ୍ରବ୍ୟ -କ୍ରୟଯୋଗ୍ୟ ଦ୍ରବ୍ୟ
(ଚ) ଔଦ୍ୟୋଗିକ ଦ୍ରବ୍ୟ
(ଛ) ଖାଉଟି ଦ୍ରବ୍ୟ -ସୁବିଧାଜନକ ଦ୍ରବ୍ୟ

୨. (କ) ବ୍ୟାଙ୍କିଙ୍ଗ୍, ବୀମା କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ
(ଖ) କାର୍, ଲୁଗାଧୁଆ ମେସିନ୍ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ
(ଗ) ଲୁଣ, ଆଋର, ସାବୁନ୍ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ଉଦାହରଣ

୩. (କ)

ସ୍ପର୍ଶସାଧ୍ୟ		ସ୍ପର୍ଶବିହୀନ	
(i)	କ୍ରିକେଟ ବ୍ୟାଟ	(iii)	ବସ୍ ଆରୋହଣ
(ii)	ବଲ୍	(iv)	ପ୍ରଦୂଷଣ ନିୟନ୍ତ୍ରଣ
(v)	କଲମ	(vi)	ଏକ ଡାକ୍ତରଙ୍କଠାରୁ ଡାକ୍ତରୀ ପରାମର୍ଶପ୍ରାପ୍ତ ହେବା

(ଖ)

ସ୍ଥାୟୀ		ଅସ୍ଥାୟୀ	
(i)	ରେଫ୍ରିଜେରେଟର୍	(ii)	ଲୁଣ
(iv)	ଲୁଗାଧୁଆ ମେସିନ୍	(iii)	ସାବୁନ୍
(v)	ଟେଲିଭିଜନ	(vi)	ରନ୍ଧା ତେଲ
		(vii)	ଚଟଣି (ସସ୍)
		(viii)	ନୋଟ୍ ବୁକ୍

୨୦ ଗ

୧. (କ) ପରିବ୍ୟୟ
(ଖ) ଋହିଦା
(ଗ) ପ୍ରତିଦ୍ୱନ୍ଦିତା
(ଘ) ବିପଣନ ଉଦ୍ଦେଶ୍ୟ
(ଙ) ସରକାରୀ ନିୟନ୍ତ୍ରଣ

୨. (କ) ପରିବ୍ୟୟ ଆଧାରିତ ଦର ନିର୍ଦ୍ଧାରଣ
(ଖ) ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ

(ଗ) ପ୍ରତିଦ୍ୱନ୍ଦିତା ଆଧାରିତ ଦର ନିର୍ଦ୍ଧାରଣ

(ଘ) ଚାହିଦା ଆଧାରିତ ଦର ନିର୍ଦ୍ଧାରଣ

(ଙ) ଉଦ୍ଦେଶ୍ୟ ଆଧାରିତ ଦର ନିର୍ଦ୍ଧାରଣ

(ଚ) ଚାହିଦା ଆଧାରିତ ଦର ନିର୍ଦ୍ଧାରଣ

୨୦ଘ

୨. (କ) ଶୂନ୍ୟସ୍ତରୀୟ ବଣ୍ଟନ ପ୍ରଣାଳୀ

(ଖ) ତ୍ରିସ୍ତରୀୟ ବଣ୍ଟନ ପ୍ରଣାଳୀ

(ଗ) ଏକସ୍ତରୀୟ ବଣ୍ଟନ ପ୍ରଣାଳୀ

୨୦ଙ

୧. (କ) ଉତ୍ପାଦ ପ୍ରତି କ୍ରେତାଙ୍କ ରୁଚି ଜାଗ୍ରତ କରାଇବା

(ଖ) ଉତ୍ପାଦର ଉପଲବ୍ଧତା ବିଷୟରେ କ୍ରେତାଙ୍କୁ ସୂଚନା ଦେବା

(ଗ) ଏହା କିପରି ଅନ୍ୟ ଉତ୍ପାଦ ଗୁଡ଼ିକଠାରୁ ଭିନ୍ନ ତାହା ତାଙ୍କୁ ଜଣାଇବା

୨. (କ) ବଜାରର ପ୍ରକୃତି (ଗ) ଉତ୍ପାଦର ପ୍ରକୃତି

(ଖ) କମ୍ପାନୀର ପ୍ରକୃତି (ଘ) ମଧ୍ୟସ୍ଥଙ୍କ ବିବେଚନା

୩. (କ) ବିକ୍ରୟୋନ୍ନତି (ଘ) ପ୍ରଚାର

(ଖ) ପ୍ରଚାର (ଙ) ବିଜ୍ଞାପନ

(ଗ) ବ୍ୟକ୍ତିଗତ ବିକ୍ରୟ (ଚ) ବିଜ୍ଞାପନ

କର ଓ ଶିଖ

ଅତିକମ୍‌ରେ ପାଞ୍ଚଟି ବିଭିନ୍ନ ପ୍ରକାରର ଉତ୍ପାଦର ଏକ ତାଲିକା ପ୍ରସ୍ତୁତ କର । ସେଗୁଡ଼ିକୁ ତୁମେ ପଢ଼ିଥିବା ଉତ୍ପାଦ ବର୍ଗରେ ଶ୍ରେଣୀଭୁକ୍ତ କର (ଯଥା : ଖାଉଟି ଦ୍ରବ୍ୟ, ଔଦ୍ୟୋଗିକ ଦ୍ରବ୍ୟ, ସ୍ଥାୟୀ ଓ ଅସ୍ଥାୟୀ ଦ୍ରବ୍ୟ, ସ୍ପର୍ଶସାଧ ଓ ସ୍ପର୍ଶବିହୀନ ଦ୍ରବ୍ୟ) ।

ଏହି ପାଞ୍ଚ ଉତ୍ପାଦର ବିତରଣରେ ବ୍ୟବହୃତ ହେଉଥିବା ବଣ୍ଟନ ପ୍ରଣାଳୀର ପ୍ରକାର ବିଷୟରେ ଅନୁସନ୍ଧାନ କର ଏବଂ ଆହୁରି ମଧ୍ୟ ସେହି ଉତ୍ପାଦଗୁଡ଼ିକ ସହିତ ସାଧାରଣ ଭାବେ ଜଡ଼ିତ ପ୍ରବର୍ତ୍ତନାତ୍ମକ କାର୍ଯ୍ୟକଳାପର ଅନୁସନ୍ଧାନ କର ।

ତୁମର ଅନୁସନ୍ଧାନରୁ ପ୍ରାପ୍ତ ତଥ୍ୟ ଗୁଡ଼ିକୁ ଲେଖି ରଖ ଏବଂ ସେଗୁଡ଼ିକର ସାରଣୀ ନିମ୍ନ ମତେ ପ୍ରସ୍ତୁତ କର :

ଉତ୍ପାଦର ନାମ	ଉତ୍ପାଦର ବର୍ଗ (କ) ବ୍ୟବହାର, (ଖ) ସ୍ଥାୟୀତ୍ୱ ଓ (ଗ) ସ୍ପର୍ଶ ସାଧ୍ୟତା ଭିତ୍ତିରେ	ବ୍ୟବହୃତ ବଣ୍ଟନ ପ୍ରଣାଳୀର ପ୍ରକାର	ପ୍ରବର୍ତ୍ତନାତ୍ମକ କାର୍ଯ୍ୟକଳାପ

ନାଟ୍ୟାଭିନୟ

ମଣି ଓ ପ୍ରସାଦ ଉତ୍ତମ ବନ୍ଧୁ ଅଟନ୍ତି । ମଣି ଏକ ବହୁରାଷ୍ଟ୍ରୀୟ କମ୍ପାନୀ (MNC) ରେ ଜଣେ ବିପଣନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଏବଂ ପ୍ରସାଦ ପ୍ଲାଷ୍ଟିକ୍ ଖେଳଣା ତିଆରି କରୁଥିବା ଏକ କ୍ଷୁଦ୍ରକାୟ ବ୍ୟବସାୟୀ ଅଟେ ।

ମଣି : ଆରେ ପ୍ରସାଦ ! ତୁମେ କେମିତି ଅଛ ?

ପ୍ରସାଦ : ହେଲୋ ! ମଣି, ତୁମକୁ ଦେଖି ମୋତେ ଖୁସି ଲାଗୁଛି ।

ମଣି : ତୁମର ବ୍ୟବସାୟ କିପରି ଚାଲିଛି ?

ପ୍ରସାଦ : କିଛି ଖାସ୍ ନୁହେଁ ।

ମଣି : କାହିଁକି ?

ପ୍ରସାଦ : ଗତ ୩ ବର୍ଷ ଧରି ମୋ'ର ବିକ୍ରୀ ପରିମାଣରେ କିଛି ବୃଦ୍ଧି ଘଟି ନାହିଁ, ଏଥିପାଇଁ ମୁଁ ଚିନ୍ତିତ (ବିବ୍ରତ) ଅଛି ।

ମଣି : ଓହୋ, ମୁଁ ବୁଝି ପାରୁଛି । ଆଚ୍ଛା ମୋତେ ଟିକିଏ କହିବ କି ତୁମେ ତୁମର ଉତ୍ପାଦ କିପରି ବିତରଣ କରୁଛ ?

ପ୍ରସାଦ : ମୁଁ ମୋ' ଖେଳଣାଗୁଡ଼ିକୁ ସ୍ଥାନୀୟ ବଜାରରେ ବିକ୍ରୀ କରେ ଓ ପାଖ ସହରରେ ମୋ'ର ଜଣେ ବ୍ୟାପାରୀ ଅଛି ଯେ କି ବିକ୍ରୀ କରିବାରେ ସାହାଯ୍ୟ କରେ । ବାସ୍ ।

ମଣି : ନା, ମୋ' ମତରେ ତୁମକୁ ତୁମର ବଣ୍ଟନ ପ୍ରଣାଳୀର ବିଶ୍ଳେଷଣ କରିବାକୁ ହେବ । ଆସ, ଆମେ ବସିବା ଓ ଏଥିପାଇଁ କିଛି କରିବା । ମୁଁ ଭାବୁଛି ତୁମର ଅତି କମ୍‌ରେ ତିନୋଟି ବଣ୍ଟନ ପ୍ରଣାଳୀ ରହିବା ଉଚିତ୍ ।

ପ୍ରସାଦ : କାହିଁକି ?

ତୁମେ ମଣିର ଭୂମିକାରେ ଅଭିନୟ କର ଏବଂ ପ୍ରସାଦକୁ ତିନୋଟି ଉପଯୁକ୍ତ (ବଣ୍ଟନ) ପ୍ରଣାଳୀ ସମ୍ବନ୍ଧରେ ବୁଝାଅ ଯାହା ସେ ତା'ର ପ୍ଲାଷ୍ଟିକ୍ ଖେଳଣା ଗୁଡ଼ିକ ପାଇଁ ଗ୍ରହଣ କରିବା ଉଚିତ୍ ।

ଅଧ୍ୟାୟ - ଏକ ଦୃଷ୍ଟିରେ

୨୦.୧ ବିପଣନ ମିଶ୍ରର ଅବଧାରଣା ଓ ଉପାଦାନ

୨୦.୨ ଉତ୍ପାଦର ଅବଧାରଣା ଓ ଏହାର ଶ୍ରେଣୀ ବିଭାଜନ

୨୦.୩ ଦର ନିର୍ଦ୍ଧାରଣ ଓ ଦର ନିର୍ଦ୍ଧାରଣ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କାରକ ସମୂହ

୨୦.୪ ଦର ନିର୍ଦ୍ଧାରଣର ପଦ୍ଧତି ସମୂହ

୨୦.୫ ବଣ୍ଟନ ପ୍ରଣାଳୀ

୨୦.୬ ବଣ୍ଟନ ପ୍ରଣାଳୀର ଚୟନକୁ ପ୍ରଭାବିତ କରୁଥିବା କାରକ ସମୂହ

୨୦.୭ ପ୍ରବର୍ତ୍ତନ